

ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-210 ◆SUNDAY ◆25 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୧୦ ◆ରବିବାର ◆୨୫ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)

ବିବାହ ଉତ୍ସବରେ ଆତ୍ମଘାତୀ ବିସ୍ଫୋରଣ; ୭ ମୃତ

■ ଇସଲାମାବାଦ , ୨୪।୧ (ଏଜେନ୍ସି): ପାକିସ୍ତାନର ଖାଇବର ପଖତୁନଖ୍ୱାର ଡେରା ଇସମାଇଲ ଖାନ୍ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଆତ୍ମଘାତୀ ବିସ୍ଫୋରଣରେ ଅତିକମ୍‌ରେ ୭ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ୨୫ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଶାନ୍ତି କମିଟି ସଦସ୍ୟ ନୁର ଆଲମ ମେହସୁଦଙ୍କ ବାସଭବନରେ ବିବାହ ଉତ୍ସବ ସମୟରେ ଏହି ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଯୋଗୁଁ କୋଠାର ଛାତ ଭୁଶୁଡ଼ି ପଡ଼ିଥିଲା। ମୃତକଙ୍କ ମୃତଦେହ ଓ ଆହତଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଛି। ୭ଟି ଆମ୍ବୁଲାନ୍ସ, ଏକ ଅଗ୍ନିଶମ ଗାଡ଼ି ଓ ଏକ ବିପର୍ଯ୍ୟୟ ଗାଡ଼ି ଘଟଣାସ୍ଥଳକୁ ପଠାଯାଇଛି। ଏପର୍ଯ୍ୟନ୍ତ କର୍ତ୍ତୃପକ୍ଷ ବିସ୍ଫୋରଣ ଘଟିଥିବା ଅଞ୍ଚଳକୁ ଘେରାବନ୍ଦୀ କରି ଘଟଣା ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଏହି ବିସ୍ଫୋରଣ ପଛରେ କିଏ ଏବଂ କାହିଁକି ଏଭଳି ଆତ୍ମଘାତୀ ବିସ୍ଫୋରଣ କରାଇଛି, ତାହା ଜଣାପଡ଼ି ନାହିଁ। ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି କୁହାଯାଇଛି।



ପାକିସ୍ତାନରେ ହିମସ୍ଖଳନ; ଗୋଟିଏ ପରିବାରର ୯ ମୃତ

■ ପେଶାୱାର, ୨୪।୧ (ଏଜେନ୍ସି): ପାକିସ୍ତାନର ଉତ୍ତର-ପଶ୍ଚିମ ଖାଇବର ପଖତୁନଖ୍ୱା ରାଜ୍ୟର ଏକ ପାର୍ବତମୟ ଜିଲ୍ଲାରେ ଶୁକ୍ରବାର ଅଚାନକ ହିମସ୍ଖଳନ ଯୋଗୁଁ ଏକ ଘର ଭୁଶୁଡ଼ି ପଡ଼ିଛି। ଏଥିରେ ଗୋଟିଏ ପରିବାରର ୯ ଜଣ ମୃତ୍ୟୁବରଣ କରିଛନ୍ତି। ଜଣେ ଆହତ ହୋଇଥିବା ଶିଶୁକୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତୁଷାରପାତ ଓ ହିମସ୍ଖଳନ କାରଣରୁ ଖାଇବର ପଖତୁନଖ୍ୱା, ବେଲୁଚିସ୍ତାନ, ଗିଲିକିଟ-ବାଲ୍ଟିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଜୀବନଯାତ୍ରା ଠପ୍ ହୋଇଛି। ରାସ୍ତାଗୁଡ଼ିକ ଅବରୋଧ ହୋଇଛି। ଅନେକ ସ୍ଥାନରେ ଯାତ୍ରୀମାନେ ଫସି ରହିଛନ୍ତି ଓ ଥଣ୍ଡାରେ ବିଦ୍ୟୁତ ଓ ରିଲିଫ୍ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପାକିସ୍ତାନର ଉତ୍ତର ଭାଗରେ ବର୍ଷା ଓ ତୁଷାରପାତ ଯୋଗୁଁ ସମସ୍ତଙ୍କୁ ସତର୍କ ରହିବାକୁ କୁହାଯାଇଛି। ଅନାବଶ୍ୟକ ଯାତ୍ରା ଏଡ଼ାଇବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।



ଜଳ ସଙ୍କଟରେ ଅଧାବିଶ୍ୱ

ଦିଲ୍ଲୀ, ମୁମ୍ବଇ, ବେଙ୍ଗାଲୁରୁରେ ଜଳାଭାବ ■ ମରୁଡ଼ିର ଦ୍ୱାରଦେଶରେ ଚେନ୍ନଇ

■ ନୂଆଦିଲ୍ଲୀ, ୨୪।୧ (ଏଜେନ୍ସି): ବିଶ୍ୱର ଅଧା ଜନସଂଖ୍ୟା ଏବେ ଜଳ ସଙ୍କଟ ଦେଇ ଗତି କରୁଛି। ଆର୍ଥାତ ୪୦୦ କୋଟି ଲୋକ ଘୋର ଜଳ ସଙ୍କଟରେ ରହିଛନ୍ତି। ଜାତିସଙ୍ଘ ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଏଭଳି ଉଦ୍‌ବେଗଜନକ ତଥ୍ୟ ଦିଆଯାଇଛି। କେବେଳ ସେତିକି ନୁହେଁ; ବିଶ୍ୱର ୧୦୦ଟି ବୃହତ୍ତମ ସହର ମଧ୍ୟରୁ ଅଧା ଅର୍ଥାତ ୫୦ଟି ସହର ଗମ୍ଭୀର ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଉଛି। ଏଥିରେ ଦିଲ୍ଲୀ, ବେଜିଂ, ନ୍ୟୁୟର୍କ ଓ ରିଓ ଭଳି ସହର ଅନ୍ତର୍ଭୁକ୍ତ।

ରିପୋର୍ଟ ଅନୁଯାୟୀ, ୨୯ଟି ସହରର ସ୍ଥିତି ଅତ୍ୟନ୍ତ ଗମ୍ଭୀର ବୋଲି ଦର୍ଶାଯାଇଛି। ଏଥିରେ ଭାରତର ରାଜଧାନୀ ଦିଲ୍ଲୀ ଚତୁର୍ଥ ସ୍ଥାନରେ ରହିଥିବା ବେଳେ କୋଲକାତା ୯ମ, ମୁମ୍ବଇ ଦ୍ୱାଦଶ, ବେଙ୍ଗାଲୁରୁ ୨୪ତମ ଓ ଚେନ୍ନଇ ୨୯ତମ ସ୍ଥାନରେ ରହିଛି। ହାଇଦରାବାଦ, ଅହମଦାବାଦ, ସୁରତ ଓ ପୁଣେ ମଧ୍ୟ ଦୀର୍ଘକାଳୀନ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି।



ଆଫଗାନିସ୍ତାନ ରାଜଧାନୀ କାବୁଲ ସମ୍ପୂର୍ଣ୍ଣ ଜଳଶୂନ୍ୟ ହେବାରେ ପ୍ରଥମ ଆଧୁନିକ ସହର ହେବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଅତ୍ୟଧିକ ଭୂତଳ ଜଳ ବ୍ୟବହାର କାରଣରୁ ମେକ୍ସିକୋ ସିଟି ପ୍ରତିବର୍ଷ ପ୍ରାୟ ୨୦ ହଜାର ଇଞ୍ଚ ତଳକୁ ଧସିବା ଅର୍ଥାତ ଦବିବାରେ ଲାଗିଛି। ଆମେରିକାର ଦକ୍ଷିଣ-ପଶ୍ଚିମ ରାଜ୍ୟଗୁଡ଼ିକରେ କଲୋରଡ଼ା ନଦୀ ଜଳକୁ ନେଇ ଟଣାଓଟରା ଚାଲିଛି।

ରିପୋର୍ଟ ଅନୁଯାୟୀ, ନଦୀ ଏବଂ ହ୍ରଦ ସଙ୍କୁଚିତ ହେବାରେ ଲାଗିଛି। ଭୂତଳ ଜଳ ହ୍ରାସ ପାଉଛି ଓ ଆର୍ଦ୍ରଭୂମି ଶୁଖିଯାଉଛି। ଜମି କମିଯାଉଛି, ଗର୍ତ୍ତ ସୃଷ୍ଟି ହେଉଛି ଏବଂ ମରୁଭୂମିର ବିସ୍ତାର ହେଉଛି। ପ୍ରତିବର୍ଷ ୪ ବିଲିଅନ ବା ୪୦୦ କୋଟି ଲୋକ ଅତିକମ୍‌ରେ ଗୋଟିଏ ମାସ ପାଇଁ ଜଳାଭାବର ଶିକାର ହେଉଛନ୍ତି। ଇରାନ ରାଜଧାନୀ ତେହେରାନ କ୍ରମାଗତ ଷଷ୍ଠ ବର୍ଷ ପାଇଁ ମୁରୁଡ଼ିର ସମ୍ମୁଖୀନ ହେଉଛି ଓ 'ଡେ ଜିରୋ' ଅର୍ଥାତ 'ଶୂନ୍ୟ ଦିନ'ର ବହୁତ ନିକଟତର ହେଉଛି। ଅତ୍ୟଧିକ ଜଳ ସଙ୍କଟ ବା ମୌଳିକ ଆବଶ୍ୟକତାର ପୂରଣ ପାଇଁ ପାଣିର ଅଭାବକୁ ଡେ ଜିରୋ ବୋଲି କୁହଯାଇଥାଏ। ଇରାନରେ ନିକଟ ଭବିଷ୍ୟତରେ ଏପରି ଦିନ ଆସିବ ଯେଉଁଦିନ ନାଗରିକଙ୍କ ପାଇଁ ପାଣି ରହିବ ନାହିଁ। ଦକ୍ଷିଣ ଆଫ୍ରିକା ରାଜଧାନୀ କେପ୍ ଟାଉନ ଓ ଚେନ୍ନଇ ମଧ୍ୟ ପୂର୍ବରୁ ଏହି ସ୍ଥିତିରେ ପହଞ୍ଚି ସାରିଛନ୍ତି।

ଜାତିସଙ୍ଘ ବିଶ୍ୱବିଦ୍ୟାଳୟ ଜଳ, ପରିବେଶ ଏବଂ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ କାଭେ ମଦାନୀ କହିଛନ୍ତି ଯେ, ଆମକୁ ଏକ ନୂତନ ଓ ସୀମିତ ବାସ୍ତବତା ସହ ବଞ୍ଚିବା ଶିଖିବାକୁ ପଡ଼ିବ। ୧୯୯୦ ପରଠାରୁ ବିଶ୍ୱର ଅଧା ପ୍ରମୁଖ ହ୍ରଦର ▶ପୃଷ୍ଠା-୭

ଟି-୨୦ ବିଶ୍ୱକପ୍ ପୂର୍ବରୁ ବଢ଼ିଲା ବିତର୍କ

ବାଂଲାଦେଶ ବିଦା; ଓହରିବ ପାକିସ୍ତାନ!



■ କରାଚି, ୨୪।୧ (ଏଜେନ୍ସି): ଭାରତରେ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ଖେଳିବାକୁ ଶେଷ ମୁହୂର୍ତ୍ତରେ ମନା କରିବାରୁ ବାଂଲାଦେଶକୁ ବାଦ୍ ଦିଆଯାଇଛି। ଭାରତରେ ଜୀବନପ୍ରତି ବିପଦ ଥିବା ଦର୍ଶାଇ ବାଂଲଦେଶ କ୍ରିକେଟ ବୋର୍ଡ ଯେଉଁ ସମୟରେ ଭେନ୍ୟୁ ପରିବର୍ତ୍ତନ କରିବାକୁ ଦାବି କରିଥିଲା ତାହା ଆଇସିସି ଦ୍ୱାରା ଗ୍ରହଣୀୟ ହୋଇନାହିଁ। ଯାହା ଫଳରେ ଆଇସିସି କାର୍ଯ୍ୟନିର୍ବାହୀ ବୋର୍ଡ ବାଂଲାଦେଶ ସ୍ଥାନରେ ସ୍କଟଲାଣ୍ଡକୁ ବିଶ୍ୱକପ୍‌ରେ ଭାଗନେବାକୁ ଆମନ୍ତ୍ରଣ କରିଛନ୍ତି।

ଟୁର୍ଣ୍ଣାମେଣ୍ଟରେ ସ୍କଟ୍‌ଲାଣ୍ଡକୁ ସାମିଲ୍ କଲା ଆଇସିସି


କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକରେ ବାଂଲାଦେଶର ଦାବିକୁ ଶେଷ ମୁହୂର୍ତ୍ତରେ ସମର୍ଥନ ଜଣାଇଥିବା ପାକିସ୍ତାନ ଆଇସିସିର ଏହି ନିଷ୍ପତ୍ତି ପରେ ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ମାର୍ଚ୍ଚ ୮ ମଧ୍ୟରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରୁ ଓହରିଯିବାକୁ ଧମକ ଦେଇଛି। ପାକିସ୍ତାନର ଗୃହମନ୍ତ୍ରୀ ଥିବା ମୋହସିନ ନକ୍‌ଭୀ ଏବେ ପାକିସ୍ତାନ କ୍ରିକେଟ ବୋର୍ଡର ସଭାପତି ଅଛନ୍ତି। ବାଂଲାଦେଶକୁ ଆଇସିସି ବିଦା କରିବା ଘଟଣା ସମ୍ପର୍କରେ ପାକିସ୍ତାନ ସରକାରଙ୍କୁ ନକ୍‌ଭୀ ଅବଗତ କରାଇଛନ୍ତି। ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ଉପରେ ପାକିସ୍ତାନ ବିଶ୍ୱକପ୍‌ରୁ ଓହରିବ କି ନାହିଁ ତାହାର ନିଷ୍ପତ୍ତି ନେବାକୁ ଅନୁରୋଧ କରାଯାଇଛି। ସରିଫ ଏବେ ଦେଶ ବାହାରେ ଅଛନ୍ତି। ସେ ସ୍ୱଦେଶ ଫେରିବା ପରେ ସରକାର ଯେଉଁ ନିଷ୍ପତ୍ତି ନେବେ ତାହାକୁ ଆମେ ମାନିନେବୁ ବୋଲି ନକ୍‌ଭୀ କହିଛନ୍ତି। ପୂର୍ବରୁ ବାଂଲାଦେଶକୁ ସମର୍ଥନ କରିବ, କିନ୍ତୁ ବିଶ୍ୱକପ୍‌ରୁ ଓହରିବ ନାହିଁ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ କହିଥିଲା। ଏବେ କିନ୍ତୁ ନିଜର ନିଷ୍ପତ୍ତି ▶ପୃଷ୍ଠା-୭

କୋରାପୁଟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମାକୁ ନେଇ ତୀବ୍ର ପ୍ରତିକ୍ରିୟା

ଖାଇବା ସ୍ଥିର କରିବେ କି ଜିଲ୍ଲାପାଳ !

■ ଭୁବନେଶ୍ୱର, ୨୪।୧ (ସମିସ): ଆସନ୍ତା ୨୬ ତାରିଖ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କୋରାପୁଟ ଜିଲ୍ଲାପାଳଙ୍କ ଏକ ନିର୍ଦ୍ଦେଶନାମାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହିଦିନ ଜିଲ୍ଲାବ୍ୟାପୀ ମାଂସ, ଚିକେନ, ମାଛ, ଅଣ୍ଡା ସହ ଅନ୍ୟ ଆମିଷ ଜାତୀୟ ଖାଦ୍ୟ ବିକ୍ରି ହୋଇପାରିବ ନାହିଁ। ଏପରି ଖାଦ୍ୟ ଦ୍ରବ୍ୟ ବିକ୍ରି ଆସନ୍ତା ୨୬ ତାରିଖରେ ବନ୍ଦ ରଖିବାକୁ ଜିଲ୍ଲାପାଳ ସମସ୍ତ ତହସିଲଦାର, ବିଡିଓ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ପ୍ରଶାସନର ଏପରି ନିର୍ଦ୍ଦେଶନାମାକୁ ଲୋକେ ପାଗଳାମୀ ବୋଲି କହୁଥିବା ବେଳେ ସାମାଜିକ ଗଣମାଧ୍ୟମରେ ବୁଦ୍ଧିଜୀବୀ ମହଲ ପକ୍ଷରୁ ଏହାର କଡ଼ା ସମାଲୋଚନା କରାଯାଇଛି। କିଏ କେଉଁ ଦିନ କ'ଣ ଖାଇବ, ତାହା ସ୍ଥିର କରିବାର କ୍ଷମତା

ସାଧାରଣତନ୍ତ୍ର ଦିବସରେ ଆମିଷ ବିକ୍ରି ନିଷେଧ


COLLECTORATE, KORAPUT
(General & Miscellaneous Section)

Letter No. 77 Date. 23/01/2026

To,
All Tahsildars of Koraput District.
All Block Development Officers of Koraput District.
All Executive Officers of Koraput District.

Sub:- Prohibition on selling of Meat, Chicken, Fish, egg, etc and non-vegetaries food on the occasion of 77th Republic Day Celebration thereof.

Madam/Sir,

With reference to the subject cited above, you are hereby requested to issue an official notification in your jurisdiction prohibiting sale of Meat, Chicken, Fish, egg, etc and other non-vegetarian items on 26th January 2026 for the occasion of 77th Republic Day Celebration in Koraput District.

I am looking forward to your prompt action on this matter.

Yours faithfully,

Collector & DM, Koraput

ଜିଲ୍ଲାପାଳଙ୍କୁ କିଏ ଦେଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲାପାଳ ତୁରନ୍ତ ଏହି ବିବାଦୀୟ ନିର୍ଦ୍ଦେଶନାମା ପ୍ରତ୍ୟାହାର କରିବାକୁ ଦାବି ଜୋର୍ ଧରିଛି।

କୋରାପୁଟ ଜିଲ୍ଲା ପ୍ରଶାସନର ଏପରି ନିର୍ଦ୍ଦେଶନାମା ସାମ୍ନାକୁ ଆସିବା ପରେ ସାମାଜିକ ଗଣମାଧ୍ୟମରେ ଏନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ଦେଶବ୍ୟାପୀ କୌଣସି ରାଜ୍ୟରେ ସାଧାରଣତନ୍ତ୍ର ଦିବସରେ ଏପରି ନିର୍ଦ୍ଦେଶନାମା ଜାରି କରିବାର ନଜିର୍ ନାହିଁ। ଆଇନରେ ମଧ୍ୟ ଏନେଇ କୌଣସି ପ୍ରାବଧାନ ନାହିଁ। ଏପଟେ ରାଜ୍ୟ ସରକାର ମଧ୍ୟ ଜିଲ୍ଲାପାଳମାନଙ୍କ ଉଦ୍ଦେଶ୍ୟରେ ଏପରି କୌଣସି ନିର୍ଦ୍ଦେଶନାମା ଜାରି କରିନାହାନ୍ତି। ତାହେଲେ କେଉଁ କ୍ଷମତା ବଳରେ, କାହା କଥାରେ କୋରାପୁଟ ଜିଲ୍ଲାପାଳ ଉପରୋକ୍ତ ନିଷ୍ପତ୍ତି ନେଲେ ବୋଲି ବୁଦ୍ଧିଜୀବୀ ମହଲ ପ୍ରଶ୍ନ କରିଛନ୍ତି। ସୁରକ୍ଷା, ଭିଡ଼ ଦୃଷ୍ଟିରୁ ଜିଲ୍ଲାସ୍ତରୀୟ ପରେଡ୍ ଅଞ୍ଚଳରେ ସାମୟିକ ସମୟ ପାଇଁ ଜିଲ୍ଲାପାଳ ଯଦି ଏପରି କଟକଣା ଜାରି କରିଥା'ନ୍ତେ, ତା'ହେଲେ ହୁଏତ ଏନେଇ ଏତେଟା ▶ପୃଷ୍ଠା-୭

୨୮ରେ ବଜେଟ ଅଧିବେଶନ

୨୭ରେ ସର୍ବଦଳୀୟ ବୈଠକ

■ ନୂଆଦିଲ୍ଲୀ, ୨୪।୧ (ଏଜେନ୍ସି): ଆସନ୍ତା ୨୮ ତାରିଖରୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ସୁରୁଖୁରୁରେ ଗୃହ ଚଲାଇବା ପାଇଁ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ବଜେଟ ଦିନକ ପୂର୍ବରୁ ୨୭ ତାରିଖରେ ସରକାର ସର୍ବଦଳୀୟ ବୈଠକ ଡକାଇଛନ୍ତି।



କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ ଡକାଇଥିବା ଏହି ବୈଠକ ୨୭ ତାରିଖ ସକାଳ ୧୧ଟାରେ ସଂସଦ ଭବନର ଆନେକ୍ସି ମୁଖ୍ୟ କମିଟି କକ୍ଷରେ ଅନୁଷ୍ଠିତ ହେବ। ଏଥିରେ ବିରୋଧୀ ଏବଂ ସରକାର ଅଧିବେଶନର ଏଜେଣ୍ଡା ଉପରେ ନିଜ ନିଜ ମତ ରଖିବେ। ସଂସଦର କାର୍ଯ୍ୟସୂଚୀ ଏବଂ ଅଧିବେଶନର ଉତ୍ଥାପନ ହେବାକୁ ଥିବା ବିଭିନ୍ନ ପ୍ରସଙ୍ଗ ଉପରେ ମଧ୍ୟ ଚର୍ଚ୍ଚା କରାଯିବ। ସବୁ ଦଳର ମତାମତ ଜାଣିବା ଏବଂ ହଙ୍ଗାମା ବିନା ଗୃହ ଚଳାଇବା ଏହି ବୈଠକର ଉଦ୍ଦେଶ୍ୟ।

ମନରେଗା ବଦଳରେ ସରକାର ଆଣିଥିବା ବିକଶିତ ଭାରତ-ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜିବୀକା ମିସନ (ଭିବି ଜି-ରାମ-ଜି)କୁ ନେଇ ବିରୋଧୀ କଂଗ୍ରେସ ସାରା ଦେଶରେ ଅଭିଯାନ ଚଲାଉଥିବା ବେଳେ ଏହି ▶ପୃଷ୍ଠା-୭

ନୂଆ ବଜେଟ ପାଇଁ ପାଗ ଭିଡୁଛନ୍ତି ସରକାର

ଆର୍ଥିକ ପରିଚାଳନା ଚିନ୍ତାଜନକ, ପୁଞ୍ଜି ବ୍ୟୟ ହ୍ରାସ

■ ଭୁବନେଶ୍ୱର, ୨୪।୧ (ସମିସ): ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରି ସାରିଛନ୍ତି। ଏହିକ୍ରମରେ ଆସନ୍ତା ୨୧ ତାରିଖ ଯାଏଁ ଅର୍ଥ ବିଭାଗ ସାଧାରଣ ଲୋକ ତଥା ନାଗରିକ ସମାଜ ଓ ବିଶେଷଜ୍ଞଙ୍କଠାରୁ ଅର୍ଥ ବିଭାଗ ମତାମତ ଲୋଡ଼ିଛି। ତେବେ ସମାବେଶୀ ବିକାଶ ଲକ୍ଷ୍ୟ ପୂରଣ କରିବା ଉଦ୍ଦେଶ୍ୟରେ ଆସନ୍ତା ଆର୍ଥିକ ବର୍ଷର ବଜେଟ ଅଟକଳ ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡୁଥିବା ବେଳେ ରାଜ୍ୟରେ ଆର୍ଥିକ ପରିଚାଳନା ଓ ପୁଞ୍ଜି ବ୍ୟୟକୁ ନେଇ ବିଶେଷଜ୍ଞ ମହଲ ଚିନ୍ତା ପ୍ରକଟ କରିଛନ୍ତି।

ରାଜ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ଅନୁଦାନ ଖର୍ଚ୍ଚ ଆଖିଦୃଶିଆ ହୋଇପାରି ନାହିଁ। କେବଳ ସାମଗ୍ରିକ ବଜେଟ

ଗତବର୍ଷ ତୁଳନାରେ ଡିସେମ୍ବର ସୁଦ୍ଧା ୧୫ ପ୍ରତିଶତ କମ୍ ଅର୍ଥ ଖର୍ଚ୍ଚ

ମୋଟ ବଜେଟ ବ୍ୟୟ ଅଟକଳର ୬୦ ପ୍ରତିଶତ ବି ଖର୍ଚ୍ଚ ହୋଇନି

ତୃଣମୂଳସ୍ତରରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ବିଳମ୍ବକୁ ଦାୟୀ କଲେ ବିଶେଷଜ୍ଞ

ଅର୍ଥ ବ୍ୟୟ ନୁହେଁ; ପୁଞ୍ଜି ବ୍ୟୟ ମଧ୍ୟ ଗତବର୍ଷ ତୁଳନାରେ ୧୫ ପ୍ରତିଶତ କମ୍ ହୋଇଥିବା ଜଣାପଡ଼ିଛି। ଗତ ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟ ସରକାର ମୋଟ ବଜେଟ ଆବଣ୍ଟିତ ଅର୍ଥର ୪୯ ପ୍ରତିଶତ ଅର୍ଥାତ୍ ୧ ଲକ୍ଷ ୪୨ ହଜାର ୨୨୬ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି। ମୋଟ ବଜେଟ ବ୍ୟୟ ସାଙ୍ଗକୁ ପୁଞ୍ଜି ବ୍ୟୟ ହ୍ରାସ ସରକାରଙ୍କ ଆର୍ଥିକ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୃଣମୂଳସ୍ତରରେ ଉନ୍ନୟନମୂଳକ କାମ୍ ସଠିକ୍ ଢଙ୍ଗରେ କାର୍ଯ୍ୟାନ୍ୱୟନ ନ ହେବା, ବିଳମ୍ବରେ ଅନୁମୋଦନ ଲାଭ କରିବା ଏହାର ପ୍ରମୁଖ କାରଣ ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ସମାନ ଅବଧି ସମୟରେ ରାଜ୍ୟ ସରକାର ମୋଟ ବଜେଟର ୫୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଥିଲେ। ପୂର୍ବରୁ ଗତ ଡିସେମ୍ବର ଶେଷ ସୁଦ୍ଧା ବଜେଟ ଅର୍ଥର ୬୦ ପ୍ରତିଶତ ଖର୍ଚ୍ଚ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ ▶ପୃଷ୍ଠା-୭


ସପ୍ତାହକୁ ୫ ଦିନିଆ କାର୍ଯ୍ୟ ଦିବସ ଦାବି

୨୭ରୁ ବ୍ୟାଙ୍କ ଧର୍ମଘଟ

■ ନୂଆଦିଲ୍ଲୀ, ୨୪।୧ (ଏଜେନ୍ସି): ଆସନ୍ତା ୨୭ ତାରିଖରୁ ପୁଣି ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ହେବାକୁ ଯାଉଛି। ଦୀର୍ଘ ଦିନର ଦାବି ପୂରଣ ପାଇଁ ବ୍ୟାଙ୍କ କର୍ମଚାରୀ ସଂଘ ଏହି ନିଷ୍ପତ୍ତି ନେଇଛି। ସେମାନେ ସପ୍ତାହକୁ ୫ ଦିନିଆ କାର୍ଯ୍ୟ ଦିବସ ନିୟମ କରିବାକୁ ଦାବି କରିଛନ୍ତି। ଶନିବାର ଏବଂ ରବିବାର ବ୍ୟାଙ୍କ ବନ୍ଦ ରହୁ ବୋଲି କର୍ମଚାରୀ ଚାହୁଁଛନ୍ତି। ଯଦି ଏହି ଧର୍ମଘଟ ହୁଏ ତେବେ ସାରା ଦେଶରେ ବ୍ୟାଙ୍କ ପରିଚାଳନା ଠପ ହୋଇଯିବ। ୨୩ ଓ ୨୪ ପାରେ ୨୫ ଏବଂ ୨୬ ତାରିଖରେ ଛୁଟି ପଡୁଥିବାରୁ ୨୭ ତାରିଖରେ ବ୍ୟାଙ୍କ ବନ୍ଦ ରହିଲେ ଲୋକଙ୍କ ଜରୁରୀ କାର୍ଯ୍ୟ ହୋଇପାରିବନି। ଏ ବିଷୟରେ ସରକାରୀ ବ୍ୟାଙ୍କ ଗୁଡ଼ିକ ନିଜ ଗ୍ରାହକଙ୍କୁ ଜଣାଇ ସାରିଲେଣି। ଯଦି ଧର୍ମଘଟ ହୁଏ ତେବେ ବ୍ୟାଙ୍କ ସେବା ବନ୍ଦ ରହିବ ବୋଲି କହିଛନ୍ତି। ୟୁଏଫବିୟୁ ଦ୍ୱାରା ପ୍ରଦାନ କରାଯାଇଥିବା ଧର୍ମଘଟ ନୋଟିସର ▶ପୃଷ୍ଠା-୭

ବାଘ ସହ ୧୦ ମିନିଟ୍ ଲଢ଼େଇ

ଆଖି ବୁଜିଲା ବାଘ; ଗୁରୁତର ଯୁବକ ଏସ୍‌ସିବିରେ ଭର୍ତ୍ତି



■ ନରସିଂହପୁର, ୨୪।୧ (ସମିସ): ବାଘକୁ ସାମ୍ନାରେ ଦେଖିଲେ ମଣିଷର ଅଧାରକ୍ତ ଶୁଖିଯାଏ। ମୁକାବିଲା କରିବା ତ ଦୂରର କଥା, ଜୀବନ ବିକଳରେ ଠାକୁରଙ୍କୁ ପ୍ରାର୍ଥନା କରି ଜୀବନ ଭିକ୍ଷା କରିଥାଏ। କିନ୍ତୁ କଟକ ଜିଲ୍ଲା ନରସିଂହପୁର ଅଞ୍ଚଳର ଜଣେ ଯୁବକ ଏହି ଚିନ୍ତାଧାରାକୁ ଭୁଲ୍ ପ୍ରମାଣିତ କରି ଦେଖାଇଛନ୍ତି। ବାଘ ସହ ପାଖାପାଖି ୧୦ ମିନିଟ୍ ଧରି ସାହସିକତାର ସହ ଲଢ଼େଇ କରି ନିଜ ଜୀବନ ବଞ୍ଚାଇଛନ୍ତି। ସେ ହେଲେ, ଜୟପୁର ଗ୍ରାମର ଶୁଭ୍ରାଂଶୁ ଭୋଳ (୨୬)। ଏହି ଲଢ଼େଇରେ ବାଘକୁ ନିଜ ଜୀବନ ହାରିବାକୁ ପଡ଼ିଛି। ଏହି ଘଟଣା ଆଜି ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ବାଘ ଆକ୍ରମଣରେ ଗୁରୁତର ଶୁଭ୍ରାଂଶୁଙ୍କୁ ଚିକିତ୍ସା ଲାଗି କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ଶୁଭ୍ରାଂଶୁଙ୍କୁ ସେଠାରେ ଭେଟିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ପଚାରି ବୁଝିଛନ୍ତି ଏବଂ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି।

ସୂଚନାନୁଯାୟୀ, ନରସିଂହପୁର ପଶ୍ଚିମ ବନାଞ୍ଚଳ ଅନନ୍ତପ୍ରସାଦ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ▶ପୃଷ୍ଠା-୭



ସକାଳ THE SAKALA

ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ







ବୁଦ୍ଧିକୋମନା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ

ନୂଆପଡ଼ା, ୨୪।୧(ସମିସ)

ବୁଦ୍ଧିକୋମନା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ସଞ୍ଜୟ କୁମାର ପଣ୍ଡା, ମୁଖ୍ୟବକ୍ତା ବିବେକାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ମଦନ ସୁନ୍ଦର ହୋତା, ହରିକେଶ ଜାଲ, ଭୁବନ ବାଗ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶୀ ପାତ୍ର ମହୋଦୟ ସଭାପତିତ୍ୱ କରୁଥିବା ବେଳେ ଶିକ୍ଷକ ସୀତାରାମ ସାହୁ ମଞ୍ଚ ପରିଚାଳନା କରୁଥିଲେ। ବାର୍ଷିକ ଉତ୍ସବ କୌଣସି ବିଦ୍ୟାଳୟ ର ମାପ ଚୁକ କରିବାର ପର୍ବ, ଏଥିରେ ଛାତ୍ରଛାତ୍ରୀ ଙ୍କ ଲୁକ୍କାଇତ ପ୍ରତିଭା ପ୍ରତିପାଦନ ହୋଇଥାଏ। ଛାତ୍ରଛାତ୍ରୀଙ୍କ ମନୋବଳକୁ ବଢେଇବାର ବାଟ ହେଉଛି ବାର୍ଷିକ ଉତ୍ସବ ବୋଲି ଆତିଥି ବକ୍ତା ମନେ ନିଜ ବକ୍ତବ୍ୟରେ ପ୍ରତିପାଦନ କରିଥିଲେ। ୫୬ ବର୍ଷ ପୁରାତନ ଐତିହ ସମ୍ପନ୍ନ ଏଇ ବିଦ୍ୟାଳୟ ର ନବକଳେବର ଜାରିବା ପାଇଁ ସମ୍ମାନିତ ଅତିଥି ମଦନ ସୁନ୍ଦର ହୋତା ଏବଂ ହରିକେଶ ଜାଲ ମହୋଦୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଧୃଢ ଆହ୍ୱାନ ଦେଇଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିବେକା ନନ୍ଦ ମହାନ୍ତି ମହୋଦୟଙ୍କ ପ୍ରେରଣାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବା ଛାତ୍ରୀ ନିୟତି ନମ୍ରତା ସୁନାନି ଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ତତ ସହିତ ବିଦ୍ୟାଳୟ ର ଶିକ୍ଷାମିତ୍ର ପୁରସ୍କାର ଶିକ୍ଷକ ଦେବରାଜ ଦିଣ୍ଡା ମହୋଦୟଙ୍କୁ ପ୍ରଦାନ କରାଯାଇ ଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂକୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଶିକ୍ଷକ ରାମଚନ୍ଦ୍ର ବଗର୍ତି ଅତି ରୋମାଞ୍ଚକ ମଞ୍ଚ ସଂଯୋଜନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯଥା ଶୁକଦେବ ବରିହା, ବିପ୍ଳବ ରଞ୍ଜନ ବାଗ, ଦେବାଶିଷ ଆଚାର୍ଯ୍ୟ, ଦେବରାଜଦିଣ୍ଡା, ଟିକେଶ୍ୱର ସାହୁ, ପ୍ରୀତି ରଞ୍ଜନ ଶବର, ସାଇ ଆଶିଷ ହୋତା, ଜଗତ ପାତ୍ର, ଦାମୋଦର ଭୁସାଗର ଶ୍ରୀମରାଣୀ ଗିରି ଯୋଗୀତା ଶବର, ସଙ୍ଗୀତା ନାଗ ତଥା ଚିତ୍ତମନ ନାଏକ, ଭାଗବତୀ ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ।

ନୂଆଗାଁ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଗୋଲାମୁଣ୍ଡା: କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ନୂଆଗାଁ ପଞ୍ଚାୟତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ମୁଖ୍ୟଅତିଥି ଭାବରେ ପୂର୍ବତନ ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ନବ କିଶୋର ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଗୋଲାମୁଣ୍ଡା ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଲବଣି ନାଏକ ଯୋଗ ଦେଇଥିଲେ। ବରିଷ୍ଠ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଲିନା ଦାସ, ସରପଞ୍ଚ ନୂଆଗାଁପଞ୍ଚାୟତ ଦୁଷ୍ମନ୍ତ କୁମାର ଭୋଇ, ଉଚ୍ଚ ବିଦ୍ୟାଳୟ ସଭାପତି ଚନ୍ଦ୍ରିକା ହରିଜନ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ବୀରେନ୍ଦ୍ର କୁମାର ମାଝି ପ୍ରମୂଖ ଯୋଗଦେଇ ଥିଲେ। ନୂଆଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଭିନ୍ନ ଖେଳରେ କୃତୀ ଛାତ୍ରଛାତ୍ରୀଙ୍କୁ ସମସ୍ତ ଅତିଥି ପୁରସ୍କୃତ କରିଥିଲେ।

ଚୁରାଗାଁ ପ୍ରିୟଦର୍ଶିନୀ ଇନ୍ଦିରା ଉଚ୍ଚ ବିଦ୍ୟାଳୟ

କଳମପୁର: କଳାହାଣ୍ଡି ଜିଲ୍ଲା କଳମପୁର ଚୁରାଗାଁ ପ୍ରିୟଦର୍ଶିନୀ ଇନ୍ଦିରା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦଯାପିତ ହୋଇ ଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷ୍ଣୁମୋହନ ଦୀକ୍ଷିତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ସହିତ କ୍ରିଡା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଥୁଆମୂଳ ରାମପୁର ମାଁ ମାଣିକେଶ୍ୱରୀ ମହା ବିଦ୍ୟାଳୟର ଅଧକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ସମ୍ମାନିତ ଅତିଥି ଭାବେ କଳମପୁର ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ତଥା ଥୁଆମୂଳ ରାମପୁର ବ୍ଲକ ବିଜେପି ପ୍ରଭାରି ଘନଶ୍ୟାମ ନାଏକ, ସମିତି ସଦସ୍ୟା ରୀନା ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସୁଶାନ୍ତ ରାଉତ, ଅବସର ପ୍ରାପ୍ତ ଶିକ୍ଷକ ଶତ୍ରୁଘନ ନାଏକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ହିନ୍ଦୀ ଶିକ୍ଷକ ପ୍ରଜାରଞ୍ଜନ ପଣ୍ଡା ସମେତ ଚୁରାଗାଁ ପ୍ରଶାନ୍ତ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ କ୍ରିଡା ଶିକ୍ଷକ ସୁଜିତ କୁମାର ମୁଣ୍ଡ ଖେଳକୁଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ବିପିନ ବିହାରୀ ନାଏକ, ରାମଚନ୍ଦ୍ର ବେହେରା, ଗୋଲକ ଚନ୍ଦ୍ର ମହନ୍ତ, ପିଅନ ଟଙ୍କ ନାଏକ, ହର ପ୍ରସାଦ ବିଶି, ନବୀନ ମାଝୀ, ରୋଷେୟା ଜୟମତି ରାଉତ, ସନ୍ତୋଷ ବିଶି ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରୀ ମନିଷା ରାଉତ ସ୍ୱତନ୍ତ୍ର ଅତିଥି ଉଦଘୋଷିକା ଭାବେ ଲୋକଙ୍କ ମନ ମୋହିଥିଲେ।

ବିଶ୍ୱନାଥପୁର ସରସ୍ୱତୀ ଶିଶୁମନ୍ଦିର

ଲାଞ୍ଜିଗଡ଼: ବିଶ୍ୱନାଥପୁର ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ପରିଚାଳନା କମିଟି ସଭାପତି ପ୍ରଦିପ କୁମାର ଘଡେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅଧକ୍ଷା କମଳା ପାତ୍ର ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବେ ଦକ୍ଷିଣ ସମ୍ଭତ ଶିକ୍ଷା ବିକାଶ ସମିତି ସଭାପତି ତଥା ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ରୁପସିଂ ରାଉତ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଶାଙ୍କ ପାତ୍ର, ବ୍ଲକ ଉପାଧକ୍ଷ ସଞ୍ଜିବ କୁମାର ନାୟକ, ବିଶ୍ୱନାଥପୁର ସରପଞ୍ଚ ସୁରଥ ମାଝୀ, ସମିତି ସଭ୍ୟ ଅଜିତ କୁମାର ପ୍ରଧାନୀ, ବିଶ୍ୱନାଥପୁର ଏସିଏଫ୍ ତଥା ଭାରପ୍ରାପ୍ତ ରେଞ୍ଜର ନରୋତ୍ତମ ମାଝୀ, ଜିଲ୍ଲା ପରିଷଦ ସଦସ୍ୟା ଅଞ୍ଜଳି ମାଝୀ, ସମାଜସେବୀ ଦେବେନ୍ଦ୍ର ପ୍ରଧାନ, ବଟକୃଷ୍ଣ ପୃଷ୍ଟି, ହରିହର କୁମାର, ସୁରେଶ ଅଗ୍ରୱାଲା, ବିଶ୍ୱନାଥପୁର ବଣିକ ସଂଘ ସଭାପତି ପ୍ରମୋଦ କୁମାର ଗୋୟଲ, ଲାଞ୍ଜିଗଡ଼ ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେସନିଆ, ବେଦାନ୍ତ ଆଲୁମିନା ଲିମିଟେଡ଼ ସିଏସ୍ଆର ମୁଖ୍ୟ ଶିଶିର କୁମାର ଚୋପଦାର, ଏକଲବ୍ୟ ଆବାସିକ ବିଦ୍ୟାଳୟର ଅଧକ୍ଷ ଦେବବ୍ରତ ସାହୁ, ବିଶ୍ୱନାଥପୁର ଥାନା ଅଧିକାରୀ ତୁଳସୀ ରାମ ଶବର, ବରିଷ୍ଠ ନାଗରିକ ରଘୁବୀର ନାଗ, ବଳରାମ ବେହେରା, ପାହାଡ଼ପଦର ସମିତି ସଭ୍ୟ ଜଗଦୀଶ ବେନିଆ, ବିଶ୍ୱନାଥପୁର ପୂର୍ବତନ ସରପଞ୍ଚ ଅନନ୍ତ ପ୍ରଧାନୀ, ବିଭୁତି ଭୂଷଣ ବେହେରା, କାନକୁଟ୍ରୁ ସମିତି ସଭ୍ୟ ମନୋହର ହରପାଲ, ବସନ୍ତପଡ଼ା ସରପଞ୍ଚ ଛାଞ୍ଚେର ମାଝୀ ପ୍ରମୁଖ ମଞ୍ଚାସିନ ଥିଲେ। ସରସ୍ୱତୀ ଶିଶୁମନ୍ଦିର ପରିଚାଳନା ସଭାପତି ଶ୍ରୀ ଘଡେଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ତରୁଣ କୁମାର ଦାସ ଶିଶୁ ମନ୍ଦିର ଓ ଉତ୍ସବ ଉଦ୍ଦେଶ୍ୟରେ ବିବରଣୀ ପଠନ କରିଥିଲେ। ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଜ୍ଞାନ ରଞ୍ଜନ ଦାଶ ବାର୍ଷିକ ବିବରଣୀ ପଠନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଗୁରୁମା ସଂଯୁକ୍ତା ଘଡେଇ ପରିଚାଳନାରେ ସହଯୋଗ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିଶୁ ମନ୍ଦିରର ଛାତ୍ରୀ ଜିନି ବାଗ ପରିଚାଳନା କରିଥିଲେ।ଶେଷରେ ପରିଚାଳନା କମିଟି ସଭାପତି ଶ୍ରୀ ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା କମିଟିର ଉପସଭାପତି ହେମନ୍ତ କୁମାର ଦଣ୍ଡସେନା, ଯୁଗ୍ମ ସମ୍ପାଦକ ଭକ୍ତ ଗରଡିଆ, କୋଷାଧକ୍ଷ ଶିବ ନାରାୟଣ ଦେହୁରୀ, ସଦସ୍ୟା ବନିତା ସେଠୀ, ସ୍ୱର୍ଣ୍ଣ ବେହେରାଙ୍କ ସମେତ ଶିଶୁ ମନ୍ଦିରର ଗୁରୁଜୀ ଗୁରୁମା ପରିଚାଳନାରେ ସହଯୋଗ କରିଥିଲେ।

‘ଅପରେସନ ସିନ୍ଦୂର’ ଉପରେ ଜିଲ୍ଲାସ୍ତରୀୟ କୁଇଜ୍

ଭବାନୀପାଟଣା, ୨୪।୧ (ସମିସ): ପରୀକ୍ଷା ପେ ଚର୍ଚ୍ଚା ୨୦୨୬ ପୂର୍ବପର୍ବର କାର୍ଯ୍ୟକ୍ରମ ଭାବେ ଏବଂ ପରାକ୍ରମ ଦିବସ ଅବସରରେ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟଣାରେ ‘ଅପରେସନ ସିନ୍ଦୁର ବିଷୟରେ ଏକ ଜିଲ୍ଲାସ୍ତରୀୟ କ୍ୱିଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀ ସ୍ମରଣ ଏବଂ ଭାରତୀୟ ସେନାବାହିନୀର ସାହସ ଓ ଦେଶସେବା ପ୍ରତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶଭକ୍ତି ଜାଗ୍ରତ କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା। ନବମରୁ ଦ୍ୱାଦଶ ଶ୍ରେଣୀର ପ୍ରାୟ ୧୦୦ ଜଣ ଛାତ୍ରଛାତ୍ରୀ, କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ, ସିବିଏସଇ ଓ ରାଜ୍ୟ ପାଠ୍ୟକ୍ରମର ବିଦ୍ୟାଳୟମାନଙ୍କୁ ପ୍ରତିନିଧିତ୍ୱ କରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କ୍ୱିଜ୍‌ରେ ଅପରେସନ ସିନ୍ଦୁର, ଭାରତୀୟ ସେନା ଓ ଜାତୀୟ ସୁରକ୍ଷା ସମ୍ବନ୍ଧୀୟ ପ୍ରଶ୍ନ ଅନ୍ତର୍ଭୁକ୍ତ ଥିଲା। ବିଦ୍ୟାଳୟର ଅଧକ୍ଷ ଭୀମସେନ ପଣ୍ଡା ଓ ଶିକ୍ଷକ ମାନେ ଅଂଶଗ୍ରହୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।



‘ଜୀବନଭୋଗ’ କବିତାର ହିନ୍ଦୀ ଅନୁଦିତ ପୁସ୍ତକ ଲୋକାର୍ପିତ

ଭବାନୀପାଟଣା, ୨୪।୧(ସମିସ): ସ୍ଥାନୀୟ ରାଜପ୍ରାସାଦ ପରିସରରେ କବି ଡ. ଦୀନବନ୍ଧୁ ସାହୁଙ୍କ ‘ଜୀବନଭୋଗ’ କବିତାର ହିନ୍ଦୀ ଅନୂଦିତ ପୁସ୍ତକ ଲୋକାର୍ପିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦଗାତା ଏହାକୁ ହିନ୍ଦୀରେ ଅନୁବାଦ କରିଛନ୍ତି। ଏଥିରେ କବି ସମାଜର ଜୀବନଶୈଳୀ ଓ ଜୀବନଧାରଣରମାନଙ୍କୁ ଚିତ୍ରିତ କରିଛନ୍ତି। ସମୁଦାୟ ୫୦ଟି କବିତା ସଙ୍କଳନରେ ରହିଥିବା ବେଳେ କଳାୟନ ପକ୍ଷରୁ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓ, ମୁଖ୍ୟବକ୍ତା ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦଗାତା, ସମ୍ମାନୀତ ଅତିଥି ମହାରାଣୀ ରିତୁଜା କୁମାରୀ ଦେବୀ, ଆଲୋଚକ ଭାବେ ଡ. ଦାଶରଥି ଆଚାର୍ଯ୍ୟ, ଡ. ପ୍ରତ୍ୟାଶା ଧଳ, ପରମେଶ୍ୱର ମୁଣ୍ଡ, ପାଠକ ଗୋବିନ୍ଦ ନାଏକ, କବି ଡ.ଦୀନବନ୍ଧୁ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାପତିତ୍ୱ କରିଥିଲେ ଡ.ଉମେଶ ଚନ୍ଦ୍ର ଶତପଥୀ। ଯୁବ ଗାଳ୍ପିକ ଡିଲେଶ୍ୱର ରଣା ମଞ୍ଚ ପରିଚାଳନା କରିଥିବା ବେଳେ ଯୁବ ଲେଖକ ସୁଧୀର ଧଙ୍ଗଡ଼ାମାଝୀ ଧନ୍ୟବାଦ ଦେଇଥିଲେ।



ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ :
୦୧.୦୧.୧୯୨୦
(ଗୁରୁବାର)

ତିରୋଧାନ :
୧୫.୦୧.୨୦୨୬
(ଗୁରୁବାର)

୰ଗୁରୁବାରି ମହାନ୍ତି (୧୦୬ ବର୍ଷ)
ଗ୍ରାମ: ମମାନିପୁର, ବାମନବିନ୍ଧା, ପିରହାଟ, ଜିଲ୍ଲା- ଭଦ୍ରକ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, କର୍ତ୍ତବ୍ୟବପରାୟଣତା, ଏବଂ ମହାନୁଭବତା ଆମକୁ ସବୁଦିନ ପ୍ରେରଣା ଦେଉଥିବ। ଆପଣଙ୍କର ଅନୁପସ୍ଥିତି ଚିରଦିନ ପାଇଁ ଅପୂରଣୀୟ ହୋଇ ରହିବ। ଆପଣଙ୍କ ଏକାଦଶାହ ଅବସରରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ

Son- Gopal, Kailash, Kartika, Prahallad, Rabindra, Ramachandra, Rabi; Daughter- Laxmi, Kamali; Daughter-In-Law: Sudhapani, Nirupama, Kanchan, Puspa, Manorama, Tilotama; Grandson & Daughters- Mama, Lilu, Lipu, Dipu, Sini, Sonu, Chiku, Lipa, Dipa, Mamuni, Bulu, Tutunu, Ajata, Ranju, Babu, Lucy, Susmita; Nephew- Nila, Shanti; Great Grandson & Daughter - Barun, Shlok, Advik, Adidev, Jaga, Barsha, Chiki, Miku, Friends & Family

ଶିଆଳଲଟିରେ ‘ଆମ ପୁଲିସ’ କାର୍ଯ୍ୟକ୍ରମ

କୋମନା, ୨୪।୧ (ସମିସ): ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏବଂ ଅପରାଧ ମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ନୂଆପଡ଼ା ଜିଲ୍ଲା କୋମନା ପୁଲିସ ପକ୍ଷରୁ ‘ଆମ ପୁଲିସ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋମନା ଥାନା ତୋରବୋଡ଼ ଫାଣ୍ଡି ଅଧୀନସ୍ତ ସିଆଳଲଟି ପଞ୍ଚାୟତ ପରିସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।କାର୍ଯ୍ୟକ୍ରମରେ କୋମନା ଆଇଆଇସି. ରଶ୍ମିତା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଜନସାଧାରଣ ଏବଂ ସ୍କୁଲ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସାମାଜିକ ସମସ୍ୟା ଓ ସୁରକ୍ଷା ସମ୍ବନ୍ଧରେ ସଚେତନ କରାଇଥିଲେ। କେବଳ ନିଜେ ସଚେତନ ହେଲେ ହେବନାହିଁ, ବରଂ ନିଜ ଆଖପାଖର ଲୋକଙ୍କୁ ମଧ ବୁଝାଇ ଏକ ସୁସ୍ଥ ସମାଜ ଗଠନରେ ସହଯୋଗ କରିବା ଆବଶ୍ୟକ। ବିଶେଷ କରି ସାଇବର ଅପରାଧ, ନିଶା ନିବାରଣ ଏବଂ ସୁରକ୍ଷା ସମ୍ବନ୍ଧୀୟ ବିଷୟ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିନୋଦବିହାରୀ ସେଠି, ତୋରବୋଡ଼ ଫାଣ୍ଡି ଅଧିକାରୀ ଚନ୍ଦୁ ନାଏକ: ସିଆଳଲଟି ସମିତି ସଭ୍ୟ, ସମାଜସେବୀ ଭୁବନେଶ୍ୱର ସାହୁ, ଛବିଲୋଚନ ସାହୁ, ବିରଞ୍ଚି ସାହୁ ଓ ହାଡୁ ପ୍ରଧାନ, ଏହାସହ ବିଭିନ୍ନ ଗ୍ରାମର ୱାର୍ଡ ସଭ୍ୟ ଓ ସଭ୍ୟାମାନେ ଉପସ୍ଥିତ ରହି ପୁଲିସର ଏହି ଅଭିନବ ପ୍ରୟାସକୁ ସ୍ୱାଗତ କରିଥିଲେ। ପୁଲିସ ସହିତ ସିଧାସଳଖ ଆଲୋଚନା କରିବାର ସୁଯୋଗ ପାଇ ସ୍ଥାନୀୟ ଲୋକେ ଉତ୍ସାହିତ ହେବା ସହ ନିଜ ଅଞ୍ଚଳର ସୁରକ୍ଷା ପାଇଁ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଥିଲେ।

ଦେଶପ୍ରେମର ନିଆରା ନିଦର୍ଶନ

ସାଇକଲରେ ଭାରତ ଭ୍ରମଣରେ ଅବଦୁଲ ସିଦ୍ଦିକ

କୋମନା, ୨୪।୧ (ସମିସ): ଜଣେ ସାଧାରଣ ମଣିଷ, କିନ୍ତୁ ଲକ୍ଷ୍ୟ ଅତି ମହତ୍। ଦେଶର ଏକତା, ଅଖଣ୍ଡତା ଏବଂ ପରିବେଶ ସୁରକ୍ଷାର ବାର୍ତ୍ତା ନେଇ ସାଇକଲରେ ଭାରତ ଭ୍ରମଣରେ ବାହାରିଛନ୍ତି ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରର ଅବଦୁଲ ସିଦ୍ଦିକ। ତାଙ୍କର ଏହି ‘ତ୍ରିରଙ୍ଗା ଯାତ୍ରା’ କେବଳ ଏକ ଭ୍ରମଣ ନୁହେଁ, ବରଂ ସମାଜକୁ ଏକ ସକାରାତ୍ମକ ଦିଗ ଦେଖାଇବାର ଏକ ପ୍ରୟାସ। ବ୍ୟାନରରେ ଦେଶବାସୀଙ୍କ ମଧ୍ୟରେ ଭାଇଚାରା ଏବଂ ଏକତା ବଜାୟ ରଖିବା ପାଇଁ ସେ ନିବେଦନ କରିଛନ୍ତି। ସେ ଲେଖିଛନ୍ତି, ଡ୍ରାଇଭର ଦେଶର ହୃଦସ୍ପନ୍ଦନ, ଯାହା ସମାଜରେ ଡ୍ରାଇଭରମାନଙ୍କ ଗୁରୁତ୍ୱକୁ ଦର୍ଶାଉଛି। ପରିବେଶ ପ୍ରଦୂଷଣ ରୋକିବା ପାଇଁ ଅତି କମରେ ୫ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା ପାଇଁ ସାଇକେଲ ବ୍ୟବହାର କରିବାକୁ ସେ ଲୋକଙ୍କୁ ଅନୁରୋଧ କରିଛନ୍ତି। ଧର୍ମ ଯାହା ବି ହେଉ, ଜଣେ ଭଲ ମଣିଷ ହୁଅନ୍ତୁ ଏହି ମହାନ ବାଣୀ ପ୍ରଚାର କରି ସେ ସାମ୍ପ୍ରଦାୟିକ ସଦ୍ଭାବନାର ବାର୍ତ୍ତା ଦେଉଛନ୍ତି। ଅବଦୁଲ ସିଦ୍ଦିକଙ୍କ ଏହି ଯାତ୍ରା ଜାନୁଆରୀ ୧ ତାରିଖରୁ ଆରମ୍ଭ କରିଥିବା ପ୍ରକାଶ କରିଛନ୍ତି।



ଧନୁରାମ ମଙ୍ଗରାଜଙ୍କ ପରଲୋକ

ଗୋଲାମୁଣ୍ଡା, ୨୪।୧ (ସମିସ): ଗୋଲାମୁଣ୍ଡା ବ୍ଲକ ଚପ୍ରିୟା ପଞ୍ଚାୟତ ତୁରେଛଡା ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ପୂର୍ବତନ ଗୌଣ୍ଟିଆ ଧନୁରାମ ମଙ୍ଗରାଜଙ୍କ ପରଲୋକ ଘଟିଛି। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳ ଶୋକର ଛାୟା ଖେଳିଯାଇଛି। ରାଏପୁରସ୍ଥିତ ବାଲାଜୀ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି। ଗ୍ରାମର ସାମାଜିକ ଶୃଙ୍ଖଳା ରକ୍ଷା କରିବାରେ ତାଙ୍କର ବିକାଶ ଅବଦାନ ଅତୁଳନୀୟ। ଶେଷ ଦର୍ଶନ ପାଇଁ ତାଙ୍କ ବାସ ଭବନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀଙ୍କ ଭିଡ଼ ଜମିଥିଲା। ନିଜ ଗ୍ରାମସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।



ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ

ଭବାନୀପାଟଣା, ୨୪।୧(ସମିସ): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ବିଜୁ ଜନତା ଦଳ ତରଫରୁ ସ୍ଥାନୀୟ କଲେଜ ଛକସ୍ଥିତ ନେତାଜୀଙ୍କ ପ୍ରତି ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ରେ ବିଜୁ ଯୁବ ରାଜ୍ୟ ଉପସଭାପତି ମନୀନ୍ଦ୍ର ମହାନ୍ତି, ଜିଲ୍ଲା ଉପସଭାପତି ଧର୍ମେନ୍ଦ୍ର ନାଏକ, ନଗର ସଭାପତି ଧବଳେଶ୍ୱର ମହାପାତ୍ର, ପରମାନନ୍ଦ ମାଝୀ, ଯୁବ ନେତା ଶିବା ସାହୁ, କାଉନସିଲର କ୍ଷୀର ସିନ୍ଧୁ ନାଏକ, ଉତ୍ପଳ ଦାଶ, ମହେନ୍ଦ୍ର ରାଉତ, ବରିଷ୍ଠ ସଂଗଠକ ସୁରଥ ରାଉତ, ପ୍ରଦୀପ ପ୍ରଧାନ, ଯଶୋବନ୍ତ ନାଏକ, ଛାତ୍ର ନେତା ମାନସ ସିନ୍ଦୁର, ଅଂଶୁମାନ ନାଗ, ଆଶିଷ ସାହୁ, ସାତ୍ୱକ ପ୍ରମୁଖ ଯୋଗ ଦେଇଥିଲେ।

ମା’ ଠାକୁରାଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

କୋକସରା, ୨୪।୧(ସମିସ): କଳାହାଣ୍ଡି ଜିଲ୍ଲା ସାନକେନ୍ଦୁଗୁଡ଼ା ଠାରେ ମା’ ଠାକୁରାଣୀ କ୍ରିକେଟ ଆସୋସିଏସନ ପକ୍ଷରୁ ଶନିବାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଖେଳପଡ଼ିଆରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ କମିଟିର ସଭାପତି ନିର୍ମଳ ଗୋପାଳଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ କାର୍ତ୍ତିକ ଚନ୍ଦ୍ର ମାଝୀ, ସମ୍ପାଦକ ପ୍ରମୋଦ ଖମାରି, ରୂପେଶ ମେହେର, କିରଣ ସିଂ ଗୋପାଳ, କ୍ଷୀର ଖମାରି ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ପର୍ଲା ଓ ଚିଲଡଙ୍ଗରୀ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ପର୍ଲା ଦଳ ୧୧୮ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଚିଲ୍ଡଙ୍ଗରି ଦଳ ଚମତ୍କାର ପ୍ରଦର୍ଶନ କରି ୧୧୯ ରନ କରି ବିଜୟୀ ହୋଇଥିଲା। ଅମ୍ପିଆର ଭାବେ ଦ୍ରୋଣ ଗୋପାଳ ଓ କରନ୍ ଖମାରୀ ଖେଳ ପରିଚାଳନା କରିଥିଲେ। ସ୍କୋର ବୋର୍ଡ ପୁଷ୍ପମ ବଣିଆ ଏବଂ ତୃତୀୟ ରେଫରି ମହେନ୍ଦ୍ର ମେହେର ପ୍ରମୁଖ ରହି ଖେଳ ପରିଚାଳନା କରିଥିଲେ।



ରାଷ୍ଟ୍ରୀୟ ବାଳିକା ଦିବସ ପାଳନ

କେସିଙ୍ଗା, ୨୪।୧(ସମିସ): ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ ଶନିବାର ଦିନ ଅଦାଲତ ପରିସରରେ ରାଷ୍ଟ୍ରୀୟ ବାଳିକା ଦିବସ ପାଳନ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଅଧକ୍ଷା ତଥା ବିଚାରପତି ଦୀପ୍ତା ସେଠୀ ଯୋଗ ଦେଇ ଆଜିର ଦିବସର ମହତ୍ତ୍ୱ ତଥା ବାଲ୍ୟ ବିବାହ ମୁକ୍ତ ଭାରତ ଓ କନ୍ୟା ଭ୍ରୁଣ ନିରୂପଣ ସଂକ୍ରାନ୍ତୀୟ ବିଷୟ ଉପରେ ଆଲୋଚନା କରିଥିଲେ। ଏଥିରେ ଓକିଲ ସଂଘର ସଭାପତି ଚିତ୍ତରଞ୍ଜନ ଭୋଇ, ବରିଷ୍ଠ ଆଇନଜୀବୀ ସୌମ୍ୟ ରଞ୍ଜନ ମିଶ୍ର, ସୌରରଶ୍ମି ନନ୍ଦ, ସୁକାନ୍ତ କୁମାର ପଧାନ, ରଞ୍ଜିତ କୁମାର ଷଡଙ୍ଗୀ, ସୂର୍ଯ୍ୟକାନ୍ତ ଦାସ ଓ ଅଦାଲତ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଜିଲ୍ଲାସ୍ତରୀୟ ଯୋଗ ଶିବିର ଉଦ୍‌ଯାପିତ

ଭବାନୀପାଟଣା, ୨୪।୧(ସମିସ)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବ୍ରଜବିହାର କ୍ରୀଡ଼ା ପ୍ରାଙ୍ଗଣରେ କଳାହାଣ୍ଡି ଜିଲ୍ଲା ପତଞ୍ଜଳି ଯୋଗ ସମିତି ପକ୍ଷରୁ ଚାଲିଥିବା ଜିଲ୍ଲାସ୍ତରୀୟ ଯୋଗ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହା ୨୦ ଜାନୁଆରୀରୁ ୨୨ ଜାନୁଆରୀ ଯାଏଁ ଚାଲିଥିଲା। ବିଶିଷ୍ଟ ଯୋଗଗୁରୁ ସ୍ୱାମୀ ରାମଦେବଙ୍କ ପରମ ଶିଷ୍ୟ ସ୍ୱାମୀ ପରମାର୍ଥ ଦେବ ଯୋଗ ଦେଇ ଯୋଗୀ ଭାଇଭଉଣୀ ତଥା ଛାତ୍ରଛାତ୍ରୀଙ୍କୁ ଯୋଗର ମହତ୍ତ୍ୱ ତଥା ବର୍ତ୍ତମାନ ସମୟରେ ଆବଶ୍ୟକତା ଉପରେ ଆଲୋକପାତ କରେଇଥିଲେ। ଯୋଗ ଦ୍ୱାରା ଶରୀର କିପରି ସୁସ୍ଥ ରହିବ ତଥା ସ୍ୱଦେଶୀ ଆପଣେଇବାକୁ ଉଦବୋଧନ ଦେଇଥିଲେ। ଶିବିରରେ ଯୋଗ ଶିକ୍ଷା, ସତସଙ୍ଗ, ଭଜନ କୀର୍ତ୍ତନ, ରାଷ୍ଟ୍ର ନିର୍ମାଣ, ସ୍ୱଦେଶୀ ବସ୍ତୁ ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏ ଅବସରରେ ଭାରତ ସ୍ୱାଭିମାନ ଟ୍ରଷ୍ଟ ଜିଲ୍ଲା ପ୍ରଭାରୀ ଅଶୋକ କୁମାର ମୁଣ୍ଡ, ସହ ପ୍ରଭାରୀ ଶୁଭ୍ରାଂଶୁ ଶେଖର ସାହୁ, ପତଞ୍ଜଳି ଯୋଗ ସମିତି ଜିଲ୍ଲା ପ୍ରଭାରୀ ଡ. ନିହାରେନ୍ଦ୍ର ପଣ୍ଡା, ସହ ପ୍ରଭାରୀ ହେମନ୍ତ ମିଶ୍ର, ଯୁବ ପ୍ରଭାରୀ ଶୁଭ୍ରାଂଶୁ ଶେଖର ନନ୍ଦ, ଜିଲ୍ଲା ମିଡ଼ିଆ ପ୍ରଭାରୀ ଜିତେନ୍ଦ୍ର କୁମାର ମୁଣ୍ଡ ପ୍ରମୁଖ ନୂତନ ଭାବେ ଚୟନିତ ହୋଇଥିଲେ। କାର୍ଯ୍ୟକ୍ରମକୁ ଭାରତ ସ୍ୱାଭିମାନ ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ, ରାଜ୍ୟ ଯୋଗ ପ୍ରଭାରୀ ରାଧାମାଧବ ବହିଦାର, କିଷାନ୍ ସେବା ସମିତି ପ୍ରଭାରୀ ସ୍ୱୟଂପ୍ରକାଶ ଜୀ, ରାଜ୍ୟ କାର୍ଯ୍ୟାଳୟ ପ୍ରଭାରୀ ସୂର୍ଯ୍ୟକାନ୍ତ ଜୀ, ଜିଲ୍ଲା ସଂରକ୍ଷକ ଶିଶିର କୁମାର ପଟ୍ଟଯୋଶୀ, ବରିଷ୍ଠ କର୍ମକର୍ତ୍ତା ଗଜେନ୍ଦ୍ର ପ୍ରସାଦ ପାଢ଼ୀ, କିଷାନ୍ ସେବା ସମିତି ଜିଲ୍ଲା ପ୍ରଭାରୀ ନାରାୟଣ ମୁଣ୍ଡ, ହେମନ୍ତ ମୁଣ୍ଡ, ଜୟନାରାୟଣ ବାବୁ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ସହସ୍ରାଧିକ ଆଗ୍ରହୀ ବ୍ୟକ୍ତିବିଶେଷ ଯୋଗ ପ୍ରତି ଆକୃଷ୍ଟ ହୋଇ ସାମିଲ ହେଇଥିଲେ। ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ସ୍ୱାମୀ ପରମାର୍ଥ ଦେବଙ୍କ ଦ୍ୱାରା ପ୍ରବଚନ ଓ ସତସଙ୍ଗ କାର୍ଯ୍ୟକ୍ରମ ମଧ ହେଉଥିଲା।



ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ଚୟନ


ଦୁର୍ଘଟଣାରେ ଜଣେ ଗୁରୁତର, ଦୁଇ ଆହତ

ଥୁଆମୂଳରାମପୁର, ୨୪ ।୧(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଭବାନୀପାଟଣା ମୁଖ୍ୟ ରାସ୍ତାର ଧୁଳିଗୁଡା ଛକ ନିକଟରେ କାର୍-ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଚାଳକ ଓ ପଛରେ ବସିଥିବା ବ୍ୟକ୍ତି ଦୁହେଁ ଛିଟିକି ପଡ଼ିଥିଲେ। ଦୁହେଁ ବାଇକ୍ ଆରୋହୀ ହେଉଛନ୍ତି ଥୁଆମୂଳ ଗ୍ରାମର ମହେନ୍ଦ୍ର ପ୍ରଧାନୀ(୪୨)ଏବଂ କାଣିଗୁମା ପଞ୍ଚାୟତର ପୂର୍ବତନ ସରପଞ୍ଚ ସାଗୁ ମାଝୀ(୫୫) ବୋଲି ଜଣାପଡ଼ିଛି। ଶନିବାର ମଧ୍ୟାହ୍ନ ପ୍ରାୟ ୧ ଟା ସମୟର ବୋଲି ସୂଚନା ରହିଛି। ସୂଚନା ମୁତାବକ କାଣିଗୁମା ସାପ୍ତାହିକହାଟ ସାରି ଗାଁକୁ ଫେରୁଥିବା ବେଳେ ଧୁଳିଗୁଡା ଛକ ନିକଟରେ ଥୁଆମୂଳରାମପୁର ଠାରୁ ଭବାନୀପାଟଣା ଅଭିମୁଖେ ଯାଉଥିବା କାର୍ ନଂ-ଓଡି ୦୨ଏଜି୮୮୪୪ ନମ୍ବରର ଗାଡି ସହିତ ସାମ୍ନାସାମ୍ନି ଧକ୍କା ହୋଇଥିଲା। ବାଇକ୍‌ର ପଛ ପଟରେ ବସିଥିବା ସାଗୁ ମାଝୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ଫଳରେ ଗୁରୁତର ଅବସ୍ଥାରେ ପଡ଼ିଥିବା ବେଳେ ବାଇକ୍ ଚାଳକ ମହେନ୍ଦ୍ର ପ୍ରଧାନୀ ଆହତ ହୋଇ ଛଟପଟ ହେଉଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଲୋକଙ୍କ ସହଯୋଗରେ ଦୁହିଁଙ୍କୁ ସ୍ୱାସ୍ଥ୍ୟ ସ୍ୱରାଜ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସାଗୁ ମାଝୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ହେଲେ ସଦ୍ୟ ସୂଚନା ମୁତାବକ ସାଗୁ ମାଝୀଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିବା ଜଣାପଡ଼ିଛି। ଏପଟେ ମହେନ୍ଦ୍ର ପ୍ରଧାନୀ ସ୍ୱାସ୍ଥ୍ୟ ସ୍ୱରାଜ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଠିକ୍ ଥିବା ଜଣାପଡ଼ିଛି। ଅନ୍ୟ ପଟରେ ଥୁଆମୂଳ ରାମପୁର ଭବାନୀପାଟଣା ରାସ୍ତା କୁମୁଡାବାହାଲ୍ ଗ୍ରାମ ବିକାଶ ଶିକ୍ଷା ନିକେତନ ଠାରୁ ଅଳ୍ପ ଦୂରର ଏକ ଛୋଟ ବୁଲାଣିରେ ଭାରସାମ୍ୟ ହରାଇ ଏକ ବାଇକ୍ ରାସ୍ତା କଡର ଦୁଇ ଗଛ ମଧ୍ୟରେ ପଶି ଦୁର୍ଘଟଣା ଘଟିଛି। ତଳଝାପି ପଞ୍ଚାୟତର ଲାଞ୍ଜିଗଡ଼ ଗାଁର ମାର୍କଣ୍ଡ ନାଏକ(୨୫) ମଧ୍ୟାହ୍ନ ସମୟରେ ବାଇକ୍‌ରେ ଗୁଣପୁର ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ଛିଟିକି ପଡ଼ିଥିଲେ। ହେଲେ ସାମାନ୍ୟ ଆହତ ହୋଇଥିବା ଯୋଗୁଁ ତାଙ୍କ ଘରଲୋକେ ତାଙ୍କୁ ନିଜ ଘରକୁ ନେଇଯାଇଥିବା ଜଣାପଡ଼ିଛି।

ଅବକାରୀ ଚଢ଼ଉ, ଜଣେ ଗିରଫ

ଧର୍ମଗଡ଼, ୨୪।୧ (ସମିସ): ଧର୍ମଗଡ଼ ଅବକାରୀ ବିଭାଗ ତରଫରୁ ଗୋଲାମୁଣ୍ଡା ବ୍ଲକର ଅମଠା ଗାଁରେ ଚଢ଼ଉ କରାଯାଇ ବେଆଇନ ବିଦେଶୀ ମଦ ବିକ୍ରି କରୁଥିବା ଜଣେ ମଦ ବେପାରୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଅମଠା ଗାଁର ବରୁଣ ମାଝୀ। ଅଭିଯୁକ୍ତଙ୍କ ଠାରୁ ସମୁଦାୟ ୩୧. ୫୪୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏନେଇ ଅବକାରୀ ବିଭାଗ ତରଫରୁ ଅବକାରୀ ଥାନା କେଶ ନମ୍ବର ୧୮୮/୨୫-୨୬ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଧର୍ମଗଡ଼ ଅବକାରୀ ଅଧିକାରୀ ପ୍ରତିମା ବେହେରା ସୂଚନା ଦେଇଛନ୍ତି। ଚଢ଼ଉରେ ଧର୍ମଗଡ଼ ଅବକାରୀ ଅଧିକାରିଣୀ ପ୍ରତିମା ବେହେରା, ଭୁଜବଳ ପଟେଲ, କର୍ଣ୍ଣ ବାଗ, ଯଶୋବନ୍ତି ଭୋଇ ଏବଂ ୩ ଜଣ ଅବକାରୀ କନେଷ୍ଟବଳ ସାମିଲ ଥିଲେ।

ବରିଷ୍ଠ ଆଇନଜ୍ଞ ଗୌରୀଶ୍ୟାମ ପଣ୍ଡାଙ୍କ ପରଲୋକ



ତରଭା, ୨୪ ।୧(ସମିସ): ବରିଷ୍ଠ ଆଇନଜ୍ଞ ତଥା ରେଆର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡାଙ୍କ ଶନିବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତିରୋଧାନ ହୋଇଯାଇଛି। ସେ ଜଣେ ସଫଳ ଆଇନଜ୍ଞ ହେବା ସହ ସାମାଜିକ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଜାତୀୟସ୍ତରରେ ଉପଭୋକ୍ତାବାଦର ସେ ଜଣେ ଆଦ୍ୟ ପ୍ରବକ୍ତା। ଭିନ୍ନକ୍ଷମମାନଙ୍କ ଅଧିକାର ଓ ଉନ୍ନତି ପାଇଁ ଅନବରତ ପ୍ରୟାସରତ। ଏହା ସହିତ ସେ ଅନେକ ସାମାଜିକ ଆନ୍ଦୋଳନ ସହିତ ଜଡିତ ଥିଲେ। କଂଗ୍ରେସ ଦଳର ଜଣେ ବରିଷ୍ଠ ସଦସ୍ୟ ହେବା ସହିତ ଜିଲ୍ଲା କଂଗ୍ରେସ ସଭାପତି ଭାବେ କାମ କରିଥିଲେ।ସେ ଜାତୀୟ ସ୍ତରରେ ବୌଦ୍ଧିକ ଭିନ୍ନକ୍ଷମ ଅଭିଭାବକ ସଂଘ ପରିବାର (ଏନସିପିଓ)ର ଉପଦେଷ୍ଟା, ରାଜ୍ୟ ବୌଦ୍ଧିକ ଭିନ୍ନକ୍ଷମ ଅଭିଭାବକ ସଂଘ (ପରିବାର ଓଡ଼ିଶା) ର ସଭାପତି, ରାଜ୍ୟ ଚେସ ଆସୋସିଏସନ ର ସଦସ୍ୟ, ଜିଲ୍ଲା ଚେସ ଆସୋସିଏସନ ର ସମ୍ପାଦକ, ଜିଲ୍ଲା କ୍ରୀଡା ସଂଗଠନ ର ପ୍ରତିଷ୍ଠାତା ସଦସ୍ୟ, ଇଙ୍କପେଷ୍ଟ ପ୍ରତିଷ୍ଠାତା ସଦସ୍ୟ, ଜିଲ୍ଲା ବାର ଆସୋସିଏସନର ପୂର୍ବତନ ସଭାପତି, ଜିଲ୍ଲା ରେଡ଼କ୍ରସ ସୋସାଇଟିର ଉପସଭାପତି ତଥା ଅନେକ ଜିଲ୍ଲା ଓ ରାଜ୍ୟର ବିଭିନ୍ନ ସଂଗଠନର ପ୍ରମୁଖ ସଦସ୍ୟ ଭାବରେ କାର୍ଯ୍ୟ କରିଥିଲେ।ତାଙ୍କ ବିୟୋଗରେ ସୁବର୍ଣ୍ଣପୁର ଜିଲ୍ଲା ବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

ବନମାଳୀ ପୃଷ୍ଟିଙ୍କ ପରଲୋକ

ମୁରିବାହାଲ, ୨୪ ।୧(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତ ଘୁଷୁରାମୁଣ୍ଡା ଗ୍ରାମର ବରିଷ୍ଠ ବିଜେଡି ନେତା ଦିଲୀପ କୁମାର ପୃଷ୍ଟି



ବାପା ବନମାଳୀ ପୃଷ୍ଟିଙ୍କ ୮୬ବର୍ଷ ବୟସରେ ଶୁକ୍ରବାର ରାତି ୧୨ ସମୟରେ ପରଲୋକ ହୋଇଯାଇଛି। ତାଙ୍କ ୨ ପୁଅ, ଦିଲୀପ, ସନ୍ତୋଷ ଓ ଝିଅ, ନାତି ନାତୁଣୀ, ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ଗାଁ ମଶାଣିରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ମୁଖାଗ୍ନି ବଡ଼ ପୁଅ ଦିଲୀପ ମୁଘାଗ୍ନି ଦେଇଥିଲେ। ପରଲୋକ ଖବର ପାଇ ପୂର୍ବତନ ବ୍ଲକ ଅଧ୍ୟକ୍ଷ ହଂସ ରାଜ ଜୈନ, ଅବସରପ୍ରାପ୍ତ ବ୍ଲାକ କମାଣ୍ଡୋ ତଥା ବିଜେଡି ଯୁବନେତା ଗିରିରାଜ ସିଂ ମାଝୀ, ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅନ୍ତିମ ସତ୍କାରରେ ସାମିଲ ଥିଲେ।

ହାତୀ ମୃତ୍ୟୁ ପରେ ଜଘନ୍ୟ ଆଚରଣର କରୁଣ ଦୃଶ୍ୟ

ମୃତ ହାତୀର ଶରୀରକୁ ଖଣ୍ଡଖଣ୍ଡ କରିଦେଲେ

ଭବାନୀପାଟଣା, ୨୪ ।୧(ସମିସ)

ବାଲିଗୁଡ଼ା ବନଖଣ୍ଡ ଅଧିନରେ ରହିଥିବା ହାତୀ ଅଭୟାରଣ୍ୟର ବେଲଘର ରେଞ୍ଜରେ ହାତୀ ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ସେଠାରେ ଇତି ମଧ୍ୟରେ ଦୁଇ ଦୁଇଟି ହାତୀର ମୃତ୍ୟୁ ଖବର କନ୍ଧମାଳ ଜିଲ୍ଲାରେ ଯେତିକି ଚର୍ଚ୍ଚା ପାଲଟିଛି କଳାହାଣ୍ଡି ଜିଲ୍ଲାରେ ମଧ ମୃତହାତୀକୁ ନେଇ ଘଟଣା ଅଧିକ ରୋଚକ ମୋଡରେ ଗତି

୪କଟା ଗୋଡ଼, ଶୁଣ୍ଢ, ମୁଣ୍ଡରୁ ଫାଳେ, ଲାଞ୍ଜ ଏବଂ ପଞ୍ଜରା ହାଡ଼ ଦୁଇଖଣ୍ଡ; ହାତୀ ଚମଡା ଉଦ୍ଧାର

କରୁଛି। ଜାନୁୟାରୀ ୫ ତାରିଖରେ କନ୍ଧମାଳ ଜିଲ୍ଲା ବେଲଘର ଅଞ୍ଚଳର ଝିରିପାଣି ପଞ୍ଚାୟତ ସିମିଲିପଦର ନିକଟସ୍ତ ମୁଣ୍ଡୁଟି ଜଙ୍ଗଲରେ ଏକ ହାତୀର ମୃତ୍ୟୁ ଘଟିଥିଲା। ଜାନୁୟାରୀ ୫ ତାରିଖରେ ଯେଉଁ ହାତୀର ମୃତ୍ୟୁହୋଇଛି ସେ ହାତୀର ଖଣ୍ଡବିଖଣ୍ଡିତ ଶରୀର କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ତହଁସିର ଗ୍ରାମ ନିକଟ ଡ୍ୟାମଠାରେ ପୋତି ଦିଆଯାଇଥିଲା। ବାଲିଗୁଡା ବନ ବିଭାଗ ଘଟଣାର ଖୋଳତାଡ କରି କେସିଙ୍ଗା ଅଞ୍ଚଳରେ ପହଞ୍ଚିଥିଲେ।

ପୋତାଯାଇଥିବା ଅଞ୍ଚଳକୁ ଜେସିବି ଦ୍ୱାରା ଖୋଳାଯାଇ ହାତୀର ମୃତ ଶରୀରର କିଛି ଅଂଶ ଉଦ୍ଧାର ହୋଇଥିଲା। ବନ ବିଭାଗ ପକ୍ଷରୁ କଳାହାଣ୍ଡି ପ୍ରାଣୀ ସମ୍ପଦ ବିଭାଗକୁ ସାମ୍ପଲ ସଂଗ୍ରହ ପାଇଁ ଚିଠି ହୋଇଥିଲା। ଘଟଣା ସ୍ଥଳରେ ପ୍ରାଣୀ ସମ୍ପଦ ବିଭାଗ ଅଧିକାରୀ ଓ କର୍ମଚାରୀ ପହଞ୍ଚି ସାମ୍ପଲ ସଂଗ୍ରହ କରିଥିଲେ। ହାତୀ ମୃତ୍ୟୁର ୧୬ଦିନ ବିତିଯିବା ପରେ କେସିଙ୍ଗା ନିକଟସ୍ଥ ତହଁସିର ଗ୍ରାମରେ ହାତୀର ଦେହାବଶେଷ ପୋତା ହୋଇଥିବା ଖବର ବନ ବିଭାଗ ଜାଣିଥିଲେ। ତେଣୁ ସାମ୍ପଲ ସଂଗ୍ରହ କାର୍ଯ୍ୟ ବିଭାଗ ଦ୍ୱାରା କରାଯାଇଛି। ହାତୀର ମୃତ୍ୟୁ କିପରି ହୋଇଛି ଆଜି ପର୍ଯ୍ୟନ୍ତ ବାଲିଗୁଡା ବନ ବିଭାଗ ନିକଟରେ କୌଣସି ତଥ୍ୟ ନାହିଁ ବୋଲି ଦର୍ଶାଉଛନ୍ତି। କିନ୍ତୁ କି ପ୍ରକାର କଦର୍ଯ୍ୟରୂପେ ମୃତ ହାତୀକୁ ଖଣ୍ଡ ଖଣ୍ଡ କରାଯାଇଛି ତାହା ବାସ୍ତବିକ ହୃଦୟବିଦାରକ ଦୃଶ୍ୟ ହୋଇଥିଲା। ଅତି ନିର୍ମମଭାବେ ହାତୀକୁ କଟାଯାଇଛି।

୭ଫୁଟ ତଳୁ ଖୋଳାଯାଇ ଦେଖିବାକୁ ମିଳିଥିଲା ମୃତହାତୀର ୪ଟି କଟା ଗୋଡ, ଶୁଣ୍ଢ, ଲାଞ୍ଜ, ମୁଣ୍ଡର ଫାଳେ ଖପୁରୀ, ପଞ୍ଜରା ହାଡ ୨ଟି ଏବଂ କିଛି ଚମଡା ଓ ପଚା ମାଂସ।





ବଳକା ଶରୀର ବୋଧେ କନ୍ଧମାଳ ଅଞ୍ଚଳରେ ପୋତାଯାଇଥିଲା। ହାତୀର ଶବ ବ୍ୟବଚ୍ଛେଦ ହୋଇଛି କି ନାହିଁ ଜଣା ପଡ଼ିନାହିଁ, କିନ୍ତୁ କଳାହାଣ୍ଡି ଓ କନ୍ଧମାଳରୁ ସାମ୍ପଲ ସଂଗ୍ରହ କରାଯାଇଛି। ଶବ ବ୍ୟବଚ୍ଛେଦ ନହେଲେ ହାତୀ ମୃତ୍ୟୁର କାରଣକୁ ନେଇ କେଉଁ ସିଦ୍ଧାନ୍ତରେ ପହଞ୍ଚିବ ବନ ବିଭାଗ ତାହା ଏବେ ବଡ ପ୍ରଶ୍ନ ଦୃଷ୍ଟି କରିଛି। ଏହି ଘଟଣା ପ୍ରଘଟ ହେବାପରେ ବନ ବିଭାଗ ଉଚ୍ଚ ପଦସ୍ଥ ଅଧିକାରୀ ଚିନ୍ତା ବଢ଼ାଇ ଦେଇଥିଲା। ଜଏଣ୍ଟ ଟାସ୍କ ଫୋର୍ସ ପହଞ୍ଚି କିଛି ସାମ୍ପଲ ସଂଗ୍ରହ କରିଥିଲେ। କଳାହାଣ୍ଡିରେ ମଧ କିଛି ସାମ୍ପଲ ସଂଗ୍ରହ କରାଗଲା। ତାପରେ ବନବିଭାଗ ହାତୀ ମୃତ୍ୟୁ ମାମଲାକୁ କି ରୂପ ଦେଉଛି ତାହା ଆଗକୁ ସ୍ପଷ୍ଟ ହେବ। ସୂଚନାରୁ ଜଣାପଡ଼ିଛି ଡେପୁଟି ରେଞ୍ଜର ବିନୟ କୁମାର ବିଶିଙ୍କୁ ଏହି ମାମଲାରେ ନିଲମ୍ବିତ କରାଯାଇଛି। ଗତକାଲି ମୃତ ହାତୀକୁ ଯେଉଁ ପିକପ ଭ୍ୟାନ ଗାଡିରେ କେସିଙ୍ଗା ଅଣାଯାଇଥିଲା ସେହି ଗାଡିର ଡ୍ରାଇଭରକୁ ଗିରଫ କରି ଜେଲକୁ ବନ ବିଭାଗ ପଠାଇଛି। ଅନ୍ୟପକ୍ଷରେ ଘଟଣାର ସିଧାସଳଖ ସମ୍ପୃକ୍ତ ଥିବା ଡେପୁଟି ରେଞ୍ଜର ଫେରାର ହୋଇଯାଇଥିବା କୁହାଯାଉଛି। ଏତେବଡ ସ୍ପର୍ଶକାତର ଘଟଣାରେ ଜଣେ ଡ୍ରାଇଭରକୁ ଗିରଫ କରି ବନ ବିଭାଗ ଯଦି ଚୁପ ହୋଇଯିବେ ତାହା ଦୁର୍ଭାଗ୍ୟଜନକ ପରିସ୍ଥିତିକୁ ଆମନ୍ତ୍ରଣ କରିବାଛଡ଼ା ଆଉ କିଛି ନୁହେଁ। କାରଣ ହାତୀ ମୃତ୍ୟୁ ପରେ ଆରମ୍ଭରୁ ଘଟଣାକୁ ଚପେଇଦେବା ପାଇଁ ବଡ ଧରଣର ଷଡଯନ୍ତ୍ର କରାଯାଇଛି। ଡେପୁଟି ରେଞ୍ଜରଙ୍କ ଘର କେସିଙ୍ଗା ବ୍ଲକ ତହଁସିର ଗ୍ରାମ। ସେଥିପାଇଁ ପ୍ରାଣ ବିକଳରେ ମୃତହାତୀ ଶରୀରର କିଛି ଅଂଶ କଳାହାଣ୍ଡି ନେଇ ଆସିଥିଲେ। ତଥାପି ଶେଷରେ ସବୁକଥା ଜଣାପଡ଼ିଥିଲା। ବନ ବିଭାଗ ଡେପୁଟି ରେଞ୍ଜର ବିନୟ ବିଶି ନିଲମ୍ବିତ ହେଲେ। ଏହି ମାମଲାରେ ଜଣେ ଏସିଏଫ୍ ଘଟଣାକୁ ଭିନ୍ନ ବାଟରେ ନେବାକୁ ଅପଚେଷ୍ଟା କରିବା ସମଗ୍ର ଘଟଣାରେ ବନ ବିଭାଗର ବଡ ବଡ଼ିଆଙ୍କ ଆଡକୁ ଅଙ୍ଗୁଳିନିର୍ଦ୍ଦେଶ ହେଉଛି।

ଡୁମେରବାହାଲରେ ପ୍ଲାଷ୍ଟିକ ମୁକ୍ତ ସଚେତନତା

ସିନାପାଲି, ୨୪ ।୧(ସମିସ): ପ୍ରକୃତିର କୋଳେ ମନୋରଞ୍ଜନ, କିନ୍ତୁ ପ୍ଲାଷ୍ଟିକରୁ ଦୂରେ, ଏହି ଶକ୍ତିଶାଳୀ ସନ୍ଦେଶ ସହ ଗୋର୍ଲା ପଞ୍ଚାୟତ ଅନ୍ତର୍ଗତ ଡୁମେରବାହାଲ ବଣଭୋଜିସ୍ଥଳରେ ଆକର୍ଷଣୀୟ ଓ ପ୍ରେରଣାଦାୟକ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଛି। ସବୁଜ ଜଙ୍ଗଲ, ଶୁଭ୍ର ପରିବେଶ ଓ ସଚେତନ ମନର ମିଶ୍ରଣ କାର୍ଯ୍ୟକ୍ରମକୁ ସ୍ମରଣୀୟ ଆନ୍ଦୋଳନର ରୂପ ଦେଇଥିଲା। ସିନାପାଲି ବନାଞ୍ଚଳ ଓ ଖଡ଼ିଆଳ ବନଖଣ୍ଡର ସୌଜନ୍ୟରେ, ସିନାପାଲି ରେଞ୍ଜ ଅଫିସର କାମେଶ୍ୱର ତାଣ୍ଡିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗୋର୍ଲା ସରପଞ୍ଚ ଶ୍ରୀମତୀ ଦମୟନ୍ତୀ ଦଣ୍ଡସେନା, ଘାଟମାଲ ଫରେଷ୍ଟର ରାମା ରଞ୍ଜନ ରାଉତ, ଲିଆଡ଼ ଫୋରେଷ୍ଟର ମେଘନାଥ ମାଝୀ, ସିନାପାଲି ଫରେଷ୍ଟର ଚୂଡ଼ାନାଥ ସରାଫ, ନଙ୍ଗଲବୋଡ଼ ଫରେଷ୍ଟର କନ୍ଦର୍ପ ସୁନାନୀ ସହ ସିନାପାଲି ରେଞ୍ଜର ଅନ୍ୟାନ୍ୟ ବନ କର୍ମଚାରୀ ଓ ଡୁମେରବାହାଲର ସଚେତନ ଗ୍ରାମବାସୀମାନେ ଉତ୍ସାହର ସହ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ସମୟରେ ବକ୍ତାମାନେ କହିଥିଲେ ଯେ ପ୍ଲାଷ୍ଟିକ କେବଳ ପରିବେଶକୁ ନୁହେଁ, ଆମ ଭବିଷ୍ୟତକୁ ମଧ୍ୟ ଆକ୍ରାନ୍ତ କରୁଛି। ଜଙ୍ଗଲ ଓ ବନ୍ୟପ୍ରାଣୀ ପାଇଁ ପ୍ଲାଷ୍ଟିକ ଏକ ନିରବ ଶତ୍ରୁ ବୋଲି ସେମାନେ ଉଲ୍ଲେଖ କରି, ବଣଭୋଜି ସମୟରେ ପ୍ଲାଷ୍ଟିକ ଥାଳି, ଗ୍ଲାସ ଓ ପଲିଥିନ ବ୍ୟବହାର ବନ୍ଦ କରିବାକୁ ଆହ୍ୱାନ ଦେଇଥିଲେ।

ଗଙ୍ଗାସାଗର ରାଜ୍ୟସ୍ତରରେ ଶ୍ରେଷ୍ଠ ପାଣି ପଞ୍ଚାୟତ

ବଲାଙ୍ଗିର/ଖପ୍ରାଖୋଲ, ୨୪।୧ (ସମିସ): ପାଣି ପରିଚାଳନାରେ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ବଲାଙ୍ଗିର ଜିଲ୍ଲା ପଟଣାଗଡ଼ ବ୍ଲକ ଡଣ୍ଡରାବାହାଲ ଏମ୍ଆଇପି



ଓ ଆଇପି କ୍ରା ଅଧୀନ ଗଙ୍ଗାସାଗର ପାଣି ପଞ୍ଚାୟତକୁ ରାଜ୍ୟସ୍ତରରେ ଶ୍ରେଷ୍ଠ ପାଣି ପଞ୍ଚାୟତ ଭାବେ ସମ୍ମାନିତ କରାଯାଇଅଛି। ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ସମାବର୍ତ୍ତନ ଉତ୍ସବ ଅବସରରେ ଆୟୋଜିତ ସମାରୋହରେ ପାଣି ପଞ୍ଚାୟତର ଅଧକ୍ଷ ଓ ସଚିବ ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଲୋକ ସେବା ଭବନ କନଭେନ୍‌ସନ୍ ହଲ ଭୁବନେଶ୍ୱର ରାଜୀବ ଭବନ ନିକଟରେ ଅନୁଷ୍ଠିତ ହୋଇଥିଲା। ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଓ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଯୋଗ ଦେଇ ବେଷ୍ଟ ପାଣି ପଞ୍ଚାୟତକୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ କୃଷି ବିଭାଗର ଅତିରିକ୍ତ ସଚିବ ଡ. ଅରବିନ୍ଦ ପାଢ଼ୀ, ଜଳସମ୍ପଦ ବିଭାଗର ସଚିବ ଶୁଭା ଶର୍ମା ଓ ମୁଖ୍ୟ ଇଞ୍ଜିନିୟର ସାଗର ମହାନ୍ତି ଉପସ୍ଥିତ ରହି ସମାରୋହକୁ ସମ୍ବୋଧନ କରିଥିଲେ। ସମ୍ମାନ ମିଳିବାରେ ଗଙ୍ଗାସାଗର ପାଣି ପଞ୍ଚାୟତର ସମସ୍ତ ସଦସ୍ୟ ଓ ଚାଷୀମାନଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହ ଦେଖା ଦେଇଥିବା ବେଳେ ଅଞ୍ଚଳ ବାସୀ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଶିବମନ୍ଦିରର ରତ୍ନମୁଦ ପାଇଁ କଳସ ଶୋଭାଯାତ୍ରା

ବିରମହାରାଜପୁର, ୨୪।୧ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କମଲପୁର ଗୁପ୍ତେଶ୍ୱର ବାବାଙ୍କ ନୂତନ ଶିବମନ୍ଦିର ରତ୍ନମୁଦ ପାଇଁ କଳସ ଶୋଭାଯାତ୍ରା ହୋଇଯାଇଛି। ସକାଳେ ମନ୍ଦିରରେ ପୂଜକ ବଳରାମ ପଣ୍ଡା କର୍ତ୍ତା ରମେଶଚନ୍ଦ୍ର ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ନିରୁପମା ପଣ୍ଡାଙ୍କ ଦ୍ୱାରା ମନ୍ଦିରରେ ରୀତି ନୀତି ଅନୁସାରେ ବାବା ଗୁପ୍ତେଶ୍ୱରଙ୍କ ଠାରେ ପୂଜାର୍ଚ୍ଚନା ପରେ ଶତାଧିକ ମହିଳା ଓ ପୁରୁଷ ମହାଶୋଭାଯାତ୍ରାରେ ବାହାରି ନିକଟସ୍ଥ ମହାନଦୀରୁ ୧୦୮ କଳସରେ ପାଣି ଆଣି ସ୍ଥାପନ କରିଥିଲେ। ରବିବାର ୨୪ପ୍ରହରୀ ନାମଯଜ୍ଞ ସହ ସୋମବାର ଶିବ ମନ୍ଦିରର ରତ୍ନମୁଦ ମାରିବାର ସ୍ଥିର କରାଯାଇଛି। ଶୋଭାଯାତ୍ରାରେ ଗ୍ରାମର ଜଗଦୀଶ ଶର୍ମା, ମୋହନ ମେହେର, ଲକ୍ଷ୍ମଣ ମେହେର, କୃଷ୍ଣ ବିଶ୍ୱାଳ, ପ୍ରହଲ୍ଲାଦ ଅଗ୍ରୱାଲା, ଗୁରୁ ମେହେର, ଗୌତମ ପଣ୍ଡା, ଦୂତିଆ ମେହେର, ଥବିର ମେହେର, ଦାଶରଥି ସାହୁ, ରୋହିତ ବିଶ୍ୱାଳ, ବିକ୍ରମ ମେହେର, ଅଭିଷେକ ମେହେର, ଜଗଦୀଶ ମେହେର, ନାରାୟଣ ମହାକୁର, ଲମ୍ବୋଦର ବିଶ୍?ାଳ, ସେବକ ସାହୁ, ଙ୍କ ସମେତ ଶତାଧିକ ଲୋକ ସାମିଲ ଥିଲେ।

ବହଲପଦରରେ ଶିଶୁ ପ୍ରତିଭା ଉତ୍ସବ ମହକ



ବୀରମହାରାଜପୁର, ୨୪ ।୧ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ବହଲପଦରରେ ଦଧି ବାମନ ଯୁବକ ସଂଘ ଆନୁକୂଲ୍ୟରେ ଶିଶୁ ପ୍ରତିଭା ଉତ୍ସବ 'ମହକ' ଅନୁଷ୍ଠିତ ହୋଇଯାଇଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ସ୍ଥାନୀୟ ସେବା ସମବାୟ ସମିତିର ସମ୍ପାଦକ ପ୍ରଫୁଲ୍ଲ ଦନ୍ତା, ବହଲପଦର ଗ୍ରାମ୍ୟ ପରିଚାଳନା କମିଟିର ସଭାପତି ସୁଧାଂଶୁ ଶେଖର ପ୍ରଧାନ, ଗ୍ରାମ୍ୟ କମିଟିର ସମ୍ପାଦକ ତଥା ଅଧ୍ୟାପକ ବାବୁଲାଲ ପ୍ରଧାନ, ଗ୍ରାମର ଗୌନ୍ତିଆ ନାରାୟଣ ଦନ୍ତା, ଶିକ୍ଷକ ପ୍ରଦୀପ ଜଗଦଲା, ୱାର୍ଡସଭ୍ୟ ରମାକାନ୍ତ ଭୁକ୍ତା, ସ୍ୱେଚ୍ଛାସେବୀ ହିମାଂଶୁ ସାହୁ, ବାବାଜୀଧର ବେହେରା, ମଙ୍ଗୁଲୁ ମହାକୁର ପ୍ରମୁଖ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଅତିଥିମାନେ ପିଲାଙ୍କ ପ୍ରତିଭା ର ବିକାଶ ପାଇଁ ମହକ ଭଳି ମଞ୍ଚର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବହଳପଦର, ଅମରପାଲି, ଲୁତୁରପଙ୍କ, ବଡ଼ମାଳ, ଗୌଡ଼ଗାଡ, ବୀରମହାରାଜପୁର, ରେଢାଖୋଲ ଆଦି ଅଞ୍ଚଳରୁ ଶିଶୁ ନୃତ୍ୟଶିଳ୍ପୀ ଅଂଶ ଗ୍ରହଣ କରିଥିଲେ। ଏଥିରେ ଅମରପାଲି ହାଇସ୍କୁଲର ନୃତ୍ୟ ଶିଳ୍ପୀ ଦଳ ପ୍ରଥମ, ବହଳପଦର ୟୁପି ସ୍କୁଲ ଦଳ ଦ୍ୱିତୀୟ ଓ ଅମରପାଲି ୟୁପି ସ୍କୁଲ ଦଳ ତୃତୀୟ ସ୍ଥାନ ହାସଲ କରିଥିଲେ। କୃତୀ ନୃତ୍ୟଶିଳ୍ପୀଙ୍କୁ ମାନପତ୍ର ଓ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ବଳପଦର ଯୁବକ ସଂଘର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ଜୋନ୍‌ସ୍ତରୀୟ ଯାଦବ ସମାଜର ସମ୍ମିଳନୀ

କୋକସରା, ୨୪ ।୧(ସମିସ) : ଆମପାଣି ଜୋନ୍ ସ୍ତରୀୟ ଯାଦବ ସମାଜର ସମ୍ମିଳନୀ ଶନିବାର କୋକସରା ବ୍ଲକ ବଡକେନ୍ଦୁଗୁଡା ସ୍ଥିତ ଝାରବନ୍ଦ ଶୈବପୀଠ ଠାରେ ଅନୁଷ୍ଠିତ ହୋଇଛି। ଜୋନ୍ ସ୍ତରୀୟ ସଭାପତି ଆନନ୍ଦ ଗୋପାଳଙ୍କ



ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ବରିଷ୍ଠ ସମାଜସେବୀ ମୌଷଧି ବାଗ, ବ୍ଲକ ଯାଦବ ସମିତିର ସଭାପତି ଦ୍ୱାରିକାନାଥ ବାଗ ଯୋଗଦେଇ ସମାଜର ସାମ୍ବିଧାନିକ ନିତି ନିୟମ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋକପାତ କରିଥିଲେ। ବ୍ଲକ ଯାଦବ ସମ୍ପାଦକ ବିଦ୍ୟାଧର ଗହୀର, କୋଷାଧକ୍ଷ ଗଣେଶ୍ୱର ପୁଞ୍ଜି, ମୋଟେର ଜୋନ ଉପସଭାପତି ଲିଙ୍ଗରାଜ ବେହେରା, ଯୁଗ୍ମ ସମ୍ପାଦକ ଲଛମନ ନାୟକ, ମୋଟେର ଜୋନ ସହ ସମ୍ପାଦକ ମନିଜର ପୋଡ ପ୍ରମୁଖ ଯୋଗ ଦେଇଥିଲେ। ସମ୍ମିଳନୀରେ ବରାଡଙ୍ଗା ଆଞ୍ଚଳିକ ସମ୍ପାଦକ ପ୍ରଶନ୍ନ ବାରିକ, ବଡ଼ପୋଡ଼ାଗୁଡ଼ା ଆଞ୍ଚଳିକ ସଭାପତି ଘାସିରାମ ନାଏକ, କାଉଡୋଲା ସଭାପତି ଅର୍ଜୁନ ଭାଟି, ସମ୍ପାଦକ ଗଣପତି ହଂସ, ସୁନ୍ଦର କଟା, କର୍ମଚାରୀ ସଂଘ ବ୍ଲକ ସମ୍ପାଦକ ଗୌରାଙ୍ଗ ନାଗ, ମହିମା ଆଞ୍ଚଳିକ ସମ୍ପାଦକ ରୁପେଶ ଚଣ୍ଡୀ, ସାନପୋଡାଗୁଡା ସମ୍ପାଦକ ନାଗେଶ୍ୱର ଗୋପାଳ, ଗୋତମୁଣ୍ଡା ସଭାପତି ତରୁଣ ଗୋପାଳ ପ୍ରମୁଖ ଯୋଗ ଦେଇଥିବା ବେଳେ ଆମପାଣି ଜୋନ୍ ର ୭ ଗୋଟି ଆଞ୍ଚଳିକ ସମାଜର ବିଭିନ୍ନ ଭାତ କମିଟିର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ। ଗୌରାଙ୍ଗ ନାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମକୁ ପଦ୍ମବନ ବେମାଲ ପରିଚାଳନା କରିଥିଲେ। ଆମପାଣି ଜୋନ୍ କର୍ମଚାରୀ ସଂଘ ସଭାପତି ମାରଗୁଣିଆ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଏନ୍‌ସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ; ବଡବନ୍ଧ ସେମିଫାଇନାଲକୁ ଉନ୍ନିତ

ଦେଓଗାଁ, ୨୪।୧ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସିଂହାମୁଣ୍ଡା ଖେଳପଡ଼ିଆରେ ଚାଲିଥିବା ୨୭ତମ ଜିଏନସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ତୃତୀୟ ଦିବସରେ ଦେଓଗାଁ ଓ ବଡବନ୍ଧ ମଧ୍ୟରେ କ୍ୱାଟରଫାଇନାଲ ମ୍ୟାଚ୍ ହୋଇଥିଲା। ବଡବନ୍ଧ ଦଳ ବିଜୟୀ ହୋଇ ତୃତୀୟଦଳ ଭାବେ ସେମିଫାଇନାଲକୁ ପ୍ରବେଶ କରିଛି। ଖେଳକୁ ଅଜିତ ଓ ଦୀପକ



ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂ ଦେଓ ଯୋଗଦେଇ ବ୍ଲକରେ କ୍ରୀଡାର ବିକାଶ ପାଇଁ ସମସ୍ତ ପ୍ରକାରର ଉଦ୍ୟମ କରାଯିବ ବୋଲି ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ବିଧାୟକଙ୍କ ବ୍ଲକ ପ୍ରତିନିଧି ଶୁଶିଳ କୁମାର ଚାନ୍ଦ, ସରପଞ୍ଚ ସଂଘର ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ଯୁବନେତା ଦୀପକ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ସୋମବାର ଦିନ ଫାଇନାଲ ଖେଳ ଅନୁଷ୍ଠିତ ହେବା ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ।

ଜ୍ୟୋତିସ୍ପୋର୍ଟିଂ କ୍ରିକେଟ କ୍ଲବ୍‌ର ଚତୁର୍ଥ ଦିବସ ପ୍ରତିଯୋଗିତା

ବିରମହାରାଜପୁର, ୨୪।୧ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କେନଝରିଆପାଲି ହାଇସ୍କୁଲ ପଡ଼ିଆରେ ଜ୍ୟୋତିସ୍ପୋର୍ଟିଂ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ୧୯ ତମ କ୍ରିକେଟ କପ୍‌ର ଶନିବାର ଚତୁର୍ଥ ଦିବସରେ ପ୍ରଥମ ମ୍ୟାଚ୍ କେନଝିରିଆପାଲି ଓ ବୀରସିଂହପୁର ମଧ୍ୟରେ ହୋଇଥିଲା। ପ୍ରଥମେ କେନଝିରିଆପାଲି ଦଳ ବ୍ୟାଟିଙ୍ଗ କରି ୮ ଓଭରରେ ୩ ଉଇକେଟ ହରାଇ ୧୪୧ରନ କରିଥିଲା ଜବାବରେ ବୀରସିଂହପୁର ଦଳ ୮ ଓଭର ୫ଉଇକେଟ ହରାଇ ୭୧ରନ କରି ପରାସ୍ତ ହୋଇଥିଲା। ଦ୍ୱତୀୟ ମ୍ୟାଚ୍ ସାମସିଙ୍ଗା ଓ ତ୍ରିବଣପୁର ମଧ୍ୟରେ ହୋଇଥିଲା ପ୍ରଥମେ ତ୍ରିବଣପୁର ଦଳ ବ୍ୟାଟିଂ କରି ୮ ଓଭରରେ ୬ଉଇକେଟ ହରାଇ ୯୪ରନ କରିଥିଲକ୍ଷ ଜବାବ ରେ ସାମସିଙ୍ଗାଦଳ ୪ଓଭର ୫ ଟି ବଲରେ ୨ ଉଇକେଟ ହରାଇ ୯୫ରନ କରି ବିଜୟୀ ହୋଇଥିଲା ପ୍ରଥମ ମ୍ୟାଚର ବିଜେତା କେନଝିରିଆପାଲି ଓ ଦ୍ୱତୀୟ ମ୍ୟାଚର ବିଜେତା ସାମସିଙ୍ଗା ମଧ୍ୟରେ ମ୍ୟାଚ୍ ହୋଇଥିଲା ଏଥିରେ ପ୍ରଥମେ କେନଝିରିଆପାଲି ଦଳ ବ୍ୟାଟିଂ କରି ୬ ଓଭରରେ ୪ଉଇକେଟ ହରାଇ ୩୮ ରନ କରିଥିଲା ଜବାବରେ ସାମସିଙ୍ଗାଦଳ ୩ଓଭର ୪ଟି ବଲରେ ୨ ଉଇକେଟ ହରାଇ ୪୦ରନ କରି ବିଜୟୀ ହୋଇଥିଲା ଫଳରେ ସାମସିଙ୍ଗା ଦଳ କେନଝିରିଆପାଲି ଦଳକୁ ହରାଇ ଚତୁର୍ଥ ଦଳ ଭାବରେ ସେମିଫାଇନାଲରେ ପ୍ରବେଶ କରିଛି। ଅଶ୍ୱିନୀ ସାହୁଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବରେ କେନଝିରିଆପାଲି ପୂର୍ବତନ ସମିତି ସଭ୍ୟ ରୁଷଭ ପଧାନ ଓ କମିଟିର ବରିଷ୍ଠ ଖେଳାଳି ବୀରେନ୍ଦ୍ର ପଧାନ ଅତିଥି ଭାବରେ ଯୋଗଦେଇ ଥିଲେ। ଖେଳକୁ ପରିଚାଳନା ତରଣୀସେନ ପଧାନ, ପ୍ରବୀଣ ଦେହୁରୀ, ବେଣୁଧର ପଧାନ. ସର୍ବେଶ୍ୱର ପଧାନ, ପିଣ୍ଟୁ ମେଣ୍ଡିଲି, ଆଶୁତୋଷ ପଧାନ, ମିଥୁନ କର୍ଣ୍ଣ, ଦୀନବନ୍ଧୁ ନାଏକ, ନୟନ କର୍ଣ୍ଣ, ସାବ୍ୟକାନ୍ତ ଦେହୁରୀ, ପ୍ରଶାନ୍ତ ପଧାନ, ସୁଶାନ୍ତ ମେଣ୍ଡିଲ, ନୃପତି ପଧାନ, ଅଭିଷେକ କର୍ଣ୍ଣ, ଗଙ୍ଗାଧର ରଣା, ଆମ୍ପାୟର ଓ ସଚୀନ ଦେହୁରୀ ଓ ପୃଥ୍ୱୀରାଜ ମହାକୁର, ବେଦ ବ୍ୟାସ କର୍ଣ୍ଣ ସ୍କୋରର, ଝସକେତନ ରଣା ଓ ଇନ୍ଦ୍ରଜିତ ଦାଶ ଧାରାବିବରଣୀ ପ୍ରଦାନ କରିଥିଲେ।

ନାରାୟଣନଗର ଯୁଗ୍ମ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଜଳନ୍ଧର ଦରବାରରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଜହ୍ନାପଙ୍କ, ୨୪ ।୧(ସମିସ)

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗର ଠାରେ ଶ୍ରୀଜଗନ୍ନାଥ ଓ ଶ୍ରୀରାମଙ୍କ ଭବ୍ୟ ଯୁଗ୍ମ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବର ପଞ୍ଚମ ଦିବସରେ ମିନକ୍ଷବଜାର, ସାମାଜିକ ନାଟକ ଓ ଜଳନ୍ଧର ଦରବାର ଅନୁଷ୍ଠିତ ହୋଇଛି। ଚାରିଦିନ ଧରି ଅନୁଷ୍ଠିତ ହୋଇଥିବା ପ୍ରବଚନ ଓ ତିନି ଦିନ ଧରି ଅନୁଷ୍ଠିତ ପରାୟଣ ମଧ୍ୟ ଉଦ୍‌ଯାପିତ ହୋଇଯାଇଛି। ସେହିପରି ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ଚବିଶ ପ୍ରହରୀ ନାମଯଜ୍ଞ ମଧ୍ୟ ଉଦ୍‌ଯାପିତ ହୋଇଯାଇଛି। ଦିନ ୧୦ ଟାରେ ଗ୍ରାମର ସମସ୍ତ ମହିଳା ପୁରୁଷ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ରାତିରେ ଜଳନ୍ଧର ଦରବାର ଆରମ୍ଭ ହୋଇଥିଲେ। ଜଳନ୍ଧର ମନରଞ୍ଜନ ଚିର୍ଗୁଣ, ମହାମନ୍ତ୍ରୀ ପ୍ରସନ୍ନ ନାଥ, ଶିବ କୃଷ୍ଣ ଚନ୍ଦ୍ର ବାରିକ, ବିଭୀଷଣ ଦଣ୍ଡସେନା, ରାଜ ପ୍ରହରୀ ଆଶିଷ



ବାଘ, ବିଷ୍ଣୁ ବିଜୟ କୁମାର ଷଷଣ୍ଢ, ଇନ୍ଦ୍ର ଗୋବର୍ଦ୍ଧନ ଚିରଗୁଣି, ପାର୍ବତୀସନ୍ଧ୍ୟାରାଣୀ ପ୍ରମୁଖ ଅଭିନୟ କରିଥିଲେ। ମନ୍ଦିର କମିଟିର ଉପଦେଷ୍ଟା ଭୋଲାଗିରି ସାହୁଙ୍କ ସଭାପତିତ୍ୟରେ ରାଜ ଦରବାରରେ ମୁଖ୍ୟଅତିଥି ଭାବେ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ବ୍ରହ୍ମକ୍ଷନନ୍ଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଯୁଗ୍ମ ମନ୍ଦିର ବରିଷ୍ଠ ସଦସ୍ୟ ରଘୁନାଥ ମେହେର, ବୌଦ୍ଧ ପୋଲିସ ଭୈରବୀ ସ୍କ୍ୱାଡ଼ ମୁଖ୍ୟ ନିବେଦିତା ରଥ ଓ ସାଥିଗଣ ମଞ୍ଚାସିନ ଥିଲେ। ରାଜ ଦରବାରରେ ନବ କିଶୋର ମେହେର ମଞ୍ଚ ପରିଚାଳନା କରିଥିଲେ।ଏହାପରେ ଓଡ଼ିଶା ଷ୍ଟେଟ ବ୍ରିଗେଡ଼ ସ୍କୁଲ, ଲକ୍ଷ୍ମୀପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଜଗତି ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂକୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ରାତ୍ର ୧୦ ଘଣ୍ଟା ସମୟରେ ଗ୍ରାମ୍ୟ କଳାକାରଙ୍କ ଦ୍ୱାରା 'ହେ ମଣିଷ, କାନ୍ଦିବ ଆସ'ମଞ୍ଚସ୍ଥ ହୋଇଥିଲା।

ପ୍ରଶାସନର ଆଢୁଆଳରେ ରହିଯାଇଛି ସରକାରୀ ଯୋଜନା

ଆନନ୍ଦପୁର,୨୪।୧(ସମିସ)



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ପ୍ରଶାସନର ଆଢୁଆଳରେ ରହିଯାଉଥିବା ମନୋହରପୁର ଅଞ୍ଚଳ ଏକଦା ଲୋକଙ୍କ ପାଇଁ ଅଜଣା ଥିଲା। ୨୭ ବର୍ଷ ତଳେ ୧୯୯୯ ଜାନୁଆରୀ ୨୨ରେ ଏଠାରେ ଘଟିଥିବା ଏକ ଅମାନବୀୟ ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। ଖ୍ରୀଷ୍ଟଧର୍ମ ପ୍ରଚାରକ ଅଷ୍ଟ୍ରେଲିଆର ନାଗରିକ ଗ୍ରାହମ୍ ଷ୍ଟେନ୍ସ ଓ ତାଙ୍କର ଦୁଇ ଶିଶୁପୁତ୍ର ଫିଲିପ ଓ ତିମୋଥିଙ୍କୁ ଜିଅନ୍ତା ଜାଳି ହତ୍ୟା କରାଯାଇଥିଲା। ଏହାପରେ ମନୋହରପୁର ଲୋକଲୋଚନକୁ ଆସିଥିଲା। ଇତିମଧ୍ୟରେ ମନୋରହରପୁରରେ ଅନେକ ବିକାଶମୂଳକ କାମ ହୋଇଛି। ତଥାପି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ କ୍ଷେତ୍ରରେ ସମସ୍ୟା ରହିଛି। ମନୋହରପୁରଗ୍ରାମର କଡାସାହିରେ ଜଙ୍ଗଲ କ୍ୟାମ୍ପରେ ଯୋଗଦେବାକୁ ଆସିଥିବା ଅଷ୍ଟ୍ରେଲିଆର ଧର୍ମଯାଜକ ଗ୍ରାହମ୍ ଷ୍ଟେନ୍ସ ଓ ତାଙ୍କର ଦୁଇ ନାବାଳକ ପୁଅ ଫିଲିପ ଓ ତିମୋଥିଙ୍କୁ ଗାଡ଼ି ଭିତରେ ଶୋଇଥିବା ଅବସ୍ଥାରେ ଜାଳି ଦିଆଯାଇଥିଲା। ଏହି ବର୍ବରକାଣ୍ଡ ଆଲୋଡ଼ନ ସୃଷ୍ଟି କରିବା ଦେଶବିଦେଶରୁ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ସୁଅ ଛୁଟିଥିଲା ମନୋହରପୁରକୁ। ଆନନ୍ଦପୁର ସଦର ମହକୁମାଠାରୁ ମନୋହରପୁରର ଦୂରତା ପ୍ରାୟ ୫୦କିମି। ଚିଆଁବେଡ଼ା ଛକରୁ ଏହି ଗ୍ରାମର ଦୂରତା ୨୦କିମି। ପୂର୍ବରୁ ନିର୍ମିତ ହୋଇଥିବା ପିଚୁରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିଲା। ପୂର୍ବତନ ବିଧାୟକ ଭାଗୀରଥି ସେଠୀଙ୍କ ଉଦ୍ୟମରେ ଚିଆଁବେଡ଼ାରୁ ମନୋହରପୁର ପର୍ଯ୍ୟନ୍ତ ୨୦କିମି ରାସ୍ତା ରାସ୍ତା ଓ ଗୃହ ବିଭାଗ ପକ୍ଷରୁ ୨୪କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି। ମନୋହରପୁରରେ ନୂତନ ଥାନା ନିର୍ମାଣ ହୋଇଥିବା ବେଳେ ଖୁବଶୀଘ୍ର ଏହାର ଉଦ୍‌ଘାଟନ ହେବାକୁ ଯାଉଛି। କ୍ରୀଡ଼ାର ବିକାଶ ପାଇଁ ୫୦ଲକ୍ଷ ଟଙ୍କା ବ୍ୟୟରେ ଷ୍ଟାଡିୟମ ନିର୍ମାଣ ଚାଲିଛି। କିଛିବର୍ଷ ତଳେ ଲୋକଲୋଚନକୁ ଆସିଥିବା ସୁନାମୁନି ଜଙ୍ଗଲ ବିଟ୍ ଓ କଣ୍ଟାମୂଳି ଜଳପ୍ରପାତ ଏବେ ଚର୍ଚ୍ଚାରେ ରହିଛି। ଏହି ଦୁଇ ସ୍ଥାନରେ ପର୍ଯ୍ୟଟକଙ୍କ ଭିଡ଼ଜମୁଛି। ଅନ୍ୟପକ୍ଷରେ ୧୯୯୪ରେ ଏଠାରେ ଏକ ହାଇସ୍କୁଲ ପ୍ରତିଷ୍ଠା ହୋଇଥିଲା। ଶିକ୍ଷକ ସମସ୍ୟା ଓ ଉପରିସ୍ଥ ଅଧିକାରୀଙ୍କ ଅଣଦେଖା ଯୋଗୁଁ ତାହା ବନ୍ଦ ହୋଇଯାଇଛି। ଏଠାରେ ଆଜି ପର୍ଯ୍ୟନ୍ତ ଡାକ୍ତରଖାନା ପ୍ରତିଷ୍ଠା ହୋଇପାରିନି। ନିକଟସ୍ଥ ପଣସଡିହା ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ନ ଥିବାରୁ ଲୋକେ ଠାକୁରମୁଣ୍ଡା ନଚେତ ଆନନ୍ଦପୁର ଡାକ୍ତରଖାନା ଯାଉଛନ୍ତି। ପଞ୍ଚାୟତର ଅନେକ ଗ୍ରାମରେ ଏବେ ବି ଲୋକେ ଜଳକଷ୍ଟର ସମ୍ମୁଖୀନ ହେଉଛନ୍ତି। ଦୁଇଟି ଗ୍ରାମକୁ ରାସ୍ତା ନାହିଁ।

● ମଦ ପ୍ରସ୍ତୁତି ସମୟରେ ପୁଲିସ ଚଢ଼ଉ

ଲକ୍ଷାଧିକ ଟଙ୍କାର ପୋଚ ନଷ୍ଟ



ତୁରୁମୁଙ୍ଗା,୨୪।୧(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଦାଶପଥୀପୁର ପତଳା ସାହିରେ ବେଆଇନ ଦେଶୀ ମହୁଲି ମଦ ପ୍ରସ୍ତୁତ ସମୟରେ ଶନିବାର ସକାଳୁ ତୁରୁମୁଙ୍ଗା ପୁଲିସ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ମହୁଲି ପଚ ନଷ୍ଟ କରିବା ସହ ମଦ ରନ୍ଧା ସାମଗ୍ରୀକୁ ନଷ୍ଟ କରିଛି। ଚଢ଼ାଉ ଦେଖି ମାଫିଆ ଛତ୍ରଭଙ୍ଗ ଦେଇ ଫେରାର ହୋଇ ଯାଇଥିବା ବେଳେ ମାଟିତଳେ ଗାତ କରି ମହୁଲ ପଚକୁ ରଖିବା ସହ କୁଟା ଗଦା ଭିତରେ ଲୁଚାଇ ରଖିଥିଲେ ମାଫିଆ। ଏଠାରେ ଦେଶୀ ମହୁଲି ମଦ ପ୍ରସ୍ତୁତ କରି ମାଫିଆ ମାନେ କେନ୍ଦୁଝର ତଥା ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଥିଲେ। ଚଢ଼ଉରେ ଏକ ପ୍ଲାଟୁନ ପୁଲିସ ଫୋର୍ସ ସହ ତୁରୁମୁଙ୍ଗା ପୁଲିସ ସାମିଲ ହୋଇ ମହୁଲ ପଚକୁ ନଷ୍ଟ କରିଥିବାବେଳେ ମାଫିଆଙ୍କୁ ଗିରଫ କରିପାରିନି।

ଅପରେସନ ଗୋ-ରକ୍ଷକ

ବିଭିନ୍ନ ସ୍ଥାନରେ ଚଢ଼ଉ କଲା ଟାଉନ ପୁଲିସ



କେନ୍ଦୁଝର,୨୪।୧(ସମିସ): କେନ୍ଦୁଝର ପୁଲିସ ପକ୍ଷରୁ ଚାଲିଥିବା ଅପରେସନ ଗୋ-ରକ୍ଷକରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଛି। ଏନେଇ ଆଜି କେନ୍ଦୁଝର ଟାଉନ ଥାନା ରାଙ୍କି ଗ୍ରାମରେ ତପନ କୁମାର ବାରିକ ଓରଫ ଟିଟୁ ବାରିକଙ୍କ ଘରେ ଚଢ଼ଉ କରିଛି କେନ୍ଦୁଝର ଟାଉନ ପୁଲିସ। ପୁଲିସ ଚଢ଼ଉବେଳେ ତପନ ବାରିକ ଘରେ ନ ଥିବାବେଳେ ତାଙ୍କ ପରିବାର ଲୋକଙ୍କ ଉପସ୍ଥିତରେ ଏହି ଚଢ଼ଉ ଜାରି ରହିଛି। ତାଙ୍କ ଘରେ ଛାନଭିନ୍ କରୁଛି ପୁଲିସ। ବେଆଇନ ଗୋ-ବ୍ୟବସାୟ କରି ଶ୍ରୀ ବାରିକ କେତେ ରୋଜଗାର କରିଛନ୍ତି ତାର ସୁରାକ୍ ଖୋଜିଛି ପୁଲିସ। ରାଙ୍କୀର ଘର ଚଢ଼ଉ ପରେ ପରେ ପୁରୁଣାବଜାର ସ୍ଥିତ ଝରାସାହିରେ ତପନ ବାରିକଙ୍କ କିଣିଥିବା ଘର ଉପରେ ମଧ୍ୟ ଚଢ଼ଉ କରି ତଦନ୍ତ ଚଳାଇଛି କେନ୍ଦୁଝର ପୁଲିସ। ତପନ ବାରିକଙ୍କ ଲିଙ୍କରେ ଗୋ ଚାଲାଣରେ ସମ୍ପୃକ୍ତ ନେଇ ଆନେକ ଦିନରୁ ଅଭିଯୋଗ ହୋଇ ଆସୁଥିଲା। ଏଥିସହିତ କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଦୁଃଖିଆ ଛକରେ ଥିବା ସେଖ ନାଶିରଙ୍କ ଘରେ ମଧ୍ୟ ବେଆଇନ ଗୋଚାଲାଣ ନେଇ ଚଢ଼ଉ କରିଛି କେନ୍ଦୁଝର ପୁଲିସ। ଏହାସହ ଗୋଚାଲାଣରୁ ରୋଜଗାର କରି ସେମାନଙ୍କ କେଉଁ କେଉଁ ସ୍ଥାନରେ ବ୍ୟବସାୟ ପ୍ରତିଷ୍ଠାନ କରି ଏହି ସାମ୍ରାଜ୍ୟକୁ ବିସ୍ତାର କରିଛନ୍ତି ସେନେଇ ପୁଲିସ ତଦନ୍ତ କରୁଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଚଢ଼ଉ ଜାରି ରହିଥିବାରୁ ସବିଶେଷ ତଥ୍ୟ ହସ୍ତଗତ ହୋଇନାହିଁ।

ଧର୍ମପରାୟଣ ମହିଳାଙ୍କ ପରଲୋକ




ଆନନ୍ଦପୁର,୨୪।୧(ସମିସ): ଆନନ୍ଦପୁର ୬ ନମ୍ବର ୱାର୍ଡ ନିବାସୀ ଧର୍ମ ପରାୟଣା ମହିଳା ସୁଲୋଚନା ପାଢ଼ୀଙ୍କ ୮୭ବର୍ଷ ପରଲୋକ ଘଟିଛି। ମୃତ୍ୟୁ ଖବରପାଇ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଶୁମନ ଅର୍ପଣ କରିଥିଲେ। ସେ ଶ୍ରୀ ଦଧିବାମନ ଜିଉ ମନ୍ଦିରର ଜଣେ ସମର୍ପିତ ଭାବନାର ସେବାଧାରୀ ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଜ୍ୟେଷ୍ଠ ପୁତ୍ର ତଥା ସେବାନିବୃତ ବ୍ୟାଙ୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଓ ଝିଅ, ଜ୍ୱାଇଁ ଓ ଅନ୍ୟ ବନ୍ଧୁବାନ୍ଧବ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତେଷ୍ଟିକ୍ରିୟା ସମାପନ କରାଯାଇଛି। କନିଷ୍ଠ ପୁତ୍ର ଜଗନ୍ନାଥ ପାଢ଼ୀ ମୁଖାଗ୍ନି ଦେଇଛନ୍ତି।

ବନାଗ୍ନି ନିରାକରଣ ସଚେତନତା ଶିବିର



ତୁରୁମୁଙ୍ଗା,୨୪।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ କାର୍ଯ୍ୟାଳୟ ପରିସରରେ ଶନିବାର ବନାଞ୍ଚଳସ୍ତରୀୟ ବନସୁରକ୍ଷା ସମିତି ସମନ୍ୱୟ ବୈଠକ ଓ ବନାଗ୍ନି ନିରକାରଣ ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାଟଣାବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ କିପରି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରି ହେବ ସେନେଇ ନିଜର ବକ୍ତବ୍ୟ ରଖିବା ସହ ଲୋକଙ୍କୁ ସଚେତନତା କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ବୀଣାପାଣି ନାୟକ, ପାଟଣା ଅଗ୍ନିଶମ ଅଧିକାରୀ ଗୌର ମୋହନ ହେମ୍ବ୍ରମ ଏ.ସି.ଏଫ ସୁଦୀପ୍ତ ପଣ୍ଡା, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପାର୍ଥ ସାରଥୀ ଦାଶ, ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାର, ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂହ, ପ୍ରେସ୍‌କ୍ଲବ ସଭାପତି କିଶୋର ଚନ୍ଦ୍ର ମହାନ୍ତ, ବ୍ଲକ କୃଷି ଅଧି ଦର୍ଶକ ଅଭୟ କୁମାର ରାଉତ, ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଉପସ୍ଥିତ ରହି ଜଙ୍ଗଲକୁ କିପିରି ନିଆଁଦାଉରୁ ରକ୍ଷା କରିହେବ ସେ ନେଇ ସଚେତନତା କରିଥିଲେ। ତୋଣ୍ଡ ବିଟ୍‌ର ବନରକ୍ଷୀ ଦୀପକ ସ୍ୱାଇଁ ସଭା ପରିଚାଳନା କରିଥିବାବେଳେ ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଧନ୍ୟବାଦ ଦେଇଥିଲେ। ପାଟଣା ବନପାଳ ନିରଞ୍ଜନ ସେଠୀ, ସାହାରପଡା ବନପାଳ ଶ୍ରୀମନ୍ତ ବେହେରା, ବନରକ୍ଷୀ ହୃଦାନନ୍ଦ ମହାନ୍ତି, ଦୀପକ ରଣା, ରାଜେଶ କୁମାର ଜେନା, ଡଲିରାଣୀ ସାହୁ, ରୁପଶ୍ରୀ ଖୁଣ୍ଟିଆ, ସୁଜାତା ସାହୁ, ଅନନ୍ୟା ପ୍ରିୟଦର୍ଶିନୀ ନାଏକ, ରଞ୍ଜିତା ମହାନ୍ତ, ଝରଣା ସାହୁଙ୍କ ସମେତ ବନବିଭାଗର ପାରାଷ୍ଟାଫ୍ ସହଯୋଗ କରିଥିଲେ।

ପଞ୍ଚମୁଖୀ ସିଦ୍ଧ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ



ଆନନ୍ଦପୁର,୨୪।୧(ସମିସ): ଆନନ୍ଦପୁରର ମୁକ୍ତିତୀର୍ଥ ଆନନ୍ଦଧାମ ରିଙ୍ଗରୋଡ୍ ଛକ ସ୍ଥିତ ପଞ୍ଚମୁଖୀ ସିଦ୍ଧ ହନୁମାନ ମନ୍ଦିରର ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବ ୪ ଦିନ ଧରି ପାଳିତ ହେବ। ୨୭ରେ ହନୁମାନଙ୍କ ସହସ୍ରାହୁତୀ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଥିବା ପଞ୍ଚମୁଖୀସିଦ୍ଧହନୁମାନଙ୍କ ପରିବାରବର୍ଗଙ୍କ ପକ୍ଷରୁ ଦେବରଞ୍ଜନ ସାହୁ ଜ୍ଞାନ ସାହୁ ସୂଚନା ଦେଇଛନ୍ତି। ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରତିଦିନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବାବେଳେ ଉତ୍ସବର ମାହୋଲକୁ ଦ୍ୱିଗୁଣିତ କରିବା ପାଇଁ ଶ୍ରଦ୍ଧାଳୁଙ୍କପାଇଁ ପ୍ରତିଦିନ ସନ୍ଧ୍ୟାରେ ପ୍ରବଚନ ଓ ଭକ୍ତି ସଂଗୀତ ପରିବେଷଣ ବ୍ୟବସ୍ଥା କରାଯାଇଥିଲା।

ଜଗନ୍ନାଥ ଡିଗ୍ରୀ କଲେଜରେ ଜାତୀୟ ଭୋଟର ଦିବସ



ଆନନ୍ଦପୁର,୨୪।୧(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତ ନୟାଗଡ଼ସ୍ଥିତ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ଅଧକ୍ଷ ସରୋଜକାନ୍ତ ରାଉତଙ୍କ ଅଧକ୍ଷତାରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ରାଷ୍ଟ୍ର ନିର୍ମାଣରେ ନାଗରିକଙ୍କ ଭୂମିକା ତଥା ଜଣେ ସଚେତନ ନାଗରିକର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ଚିତ୍ତରଞ୍ଜନ ନାୟକ ଗଣତନ୍ତ୍ରରେ ଜନତା ଜନାର୍ଦ୍ଦନ ଏବଂ ଜନମତ ସର୍ବୋପରି ବୋଲି ମତବ୍ୟକ୍ତ କରିଥିଲେ। ପରିଚାଳନାରେ ଅନୁଷ୍ଠାନର ଅଧ୍ୟାପକ ଜୟନ୍ତ କୁମାର ମହାନ୍ତି, ସୌରୀପ୍ରସାଦ ମହାନ୍ତି, ବିନୟକୁମାର ସ୍ୱାଇଁ, ଅଧ୍ୟାପିକା ୟୁରୀ ଚକ୍ର, ଦେବସ୍ମିତା ଜେନା, ସନ୍ଧ୍ୟାରାଣୀ ରାଉତ, ତପସ୍ୱିନୀ ପାତ. କ୍ରୀଡ଼ାଶିକ୍ଷକ କୈଳାସ ଚନ୍ଦ୍ର ନାୟକ, ସନାତନ ସାହୁ, କମ୍ପ୍ୟୁଟରସହାୟକ ଲକ୍ଷ୍ମୀଧର ରାଉତ, ପାଠାଗାର ସହାୟକ ପ୍ରଭାକର ପାଣି ଏବଂ କର୍ମଚାରୀ ସୌଦାମିନୀ ପହି ସହଯୋଗ କରିଥିଲେ।

କେନ୍ଦୁଝରଗଡରେ ସରସ୍ୱତୀ ପୂଜା ଓ ମାତୃ ସମ୍ମିଳନୀ



କେନ୍ଦୁଝର,୨୪।୧(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜେଲରୋଡ, କେନ୍ଦୁଝରଗଡ଼ଠାରେ ସରସ୍ୱତୀ ପୂଜା ଓ ଶିଶୁବାଟିକା ବିଭାଗର ବିଦ୍ୟାରମ୍ଭ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ପ୍ରାରମ୍ଭରେ ଶିଶୁବାଟିକାର ଉଦୟ ବିଭାଗ ଶିଶୁଙ୍କ ଦ୍ୱାରା ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ସହ ଖଡିଛୁଆଁ କାର୍ଯ୍ୟାକ୍ରମ କରାଯାଇଥିଲା। ଏହି ପୂଜା ଅବସରରେ ଅପରାହ୍ଣରେ ସାମୂହିକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଥିଲା। ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ବିଜେପି ରାଷ୍ଟ୍ରୀୟ ପରିଷଦର ସଦସ୍ୟା ମମିତା ନାଏକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା କଲ୍ୟାଣୀ ମାଝୀ ଯୋଗଦେଇ ଶିଶୁ ଶିକ୍ଷାରେ ଭାରତୀୟତା ଓ ଉତ୍ତମ ଚରିତ୍ର ଗଠନରେ ମାଆମାନଙ୍କର ଭୂମିକା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ପରିଚାଳନା ସମିତିର ସଦସ୍ୟା ଦୁଲାରୀ କିସ୍କୁ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ କରିବା ସହ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା ଯୋଗଦାନ କରି ଶିଶୁଙ୍କ ପାଇଁ ମାଆମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ୭୦୦ରୁ ଊର୍ଦ୍ଧ୍ୱ ମାଆ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଅଚାର୍ଯ୍ୟା ମଞ୍ଜୁଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଅଚାର୍ଯ୍ୟା ପରିଚାଳନାରେ ସହଯୋଗ କରିଥିଲେ।

ବାଲ୍ୟବିବାହ ନିରାକରଣ ସଚେତନତା ଶିବିର



ଆନନ୍ଦପୁର,୨୪।୧(ସମିସ): ଆନନ୍ଦପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆନନ୍ଦପୁରର ଛାତ୍ରୀମାନଙ୍କ ମଧ୍ୟରେ ଆଇନ ସଚେତନତା ତଥା ବାଲ୍ୟବିବାହ ନିରାକରଣ ନିମନ୍ତେ ଶନିବାର ଦିନ ଏକ ସଭାର ଆୟୋଜନ କରାଯାଇଥିଲା। ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ ଆଇନସେବା ସମିତିର ଅଧକ୍ଷ ଦେବଦତ୍ତ ଦାସ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଚେତନତା ସଭାରେ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପାଠକ ସାମ୍ପ୍ରତିକ ପରିସ୍ଥିତିରେ ବାଳିକା ଓ ମହିଳାମାନେ ବିଭିନ୍ନ ସାମାଜିକ ସମସ୍ୟାରେ ଅବହେଳିତ ହେଉଆସୁଥିବା ସମୟରେ ପିଲାମାନେ ନିଜେ ନିଜର ସୁରକ୍ଷା ନିମନ୍ତେ ପ୍ରତିଟି ମୁହୁର୍ତ୍ତରେ ଅଧିକ ପ୍ରଯତ୍ନଶୀଳ ଓ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବରେ ଉପଖଣ୍ଡ ନ୍ୟାୟିକ ବିଚାରପତି ଗୌରିଶଙ୍କର ପଣ୍ଡା ଶିଶୁମାନଙ୍କ ମଧ୍ୟରେ ଶିକ୍ଷା ସଚେତନତା ସହିତ ସୁରକ୍ଷା ଦିଗରେ ବିଭିନ୍ନ ଆଇନର ସହଯୋଗ ନିମନ୍ତେ ତାଲୁକ୍ ଆଇନ ସେବାର ଆଶା କାର୍ଯ୍ୟକାରିତା ଦିଗରେ ବିଶେଷ ଭାବରେ ଆଲୋଚନା କରି ପିଲାମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲା ଦୌରାଜଜ ଦାସ ମହାପାତ୍ର ଗପ ମାଧ୍ୟମରେ ବାଲବିବାହ ଯୋଗୁଁ ସମାଜରେ ଘଟୁଥିବା ବିଭିନ୍ନ ହିଂସାତ୍ମକ କାର୍ଯ୍ୟକଳାପର ଅବତାରଣା କରି ବାଲ୍ୟବିବାହ ରୋକିବା ଦିଗରେ ଆଇନଗତ ପରାମର୍ଶ ସହିତ ଦଣ୍ଡ ପ୍ରାବଧାନ ବିଷୟରେ ଆଲୋକପାତ କରିଥିଲେ। ଓକିଲ ସଂଘର ସଭାପତି ଦୟାନିଧି ଦାଶ ଶିଶୁମାନେ ଏବେଠୁ ସଚେତନ ହେଲେ ଏକ ସୁରକ୍ଷିତ ଉଜ୍ଜ୍ୱଳମୟ ଜୀବନ ଗଢିପାରିବେ ବୋଲି ପ୍ରକାଶ କରିଥିଲେ। ଆଇନଜୀବୀ ତଥା ଶିଶୁ ସୁରକ୍ଷା ସହଯୋଗୀ ଭାଗୀରଥି ଦାଶ ବାଲ୍ୟବିବାହର କାରଣ ନିରାକରଣ ଦିଗରେ ଆଲୋଚନା କରି ସୁରକ୍ଷିତ ପରିବେଶରେ ଅସହିଷ୍ଣୁତା ଦେଖାଦେଲେ ୧୦୯୮ ଟୋଲଫ୍ରି ଅବା ୧୮୧ ଓ ୧୧୨ ର ତତ୍‌କ୍ଷଣାତ ସହଯୋଗ ଲୋଡିପାରିବାର ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। ନାଲସାର ୧୫୧୦୦ ଟୋଲ୍‌ଫ୍ରିର ସାହାଯ୍ୟରେ ସମସ୍ତ ଆଇନଗତ ପରାମର୍ଶ ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଆଇନଜୀବୀ ବାଇଧର ସେଠୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା କର୍ମଚାରୀ ଦେବାଶିଷ ବେହେରା ଏବଂ ନବକିଶୋର ନାୟକ, ଅଧିକାର ମିତ୍ରମାନେ ସହଯୋଗ କରିଥିଲେ। ଶିକ୍ଷକ ହରେକୃଷ୍ଣ ଯେନା ଧନ୍ୟବାଦ ଅର୍ପଣ କରିଥିଲେ।

ଅବସରପ୍ରାପ୍ତ ଜିଲ୍ଲା ସହ କୃଷିଅଧିକାରୀଙ୍କ ପରଲୋକ



ତୁରୁମୁଙ୍ଗା,୨୪।୧(ସମିସ): ପାଟଣା ବ୍ଲକ୍ ମୁଖ୍ୟାଳୟସ୍ଥିତ ବଡ଼ପାଟଣା ଗ୍ରାମ ବାସିନ୍ଦା ତଥା ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲା ସହ କୃଷି ଅଧିକାରୀ ଗଦାଧର ମହାନ୍ତଙ୍କ ଶୁକ୍ରବାର ରାତିରେ ୮୭ ବର୍ଷ ବୟସରେ ପରଲୋକ ଘଟିଛି। ସେ ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ପାଟଣା ମୁଖ୍ୟାଳୟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ତାଙ୍କ ମୃତ୍ୟୁରେ ପାଟଣା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଅନ୍ତିମ ଶଯ୍ୟାନିକଟରେ ତାଙ୍କ ବଡ଼ପୁଅ ଡ. ନିର୍ମଳ ମହାନ୍ତ, ସାନପୁଅ ଦେବେନ୍ଦ୍ର ମହାନ୍ତ, ଝିଅ, ଜ୍ୱାଇଁ, ନାତି ନାତୁଣୀଙ୍କ ସହିତ ସପରିବାର ଉପସ୍ଥିତ ଥିଲେ। ମୃତ୍ୟୁଖବର ପାଇ ତାଙ୍କ ବାସଭବନରେ ପାଟଣାବିଧାୟକ ଅଖିଳ ଚନ୍ଦ୍ର ନାଏକ, ବିଧାୟକଙ୍କ ପ୍ରତିନିଧି କମଳା କାନ୍ତ ଦାଶ, ପୂର୍ବତନ ବ୍ଲକ ଅଧକ୍ଷ ତଥା ସମାଜିକ କର୍ମୀ ବିଦ୍ୟାଧର ଦାଶ, ସନାତନ ଦାଶ, ବିଦ୍ୟାଧର ମହାନ୍ତ, ପ୍ରମୋଦ କୁମାର ଭଞ୍ଜଦେଓ, ଅଜୟ କୁମାର ଦାଶ, ଅରୁଣ କୁମାର ମିଶ୍ର, ବିବେକାନନ୍ଦ ଦାଶ, ଭରତ ଚନ୍ଦ୍ର ସାହୁ, ବିଜୟରତ୍ନ ପତି, ପାଟଣା ବଣିକ ସଙ୍ଘ ସଭାପତି ବୁଲୁ ଭଞ୍ଜ, ଅରବିନ୍ଦ ଦାଶ, ହଳଧର ମହାନ୍ତ, ପ୍ରଶାନ୍ତ କୁମାର ଭଞ୍ଜଦେଓଙ୍କ ସହିତ ପାଟଣା ଶିଶୁ ମନ୍ଦିରର ସମସ୍ତ ଗୁରୁଜୀଗୁରୁମା ଓ ଛାତ୍ରଛାତ୍ରୀମାନେ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଅନ୍ତିମ ଦର୍ଶନ କରିବା ସହିତ ଶୋକ ବ୍ୟକ୍ତ କରିଛନ୍ତି। ପାଟଣା ବୈତରଣୀ କୂଳ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମସଂସ୍କାର କରାଯାଇଥିଲା। ବଡ଼ପୁଅ ଡ. ନିର୍ମଳ ମହାନ୍ତ ମୁଖାଗ୍ନି ଦେଇଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ : ୦୧.୦୧.୧୯୨୦ (ଗୁରୁବାର)
ତିରୋଧାନ : ୧୫.୦୧.୨୦୨୬ (ଗୁରୁବାର)

୰ଗୁରୁବାରି ମହାନ୍ତି (୧୦୬ ବର୍ଷ)
ଗ୍ରାମ: ମମାନିପୁର, ବାମନବିନ୍ଧା, ପିରହାଟ, ଜିଲ୍ଲା- ଭଦ୍ରକ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, କର୍ତ୍ତବ୍ୟବପରାୟଣତା, ଏବଂ ମହାନୁଭବତା ଆମକୁ ସବୁଦିନ ପ୍ରେରଣା ଦେଉଥିବ। ଆପଣଙ୍କର ଅନୁପସ୍ଥିତି ଚିରଦିନ ପାଇଁ ଅପୂରଣୀୟ ହୋଇ ରହିବ। ଆପଣଙ୍କ ଏକାଦଶାହ ଅବସରରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ

Son- Gopal, Kailash, Kartika, Prahallad, Rabindra, Ramachandra, Rabi; Daughter- Laxmi, Kamali; Daughter-In-Law: Sudhapani, Nirupama, Kanchan, Puspa, Manorama, Tilotama; Grandson & Daughters- Mama, Lilu, Lipu, Dipu, Sini, Sonu, Chiku, Lipa, Dipa, Mamuni, Bulu, Tutunu, Ajata, Ranju, Babu, Lucy, Susmita; Nephew- Nila, Shanti; Great Grandson & Daughter - Barun, Shlok, Advik, Adidev, Jaga, Barsha, Chiki, Miku, Friends & Family

୨୮.୬୮ ଗ୍ରାମର ବ୍ରାଉନସୁଗର ଜବତ; ୨ ଗିରଫ

ତିର୍ତ୍ତୋଲ,୨୪।୧(ସମିସ): ତିର୍ତ୍ତୋଲ ପୁଲିସ ୨ ଜଣ ଯୁବକଙ୍କ ଠାରୁ ବିପୁଳ ପରିମାଣର ବ୍ରାଉନସୁଗର ଜବତ କରିବା ସହ ଉଭୟଙ୍କୁ ଶନିବାର ଅଦାଲତ ଚାଲାଣ କରିଛି। ଆଜି ତିର୍ତ୍ତୋଲ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ କୁମାର ଦାସ ସୂଚନା ଦେଇଛନ୍ତି। ତିର୍ତ୍ତୋଲ ଏସ୍‌ଡିପିଓ ଶ୍ରୀ ଦାସଙ୍କ ସୂଚନା ମୁତାବକ ଜଗତସିଂହପୁର ଏସପିଙ୍କ ନିର୍ଦ୍ଦେଶ କ୍ରମେ ତିର୍ତ୍ତୋଲକୁ ନିଶାମୁକ୍ତ କରିବା ପାଇଁ ଥାନାରେ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇ ବେଆଇନ ଗଞ୍ଜେଇ, ମଦ ଓ ଧଳା ଜହର ବ୍ୟବସାୟୀଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଗତକାଲି କଟକ- ପାରାଦୀପ ରାସ୍ତାରେ ତିର୍ତ୍ତୋଲ ପୁଲିସ୍ ଗାଡି ଯାଞ୍ଚ ବେଳେ ସମୟରେ ଏକ ବାଇକରେ ଆସୁଥିବା ଦୁଇ ଯୁବକଙ୍କୁ ପୁଲିସ ଅଟକାଇଥିଲା। ସ୍ଥାନୀୟ ମାଜିଷ୍ଟ୍ରେଟ ତଥାଅତିରିକ୍ତତହସିଲଦାରଙ୍କ ଉପସ୍ଥିତିରେଉଭୟଙ୍କ ତଲାସୀ ନିଆଯାଇଥିଲା। ଏମାନଙ୍କ ଠାରୁ ୨୮.୬୮ ଗ୍ରାମ ବ୍ରାଉନସୁଗର ଜବତ କରି ଗିରଫ କରିଥିଲା। ପୁଲିସ ସେମାନଙ୍କ ବ୍ୟବହୃତ ଗାଡିକୁ ଜବତ କରିଥିଲା। ଏହି ଦୁଇ ଜଣ ଅଭିଯୁକ୍ତ ତିର୍ତ୍ତୋଲ ଥାନା ଏରଡଙ୍ଗା ଗ୍ରାମର ଏନ୍.ସୌମେଶ (ପାପୁଲା) ଓ ଜଗତସିଂହପୁର ଥାନା ବଡଲହଙ୍ଗା ଗ୍ରାମର ସୁରେଶ ସ୍ୱାଇଁ, (ଟେଙ୍ଗା) ।ପୁଲିସ ଏକ ମାମଲା ରୁଜୁ କରିଆଜି ଅଦାଲତ ଚାଲାଣ କରିଛି ସାମ୍ବାଦିକ ସମ୍ମିଳନୀରେ ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ୍ତ କୁମାର ସେଠୀ ଉପସ୍ଥିତ ଥିଲେ।

ଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡ

ଜଗତସିଂହପୁର,୨୪।୧(ସମିସ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ଥାନା ଅଞ୍ଚଳରେ ଗତ ୨୦୨୪ ଜୁଲାଇ ମାସରେ ସଂଗଠିତ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଦାଲତ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ କରିଛନ୍ତି। ପବ୍ଲିକ ପ୍ରସିକ୍ୟୁଟର ତପନ ପାଲଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଗତ ୨୦୨୪ ମସିହା ଜୁଲାଇ ୬ ତାରିଖ ସନ୍ଧ୍ୟା ୭ ଘଣ୍ଟା ସମୟରେ ପିଡିତା ଶୌଚ ହେବାକୁ ଯାଉଥିବା ବେଳେ ଅଭିଯୁକ୍ତ ସଞ୍ଜୟ ଭୋଇ ତାଙ୍କୁ ଦୁଷ୍କର୍ମ କରିଥିଲା। ଘଟଣା ସମ୍ପର୍କରେ ପିଡିତାଙ୍କ ପରିବାର ପକ୍ଷରୁ ଜୁଲାଇ ୭ ତାରିଖରେ ଏତଲା ଦିଆ ଯାଇଥିଲା। ପୁଲିସ ଏକ ଦୁଷ୍କର୍ମ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ସଞ୍ଜୟକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମୋଟ ୧୯ ଜଣଙ୍କ ଠାରୁ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରିବା ପରେ ଜଗତସିଂହପୁର ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ପୋକ୍ସ କୋର୍ଟ ବିଚାରପତି ଗାର୍ଗୀ ପଟ୍ଟନାୟକ ଅଭିଯୁକ୍ତ ସଞ୍ଜୟ ଭୋଇକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡ ପାଇଁ ଆଦେଶ କରାଯାଇଛି।

ଷଣ୍ଢକୁଦ ଅଞ୍ଚଳରେ ଯୁବକଙ୍କୁ ଆକ୍ରମଣ ଅଭିଯୋଗ

ପାରାଦୀପ,୨୪।୧(ସମିସ): ପାରାଦୀପ ଜଟାଧାରୀ ମୁହାଣ ସାମୁଦ୍ରିକ ଥାନା ଅଧୀନ ଷଣ୍ଢକୁଦ ଅଞ୍ଚଳରେ କିଛି ଯୁବକ ଯୋଜନାବଦ୍ଧ ଭାବରେ ସାରଦା ପ୍ରସାଦ ତ୍ରିପାଠୀଙ୍କୁ ଜୀବନରୁ ମାରିଦେବା ଲାଗି ଷଡ଼ଯନ୍ତ୍ର କରି ଗତକାଲି ରାତିରେ ତାଙ୍କୁ ଆତର୍କିତ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଶ୍ରୀ ତ୍ରିପାଠୀ ଗତକାଲି ରାତି ପାଖାପାଖି ୧୧ଟା ହେବ ବଜାରରୁ କାମ ସାରି ଘରକୁ ଫେରୁଥିବା ବେଳେ ଷଣ୍ଢକୁଦ ଅଞ୍ଚଳର ଆଶୁତୋଷ ମଲ୍ଲ, ବାବୁ ଓ ମୁକେଶଙ୍କ ସମେତ ଆଉ ଦୁଇ ଜଣ ଅଚିହ୍ନା ଯୁବକ ରାସ୍ତା ଉପରେ ରାସ୍ତା ଅବରୋଧ କରି ଛିଡା ହୋଇଥିଲେ। ରାସ୍ତା ଛାଡି ଛିଡା ହେବା ଲାଗି ସେ କହିବାରୁ ତାଙ୍କୁ ସେମାନେ ଧାରୁଆ ଅସ୍ତ୍ର ରେ ତାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ସେ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଆସି ତାଙ୍କୁ ଉଦ୍ଧାର କରିବା ସହ ଅଠରବାଙ୍କୀ ମେଡିକାଲ ନେଇ ଚିକିତ୍ସିତ କରାଇ ଥିଲେ। ସେଠାରେ ଅବସ୍ଥା ଭଲ ନଥିବାରୁ ଡାକ୍ତର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ତେବେ ଏଭଳି ଘଟଣାକୁ ନେଇ ସାରଦା ପ୍ରସାଦ ତ୍ରିପାଠୀ ଜିଲ୍ଲା ମେଡିକାଲରୁ ଫେରିବା ପରେ ଆଜି ସନ୍ଧ୍ୟାରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଷଣ୍ଢକୁଦ ଅଞ୍ଚଳରେ ପହଁଚି ତଦନ୍ତ ଆରମ୍ଭ କରିଛି ।ଏହି ଘଟଣାକୁ ନେଇ ଥାନା ଅଧିକାରୀ ଅଭିଯୁକ୍ତଙ୍କୁ ତୁରନ୍ତ ଧରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଲୋଟସ କ୍ରିକେଟ; ବଘେଇପୁର ଚାମ୍ପିଅନ୍

ବାଲିକୁଦା,୨୪।୧(ସମିସ): ଲୋଟସ୍ କ୍ରିକେଟ କ୍ଲବ ଓଲାଶ ଆନୁକୂଲ୍ୟରେ ଆୟୋଜିତ ୩୬ତମ ଲୋଟସ୍ କ୍ରିକେଟ ଟୁର୍ଣ୍ଣମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ମ୍ୟାଚରେନେହୁରୁଯୁଥଆଣ୍ଡ ସ୍ପୋର୍ଟସଆସୋସିଏସନ ବଘେଇପୁର କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୫୯ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଲୋଟସ୍ କ୍ଲବ ଓଲାଶ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୪୮ ରନ କରି ପରାଜିତ ହୋଇଥିଲା। ମ୍ୟାଚରେ ୪୨ ବଲରେ ୬୨ ରନ କରିଥିବା ରାକେଶ ଦାସ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ମ୍ୟାନ ଅଫ ଦି ସିରିଜ ମାତୃଶକ୍ତି କ୍ରିକେଟ କ୍ଲବ ଦଶବାଟିଆର ବ୍ରହ୍ମଜିତ ବିଶ୍ୱାଳ ହୋଇଥିଲେ। ମ୍ୟାଚରେ ଅମ୍ପେୟାର ଭାବେ ସଞ୍ଜୟ ବିଶ୍ୱାଳ ଓ ବବୁଲ ମହାନ୍ତି ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରିଂରେ ସିପୁ ମହାନ୍ତି, ବବୁଲ ନାୟକ ଓ ଅଜିତ ସେଠୀ ସହାୟତା କରିଥିଲେ। ମ୍ୟାଚର ଧାରାବିବରଣୀ ସୁବାସ ସ୍ୱାଇଁ ଓ ସାଗର ବିଶ୍ୱାଳ ପ୍ରଦାନ କରିଥିଲେ। ଏହି ଅବସରରେ ଲୋଟସକ୍ଲବର୩୬ତମବାର୍ଷିକ ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ସାମ୍ବାଦିକ ସୋମନାଥ ପରିଡ଼ାଙ୍କ ମଞ୍ଚ ସଂଯୋଜନା ଓ ଅନୁଷ୍ଠାନର ସଭାପତି ପବିତ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବାଲିକୁଦା ଏରସମାର ଯୁବ ନେତା ସଂଜୀବ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସମ୍ପାଦକ ସୌମ୍ୟକାନ୍ତ ପରିଡା, ଉପସଭାପତି ଆଶିଷ ନାୟକ, ଉପଦେଷ୍ଟା ରଞ୍ଜନ ନାୟକ, ଉପଦେଷ୍ଟା ବସନ୍ତ ନାୟକ ଯୋଗ ଦେଇଥିଲେ।

ଜାଭିୟର ହାଇସ୍କୁଲରେ ମାତୃପୂଜନ

ଏରସମା,୨୪।୧(ସମିସ): ଏରସମା ସଦର ମହକୁମାସ୍ଥିତ ଏରସମା ବ୍ଲକର ସର୍ବପୁରାତନ ଇଂଲିଶ ମିଡିୟମ ସେଣ୍ଟ ଜାଭିୟର ହାଇ ସ୍କୁଲରେ ଶ୍ରୀପଞ୍ଚମୀ ତିଥିରେ ମାତୃ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଅଛି। ବିଦ୍ୟାଳୟର ଅଧକ୍ଷା ମାନସ୍ମିତା ପାଇଟାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ନିର୍ଦ୍ଦେଶକ କ୍ଷିତିଶ୍ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧାପକ ଓ ସ୍ତମ୍ଭକାର ହିମାଂଶୁ ଶେଖର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଏରସମା ସିଆର୍‌ସିସି ନିବେଦିତା ଜେନା ଓ ଆମ୍ବିକି ସିଆର୍‌ସିସି ସୃତିପ୍ରଜ୍ଞା ମହାପାତ୍ର ଯୋଗ ଦେଇଥିଲେ। ସହ-ଅଧକ୍ଷା ସ୍ନିଗ୍ଧା ସୌଭାଗ୍ୟବତୀ ମଞ୍ଚ ପରିଚାଳନା ସହିତ , ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଚିନ୍ମୟ କୁମାର ଦାସ ଓ ଶିକ୍ଷୟିତ୍ରୀ ସୁଭଦ୍ରା ସାହୁ , ସବିତା ରାଉତରାୟ ଓ ଅଳକା ପ୍ରିୟଦର୍ଶିନୀ ବିଶ୍ୱାଳଙ୍କ ସହଯୋଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଲେଙ୍କା , ଲିପିକା ରାଉତ , ସ୍ୱାଗତିକା ପ୍ରଧାନ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

ଯୁବକଙ୍କୁ ପିଟିପିଟି ହତ୍ୟା ଅଭିଯୋଗ ମାମଲା

୨ ଗିରଫ ଅଭିଯୁକ୍ତ କୋର୍ଟଚାଲାଣ

ଜଗତସିଂହପୁର,୨୪।୧(ସମିସ)

ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଚାଟ୍ରା ଗ୍ରାମର ବାସୁଦେବ ଦାସଙ୍କ ହତ୍ୟା ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ରତିକାନ୍ତ ପାଢ଼ୀ ଓ ଶୁଭେନ୍ଦୁକାନ୍ତ ଦାସକୁ ଆଜି କୋର୍ଟଚାଲାଣ କରାଯାଇ ଥିବା ବେଳେ ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ସଦର ଥାନା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତ।

ବାସୁଦେବଙ୍କ ପତ୍ନୀ ଲକ୍ଷ୍ମୀ ଦେଇ ଜଗତସିଂହପୁର ଥାନାରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଥିଲେ। ଅଭିଯୋଗ ପତ୍ରରେ ଲକ୍ଷ୍ମୀ ଦାସ ଦର୍ଶାଇଛନ୍ତି ଗତ ୧୯ ତାରିଖରେ ସନ୍ଧ୍ୟା ସମୟରେ ତାଙ୍କ ସ୍ୱାମୀ



ବାସୁଦେବ, ସ୍ଥାନୀୟ ଅଞ୍ଚଳର ରତିକାନ୍ତ ପାଢ଼ୀ ଓ ଯଦୁଆ ସହିତ ଘରୁ ଯାଇଥିଲେ। ସେମାନେ ବାସୁଦେବଙ୍କୁ ବହୁତ ମଦ ପିଆଇବା ପରେ ତାର ଛାତି, ଅଣ୍ଟା, ପିଠି ଓ ମୁହଁକୁ ବାଡ଼େଇ ଗାଁ ନିକଟସ୍ଥ ହାଟବଜାର ପୋଲ ନିକଟରେ ପକାଇ ଦେଇଥିଲେ। ଘରକୁ ନ ଫେରିବାରୁ ରାତି ପ୍ରାୟ ୧୦ଟାରେ ବାସୁଦେବର ସ୍ତ୍ରୀ ଲକ୍ଷ୍ମୀ ଏବଂ ପୁଅ ଖୋଜାଖୋଜି କରି ହାଟପୋଲ ନିକଟରୁ ତାଙ୍କୁ ଉଦ୍ଧାର କରି ଘରକୁ ନେଇଥିଲେ। ମଙ୍ଗଳବାର ପେଟରେ ଯନ୍ତ୍ରଣା ହେବାରୁ ଜଗତସିଂହପୁର ମେଡ଼ିକାଲକୁ ନେଇ ଚିକିତ୍ସା କରାଇଥିଲେ। ଔଷଧ ନେଇ ମେଡ଼ିକାଲରୁ ଘରକୁ ଆଣିଥିଲେ। ତେବେ ଗୁରୁବାର ବିଳମ୍ବିତ ରାତିରେ ପୁନର୍ବାର ପେଟରେ ଯନ୍ତ୍ରଣା ହେବାରୁ ବାସୁଦେବଙ୍କୁ ଜଗତସିଂହପୁର ମେଡ଼ିକାଲକୁ ନେଇଥିଲେ ଏବଂ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ବାସୁଦେବଙ୍କୁ ତାର ସାଙ୍ଗ ରତିକାନ୍ତ ପାଢ଼ୀ ଓ ଯଦୁଆ ମାଡ଼ ମାରି ଆହତ କରିଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପତ୍ନୀ ଅଭିଯୋଗ କରିଥିଲେ। ଏହି ଘଟଣାର ପ୍ରତିବାଦ କରି ଶୁକ୍ରବାର ସନ୍ଧ୍ୟାରେ ପ୍ରାୟ ୧ ଘଣ୍ଟା ଧରି ହାଟପୋଲ ନିକଟରେ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ସୂଚନା ଦେବା ପରେ ରାସ୍ତାରୋକ ହଟିଥିଲା। ବାସୁଦେବଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ବଡ଼ପଡ଼ିଆରେ ମଦୁଆଙ୍କ ଆତଙ୍କ

ଦୁଇ ସାଙ୍ଗଙ୍କୁ ମରଣାନ୍ତକ ଆକ୍ରମଣ

ପାରାଦୀପ,୨୪।୧(ସମିସ): ବଡ଼ପଡ଼ିଆ ଅଞ୍ଚଳ ଏବେ ମଦୁଆଙ୍କ ଆବିସ୍ଥଳ ପାଲଟିଛି। ଏପରିକି ଏହି ଅଞ୍ଚଳରେ ସାନ୍ଧ୍ୟ ହେଲେ କେହି କାହାକୁ ଚିହ୍ନିବା ସମ୍ଭବ ହେଉନାହିଁ। କୌଣସି କାମରେ ସେହି ମାର୍କେଟକୁ ଯାଉଥିବା ସାଧାରଣ ଲୋକଟିଏ ମଦୁଆଙ୍କ ଆକ୍ରମଣର ଶିକାର ହେଉଛି। ଏଭଳି ଏକ ଅଭାବନୀୟ ଘଟଣା ଗତକାଲି ରାତିରେ ଘଟିଛି। ଖବର ଅନୁସାରେ ପାରାଦୀପ ଆଦର୍ଶ ଥାନାର ମାତ୍ର ଶହେ ମିଟର ଦୂରରେ ଥିବା ଏହି ବଡପଡ଼ିଆ ମାର୍କେଟର ରାତ୍ର ପ୍ରାୟ ୯ଟାରୁ ୧୦ଟା ମଧ୍ୟରେ ଢିଙ୍କିଆରୁ ପାରାଦୀପ ବୁଲିବାକୁ ଆସିଥିବା ରାକେଶ ସ୍ୱାଇଁ ଓ ଟୁଲୁ ସ୍ୱାଇଁ, ଆଉ ଜଣେ ସାଙ୍ଗ ମିଶି ବଡପଡ଼ିଆରେ ଥିବା କାହ୍ନା ହୋଟେଲରେ ରାତ୍ରୀଭୋଜନ ସାରି ରେବିକା ହୋଟେଲ ଦେଇ ବାହାରକୁ ଆସୁଥିଲେ। ଏହି ସମୟରେ ତାଙ୍କ ଗାଡ଼ି ସମ୍ମୁଖରେ ଏକ ବୁଲେଟ ଗାଡ଼ିରେ ଆସି ଗାଡ଼ି ଅଟକାଇବାରୁ ଗାଡିରୁ ରାକେଶ ବାହାରକୁ ଆସି ପଚାରିଥିଲା। ତେବେ ହଠାତ୍ କିଛି ବୁଝିବା ପୂର୍ବରୁ ବୁଲେଟରେ ଆସିଥିବା ମଦ୍ୟପ ଆତଙ୍କି ଦୁଇ ଜଣ ଅତର୍କିତ ଆକ୍ରମଣ କରିବା ସହ ତଳେ ପକାଇ ମାରିବାକୁ ଲାଗିଥିଲେ। ଏହାଦେଖି ଗାଡିରୁ ଟୁଲୁ ଆସି ପଚାରିବାରୁ ଟୁଲୁଙ୍କ ଆଖିକୁ ମାରି ସେଠାରୁ ମଦ୍ୟପ ଆତଙ୍କି ପଳାଇଯାଇଥିଲେ। ଏହି ଘଟଣାରେ ଟୁଲୁଙ୍କ ଆଖିରେ ଶକ୍ତ ଆଘାତ ଲାଗିଥିଲା। ପରେ ସେମାନେ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରି ଚିକିତ୍ସା ପାଇଁ ବିଜୁ ମେମୋରିଆଲ ହସପିଟାଲ ଯାଇଥିଲେ। କିନ୍ତୁ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାତରିତ କରିଥିବା ଜଣାପଡ଼ିଛି। ତେବେ ପାରାଦୀପ ଭଳି ଶିଳ୍ପ ସହରରେ ପୁଣି ଏକ ନମ୍ବର ବନ୍ଦର ସହରରେ ଏମିତି ଘଟଣା ପାଇଁ ସ୍ଥାନୀୟ ପୁଲିସ ପ୍ରଶାସନ କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପୁଲିସ ତୁରନ୍ତ ଅଭିଯୁକ୍ତମାନଙ୍କୁ ଧରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦୁଇ ସାଙ୍ଗ ଦାବି କରିଛନ୍ତି।



ଅଳକା ମହାବିଦ୍ୟାଳୟ କ୍ରୀଡ଼ା ଉଦ୍‌ଯାପିତ



ବିରିଡ଼ି,୨୪।୧(ସମିସ): ବିରିଡି ବ୍ଲକ ବସନ୍ତପୁର ଅନନ୍ତବଟ ସ୍ଥିତ ଅଳକା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଆୟୋଜିତ କ୍ରୀଡା ଉତ୍ସବକୁ କଲେଜ ଅଧକ୍ଷ ଚିତ୍ତରଞ୍ଜନ ପାତ୍ର କ୍ରୀଡା ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ। ଏହି ଅବସରରେ ଅତିଥି କ୍ରୀଡ଼ା ଶିକ୍ଷକ ଶତ୍ରୁଘ୍ନ ମହାନ୍ତିଙ୍କୁ ଅଧକ୍ଷ ସ୍ୱାଗତ କରିଥିଲେ। ମହାବିଦ୍ୟାଳୟ କ୍ରୀଡା ଉପସଭାପତି ଅଧ୍ୟାପକ ପ୍ରସନ୍ନ କୁମାର ପାଢ଼ୀ ଓ ସହ ଉପସଭାପତି ଅଧ୍ୟାପକ ସୌମ୍ୟରଞ୍ଜନ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁକ୍ତ ୨ ଅଧକ୍ଷ ଦୀପଙ୍କର ଜେନା, ଡ. ଜ୍ୟୋତିପ୍ରକାଶ ସାମନ୍ତରାୟ ଯୋଗଦେଇ କ୍ରୀଡ଼ାର ଉପାଦେୟତା ଉପରେ ସୂଚନାଦେଇଥିଲେ। ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ନିଜର ଶ୍ରେଷ୍ଠ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାକୁ ଅତିଥି କ୍ରୀଡ଼ା ଶିକ୍ଷକ ଶତ୍ରୁଘ୍ନ ମହାନ୍ତି ପରିଚାଳନା କରିଥିଲେ। ଅଧ୍ୟାପକ, ଚୁମନ ବେହେରା, ପ୍ରଦୀପ୍ତ ପଟ୍ଟନାୟକ, ଅଶୋକ କୁମାର ଲେଙ୍କା, ଶୁଚିସ୍ମିତା ବେହେରା, ରାଧାରାଣୀ ମାଝୀ, ସନ୍ଧ୍ୟାରାଣୀ ମହାନ୍ତି, ଇଜାବେଲା ଶତପଥୀ, ରଶ୍ମିରେଖା ବାରିକ, ତୁଷାର ରଞ୍ଜନ ଜେନା, ଜି ସତୀଶ କୁମାର, ସୌମ୍ୟ ରଞ୍ଜନ ଦାସ, କାଳନ୍ଦୀ ପ୍ରଧାନ, ସୁରେନ୍ଦ୍ର ସାହୁ, ଅକ୍ଷୟ ବେହେରା,ରଞ୍ଜନ ସାହୁ, ଅଧ୍ୟାପିକା ଶ୍ରାବଣୀ ପଟ୍ଟନାୟକ, ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ପ୍ରସନ୍ନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

ଶୁଦ୍ଧାନନ୍ଦ ବିଦ୍ୟାଳୟ ସ୍କାଉଟ ଦଳର ସଫଳତା



ଜଗତସିଂହପୁର,୨୪।୧(ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମୁଳିସିଂ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଠାରେ ଗତ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ସ୍କାଉଟଗାଇଡ୍ କ୍ୟାମ୍ପୋରୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତସିଂହପୁର ସ୍ଥିତ ଶୁଦ୍ଧାନନ୍ଦ ବିଦ୍ୟାଳୟର ସ୍କାଉଟ ଟ୍ରୁପ୍ ଅଂଶଗ୍ରହଣ କରି ଅଭୂତପୂର୍ବ ସଫଳତା ହାସଲ କରିଛି। ବିଦ୍ୟାଳୟର ସ୍କାଉଟ ଶିକ୍ଷକ ଆଶୁତୋଷ ପଣ୍ଡା ଏବଂ ସହଯୋଗୀ ଶିକ୍ଷକ ରାକେଶ ରୋଷନ୍ ସାହୁ ଓ ପ୍ରିୟଦର୍ଶିନୀ ଦାସଙ୍କ ସୁଦୃଢ଼ ନେତୃତ୍ୱରେ ଏହି ସଫଳତା ମିଳିଛି। ମୋଟ ୧୨ଟି ବିଭିନ୍ନ ବିଭାଗରେ ହୋଇଥିବା ପ୍ରତିଯୋଗିତାମାନଙ୍କ ମଧ୍ୟରୁ ସୁଦ୍ଧାନନ୍ଦ ବିଦ୍ୟାଳୟର ସ୍କାଉଟମାନେ ୬ଟି ବିଭାଗରେ ପ୍ରଥମ ସ୍ଥାନ, ୩ଟି ବିଭାଗରେ ଦ୍ୱିତୀୟ ସ୍ଥାନ ଏବଂ ୧ଟି ବିଭାଗରେ ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ଏହି ଅସାଧାରଣ ସଫଳତା ପାଇଁ ବିଦ୍ୟାଳୟର ଅଧକ୍ଷ ବିଶ୍ୱଜିତ୍ ସ୍ୱାଇଁ ଓ ପ୍ରଶାସନିକ ଅଧିକାରୀ ବ୍ରହ୍ମଚାରୀ ଯଦୁନାଥ ଦାସ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସ୍କାଉଟ ମାନଙ୍କୁ ହୃଦୟପୂର୍ଣ୍ଣ ଶୁଭକାମନା ଜଣାଇଛନ୍ତି। ଏହା ସହିତ ସ୍ୱାମୀ ଶୁଦ୍ଧାନନ୍ଦଜୀ ନିଜେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ସ୍କାଉଟମାନଙ୍କୁ ଆଶୀର୍ବାଦ ଦେବା ସହ ଆଗାମୀ ଦିନରେ ଆହୁରି ସଫଳତା ପାଇଁ ଉତ୍ସାହିତ କରିଛନ୍ତି। ବିଦ୍ୟାଳୟର ଏହି ବିରଳସଫଳତାରେ ଅଭିଭାବକ ଓ ଛାତ୍ରଛାତ୍ରୀ ମହଲରେ ଖୁସିର ଲହର ଖେଳିଯାଇଛି।

ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ନାଉଗାଁ,୨୪।୧(ସମିସ): ଜଗତସିଂହପୁର ଜିଲ୍ଲା ନାଉଗାଁ ସତସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ଠାକୁର ଅନୁକୂଳଚନ୍ଦ୍ରଙ୍କର ଜନ୍ମ ମହୋତ୍ସବ ଏବଂ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ମୁଖ୍ୟବକ୍ତା ଭାବେ ରତିକ କୁମୁଦ ଚନ୍ଦ୍ର ପ୍ରଧାନ, କେନ୍ଦ୍ରର ସଭାପତି ଜ୍ୟୋତିଷ ଚନ୍ଦ୍ର ଦାସ, ରତିକ ଗଣେଶ ଚନ୍ଦ୍ର ସାହୁ, କର୍ମୀ ଅଶୋକ କୁମାର ପରିଡା, ଶରତ ରାଉତ, ବୈଷ୍ଣବ ଚରଣ ଓଝା, ସମୀର ସ୍ୱାଇଁ, ଅଲେଖ ସାହୁ, ପ୍ରମୋଦ ବାଲ, କାହ୍ନୁଚରଣ ଦାସ ପ୍ରମୁଖ ଯୋଗଦେଇଥିଲେ। ସକାଳୁ ବ୍ଲକଛକ ଠାରୁ କୋକିଡ଼ିହ ଛକ ପର୍ଯ୍ୟନ୍ତ ଶ୍ରୀଶ୍ରୀ ଠାକୁରଙ୍କୁ ରଥରେ ବୁଲାଇ ନଗର କୀର୍ତ୍ତନ କରାଯାଇଥିଲା।

ରାଷ୍ଟ୍ରପତି ପୁରସ୍କାର ପାଇଥିବା ସରପଞ୍ଚଙ୍କ ପରଲୋକ



ରଘୁନାଥପୁର,୨୪।୧(ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୁରୁଣା ବସନ୍ତ ଗ୍ରାମପଞ୍ଚାୟତର ରାଷ୍ଟ୍ରପତି ପୁରସ୍କାର ପାଇଥିବା ସରପଞ୍ଚ ତଥା ବର୍ତ୍ତମାନର ବିଜୁ ଜନତା ଦଳର ପଞ୍ଚାୟତ ସଭାପତି ଚୈତନ୍ୟ ଚରଣ ଦାସ(୮୦)ଙ୍କ ଶନିବାର ଦିନରେ ମୃତ୍ୟୁଘଟିଛି। ତାଙ୍କ ବିୟୋଗରେ ପୁରୁଣାବସନ୍ତ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ଦର୍ଶନ କରିବା ପାଇଁ ବିଜୁ ଜନତା ଦଳର ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ଅଧକ୍ଷ ରଜତ କୁମାର ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଡେଜାଲିନ ମହାପାତ୍ର ପ୍ରମୁଖ ଶେଷଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମପଞ୍ଚାୟତ ପରିକ୍ରମା କରଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟକରାଯାଇଥିଲା।ବଡପୁଅଦିଲୀପଦାସମୁଖାଗ୍ନିଦେଇଥିଲେ।

ପଣ୍ଡିମେଶ୍ୱର ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

କୁଜଙ୍ଗ,୨୪।୧(ସମିସ): କୁଜଙ୍ଗ ବ୍ଲକ ବଣିତୋସ୍ଥିତ ପଣ୍ଡିମେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏଥିରେ ପ୍ରଥମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ଦୁଇଶହ ଛାତ୍ର ଛାତ୍ରୀ ମାନେ ଭାଗନେଇ ଥିଲେ। ବାରଟି ବିଭାଗରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟରପ୍ରଧାନଶିକ୍ଷକସାରଦାପ୍ରସାଦଦାସଙ୍କଅଧକ୍ଷତାରେଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବରେ ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଗୋଛୟତ, ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁ ସଭାପତି ଆଡଭୋକେଟ୍ ଉମେଶ ସାହୁ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ମନୋରଞ୍ଜନ ପଣ୍ଡା, ସେବା ନିବୃତ ବର୍ଷୀୟାନ ଶିକ୍ଷକ ଚିନ୍ତାମଣି ରାଉତ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ପର୍ଶୁରାମ ସାମଲଙ୍କ ସହ ପାବିତ୍ର କୁମାର ସ୍ୱାଇଁ, ପପୁ ପାତ୍ର, ଭାଗ୍ୟଲକ୍ଷ୍ମୀ ରାଉତ, ଅନୁଷୟା ସେଠୀ, ତାରକା ନାଥ ହୋତା, ପର୍ଶୁରାମ ବିଶ୍ୱାଳ, ବିବେକାନନ୍ଦ ପାଢ଼ି, ବିପିନ ବିହାରୀ ନାୟକ ରଞ୍ଜିତା ନାୟକ, ଆରୁଣି ବାଳା ନାୟକ, ବିରଜା ପ୍ରସନ୍ନ ନାୟକ, ଝରଣା ଦାସ, ମନୋରଞ୍ଜ ରାଉତ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହାୟତା କରିଥିଲେ।

କର୍କଟ ପୀଡ଼ିତ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ



ଜଗତସିଂହପୁର,୨୪।୧(ସମିସ): କେନ୍ଦ୍ରାପଡା କ୍ରେଡିଟ୍ କୋ ଅପରେଟିଭ ସୋସାଇଟି ଜଗତସିଂହପୁର ଶାଖା ପକ୍ଷରୁ ଜିଲ୍ଲାର ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧରାଧରପୁର ଗ୍ରାମର କର୍କଟ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥିବା ଚାରୁଲତା ସ୍ୱାଇଁଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ଚାରୁଲତା ରକ୍ତ କର୍କଟରେ ପୀଡ଼ିତ ହୋଇ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଗତ ଜାନୁଆରୀ ୧୩ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଚାରୁଲତା ଙ୍କର ଦୁଇଟି ଝିଅ ଏବଂ ଗୋଟିଏ ପୁଅ ଅଛନ୍ତି। ଏଭଳି ବିପଦ ସମୟରେ କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭି ସୋସାଇଟିର ନିର୍ଦ୍ଦେଶକ ପ୍ରତାପ ମହାପାତ୍ର, ଜଗତସିଂହପୁର ଶାଖା ପରିଚାଳକ ଲକ୍ଷ୍ମଣ ସାହୁ ଏବଂ ଦୈନିକ ଜମା ସଂଗ୍ରହକାରୀ ସଞ୍ଜୟ କୁମାର ସାହୁ ଚାରୁଲତାଙ୍କ ଘରକୁ ଯାଇ ତାଙ୍କ ସ୍ୱାମୀ ବିଜୟ କୁମାର ସ୍ୱାଇଁଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଆର୍ଥିକ ନେଣଦେଣ କାରବାର ସହ ସୋସାଇଟି ପକ୍ଷରୁ ଦୁରାରୋଗ୍ୟରେ ପୀଡ଼ିତ ଅସହାୟ, ଗରିବ ମେଧାବୀ ଛାତ୍ରଛାତ୍ରୀ, ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କୃତି କ୍ରୀଡ଼ାବିତ ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ସହାୟତା ପ୍ରଦାନ କରା ଯାଇଆସୁଛି।

ଜାତୀୟ ସେବା ଯୋଜନା ଶୀତକାଳୀନ ଶିବିର



କୁଜଙ୍ଗ/ପାରାଦୀପ,୨୪।୧(ସମିସ): କୁଜଙ୍ଗ ବ୍ଲକ ବଗଦିଆ ଗ୍ରାମପଞ୍ଚାୟତ ଅଧୀନସ୍ଥ ନାରାୟଣ ବୀରବର ସାମନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ଏକ ସାତଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ଗତ ୧୬ ରୁ ୨୨ ତାରିଖ ଯାଏ ଅନୁଷ୍ଠିତ ଏହି ଶିବିରରେ ମୋଟ ୫୦ ଜଣ ପ୍ରଥମ ଓ ଦ୍ୱିତୀୟ କଳା ଓ ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ଅଧକ୍ଷା ଡ. ବନପ୍ରଭା ପରିଡ଼ା ସଭାପତିତ୍ୱ କରି ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଶିବିରର ସ୍ୱେଚ୍ଛାସେବୀ ପୋଷ୍ୟ ଗ୍ରାମ ରୟତ୍‌ସାହିରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ସଫେଇ, ଶୋଭାଯାତ୍ରା ବୃକ୍ଷରୋପଣ କରାଯାଇଥିଲା। ଉତ୍ସବରେ ତଟରକ୍ଷୀ ବାହିନୀର ଡେପୁଟି କମାଣ୍ଡଣ୍ଟ ସତରଜ୍ ସିଂହ ସାହି ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବେ ଆଇଓସିଏଲ୍ ସିଏସ୍‌ଆର ବିଭାଗର ଡେପୁଟି ଜେନେରାଲ ମ୍ୟାନେଜର ବିଦ୍ୟୁତ୍ ପ୍ରକାଶ ସୁବୁଦ୍ଧି ଯୋଗ ଦେଇଥିଲେ। ବରିଷ୍ଠ ଅଧାପକ ବାଣିଜ୍ୟ ବିଭାଗ ମୁଖ୍ୟ ଡ. କିଶୋର କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବ ଏନ୍‌ଏସଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ପ୍ରଦୀପ୍ତ କୁମାର ସାମଲ, ବିଜୟ କେତନ ସେଠୀ ବକ୍ତବ୍ୟ ରଖିଥିଲେ। ଏହି ଶିବିରକୁ କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ପ୍ରକାଶ କୁମାର ଚୌଧୁରୀ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ସୌଦାମିନୀ କର, ସୁଷମା ମହାପାତ୍ର, ସୁଶ୍ରୀ କୁସୁମ ମାଝୀ, ଅଧାପକ ସୁବାସ ଚନ୍ଦ୍ର ପଣ୍ଡା, ପବିତ୍ର କିଶୋର ପରିଡା, ଅଶ୍ୱିନୀ କୁମାର ବେହେରା, ପ୍ରଶାନ୍ତ କୁମାର ସାହୁ, ପ୍ରୀତି ରଞ୍ଜନ ଦାସ, ବିକାଶ କୁମାର ମହାପାତ୍ର, କୈଳାସ ଚନ୍ଦ୍ର ଦାସ, ଅଜୟ କୁମାର ପଲେଇ, ପ୍ରସନ୍ନ କୁମାର ସ୍ୱାଇଁ, ହରେକୃଷ୍ଣ ନାୟକ, ପିଙ୍କି ଓଝା ପ୍ରମୁଖ ସହଯୋଗ କରିଥିଲେ।

ଏରସମା ଫ୍ରେଣ୍ଡସ କ୍ଲବ୍‌ର ବାର୍ଷିକ ଉତ୍ସବ



ଜଗତସିଂହପୁର/ଏରସମା,୨୪।୧(ସମିସ): ଜଗତସିଂହପୁର ଜିଲ୍ଲାର ଏରସମା ଠାରେ ୧୯୩୦ ମସିହାରେ ତତ୍କାଳୀନ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଏରସମାର ପ୍ରଥମ ବିଧାୟକ ଗୌରୀଶ୍ୟାମ ନାୟକ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଫ୍ରେଣ୍ଡସ କ୍ଲବର ୯୬ତମ ବାର୍ଷିକ ଉତ୍ସବ ଓ ସାରସ୍ୱତ ସମାରୋହ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିକୁଦା ଏରସମା ବିଧାୟକ ତଥା ଏହି କ୍ଲବର ସଦସ୍ୟ ସାରଦା ପ୍ରସନ୍ନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଫ୍ରେଣ୍ଡସ କ୍ଲବରେ ଏରସମା ଅଞ୍ଚଳର ଅନେକ ସ୍ମୃତି ଓ ଅନୁଭୂତି ରହିବା ସହିତ ଜଡିତ ବୋଲି କହିଥିଲେ। ଏହି କ୍ଲବରେ ପ୍ରଥମେ ଏରସମା ବ୍ଲକ୍ ଓ ବିଭିନ୍ନ କାର୍ଯ୍ୟାଳୟ ଆରମ୍ଭ ହୋଇଥିଲା ଏବଂ ଏହି ପୁରାତନ କ୍ଲବ୍ ଏକ ମଣିଷ ତିଆରି କାରଖାନା ରୂପେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ତିଆରି କରି ପରବର୍ତ୍ତୀ ସମୟରେ ଏହି ଅଞ୍ଚଳକୁ ଗୌରବାନ୍ୱିତ କରିଥିବା କହିଥିଲେ। ଏହି ୯୬ ବର୍ଷର ଅନୁଷ୍ଠାନ ଅନେକ ଘାତ ପ୍ରତିଘାତ ମଧ୍ୟରେ ଗତି କରି ଏରସମା ଅଞ୍ଚଳରେ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟ ହାତକୁ ନେଇଥିବା ସେ କହିଥିଲେ। କ୍ଲବ ସଭାପତି ଅଧ୍ୟାପକ ସଞ୍ଜୟ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ଡ. ରଘୁ ସାହୁ, ଏରସମା ଥାନା ଅଧିକାରୀ ପ୍ରେମଜିତ୍ ଦାସ, ବରିଷ୍ଠ କମ୍ୟୁନିଷ୍ଟ ନେତା ଶଶୀ ଭୂଷଣ ସ୍ୱାଇଁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଫ୍ରେଣ୍ଡସ କ୍ଲବ୍ ଏ ଅଞ୍ଚଳର ଅନେକ ସୁଖ ଦୁଃଖର ସ୍ମୃତିବହନ କରୁଛି ବୋଲି ମତବ୍ୟକ୍ତ କରିଥିଲେ। ତପନ କୁମାର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ, ଅନ୍ତର୍ଯ୍ୟାମୀ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ପ୍ରଶାନ୍ତ କୁମାର ସେଠୀ। ଅନ୍ୟ ମାନଙ୍କ ମଧ୍ୟରେ ଇଞ୍ଜିନିୟର ସୁମନ ଖଟୁଆ, ସ୍ମୃତିରଞ୍ଜନ ମଲ୍ଲିକ, ସାଗର ବେଉରା, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଚିନ୍ମୟ ଚିରସୁନ୍ଦର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।

ସରକାରୀ ଅନୁମୋଦନକୁ ଦୁଇ ବର୍ଷ

ଆରମ୍ଭ ହେଉନି ଜୁଡିସିଆଲ ହବ୍ ନିର୍ମାଣ

ବାଲେଶ୍ୱର,୨୪।୧(ସମିସ)



ବାଲେଶ୍ୱରରେ ନୂତନ ଜୁଡିସିଆଲ ହବ ନିର୍ମାଣ ପ୍ରସଙ୍ଗ ଏବେ ଶୀତଳ ଭଣ୍ଡାରରେ। ସରକାରୀ ଅନୁମୋଦନ ମିଳିଥିଲେ ବି ଏଯାଏଁ କାମ ଆରମ୍ଭ ହୋଇନାହିଁ। ଜାଗା ଚିହ୍ନଟ ସହ ଖର୍ଚ୍ଚ ଅଟକଳ ମଧ୍ୟ ସରିଛି। କିନ୍ତୁ ଏଭିତରେ ନା ଇଟା ଖଣ୍ଡେ ପଡ଼ିଲା ନା ଶିଳାନ୍ୟାସ ହେଲା। ଯାହାକୁ ନେଇ ଏବେ ଅସନ୍ତୋଷ ବଢ଼ିବାରେ ଲାଗିଛି। ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ତୁରନ୍ତ ଜୁଡିସିଆଲ୍ ହବ୍ ନିର୍ମାଣ ପାଇଁ ବାଲେଶ୍ୱର ସିଭିଲ୍ ସୋସାଇଟି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଭାବେ ଦାବି କରିଛି।

ସୂଚନାଯୋଗ୍ୟ, ୨୦୨୩ ମସିହା ନଭେମ୍ବର ୭ ତାରିଖ ଦିନ ତତ୍କାଳୀନ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିଳିତ ବୈଠକରେ ଓଟି ରୋଡ୍ ପାର୍ଶ୍ୱସ୍ଥ ଜଳସେଚନ ବିଭାଗ ଡିଭିଜନ୍ ପରିସରରେ ଥିବା ପ୍ରାୟ ୯ ଏକର ଜମିରେ ପ୍ରସ୍ତାବିତ ଜୁଡ଼ିସିଆଲ୍ ହବ୍ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ବିଚାର ବିଭାଗୀୟ ଅଧିକାରୀ, ବାର୍ ଆସୋସିଏସନ୍ ଓ ସିଭିଲ୍ ସୋସାଇଟି କର୍ମକର୍ତ୍ତା, ତତ୍କାଳୀନ ସଦର ବିଧାୟକ ଏବଂ ସହରର ପ୍ରମୁଖ ସାମାଜିକ ସଂଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀମାନେ ଏହି ନିଷ୍ପତ୍ତିରେ ସହମତି ଜଣାଇ ସ୍ୱାକ୍ଷର କରିଥିଲେ। ଏହି ସର୍ବସମ୍ମତ ନିଷ୍ପତ୍ତିକୁ ଜିଲ୍ଲାପାଳ ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ନ୍ୟାୟାଧିଶ ଓ ପ୍ରଶାସନିକ ନ୍ୟାୟାଧିଶ ପ୍ରମୁଖ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଥିଲେ। ଜୁଡ଼ିସିଆଲ୍ ହବ୍ ନିର୍ମାଣ ପାଇଁ ଖର୍ଚ୍ଚ ଅଟକଳ ସରକାରୀ ଅନୁମୋଦନ ପାଇଥିଲା। କିନ୍ତୁ ଇତିମଧ୍ୟରେ ଦୁଇବର୍ଷ ବିତି ଯାଇଥିଲେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିବାରୁ ସିଭିଲ୍ ସୋସାଇଟି

▶ ତୁରନ୍ତ ଜୁଡ଼ିସିଆଲ୍ ହବ୍ ନିର୍ମାଣ ପାଇଁ ଉଠିଲା ଦାବି
▶ ସିଭିଲ ସୋସାଇଟି ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଦାବିପତ୍ର

ଉଦ୍‌ବେଗ ପ୍ରକାଶ କରି ଜିଲ୍ଲାବାସୀ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ବାଲେଶ୍ୱର ଆଇନ ମହାବିଦ୍ୟାଳୟର ପୂର୍ବ ପରିଚାଳନା କମିଟିର କେତେକ ସଦସ୍ୟ ବ୍ୟାପକ ଆର୍ଥିକ ଅନିୟମିତତା ଓ ତୋଷରପାତ କରିଥିବା ଘଟଣାରେ ବିହିତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସିଭିଲ୍ ସୋସାଇଟି ଦାବି କରିଛି। ଏ ସଂପର୍କରେ ଏକ ଲିଖିତ ସ୍ମାରକ ପତ୍ର ଆଇନ୍ ମହାବିଦ୍ୟାଳୟର ନୋଡାଲ୍ ଅଫିସର୍ ତଥା ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କୁ ସିଭିଲ୍ ସୋସାଇଟି ପକ୍ଷରୁ ପ୍ରଦାନ କରାଯାଇଛି। ସିଭିଲ୍ ସୋସାଇଟି ପକ୍ଷରୁ ଜିଲ୍ଲା ପ୍ରଶାସନର ଦୁଇ ପ୍ରମୁଖ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ ବେଳେ ସୋସାଇଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସଂପାଦକ ମନୋଜ ନାୟକ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ଶ୍ୟାମସୁନ୍ଦର ଜେନା, ସମରେନ୍ଦ୍ର ନାଥ ଦାସ, ଭରତ ଲେଙ୍କା, ନିରଞ୍ଜନ ପରିଡ଼ା, ଗଣେଶ୍ୱର ରାଉତ, କବଳଜିତ୍ ସିଂହ ଓ ଅଭିଜିତ୍ ପଣ୍ଡା ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ଉକ୍ତ ସ୍ଥାନଟି ଜୁଡିସିଆଲ ହବ୍ ହେବା ପାଇଁ ଉପଯୁକ୍ତ ସ୍ଥାନ ଏବଂ ଏହାଦ୍ୱାରା ବାଲେଶ୍ୱର ଜନସାଧାରଣ ଉପକୃତ ହେବେ ବୋଲି ମତପ୍ରକାଶ ପାଇଛି।

ଜାତୀୟ କନ୍ୟା ଦିବସ ଉପଲକ୍ଷେ ଶୋଭାଯାତ୍ରା



ବାଲେଶ୍ୱର,୨୪।୧ (ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜାତୀୟ କନ୍ୟା ଦିବସ ଉପଲକ୍ଷେ ଜିଲ୍ଲା ତାଲିମ୍ କକ୍ଷରେ ସଚେତନତା ସଭା ଆୟୋଜିତ ହୋଇଥିଲା। ଚଳିତ ବର୍ଷର ବିଷୟ ବସ୍ତୁ 'କନ୍ୟା ଜନ୍ମର ଉତ୍ସବ ପାଳନ କରନ୍ତୁ, ସମାନତାକୁ ଗଢନ୍ତୁ'। ଉକ୍ତ ସଭା ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରେଶ ଚନ୍ଦ୍ର ନନ୍ଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସହରାଞ୍ଚଳ ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରୁ ଆସିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜିଲ୍ଲା ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ୍ କେନ୍ଦ୍ରର ଅଧ୍ୟୟନରତ ଛାତ୍ରୀମାନେ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ଜ୍ୟୋତ୍ସ୍ନା ରାଣୀ ମହାନ୍ତି (ଜିଲ୍ଲା ମଙ୍ଗଳ ଅଧିକାରୀ) ବକ୍ତବ୍ୟରେ କହିଥିଲେ କି ପରିବାରରୁ ଝିଅ ପିଲାଙ୍କ ପ୍ରତି ସମ୍ମାନ ଏବଂ ସମାନ ଅଧିକାର ସୃଷ୍ଟି ପାଇଁ ସମସ୍ତେ ଚେଷ୍ଟିତ ହେବା ଉଚିତ। ସଭାପତି ଶ୍ରୀଯୁକ୍ତ ନନ୍ଦୀ ତାଙ୍କ ଅଭିଭାଷଣରେ ଲିଙ୍ଗ ନିରୂପଣ କରିବା ଦଣ୍ଡନୀୟ। ଏହା କଲେ ଆର୍ଥିକ ଜୋରିମାନା ସହ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି। ଡ଼ାକ୍ତର ସଞ୍ଜୀବ ପ୍ରଧାନ(ଜିଲ୍ଲା ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ)ନିଜର ଅଭିଭାଷଣରେ କହିଥିଲେ କି ଲିଙ୍ଗ ନିରୂପଣରେ ପରିବାରର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାରେ ଡ଼ାକ୍ତର ସୂର୍ଯ୍ୟ ପ୍ରକାଶ ରାଉତରାୟ (ସହକାରୀ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ(ଭି ବି ଡି) ବାଳିକାମାନେ କିପରି ଅବହେଳିତ ହେଉଛନ୍ତି ଏବଂ 'ନାରୀ କୁ ଅବଳା' ବୋଲି ଯେଉଁ ଉକ୍ତି ରହିଛି ତାକୁ କଠୋର ସମାଲୋଚନା କରିଥିଲେ। ସଭା ଶେଷରେ କ୍ଷେତ୍ର ସ୍ତରରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟ କର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଆଶା ମାନେ ଗୋଷ୍ଠୀ ସ୍ତରରେ ଅଧିକ ସଚେତନତା ସୃଷ୍ଟି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଦୀପ ସାହୁ (ଭାରପ୍ରାପ୍ତ ଜିଲ୍ଲା ଯୋଗାଯୋଗ ଅଧିକାରୀ)ଙ୍କ ପରିଚାଳନାରେ ହୋଇଥିଲା। ମାନସ କୁମାର ସାମନ୍ତ (ଏଲ୍ ଏ ପି ସି ପି ଏନ ଡି ଟି) ଧନ୍ୟବାଦ ଜଣାଇଥିଲେ।

ସହାୟକ ପକ୍ଷରୁ ନେତାଜୀ ଜୟନ୍ତୀ ଓ ରକ୍ତଦାନ ଶିବିର



ବାଲେଶ୍ୱର,୨୪।୧(ସମିସ): ନେତାଜୀ ଜୟନ୍ତୀ ଅବସରରେ ସହାୟକ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଫଟୋଚିତ୍ରରେ ସହାୟକର ସଭାପତି କ୍ଷିତୀଶ୍ୱର ଦାଶ, ସମ୍ପାଦକ ହୃଷିକେଶ ସାହୁ, ବରିଷ୍ଠ ଉପଦେଷ୍ଟା ଇଂ ବନମାଳୀ ନାୟକ ପ୍ରମୁଖ କର୍ମକର୍ତ୍ତା ଓ ସଦସ୍ୟ,ସଦସ୍ୟା ପୁଷ୍ପ ପ୍ରଦାନ କରିଥିଲେ। ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ା, ଦିବାକର ମହାପାତ୍ର ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ବକ୍ତବ୍ୟ ପ୍ରକାଶ କରିଛନ୍ତି। ରକ୍ତଦାନ ଶିବିରକୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ସଞ୍ଜୀବ କୁମାର ପ୍ରଧାନ ଉଦଘାଟନ କରିଥିଲେ। ଏଥିରେ ମୋଟ୨୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ପ୍ରଫୁଲ୍ଲ ଦାସ, ଅକ୍ଷୟ ତ୍ରିପାଠୀ, ଗଙ୍ଗାଧର ପୃଷ୍ଟିଙ୍କ ସମେତ ଯଶୋଦାନନ୍ଦନ ଆଶ, ଭବେଶ ଚନ୍ଦ୍ର ପଣ୍ଡା, ରବିନାରାୟଣ ଭୋଳ, ରବୀନ୍ଦ୍ର ନାଥ ଗିରି, ବିଜୟ ମହାପାତ୍ର, ଅମିତା ଦାଶ, ଗୌରାଙ୍ଗ ସାହୁ, ଶ୍ରୀରାମ ପ୍ରସାଦ ଦାଶ, ସୁକୁମାର ବେହେରା, ଯୋଗେଶ ଚନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପ୍ରସାଦ ଧଳ, ଭାଗିରଥୀ ମହାନ୍ତି, ହରିହର ଦାସ, ଗୋପାଳ ଚନ୍ଦ୍ର ଜେନା, ନରେଶ ଚନ୍ଦ୍ର ଦାଶ, ବୀରେନ୍ଦ୍ର ମହନ୍ତ, ଦିଲ୍ଲୀପ ମହାନ୍ତି, ଅନନ୍ତ ଦାସ, ଇଂ କେଶବ ଚନ୍ଦ୍ର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

୨୭ରୁ ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଉତ୍ସାହ ୨୦୨୬'



ବାଲେଶ୍ୱର,୨୪।୧(ସମିସ): ପୂର୍ବାଞ୍ଚଳ ଯୁବ ପ୍ରତିଭାଙ୍କ ମହାସମାବେଶ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ, ନୂଆଦିଲ୍ଲୀଙ୍କ ସହଯୋଗ ଓ ନିର୍ଦ୍ଦେଶନାରେ ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ୩୯ତମ ପୂର୍ବାଞ୍ଚଳ ଆନ୍ତଃ-ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ (ୟୁନିଫେଷ୍ଟ୨୦୨୫-୨୬) - 'ଉତ୍ସାହ-୨୬' ଆସନ୍ତା ୨୭ରୁ ୩୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ବ୍ୟାସବିହାର ପରିସରରେ ଭବ୍ୟ ଭାବେ ଆୟୋଜିତ ହେବ। ଓଡ଼ିଶା, ବିହାର, ଛତିଶଗଡ଼ ଓ ପଶ୍ଚିମବଙ୍ଗ ଏହି ଚାରିଟି ପୂର୍ବାଞ୍ଚଳ ରାଜ୍ୟର ୧୯ ଟି ବିଶ୍ୱବିଦ୍ୟାଳୟରୁ ପ୍ରାୟ ୬୦୦ରୁ ଅଧିକ ଛାତ୍ରଛାତ୍ରୀ, ଦଳନାୟକ ଓ ଅଧ୍ୟାପକ ଏହି ମହୋତ୍ସବରେ ଅଂଶଗ୍ରହଣ କରିବେ, ଯାହା ପୂର୍ବାଞ୍ଚଳର ଯୁବ ପ୍ରତିଭାମାନଙ୍କର ଏକ ବୃହତ୍ ସାଂସ୍କୃତିକ ସମାବେଶରେ ପରିଣତ ହେବ। ମହୋତ୍ସବରେ ସଙ୍ଗୀତ, ନୃତ୍ୟ, ନାଟକ, ସାହିତ୍ୟ ଓ ସୂକ୍ଷ୍ମ କଳା ସହିତ ସଂପୃକ୍ତ ୬ ଟି ବିଭାଗଅଧୀନରେମୋଟ୨୮ ଟିପ୍ରତିଯୋଗିତା ଅନୁଷ୍ଠିତ ହେବ। ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ଏକ ପ୍ରମୁଖ ଯୁବ ମହୋତ୍ସବ ଭାବେ 'ୟୁନିଫେଷ୍ଟ' ସଦା କଳାତ୍ମକ ଉତ୍କୃଷ୍ଟତା, ସୃଜନାତ୍ମକ ଅଭିବ୍ୟକ୍ତି ଓ ବିବିଧତା ମଧ୍ୟରେ ଏକତାର ସନ୍ଦେଶ ପ୍ରଚାର କରିଆସୁଛି। ମହୋତ୍ସବର ସୁଚାରୁ ଓ ସଫଳ ଆୟୋଜନ ପାଇଁ ଆବାସ, ଆତିଥ୍ୟ, ଯାତାୟାତ, ସୁରକ୍ଷା, ମଞ୍ଚ ପରିଚାଳନା ଓ ସମନ୍ୱୟ ସମ୍ପର୍କିତ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ ହୋଇଥିବା ସହ ଅଂଶଗ୍ରହଣକାରୀ ବିଶ୍ୱବିଦ୍ୟାଳୟମାନଙ୍କ ପାଇଁ ପଞ୍ଜୀକରଣ ପ୍ରକ୍ରିୟା ସରିଛି, ଏବଂ ସାରା ପୂର୍ବାଞ୍ଚଳରୁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଛି। ବିଶ୍ୱବିଦ୍ୟାଳୟର ସମ୍ମାନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ, କୁଳସଚିବ କୁକୁମୀନା ଦାସ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ନେତୃତ୍ୱରେ, ସଂଯୋଜକ ଡ. ନିହାର ରଞ୍ଜନ ରାଉତ, ଆୟୋଜନ ସଚିବ ଡ. ଅସୀମ ଅମିତାଭ ପ୍ରଧାନଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ତଥା ସାମ୍ବାଦିକତା ଓ ଗଣସଂଯୋଗ ବିଭାଗ ମୁଖ୍ୟ ପ୍ରଫେସର ଭାରତୀବାଳା ପଟ୍ଟନାୟକ ଏବଂ ଲୋକସମ୍ପର୍କ ଅଧିକାରୀ ଶର୍ମିଷ୍ଠା ମହାରଣାଙ୍କ ସକ୍ରିୟ ସହଯୋଗରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସମସ୍ତ ସୂଚନା ପ୍ରଦାନ କରାଯାଇଛି।

୩୧ରେ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର

ବାଲେଶ୍ୱର,୨୪।୧(ସମିସ): କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସ୍ୱାଧୀନ ଫେଡେରେସନମାନଙ୍କ ମିଳିତ ମଞ୍ଚ ପକ୍ଷରୁ ଆସନ୍ତା ମାସ୧୨ତାରିଖ ଦିନ ଦେଶବ୍ୟାପୀ ସାଧାରଣ ଧର୍ମଘଟର ଆହ୍ୱାନ ଦିଆଯାଇଛି। ଦୀର୍ଘ ଏକ ଶତାବ୍ଦୀ ଧରି ସଂଗ୍ରାମ ଫଳରେ ଶ୍ରମିକମାନେ ହାସଲ କରିଥିବା ୪୪ଟି ଆଇନକୁ କେନ୍ଦ୍ର ସରକାର ୪ଟି କୋଡରେ ପରିଣତ କରିଥିବାରୁ ସମସ୍ତ ବର୍ଗର ଶ୍ରମିକ କର୍ମଚାରୀ ଐକ୍ୟବଦ୍ଧ ଆନ୍ଦୋଳନ କରିବାକୁ ବ୍ୟାପକ ପ୍ରସ୍ତୁତି ଚଳାଇଛନ୍ତି। ବାଲେଶ୍ୱରର ଶ୍ରମିକ କର୍ମଚାରୀମାନଙ୍କ ମିଳିତ ମଂଚ ଟିୟୁଏସିସି ପକ୍ଷରୁ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ବୈଠକରେ ଏହି ଧର୍ମଘଟକୁ ବାଲେଶ୍ୱରରେ ଶାନ୍ତିପୂର୍ଣ୍ଣ ଭାବେ ସଫଳ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକର ଆବାହକ ତଥା ଟିୟୁଏସିସିର ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ଦୃଢ଼ ସମାଲୋଚନା କରି ପୁଞ୍ଜିପତି ମାଲିକ ଓ କର୍ପୋରେଟ ହାଉସଙ୍କ ସ୍ୱାର୍ଥରେ ଏହି ୪ଟି ଶ୍ରମକୋଡ କରାଯାଇଥିବା କହିଥିଲେ। ଭାଗବତ ପ୍ରତିହାରୀ ଉମାକାନ୍ତ ଦାସ,ରାଜକିଶୋର ଲେଙ୍କା ପ୍ରମୁଖ ପ୍ରଚଳିତ ଶ୍ରମ ଆଇନଗୁଡିକ ଓ ୪ଟି ଶ୍ରମକୋଡର ତାରତମ୍ୟ ବିଷୟରେ ଆଲୋଚନା କରିଥିଲେ। ଏହି ଧର୍ମଘଟକୁ ବାଲେଶ୍ୱରରେ ସଫଳ କରିବା ପାଇଁ ଚଳିତ ମାସ ୩୧ତାରିଖ ଦିନ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ନୂଆବଜାର ସ୍ଥିତ ପରିବହନ ଶ୍ରମିକ ଭବନରେ ଅନୁଷ୍ଠିତ ହେବ। ଅନ୍ୟ ଏକ ପ୍ରସ୍ତାବରେ ଗତ୧୪ତାରିଖ ଦିନ ଗୋରକ୍ଷକମାନେ ଜଣେ ସଂଖ୍ୟାଲଘୁ ସଂପ୍ରଦାୟର ଯୁବକଙ୍କୁ ହତ୍ୟା କରିବା ଘଟଣାକୁ ବୈଠକରେ ଦୃଢ଼ ନିନ୍ଦା କରାଯାଇଛି। ଉକ୍ତ ବୈଠକରେ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ହରେକୃଷ୍ଣ ଚାନ୍ଦ,ଗୌତମ ଦାସ,ପୂର୍ଣ୍ଣଚନ୍ଦ୍ର ପାତ୍ର ଓ ଭରତ ଚନ୍ଦ୍ର ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।

ପଳାସପୁର ପ୍ରିମିୟର ଲିଗ୍ ସଂସ୍କରଣ-୪ ଉଦ୍‌ଘାଟିତ

ବାଲେଶ୍ୱର,୨୪।୧(ସମିସ): ସଦର ବ୍ଲକ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ ସନ୍ନିକଟ ପଡିଆରେ, ପଳାସପୁର ପ୍ରିମିୟର ଲିଗ ଉଦଘାଟିତ ହୋଇଯାଇଛି। ଆୟୋଜିତ ଉଦଘାଟନୀ ସଭାରେ ପ୍ରାକ୍ତନ ସରପଞ୍ଚ ବିରୁପାକ୍ଷ ମହାପାତ୍ରଙ୍କ ସଭାପତିତ୍ୱ କରିଥିବା ବେଳେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ମଞ୍ଜୁଲତା ଆଚାର୍ଯ୍ୟ, ସମିତି ସଭ୍ୟ ପୁଷ୍ପଶ୍ରୀ ରାଉତ, ଭିନ୍ନକ୍ଷମ ଜାତୀୟ କ୍ରୀଡ଼ାବିତ ସୁଧାକର ସେଠୀ, ଭାଗବତ ବେହେରା, ପିତାମ୍ବର ମହାପାତ୍ର, ଅଚ୍ୟୁତ ମହାନ୍ତି, ଅଭ୍ୟୁଦୟମର ମୁଖ୍ୟ ସବ୍ୟସାଚୀ ପ୍ରଧାନ, ପ୍ରସନ୍ନ କୁମାର ପରିଡା ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମୋଟ ୧୭ଟି ମ୍ୟାଚ ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତା ମାନେ କହିଛନ୍ତି। ଆଜି ଉଦଘାଟନି ମ୍ୟାଚରେ ଷ୍ଟୋର୍ମ ବ୍ରେକର ଏବଂ ଆର୍ ଆର୍ ଅଫିସିଆଲ୍ ଓ ପଳାଶପୁର ଇଲେଭେନ୍ ଏବଂ ବିଶ୍ୱାଳ ୱାରିଓରସ୍ ପରସ୍ପରକୁ ଚାରୋଟି କ୍ରିକେଟ କ୍ଲବ ପରସ୍ପରକୁ ଭେଟିଥିଲେ। ଜନ୍ମେଜୟ ପରିଡ଼ା ଏବଂ ମଧୁସୂଦନ ପରିଡ଼ା ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ରଶ୍ମିରଞ୍ଜନ ଜେନା ଓ ରତିରଞ୍ଜନ ଆଚାର୍ଯ୍ୟ, ଭାଷ୍ୟକାର ତ୍ରିଲୋଚନ ବେହେରା, ପିଚ୍ କ୍ୟୁରେଟର ଶୁଭ୍ରାଂଶୁ ରାଉତ ଏବଂ ସିଦ୍ଧାର୍ଥ ସୌରଭ ମହାନ୍ତି ଶକ୍ତିପ୍ରସାଦ ରାଉତ, ଦିବ୍ୟଜ୍ୟୋତି ରାଉତ, ମୁକ୍ତିକାନ୍ତ ପାଳ, ସାଇ ଓମ୍ ସାହୁ, ଅଭିଜିତ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

ଦୁଃଖୀ ସମାଜ ପକ୍ଷରୁ ରକ୍ତଦାନ ଶିବିର



ବାଲେଶ୍ୱର,୨୪।୧(ସମିସ): ଅଖିଳ ଭାରତୀୟ ଦୁଃଖୀ ସମାଜ ପକ୍ଷରୁ ବିଶାଳ ରକ୍ତ ଦାନ ଶିବିର ସହରର ଦରଘା ମୈଦାନଠାରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ସ୍ଥିତ ଧର୍ମଗୁରୁ ହୁଜୁର ଛୋଟେ ସରକାର ବାବାଙ୍କ ଜୟନ୍ତୀ ଉପଲକ୍ଷେ ଏହି ଦିବସରେ ଏକ କାଳୀନ ଭଦ୍ରକ, ବାଲେଶ୍ୱର, ବାରିପଦା ଏବଂ ଜଳେଶ୍ୱର ଠାରେ ଏହି ଶିବିର ଅନୁଷ୍ଠିତ ହେଉଛି। ପ୍ରାରମ୍ଭରେ ସକାଳ ୬ଟା ରୁ କମିଟି ପକ୍ଷରୁ ସହର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହର ସମେତ ଆଖପାଖ ଅଞ୍ଚଳର ଛୋଟେ ସରକାର ବାବାଙ୍କ ଭକ୍ତ ମାନେ ଏହି ଶିବିରରେ ବହୁ ସଂଖ୍ୟାରେ ରକ୍ତ ଦାନ କରିଥିବା ଦେଖିବାକୁ ମିଳିଛି। ପ୍ରତେକ ବର୍ଷ ବାଲେଶ୍ୱର ରକ୍ତ ଭଣ୍ଡାର ଏବଂ କଟକ ରକ୍ତ ଭଣ୍ଡାରରୁ ପୃଥକ ପୃଥକ ଟିମ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଶିବିରରେ କଟକ ରକ୍ତ ଭଣ୍ଡାର ୨୫୧ ୟୁନିଟ ରକ୍ତ ସଂଗୃହୀତ କରିଥିବା ବେଳେ, ବାଲେଶ୍ୱର ରକ୍ତ ଭଣ୍ଡାର ୩୦୦ ୟୁନିଟ ରକ୍ତ ସଂଗ୍ରହ କରିଛି। ମୋଟ ୫୫୧ ୟୁନିଟ ରକ୍ତ ସଂଗୃହୀତ କରାଯାଇଥିଲା। କମିଟି ସଭାପତି ତଥା କାଉନସିଲର ସେଖ ଆୟୁବ, ସମ୍ପାଦକ ନାତିକ ଖାନ, ସେଖ ଆନସର, ସେଖ ରାଜବ ଅଲ୍ଲି, ସେଖ ନିଆଜୁ, ସେଖ ଇର୍ଶାଦ, ସେଖ ବାବୁ, ସେଖ ଆସଲମ, ସେଖ ନାସିରୁଦ୍ଦିନ, ଜମିଲ କାଦ୍ରୀ, ସେଖ ବୁଲୁ ଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ହାତୀ ମୃତ୍ୟୁକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରି କୋର୍ଟରେ ମାମଲା



ବାଲେଶ୍ୱର,୨୪।୧(ସମିସ): ଜଳେଶ୍ୱର ବ୍ଲକ ରାଇବଣିଆର ବିଭିନ୍ନ ଅଞ୍ଚଳକୁ ନେଇ ପାଖା ପାଖି ୨୨୬୪ ହେକ୍ଟର ଜଙ୍ଗଲ ରହିଛି । ଏହା ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ମୟୂରଭଞ୍ଜ ସୀମାକୁ ଲାଗି ରହିଥିବାରୁ ବର୍ଷ ତମାମ ଝାଡଖଣ୍ଡି ହାତୀପଲ ସାଙ୍ଗକୁ ପଶ୍ଚିମବଙ୍ଗ ଓ ନୀଳଗିରି ଅଞ୍ଚଳରୁ ହାତୀ ଆସିଥାନ୍ତି। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ହାତୀଙ୍କ ସୁରକ୍ଷା ଓ ଖାଦ୍ୟ ପାନୀୟ ସାଙ୍ଗକୁ ଜଙ୍ଗଲ ଓ ହାତୀର ଗତିବିଧିକୁ ନଜର ରଖିବା ପାଇଁ ଗଜ ସାଥୀ, ଏଲ୍ଲିଫେଣ୍ଟ ସ୍କ୍ୱାର୍ଡ, ଫାୟାର ସେଫ୍ଟି, ୱାଚର , ଫରେଷ୍ଟ ଗାର୍ଡ, ଫରେଷ୍ଟର , ରେଞ୍ଜର, ଏସିଫ , ଜିଲ୍ଲାଞ୍ଚଳ ବନ ଅଧିକାରୀ ପାଇଁ ସରକାରୀ ତହ ବିଲରୁ କୋଟି କୋଟି ଟଙ୍କାର ଦରମା ପ୍ରଦାନ କରାଯାଉ ଥିବା ବେଳେ ବନ ଅଧିକାରୀ ମାନଙ୍କର ଅବହେଳା ଯୋଗୁ ଅକାଳରେ ଯାଉଛି ନିରୀହ ବନ୍ୟ ପ୍ରାଣୀଙ୍କ ଜୀବନ। ଗତ ନଭେମ୍ବର ୨ତାରିଖ ସକାଳ ୫ଟା ସମୟରେ ରାଇବଣିଆ ଅଞ୍ଚଳର ଶ୍ୟାମନଗରର ଗ୍ରାମ ପଞ୍ଚାୟତ ଘଡ଼ଘଡା ଗାଁ ଦେଇ ୧୦ ରୁ ୧୨ ଗୋଟି ହାତୀପଲ ଯିବା ସମୟରେ ୧୦ରୁ ୧୨ ବର୍ଷ ବୟସର ଏକ ମାଈ ହାତୀ ସେଠାରେ ଅଟକି ଯାଇଥିଲା ଓ ଅଜଣା ରୋଗରେ ଯନ୍ତ୍ରଣା ଅନୁଭବ କରୁଥିବାର ଦେଖିବାକୁ ପାଇଥଲେ ସ୍ଥାନୀୟ ବାସୀ ଯାହାକୁ ନେଇ ବନ ବିଭାଗକୁ ଫୋନ୍ ମାଧ୍ୟମରେ ଜଣାଇ ଥିଲେ ମଧ୍ୟ ସେଠାକୁ କେହି ନ ଆସିବା ଦେଖି ପୁଣି ଫୋନ୍ ଯୋଗେ ଜିଲ୍ଲା ବନ ଅଧିକାରୀଙ୍କୁ ଅବଗତି କରାଇବା ପରେ ବିଳମ୍ବରେ ପହଞ୍ଚି ଥିଲେ ସ୍ଥାନୀୟ ବନ ଅଧିକାରୀ ଓ ସ୍ଥାନୀୟ ପ୍ରାଣୀ ଚିକିତ୍ସା ଅଧିକାରୀ। ସେମାନେ ଦୁହେଁ କଣ କଥା ହୋଇ କିଛି ପାଚିଲା କଦଳୀ ସାଙ୍ଗରେ ଔଷଧ ଖାଇବାକୁ ଦେଇ ଥିଲେ ଓ ହାତୀ ଖୁବ୍ ଶୀଘ୍ର ଭଲ ହୋଇ ଯିବ କହି ସେଠାରୁ ପଳାଇ ଯାଇଥିଲେ ସେ ଦିନ ପାଖାପାଖି ଅପରାହ୍ନ ୫ଟା ସମୟରେ ହାତୀଟି ଉତ୍ତମ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରିଥିଲା। ତହିଁ ପରଦିନ ସମସ୍ତ ବନ ଅଧକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ,ସାଇଣ୍ଟିଫିକ୍ ଟିମ୍ ଓ ସ୍ଥାନୀୟ ପୋଲିସ ଉପସ୍ଥିତିରେ ମୃତହାତୀକୁ ଉଦ୍ଧାର କରି ପାଖା ଜଙ୍ଗଲ ମଥୁରଘେରା ଠାରେ ଶବ ବ୍ୟବଚ୍ଛେଦ କଲାରୁ ମାଈ ମୃତ ହାତୀର ପେଟରୁ ଏକ ମୃତହାତୀ ଛୁଆ ବାହାର କରାଯାଇ ସେଠାରେ ପୋତା ଯାଇଥିଲା। ଏଥିରୁ ସ୍ପଷ୍ଟ ବାରି ହୋଇ ପଡୁଛି କି ଗର୍ଭାବସ୍ଥା ଥିବା ମୃତ ହାତୀର ଗତିବିଧି ଓ ଚିକିତ୍ସା ଅବହେଳାରୁ ହିଁ ଦୁଇଟି ଅମୂଲ୍ୟ ଜୀବନ ହାନି ହେଲା। ଯାହାକୁ ନେଇ ରାଇବଣିଆ ଅଞ୍ଚଳର ଜଣେ ଯୁବ ସମାଜସେବୀ ଅଶ୍ରୁମୋଚନ ଘୋଷ ଉକ୍ତ ଘଟଣାରେ ହାତୀର ପ୍ରାଣହାନିରେ ଅବହେଳିତ ଓ ଉତ୍ତର ଦାୟିତ୍ୱରେ ଥିବା ୫ଜଣ ଅଧିକାରୀଙ୍କ ବିରୋଧରେ ଜଳେଶ୍ୱର ଜେଏମଏଫସିଙ୍କ କୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି ଯାହା ବିଚାରାଧୀନ ଅଛି । ଉକ୍ତ ମକଦ୍ଦମା ମାମଲାକୁ ଯୁବ ଆଇନଜୀବୀ ଫାଲ୍ଗୁନୀ ପାଣିଗ୍ରାହୀ ପରିଚାଳନା କରୁଛନ୍ତି।

ବିଶାଳ ହିନ୍ଦୁ ସମ୍ମିଳନୀ



ବାଲେଶ୍ୱର,୨୪।୧(ସମିସ): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ଶତବାର୍ଷିକ ପୂର୍ତ୍ତି ଅବସରରେ ସମଗ୍ର ହିନ୍ଦୁ ସଂଗଠନ ପକ୍ଷରୁ ଅନୁଷ୍ଠିତ ହେଲା ବିଶାଳ ହିନ୍ଦୁ ସମ୍ମିଳନୀ ପ୍ରତ୍ୟେକ ହିନ୍ଦୁ ନିଜ ଧର୍ମଗ୍ରନ୍ଥ ଅଧ୍ୟୟନ କରିବା ଆବଶ୍ୟକ ବୋଲି କହିଲେ ମୁକୁନ୍ଦ ଜୀ ମହାରାଜ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ଶତବାର୍ଷିକ ପୂର୍ତ୍ତି ଅବସରରେ ସଙ୍ଘର ନଗର କମିଟି ପକ୍ଷରୁ ସ୍ଥାନୀୟ ପୁରୁଣା ଷ୍ଟାଡ଼ିୟମ ପଡିଆରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଯୋଜକ ରାଜେନ୍ଦ୍ର ପ୍ରସାଦ ମୋରଙ୍କ ପୌରହିତ୍ୟରେ ବାଘେଶ୍ୱର ଧାମର ପୀଠାସିନ ଅଧିକାରୀ ମୁକୁନ୍ଦ ଜୀ ମହାରାଜ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସନାତନ ଧର୍ମ, ହିନ୍ଦୁତ୍ୱ ଓ ଏହାର ସୁରକ୍ଷା ତଥା ନିଜ ଧର୍ମକୁ ନିଷ୍ଠା ର ସହ କିଭଳି ପାଳନ କରିବାକୁ ପଡିବ ସେ ସମ୍ପର୍କରେ ଉଲ୍ଲେଖ କରି ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଚାର୍ଯ୍ୟ ବିଜୟ ଜୀ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ପୂର୍ବ ପ୍ରାନ୍ତ ଗୋ ସେବକ ପ୍ରମୁଖ ଶାନ୍ତନୁ ମାଝି ଓ ପିଞ୍ଛା ବଣିଆ ଗୁରୁକୁଳ ସମାଜ ର ପ୍ରତିଷ୍ଠାତା ଆଚାର୍ଯ୍ୟ ବିନୟ ଜୀ ପ୍ରମୁଖ ଉପସ୍ଥିତ ଥିଲେ।

ବରିଷ୍ଠ ନାଗରିକଙ୍କ ନିମନ୍ତେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାଲେଶ୍ୱର,୨୪।୧(ସମିସ): ଚାମ୍ବର ଅଫ କମର୍ସ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ମେ ଆଇ ହେଲ୍ପ ୟୁ' ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇଟିଆଇ ପଡିଆରେ ଚାଲିଥିବା ଏକ୍ସପୋ ଓଡିଶା ପରିସରରେ ଏହି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମଧୁମେହ, ଉଚ୍ଚ ରକ୍ତଚାପ, ହିମୋଗ୍ଲୋବିନ ପରୀକ୍ଷା କରିବା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବସିଆଇସି ସଭାପତି ସଞ୍ଜୟ କୁମାର ଦାସ, ରାଜେନ୍ଦ୍ର ଗୁପ୍ତା, ସୁଶାନ୍ତ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

ମହିଳାଙ୍କୁ ସମର୍ପିତ 'ଏକ୍ସପୋ ଓଡ଼ିଶା'ର ତୃତୀୟ ଦିବସ

ବାଲେଶ୍ୱର,୨୪।୧(ସମିସ)



ଭାରତ ସରକାରଙ୍କ ଏମଏସଏମଇ ଉନ୍ନୟନ ସଂସ୍ଥା, ଓଡିଶା ସରକାରଙ୍କ ଏମଏସଏମଇ ବିଭାଗ, ବାଲେଶ୍ୱର ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘ ଓ ଉତ୍ତର ଓଡିଶା ଶିଳ୍ପ ଓ ବାଣିଜ୍ୟ ମହାସଂଘ (ନୋସି) ମିଳିତ ସହଯୋଗରେ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ (ବିସିଆଇସି) ପକ୍ଷରୁ ଚାଲିଥିବା ଶିଳ୍ପ ପ୍ରଦର୍ଶନୀ ଓ ବାଣିଜ୍ୟ ମେଳାର ୨୩ ତମ ସଂସ୍କରଣ "ଏକ୍ସପୋ ଓଡିଶା -୨୦୨୬'ର ତୃତୀୟ ଦିବସ ମହିଳାଙ୍କ ଉଦ୍ଦେଶ୍ୟରେ ସମର୍ପିତ ହୋଇଥିଲା। ଏହି ଅବସରରେ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ (ବିସିଆଇସି) ମହିଳା ଚାପ୍ଟର "ବିସିଆଇସି ୱିର ଚତୁର୍ଥ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍ୟୋଗୀ ଭାବେ ମହିଳାମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବିସିଆଇସିର ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ, ଭାରତ ସରକାରଙ୍କ ଏମଏସଏମଇ ଉନ୍ନୟନ ସଂସ୍ଥାର ଯୁଗ୍ମ ନିର୍ଦ୍ଦେଶିକା ନିତିଶା ମାନ, ମୟୂରଭଞ୍ଜ ମହାରାଣୀ ରଶ୍ମି ଭଞ୍ଜଦେଓ ପ୍ରମୁଖ ସମ୍ମାନିତ ଭାବେ ଯୋଗଦେଇ ମହିଳାମାନଙ୍କୁ ଉଦ୍ୟୋଗୀ ଭାବେ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ବିସିଆଇସି ୱିର୍ ଆବାହିକା ସୁପ୍ରିତି ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଶିଳ୍ପ ଓ ବାଣିଜ୍ୟ ସଂଗଠନରେ ମହିଳାଙ୍କ ପାଇଁ ଗଠିତ ଚ୍ୟାପ୍ଟରର କାର୍ଯ୍ୟଧାରା ଓ ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଅତିଥିମାନେ ବିସିଆଇସି ୱିର ସଫଳ ମହିଳା ଉଦ୍ୟୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରିୟଦର୍ଶିନୀ ପରିଡ଼ା ଓ ଦୀପିକା ପାଞ୍ଜା ମଞ୍ଚ ପରିଚାଳନା କରିଥିଲେ। ମମତା ଦାସ, ଶିବାନୀ ସମାଦାର୍, ବନମାଳା ଦାସ ମହାପାତ୍ର, ରୁଚି ଦାସ, ରିତୁ ଜାଲାନୀ ପ୍ରମୁଖ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚ୍ୟାପ୍ଟରର ସହ-ଆବାହିକା କ୍ରିଷ୍ଣା ଦାସ ଧନ୍ୟବାଦ ଦେଇଥିଲେ। ବିସିଆଇସି ସଭାପତି ସଞ୍ଜୟ ଦାସ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ ପକ୍ଷରୁ ସମସ୍ତ ପ୍ରକାର ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ସଭା ପୂର୍ବରୁ ବିସିଆଇସି ୱିର ସଦସ୍ୟାଙ୍କ ରାମ୍ପ ସୋ ସମସ୍ତଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା। ଏହା ସହିତ ସ୍ଥାନୀୟ କଳାକାରଙ୍କ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଭା ପରେ ଓଲିଉଡ ଗାୟିକା ସୋହିନୀ ମିଶ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସଙ୍ଗୀତ ପରିବେଷଣକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ। ରାଧାନାଥ ରଥ ଓ ଅରବିନ୍ଦ ସାହୁଙ୍କ ସହ ବିସିଆଇସି ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଇଞ୍ଜିନିୟରିଂ ସ୍କୁଲ ଛକରେ ନାହିଁ ଟ୍ରାଫିକ୍ ପୋଷ୍ଟ ଓ ସିଗ୍ନାଲ

ଗୁରୁତର ହେଉଛି ଟ୍ରାଫିକ୍ ସମସ୍ୟା

ହନ୍ତସନ୍ତ ହେଉଛନ୍ତି ୩ ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀ



ବ୍ରହ୍ମପୁର, ୨୪।୧ (ସମିସ): ସହରର ଗୁରୁତ୍ୱପୂର୍ଣ୍ଣ ଛକମାନଙ୍କ ମଧ୍ୟରୁ ଇଞ୍ଜିନିୟର ସ୍କୁଲ ଛକ ଅନ୍ୟତମ। ଏଠାରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। ଏହି ଛକ ସହିତ ୩ଟି ରାସ୍ତା ସଂଯୋଗ ରହିଛି। କିନ୍ତୁ ଏଯାବତ୍ ଏଠାରେ ଟ୍ରାଫିକ ପୋଷ୍ଟ, ସିଗ୍ନାଲ କିମ୍ବା ଟ୍ରାଫିକ ପୁଲିସଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଉନାହିଁ। ପ୍ରତିଦିନ ସକାଳ ଓ ସନ୍ଧ୍ୟାବେଳେ ଏହି ଛକରେ ଅସମ୍ଭାଳ ଟ୍ରାଫିକ୍ ଜାମ୍ ଯୋଗୁ ଅଣନିଶ୍ୱାସୀ ହେଉଛନ୍ତି ଯାତ୍ରୀ।

ସେହିପରି ଏହି ଛକ ନିକଟରେ ୟୁସିପି ଇଞ୍ଜିନିୟରିଂ ସ୍କୁଲ, ସରକାରୀ ପଲିଟେକ୍‌ନିକ ଓ ସରକାରୀ ଆଇଟିଆଇ ଭଳି ୩ଟି ବଡ଼ ଶିକ୍ଷାନୁଷ୍ଠାନ ରହିଛି। ପ୍ରତିଦିନ ଏହି ଶିକ୍ଷାନୁଷ୍ଠାନକୁ ଶତାଧିକ ଛାତ୍ରଛାତ୍ରୀ ଅଧ୍ୟୟନ ପାଇଁ ଆସୁଛନ୍ତି। ଏହା ସହ ଇଞ୍ଜିନିୟରିଂ ଛକରେ ହିଁ ରାଜସ୍ୱ ଡ଼ାକ ବଙ୍ଗଳା ରହିଥିବା ବେଳେ ଏହି ଛକଦେଇ ଉକ୍ତ ବଙ୍ଗଳାକୁ ବହୁ ଗାଡ଼ି ଯିବା ଆସିବା କରିଥାଏ। ସେହିପରି ଇଞ୍ଜିନିୟରିଂ ସ୍କୁଲ ଖେଳ ପଡ଼ିଆରେ ବିଭିନ୍ନ ସମୟରେ ମେଳା ସମେତ ବହୁ କାର୍ଯ୍ୟକ୍ରମ ହେଉଛି। ଏହି ସମୟରେ ଇଞ୍ଜିନିୟରିଂ ସ୍କୁଲ ଛକଦେଇ ହଜାର ହଜାର ବ୍ୟକ୍ତି ଖେଳ ପଡ଼ିଆ ଦେଇ ଏହି କାର୍ଯ୍ୟକ୍ରମକୁ ଯିବାଆସିବା କରିଥାନ୍ତି। ଏହି ସମୟରେ ଉକ୍ତ ଛକରେ ଟ୍ରାଫିକ ସମସ୍ୟା ଦ୍ୱିଗୁଣ ହୋଇଯାଏ। ଏହି ଛକ ଦେଇ ଜାତୀୟ ରାଜପଥକୁ ଆଙ୍କୁଲି ଓଭର ବ୍ରିଜ୍ ସଂଯୋଗ କରୁଛି। ଏହାସହ ଅନ୍ୟ ଛୋଟ ଗଳି ରାସ୍ତା ମଧ୍ୟ ଏହି ମୁଖ୍ୟ ରାସ୍ତାକୁ ସଂଯୋଗ କରୁଛି। ଏଭଳି ଭାବେ ଏହି ରାସ୍ତା ଦେଇ ଇଞ୍ଜିନିୟରିଂ ସ୍କୁଲ ଛାତ୍ରଛାତ୍ରୀ, ସ୍କୁଲ ବସ୍, ଦୁଇଚକିଆ ଓ ଚାରିଚକିଆ ଯାନ, ଆମ୍ବୁଲାନ୍ସ ସହ ବିଭିନ୍ନ ଯାନବାହନ ଏଠାରୁ ଚଳାଚଳ କରୁଥିବାରୁ ଭିଡ଼ ଯୋଗୁ ଘଣ୍ଟା ଘଣ୍ଟା ଯାତ୍ରୀଙ୍କୁ ଫସି ରହିବାକୁ ପଡୁଥିବାବେଳେ ବିଭିନ୍ନ ସମୟରେ ଟ୍ରାଫିକ୍ ସମସ୍ୟା କାରଣରୁ ଛୋଟବଡ଼ ଦୁର୍ଘଟଣା ହେଉଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଅନେକ ସମୟରେ ଯାନବାହନ ଉଭୟ ପାର୍ଶ୍ୱରୁ ଅତିକ୍ରମ ବେଳେ ଭିଡ଼ ଯୋଗୁ ଅଟକି ଯିବାରୁ ଲମ୍ବା ସମୟ ଯାତାୟାତ ବାଧାପ୍ରାପ୍ତ ହେଉଛି ଓ ଗାଡ଼ି ଗୁଡ଼ିକ ଧାଡ଼ି ଲମ୍ବି ଯାଉଛି। ଟ୍ରାଫିକ ସିଗ୍ନାଲ୍, ରୋଡ୍ ମାର୍କିଂ ଓ ସ୍ପିଡ୍ ବ୍ରେକର ନ ଥିବାରୁ ସମସ୍ୟା ଆହୁରି ଗମ୍ଭୀର ହେଉଛି। ସ୍ଥାନୀୟ ବାସିନ୍ଦା ଓ ଚାଳକମାନେ ଏଠାରେ ଶୀଘ୍ର ଟ୍ରାଫିକ ପୋଷ୍ଟ ସ୍ଥାପନ, ଟ୍ରାଫିକ କର୍ମଚାରୀ ମୁତୟନ ସହ ସିଗ୍ନାଲ୍ ବ୍ୟବସ୍ଥା କରାଯିବାକୁ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି। ଯଦି ଶୀଘ୍ର ପଦକ୍ଷେପ ନିଆ ନଯାଏ ଆଗାମୀ ଦିନରେ ବଡ଼ ଦୁର୍ଘଟଣା ଘଟିବା ଆଶଙ୍କାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ତେଣୁ ଏଥିପ୍ରତି ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ବ୍ରହ୍ମପୁର ପୁଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

ବ୍ରହ୍ମପୁରରେ ଖୋସ୍ଲା ଇଲୋକ୍ଟ୍ରୋନିକ୍ସର ଶୁଭାରମ୍ଭ

ବ୍ରହ୍ମପୁର,୨୪।୧(ସମିସ): ବ୍ରହ୍ମପୁର ସହରରେ ପାଦ ଥାପିଛି "ଖୋସ୍ଲା ଇଲୋକ୍ଟ୍ରୋନିକ୍ସ"। ଏସ୍ଏନ୍‌ଟି ରୋଡ଼ ନିକଟସ୍ଥ ୱାନ-ୱେ ଟ୍ରାଫିକ ରୋଡ୍‌ରେ ଏହି "ସୋରୁମ" ଉଦ୍‌ଘାଟିତ ହୋଇଯାଇଛି। ଖୋସ୍ଲାର କୋଲକାତାରେ ୮୯ଟି



ସୋରୁମ ଥିବା ବେଳେ ଓଡ଼ିଶାରେ ପ୍ରଥମ କରି ବ୍ରହ୍ମପୁର ଓ ସାଲେପୁରରେ ସୋରୁମ୍ ଆରମ୍ଭ ହୋଇଛି। ଆଗାମୀ ଦିନରେ ଏହାକୁ ବ୍ୟାପକ କରିବାକୁ ଯୋଜନା କରାଯାଉଛି। ବାରିପଦା, ସୋର, ଭଦ୍ରକ ସମେତ ବିଭିନ୍ନ ସହରରେ ଖୋସ୍ଲା ଇଲୋକ୍ଟ୍ରୋନିକ୍ସର ସୋରୁମ ଖୋଲିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ଖୋସ୍ଲାର ଓଡ଼ିଶା ମୁଖ୍ୟ ଅମିତ ମୁଖାର୍ଜୀ ଓ ପାର୍ଟନର ଉବେଶ ମହାନ୍ତି ଯୋଗଦେଇ ନୂତନ ସୋରୁମ୍‌ର ଶୁଭାରମ୍ଭ କରି କହିଛନ୍ତି ଯେ, "ଖୋସ୍ଲା ଇଲୋକ୍ଟ୍ରୋନିକ୍ସ' ଓଡ଼ିଶାବାସୀଙ୍କ ପ୍ରିୟଭାଜନ ହେବ। ଗ୍ରାମାଞ୍ଚଳ ସମେତ ସହରବାସୀଙ୍କୁ ମଧ୍ୟ ଏହା ଆକର୍ଷିତ କରିବ। ଏହି କମ୍ପାନୀ ବେଷ୍ଟ କଷ୍ଟମର ସର୍ଭିସ ପ୍ରଦାନ କରୁଛି। ଲୋକଙ୍କ ଚାହିଦା ଅନୁଯାୟୀ ଟିଭି, ଫ୍ରିଜ୍, ୱାସିଂମେସିନ୍, ମୋବାଇଲ ଫୋନ, ଲାପଟପ୍ ଆଦି ସମସ୍ତ ଜିନିଷ ଏଠାରେ ସୁଲଭ ଦରରେ ଉପଲବ୍ଧ ହେବ। ଯାହା ଗ୍ରାହକଙ୍କ ପ୍ରଥମ ପସନ୍ଦ ପାଲଟିବ। ଏଠାରେ ସମସ୍ତ ପ୍ରକାରେ ଇଏମଆଇର ସୁବିଧା ମଧ୍ୟ ଉପଲବ୍ଧ ରହିଛି। ଏହା ଇଷ୍ଟର୍ଣ୍ଣ ଜୋନ୍‌ର ସର୍ବବୃହତ୍ତ କମ୍ପାନୀ ବୋଲି ଶ୍ରୀ ମୁଖାର୍ଜୀ କହିଛନ୍ତି।

ଆଜି ଗୋପାଳପୁର ମେଗା ମାରାଥନ୍

ବ୍ରହ୍ମପୁର,୨୪।୧(ସମିସ): ଗୋପାଳପୁର ବେଳାଭୂମି ମହୋତ୍ସବର ଅବ୍ୟବହିତ ପୂର୍ବରୁ ଅର୍ଥାତ ୨୫ ତାରିଖ ସକାଳୁ ଆରମ୍ଭ ହେବ ମେଗା ମାରାଥନ୍। ଏହାକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମର ସଫଳ ଆୟୋଜନ ଏବଂ ଅଂଶଗ୍ରହଣକାରୀ ଧାବକଙ୍କ ସୁରକ୍ଷା ପାଇଁ ଟ୍ରାଫିକ୍ ନିୟନ୍ତ୍ରଣ ଲାଗି ସ୍ୱତନ୍ତ୍ର ରୋଡ୍‌ମ୍ୟାପ ପ୍ରସ୍ତୁତ ହୋଇଛି। ଗୋପାଳପୁର ଜଙ୍କସନ୍‌ରୁ ତୁରା ଛକ, ଆର୍ମି ଏଡି କଲେଜ୍ ଛକ, ନାରାୟଣପୁର ଛକ ଏବଂ ଷଣ୍ଢଛକ ଦେଇ 'ମୋ ଗୋପାଳପୁର ସ୍କୋୟାର ପର୍ଯ୍ୟନ୍ତ, ଗୋପାଳପୁର ବେଳାଭୂମି ଦିଗକୁ ଯାଉଥିବା ଗୋଟିଏ ପାଶ୍ୱର୍ ରାସ୍ତା ସମସ୍ତ ପ୍ରକାର ମୋଟର ଯାନ ପାଇଁ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିବ। ମୋ ଗୋପାଳପୁର ସ୍କୋୟାରରୁ ଗୋପାଳପୁର ମୁଖ୍ୟ ବେଳାଭୂମି ପର୍ଯ୍ୟନ୍ତ ଦୁଇ ପାଶ୍ୱର୍ରୁ ସମସ୍ତ ପ୍ରକାର ମୋଟର ଯାନ ଚଳାଚଳ ସମ୍ପୂର୍ଣ୍ଣ ନିଷେଧ ରହିବ। ଉପରୋକ୍ତ "ନୋ ଏଣ୍ଟ୍ରି' ଯାତାୟାତ ନିୟନ୍ତ୍ରଣ ସକାଳ ୬ରୁ ୧୧ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ମେଗା ମାରାଥନ୍‌କୁ ସଫଳ କରିବା ପାଇଁ ପ୍ରଶାସନ ଓ ଧାବକମାନଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ସ୍ଥାନୀୟ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

ଟ୍ରାଫିକ୍ ନିୟନ୍ତ୍ରଣ ଲାଗି ସ୍ୱତନ୍ତ୍ର ପଦକ୍ଷେପ

କ୍ଷେତ୍ରମୋହନ ବିଜ୍ଞାନ କନିଷ୍ଠ ମହାବିଦ୍ୟାଳୟରେ ନେତାଜୀ ଜୟନ୍ତୀ

ବ୍ରହ୍ମପୁର,୨୪।୧(ସମିସ): ନରେନ୍ଦ୍ରପୁର ସ୍ଥିତ କ୍ଷେତ୍ରମୋହନ ବିଜ୍ଞାନ କନିଷ୍ଠ ମହାବିଦ୍ୟାଳୟରେ ମହାନ୍ ରାଷ୍ଟ୍ର ଭକ୍ତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସର ସଂଯୋଜିକା ଅଧ୍ୟାପିକା ଅନ୍ନପୂର୍ଣ୍ଣା ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କଲେଜ ଅଧ୍ୟକ୍ଷ ଡ. ହୃଷୀକେଶ ପଣ୍ଡା ପୌରୋହିତ୍ୟ କରି ଛାତ୍ରଛାତ୍ରୀମାନଙ୍କୁ ନେତାଜୀଙ୍କ ତ୍ୟାଗପୂତ ଜୀବନାଦର୍ଶନରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ବିଜୟ କୁମାର ଖଟେଇ, କ୍ରୀଡାଶିକ୍ଷକ ପ୍ରଶାନ୍ତ କୁମାର ନାୟକ, ଅଧ୍ୟାପିକା ସଂଗୀତା ସ୍ୱାଇଁ, ସ୍ୱରୂପା ସାହୁ ପ୍ରମୁଖ ଉଦବୋଧନ ଦେଇଥିଲେ। ଅଧ୍ୟାପିକା ମଧୁସ୍ମିତା ପ୍ରଧାନ ଧନ୍ୟବାଦ ଦେଇଥିଲେ।



ଗଞ୍ଜାମ ଜିଲ୍ଲାସ୍ତରୀୟ କର୍ତ୍ତବ୍ୟବୋଧ ଦିବସ



ବ୍ରହ୍ମପୁର, ୨୪।୧ (ସମିସ): ସ୍ଥାନୀୟ ବ୍ରହ୍ମନଗର ସ୍ଥିତ ଏକ ସଭାଗୃହରେ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାସ୍ତରୀୟ କର୍ତ୍ତବ୍ୟବୋଧ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି କୁମୁଦଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାମୀ ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅନୀଲ କୁମାର ପ୍ରଧାନ ଓ ମୁଖ୍ୟ ବକ୍ତାଭାବ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ପ୍ରଚାରକ ରଶ୍ମିରଞ୍ଜନ ମହାଙ୍କୁଡ ଯୋଗଦେଇ ଦେଶର ପ୍ରତ୍ୟେକ ନାଗରିକ ନିଜର କର୍ତ୍ତବ୍ୟକୁ ବୁଝି ପାଳନକଲେ ପୂର୍ବପରି ଭାରତ ବିଶ୍ୱଗୁରୁ ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ରାଷ୍ଟ୍ରପ୍ରୀତି ଏବଂ କର୍ତ୍ତବ୍ୟନିଷ୍ଠ ଉପରେ ଆଲୋଚନା କରିଥିଲେ। ଜିଲ୍ଲା ସମ୍ପାଦକ ସୁବୋଧ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରାନ୍ତ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ବାଜୁବନ୍ଧ ଶୈକ୍ଷିକ ମହାସଂଘର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ଜିଲ୍ଲା ସହସମ୍ପାଦକ ଅଭିମନ୍ୟୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବକ୍ଷେତ୍ର ପ୍ରମୁଖ ଗୋପାଳକୃଷ୍ଣ ପାଢ଼ୀ, ପ୍ରାନ୍ତ ଉପସଭାପତି ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ, ପ୍ରାନ୍ତ ସହ ସମ୍ପାଦକ ନୀଳାମ୍ବର ମହାପାତ୍ର, ଜିଲ୍ଲା ଉପସଭାପତି ଏସ୍. ବିଶ୍ୱନାଥ, ବିଜୟ କୁମାର ମହାନ୍ତି ଓ ସୀମାଞ୍ଚଳ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟସ୍ତରୀୟ ଓଡ଼ିଶା ନାଟ୍ୟ ଦିବସ ମହୋତ୍ସବ

ବ୍ରହ୍ମପୁର, ୨୪।୧ (ସମିସ): ନିଖିଳ ଓଡିଶା ବରିଷ୍ଠ କଳାକାର ମହାସଂଘ ପକ୍ଷରୁ ରାଜ୍ୟସ୍ତରୀୟ ଓଡିଶା ନାଟ୍ୟ ଦିବସ ମହୋତ୍ସବ ସ୍ଥାନୀୟ ପ୍ରକାଶମ୍ ହଲ୍-ଆନ୍ଧ୍ରଭାଷା ବିବର୍ଦ୍ଧନୀ ସମାଜମ୍ ସଭା ପ୍ରକୋଷ୍ଠ ପରିସରରେ ପାଳିତ ହୋଇଯାଇଛି। ମହୋତ୍ସବର ପ୍ରଥମ ପର୍ଯ୍ୟାୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାୟକ ଭଗବାନ ପାତ୍ର ଓ ସାଥୀଙ୍କ ଦାସକାଠିଆ ଏବଂ ନଳବଣ୍ଟା, ନୃସିଂହନାଥ ନାଟ୍ୟ କଳା ସଂସଦ ପରିଡା ପାର୍ଟି ପ୍ରଯୋଜିତ 'ପ୍ରହ୍ଲାଦ ନାଟକ' ପରିବେଷିତ ହୋଇଥିଲା। କଳାପ୍ରାଣ କୈଳାସ ପାଣିଗ୍ରାହୀ ଏବଂ ଗଞ୍ଜାମ ଜିଲ୍ଲା ମଞ୍ଚ କଳାକାର ସମ୍ମିଳନୀ ସମ୍ପାଦକ ନାଟ୍ୟକାର ରମେଶ ମହାରଣା କାର୍ଯ୍ୟକ୍ରମର ଶୁଭ ଉଦଘାଟନ ସହ କଳା ଓ କଳାକାରଙ୍କ ହିତ ନେଇ ଅଙ୍ଗିକାରବଦ୍ଧ ବୋଲି କହିଥିଲେ। ଏଥିରେ ମହେନ୍ଦ୍ର କୁମାର ସାହୁ ଏବଂ ଚନ୍ଦ୍ରଭାନୁ ନାହାକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ମହାସଂଘ ସଭାପତି ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁଙ୍କ ଅଧ୍ୟକ୍ଷତାରେ ଏକ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଯାତ୍ରା କଳାକାର ମଞ୍ଜମୋହନ ରାଜେନ୍ଦ୍ର ପତି ମୁଖ୍ୟ ଅତିଥି, ନାଟ୍ୟବନ୍ଧୁ ଭରତ ଚନ୍ଦ୍ର ବେହେରା ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ନାଟ୍ୟକାର ଅଭୟ କୁମାର ଦାସ, ନାଟ୍ୟଶ୍ରୀ ଫାଉଣ୍ଡେସନ ଅଧ୍ୟକ୍ଷ ଭବାନୀ ଶଙ୍କର ମିଶ୍ର, ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ମୋ ଅନୁଷ୍ଠାନ ଅଧ୍ୟକ୍ଷା କୁଞ୍ଜଲତା ମାହୁନ୍ତ ପ୍ରମୁଖ ଯୋଗଦେଇ ଓଡିଶା ନାଟ୍ୟ ଦିବସ ଆମ କଳାକାର ମାନଙ୍କ ସ୍ୱାଭିମାନ ଓ ଅସ୍ମିତାର ପରିଚାୟକ ବୋଲି ମତବ୍ୟକ୍ତ କରିଥିଲେ। ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ମହାସଂଘ କାର୍ଯ୍ୟକାରୀ ସଭାପତି ଡଃ. ବିଜୟ ଚନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ।



ଗଞ୍ଜାମ ଜିଲ୍ଲାର ବିଭିନ୍ନ ବେଳାଭୂମି ସଫେଇ

ଛତ୍ରପୁର,୨୪।୧(ସମିସ): ଗୋପାଳପୁର ବେଳାଭୂମି ମହୋତ୍ସବ ଅବସରରେ ଗଞ୍ଜାମ ଜିଲ୍ଲାରେ ୧୪ଟି ସମୁଦ୍ର ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବ୍ଲକ ପକ୍ଷରୁ ଆୟୋଜିତ ସଫେଇ କାର୍ଯ୍ୟକ୍ରମରେ ନୋଳିଆ ନୂଆଗାଁ ସ୍ଥିତ ବିଜୁ ପଟ୍ଟନାୟକ ବେଳାଭୂମି ସଫେଇ କରାଇଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ସାମିଲ ହୋଇ ବେଳାଭୂମି ସଫେଇ କରିଥିଲେ। ପ୍ରତି ବେଳାଭୂମିର ଦୁଇ କିମି ପର୍ଯ୍ୟନ୍ତ ସଫେଇ କରାଯାଇଥିଲା। ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଭଳି ପ୍ରଚେଷ୍ଟା ଜାରି ରହିବ। ଆଗକୁ ତାରାତାରିଣୀ, ସୋନପୁର ବେଳାଭୂମି, ଗୋପାଳପୁର ବେଳାଭୂମି ଓ ତାମ୍ପରା ଭଳି ପର୍ଯ୍ୟଟନ ସ୍ଥଳକୁ ଏକ ପାଇଲଟ୍ ପ୍ରୋଜେକ୍ଟ ଭାବେ ନିଆଯାଉଛି ବୋଲି ଜିଲ୍ଲାପାଳ କହିଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ତହସିଲଦାର ଦିବ୍ୟା ମହାନ୍ତି, ଗଞ୍ଜାମ ଥାନା ଅଧିକାରୀ ସୁମିତ୍ରା ପାତ୍ର, ଅଗସ୍ତିନୂଆଗାଁ ସରପଞ୍ଚ ପ୍ରତିନିଧି ବାପି ଦାସ, ପୋଡ଼ାପଦର ସରପଞ୍ଚ ସୁଜତା ଦାସ, ସୁନ୍ଦରପୁର ସରପଞ୍ଚ ଗଗନ ବେହେରାଙ୍କ ସମେତ ବିଭିନ୍ନ ମହିଳା ସଂଘ, ଏନ୍‌ଜିଓ, ପ୍ରତିଭା ଆବାସିକ କଲେଜ ଓ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସେହିପରି ଛତ୍ରପୁର ଏନ୍‌ଏସି ପକ୍ଷରୁ ହରିପୁର ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଛତ୍ରପୁର ଏନ୍‌ଏସି ନିର୍ବାହି ଅଧିକାରୀ ପ୍ରସନ୍ନ କୁମାର ଦାଶ, ଚମାଖଣ୍ଡି ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



■ ଜିଲ୍ଲାପାଳଙ୍କ ସ୍କୁଲ ପରିଦର୍ଶନ

'ଯେତିକି ପଢୁଛ, ମନଦେଇ ପଢ଼'

ଛତ୍ରପୁର,୨୪।୧(ସମିସ): ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଶନିବାର ଛତ୍ରପୁର ନୋଳିଆନୂଆଗାଁ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲରେ ଲଗାଯାଇଥିବା ସ୍ମାର୍ଟବୋର୍ଡ ସଂପର୍କରେ ପଚାରି ବୁଝିବା ସହ ପାଠ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଆସନ୍ତା ମାଟ୍ରିକ ପରୀକ୍ଷାରେ ଯେପରି ଭଲ ନମ୍ବର ରଖି ଶତପ୍ରତିଶତ ପରୀକ୍ଷାଫଳ ହେବ ସେହି ଉପରେ ଗୁରୁତ୍ୱ ଦେବାକୁ ଉପସ୍ଥିତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କହିଥିଲେ। ଆବଶ୍ୟକ ପଡିଲେ ଅତିରିକ୍ତ ଶିକ୍ଷାଦେବାକୁ ଉପଦେଶ ଦେଇଥିଲେ। ଏହାସହ ଜିଲ୍ଲାପାଳ ସ୍କୁଲର ବିଭିନ୍ନ ଶ୍ରେଣୀଗୃହ



ପରିଦର୍ଶନ କରିବା ସହ କ'ଣ ସବୁ ଆବଶ୍ୟକ ପଚାରି ବୁଝିଥିଲେ। ଏହି ଅବସରରେ ଜଣେ ଛାତ୍ର ଜିଲ୍ଲାପାଳଙ୍କୁ 'ଆପଣ କିପରି କଲେକ୍ଟର ହେଲେ' ବୋଲି ପଚାରିଥିଲେ। ଉତ୍ତରରେ ଭଲ ପାଠ ପଢି ୟୁପିଏସ୍‌ସିରେ କୃତକାର୍ଯ୍ୟ ହେବାକୁ ପଡ଼ିବ ବୋଲି ଜିଲ୍ଲାପାଳ କହିଥିଲେ। ଯେତିକି ପାଠ ପଢୁଛ ମନେ ଦେଇକି ପଢିବାକୁ ପଡିବ ବୋଲି ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଏହି ଅବସରରେ ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ଅଗସ୍ତିନୂଆଗାଁ ସରପଞ୍ଚ ପ୍ରତିନିଧି ବାପି ଦାସ, ପ୍ରଧାନ ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

ବର୍ଷ ଆରମ୍ଭରୁ ଅଶାନ୍ତ ବ୍ରହ୍ମପୁର ପୁଲିସ ଜିଲ୍ଲା ଅଶାନ୍ତ

ଦୁଇ ସପ୍ତାହରେ ଗୋଟିଏ ହତ୍ୟା, ୧୬ ହତ୍ୟା ଉଦ୍ୟମ

୩୦ ଚୋରି ଓ ଏକାଧିକ ଠକେଇ ମାମଲା ନେଇ ଲୋକେ ଭୟଭୀତ

ବ୍ରହ୍ମପୁର,୨୪।୧(ସମିସ): ବର୍ଷ ଆରମ୍ଭରୁ ଅଶାନ୍ତ ହୋଇପଡ଼ିଛି ବ୍ରହ୍ମପୁର ପୁଲିସ ଜିଲ୍ଲା। ନୂତନ ବର୍ଷରେ ଏକାଧିକ ସ୍ଥାନରେ ମାରପିଟ ସହ କେନୁଆଁଗାଁ ଥାନା ଅଞ୍ଚଳରେ ଏକ ହତ୍ୟାକାଣ୍ଡ ହୋଇଥିଲା। କେନୁଆଗାଁ ଥାନା ଅନ୍ତର୍ଗତ ଚଷାନିମଖଣ୍ଡି ପଞ୍ଚାୟତ ସନ୍ଧିବା ଗ୍ରାମରେ ସନିଆ ଗୌଡ଼(୮୪)ଙ୍କୁ ପିଟିପିଟି ହତ୍ୟା କରିଥିଲେ ଦୁଇ ଦୁର୍ବୃତ୍ତ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେହିପରି ବ୍ରହ୍ମପୁର ପୁଲିସ ଜିଲ୍ଲାରେ ବିଭିନ୍ନ ଥାନା ଅଞ୍ଚଳରେ ଚୋରି ଓ ଲୁଟ୍ ହେଉଥିବା ଦେଖିବାକୁ ମିଳିଛି। ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଦୁଇ ସପ୍ତାହରେ ପ୍ରାୟ ୧୪୦ଟି ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ବଡ଼ ବଜାର ଥାନା ଅଞ୍ଚଳରେ ୩ଟି ଚୋରି ମାମଲା, ୪ଟି ହତ୍ୟା ଉଦ୍ୟମ, ଗୋଟିଏ ଠକେଇ ସମେତ ଏକାଧିକ ଟ୍ରାଫିକ ନିୟମ ଉଲ୍ଲଂଘନ ମାମଲାକୁ ମିଶାଇ ମୋଟ ୨୪ଟି ମାମଲା ରୁଜୁ ହୋଇଛି। ସେହିପରି ବୈଦ୍ୟନାଥପୁର ଥାନାରେ ୮ଟି ଚୋରି ମାମଲା, ଗୋଟିଏ ଆର୍ମସ ଆକ୍ଟ ମାମଲା, ଗୋଟିଏ ବୋମାମାଡ଼ ଘଟଣା, ଗୋଟିଏ ଠକେଇ ଓ ହତ୍ୟା ଉଦ୍ୟମ ସମେତ ମୋଟ ୧୫ଟି ମାମଲା, ସାଇବର ଥାନାରେ ୬ଟି ମାମଲା ରୁଜୁ, ଦିଗପହଣ୍ଡିରେ ଗୋଟିଏ ଜୁଆ, ଗୋଟିଏ ହତ୍ୟା ଉଦ୍ୟମ, ଦୁଇଟି ଦୁର୍ଘଟଣା ସମେତ ମୋଟ ୧୪ଟି ମାମଲା, ଗୋଳନ୍ଥରା ଥାନାରେ ୫ଟି ଚୋରି, ଦୁଇଟି ଦୁର୍ଘଟଣା ସମେତ ମୋଟ ୧୫ଟି ମାମଲା, ଗୋଷାଣୀନୂଆଗାଁ ଥାନାରେ ଗୋଟିଏ ଚୋରି ଓ ହତ୍ୟା ଉଦ୍ୟମ ମାମଲା ସମେତ ମୋଟ ୯ଟି ମାମଲା, ନିମଖଣ୍ଡିରେ ୨ଟି ଚୋରି ମାମଲା ସମେତ ମୋଟ ୮ଟି ମାମଲା, ସଦର ଥାନାରେ ଗୋଟିଏ ଠକେଇ, ହତ୍ୟା ଉଦ୍ୟମ, ଦୁଇଟି ଦୁର୍ଘଟଣା ସମେତ ମୋଟ ୧୫ଟି ମାମଲା, ଟାଉନ ଥାନାରେ ଗୋଟିଏ ହତ୍ୟା ଉଦ୍ୟମ, ଚୋରି ଓ ଠକେଇ ସମେତ ମୋଟ ୧୫ଟି ମାମଲା ଜରଡ଼ ଥାନାରେ ଗୋଟିଏ ଲୁଟ୍, ଦୁଇଟି ଦୁର୍ଘଟଣା ଓ ଗୋଟିଏ ହତ୍ୟା ଉଦ୍ୟମ ମାମଲା, କେନୁଆଗାଁ ଥାନାରେ ୪ଟି ସେନ୍‌ସେଟିଭ ମାମଲା ସମେତ ମୋଟ ୫ଟି ମାମଲା ଓ ମହିଳା ଥାନାରେ ଗୋଟିଏ ଯୌତୁକ ନିର୍ଯାତନା ମାମଲା ଓ ଟ୍ରାଫିକ ଥାନାରେ ମୋଟ ୧୮ ରୁଜୁ ହୋଇଥିବା ଜଣାପଡ଼ିଛି। ବ୍ରହ୍ମପୁର ପୁଲିସ ପକ୍ଷରୁ ପେଟ୍ରୋଲିଂ ହେଉଥିଲେ ମଧ୍ୟ ଗତ ୨ସପ୍ତାହରେ ଗୋଟିଏ ହତ୍ୟା, ୧୬ଟିହତ୍ୟା ଉଦ୍ୟମ ଓ ୩୦ଟି ଚୋରି ଓ ଏକାଧିକ ଠକେଇ ମାମଲା ରୁଜୁ ହେବା ଫଳରେ ସହରରେ ନାଇଟ ପେଟ୍ରୋଲିଂ ଜୋରଦାର କରିବା ସହ ନୂଆଁ ଓ ପୁରୁଣା ଅପରାଧୀଙ୍କୁ ଥାନାକୁ ଡାକି ପୁଲିସ ଅଧିକାରୀମାନେ ଅପରାଧକ କାର୍ଯ୍ୟକଳାପରୁ ନିବୃତ୍ତ ରହିବାକୁ କହୁଥିବା ଦେଖିବାକୁ ମିଳିଛି। ନିକଟରେ ବୈଦ୍ୟନାଥପୁର ଥାନା ପୁଲିସ ନୂଆବସଷ୍ଟାଣ୍ଡ ନିକଟରୁ ସଦର ଥାନା ଅନ୍ତର୍ଗତ ନଳୀହାଡ଼ ବନ୍ଧହୁଡ଼ା ସାହିର ଭଗବାନ ବିଷୋୟୀ, ବଡ଼ ସାହିର ରଙ୍କ ଗଜେନ୍ଦ୍ର, ରୋହିଗାଁ ତୁଳସୀ ନଗରର କହ୍ନୁ ଚରଣ ଜେନା ଓ ପ୍ରଶାନ୍ତ ଗଜେନ୍ଦ୍ର ଆଦି ୪ଜଣ ଅପରାଧୀଙ୍କୁ ଗିରଫ କରିବା ସହ ଗୋଟିଏ ଦେଶୀ ବନ୍ଧୁକ ଓ ମୋଟ ୧୨ଟି ଜୀବନ୍ତ ଗୁଳି ଜବତ କରିବାରେ ସଫଳ ହୋଇଥିଲେ ହେଁ ସୁବରାଓ ଛକ ନିକଟରେ ଥିବା ଅଲିଭ୍ ରେଷ୍ଟୁରାଣ୍ଟ ଉପରକୁ ହୋଇଥିବା ବୋମା ମାଡ଼ ଘଟଣାରେ ପୁଲିସ ଏଯାବତ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ବିଫଳ ରହିଥିବା ଜଣାପଡିଛି। ସେହିପରି ଏକାଧିକ ଚୋରି ଓ ଲୁଟ୍ ମାମଲାରେ ପୁଲିସ ସଂଗ୍ରହ କରିଥିବା ସିସିଟିଭି ଫୁଟେଜକୁ ନେଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଜଣାପଡ଼ିଛି।




ପାଖେଇ ଆସୁଛି ଜାଗର

ମହେନ୍ଦ୍ରଗିରିରେ ଜମୁଛି ୨ ରାଜ୍ୟର ପର୍ଯ୍ୟଟକଙ୍କ ଭିଡ଼

ରାୟଗଡ଼,୨୪।୧(ସମିସ)





ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ପ୍ରାକୃତିକ ସବୁଜିମା ଭରା ମହେନ୍ଦ୍ର ପର୍ବତମାଳାରେ ରହିଛି ଦକ୍ଷିଣ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରି। ପୌରାଣିକ ଓ ଭୌଗଳିକ ଦୃଷ୍ଟିରୁ ଅନ୍ୟ ଶୈବ ପୀଠ ଠାରୁ ଭିନ୍ନ ଏହି ସ୍ଥାନ ଓଡ଼ିଶା ଓ ଆନ୍ଧ୍ରର ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥାଏ। ସମୁଦ୍ର ପତନ ଠାରୁ ୧୫୦୦ ମିଟର ଉଚ୍ଚରେ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକରେ ରହିଛି ମହେନ୍ଦ୍ରଗିରି। ଓଡ଼ିଶାର ଦ୍ୱିତୀୟ ଉଚ୍ଚତମ ଏହି ପାହାଡ ମହାଭାରତ ଯୁଗ ସହ ଜଡିତ ରହିଛି। ପ୍ରତିବର୍ଷ ଶିବରାତ୍ରରେ ହଜାର ହଜାର ଶ୍ରଦ୍ଧାଳୁ ମହେନ୍ଦ୍ରଗିରି ଶୈବ ପୀଠ ଜମା ହୋଇ ପାଳନ କରିଥାନ୍ତି। ଏଠାକୁ ଦିନକ ପୂର୍ବରୁ ଜିଲ୍ଲା ତଥା ଜିଲ୍ଲା ବାହାରରୁ ଶ୍ରଦ୍ଧାଳୁ ମହେନ୍ଦ୍ରଶିଖର ଯିବାକୁ ଯାତ୍ରା ଆରମ୍ଭ କରିଥାନ୍ତି। ମହାଶିବରାତ୍ରିରେ ଠାକୁର ଦର୍ଶନ ସହ ସୂର୍ଯ୍ୟୋଦୟ ଦେଖିବା ପାଇଁ ଯାଇଥାନ୍ତି। ମହେନ୍ଦ୍ରଗିରିରେ ହଜାର ହଜାର ଭକ୍ତ ମହାଶିବରାତ୍ରିରେ ପୂର୍ବ ରାତିରୁ ହିଁ ଆସି ଆସ୍ଥାନ ଜମାଇଥାନ୍ତି।

କଥିତ ଅଛି ଯେ, ସତ୍ୟଯୁଗରେ ଭାଗବାନ ମହାଦେବ ଗୋହତ୍ୟା ଦୋଷରୁ ମୁକ୍ତି ପାଇଁ ଏହି ପର୍ବତରେ ତପସ୍ୟା କରି ଗୋକର୍ଣ୍ଣେଶ୍ୱର ମନ୍ଦିର ପ୍ରତିଷ୍ଠା କରିଥିଲେ। ଦ୍ୱାପର ଯୁଗରେ ପଞ୍ଚୁପାଣ୍ଡବ ଏଠାରେ ବନବାସ କରି ନୀଳମାଧବଙ୍କ ପୂଜା କରିଥିବା ବେଳେ ତ୍ରେତୟା ଯୁଗରେ ଭଗବାନ ପର୍ଶୁରାମଙ୍କ ଏହା ଥିଲା ତପସ୍ଥଳୀ। ହନୁମାନ ଏହି ପାହାଡ଼ରୁ ହିଁ ଲଙ୍କାକୁ ଯିବା ପାଇଁ ଆକାଶ ମାର୍ଗରେ ଲମ୍ଫ ପ୍ରଦାନ କରିଥିବା ପୁରାଣ କହେ। ଏଠାରେ ପଞ୍ଚୁପାଣ୍ଡବ ଓ କୁନ୍ତିଙ୍କ ନାମରେ ନାମିତ ୬ ମନ୍ଦିର ରହିଛି। ଶିବଲିଙ୍ଗ ମହେନ୍ଦ୍ରଶ୍ୱର, ଭୀମେଶ୍ୱର, ଚନ୍ଦ୍ରେଶ୍ୱର, ଧର୍ମରାଜେଶ୍ୱର, ଅର୍ଜୁନେଶ୍ୱର, ନକୁଳେଶ୍ୱର, ସହଦେବଶ୍ୱର, କୁବେରଶ୍ୱର ଓ ବ୍ରହ୍ମେଶ୍ୱର ନାମରେ ପୂଜିତ। ଏହି ସ୍ଥାନରୁ ପ୍ରବାହିତ ହେଉଛି ମହେନ୍ଦ୍ରତନୟା ନଦୀ। ଏଠାରେ ଥିବା ଭୀମ ମନ୍ଦିର ୧୯ ପଥରରେ ନିର୍ମିତ। କୁହଯାଏ ପଞ୍ଚୁପାଣ୍ଡବ ଗୋଟିଏ ରାତିରେ ଏକତ୍ର ହୋଇ ମନ୍ଦିର ନିର୍ମାଣ କରୁଥିବା ବେଳେ ସୂର୍ଯ୍ୟୋଦୟ ହୋଇଯାଇଥିବାରୁ ତାହା ଅସମ୍ପୂର୍ଣ୍ଣ ରହିଗଲା ଓ ରାଗରେ ଭୀମ ଏକ ଗୋଇଠା ମାରିବାରୁ ପଥରରେ ସୃଷ୍ଟି ହୋଇଥିଲା ଫାଟ। ଭକ୍ତମାନେ ପୂର୍ବ ଦିଗରୁ ସେହି ପଥର ଫାଟରେ ଅନାୟସରେ ପ୍ରବେଶ କରି ଦର୍ଶନ ସାରି ପଶ୍ଚିମ ଦିଗରେ ବାହାରିଥାନ୍ତି। ସୂର୍ଯ୍ୟୋଦୟ ଦର୍ଶନ କରିବା ପରେ ଭୀମ ଗୁମ୍ଫାରେ ଥିବା ଫାଟରେ ଗଲିଲେ କୋଟି ପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି।

ଏଠାକୁ ଯିବାକୁ ହେଲେ କଇଁପୁର ଠାରୁ ବୁରଖତ ଯିବାକୁ ପ୍ରାୟ ସାତ କିମି ରାସ୍ତା ହୋଇଛି। ସେଠାରୁ ମହେନ୍ଦ୍ରଗିରି ପାହାଡ଼ ଯିବାକୁ ହେଲେ ପ୍ରାୟ ୬ କିମି ରାସ୍ତା ଦେଇଯିବାକୁ ପଡ଼େ। ପ୍ରଶାସନ ତରଫରୁ ପାନୀୟ ଜଳ ବ୍ୟବସ୍ଥାଠାରୁ ଆରମ୍ଭ କରି ଆଲୋକୀକରଣ, ଆନୁସାଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇଛି। ଦେଶର ଅନେକ ଆଧାମ୍ଭିକ କ୍ଷେତ୍ର ମଧ୍ୟରେ ମହେନ୍ଦ୍ରଗିରିର ଏକ ନିଆରା ସ୍ଥାନ ରହିଛି। ବେଦ ଓ ପୁରାଣରେ ମଧ୍ୟ ବର୍ଣ୍ଣିତ ରହିଛି ମହେନ୍ଦ୍ରଗିରିର ଇତିହାସ। ଏଠି ଆଜି ମଧ୍ୟ ଭଗବାନ ପର୍ଶୁରାମ ଜୀବିତ ରହି ତପସ୍ୟାରତ ଥିବା ଅନେକ ମତ ଦିଅନ୍ତି। ଗୋଟିଏ ଦିନରେ ଛଅଟି ଋତୁର ଅନୁଭବ ହେଉଥିବା ବିରଳ ପରିବେଶ ମଧ୍ୟ ଏଠାରେ ପ୍ରକୃତିକୁ ଉପଭୋଗ କରିହୁଏ। ମହେନ୍ଦ୍ରତନୟା ନଦୀରେ ଜଗନ୍ନାଥଙ୍କ ମୂର୍ତ୍ତି ଭାସିଯାଇ ଶ୍ରୀକ୍ଷେତ୍ର ପୁରୀ ସ୍ୱର୍ଗଦ୍ୱାରରେ ଠାବ ହୋଇଥିଲା। ଏହା ଆଦି ହିମାଳୟ। ହିମାଳୟରସାଧୁଖୋଜୁଛନ୍ତିମହେନ୍ଦ୍ରକୁ। ଏଠିଦୀର୍ଘ୧୫ବର୍ଷ ହେବ ପ୍ରତ୍ୟେକ ଦିନ ଯଜ୍ଞ ଓ ରୁଦ୍ରାଭିଷେକ ହେଉଛି। କଥାରେ ଅଛି, ବାର୍ ବାର୍ ପୁରୀ ଏକ ବାର୍ ମହେନ୍ଦ୍ରଗିରି।

ବଜାର, ହାଟରେ ଦେଖିବାକୁ ମିଳୁନି ଫୁଲ ଛାଞ୍ଚୁଣି

ପ୍ରୋତ୍ସାହନ ଅପେକ୍ଷାରେ ଫୁଲଝାଡୁ ଚାଷୀ



ଗୁମ୍ମା,୨୪।୧(ସମିସ): ପ୍ରତିଟି ଘରେ ଦେଖିବାକୁ ମିଳେ ଝାଡୁ। ଘରକୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ ଝାଡୁର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଓଡ଼ିଆ ଘରେ ଝାଡୁ ନିହାତି ଜରୁରୀ। ଝାଡୁ ବିଭିନ୍ନ ପ୍ରକାର ଯଥା ନଡ଼ିଆ ଡାଳର ଖଡ଼ିକା ଝାଡୁ, ଖଜୁରୀ ପତ୍ର ଝାଡୁ, ଶୁଖିଲା ଡାଳର ଦାଣ୍ଡ ବାଡ଼ି ପହଁରା ଝାଡୁ ଓ ମୁଖ୍ୟ ଘରର ଫୁଲ ଝାଡୁ। ଗଜପତି ଜିଲ୍ଲାର ସୁନ୍ଦରତମ ତଥା ପ୍ରାକୃତିକ ନୈସର୍ଗିକ ଭରା ଗୁମ୍ମା ବ୍ଲକର ଗୁମ୍ମା ହାଟରେ ମିଳେ ଭଲ ମାନର ଫୁଲ ଝାଡୁ। ଏହାକୁ ସ୍ଥାନୀୟ ବାସିନ୍ଦା ଫୁଲ ଛାଞ୍ଚୁଣି କହନ୍ତି। ଅନ୍ୟ ଝାଡୁ ତୁଳନାରେ ଏହି ଝାଡୁ ଆକାରରେ ସୁନ୍ଦର। ଝାଡୁ ବନ୍ଧା ଭାରି ନିଆରା। ପ୍ରାଚୀନ କାଳରୁ ସ୍ଥାନୀୟ ଆଦିବାସୀଙ୍କ ଏହା ରୋଜଗାର ପନ୍ଥା ରହିଆସିଛି। ଗୁମ୍ମା ବ୍ଲକର ଅଜୟଗଡ଼, ନାମନଗଡ଼, ସେରଙ୍ଗ, କୁଜାସିଂ ଓ ଗୁମ୍ମା ପଞ୍ଚାୟତରେ ପ୍ରତି ବର୍ଷ ହଜାର ହଜାର ଝାଡୁ ତିଆରି ଏବଂ ବିକ୍ରି ହେଉଥିଲା। ସ୍ୱଳ୍ପ ଦର ଏବଂ ଅଧିକ ପରିଶ୍ରମ ଯୋଗୁ ଅନେକ ଚାଷୀ ଝାଡୁ ପ୍ରସ୍ତୁତିରୁ ଏବେ ଦୂରେଇ ଯାଇଛନ୍ତି। ଏହି କାରଣରୁ ଫୁଲ ଝାଡୁ ସ୍ଥାନୀୟ ବଜାର କିମ୍ବା ସପ୍ତାହିକ ହାଟରେ ବହୁତ କମ ଦେଖିବାକୁ ମିଳୁଛି। ଝାଡୁ ଚାଷ ଓ ଝାଡୁ ବନ୍ଧା ପ୍ରତି ଜନ ସଚେତନତା ଆବଶ୍ୟକ ରହିବା ସହ ଏଥିନିମନ୍ତେ ନିଶ୍ଚିତ ସରକାରୀ ପ୍ରୋତ୍ସାହନ ତଥା ବଜାରୀକରଣ କଲେ ଅନେକ ଝାଡୁ ଚାଷୀ ଲାଭବାନ ହେବା ସହିତ ଜୀବିକା ନିର୍ବାହ କରିପାରିବେ ବୋଲି ସ୍ଥାନୀୟ ଚାଷୀମାନେ କହିଛନ୍ତି।

ହଡ଼ପ ହେଉଛି ବିଦ୍ୟାଳୟକୁ ଆସୁଥିବା ବାର୍ଷିକ ଅନୁଦାନ



● ମିଥ୍ୟା ବିଲ୍ କରି ମାରିନେଉଛନ୍ତି ଶିକ୍ଷକ

● ଅଧିକାଂଶ ବିଦ୍ୟାଳୟରେ ନାହିଁ ଖେଳ ସାମଗ୍ରୀ ଓ ଅନୁସଙ୍ଗିକ ସରଞ୍ଜାମ

ଫିରିଙ୍ଗିଆ,୨୪।୧(ସମିସ): ସରକାର ଶିକ୍ଷାର ବିକାଶ ପାଇଁ ପାଠ୍ୟପୁସ୍ତକ ସହ ମଧ୍ୟାହ୍ନଭୋଜନ, କୌଶଳ ଶିକ୍ଷା, କ୍ରୀଡ଼ା, ଇକୋ କ୍ଲବ, ବିଦ୍ୟାଳୟର ବିଭିନ୍ନ ଅନୁଷଙ୍ଗିକ ଉନ୍ନତୀ ପାଇଁ ପ୍ରତ୍ୟେକ ବର୍ଷ ଅନୁଦାନ ଦେଉଛନ୍ତି। ଆସୁଥିବା ଅନୁଦାନ କିଛି ବିଦ୍ୟାଳୟକୁ ଛାଡ଼ିଦେଲେ ବିଭିନ୍ନ ବିଦ୍ୟାଳୟରେ ଠିକ୍ ଭାବରେ ବିନିଯୋଗ ହେଉ ନଥିବା ଅଭିଯୋଗ ହେଉଛି। କିଛି ଲାଭଖୋର ଶିକ୍ଷକଙ୍କ ଦ୍ୱାରା କେବଳ ବିଲ୍ ଭାଉଚର କରି ଟଙ୍କା ମାରିନେଉଛନ୍ତି। ଯାହାପାଇଁ ଏହି ଅନୁଦାନ ଆସୁଛି ସେହି ଛାତ୍ରଛାତ୍ରୀ କୌଣସି ସୁବିଧା ପାଇ ପାରୁନାହାନ୍ତି। ବାରମ୍ବାର ଫିରିଙ୍ଗିଆ ବ୍ଲକରେ ବିଭିନ୍ନ ବିଦ୍ୟାଳୟ ତରଫରୁ ଅଭିଭାବକଙ୍କ ଦ୍ୱାରା ଏହାର ତଦନ୍ତ କରିବାକୁ ଦାବି କରୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଜାଣିଶୁଣି ସଲାସୁତୁରା କରି ଦୁର୍ନୀତିଗ୍ରସ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନି। କିଛି ବିଦ୍ୟାଳୟରେ ଶିକ୍ଷକ ଏବଂ କର୍ମଚାରୀ ମିଶି ନିମ୍ନମାନର କ୍ରୀଡ଼ା ସରଞ୍ଜାମ ସହ ବିଭିନ୍ନ ବିଦ୍ୟାଳୟ ଉପକରଣ ଯୋଗାଉଥିବା ଅଭିଯୋଗ ମଧ୍ୟ ହେଉଛି।

ସୂଚନା ଅନୁସାରେ, ବିଦ୍ୟାଳୟକୁ ଆସୁଥିବା ଅନୁଦାନ ମଧ୍ୟରେ ଉଚ୍ଚ ବିଦ୍ୟାଳୟକୁ କ୍ରୀଡ଼ା ସାମଗ୍ରୀ ପାଇଁ ୨୫ ହଜାର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ୧୦ ହଜାର, ପ୍ରାଥମିକ ବିଦ୍ୟାଳୟ ୫ ହଜାର ଏବଂ ସେହିଭଳି ଆମ ସଂସ୍କୃତି ଏବଂ ଆମ ଖେଳନା ପାଇଁ ଉଚ୍ଚ ବିଦ୍ୟାଳୟକୁ ୧୦ ହଜାର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୦ ହଜାର, ପ୍ରାଥମିକ ବିଦ୍ୟାଳୟକୁ ୫ ହଜାର, ଇକୋ କ୍ଲବ ପାଇଁ ଉଚ୍ଚ ବିଦ୍ୟାଳୟ ୧୦ ହଜାର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୦ ହଜାର ଓ ପ୍ରାଥମିକ ବିଦ୍ୟାଳୟକୁ ୫ ହଜାର ଓ ଅନ୍ୟାନ୍ୟ ଅନୁସଙ୍ଗିକ ଖର୍ଚ୍ଚ ପାଇଁ ଉଚ୍ଚ ବିଦ୍ୟାଳୟକୁ ୭୫ ହଜାର ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୨୫ ହଜାର ଓ ପ୍ରାଥମିକ ବିଦ୍ୟାଳୟକୁ ବାର୍ଷିକ ୨୫ ହଜାର ଅନୁଦାନ ସରକାରଙ୍କ ତରଫରୁ ପ୍ରତ୍ୟେକ ବିଦ୍ୟାଳୟକୁ ୭୫ ହଜାରରୁ ଏକ ଲକ୍ଷରୁ ଅଧିକ ଟଙ୍କା ଅନୁଦାନ ଦିଆଯାଉଛି। ଫିରିଙ୍ଗିଆ ବ୍ଲକରେ ୨୪ ଉଚ୍ଚ ବିଦ୍ୟାଳୟ ରହିଛି। ସେହିପରି ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟ ମିଶି ୧୯୮ ବିଦ୍ୟାଳୟ ରହିଛି। ଏହି ସବୁ ବିଦ୍ୟାଳୟ ମଧ୍ୟରୁ ଶହେରୁ ଅଧିକ ବିଦ୍ୟାଳୟରେ ଏଭଳି ସମସ୍ୟା ରହିଛି। ସରକାରଙ୍କ ତରଫରୁ ଆସୁଥିବା ବିଭିନ୍ନ ଅନୁଦାନ ବିଦ୍ୟାଳୟରେ ଅସାଧୁ ଶିକ୍ଷକଙ୍କ ପାଇଁ ଠିକ ଭାବରେ ଲାଗିପାରୁନଥିବାରୁ ବର୍ତ୍ତମାନ ବିଦ୍ୟାଳୟରେ କୌଣସି ସରଞ୍ଜାମ ନଥିବା ବେଳେ ଶିକ୍ଷକମାନେ କେବଳ ବିଲ୍ ଭାଉଚରରେ ଖେଳ ସାମଗ୍ରୀ ହେଉ କି ଅନ୍ୟାନ୍ୟ ସାମଗ୍ରୀ କିଣି ଟଙ୍କା ଆତ୍ମସାତ କରୁଥିବା ଜଣାପଡିଛି। ଏମିତି କିଛି ବିଦ୍ୟାଳୟ ରହିଛି ଯେଉଁ ବିଦ୍ୟାଳୟରେ ଆଜି ପର୍ଯ୍ୟନ୍ତ ସାଧାରଣ ଭାବରେ ଚୌକି ଟେବୁଲ ବି ନଥିବା ବେଳେ ବିଦ୍ୟାଳୟର କାନ୍ଥରେ ଚୂନ କି କଲର ମଧ୍ୟ ଦୀର୍ଘ ବର୍ଷରୁ ଲାଗି ପାରିନାହିଁ। ଏହାକୁ ଗୁରତ୍ୱ ଦେଇ ପ୍ରତ୍ୟେକ ବିଦ୍ୟାଳୟକୁ ଆସୁଥିବା ବିଭିନ୍ନ ଅନୁଦାନ ଅର୍ଥ ଖର୍ଚ୍ଚର ବିଲ୍ ଓ ବିଦ୍ୟାଳୟରେ ସରଞ୍ଜାମକୁ ନେଇ ତଦନ୍ତ କରିବା ସହ ଠକ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁଙ୍କୁ ପଚାରିବାରୁ ଅନୁଦାନ ଖର୍ଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ଦ୍ୱାରା ହୋଇଥାଏ। କୌଣସି ବିଦ୍ୟାଳୟରେ ଯଦି ଏଭଳି ଅଭିଯୋଗ ହୋଇଛି ତେବେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ଚମକିଲା ଅଲାରସାହି ସରକାରୀ ବିଦ୍ୟାଳୟ

ସ୍ୱଚ୍ଛ ଓ ହରିତ୍ ବିଦ୍ୟାଳୟ ରେଟିଂରେ ୫-ଷ୍ଟାର୍



ଟିକାବାଲି,୨୪।୧(ସମିସ): ଶିକ୍ଷା ସହିତ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା କ୍ଷେତ୍ରରେ କନ୍ଧମାଳ ଜିଲ୍ଲା ପାଇଁ ଏକ ବଡ଼ ସଫଳତା ଆଣିଛି ଟିକାବାଲି ନିକଟସ୍ଥ ଚକାପାଦ ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ବାହାଡ଼ାସାହି ପଞ୍ଚାୟତର ଅଲାରସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଜାତୀୟସ୍ତରୀୟ ସ୍ୱଚ୍ଛ ଓ ହରିତ୍ ବିଦ୍ୟାଳୟ ରେଟିଂ ପୁରସ୍କାର ପାଇଁ ରାଜ୍ୟ ଚୟନ କମିଟି ଦ୍ୱାରା ମନୋନୀତ ହୋଇଛି ଏହି ବିଦ୍ୟାଳୟ। ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୨୩୮ ବିଦ୍ୟାଳୟ ଦୌଡ଼ରେ ଥିବାବେଳେ, ସେଥିମଧ୍ୟରୁ ମାତ୍ର ୨୦ ଶ୍ରେଷ୍ଠ ବିଦ୍ୟାଳୟକୁ ଜାତୀୟସ୍ତରୀୟ ମୂଲ୍ୟାଙ୍କନ ପାଇଁ ସୁପାରିସ କରାଯାଇଛି। ଅଲାରସାହି ବିଦ୍ୟାଳୟ ୯୬.୮୦ ପଏଣ୍ଟ ହାସଲ କରି ସର୍ବୋଚ୍ଚ ୫-ଷ୍ଟାର୍ (ଗ୍ରୀନ୍) ରେଟିଂ ପାଇବାର ଗୌରବ ଅର୍ଜନ କରିଛି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ୨୦୨୫-୨୬ ରେ ଆରମ୍ଭ ହୋଇଥିବା ଏହି ବ୍ୟବସ୍ଥା ବିଦ୍ୟାଳୟର ପରିମଳ ଓ ପରିବେଶ ଅନୁକୂଳ କାର୍ଯ୍ୟକଳାପକୁ ମୂଲ୍ୟାଙ୍କନ କରିଥାଏ। ଏହା ଏକ ୬୦ ଅଙ୍କ ସୂଚକାଙ୍କ ମୂଳକ ସର୍ଭେ ଉପରେ ଆଧାରିତ। ବିଦ୍ୟାଳୟଗୁଡ଼ିକର ପାଣି ସୁବିଧା, ସ୍ୱଚ୍ଛ ଶୌଚାଳୟ, ହାତ ଧୋଇବା ଅଭ୍ୟାସ, ରକ୍ଷଣାବେକ୍ଷଣ, ପରିବେଶ ସଚେତନତା ଏବଂ ସରକାରଙ୍କ ମିଶନ ଲାଇଫ କାର୍ଯ୍ୟକ୍ରମରେ ଯୋଗଦାନକୁ ଆଧାର କରି ଏହି ରେଟିଂ ଦିଆଯାଇଥାଏ। ୯୦ ରୁ ୧୦୦ ପ୍ରତିଶତ ସ୍କୋର ରଖିଥିବା ବିଦ୍ୟାଳୟକୁ ୫-ଷ୍ଟାର୍ ବା ଗ୍ରୀନ୍ ରେଟିଂ ପ୍ରଦାନ କରାଯାଏ, ଯାହା ଅଲାରସାହି ବିଦ୍ୟାଳୟ ହାସଲ କରିଛି। ବିଦ୍ୟାଳୟର ସୂଚନା ଅନୁଯାୟୀ, କ୍ୟାମ୍ପସ ମଧ୍ୟରେ ସ୍ୱଚ୍ଛ ଶୌଚାଳୟ, ପିଇବା ପାଣିର ଉତ୍ତମ ବ୍ୟବସ୍ଥା ଏବଂ ପ୍ରତିଦିନ ପିଲାଙ୍କ ମଧ୍ୟରେ ସ୍ୱଚ୍ଛତା ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରାଯାଉଛି। ଏଥିସହ ଚାରାରୋପଣ ଓ ବର୍ଜ୍ୟବସ୍ତୁ ପରିଚାଳନା ପରି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସକ୍ରିୟ ଯୋଗଦାନ ଏହି ଜାତୀୟ ସ୍ତରୀୟ ମୂଲ୍ୟାଙ୍କନରେ ସହାୟକ ହୋଇଛି। ଏହି ଖବର ପ୍ରଚାରିତ ପରେ ଚକାପାଦ ବ୍ଲକ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ଖୁସିର ଲହର ଖେଳିଯାଇଛି। ସ୍ଥାନୀୟ ଜନପ୍ରତିନିଧି, ଶିକ୍ଷା ବିଭାଗର ଅଧିକାରୀ ଏବଂ ଗ୍ରାମବାସୀମାନେ ବିଦ୍ୟାଳୟର ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

ଜାତୀୟ ବାଳିକା ଦିବସ ପାଳିତ

ପାରଳାଖେମୁଣ୍ଡି,୨୪।୧(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସଦରମହକୁମା ଗୋଷାଣିରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷୟିତ୍ରୀ ସିଦ୍ଧେଶ୍ୱରୀ ମହାପାତ୍ର ଅଧକ୍ଷତା କରି ବାଳିକାଙ୍କୁ ଉତ୍ତମ ସଂସ୍କାର, ସଂଯମତା ରହିବା, ମାନସିକ ଦକ୍ଷତାକୁ ସକରାତ୍ମକ ରଖିବା, ମୁଖ୍ୟତଃ ନିଜେ ନିଜକୁ ସୁରକ୍ଷା ରଖିବା ଲାଗି ବାଳିକାଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ବିଭିନ୍ନ ଖେଳ ପ୍ରତିଯୋଗିତା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଶତାଧିକ ବାଳିକା ସଚେତନତା ରାଲିରେ ଗୋଷାଣି ଗ୍ରାମ ପରିକ୍ରମା କରି ଶିଶୁକନ୍ୟା ସୁରକ୍ଷା, ପାଠପଢ଼ା ଆଦି ସ୍ଲୋଗାନ ମାଧ୍ୟମରେ ସଚେତନତା କରାଇଥିଲେ। ୱାର୍ଡେନର ବିଜୟଲକ୍ଷ୍ମୀ ବିଶ୍ୱାସରାୟ, ଆକାଉଣ୍ଟାଣ୍ଟ ଶିବାନୀ ରାଣୀ ନାୟକ, ଲକ୍ଷ୍ମୀ କୁମାରୀ ଓ ଦୁଷ୍ମନ୍ତ କୁମାର ସାମଲ ପରିଚାଳନାରେ ସହଯୋଗ କରିଥିଲେ।

● ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଏନ୍‌ଏସ୍‌ଏସ୍ ଶୀତକାଳୀନ ଶିବିର



ଟିକାବାଲି,୨୪।୧(ସମିସ): ଟିକାବାଲି ବ୍ଲକ ଗୁଟିଙ୍ଗିଆ ସ୍ଥିତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ବିଭାଗ ପକ୍ଷରୁ ୭ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଆର୍ଗାଡ଼ି ଗ୍ରାମରେ ଶନିବାର ଉଦ୍‌ଘାଟିତ ହୋଇଛି। ଅଧକ୍ଷ ବାଦଲ କୁମାର ପାଲଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ସରପଞ୍ଚ ତଥା ବିଶିଷ୍ଟ ସମାଜସେବୀ ହୃଦୟ କୁମାର ପ୍ରଧାନ ଏବଂ ଗୁଟିଙ୍ଗିଆ କ୍ଲଷ୍ଟର ସିଆରସିସି ମୁରଲୀଧର ପୋଲାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍‌କାର୍ଯ୍ୟକ୍ରମଅଧିକାରୀଶ୍ରବଣକୁମାରଗୌଡ଼ଙ୍କତତ୍ତ୍ୱାବଧାନରେବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ସିପ୍ଲା ରାଓ, ପୁଷ୍ପଲତା ସାହୁ, ସରିତା ସାହୁ, ସୂର୍ଯ୍ୟକାନ୍ତ ପ୍ରଧାନ, ପ୍ରଦୀପ ପ୍ରଧାନ ଓ କାମାକ୍ଷା ପ୍ରସାଦ ପ୍ରଧାନ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ।

ଲକ୍ଷ୍ମୀନୃସିଂହ ନୋଡାଲ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ



ନୂଆଗଡ଼,୨୪।୧(ସମିସ): ନୂଆଗଡ଼ ସଦର ମହକୁମା ସ୍ଥିତ ଲକ୍ଷ୍ମୀନୃସିଂହ ନୋଡାଲ ବିଦ୍ୟାପୀଠର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କୃତ ବିତରଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଦିକନ୍ଦ ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସରୋଜିନୀ ରାଇକା, ସମିତିସଭ୍ୟା ସୂଚିତା ଭୂୟାଁ, ମୁଖ୍ୟବକ୍ତା ଭାବେ ବଡ଼ପଦା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବଳରାମ ଗମାଙ୍ଗ ଏବଂ ଦୋଘରିଆ ପିଏମଶ୍ରୀ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାର୍କଣ୍ଡ ଶବର ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବିଜୟ ଗମାଙ୍ଗ ଅତିଥି ଯୋଗ ଦେଇଥିଲେ। ଉତ୍ସବ ନିମନ୍ତେ ୧୫ରୁ ଅଧିକ ପ୍ରତିଯୋଗିତା ହୋଇଥିଲା। ସେଥିରେ କୃତି ୧୨୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ବସନ୍ତ କୁମାର ସିଂ, ଯଶୋବନ୍ତ ରଇତ, ଅଭ୍ୟାନ୍ତ କୁମାର ସିଂ ଓ ମହେନ୍ଦ୍ର ସାହୁ ପରିଚାଳନା କରିଥିଲେ।

ଆସିଲେନି ଶିକ୍ଷକ; ଭୋକରେ ଫେରିଲେ ଛାତ୍ରଛାତ୍ରୀ

ଦାରିଙ୍ଗବାଡି,୨୪।୧(ସମିସ): ସ୍କୁଲ ଆସିଲେନି ଶିକ୍ଷକ। ବହୁ ସମୟ ଧରି ସ୍କୁଲ ପିଣ୍ଡାରେ ଛାତ୍ରଛାତ୍ରୀ ଶିକ୍ଷକଙ୍କୁ ଅପେକ୍ଷା କରି ମଧ୍ୟାହ୍ନ ଭୋଜନ ନପାଇ ଭୋକରେ ଘରକୁ ଫେରିଗଲେ। ଏପରି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ସିମନବାଡ଼ି ପଞ୍ଚାୟତ ଡକରବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ।

ଡକରବାଡ଼ି ସ୍କୁଲରେ ପ୍ରଥମରୁ ଷଷ୍ଠ ଶ୍ରେଣୀରେ ପ୍ରାୟ ୬୫ ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ୫ ଜଣ ଶିକ୍ଷକ ଅଛନ୍ତି। ବର୍ତ୍ତମାନ ଶୀତ ଦିନ ଥିବାରୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଶନିବାର ଦିନ ସକାଳୁଆ ବଦଳରେ ୧୦ଟାରୁ ୪ଟା ପର୍ଯ୍ୟନ୍ତ ସ୍କୁଲ ଖୋଲିବାକୁ ନିର୍ଦ୍ଦେଶ ରହିଛି। ଏହି ନିର୍ଦ୍ଦେଶ ଅନୁଯାୟୀ ସ୍କୁଲ ଖୋଲା ହେଉଛି। ହେଲେ ଶନିବାର ଦିନ କେହି ଶିକ୍ଷକ ଆସିନଥିଲେ। ସ୍କୁଲରେ ତାଲା ପଡ଼ିଥିଲା। ପିଲାଏ ଆସି ଅନେକ ସମୟ ଅପେକ୍ଷା କରିବା ପରେ ଭୋକରେ ଘରକୁ ଫେରି ଯାଇଥିଲେ। ଖାଲି ଏହି ଗୋଟିଏ ଦିନ ନୁହେଁ, ଉକ୍ତ ସ୍କୁଲକୁ ଅନେକ ସମୟରେ ଶିକ୍ଷକ ଠିକ୍ ସମୟରେ ଆସୁନଥିବା ଅଭିଯୋଗ ହେଉଛି। ଏଥିଯୋଗୁଁ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏହାକୁ ନେଇ ବିଭାଗୀୟ ଅଧିକାରୀ ସଠିକ୍ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏସମ୍ପର୍କରେ ସିଆରସିସି ଶିବ ଶଙ୍କର ସାହୁଙ୍କୁ ପଚାରିବାରୁ ଆଜି ମଧ୍ୟାହ୍ନ ଭୋଜନ ବନ୍ଦ ରହିଥିବା କଥା ସତ। ଏନେଇ ସେ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଏବିଇଓ ବନମାଳୀ ମାଝୀଙ୍କୁ ସୂଚନା ଦେଇଛନ୍ତି। ପ୍ରଧାନଶିକ୍ଷକଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ତାହା ସମ୍ଭବ ହୋଇପାରିନାହିଁ ବୋଲି କହିଛନ୍ତି। ଏନେଇ ବିଇଓ ମହେଶ୍ୱର ମାଝୀଙ୍କୁ ପଚାରିବାରୁ ଏ ବିଷୟରେ ଜାଣିନାହାନ୍ତି, ସିଆରସିସିଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିବି ବୋଲି କହିଥିଲେ।

ବସନ୍ତ ଦାଶଙ୍କୁ ଜିଲ୍ଲା ବିଜେଡିର ଶ୍ରଦ୍ଧାଞ୍ଜଳି




ପାରଳାଖେମୁଣ୍ଡି,୨୪।୧(ସମିସ): ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ବିଜେଡିର ପୂର୍ବତନ ଜିଲ୍ଲା ସଭାପତି ତଥା ବରିଷ୍ଠ ନେତା ସ୍ୱର୍ଗତ ବସନ୍ତ କୁମାର ଦାଶଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦର ଅଧ୍ୟକ୍ଷ ଗାବରା ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ୱାଇ.ରାମଚନ୍ଦ୍ର ରାଓ, ଆରଏମସି ସଭାପତି ଏସ୍.ଗଜପତି ରାଓ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ, କାଶୀନଗର ବ୍ଲକ ଅଧ୍ୟକ୍ଷା ବି.ସାୟାମ୍ମା, ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମୀ ମଣ୍ଡଳ, କାଶୀନଗର ଏନଏସିର ଉପାଧ୍ୟକ୍ଷ ରଘୁରାମ ସାହୁ, ବରିଷ୍ଠ ବିଜେଡି ନେତାଙ୍କ ସହ ବହୁନେତା ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରଦ୍ଧାଞ୍ଜଳି ସହ ତାଙ୍କର ତ୍ୟାଗ ଓ ଦଳୀୟ ସେବା ମନୋଭାବର ସ୍ମୃତିଚାରଣ କରିଥିଲେ।

ଜିଲ୍ଲାରେ ବିଜେଡିକୁ ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସେଥିପାଇଁ ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକ ୩ ଥର ଜିଲ୍ଲା ସଭାପତି ଭାବେ ଚୟନ କରିଥିଲେ। ଏହା ସହ ରାଜ୍ୟ ସମ୍ପାଦକ ଭାବେ ମଧ୍ୟ ଦାୟିତ୍ୱ ଦେଇଥିଲେ। ତାଙ୍କର ପରଲୋକରେ ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାର୍ତ୍ତା ମାଧ୍ୟମରେ ଶୋକ ପ୍ରକାଶ କରିଛନ୍ତି। ଶ୍ରଦ୍ଧାଞ୍ଜଳି ସଭାରେ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ପ୍ରତିନିଧିଙ୍କ ସମେତ ପାରଳାଖେମୁଣ୍ଡି ପୌରପରିଷଦର କାଉନସିଲର, ବିଭିନ୍ନ ବ୍ଲକର ବିଜେଡି ସଭାପତି, ନେତା ଓ କର୍ମୀ ଯୋଗ ଦେଇଥିଲେ।

ସମସ୍ୟାଘେରରେ ଚାନ୍ଦିପୁଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ପାଚେରି କି ଶୌଚାଳୟ ନାହିଁ; ହୀନସ୍ତା ହେଉଛନ୍ତି ଛାତ୍ରଛାତ୍ରୀ

ମୋହନା,୨୪।୧(ସମିସ)





ଗଜପତି ଜିଲ୍ଲା ମୋହନା ଗୋଷ୍ଠୀ ଶିକ୍ଷା ଅଧୀନରେ ଚାନ୍ଦିପୁଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟ ୧୯୬୧ରେ ସ୍ଥାପିତ ହୋଇଥିଲା। ବିଦ୍ୟାଳୟରେ ପାଖାପାଖି ୫ ଶହ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୩ ଜଣ ଶିକ୍ଷକ ଏବଂ ୬ ଜଣ ଶିକ୍ଷୟିତ୍ରୀ ଏହି ବିଦ୍ୟାଳୟରେ କାର୍ଯ୍ୟରତ। ବିଦ୍ୟାଳୟ ୨୦୨୩-୨୪ ମସିହାରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ସହ ୨୦୨୫ରେ ଗୋଦାବାରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କରିବାକୁ ମଧ୍ୟ ଚିଠି ହୋଇଥିଲା। ହେଲେ ବିଦ୍ୟାଳୟର ଭିତ୍ତିଭୂମି ଠିକ୍ ନ ଥିବା ହେତୁ ତାହା ଏବେ କେବଳ ଚିଠିରେ ହିଁ ରହିଯାଇଛି। ବିଦ୍ୟାଳୟରେ ପାନୀୟଜଳ ଠାରୁ ଆରମ୍ଭ କରି ଶୌଚାଳୟ, ଶ୍ରେଣୀଗୃହ, ରୋଷେଇ ଗୃହ ସହ ପାଚେରି ନିର୍ମାଣ ହୋଇପାରିନାହିଁ। ଏମିତିକି ବିଦ୍ୟାଳୟ ଜାଗାକୁ ଗ୍ରାମର କିଛି ଅସାମାଜିକ ଲୋକ ଜୋରଜବରଦସ୍ତି ଅକ୍ତିଆର କରି ରଖିଛନ୍ତି। ଏହି କାରଣରୁ ବିଦ୍ୟାଳୟ ପାଚେରି ନିର୍ମାଣ ହୋଇପାରୁନି। ଯାହା ଫଳରେ ସରୀସୃପ ଏବଂ ଜୀବଜନ୍ତୁ ବିଦ୍ୟାଳୟକୁ ପଶି ଆସୁଛନ୍ତି। ଛାତ୍ରଛାତ୍ରୀ ଅଧ୍ୟୟନ କରିବା ସମୟରେ ସମସ୍ୟା ଉପୁଜୁଛି। ପାଚେରି ଓ ଶୌଚାଳୟ ନ ଥିବା ହେତୁ ବାଧ ହୋଇ ଛାତ୍ରଛାତ୍ରୀ ବିଦ୍ୟାଳୟ ବାହାରକୁ ଯାଇ ଶୌଚ କରିବାକୁ ବାଧ ହେଉଛନ୍ତି। ଏହା ଶିକ୍ଷକଙ୍କ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି। କିଛି ଅସାମାଜିକ ଯୁବକ ବିଦ୍ୟାଳୟ ନିକଟରେ ରହି ଶୈକ୍ଷିକ ବାତାବରଣ ନଷ୍ଟ କରୁଛନ୍ତି। ଯାହାକୁ ନେଇ ଏକ ପ୍ରକାର ଭୟରେ ରହୁଛନ୍ତି ଛାତ୍ରୀ।

ବିଦ୍ୟାଳୟରେ ଲାଗି ରହିଥିବା ସମସ୍ୟା ବିଷୟରେ ବହୁବାର ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରି ଆସୁଥିଲେ ବି ସମାଧାନ ହୋଇ ପାରୁ ନଥିବା କହିଛନ୍ତି ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ। ଅତିଶୀଘ୍ର ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟରେ ଲାଗିରହିଥିବା ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି ସ୍ଥାନୀୟ ଜନ ସାଧାରଣ ଏବଂ ବୁଦ୍ଧିଜୀବୀ।

ମୁଖ୍ୟ କେନାଲ ଫୁଲ୍; ଶାଖା କେନାଲ ଶୁଖିଲା

ରବି ଫସଲ ପାଇଁ କେନାଲ ପାଣି ନିଅଣ୍ଟ

ବାରିକପୁର,୨୪ା୧(ସମିସ)





ଏବେ ଜମିରେ ରବି ଫସଲ କରିବା ପାଇଁ ଚାଷୀ ପ୍ରସ୍ତୁତ ହେଉଛି। ବିଶେଷ କରି ଡାଲି ଜାତୀୟ ମୁଗ ଓ ବିରି ଚାଷ ପାଇଁ ଜମି ବେଉଷଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଠିକ୍ ଏତିକିବେଳେ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ କେନାଲ ପାଣି ନିଅଣ୍ଟ ହେଉଥିବା ଦେଖାଯାଇଛି। ପାଖାପାଖି ୧୭ହଜାର ହେକ୍ଟର ଚାଷ ଜମିକୁ ଶାଳଣିଆ ଓ ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ କେନାଲ ଯୋଗେ ପାଣି ଯୋଗାଯାଇଥାଏ। ଏବେ ସୁଦ୍ଧା ଶାଳଣିଆ ଜଳସମ୍ପଦ ବିଭାଗ ଅଧୀନସ୍ଥ କେନାଲଗୁଡ଼ିକରେ ଯଦିଓ ପାଣି ଛଡ଼ାଯାଇ ନାହିଁ କିନ୍ତୁ ଆଖୁଆପଦା ୩ନଂ ହାଇଲେବୁଲ କେନାଲରେ ପାଣି ଆସିଯାଇଛି। ପ୍ରାୟ ସପ୍ତାହେ ହେବ ମୁଖ୍ୟ କେନାଲରେ ପାଣି ଆସିଥିଲେ ସୁଦ୍ଧା ଏହାର ଶାଖା କେନାଲ, ମାଇନର ଓ ସବ୍‌ମାଇନର କେନାଲରେ ଏଯାଏଁ ପାଣି ଆସିପାରିନାହିଁ। ଫଳରେ ଯେଉଁ ଚାଷୀମାନେ ମୁଗ, ବିରି ବୁଣିବା ପାଇଁ ମନସ୍ଥ କରିଛନ୍ତି ସେମାନେ ଏବେ ହଇରାଣ ହେବା ଯାହା ସାର ହୋଇଛି। କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ବିହନ ଯୋଗା ଯାଇଥିବାବେଳେ କେନାଲ ପାଣି ବିନା ପାଗ ନ ହେବାରୁ ବିଲ ହଳ ହୋଇପାରୁ ନାହିଁ। କିଛି ଜମି ପାଗ ଅନୁକୂଳ ସମୟରେ ବେଉଷଣ ହୋଇଥିଲେ ସୁଦ୍ଧା ପାଣି ଅଭାବରୁ ସେଥିରେ ବିହନ ମଧ୍ୟ ବୁଣା ହେଉ ନ ଥିବା ଜଣାଯାଇଛି। କେତେକ ଚାଷୀ ଇଲେକ୍ଟ୍ରି ମୋଟର ଜରିଆରେ ଜମିରେ ପାଣି ମଡ଼ାଇ ମୁଗ ଓ ବିରି ଚାଷ କରିବାକୁ ଏବେ ମନସ୍ଥ କରିଛନ୍ତି। କେତେକ ଜାଗାରେ କେନାଲ କାମ ହେଉଥିବା ଯୋଗୁଁ ପାଣି ଆସୁ ନ ଥିବାବେଳେ ଆଉ କେତେକ ଜାଗାରେ ପରିଚାଳନାଗତ ତ୍ରୁଟି ଯୋଗୁଁ ଚାଷୀମାନେ କେନାଲ ଜଳରୁ ବଞ୍ଚିତ ହୋଇଛନ୍ତି। ଏଭଳି ଚିତ୍ର ରହଣିଆ, ସରସଦା, ମାଳଦା, ରାଜେନ୍ଦ୍ରପୁର, ନାଆମୀ, ମଞ୍ଜୁରୀ, କୁମ୍ଭାରିଆ, ଜଳହରି, ମାଳଦା, ବିଷ୍ଣୁପୁର, ଖଡ଼ିଶିଙ୍ଗା, କୁରିଗାଁ, ଆଳିହା ପ୍ରମୁଖ ସ୍ଥାନରେ ଦେଖାଯାଇଛି। ତେଣୁ ଏହା ଉପରେ ଜଳସମ୍ପଦ ବିଭାଗ ଅଧିକାରୀମାନେ ଦୃଷ୍ଟି ଦେବାକୁ ଦାବି ହୋଇଛି।

ଜଙ୍ଗଲରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ




ବାରିକପୁର,୨୪ା୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ଦୁଇଟି ସ୍ଥାନରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଯଦିଓ ଏଥିରେ କୌଣସି ବାସଗୃହ ନଷ୍ଟ ହୋଇନାହିଁ ତଥାପି ଅଗ୍ନିଶମ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡ଼ିଛି। ସୂଚନା ମୁତାବକ, ଶନିବାର ଦିନ ପ୍ରାୟ ୨ଟା ସମୟରେ ମାଳଦା ପଞ୍ଚାୟତ ଚତୁର୍ଭୁଜପୁର ନିକଟସ୍ଥ ଏକ ଗ୍ରାମ୍ୟ ଜଙ୍ଗଲରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲା। ଉକ୍ତ ନିଆଁ ନିକଟସ୍ଥ ଏକ ବାଉଁଶ ବୁଦାକୁ ନଷ୍ଟ କରି ବାସଗୃହ ସମ୍ମୁଖକୁ ଆସି ଯାଇଥିଲା। ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବାସଗୃହକୁ ନିଆଁ ଗ୍ରାସ କରିବା ପୂର୍ବରୁ ଏହାକୁ ଆୟତ କରିଥିଲେ। ସେହିପରି ବଡ଼ବନସ୍ତା ଗ୍ରାମ୍ୟ ଜଙ୍ଗଲରେ ମଧ୍ୟ ନିଆଁ ଲାଗିଥିବାବେଳେ ସେଠାରେ ମଧ୍ୟ ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ପହଞ୍ଚି ଏହାକୁ ଆୟତ କରିଥିଲେ।

ଶ୍ରୀରାମ ଚରିତ ମାନସ ଓ ପରାୟଣ



ବନ୍ତ/ଆଗରପଡ଼ା,୨୪ା୧(ସମିସ): ବନ୍ତ ବ୍ଲକ୍ ରାମକୃଷ୍ଣପୁର ପଞ୍ଚାୟତ ଆନନ୍ଦ ବଜାର ଆଖଣ୍ଡଳମଣି ପୀଠରେ ଶ୍ରୀରାମ ଚରିତ ମାନସ ଓ ପରାୟଣ ପ୍ରବଚନ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ କର୍ତ୍ତା ସୁରେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ମକର ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ୧୦ ଦିନ ଧରି ଏହି ରାମ ଚରିତ ମାନସ ପରାୟଣ, ପ୍ରବଚନ ଓ ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମକର ସଂକ୍ରାନ୍ତି ଦିନ ଗ୍ରାମ୍ୟ ପୁଷ୍କରିଣୀରୁ ୨୧ଟି କଳସ ଘଟ ଉତ୍ତୋଳନ କରାଯାଇ, ଗ୍ରାମ ବଜାର ପରିକ୍ରମା ପରେ ପୂଜା ମଣ୍ଡପକୁ ଅଣାଯାଇଥିଲା। ପରେ ମା' ଲକ୍ଷ୍ମୀଙ୍କର ଷୋଡ଼ଶ ଉପଚାର ପୂଜା, ମା' ସୁନାମୁହିଁଙ୍କ ପୂଜା, ରୁଦ୍ରାଭିଷେକ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମଳଲୋଚନ ଦାସ ମହାରାଜ, ରତ୍ନାକର ନାୟକ, ପୁରୁଷୋତ୍ତମ ମହାରାଜ, ଗୋପାଳ ଦାଶଜୀ ମହାରାଜ, ବଳରାମ ଦାଶ, ଜଗନ୍ନାଥ ପଣ୍ଡା, ଧରଣୀଧର ପଣ୍ଡା, ବିବେକାନନ୍ଦ ପଣ୍ଡା, ରାମକିଙ୍କର ଦାଶ, ଚକ୍ରଧର ପଣ୍ଡା ପ୍ରମୁଖ ସମସ୍ତ ପ୍ରବକ୍ତା ଓ ପୂଜକ ଉପସ୍ଥିତ ଥିଲେ। ପ୍ରବକ୍ତା ପୁରୁଷୋତ୍ତମ ଦାସ ମହାରାଜ ଶିବ-ପାର୍ବତୀ ବିବାହ, ରାମଜନ୍ମ, ରାମ-ସୀତାଙ୍କ ବିଭାଘର, ରାମ ବନବାସ, କୈବର୍ତ୍ତ, ଦଶରଥ ମହାପ୍ରୟାଣ, ରାମ ଭରତ ନନ୍ଦନ, ସୀତା ଚୋରି ଓ ପ୍ରବକ୍ତା କମଳଲୋଚନ ଦାସ ମହାରାଜ ସୁନ୍ଦରକାଣ୍ଡ, କୁମ୍ଭକର୍ଣ୍ଣ ବଧ, ଇନ୍ଦ୍ରଜିତ ବଧ, ରାମ ରାବଣ ଯୁଦ୍ଧ, ରାମ ରାଜ୍ୟାଭିଷେକ ସମେତ ବିଭିନ୍ନ ପ୍ରସଙ୍ଗରେ ପ୍ରବଚନ ପ୍ରଦାନ କରିଥିଲେ। ଏହି ଅବସରରେ ଆଖଣ୍ଡଳମଣି ମନ୍ଦିରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା।

ବରିଷ୍ଠ ରାଜନେତା ରାଧନ ମହାନ୍ତିଙ୍କ ଦେହାନ୍ତ



ବନ୍ତ/ଆଗରପଡ଼ା,୨୪ା୧(ସମିସ): ବନ୍ତ ବ୍ଲକ୍ ରାମକୃଷ୍ଣପୁର ପଞ୍ଚାୟତର ରାଜନୀତିର ଚାଣକ୍ୟ ରାଧନ ମହାନ୍ତି (୭୩)ଙ୍କର ଭୁବନେଶ୍ୱରସ୍ଥିତ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କ ଶବାଧାରାକୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ନିଜ ଗ୍ରାମ ରାମକୃଷ୍ଣପୁର ମହାନ୍ତି ସାହିକୁ ଅଣାଯାଇଥିଲା। ଶବାଧାର ପହଞ୍ଚିବା ପରେ ବନ୍ତ ବ୍ଲକ୍‌ର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶେଷ ଦର୍ଶନ କରିଥିଲେ। ପରେ କୀର୍ତ୍ତନ ଦଳ ସହିତ ଶବାଧାରକୁ ଗ୍ରାମ ଓ ବଜାର ପରିକ୍ରମା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ବିଭାବସୁ ଦାସ ମହାନ୍ତି ମୁଖାଗ୍ନି ଦେଇଥିବାବେଳେ ଦୁର୍ଗା ଦାସ, ସାରଦା ମହାନ୍ତି, ବରଦା ମହାନ୍ତି, ବୀରେନ୍ ପଟ୍ଟନାୟକ, ନିହାର ଦାସ, ଶକ୍ତି ମହାନ୍ତି, ସନ୍ଦୀପ ପଟ୍ଟନାୟକ, ମନୋରଞ୍ଜନ ମହାନ୍ତି, ଗୋକୁଳାନନ୍ଦ ମହାନ୍ତି, ସଞ୍ଜୟ ମହାନ୍ତି, ସନ୍ତୋଷ ମହାନ୍ତି, ଧର୍ମେନ୍ଦ୍ର ମହାନ୍ତି, ବିଦ୍ଯୁମାଧବ ମହାନ୍ତି ସମେତ ସମସ୍ତ ପରିବାର ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ରାଧନ ମହାନ୍ତି ୧୯୯୦-୯୫ ପର୍ଯ୍ୟନ୍ତ ରାମକୃଷ୍ଣପୁର ପଞ୍ଚାୟତରେ ସମିତିସଭ୍ୟ ଥିଲେ। ଏହା ସହିତ ପଞ୍ଚାୟତ ସମିତି ଅଧ୍ୟକ୍ଷ ପାଇଁ ପ୍ରାର୍ଥୀ ହୋଇଥିଲେ। କପାଳୀ ଷ୍ଟେସନରେ ଟ୍ରେନ୍ ରହଣୀ ପାଇଁ ତାଙ୍କ ଅବଦାନ ଥିବାବେଳେ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟ ଗଠନର ଅନ୍ୟତମ ପୁରୋଧା ମଧ୍ୟ ସେ ଥିଲେ। ବରପଦା ଇଞ୍ଜିନିୟରିଂ କଲେଜର ପ୍ରତିଷ୍ଠାତା ସଦସ୍ୟ ମଧ୍ୟ ଥିଲେ ରାଧନ ମହାନ୍ତି।

ନାବାଳିକା ଅପହରଣକୁ ବିତିଲାଣି ମାସେରୁ ଊର୍ଦ୍ଧ୍ୱ; ପୁଲିସ ହାତ ଖାଲି

ଆତ୍ମାହୁତି ଚେତାବନୀ ଦେଲେ ବାପା-ମାଆ

ଭଦ୍ରକ,୨୪ା୧(ସମିସ): ନାବାଳିକା ଅପହରଣକୁ ବିତିଲାଣି ୧ ମାସରୁ ଊର୍ଦ୍ଧ୍ୱ ସମୟ। ଅପହରଣକାରୀର ଟେର୍ ପାଉନି ପୁଲିସ। ଥାନାକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ବାପା-ମାଆ। ଝିଅ ନ ମିଳିଲେ ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଆତ୍ମାହୁତି ଦେବେ ବାପା-ମାଆ। ଏମିତି କିଛି ଅଭିଯୋଗ ଆସିଛି ଭଦ୍ରକ ଜିଲ୍ଲାର ପୀରହାଟ ଥାନା ଅଞ୍ଚଳରୁ। ସୂଚନା ମୁତାବକ, ଉକ୍ତ ଅଞ୍ଚଳର ଜନୈକା ନାବାଳିକାକୁ ଘର କାମରେ ସାହାଯ୍ୟ କରିବାକୁ ଡାକିନେଲେ ପଡ଼ୋଶୀ। ଏହା ପରେ ନିଜ ସମ୍ପର୍କୀୟ ଯୁବକଙ୍କ ସହ ବିଦା କରିଦେଲେ। ଗତ ଡିସେମ୍ବର ୧୫ ତାରିଖରୁ ନିଖୋଜ ହେଲାଣି ଝିଅ। ଏ ବିଷୟରେ ପୀରହାଟ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଅପହରଣକାରୀର ଟେର୍ ପାଉନି ପୁଲିସ। ନାବାଳିକା ମଧ୍ୟ ଉଦ୍ଧାର ହୋଇପାରିନି। ପୁଲିସ ଆଜିକାଲି କହି ଦିନ ଗଡ଼ାଇ ଚାଲିଥିବା ଅଭିଯୋଗ କରିଛନ୍ତି ବାପା-ମାଆ। ଅଭିଯୁକ୍ତକୁ ଗିରଫ କରିବା ସହ ନାବାଳିକା ଝିଅକୁ ଉଦ୍ଧାର କରିବା ପାଇଁ ସେ ଦାବି କରିଛନ୍ତି। ଏହା ନ ହେଲେ ଉଭୟ ବାପା-ମାଆ ଭଦ୍ରକ ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଥାନାଧିକାରିଣୀଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ଅଭିଯୁକ୍ତକୁ ଧରିବା ସହ ନାବାଳିକାକୁ ଉଦ୍ଧାର କରାଯିବ ବୋଲି କହିଛନ୍ତି।

ଆଗରପଡ଼ା ପୁଲିସର ସଫଳତା; ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ



ବନ୍ତ/ଆଗରପଡ଼ା,୨୪ା୧(ସମିସ): ଗତ ୧୬ ତାରିଖ ରାତିରେ ଆଗରପଡ଼ାରେ ସିରିଜ୍ ଚୋରି ହୋଇଥିଲା। ଏ ସମ୍ପର୍କରେ ଥାନା କେସ୍ ନଂ-୧୮/୨୬ ଓ ୧୯/୨୬ରେ ୨ଟି ମାମଲା ରୁଜୁ କରି ଥାନା ଇନ୍ସପେକ୍ଟର ସୁଜାତା ଖମାରୀ ତଦନ୍ତ ଆରମ୍ଭ କରିଥିଲେ। କୌଣସି ସୂତ୍ରରୁ ଖବର ପାଇ କର୍ମଚାରୀମାନଙ୍କ ସହ ସେ ଓ ଏଏସ୍‌ଆଇ ବୁଦ୍ଧୁରାମ ହାଁସଦା ବିଟିପୁର ପଞ୍ଚାୟତ ରାଉତରାପୁର ଗ୍ରାମର ଏକ ପରିତ୍ୟକ୍ତ ଘର ଉପରେ ରାତିଅଧିଆ ଅତର୍କିତ ଚଢ଼ଉ କରିଥିଲେ। ସେଠାରେ ଥିବା ଅଶୋକ ଦାସ ଓରଫ ଗୋପାଳଙ୍କୁ ସନ୍ଦେହରେ ଥାନାରେ ଅଟକ ରଖି ପଚରାଉଚରା କରିଥିଲେ। ସେହି ଘରେ ବିଭିନ୍ନ ସମୟରେ ଚୋରି ହୋଇଥିବା କିଛି କାର୍ଟୁନ୍ ଭର୍ତ୍ତି ଗ୍ରୋସରୀ ସାମଗ୍ରୀ, ୩ଟି ସାଇକଲ, ଗ୍ୟାସ୍‌ଚୁଲା, ସିଲିଣ୍ଡର, କୁରକୁରୀ ପ୍ୟାକେଟ ସହିତ ଚୋରିରେ ବ୍ୟବହୃତ ବିଭିନ୍ନ ମାରଣାସ୍ତ୍ର ଉଦ୍ଧାର କରିଥିଲେ। ମାତ୍ର ଚୋରି ବାଇକ୍ ପତ୍ତା ମିଳି ନ ଥିଲା। ଅଶୋକଙ୍କୁ ଅଧିକ ଜେରା ପରେ ଖଇରା ଥାନା ଅନ୍ତର୍ଗତ ଡୁଙ୍ଗୁରାଠାରେ ତାଙ୍କ ସମ୍ପର୍କୀୟଙ୍କ ଘରେ ସେ ବାଇକ୍ ଲୁଚାଇ ରଖିଛନ୍ତି ବୋଲି ସୂଚନା ପାଇ ପୁଲିସ ସେଠାକୁ ଯାଇ ଚୋରି ବାଇକ ଉଦ୍ଧାର କରିଥିଲା। ପ୍ରାପ୍ତ ସୂଚନାନୁଯାୟୀ, ସ୍ଥାନୀୟ ବିଟିପୁର ହଜାରୀସାହିର ମାନସ ଗଞ୍ଜନ ସିଂହ ସନ୍ଧ୍ୟା ସମୟରେ ଘର ଦାଣ୍ଡରେ ବାଇକ୍ ରଖି ବଜାରକୁ ଆସିଥିଲେ। ରାତି ପ୍ରାୟ ୮ଟା ବେଳେ ଘରକୁ ଯାଇ ଦେଖିଲେ ବାଇକ୍ ନାହିଁ। ସେ ଚାରିଆଡ଼େ ଖୋଜାଖୋଜି କରିବା ପରେ ମଧ୍ୟ ବାଇକ୍‌ର ପତ୍ତା ପାଇ ନ ଥିଲେ। ଏ ସମ୍ପର୍କରେ ସେ ଥାନାରେ ଅଭିଯୋଗ କରିଥିଲେ। ଅନୁରୂପ ଭାବେ ଆଗରପଡ଼ା ଡାଏଟ୍ ଛକସ୍ଥିତ ଏକ ହୋଟେଲରୁ ୨ଟି ଗ୍ୟାସ୍‌ଚୁଲା, ସିଲିଣ୍ଡର ଚୋରି ହୋଇଥିବାର ମଧ୍ୟ ଥାନାରେ ଅଭିଯୋଗ ହୋଇଥିଲା। ପରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଥିଲା। ପୂର୍ବରୁ ଅଶୋକ ଏକ ହତ୍ୟା ମାମଲାରେ ଆଜୀବନ ସଜା କାଟି ଜେଲ୍‌ରୁ କିଛିବର୍ଷ ତଳେ ଫେରିଥିଲେ। ତା' ପରଠାରୁ ବିଭିନ୍ନ ଥାନା ଅଞ୍ଚଳରେ ବିଭିନ୍ନ ଅପରାଧିକ ମାମଲାରେ ସେ ସମ୍ପୃକ୍ତ ରହିଥିଲେ ବୋଲି ଜଣାପଡ଼ିଛି।

ବିଷ୍ଣୁପୁର ଉପ୍ରା ବିଦ୍ୟାଳୟର ବାର୍ଷିକୋତ୍ସବ



ଭଣ୍ଡାରିପୋଖରୀ,୨୪ା୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବିଷ୍ଣୁପୁର ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ ଓ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଉତ୍ସବ ପ୍ରଧାନଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ନାଥଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧାମନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ ବେଜ ମୁଖ୍ୟଅତିଥି, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଡ. ଶୈଳେନ୍ଦ୍ର ନାରାୟଣ ପାଢ଼ୀ ମୁଖ୍ୟବକ୍ତା, ସରପଞ୍ଚ ଅମୂଲ୍ୟ ନାୟକ ଓ ସମିତିସଭ୍ୟା ପ୍ରତିନିଧି ଦୀପକ ପାଣିଗ୍ରାହୀ, ଶିକ୍ଷା ସଂଯୋଜକ ଅଜୟ ରାୟ, ୱାର୍ଡ ସଦସ୍ୟ ସନ୍ତୋଷ ପାଣିଗ୍ରାହୀ, ସନାତନ ଜେନା, ପ୍ରଭାକର ମହାପାତ୍ର, ଭାସ୍କର ପଣ୍ଡା, ପ୍ରସନ୍ନ ରାଉତ, ତପନ ପାତ୍ର ଓ ପଦ୍ମନାଭ ପାଣି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ପ୍ରୀତିପଦ୍ମା ଦାସ ଅତିଥି ପରିଚୟ ଓ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶୈକ୍ଷିକ ଓ ସହଶୈକ୍ଷିକ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କ ସମେତ ଅବସର ଗ୍ରହଣ କରିଥିବା ବିଦ୍ୟାଳୟର ଶିକ୍ଷକ ଶଶିକାନ୍ତ ପତି ଓ ଶିକ୍ଷୟିତ୍ରୀ ପଦ୍ମାବତୀ କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ଅମିତା ସାମଲ ସ୍ୱାଗତ ଭାଷଣ, ଶିକ୍ଷକ ଜୟଦେବ ସେନାପତି ମାନପତ୍ର ପାଠ ଓ ଶିକ୍ଷୟିତ୍ରୀ ବାସନ୍ତି ରାଉତ ଧନ୍ୟବାଦ ଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ଅମିତା ସାମଲଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ରଘୁନାଥପୁର ଗୋପିନାଥ ଚ୍ୟାଲେଞ୍ଜ ଟ୍ରଫି

ସେମିରେ ରାମେଶ୍ୱର ସ୍ପୋର୍ଟିଂ ଓ ଡିଆର୍‌କେ ବାରିପଦା



ଭଣ୍ଡାରିପୋଖରୀ,୨୪ା୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରଘୁନାଥପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଅଦୈତ ନାୟକ ମେମୋରିଆଲ ୧୯ତମ ଗୋପିନାଥ ଚ୍ୟାଲେଞ୍ଜ ଟ୍ରଫିର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଭଦ୍ରକ ୟୁନିକ୍ ୧୧ ଓ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ କ୍ଲବ୍ ଏକାଦଶ ମଧ୍ୟରେ ଶନିବାର ପ୍ରଥମାର୍ଦ୍ଧରେ ଅନୁଷ୍ଠିତ ହୋଇଥିଲା। ରାମେଶ୍ୱର ସ୍ପୋର୍ଟିଂସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୮ ୱିକେଟ ହରାଇ ୧୯୦ ରନ୍ ସ୍କୋର କରିଥିଲା। ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ୍ ସ୍ୱାନ୍ସ କୁମାର ଧୂଆଁଧାର ୭୫ ରନ୍, ସ୍ୱଙ୍ଗ ପଣ୍ଡା ୫୬ ଓ ଏମ୍.ଜି. ଗୋପାଇ ୫୦ ରନ୍ ହାସଲ କରିଥିଲେ। ପ୍ରତିପକ୍ଷ ବୋଲର ଗୌରବ ସିଂ ଓ ଆଲୋକ ବାରିକ ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ ହାସଲ କରିଥିଲେ। ଜବାବରେ ଭଦ୍ରକ ୟୁନିକ୍ ୧୦ ଓଭରରେ ସମସ୍ତ ୱିକେଟ ହରାଇ ୧୨୮ ରନ୍ ହାସଲ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱ ମୁଦୁଲି ୪୮ ରନ୍ ହାସଲ କରିଥିଲେ। ପ୍ରତିପକ୍ଷ ବୋଲର ବାବୁସାନ ମାଝୀ ୪ଟି ଓ ବିଶ୍ୱଜିତ୍ ୩ଟି ୱିକେଟ ହାସଲ କରିଥିଲେ। ସାରଙ୍ଗ କୁମାର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦିବସର ଦ୍ୱିତୀୟାର୍ଦ୍ଧରେ ଅନୁଷ୍ଠିତ ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଗଜପତି ଆଜାଦ କ୍ରିକେଟ୍ କ୍ଲବ ଏକାଦଶ ଓ ବାରିପଦା ଡିଆର୍‌କେ କ୍ରିକେଟ କ୍ଲବ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଜାଦ ଦଳ ପ୍ରଥମେ ବ୍ୟାଟିଂ କରି ୧୮.୫ ଓଭରରେ ସମସ୍ତ ୱିକେଟ ହରାଇ ୯୯ ରନ୍ କରିଥିଲା। ଜବାବରେ ବାରିପଦା ଏକାଦଶ ୧୬.୪ ଓଭରରେ ୬ ୱିକେଟ ହରାଇ ୧୦୦ ରନ୍ କରି ବିଜୟୀ ହୋଇଥିଲା। ବିଶ୍ୱଜିତ୍ ଜେନା ସର୍ବାଧିକ ୩୩ ରନ୍ କରିଥିଲେ। ପ୍ରୀତିପାଲ ସିଂ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅମ୍ପାୟାର ରଞ୍ଜନ ମହାନ୍ତି, ଆଶୁତୋଷ ପାଣି, ଲଲାଟ କେଶରୀ ନନ୍ଦ, ସ୍କୋରର ଭାବେ ରାକେଶ ରଞ୍ଜନ ବୋଇତାଇ, ଜୟନ୍ତ ନାୟକ, ଆଶୁତୋଷ ସାହୁ, ପାର୍ଥ ମାଝୀ ଓ ବୀରକିଶୋର ମାଝୀ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରଦୀପ୍ତ ନାୟକ, ବିଷ୍ଣୁ ବୋଇତାଇ, ଅନ୍ତର୍ଯ୍ୟାମୀ ନାୟକ ଓ ଗୋପବନ୍ଧୁ ମାଝୀ ଧାରାବିବରଣୀ ପ୍ରଦାନ କରିଥିଲେ।

ମାନବ କଲ୍ୟାଣ ସଂଘ ଟ୍ରଷ୍ଟ ବୋର୍ଡ ପକ୍ଷରୁ କମ୍ବଳ ବଣ୍ଟନ



ଧାମନଗର,୨୪ା୧(ସମିସ): "ମାନବ ସେବା ହିଁ ମାଧବ ସେବା' ଏହି ଅବସରରେ ଧାମନଗର ବ୍ଲକ୍ ଅନ୍ତର୍ଗତ କଲ୍ୟାଣୀ ପଞ୍ଚାୟତଠାରେ ମାନବ କଲ୍ୟାଣ ସଂଘ ଟ୍ରଷ୍ଟ ବୋର୍ଡ ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାନବ କଲ୍ୟାଣ ସଂଘ ଟ୍ରଷ୍ଟ ପକ୍ଷରୁ ଧାମନଗର ଅଞ୍ଚଳ ନୁହେଁ ଭଦ୍ରକ ଜିଲ୍ଲା ବାହାରେ ବି ଏହାର କାର୍ଯ୍ୟକର୍ତ୍ତାମାନେ ମାନବ ସେବା କାର୍ଯ୍ୟ କରି ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ଏହି ଶୀତ ଋତୁରେ ଧାମନଗରଠାରୁ ଭଦ୍ରକ ରେଳ ଷ୍ଟେସନ ଓ ବସ୍‌ଷ୍ଟାଣ୍ଡ ଗାଁ ଗହଳିରେ ଥିବା ବୁଢ଼ାବୁଢ଼ୀ ଏବଂ ନିହାତି ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରି ଆସୁଥିବାବେଳେ ଚଳିତ ମାସରେ ଜିଲ୍ଲା ଅନ୍ତର୍ଗତ ବନ୍ତ ଛକ, ଆରଡ଼ି ଛକ, ଲେପ୍ରୋସି କଲୋନୀ, ବାଘୁରାଇ ରାନ୍ଧିଆ ଏଭଳି ବିଭିନ୍ନ ସ୍ଥାନରେ ଗରିବ ଘରର ବିବାହ ବ୍ରତ ବା ଶୁଦ୍ଧିକ୍ରିୟା ପାଇଁ ବି ସାହାଯ୍ୟର ହାତ ବଢ଼ାଇ ଲୋକଙ୍କ ପାଖରେ ପ୍ରିୟଭାଜନ ହୋଇପାରିଛି ଏହି ଟ୍ରଷ୍ଟ। ମାନବ କଲ୍ୟାଣ ସଂଘ ଟ୍ରଷ୍ଟର ସଭାପତି ଦଶରଥୀ ଦାଶ, ଉପସଭାପତି ବିଶ୍ୱଜିତ୍ ଜେନା, ସମ୍ପାଦକ ମୃତ୍ୟୁଞ୍ଜୟ ବେହେରା, ସହସମ୍ପାଦକ ସଚିନ ଦାସ, କୋଷାଧ୍ୟକ୍ଷ ବୃହସ୍ପତି ନାୟକ, ମିଡିଆ ପରିଚାଳକ ପ୍ରଦୀପ ବାରିକ, ଇଭେଣ୍ଟ ମ୍ୟାନେଜର ତଥା ଡାକ୍ତରୀ ପରାମର୍ଶଦାତା ଜତିନ ଦାସ, ଅତିରିକ୍ତ ଇଭେଣ୍ଟ ମ୍ୟାନେଜର ଏବଂ ପ୍ରୋଜେକ୍ଟ ବିଶ୍ଳେଷକ ଆରୁପାନନ୍ଦ ଦାସ ଓ ଅନ୍ୟ କର୍ମକର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।

'ଅଖିଳ ଭାରତୀୟ ଦୁଃଖୀ ସମାଜ'ର ସଫେଇ ଓ ମେଗା ରକ୍ତଦାନ ଶିବିର

୪ଟି ସ୍ଥାନରୁ ୧୮୯୨ ୟୁନିଟ୍ ରକ୍ତ ସଂଗ୍ରହ

ଭଦ୍ରକରୁ ୧୨୦୦, ବାଲେଶ୍ୱରରୁ ୫୫୧, ବାରିପଦାରୁ ୨୮, ଜଳେଶ୍ୱରରୁ ୧୧୩ ୟୁନିଟ୍



ଭଦ୍ରକ,୨୪ା୧(ସମିସ): ଭଦ୍ରକର ପ୍ରସିଦ୍ଧ ଧର୍ମଗୁରୁ ସୈୟଦ ଶାହା ୱସିମ ଅଖତର କାଦରୀ (ସାନ ସରକାର ବାବା) ଓରଫ ମାମାଜାନ ଭଦ୍ରକରେ ରହଣି ସମୟରେ ସମାଜ ସେବାରେ ଲିପ୍ତ ରହି ଅନେକ ଜନ ହିତକର କାର୍ଯ୍ୟ କରିଛନ୍ତି। ଗରିବ ଲୋକମାନେ ଅସୁବିଧା ସମୟରେ ରକ୍ତ ପାଇଁ ବହୁ ହଇରାଣ ହେଉଥିବାବେଳେ ୨୦୦୫ରେ 'ଅଖିଳ ଭାରତୀୟ ଦୁଃଖୀ ସମାଜ' ସଂସ୍ଥା ଆରମ୍ଭ ପୂର୍ବକ ରକ୍ତଦାନ ଶିବିର ଆରମ୍ଭ କରିଥିଲେ। ତାଙ୍କର ଦେହାନ୍ତ ପରେ ବାବାଙ୍କ ଶ୍ରଦ୍ଧାଳୁମାନେ ମଧ୍ୟ ୨୧ବର୍ଷ ପଥକୁ ଅନୁସରଣ କରୁଛନ୍ତି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସକାଳ ୬ଟାରୁ ଭଦ୍ରକ ସହରର ପ୍ରତ୍ୟେକ ଗାଁରେ ସଫେଇ କାର୍ଯ୍ୟ ସକାଳ ୮.୩୦ ପର୍ଯ୍ୟନ୍ତ ହୋଇଥିଲା। ଶନିବାର ସାନ ସରକାର ବାବାଙ୍କ ୭୧ତମ ଜନ୍ମଦିନ ଉପଲକ୍ଷେ ସଭାପତି ଇଂ. ମନାୱର ହୋସେନ, ସମ୍ପାଦକ ଇଂ. ରେଜାଏ ରସୁଲ, ଇଂ.ହବିବୁଲ୍ଲା ଖାଁ, ସକିଲୁଜ ଜମା ଖାଁ, ହାଜୀ ଅବୁ ହୋସେନ ଖାଁ, ହାଜୀ ସବିର ଅଲି, ହାଜୀ ତବାରକ ଅଲି, ହାଜୀ ମତଲୁବ ଅଲୀ, ମୁଖତାର ଅହେମଦ ରସିଦ, ଜମିଲ ଅଖତର ଖାନ, ଶେଖ ଆସିଫ ଅଲି, ଝମଝମ ଖାନ , ଲିଓ ମାଷ୍ଟର, ମିର୍ଜା ଏକ୍ରାମ ବେଗ ଓ ଜହୁର ଖାନ ପ୍ରମୁଖଙ୍କ ନେତୃତ୍ୱରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ରକ୍ତ ଭଣ୍ଡାରର ଡା. ବିମଳା ମିଶ୍ରଙ୍କ ଟିମ ୪୦୩ ୟୁନିଟ୍, ଏସ୍‌ସିବି ରକ୍ତ ଭଣ୍ଡାରର ଡା. ରାଜ ନାରାୟଣ ସ୍ୱାଇଁଙ୍କ ଟିମ ୪୬୪ ୟୁନିଟ୍, ଯାଜପୁର ରକ୍ତ ଭଣ୍ଡାରର ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ଟିମ୍ ୩୩୩ ୟୁନିଟ୍ ସଂଗ୍ରହ ହୋଇ ଭଦ୍ରକରୁ ସର୍ବମୋଟ ୧୨୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅପରପକ୍ଷେ ମାମାଜାନଙ୍କ ସ୍ମୃତିରେ ବାଲେଶ୍ୱରରେ ଅନୁଷ୍ଠିତ ଶିବିରରେ ନାତିକ ଖାନ, ଆୟୁବ ଖାନଙ୍କ ନେତୃତ୍ୱରେ ୫୫୧ ୟୁନିଟ, ବାରିପଦାରେ ଅନୁଷ୍ଠିତ ଶିବିରରେ ଏନାମ ଖାନ, ଅଲି ଖାନଙ୍କ ନେତୃତ୍ୱରେ ୨୮ ୟୁନିଟ ଓ ଜଳେଶ୍ୱରରେ ଅନୁଷ୍ଠିତ ଶିବିରରେ ଶେଖ ସୋନୁ, ଶେଖ ଜାୱେଦଙ୍କ ନେତୃତ୍ୱରେ ୧୧୩ ୟୁନିଟ୍ ସହିତ ସର୍ବମୋଟ ୧୮୯୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ସୂଚନା ମିଳିଛି। ଭଦ୍ରକର ବହୁ ଯୁବକ, ଯୁବତୀ ଶ୍ରଦ୍ଧାର ସହ ରକ୍ତଦାନ କରିଥିଲେ। ଏହି ଶିବିରରେ ୫୯୦ ଜଣ ଯୁବତୀ ଓ ମହିଳା ରକ୍ତଦାନ କରିଥିଲେ। ଡା. ରବି ମହାପାତ୍ର, ଡାକ୍ତର ଫରମାନ ନବୀ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ପୌରପାଳିକା ଅଧ୍ୟକ୍ଷ ଗୁଲମକ୍ସୀ ଦଲୱାଜୀ ହବିବ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଏସ୍‌ପି ମନୋଜ କୁମାର ରାଉତ, ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ଏଏସ୍‌ପି ଅଂଶୁମାନ ଦ୍ୱିବେଦୀ, ପୂର୍ବତନ ସାଂସଦ ମୁରଲୀଧର ଜେନା, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ନଳିନୀ ମହାନ୍ତି, ଦେବରୂପ ମହାନ୍ତି, ରାଜୁ ଜେନା, ଶର୍ମିଷ୍ଠା ପଣ୍ଡା, ବିଦ୍ୟାଧର ଜେନା, ଅମିତାବାଳା ଆଶ୍ଚର୍ଯ୍ୟ, ସମାଜସେବୀ ଶେଖର ମହାପାତ୍ର, ବିଦ୍ୟାଧର ସାହୁ, ହାଜୀ ଅବଦୁଲ ମୁକିତ ଖାନ, ହାଜୀ ଏନାମ ମହମ୍ମଦ, ହାଜୀ କାଶିମ ଖାନ, ନାସିର ବକ୍ସ, ଅଶୋକ ଦାସ, ସୁଧାକର ରାଉତ, ହରି ନନ୍ଦୀ, ପ୍ରଣବ ସାହୁ, ଅମ୍ବିକାବଲ୍ଲଭ ସ୍ୱାଇଁ, କମଳାକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅଖିଳ ଭାରତୀୟ ଦୁଃଖୀ ସମାଜର ସଭ୍ୟ ମହମ୍ମଦ ଜକାଉଲ୍ଲା, ଡ. କମାଲ୍ ଖାନ, ଶେଖ୍ ହବିବୁଲ୍ଲା, ଅସରଫ ଅଲି ଖାନ୍, ଜାୱେଦ ଅଖତର, ମିଡିଆ ସେଲ ସଂଯୋଜକ ଶେଖ୍ ଅନୱର, ଅତହର ଅଲି, ନାସର ଅଲି, ଅଖତର ଅଲି ଖାନ, ମୋଜୋ ଖାନ, ମିର୍ଜା ଫରିଦ ବେଗ, ତନୱିର ଖାନ୍, ଶେଖ୍ ନିୟାମତୁଲ୍ଲା, ଉର୍ଦ୍ଦୁ କବି ମୁସ୍ତାକ ଗୌହର ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ପିଜି ପକ୍ଷରୁ ସାନ ସରକାର ବାବା ଓ ବଡ଼ ସରକାର ବାବାଙ୍କ ସମାଧିରେ ଚାଦର ଚଢ଼ାଯାଇଥିଲା।

ସକାଳ
THE SAKALA

ନୟାଗଡ଼
www.sakalaepaper.com

ସହରରେ ବଢୁଛି ଜବରଦଖଲ; ପ୍ରଶାସନ ନିରବଦ୍ରଷ୍ଟା

ନୟାଗଡ଼,୨୪ ।୧(ସମିସ)

ନୟାଗଡ଼ ପୌର ପରିଷଦ ଅଧୀନ ବିଭିନ୍ନ ସ୍ଥାନରେ ଜବରଦଖଲ ବୃଦ୍ଧି ପାଉଛି । ସରକାରୀ ଜମି ଅକ୍ତିଆର କରି ପ୍ରଥମେ କୁଡ଼ିଆ ନିର୍ମାଣ କରାଯାଉଛି । ଏହାକୁ ଦଖଲରେ ରଖି ଧୀରେ ଧୀରେ ଘର ନିର୍ମାଣ କରାଯାଉଛି । କେବଳ ଘର ନିର୍ମାଣ ପାଇଁ ନୁହେଁ, ବ୍ୟବସାୟ ପ୍ରତିଷ୍ଠାନ ପାଇଁ ମଧ୍ୟ ଅନେକ ସ୍ଥାନରେ ଜବରଦଖଲ କରାଯାଉଛି । ନୟାଗଡ଼ ସହରରେ ଭେଣ୍ଡିଂ ଜୋନ୍ ନିର୍ମାଣ କେବଳ ପ୍ରସ୍ତାବରେ ସୀମିତ ରହିଥିବାରୁ ଯିଏ ଯେଉଁଠି ପାରିଲା ଜବରଦଖଲ କରି ଉଠା ଦୋକାନ ନିର୍ମାଣ କରୁଛି । ନୟାଗଡ଼ ସହର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ୧୦ ବର୍ଷ ତଳେ ଯେତିକି ବସ୍ତି ରହିଥିଲା, ଏହି ତାହାର ସଂଖ୍ୟା ବୃଦ୍ଧି ପାଇଛି । ଅନେକ ବସ୍ତିରେ ସହରର ପ୍ରମୁଖ ଲୋକମାନେ ମଧ୍ୟ ଜବରଦଖଲ କରିଛନ୍ତି । ସହରରେ ନିଜସ୍ୱ ଜାଗାରେ ଗୃହ ନିର୍ମାଣ କରି ହଜାର ହଜାର ଟଙ୍କା ଭଡ଼ା ପାଉଥିବା ଲୋକେ ମଧ୍ୟ ବିଭିନ୍ନ ବସ୍ତିରେ ଜାଗା ଜବରଦଖଲ କରୁଛନ୍ତି । ଏହି ଜବରଦଖଲ କାର୍ଯ୍ୟରେ କିଛି ରାଜନୈତିକ ବ୍ୟକ୍ତିଙ୍କ ହାତ ମଧ୍ୟ ରହୁଛି । ନୟାଗଡ଼ ପୌର ପରିଷଦ ପକ୍ଷରୁ ଅନେକ ପ୍ରଭାବଶାଳୀ ଲୋକଙ୍କୁ ବିଗତ ଦିନରେ ଅନେକ ସ୍ଥାନରେ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି । ସରକାରୀ ଚାକିରିଆଙ୍କଠାରୁ ଆରମ୍ଭ କରି ପୌର ପରିଷଦ କର୍ମଚାରୀ ମଧ୍ୟ ନିଜ ପରିବାର ସଦସ୍ୟଙ୍କ ନାମରେ ସରକାରୀ ଜମିର ଭୂମି ଅଧିକାର ପ୍ରମାଣପତ୍ର ପାଇଛନ୍ତି । ଫଳରେ ଲୋକଙ୍କ ସାହସ ବୃଦ୍ଧି ପାଇବା ସହ ସହରରେ ଜବରଦଖଲ ବୃଦ୍ଧି ପାଉଛି । ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ସାମ୍ନାରେ କିଛି ଦୋକାନ ଗୃହ ନିର୍ମାଣ ଚାଲିଛି । ଉକ୍ତ ୪ ଦୋକାନ ଗୃହ ମଧ୍ୟରୁ ଅଧା ସରକାରୀ ଜମି ଜବରଦଖଲ କରି ନିର୍ମାଣ କରାଯାଇଛି । ଦୀର୍ଘଦିନ ତଳୁ ଏନେଇ 'ସକାଳ'ରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ପୌର ପ୍ରଶାସନ ନିରବଦ୍ରଷ୍ଟା ସାଜିଛି । ନୟାଗଡ଼ ତହସିଲ ନୟାଗଡ଼ ଆରଆଇଙ୍କ ଅଧୀନରେ ଏହି ସ୍ଥାନ ରହିଥିବା ବେଳେ ଏହାକୁ ଜାଣିଶୁଣି ଅଣଦେଖା କରାଯାଉଛି । ସେହିଭଳି ଲେଙ୍କୁଡ଼ିପଡ଼ା ଆରଆଇଙ୍କ ଅଧୀନ ହରିହରପୁର ମୌଜାରେ ମଧ୍ୟ ଜବରଦଖଲ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି । ସରକାରୀ ଜମିକୁ ସୁରକ୍ଷା ଦେବା ପାଇଁ ପଦକ୍ଷେପ ନିଆଯିବା ବଦଳରେ ଏଥିପ୍ରତି ଆଦୌ ଗୁରୁତ୍ୱ ଦିଆଯାଉନାହିଁ । ଜିଲ୍ଲା ପ୍ରଶାସନ ସହରରେ ଥିବା ସରକାରୀ ଜମି ସୁରକ୍ଷିତ ରଖିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି ।

ଭୂମି ଅଧିକାର ପ୍ରମାଣପତ୍ରର ତଦନ୍ତ ଦାବି

ନୟାଗଡ଼ ସହରର ବିଭିନ୍ନ ବସ୍ତି ବାସିନ୍ଦାଙ୍କୁ ଆଖିବୁଜା ଭାବେ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଯାହାର ତଦନ୍ତ ହେବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି । ସରକାରୀ ଚାକିରିଆ, ପୌର ପରିଷଦ କର୍ମଚାରୀ ଏବଂ ବହୁ ପ୍ରଭାବଶାଳୀ ଲୋକ ଭୂମି ଅଧିକାର ପ୍ରମାଣପତ୍ର ହାତେଇ ଉକ୍ତ ଜମିରେ ଅଟ୍ଟାଳିକା ନିର୍ମାଣ କରିଛନ୍ତି । ଉକ୍ତ ଘରକୁ ଏକାଧିକ ଲୋକଙ୍କୁ ଭଡ଼ାରେ ଲଗାଇ ଅନ୍ୟତ୍ର ରହିଥିବା ନିଜସ୍ୱ ଗୃହରେ ସେମାନେ ଅବସ୍ଥାନ କରୁଛନ୍ତି । ସରକାରୀ ଯୋଜନାର ଫାଇଦା ପାଇ ଏହି ହିତାଧିକାରୀମାନେ ଲାଭବାନ ହେଉଥିବା ବେଳେ ପ୍ରକୃତ ହିତାଧିକାରୀ ବଞ୍ଚିତ ହେଉଛନ୍ତି । ନୟାଗଡ଼ ପୌର ପରିଷଦ ପକ୍ଷରୁ ବିଗତ ଦିନରେ ପ୍ରଦାନ କରାଯାଇଥିବା ଭୂମି ଅଧିକାର ପ୍ରମାଣପତ୍ର ହିତାଧିକାରୀଙ୍କ ସମ୍ପର୍କରେ ସ୍ୱତନ୍ତ୍ର ଯାଞ୍ଚ କରିବାକୁ ଦାବି ହେଉଛି ।

ତେନ୍ତୁଳିଆପଲ୍ଲୀ ବିଦ୍ୟାଳୟର ବାର୍ଷିକୋତ୍ସବ



କଣ୍ଟିଲୋ,୨୪ ।୧(ସମିସ): ଖଣ୍ଡପଡ଼ା ବ୍ଲକ ବେଣାଗାଡ଼ିଆ ପଞ୍ଚାୟତ ତେନ୍ତୁଳିଆପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି । ପ୍ରଧାନଶିକ୍ଷକ ସନ୍ତୋଷ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଇଓ କୈଳାସ ଚନ୍ଦ୍ର କର, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ସୁଜଳ ମହାରଣା ଓ ସମ୍ମାନିତ ଅତିଥି ରୂପେ ଏବିଇଓ କଳିଙ୍ଗ ରାଉତ, ପ୍ରଦୀପ୍ତ କୁମାର ସାହୁ, ବ୍ଲକ ଶିକ୍ଷକ ସଂଘ ସଭାପତି ଦୀନବନ୍ଧୁ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ରାଉଳ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ଭଲ ପାଠ ସହ ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ । ସିଦ୍ଧାର୍ଥ କୁମାର ମହାପାତ୍ର ସଭା ପରିଚାଳନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ଟ୍ରଫି ସହ ପୁରସ୍କୃତ କରିଥିଲେ ।

ରେଳ ଲାଇନ ଭୂତଳ ରାସ୍ତା ଓ ପାନୀୟ ଜଳ ପାଇଁ ରାସ୍ତାରୋକ



ଦଶପଲ୍ଲା,୨୪ ।୧(ସମିସ): ଦୀର୍ଘ ସମୟ ପରେ ହଟିଲା ଜାତୀୟ ରାଜପଥ ଅବରୋଧ । ଜିଲ୍ଲାପାଳ ନ ଆସିଲେ ଉଠିବୁ ନାହିଁ ବୋଲି ଅଡ଼ି ବସିଥିଲେ ଲୋକେ । ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଟାକରା ପଞ୍ଚାୟତ ରଥିପୁର, ଗୋପାଳପୁର, ଟାକରା ମୌଜାର ଜନସାଧାରଣ ଖୋର୍ଦ୍ଧା ବଲାଙ୍ଗିର ରେଳପଥ ଉପରେ ସ୍ଥାନୀୟ ଗୋପାଳପୁର ମୌଜାରେ ଏକ ଗଳାରାସ୍ତା ନିର୍ମାଣ କରିବା ପାଇଁ ଦୀର୍ଘ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦାବି କରି ଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ଅଭିଯୋଗ କରି ଶନିବାର ଦୀର୍ଘ ସମୟ ଜାତୀୟ ରାଜପଥ ଅବରୋଧ କରି ବସିଥିଲେ । କାରଣ ରେଳଧାରଣା ଅପରପାର୍ଶ୍ୱରେ ବୃଉଙ୍ଗ ନଦୀ, ୩ଟି ଗ୍ରାମକୁ ପାନୀୟ ଜଳ ଯୋଗାଉଥିବା ପମ୍ପ ହାଉସ, ଗ୍ରାମ ଶ୍ମଶାନ, ଗାଇଗୋରୁ ଚରୁଥିବା ସ୍ଥାନ ରହିଥିଲା । ରେଳଧାରଣା ନିର୍ମାଣ ପୂର୍ବରୁ ଏସବୁ ଅଭିଯୋଗ କରି ଆସୁଥିଲେ ହେଁ ଏଯାବତ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଅନ୍ୟପଟେ ପମ୍ପହାଉସର କିଛି ଯନ୍ତ୍ରାଂଶ ଖରାପ ହୋଇଯିବାରୁ ୪ ଦିନ ହେବ ପାଣି ପାଇବାରୁ ବଞ୍ଚିତ ହୋଇଥିଲେ ସ୍ଥାନୀୟ ଲୋକେ । ସ୍ଥାନୀୟ ଜନ ପ୍ରତିନିଧିଙ୍କ ଉପରେ ବର୍ଷିବା ସହ ଖୋର୍ଦ୍ଧା-ବଲାଙ୍ଗିର ୫୭ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ । ଘଟଣାସ୍ଥଳରେ ଦଶପଲ୍ଲା ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ ପହଞ୍ଚି ବୁଝାସୁଝା କରିଥିବା ବେଳେ ଅବରୋଧ ହଟି ନ ଥିଲା । ସମସ୍ୟା ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ସହ ଜିଲ୍ଲାପାଳ ଏଠାକୁ ଆସନ୍ତୁ ଏବଂ ଅଭିଯୋଗର ୧ ବର୍ଷ ହୋଇଯାଇଥିଲେ ବି ଆଜିଯାଏଁ କାହିଁକି ପ୍ରଶାସନ ସମାଧାନ ଦିଗରେ ପଦକ୍ଷେପ ନେଇ ନ ଥିଲା ବୋଲି ପ୍ରଶ୍ନ କରିଥିଲେ । ଦଶପଲ୍ଲା ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା । ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ବାରିକ କହିଛନ୍ତି, ଲୋକଙ୍କ ସମସ୍ୟାର ଖୁବଶୀଘ୍ର ସମାଧାନ ହେବ । ଯଦି ତୁରନ୍ତ ସମାଧାନ ନ ହୁଏ ତେବେ ଆନ୍ଦୋଳନ ଜୋରଦାର ହେବ ବୋଲି ଲୋକେ ଚେତାବନୀ ଦେଇଛନ୍ତି ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲାପାଳ

ଠିକା କର୍ମଚାରୀଙ୍କ ଉପସ୍ଥାନ ଯାଞ୍ଚ ଓ ସମୀକ୍ଷା



ନୟାଗଡ଼,୨୪ ।୧(ସମିସ): ଶନିବାର ଛୁଟିଦିନ ଥିଲେ ମଧ୍ୟ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଛାନଭିନ୍ କରିଛନ୍ତି । ଠିକା କର୍ମଚାରୀଙ୍କ ଉପସ୍ଥାନ ଯାଞ୍ଚ କରିବା ସହ ଠିକାସଂସ୍ଥାଗୁଡ଼ିକୁ ତାଗିଦ୍ କରିଛନ୍ତି । କାର୍ଯ୍ୟରେ ଅବହେଳା କଲେ ବ୍ଲାକ ଲିଷ୍ଟ କରାଯିବାକୁ ଚେତାବନୀ ଦେଇଛନ୍ତି । ସବୁ ଠିକାସଂସ୍ଥାରେ ଥିବା ଖାଲି ପଦବୀ ତୁରନ୍ତ ପୂରଣ କରିବା ସହ ଆଗୁଆ ଯୋଗ୍ୟ କର୍ମଚାରୀ ଚୟନ କରି ରଖିବାକୁ କହିଛନ୍ତି । ଆବଶ୍ୟକ ପଡ଼ିଲେ ନୂତନ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବାକୁ କହିଛନ୍ତି । ସିକ୍ୟୁରିଟି, ଆଟେଣ୍ଡାଣ୍ଟ ଓ ଅନ୍ୟ ଠିକା କର୍ମଚାରୀଙ୍କ ସହ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଛନ୍ତି । ଏହାସହ ଜିଲ୍ଲାର ସବୁ ଡାକ୍ତରଖାନାରେ ନିଯୁକ୍ତ ଠିକା ଓ ନିୟମିତ କର୍ମଚାରୀଙ୍କ ତାଲିକା ମାଗିଛନ୍ତି । ରଣପୁର ଡାକ୍ତରଖାନାରୁ ଅଧିକ ଅଭିଯୋଗ ଆସିଥିବାରୁ ତାଗିଦ୍ କରିଛନ୍ତି । ଜିଲ୍ଲାପାଳଙ୍କ ଏହି କାର୍ଯ୍ୟକୁ ନେଇ ରୋଗୀ ଓ ରୋଗୀ ସମ୍ପର୍କୀୟମାନେ ବେଶ୍ ଖୁସି ହୋଇଛନ୍ତି । ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ । ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ସୃଷ୍ଟି ହେଉଛି । ଜିଲ୍ଲାପାଳଙ୍କ ଅଚାନକ ପରିଦର୍ଶନ ଦ୍ୱାରା କର୍ମଚାରୀଙ୍କ ମନରେ ଭୟ ରହିବା ସହ କାମ ସଠିକ ଭାବେ ହେବ ବୋଲି ଆଶା କରାଯାଉଛି । ଜିଲ୍ଲାପାଳ ନିରାମୟ କେନ୍ଦ୍ର ଓ ଅନ୍ୟାନ୍ୟ ସୁବିଧା ଅସୁବିଧା ସମ୍ପର୍କରେ ସମୀକ୍ଷା କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି ।

'କୌଶଳ ବୃଦ୍ଧି କରିଥାଏ ପିଏମଶ୍ରୀ ଉତ୍ସବ'



ଭାପୁର,୨୪ ।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ଗ୍ରାମ ଗୋପୀନାଥ ଦେବ ସରକାରୀ ବିଦ୍ୟାଳୟରେ ଶନିବାର ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ସରୋଜ କୁମାର ସେଠୀଙ୍କ ସଭାପତିତ୍ୱ ଓ ଶିକ୍ଷୟିତ୍ରୀ ସତ୍ୟଭାମା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ବ୍ଲକ ଶିକ୍ଷା ଅଧିକାରୀ ମୋନାଲିସା ରଥ, ପଞ୍ଚସଖା ଶିକ୍ଷାସେତୁର ଜିଲ୍ଲା ସହାୟକ ଅଧିକାରୀ ସୁପ୍ରୀତି ପାତ୍ର, ବିଦ୍ୟାଳୟ ପଞ୍ଚଶିକ୍ଷା ସଭାପତି ନାରାୟଣ ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସନ୍ତୋଷ କୁମାର ସାହୁ ଯୋଗଦେଇଥିଲେ । ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ଶୈଳୀରେ ଉନ୍ନତି ଆଣିବାକୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉଦ୍ୟମ କରନ୍ତୁ । ଛାତ୍ରଛାତ୍ରୀଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଓ ଜୀବନ କୌଶଳ ବୃଦ୍ଧି କରିବା ପିଏମଶ୍ରୀ ଯୋଜନାର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ । ଅତିଥିମାନେ ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ ।

ଏନ୍ଏସ୍ଏସ୍ ଶିବିର 'ବନବାସ' ଉଦ୍‌ଘାଟିତ



ଭାପୁର,୨୪ ।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ପଞ୍ଚାୟତରେ ଅବସ୍ଥିତ ପ୍ରହ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ତରଫରୁ ସ୍ୱତନ୍ତ୍ର ଶିବିର "ବନବାସ' ଶନିବାର ଶୁଭାରମ୍ଭ ହୋଇଛି । ଏହି ଶିବିର ୭ ଦିନ ଧରି ଚାଲିବ । ଶିବିରରେ ୫୦ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି । ବିଦ୍ୟାଳୟ ଅଧ୍ୟକ୍ଷ ଫକିର ମୋହନ ସ୍ୱାଇଁଙ୍କ ତତ୍ତ୍ୱାବଧାନ ଏବଂ ଏନ୍ଏସ୍ଏସ୍ ପୋଗ୍ରାମ ଅଫିସର ଅଧ୍ୟାପକ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର ସଫେଇ କରି ଶିବିର ସ୍ଥାପନ କରିବା ସହ ଜାତୀୟ ପତାକା ଉତ୍ତୋଳନ କରି ଜାତୀୟ ସଙ୍ଗୀତ ଗାନ କରିଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ସେଚ୍ଛାସେବୀଙ୍କୁ ଜାତୀୟ ସେବା ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପୋଷ୍ୟ ଗ୍ରାମ୍ୟ ଭାବେ ଗ୍ରହଣ କରାଯାଇଥିବା ପଦ୍ମାବତୀ ଗ୍ରାମ ପୁଷ୍କରିଣୀ, ମନ୍ଦିର ପରିସର ତଥା ରାସ୍ତାଘାଟ ସଫା କରିବା ସହ ଗ୍ରାମର ମହିଳା, ବୟସ୍କ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା କରାଇଥିଲେ । ବାଳିକା ଶିକ୍ଷା ଓ ସଡ଼କ ସୁରକ୍ଷା ଆଦି ବିଷୟରେ ବୁଝାଇଥିଲେ । ଶିବିରରେ ବାଣିଜ୍ୟ ବିଭାଗ ଅଧ୍ୟାପକ ସତ୍ୟଜିତ ପ୍ରଧାନଙ୍କ ସହ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ତଥା କର୍ମଚାରୀ ସହଯୋଗ କରିଥିଲେ ।

ମସ୍ତିଷ୍କାଘାତରେ ପ୍ରଧାନଶିକ୍ଷକଙ୍କ ମୃତ୍ୟୁ

ଖଣ୍ଡପଡ଼ା,୨୪ ।୧(ସମିସ): ମସ୍ତିଷ୍କାଘାତରେ ଖଣ୍ଡପଡ଼ା ବ୍ଲକ ଶିଖରପୁର ପଞ୍ଚାୟତ ଉଜ୍ଜୁଳାଙ୍ଗ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ବେହେରାଙ୍କ ମୃତ୍ୟୁ ହୋଇଛି । ଗୁରୁବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ପୁରୀ ଜିଲ୍ଲା ନିମାପଡ଼ା ବାମନାଳ ଅଞ୍ଚଳର ମୂଳ ବାସିନ୍ଦା ସ୍ୱର୍ଗତ ବେହେରା ଜଣେ ଅମାୟିକ, ଦରଦୀ ତଥା ଛାତ୍ରବତ୍ସଳ ଶିକ୍ଷକ ଭାବେ ପରିଚିତ ଥିଲେ । ତାଙ୍କ ମୃତ୍ୟୁରେ ଉଜ୍ଜୁଳାଙ୍ଗ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ଏକମାତ୍ର ପୁଅ ସୌମ୍ୟରଞ୍ଜନ ବେହେରା ମୁଖାଗ୍ନି ଦେଇଥିଲେ ।

ରବୀନ୍ଦ୍ର ସ୍ମାରକୀ କ୍ରିକେଟ୍; ଦେବାଂଶୀ କ୍ଲବ ବିଜୟୀ

କଣ୍ଟିଲୋ,୨୪ ।୧(ସମିସ): ବାଣପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ନୀଳମାଧବ ମହାବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ରବୀନ୍ଦ୍ର ସ୍ମାରକୀ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଖଳିସାହି ଦଳକୁ କଣ୍ଟିଲୋ ଦେବାଂଶୀ କ୍ରିକେଟ କ୍ଲବ ୨୦ ରନରେ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଦେବାଂଶୀ କ୍ଲବ ୧୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୯୬ ରନ ସଂଗ୍ରହ କରିଥିଲା । ଜବାବରେ ଖଳିସାହି ଦଳ ୧୮.୩ ଓଭରରେ ୭୬ ରନ କରି ଅଲଆଉଟ ହୋଇଯାଇଥିଲା । ଦେବାଂଶୀ କ୍ଲବର ଶିଶିର ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ । ଅମ୍ପାୟର ଚନ୍ଦନ ଦଳେଇ ଓ ନିରଞ୍ଜନ ଦଳେଇ ମ୍ୟାଚ ପରିଚାଳନା କରିଥିଲେ । ପ୍ରଶାନ୍ତ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ସୂର୍ଯ୍ୟ ସ୍କୋର ସିଟ୍ ପରିଚାଳନା କରିଥିଲେ ।

ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ଶରଣକୁଳ,୨୪ ।୧(ସମିସ): ପରମ ପ୍ରେମମୟ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ତଥା ଓଡ଼ଗାଁ ବ୍ଲକ ଶରଣକୁଳ ସତସଙ୍ଗ କେନ୍ଦ୍ରର ବାର୍ଷିକ ଉତ୍ସବ ସ୍ଥାନୀୟ ସତସଙ୍ଗ ବିହାର ପରିସରରେ ଶୁକ୍ରବାର ପାଳିତ ହୋଇଛି । ପ୍ରତ୍ୟୁଷରେ ଉଷାକୀର୍ତ୍ତନ କରାଯାଇଥିଲା । ପରେ ଗୁରୁଭାଇ, ଭଉଣୀଙ୍କ ଦ୍ୱାରା ସମବେତ ବେଦମାଙ୍ଗଳିକ ଓ ନହବତ କରାଯାଇଥିଲା । ଅନୁକୂଳ ଚନ୍ଦ୍ରଙ୍କ ଫଟୋଚିତ୍ରକୁ ସୁ-ସଜ୍ଜିତ ବିମାନରେ ହରିହରପୁର, ଶିଖରପୁର, ଆଙ୍ଗିସିଙ୍ଗି, ଭିକାରୀପଡ଼ା, ଶରଣକୁଳ ଆଦି ଗ୍ରାମ ପରିକ୍ରମା କରାଯାଇଥିଲା । ମଧ୍ୟାହ୍ନରେ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ନୟାଗଡ଼ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ମୁଖ୍ୟଅତିଥି, ନୟାଗଡ଼ର କିଶୋର କୁମାର କର, ପ୍ରଭାକର ରଥ, ଶରଣକୁଳ ମଣ୍ଡଳ ସଭାପତି ପ୍ରଭାତ କୁମାର ସାହୁ, କାଶୀନାଥ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଦିବ୍ୟ ଚେତନା ଉପରେ ବକ୍ତବ୍ୟ ରଖିଥିଲେ । ବିନାୟକ ମହାପାତ୍ର, ଅଭିମନ୍ୟୁ ପାଳ, ଲାଲୁ ସାହୁ, ସତ୍ୟବାଦୀ ସ୍ୱାଇଁ, ସୁବାସ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

କଲେଜ ପ୍ରତିଷ୍ଠାତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ରଣପୁର,୨୪ ।୧(ସମିସ): ରାଜସୁନାଖଳା କଲେଜ ପ୍ରତିଷ୍ଠାତା ମଧୁସୂଦନ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ତାଙ୍କ ରାଜସୁନାଖଳାସ୍ଥିତ ବାସଭବନରେ ପାଳିତ ହୋଇଛି । ମଧୁସୂଦନ ଜଣେ ପରୋପକାରୀ, ମିଷ୍ଟଭାଷୀ, ଧର୍ମପରାୟଣ, ସମାଜସେବୀ ଥିଲେ । ସେ ଏକାଧାରରେ ମହାବିଦ୍ୟାଳୟ ପ୍ରତିଷ୍ଠା ତଥା ସମ୍ପାଦକ, ପୂର୍ବତନ ରଣପୁର ବ୍ଲକ ଅଧ୍ୟକ୍ଷ, ଦୁର୍ଗା ବଜାରର ପୂର୍ବତନ ସଭାପତି ଓ ଦୋଳଯାତ୍ରାର ପୂର୍ବତନ ସଭାପତି ଥିଲେ । ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ, ପୂର୍ବତନ ରଣପୁର ବିଧାୟକ ରବିନାରାୟଣ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗିରିଜାକାନ୍ତ ମିଶ୍ର, ରାଜସୁନାଖଳା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଶରତ ଚନ୍ଦ୍ର ମିଶ୍ର, ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ରଣପୁର ବ୍ଲକ୍ ଅଧ୍ୟକ୍ଷା ନିର୍ମଳା ବେହେରା ଯୋଗଦେଇଥିଲେ । ସୂର୍ଯ୍ୟକାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ରବୀନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ସତ୍‌ସଙ୍ଗ ଆୟୋଜନ କରାଯାଇଥିଲା । ସନ୍ଧ୍ୟାରେ ଦିବ୍ୟାଙ୍ଗମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା ।

ମହଙ୍ଗା ପଡ଼ିଲା କଟ୍‌ନୀ ଛଟ୍‌ନୀକୁ ବିରୋଧ ଆନ୍ଦୋଳନ

ଶତାଧିକ ଚାଷୀଙ୍କ ନାମରେ ମାମଲା

ନୟାଗଡ଼,୨୪ ।୧(ସମିସ): କଟ୍‌ନୀ ଛଟ୍‌ନୀକୁ ବିରୋଧ ସହ ଅନ୍ୟାନ୍ୟ ଦାବି ନେଇ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗତ ୨୨ ତାରିଖ ଶୋଭାଯାତ୍ରା ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ମହଙ୍ଗା ପଡ଼ିଛି । ପ୍ରମୁଖ ଚାଷୀନେତାଙ୍କ ସମେତ ଶତାଧିକ ଚାଷୀଙ୍କ ନାମରେ ମାମଲା ରୁଜୁ ହୋଇଛି । ଶୋଭାଯାତ୍ରାରେ ଚାଷୀ ଖଣ୍ଡା ଓ ଠେଙ୍ଗା ଧରି ଆସିଥିବାରୁ ପରିସ୍ଥିତି ଅନିୟନ୍ତ୍ରିତ ହୋଇଥିବା ଦର୍ଶାଇ ଟାଉନଥାନା ପୁଲିସ ମାମଲା ରୁଜୁ କରିଛି । ଏହି ଘଟଣାରେ ପୁଲିସ ଚାଷୀ ନେତା ଅକ୍ଷୟ କୁମାର, ମହେଶ୍ୱର ଜେନା, ପ୍ରସନ୍ନ ପ୍ରଧାନ, ଅଭିମନ୍ୟୁ ଗୁମାନସିଂ, ଅଜୟ ମହାନ୍ତି, ସିପ୍ରା ଭଞ୍ଜ, ଶେଷଦେବ ନନ୍ଦ, ରଣଜିତ ଦଳବେହେରା ସମେତ ଶତାଧିକ ଚାଷୀଙ୍କ ନାମରେ ମାମଲା ରୁଜୁ କରିଛି । ବେଆଇନ ଅସ୍ତ୍ରଶସ୍ତ୍ର ଧରି ଶୋଭାଯାତ୍ରା କରିବାକୁ ନେଇ ମାମଲା ରୁଜୁ ହୋଇଛି । ନବନିର୍ମାଣ କୃଷକ ସଂଗଠନ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା । ଜିଲ୍ଲାରେ ଧାନ କ୍ୱିଣ୍ଟାଲ ପିଛା ୭ କେଜି କଟନୀ ଛଟନୀ ହେଉଥିବାରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ବିକ୍ଷୋଭ ଓ ଶୋଭାଯାତ୍ରା ସମୟରେ ପୁଲିସ ସହ ଧସ୍ତାଧସ୍ତି ହୋଇଥିଲା । ଯାହାକୁ ନେଇ ପୁଲିସ ମାମଲା ରୁଜୁ କରିଥିବା ବେଳେ ଚାଷୀ ଏହାର ଜବାବ ନିଶ୍ଚିତ ଦେବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି ।

ଜାତୀୟ ବାଳିକା ଦିବସ ପାଳିତ

ଶରଣକୁଳ,୨୪ ।୧(ସମିସ): ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବିଭିନ୍ନ ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିରରେ ସ୍ୱାସ୍ଥ୍ୟ ପରିଦର୍ଶକ ଭାସ୍କର ମହାପାତ୍ର ଓ ସରୋଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶନିବାର ଜାତୀୟ ବାଳିକା ଦିବସ ପାଳିତ ହୋଇଛି । ଏହି ଅବସରରେ ଗୋଡ଼ିପଲ୍ଲୀ ପଞ୍ଚାୟତ ସଭାଗୃହରେ ମୂଳକ ପାଲା ପରିବେଷଣ କରାଯାଇଥିଲା । ନୟାଗଡ଼ ଜିଲ୍ଲାରେ ୧୦୦୦ ପୁଅ ତୁଳନାରେ ଝିଅଙ୍କ ସଂଖ୍ୟା ୮୫୯ । ଗତବର୍ଷ ମୋଟ ଜନ୍ମିତ ଶିଶୁ ମଧ୍ୟରୁ ଓଡ଼ଗାଁ ବ୍ଲକର ଗମ୍ଭାରିଡିହି, ଚଡ଼ୟାପଲ୍ଲୀ ଓ ବାଣ୍ଡପୁର ପଞ୍ଚାୟତ ଅନ୍ତର୍ଗତ ସ୍ୱାସ୍ଥ୍ୟ ମନ୍ଦିର ରେକର୍ଡ ଅନୁଯାୟୀ ଝିଅ ସଂଖ୍ୟା ବହୁତ କମ୍ । ଏଥିପାଇଁ ଉଦବେଗ ପ୍ରକାଶ ପାଇଥିଲା ।



ସରପଞ୍ଚ ଶିବାନୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଚଡ଼େୟାପଲ୍ଲୀ ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିରର ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀ ସମେତ ସରୋଜ ପ୍ରଧାନ ଓ କାନନବାଳା ପ୍ରଧାନ ଯୋଗଦେଇଥିଲେ । କିଶୋରୀ ବାଳିକାଙ୍କୁ ନେଇ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିବା ସହ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ଗ୍ରାମ ମଧ୍ୟଭାଗରେ ସଚେତନତା ପଞ୍ଚିରିଡ଼ା ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିରର ରଶ୍ମିରାଣୀ ସାହୁ ଓ ଶୁକ୍ରି ପ୍ରଧାନ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା କରି କିଶୋରୀ ବାଳିକାଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା କରିଥିଲେ । ଏଥିରେ ବିଷ୍ଣୁପ୍ରିୟା ପ୍ରିୟଦର୍ଶିନୀ ପ୍ରଥମ, ପ୍ରଜ୍ଞା ସ୍ୱାଇଁ ଦ୍ୱିତୀୟ ଓ ଶୁଭସ୍ମିତା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପୁରସ୍କୃତ ହୋଇଥିଲେ । ସ୍ୱାସ୍ଥ୍ୟ ପରିଦର୍ଶକ ସରୋଜ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ସାମନ୍ତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟା

ଅନ୍ତରାଙ୍କ ସୁମଧୁର ସଙ୍ଗୀତରେ ଝୁମିଲେ ଦର୍ଶକ

ଖଣ୍ଡପଡ଼ା,୨୪ ।୧(ସମିସ)

ଖଣ୍ଡପଡ଼ା ସାମନ୍ତ ମହୋତ୍ସବ କମିଟି ଆବାହକ ସମାଜସେବୀ ବିଧାନଚନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସାମନ୍ତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟାକୁ ଶନିବାର ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ । ମହୋତ୍ସବ କମିଟି ସଭାପତି ଗିରିଜା ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା, ଖଣ୍ଡପଡ଼ା ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନ, ବରିଷ୍ଠ ଆଇନଜୀବୀ ମାଧବ ପ୍ରସାଦ ମିଶ୍ର, ଖଣ୍ଡପଡ଼ା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ନୟାଗଡ଼ ଜିଲ୍ଲା ବିଜେପି ସଭାପତି ତାପସ ରଞ୍ଜନ ମାର୍ଥା, ସମାଜସେବୀ ତଥା ମହୋତ୍ସବ କମିଟି ଆବାହକ ବିଧାନ ଚନ୍ଦ୍ର ପ୍ରଧାନ, ଏନଏସି କାଉନସିଲର ପ୍ରମୁଖ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଟିଭି ଉପସ୍ଥାପିକା ଲୋରିଆ ମହାନ୍ତି ଅତିଥି ପରିଚୟ ପ୍ରଦାନ ସହ ସଭା ସଂଯୋଜନା କରିଥିଲେ । ମହୋତ୍ସବ ମାଧ୍ୟମରେ ଭାଇଚାରା ଓ ସମ୍ପର୍କ ସୁଦୃଢ଼ ହୋଇଥାଏ ବୋଲି ଅତିଥିମାନେ କହିଥିଲେ । ମହୋତ୍ସବର ମୁଖପତ୍ର "ସାମନ୍ତ ସିଦ୍ଧାନ୍ତ" ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ଅନୁଷ୍ଠାନର ସମ୍ପାଦକ ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ସଭାକାର୍ଯ୍ୟ ପରେ ଓଡ଼ିଶାର ଉଦୀୟମାନ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଏବଂ ସାଥୀ କଳାକାରଙ୍କ ସୁମଧୁର ସାଙ୍ଗୀତରେ ଦର୍ଶକ ଝୁମିଥିଲେ । ସେହିପରି ଚଳଚ୍ଚିତ୍ର ତାରକା ସରୋଜ ଓ ଶୀତଲ ଦର୍ଶକଙ୍କ ମନୋରଞ୍ଜନ କରାଇଥିଲେ । ଅପରାହ୍ନ ୫ଟାରେ ବିଭିନ୍ନ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ, ଆଧୁନିକ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ମହୋତ୍ସବର ମୁଖ୍ୟ ଆକର୍ଷଣ ସାମନ୍ତ ମହୋତ୍ସବ ବନ୍ଦନାରେ ସ୍ଥାନୀୟ କଳାକାରମାନେ ସୁନ୍ଦର ଅଭିନୟ ଓ ନୃତ୍ୟ ପରିବେଷଣ କରିଥିଲେ । ବିଭିନ୍ନ କଳାକାର, ସାମ୍ବାଦିକ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ମଞ୍ଚରେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ମିନାବଜାର, ସରକାରୀ ଓ ବେସରକାରୀ ଷ୍ଟଲରେ ଲୋକଙ୍କ ଭିଡ଼ ଜମିଥିଲା । ଅନୁଷ୍ଠାନର ସମ୍ପାଦକ ଚିତ୍ତରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ରାକେଶ କୁମାର ପଣ୍ଡାଙ୍କ ସମେତ ସଭ୍ୟମାନେ ସହଯୋଗ କରିଥିଲେ । ରବିବାର ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ଯୁବ କଣ୍ଠଶିଳ୍ପୀ ସ୍ୱୟଂ ପାଢ଼ୀ ଦର୍ଶକଙ୍କ ମନୋରଞ୍ଜନ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ।

ଲଗାତାର ୩ ଦିନ ଧରି ପଥର ଖାଦାନରେ ଚଢ଼ଉ

୮୧ ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ

ସୋର,୨୪।୧ (ସମିସ)

ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଖଞ୍ଜାମାହାଲ ପଥର ଖାଦାନରୁ ବେଆଇନ ପଥର ଚାଲାଣ ହେଉଥିବା ଖବର ପାଇ ସୋର ତହସିଲଦାର ଦୈତାରି ମଲ୍ଲିକ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ସକାଳ ଠାରୁ ରାତି ପର୍ଯ୍ୟନ୍ତ ପଥର ଖାଦାନରେ ଚଢ଼ଉ କରି ସରକାରଙ୍କ ରାଜସ୍ୱ ପାଣ୍ଠିକୁ ପାଖାପାଖି ୮୧ ଲକ୍ଷରୁ ଉର୍ଦ୍ଧ ରାଜସ୍ୱ ଦେବାରେ ସକ୍ଷମ ହୋଇଛନ୍ତି। ସୂଚନା ଅନୁସାରେ ସୋର ତହସିଲଦାର ଶ୍ରୀ ମଲ୍ଲିକ ୨୨ ତାରିଖରେ ଜବତ ପଥରକୁ ୧୨ ଲକ୍ଷ ୯୦ ହଜାର ଟଙ୍କାରେ ନିଲାମ କରିଥିବାବେଳେ ପୁଣି ୨୩ ତାରିଖରେ ୨୪ ଲକ୍ଷ ୧୧ ହଜାର ଟଙ୍କାରେ ନିଲାମ କରିଥିଲେ। ଆଜି ଶନିବାର ସକାଳେ କୌଣସି ସୂତ୍ରରୁ ଖବର ପାଇ ତହସିଲଦାର ଶ୍ରୀ ମଲ୍ଲିକ ଅଚାନକ ତିନୋଟି ବେଆଇନ ପଥର ଖାଦାନରେ ଚଢ଼ାଉ କରି ୭୭୦୦ କ୍ୟୁବି ମିଟର ପଥରକୁ ୪୩ ଲକ୍ଷ ୯୭ ହଜାର ୫୨୦ ଟଙ୍କାରେ ନିଲାମ କରିଥିଲେ। ଏହିପରି ତିନି ଦିନରେ ମୋଟ ୮୧ ଲକ୍ଷ ଟଙ୍କାରୁ ଅଧିକ ଟଙ୍କାରେ ପଥର ନିଲାମ କରି ସରକାରଙ୍କ ଖାତାକୁ ରାଜସ୍ୱ ଦେବାରେ ତହସିଲଦାର ଶ୍ରୀ ମଲ୍ଲିକ ସକ୍ଷମ ହୋଇଛନ୍ତି। ତହସିଲଦାରଙ୍କ ଏଭଳି କାର୍ଯ୍ୟ ପାଇଁ ପଥର ମାଫିଆଙ୍କ ମନରେ କୁକୁଆ ଭୟ ଖେଳି ଯାଇଛି।

ଗୋବର୍ଦ୍ଧନପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭୋଗରାଇ, ୨୪।୧ (ସମିସ) : ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତରେ ଥିବା ଗୋବର୍ଦ୍ଧନ ପୁର ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜଳେଶ୍ୱରପୁର ପଞ୍ଚାୟତର ସରପଞ୍ଚ ବିରୁପାକ୍ଷ ଜେନା, କହିଥିଲେ ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା, ମୁଖ୍ୟ ବକ୍ତା ପ୍ରାକ୍ତନ ପ୍ରଧାନ ଆଚାର୍ଯ୍ୟ ଶ୍ରୀନିବାସ ପ୍ରଧାନ, କହିଥିଲେ ମାଟି ପିଣ୍ଡୁଳାକୁ ଏକ ମୂର୍ତ୍ତି ତିଆରି କରିବାରେ ବିଦ୍ୟାଳୟ ସହଯୋଗ କରିଥାଏ। ସମ୍ମାନିତ ଅତିଥି ପ୍ରାକ୍ତନ ଶିକ୍ଷକ ଗୋବିନ୍ଦ ପରାମାଣିକ, ଶିକ୍ଷକ ରଞ୍ଜନ ପରାମାଣିକ, ଶ୍ରଦ୍ଧାପୁର ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ କଲ୍ୟାଣ ପଣ୍ଡା, ଜଳେଶ୍ୱରପୁର ଉଚ୍ଚ ସରକାରୀ ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ସାହୁ, ପ୍ରଶାନ୍ତ ଦେ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣପ୍ରସାଦ ପଣ୍ଡା, ଶିକ୍ଷକ ମନୋରଞ୍ଜନ ପରାମାଣିକ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଞ୍ଜନ କୁମାର ପରାମାଣିକ ଆହ୍ୱାନ କରିଥିଲେ। ପଣ୍ଡିତ ରାଜ ପଣ୍ଡା ବେଦ ପାଠ କରିଥିବା ବେଳେ ୱାର୍ଡସଭ୍ୟ ପ୍ରଶାନ୍ତ ଦେ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ସପନା ରାଣୀ ଜେନା, ଶାନ୍ତି ବାଳା ଗିରି, ରବିନ୍ଦ୍ର ପାତ୍ର, ଜଗଦୀଶ ଘଡାଇ, ଉମେଶ ସେଠୀ, ଦମୟନ୍ତୀ ଦାସ ଅଧିକାରୀ, ସୁମିତ୍ରା ସେଠୀ, ସୁକାନ୍ତି ଦେ, ସଞ୍ଜିତା ଜେନା, ପରିଚାଳନାରେ ସହଯୋଗ କରିଥିଲେ।

କାଠ ବୋଝେଇ ଟ୍ରାକ୍ଟର ଜବତ, ୨ ଗିରଫ

ଚନ୍ଦନେଶ୍ୱର,୨୪।୧ (ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ଚନ୍ଦନେଶ୍ୱର ବିଜୁ ପଟ୍ଟନାୟକ ଗୋଲେଇ ଠାରୁ ଆଜି ଶନିବାର ସକାଳେ ବାଲେଶ୍ୱର ଡ଼ିଏଫଓ ପ୍ରଫୁଲ୍ଲ ମଲ୍ଲିକ ଓ ଜଳେଶ୍ୱରଙ୍କ ନିର୍ଦ୍ଦେଶ କ୍ରମେ ଉଦୟପୁର ବନପାଳ ସଞ୍ଜୟ ମହାନ୍ତି ପଶ୍ଚିମବଙ୍ଗ ପଟୁ ଆସୁଥିବା ଆମ୍ବ କାଠ ବୋଝେଇ ଟ୍ରାକ୍ଟରକୁ ଜବତ କରିଛନ୍ତି। ଏଥିସହିତ ଟ୍ରାକ୍ଟରର ଚାଳକ ହସେନ ସେକ (୨୯) ଓ ଭୋଗରାଇ ରସଲପୁର ଗ୍ରାମର ତନ୍ମୟ ମହାନ୍ତି (୨୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଜବତ ହୋଇଥିବା କାଠର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କା ହେବ ବୋଲି ବନପାଳ ପ୍ରକାଶ କରିଛନ୍ତି।

ଶିଶୁ ସୁରକ୍ଷା ପାଇଁ ସାଇବର ସଚେତନତା କର୍ମଶାଳା

ବାଲେଶ୍ୱର,୨୪।୧(ସମିସ): ସମାଜରେ ଶିଶୁମାନଙ୍କ ପ୍ରତି ଯୌନ ଶୋଷଣ ରୋକିବା ଏବଂ କିଶୋରଙ୍କ ଯତ୍ନ ଓ ସୁରକ୍ଷା ବୃଦ୍ଧି ପାଇଁ ଏକ ସାଇବର ସଚେତନତା ଓ ଅନଲାଇନ ସୁରକ୍ଷା ବିଷୟରେ ବ୍ଲକ୍ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ ଆଇସିଡିଏସ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ସାଇବର ଥାନା ଅଧିକାରୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧିକାରୀ ମାନେ ଏହି କର୍ମଶାଳରେ ଆଲୋଚନା କରିଥିଲେ। ସିଡିପିଓ ମଧୁସ୍ମିତା ମହାନ୍ତି ଓ ପ୍ରଭାବତୀ ନନ୍ଦ ଏହି କର୍ମଶାଳକୁ ପରିଚାଳନା କରିଥିବା ବେଳେ ସୁପରଭାଇଜର, ଅଙ୍ଗନବାଡି କର୍ମୀ, ଆଶାକର୍ମୀ ଓ କିଶୋରୀ ତଥା ବାଳିକମାନେ ଭାଗ ନେଇଥିଲେ।

ଛତ୍ରପୁର ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ପାଳନ ପ୍ରସ୍ତୁତି

ନୀଳଗିରି, ୨୪।୧ (ସମିସ): ନୀଳଗିରି ବ୍ଲକ୍ ବଣସୀମା ଅନ୍ତର୍ଗତ ଛତ୍ରପୁର ପଞ୍ଚାୟତର ଛତ୍ରପୁର ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତିବୈଠକ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୁରେଶ ଶଙ୍ଖୁଆ, ନିଶିକାନ୍ତ ମହାପାତ୍ର, ଅମରେନ୍ଦ୍ର ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ପ୍ରଧାନଶିକ୍ଷକ ଅଜୟ ପରିଡ଼ା ସଭାପତିତ୍ୱ କରିଥିଲେ। ଆଗାମୀଦିନରେ ଖୁବ ଧୁମଧାମରେ ପାଳନକରାଯିବାକୁ ସହମତି ପ୍ରକାଶ ପାଇଥିଲା ବେଳେ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ମଧ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ପୂର୍ବତନ ଶିକ୍ଷକ କୈଳାଶ ଚନ୍ଦ୍ର ମିଶ୍ର , କୁଳମଣି ମହାନ୍ତି, ସୁଧାରଞ୍ଜନ ଦାସ ଓ ବର୍ତ୍ତମାନର ଶିକ୍ଷକ ଗୋଲକଚନ୍ଦ୍ର ସିଂ, ଦୀପକ ଜେନା , ଭୋଳାନାଥ ସିଂ , ରଶ୍ମିତା ଦାସ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀମାନେ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ।

ପଣ୍ଡରୁଙ୍ଗୀ ମାଁ ଭଗବତୀଙ୍କ ପ୍ରସିଦ୍ଧ ମକରମେଳା ଉଦ୍‌ଘାଟିତ

ବସ୍ତା ବ୍ଲକ, ୨୪।୧ (ସମିସ): ବସ୍ତା ବ୍ଲକ ଅନ୍ତର୍ଗତ ମଥାନୀ ପଂଚାୟତ ପଣ୍ଡରୁଙ୍ଗୀ ଗାଁରେ ବିରାଜିତା ଉତ୍ତର ଓଡିଶାର ଅନ୍ୟତମ ଆରାଧ୍ୟା ଦେବୀ ମା ଭଗବତୀଙ୍କ ମକର ମେଳା ଶୁକ୍ରବାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ପୁଣ୍ୟତୋୟା ଜଳକା ନଦୀ ସାନଖୁଡୀ ଘାଟରୁ ଘଟ ଉତ୍ତୋଳନ କରାଯାଇଥିଲା। ବିଶାଳ ଶୋଭାଯାତ୍ରାରେ ପାରମ୍ପରିକ ଆଦିବାସୀ ନୃତ୍ୟ, ମାଦଳ ଘଣ୍ଟ ଢୋଲ ମହୁରୀ ବାଜା ଡିଜେ ବ୍ୟାଣ୍ଡ ଶୋଭାଯାତ୍ରାରେ ଘଟ ମା'ଙ୍କ ପୀଠକୁ ଅଣାଯାଇଥିଲା।

ଟ୍ରକ ଧକ୍କାରେ ଡାକ କର୍ମଚାରୀ ଗୁରୁତର

ସୋର,୨୪।୧(ସମିସ): ସୋର ଅନନ୍ତପୁର ରାସ୍ତା ପାଖର ଛକ ନିକଟରେ ଏକ ଟ୍ରାନ୍ସଫରମର ବୋଝେଇ ଆଇଚର ଟ୍ରକ ଧକାରେ ଜଣେ ଡାକ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ ନୀଳଗିରି ଅଂଚଳର ଅନନ୍ତ ନାୟକ ଅନନ୍ତପୁର ଡାକଘର ଡାକ କର୍ମଚାରୀ ଭାବେ କାମ କରନ୍ତି। ଆଜି ଡାକ ନେଇ ସୋରରୁ ଅନନ୍ତପୁରକୁ ଆସୁଥିବା ବେଳେ ପାଖର ଛକ ନିକଟରେ ଟ୍ରାନ୍ସଫର୍ମର ବୋଝେଇ ଆଇଚର ଗାଡି ତାଙ୍କୁ ଧକ୍କାଦେଇ ସେଠାରୁ ଦ୍ରୁତଗତିରେ ଫେରାର ହୋଇଯାଇଥିଲା। ଅନନ୍ତଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ଅନନ୍ତପୁର ଡ଼ାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଫେରାର ଟ୍ରକଟିକୁ ବାଳଙ୍ଗ ଛକ ନିକଟରେ ସ୍ଥାନୀୟ ଲୋକେ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ପ୍ରତିବାଦରେ ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ ରାସ୍ତାଜାମ ହଟାଇଥିଲେ। ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

ଶ୍ୟାମ ସୁନ୍ଦର ସରକାରୀ ଏକାଡେମୀର ବାର୍ଷିକ ଉତ୍ସବ

ସୋର, ୨୪।୧(ସମିସ): ସୋର ସୋର ବ୍ଲକ ବାଳଙ୍ଗ ଗ୍ରାମପଞ୍ଚାୟତ ରେଓଡା ସ୍ଥିତ ଶ୍ୟାମସୁନ୍ଦର ସରକାରୀ ଏକାଡେମୀର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ହେମାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା,ମୁଖ୍ୟବକ୍ତା ଭାବେ ୪୫ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ଜୟରାମ ଦାସ, ସମ୍ମାନିତ ଅତିଥି ଭାବେ ସୋର ବ୍ଲକ ଅଧ୍ୟକ୍ଷା ଅନୁସୟା ମଲ୍ଲିକ, ଅନ୍ୟତମ ଅତିଥି ଭାବେ ଅନନ୍ତପୁର ସାରସ୍ୱତ ମହାବିଦ୍ୟାଳୟର ଅଧ୍ୟାପକ ହରିହର ଦାସ, ପଞ୍ଚଶଖା ଶିକ୍ଷା ସେତୁ ସଙ୍ଗଠନର ଗୌତମ କର, ଅକ୍ଷୟ କୁମାର କର, ସିମୁଳିଆ କ୍ଲଷ୍ଟର ସି ଆର ସି କମଳାକାନ୍ତ ଶଙ୍ଖୁଆ ଯୋଗଦେଇ ନିଜନିଜ ବକ୍ତବ୍ୟ ରଖିଥିଲେ। ଶିକ୍ଷୟତ୍ରୀ ଅର୍ଚ୍ଚନା ରାଉତ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷକ ସମୀର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

୩୧ରେ ଜାତୀୟ ସମ୍ମେଳନ

ବାଲେଶ୍ୱର,୨୪।୧(ସମିସ): ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ ପକ୍ଷରୁ ପ୍ରଥମ ଥର ପାଇଁ ବାଲେଶ୍ୱରରେ ଅନୁଷ୍ଠିତ ହେବାକୁ ଯାଉଛି ଜାତୀୟ ସମ୍ମେଳନ। ଏହି ଐତିହାସିକ ସମ୍ମେଳନ ଆସନ୍ତା ଜାନୁଆରୀ ୩୧ ଏବଂ ଫେବୃଆରୀ ୧ରେ ନୋସି ବିଜନେସ ପାର୍କରେ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସ୍ଥାନୀୟ ଉଦ୍ୟୋଗ ଭବନ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପାଟରାଣୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିଆପାଳ, ୨୪।୧ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ତାହାଲିଆ ପାଟରାଣୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିନୋଦ ଜେନା ସଭାପତିତ୍ୱରେ ବାଲିଆପାଳ ଅତିରିକ୍ତ ଶିକ୍ଷାଅଧିକାରିଣୀ ନମିତା ପ୍ରଭା ସାମଲ ମୁଖ୍ୟ ଅତିଥି ଏବଂ ନିଶାମଣି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ବେହେରା ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ସିଆରସିସି ପତିତ୍ପାବନ ପ୍ରଧାନ, ତାହାଲିଆ ୟୁଜିୟୁପି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ରାଜ, ବିଦ୍ୟାଳୟ ଅବସରପ୍ରାପ୍ତ ଶିକ୍ଷକ ଅମରେନ୍ଦ୍ର ତ୍ରିପାଠୀ ଏବଂ ଶିବପ୍ରସାଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଶିଶିର ହାଜିରା ବାର୍ଷିକ ବିବରଣୀ ପାଠ ପଠନ କରିଥିଲେ।

ଭୋଳେଶ୍ୱର ଜନାର୍ଦ୍ଦନ ଉଚ୍ଚ ନୋଡାଲ ବିଦ୍ୟାପୀଠର ହୀରକ ଜୟନ୍ତୀ



ସୋର, ୨୪।୧(ସମିସ): ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ମଙ୍ଗଳପୁରସ୍ଥିତ ଭୋଳେଶ୍ୱର ଜନାର୍ଦ୍ଦନ ଉଚ୍ଚ ନୋଡାଲ ବିଦ୍ୟାପୀଠର ହୀରକ ଜୟନ୍ତୀ ସମାରୋହର ଦ୍ୱିତୀୟ ସନ୍ଧ୍ୟା ହୀରକ ଜୟନ୍ତୀ କମିଟି ସଭାପତି ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ଛାତ୍ରଛାତ୍ରୀ ପାଠ ମନସ୍କ ହେବା ସହିତ ଭଲ ମଣିଷ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ସକାରାତ୍ମକ ଚିନ୍ତାଧାରା, ଦୃଢ଼ ଇଛାଶକ୍ତି, ସମୟାନୁବର୍ତ୍ତିତା, ଅଧବସାୟ ରହିଲେ ସଫଳତା ଆମ ପାଦସ୍ପର୍ଶ କରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବରେଣ୍ୟ ଅତିଥି ପ୍ରାକ୍ତନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅନ୍ୟତମ ଅତିଥିଭାବେ ସୋର ବ୍ଲକ ଅଧ୍ୟକ୍ଷା ଅନୁସୂୟା ମଲିକ, ସରପଞ୍ଚ ବନିତା ପଣ୍ଡା, ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା, ପୁରାତନ ଛାତ୍ର ସଂସଦର ସଭାପତି ଶ୍ରୀଧର ସାହୁ, ସମ୍ପାଦକ ମୁରଲୀଧର ପାଢ଼ୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ।ଏହି ଅବସରରେ ହୀରକ ଜୟନ୍ତୀ ମୁଖପତ୍ର ଆମ ପରିବାର ଅତିଥି ମାନଙ୍କ ଦ୍ୱାରା ଲୋକାର୍ପଣ କରିଥିଲେ ଏଥି ସହିତ ଦିବ୍ୟାଙ୍ଗ ନୃତ୍ୟଶିଳ୍ପୀ ପ୍ରଶାନ୍ତ ରାଉତ ଏବଂ ସମ୍ବର୍ଦ୍ଧିତ ପ୍ରତିଭା ଭାବେ ସମାଜସେବୀ ଜୟନ୍ତ କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ହୀରକ ଜୟନ୍ତୀ କମିଟି ସମ୍ପାଦକ ପ୍ରଶାନ୍ତ କୁମାର ମହନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ଜଗବନ୍ଧୁ ଦାସ ଏବଂ ତାପସୀରାଣୀ ଦାସ ଅତିଥିଙ୍କୁ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ଶଙ୍କର୍ଷଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

ଗରିବଙ୍କୁ ଶୀତବସ୍ତ୍ର ବାଣ୍ଟିଲେ ପୂର୍ବତନ ସାଂସଦ



ଭୋଗରାଇ, ୨୪।୧(ସମିସ) : ଭୋଗରାଇ ବ୍ଲକର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱରଠାରେ ଆଜି ବାଲେଶ୍ୱର ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା ଗରିବ ଓ ଅସହାୟ ଲୋକମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରିଛନ୍ତି। ଏଥି ସହିତ ଇଂ ଶ୍ରୀ ଜେନା ଉଭୟ ପୀଠରେ ପୂଜାର୍ଚ୍ଚନା କରିବା ସହିତ ଦେବ ଦେବ ମହାଦେବ ଙ୍କ ଠାରେ ଆଶୀର୍ବାଦ ଭିକ୍ଷା କରିଥିଲେ। ସେହିପରି ପରେ ଭୋଗରାଇର ଅନ୍ୟତମ ଶକ୍ତିପୀଠ ମା ବିଜୟା ବାସୁଳୀଙ୍କ ମନ୍ଦିରରେ ପୂଜା ଅର୍ଚ୍ଚନା କରିବା ସହିତ ବିଜେଡିର ପକ୍ଷରୁ ଆୟୋଜିତ ଏକ ବନ୍ଧୁ ମିଳନ ଉତ୍ସବରେ ଶ୍ରୀ ଜେନା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗଣପତି ଗିରି, ଜିଲ୍ଲା ବିଜେଡି ଉପସଭାପତି ତପନ କୁମାର ପଣ୍ଡା, ଜିଲାପରିଷଦ ସଦସ୍ୟା ଦମୟନ୍ତୀ ସାହୁ, କବିତା ମାହାନ୍ତି,, ନିବେଦିତା ମହାନ୍ତି, ପ୍ରତିମା ଚାନ୍ଦ,ଜିଲାପରିଷଦ ସଦସ୍ୟ ଗିରିଶ ଦତ୍ତ, ବିଜେଡି ନେତା ଭବେନ୍ଦ୍ର ସାହୁ,ସମିତି ସଦସ୍ୟା, ସଦସ୍ୟ, ସରପଞ୍ଚଙ୍କ ସହିତ ସ୍ଥାନୀୟ ନେତା ଓ ଶୁଭେଚ୍ଛୁ ମାନେ ସାମିଲ ହୋଇଥିଲେ। ଶ୍ରୀ ଜେନା ଦଳୀୟ ନେତା କର୍ମୀ ଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ

ବାଲିଆପାଳ, ୨୪।୧ (ସମିସ): ବାଲିଆପାଳ ବ୍ଲକ ମଧୁପୁରା ପଂଚାୟତ ହାସିମପୁର ଗ୍ରାମର ଉଦୟନାରାୟଣ ଉଚ୍ଚ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜରୋଶନ ବାଗ୍ ଙ୍କ ସଭାପତିତ୍ୱ ମୁଖ୍ୟଅତିଥି ଭାବରେ ବାଲିଆପାଳ ଶିକ୍ଷାଅଧିକାରୀ ଜଗବନ୍ଧୁ ଜେନା ଯୋଗ ଦେଇ ବାଲେଶ୍ୱର ଜିଲା ଓସ୍ତା ସଂଘର ସଂପାଦକ ବିଜୟ କୁମାର ପାତ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ଅନନ୍ତ କୁମାର ପଣ୍ଡା, ବିଶ୍ୱମ୍ଭର ପାତ୍ର, ସୁଶାନ୍ତ ସେଠୀ, ସମାଜସେବୀ ଲମ୍ବୋଦର ମାହାନ, ଉଚ୍ଚ ବିଦ୍ୟାଳୟର ସଭାପତି ମୁରଲୀମୋହନ ସାହୁ, ଉପ୍ରା ବିଦ୍ୟାଳୟ ସଭାପତି ଉମେଶ ସାହୁ, ସିମୁଳିଆ କ୍ଲଷ୍ଟର ସିଆରସିସି ଯଶୋବନ୍ତ ଜେନା, ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ପିତାମ୍ବର ସାହୁ ସଭାରେ ଅଭିଭାଷଣ ରଖିଥିଲେ। ବିଦ୍ୟାଳୟ ସହକାରୀ ଶିକ୍ଷକ ମନୋରଞ୍ଜନ ପ୍ରଧାନ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ ବିବରଣୀ ପାଠ କରିଥିଲେ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଶିକ୍ଷକ ଅସିତ କୁମାର ସାହୁ, ପରମାନନ୍ଦ ସାହୁ, ଅଜିତ ବାରିକ, ତନ୍ମୟ ସାମଲ, ବବିତାରାଣୀ ମହାପାତ୍ର, ବାସନ୍ତୀ ବେହେରା, ଦେବାଶିଷ ଜେନା, ଅକ୍ଷୟ ପଣ୍ଡା, ସ୍ୱାଗତିକା ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଧନଞ୍ଜୟ ଚରଣ ଦେ ଧନ୍ୟବାଦ ପ୍ରଦାନ କରିଥିଲେ।

ଡାକ୍ତର ବିଷ୍ଣୁ ମହାପାତ୍ରଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି

ଖଇରା,୨୪।୧ (ସମିସ): ବାଲେଶ୍ୱର ଜିଲା ଖଇରା ଅଞ୍ଚଳରେ ଘରେ ଘରେ ପରିଚିତ ସୁନାମଧନ୍ୟ ଡାକ୍ତର ସ୍ୱର୍ଗତ ବିଷ୍ଣୁପଦ ମହାପାତ୍ରଙ୍କ ୭୮ ତମ ଜୟନ୍ତୀ ଆସନ୍ତା ୨ତାରିଖରେ ପଳସା ପଞ୍ଚାୟତ ଅଧୀନ ଅର୍ଜ୍ଜୁନପୁର ଗ୍ରାମରେ ପାଳିତ ହେବ। ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ଶନିବାର ଦିନ କମିଟି ସଭାପତି ସନ୍ତୋଷ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଅର୍ଜୁନପୁର ଗ୍ରାମରେ ପାଳିତ ହୋଇ ଯାଇଛି। ସମ୍ପାଦକ ଭରତ ଚନ୍ଦ୍ର ପଣ୍ଡା, ଜଗତାନନ୍ଦ ମହାପାତ୍ର, ଭଗବାନ ଦାସ, ମୂରଲୀ ବେହେରା, ରାମକୃଷ୍ଣ ମହାପାତ୍ର, ବସନ୍ତ ମାଝୀ, ଅଜୟ ଦାସ, ରାଧାରାଣୀ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ନିଲମ୍ବନ ଚିଠି ଭାଇରାଲକୁ ନେଇ ବର୍ଷିଲେ ଜିଲ୍ଲା ବିଜେଡି ସଭାପତି

ଖଇରା,୨୪।୧ (ସମିସ): ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ତଥା ସିମୁଳିଆର ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ବିଜୁ ଜନତା ଦଳ ନିଲମ୍ବିତ କରିଥିବା ନେଇ ଦଳ ପ୍ୟାଡରେ ଏକ ଲିଖିତ ନିର୍ଦ୍ଦେଶ ସାମାଜିକ ଗଣମାଧମରେ ଭାଇରାଲ ହେବା ପରେ ଏହାକୁ ନେଇ ଖଇରା ସମୁଳିଆ ତଥା ଜିଲ୍ଲା ରାଜନୀତି ସରଗରମ ହୋଇ ପଡିଛି। ଜ୍ୟୋତି ପାଣିଗ୍ରାହୀଙ୍କ ବିରୋଧୀ ଏହାକୁ ସାମାଜିକ ଗଣମାଧମରେ ବାରମ୍ବାର ପୋଷ୍ଟ କରିଚାଲିଥିବା ବେଳେ ଖୋଦ ପାଣିଗ୍ରାହୀ ସାମ୍ବାଦିକଙ୍କ ସମ୍ମୁଖରେ ଏଭଳି ଅର୍ଡରକୁ ଜାଲି ବୋଲି କହିଛନ୍ତି। ବିଜେଡି ସଭାପତିଙ୍କୁ ଫୋନରେ ଯୋଗାଯୋଗ କରିବାରେ ତାଙ୍କୁ ଏବଂ ତାଙ୍କ ଦଳକୁ ବଦନାମ କରିବାକୁ ବିରୋଧୀଙ୍କର ଏହା ଷଡଯନ୍ତ୍ର। ସେମାନଙ୍କର ଏଭଳି ହିନ ଚକ୍ରାନ୍ତ ଫଳବତୀ ହେବ ନାହିଁ। ଖଇରା ଓ ସିମୁଳିଆବାସୀ ଅତ୍ୟନ୍ତ ଶାନ୍ତସ୍ୱଭାବର ମଣିଷ। କିଛି ଲୋକ ଜାଣିଶୁଣି ଏଭଳି ବିଭ୍ରାନ୍ତିକର ମେସେଜ ଗଣମାଧମରେ ଛାଡି ପରିବେଶକୁ ଅଶାନ୍ତ କରୁଛନ୍ତି। ତାଙ୍କ ପରିବାର ପ୍ରତି ଏବଂ ତାଙ୍କପ୍ରତି ଖଇରା ସିମୁଳିଆବାସୀଙ୍କ ଭଲ ପାଇବା ରହିଛି। ଆଗାମୀ ଦିନରେ ଏହାର ପ୍ରମାଣ ମଧ ଖଇରା ସମୁଳିଆବାସୀ ଦେବେ ବୋଲି ସେ କହିଛନ୍ତି।

ଚାଣକ୍ୟ ଏକାଡେମୀର ବାର୍ଷିକ ଉତ୍ସବ



ସୋର, ୨୪।୧ (ସମିସ): ସୋର-କୁପାରୀ ରାସ୍ତା ସରଶଙ୍ଖ ନିକଟରେ ଅବସ୍ଥିତ ଚାଣକ୍ୟ ଏକାଡେମୀର ବର୍ଷିକ ଉତ୍ସବ ଅନୁଷ୍ଠାନ ଅଧକ୍ଷ ଶକ୍ତିକାନ୍ତ ମିଶ୍ରଙ୍କର ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ବିଷ୍ଣୁ ମୋହନ ପଣ୍ଡା, ମୁଖ୍ୟବକ୍ତା ଭାବେ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଅଧକ୍ଷ ମନୋଜ କୁମାର ମହାନ୍ତି ତାଙ୍କ ଭାଷଣରେ ଶୃଙ୍ଖଳିତ ଜ୍ଞାନ ଅର୍ଜନ କରିବା ସହିତ ଭଲ ମଣିଷ ହେବା ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଔପଦା କଲେଜ ଅଧକ୍ଷ ଡ. ବ୍ରଜ ସୁନ୍ଦର ପାଲ ଏବଂ ବଂଶୀଧର ମହାନ୍ତି ଯୋଗ ଦେଇ ସାଂପ୍ରତିକ ଶିକ୍ଷା ବ୍ୟବସ୍ଥାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଅଧ୍ୟାପିକା ସୌମ୍ୟା ଐଶ୍ୱର୍ଯ୍ୟା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ଅଧ୍ୟାପକ ଦୟାନିଧି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସରୋଜ କୁମାର ବାରିକ, ପଞ୍ଚାନନ ରାଉତ ଓ ମଂଜୁଲତା ମହାନ୍ତି ପ୍ରମୁଖ ପରିଚାଳନା କରିଥିବା ବେଳେ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

କମାରଗଡ଼ିଆ ମକର ମେଳାର ଦଶମ ସନ୍ଧ୍ୟା



ରାଜଘାଟ, ୨୪।୧ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ପୁଟୁରା ପଞ୍ଚାୟତ ଅନ୍ତର୍ଗତ କମାରଗଡିଆ ସାର୍ବଜନୀନ ମକର ମେଳାର ଦଶମ ସଂଧ୍ୟାରେ ପୂର୍ବତନ ଗ୍ରାମର ମୁଖିଆ ହରିହର ବେହେରା ସଭାପତିତ୍ୱ କରିଥିବାବେଳେ ମୁଖ୍ଯ ଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ମା' ଭଗବତୀଙ୍କ ଠାରେ ଭୋଗ ଲଗାଇବା ସହିତ ଏହି ଗ୍ରାମରେ ମେଳା ହେବା ଦ୍ୱାରା ଦେଶର ବିକାଶ ହେବା ସଙ୍ଗେ ସଙ୍ଗେ ସମ୍ପର୍କ ସ୍ଥାପନ କରେ ଏବଂ ଭାଇଚାରା ସୃଷ୍ଟି କରେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ପୂର୍ବତନ ସମିତିସଭ୍ୟ ଭଜହରି ପରିଡ଼ା ଯୋଗଦେଇ ସମସ୍ତଙ୍କ ସହଯୋଗ ବଳରେ ଅସାଧ କାର୍ଯ୍ୟ ସହଜରେ କରାଯାଇ ପାରିବ ବୋଲି କହିଥିଲେ, ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁଦର୍ଶନ ଜେନା, ଉଜ୍ଜ୍ୱଳ କୁମାର ଗିରି, ଗ୍ରାମର ମୁଖିଆ ଅଜୟ କୁମାର ଶାସମଲ, ମନ୍ଦିର କମିଟିର ସଭାପତିରମେଶ ଚନ୍ଦ୍ର ସାହୁ, ସୁଦାମ ଚରଣ ଦାସ, ଅମୂଲ୍ୟ କୁମାର ଶାସମଲ, ଶିକ୍ଷକ ଭଗୀରଥ ପ୍ରଧାନ, ଗୌରାଙ୍ଗ ଖମାରୀ, ବେଣୁଧର ବେହେରା, ସୁବଳ କୁମାର ଜେନା, ବୈକୁଣ୍ଠ ନାଥ ଜେନା,ନାରାୟଣ ଦାସ, ପ୍ରହଲ୍ଲାଦ ବେହେରା, ପ୍ରାଣ କିଶୋର ସାହୁ, ପ୍ରଳୟ ଶାସମଲ ପ୍ରମୁଖ ଉପସ୍ଥିତ ହୋଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

ଜୟରାମପୁର ନେତାଜୀ ଗ୍ରାମୀଣ ଉତ୍ସବ ଉଦ୍‌ଘାଟିତ

ଭୋଗରାଇ, ୨୪।୧ (ସମିସ)



ଭୋଗରାଇ ବ୍ଲକର ଐତିହ୍ୟ ସମ୍ପନ୍ନ ଜୟରାମପୁର ପଞ୍ଚାୟତସ୍ଥିତ ନେତାଜୀ ପଡ଼ିଆରେ ନେତାଜୀ ଗ୍ରାମୀଣ ଉତ୍ସବ ଉଦଘାଟିତ ହୋଇଛି। ସକାଳେ ସିନ୍ଦୂର ମୁଣ୍ଡି ଠାକୁରାଣୀଙ୍କ ମଣ୍ଡପ ଠାରୁ ମଶାଲ ଶୋଭାଯାତ୍ରା, ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଜାତୀୟ ପତାକା ଉତ୍ତୋଳନ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ସଭାକୁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥଲେ। ଉତ୍ସବ କମିଟିର ସଭାପତି ସୁନୀଲ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ସମାଜସେବୀ ସୁଦର୍ଶନ ଜେନା, ସମ୍ମାନିତ ଅତିଥି ଭାବେ ଉତ୍ସବ କମିଟିର ମୁଖ୍ୟ ପରିଚାଳକ ବିପିନ କୁମାର ଦେହୁରୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେହିପରି ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ନାଥ ଘୋଷ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କମଳ ଲୋଚନ ବିଶ୍?ାଳ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବଂଶୀଧର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ଦାସ, ସୁକୁମାର ଭୂୟାଁ ପ୍ରମୁଖ ଜୟରାମପୁରରେ ଥିବା ଆହୁତିକୁଣ୍ଡ, ସୁନା ଦେଇ, ରୂପାଦେଇ ପଖୋରୀର କିମ୍ବଦନ୍ତୀ ଓ ଐତିହ୍ୟ, ପରମ୍ପରା ସଂପର୍କରେ ବକ୍ତବ୍ୟ ରଖିଥିଲେ। ଉତ୍ସବ କମିଟିର ସମ୍ପାଦକ ହରିନାରାୟଣ ଜେନା ମଞ୍ଚ ଆହ୍ୱାନ, ଅଶୋକ କୁମାର ସାମଲ ଅତିଥି ପରିଚୟ ପ୍ରଦାନ ଓ ହରେକୃଷ୍ଣ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ କମିଟିର କୋଷାଧ୍ୟକ୍ଷ ସ୍ନେହାସିଷ ପ୍ରଧାନ, ସଞ୍ଜୀବ କୁମାର ଦାସ, ଦୁର୍ଗା ଶଙ୍କର ସାମଲ, ସୁଭାଶିଶ ପ୍ରଧାନ, ହରିପଦ ମିଶ୍ର, କାହ୍ନୁ ଚରଣ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ଅଲୌକିକ ଶକ୍ତିସମ୍ପନ୍ନ ମହିମାମୟୀ ମା' ଚଣ୍ଡୀ

୪୦୦ ବର୍ଷ ପୂର୍ବେ କାଞ୍ଚିରୁ ଆସିଥିଲେ

ବନ୍ତ/ଆଗରପଡ଼ା,୨୪ା୧(ସମିସ): ମନୁଷ୍ୟ ଏପରି ଏକ ପ୍ରାଣୀ ଯିଏକି ଧରାପୃଷ୍ଠକୁ ସ୍ପର୍ଶ କରି ଲୀନ ହେବା ଭିତରେ କୌଣସି ନା କୌଣସି ମୁହୂର୍ତ୍ତରେ ଦେବଦେବୀଙ୍କ ଆଶ୍ରିତ ହୋଇଥାଏ। ସେହି ଦେବଦେବୀ ମନୁଷ୍ୟର ଭକ୍ତି ରୂପକ ଅର୍ଘ୍ୟରେ ଆଶୀର୍ବାଦ ରୂପକ ଆଲୋକ ପ୍ରଦାନ କରି, ବିଭିନ୍ନ ଅଞ୍ଚଳରେ ବିଭିନ୍ନ ରୂପରେ ଆବିର୍ଭୂତ ହୋଇ ମନୁଷ୍ୟର ଚଲାପଥକୁ ସୂଚାରୁ ରୂପେ ପରିଚାଳନା କରିଥା'ନ୍ତି। ବନ୍ତ ବ୍ଲକ୍ ଅନ୍ତର୍ଗତ ଆଗରପଡ଼ାର ପୁରୁଷଣ୍ଡ ଗ୍ରାମରେ ମହିମାମୟୀ ମା' ଚଣ୍ଡୀଙ୍କର ଅଲୌକିକ ବାର୍ତ୍ତା ସମ୍ପର୍କରେ ଆମର ସ୍ୱତନ୍ତ୍ର ଆଲେଖ୍ୟ।

ଆଜକୁ ୪୦୦ରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବେ ତିନି ବନ୍ଧୁ ଯଥା: ସଟୁଆ, ପାଣୁଆ ଓ ଚନ୍ଦୁଆ କୌଣସି କାରଣ ବସତଃ କାଞ୍ଚି ଯାତ୍ରା କରିଥା'ନ୍ତି। ସେଠାରୁ ଫେରିବା ସମୟରେ ତାଙ୍କ ସାଥିରେ ମା' ଚଣ୍ଡୀଙ୍କ ଆଗମନ ହୋଇଥାଏ। ମା' ଚଣ୍ଡୀ ତାଙ୍କୁ ନିର୍ଦ୍ଦେଶ ଦିଅନ୍ତି ଯେ ତୁମେ ଆଗେଆଗେ ଚାଲ ମୁଁ ତୁମ ପଛେପଛେ ଚାଲୁଛି। ତୁମେ ଯେଉଁଠାରେ ପଛକୁ ବୁଲି ଚାହିଁବ ମୁଁ ସେହିଠାରେ ପଥର ପାଲଟିଯିବି। ମା'ଙ୍କ ନିର୍ଦ୍ଦେଶ ମାନି କାଞ୍ଚିରୁ ତିନି ବନ୍ଧୁ ତାଙ୍କ ଗନ୍ତବ୍ୟ ପଥରେ ଆଗମନ ହୁଅନ୍ତି ଏବଂ ଏପରି ଏକ ପରିସ୍ଥିତି ସୃଷ୍ଟି ହୁଏ ଯେଉଁଠାରେ ମା' ଚଣ୍ଡୀଙ୍କ ନୂପୁର ଶବ୍ଦ ଶୁଣି ନ ପାରି ତିନି ବନ୍ଧୁ ପଛକୁ ଚାହିଁ ମା'ଙ୍କ ଉପସ୍ଥିତିକୁ ଅନୁଭବ କରିବା ସ୍ଥଳେ ମା' ପଥର ପାଲଟିଯାଇ ଏହି ଆଗରପଡ଼ାର ପୁରୁଷଣ୍ଡ ଗ୍ରାମରେ ଅବସ୍ଥାପିତ ହୁଅନ୍ତି। ପରମୁହୂର୍ତ୍ତରେ ସେହି ତିନି ବନ୍ଧୁ ରାଜାଙ୍କ ଆଶୀର୍ବାଦର



ପାତ୍ର ହୋଇ ତିନୋଟି ଗ୍ରାମ ଦାନ ସ୍ୱରୂପ ପ୍ରାପ୍ତ କରନ୍ତି। ସେହି ତିନୋଟି ଗ୍ରାମ ଯଥା- କୁଆଁସମଡ଼ିଆ, ଟିକିରା ଓ ଶ୍ରୀରାମପୁର। ସେହି ସମୟରେ କୌଣସି ଜାତି ପ୍ରଥାର ପରମ୍ପରା ନ ଥିବାରୁ ତାଙ୍କୁ ମହାନ୍ତି ଉପାଧିରେ ଭୂଷିତ କରିଥାନ୍ତି ରାଜା ଓ ପରମୁହୂର୍ତ୍ତରେ ତାଙ୍କ ବଂଶଜମାନେ କରଣ ଜାତିରେ ପରିପାଳିତ ହୋଇଥାନ୍ତି। ଆଜି ପର୍ଯ୍ୟନ୍ତ ଏହି ସବୁ ଗ୍ରାମରେ କୌଣସି ଶୁଭ କର୍ମ ହେଲେ ଏକଭୁଜ୍ୟ ସେମାନଙ୍କ ନାମରେ ଦେବାର ପରମ୍ପରା ରହିଆସିଛି।

ମା'ଙ୍କ ଅବସ୍ଥାପିତ ସ୍ଥାନରେ ତିନୋଟି ଗଡ଼ିଆ ଥିବାର ପରିଲକ୍ଷିତ ହୋଇଛି। ସେହି ତିନୋଟି ଗଡ଼ିଆର ନାମ ଯଥା- ସଟୁଆ ଗଡ଼ିଆ, ପାଣୁଆ ଗଡ଼ିଆ ଓ ଚଣ୍ଡୀ ଗଡ଼ିଆ ନାମରେ ନାମିତ ହୋଇଛି।

ମା' ପ୍ରଥମେ ଏକ ଅଶ୍ୱତ୍ଥ ବୃକ୍ଷ ମୂଳରେ ଅବସ୍ଥାପିତ ହୋଇ ପୂଜା ପାଉଥିଲେ। ସେହି ସମୟରେ ତେଲି ବଂଶଜ ମା'ଙ୍କ ସମ୍ମୁଖରେ ଘର ତୋଳିଥିଲେ। ଏକ ସମୟରେ ଖଳାକୁ ମା'ଙ୍କ ସମ୍ମୁଖ କରି ଧାନ ଉଡ଼ାଉଥିବା ସମୟରେ

ଆଜି ପବିତ୍ର ମାଘ ସପ୍ତମୀ

ମା'ଙ୍କ ମୁଖରେ ଧାନ ଗୁଣ୍ଡି ପଡ଼େ। ମା' ପରମୁହୂର୍ତ୍ତରେ ତାଙ୍କ ପୂଜକକୁ ସ୍ୱପ୍ନାଦେଶ ଦିଅନ୍ତି ଓ ସେହି ତେଲି ବଂଶଜଙ୍କ ଖଳାକୁ ଅନ୍ୟ ଦିଗକୁ କରିବାକୁ ନିର୍ଦ୍ଦେଶ ଦିଅନ୍ତି। କିନ୍ତୁ ସେହି ବଂଶଜ ଜଣକ ମା'ଙ୍କୁ ଯଦି ସତରେ ତୁମେ ଅଛ ତୁମେ ତୁମ ମୁହଁ ବୁଲାଇଦିଅ ବୋଲି କହିଥାଏ। ପରବର୍ତ୍ତୀ ସମୟରେ ମା' ଚଣ୍ଡୀ ଦକ୍ଷିଣ ମୁଖାରୁ ପଶ୍ଚିମ ମୁଖା ହୋଇଥା'ନ୍ତି। କିନ୍ତୁ ସେହି ବଂଶଜଟି ସମ୍ପୂର୍ଣ୍ଣ ଲୋପ୍ ପାଇଯାଇଥାଏ। ପ୍ରଥମେ ମା'ଙ୍କୁ ନଡ଼ା ଛପରର ମାଟି ଘରେ ସ୍ଥାପନ କରି ପୂଜା କରାଯାଉଥାଏ। ତାଙ୍କ ପାଖରେ ଦୁଇଟି ସର୍ପ ଥିବାର ଦେଖାଯାଇଥାଏ। କିନ୍ତୁ ପରେ ପ୍ରାଣବନ୍ଧୁ ପୁହାଣଙ୍କ ଉଦ୍ୟମରେ ଏକ ମନ୍ଦିର ତୋଳା ହୋଇ ମା'ଙ୍କୁ ସେଠାରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି ଏବଂ ସର୍ପ ଦୁଇଟି ଅଦୃଶ୍ୟ ହେବାର ଦେଖାଯାଇଛି। ମା'ଙ୍କ ମହିମା ଅନେକ। ପୀଠ ସମ୍ପର୍କରେ ବହୁ ପୁରାତନ ଜନଶ୍ରୁତି ରହିଥିଲେ ମଧ୍ୟ ତନ୍ମଧ୍ୟରୁ ଲୋକାଦୃତ ଜନଶୃତିରୁ ଜଣାଯାଏ ଯେ, ଏକଦା ପୁରୁଷଣ୍ଡ ଗ୍ରାମର ଧୋବା ସାହିର ଜୈନିକ ଝିଅ ଥରେ ତାଙ୍କ ସାଙ୍ଗ ସାଥିଙ୍କ ଗହଣରେ ଭ୍ରମଣ କରି ଘରକୁ ଫେରିଆସିବା ସମୟରେ କୌଣସି ଏକ ମୁହୂର୍ତ୍ତରେ ମା' ଚଣ୍ଡୀ ତାଙ୍କ ଦେହରେ ଆସି ତାଙ୍କ ଘରେ ରହିଯାଇଥା'ନ୍ତି। କିଛି ଦିନ ପରେ ଝିଅଟିର ବାପାଙ୍କର ମୃତ୍ୟୁ ଘଟେ। ତାଙ୍କ ମୃତ୍ୟୁର ୧୧ଦିନ ଗୃହରେ ଆମିଷ ଭକ୍ଷଣ କରିବାରୁ ମାତାଙ୍କ କୋପ ଦୃଷ୍ଟିରୁ ଝିଅଟିର ଅଙ୍ଗ ଅଚଳ ହୋଇଯାଇଥାଏ। ସେହିପରି ପୁରୁଷଣ୍ଡ ଗ୍ରାମର ବୈଦ୍ୟନାଥ ପୁହାଣ ନାମକ ବ୍ୟକ୍ତି ୧୨ ବର୍ଷ ବୈବାହିକ ଜୀବନ ଅତିବାହିତ କରିସାରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ତାନସନ୍ତତି ପ୍ରାପ୍ତ ହେଉ ନ ଥିବା ସ୍ଥଳେ ସେ ମା'ଙ୍କ ଅପାର କରୁଣାରୁ ତାଙ୍କର ଏକ ପୁତ୍ର ସନ୍ତାନ ପ୍ରାପ୍ତ ହୁଏ। ଜନଶ୍ରୁତି କହେ ଯେ, ମା'ଙ୍କ ଅଲୌକିକ ଶକ୍ତି ବଳରେ ସାରା ଓଡ଼ିଶାକୁ ଦୁର୍ଭିକ୍ଷର କଳାବାଦଲ ଘେରି ରହିଥିବାବେଳେ ଏହି ଅଞ୍ଚଳରେ ଜଳାଜପ କରି ଚଣ୍ଡୀପୂଜା ମାଧ୍ୟମରେ ଇନ୍ଦ୍ର ଦେବତାଙ୍କୁ ପ୍ରସନ୍ନ କରାଯାଇଥିଲା। ପ୍ରତିବର୍ଷ ମାଘ ସପ୍ତମୀରେ ମା' ଚଣ୍ଡୀଙ୍କଠାରେ ଭକ୍ତଙ୍କର ପ୍ରବଳ ଭିଡ଼ ହୋଇଥାଏ। ମା'ଙ୍କ ପବିତ୍ର ପୀଠରେ ପ୍ରତିବର୍ଷ ମା' ଦକ୍ଷିଣଚଣ୍ଡୀ ଯୁବ ଉନ୍ନୟନ ପରିଷଦ ପକ୍ଷରୁ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଥାଏ। ପାଖଆଖ ଅଞ୍ଚଳରୁ ବହୁ ଭକ୍ତ ସେଦିନ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥା'ନ୍ତି ଓ ଅଞ୍ଚଳଟି ଚଳଚଞ୍ଚଳ ହୋଇଉଠିଥାଏ।

ଜିଲ୍ଲାରେ ମାଟ୍ରିକ୍ ପରୀକ୍ଷା ଦେବେ ୨୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ

ଭଦ୍ରକ,୨୪ା୧(ସମିସ): ଚଳିତ ବର୍ଷ ଭଦ୍ରକ ଜିଲ୍ଲାର ୭ ବ୍ଲକ୍‌ରେ ପ୍ରାୟ ୨୨ହଜାରରୁ ଅଧିକ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେବା ପାଇଁ ସେମାନଙ୍କ ନାମ ପଞ୍ଜୀକରଣ କରିବା ସହ ପରୀକ୍ଷା ପାଇଁ ଫର୍ମ ପୂରଣ କରିଛନ୍ତି। ଆସନ୍ତା ଫେବୃଆରୀ ୧୯ ତାରିଖଠାରୁ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ଭଦ୍ରକ ଜିଲ୍ଲାରେ ଶିକ୍ଷା ବିଭାଗ ପ୍ରସ୍ତୁତିରେ ଲାଗି ପଡ଼ିଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟରୁ ପ୍ରକାଶ ଯେ, ଚଳିତ ବର୍ଷ ଜିଲ୍ଲାର ୭ ବ୍ଲକ୍‌ରେ ପ୍ରାୟ ୨୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେବା ପାଇଁ ସେମାନଙ୍କ ନାମ ପଞ୍ଜୀକରଣ କରିବା ସହ ପରୀକ୍ଷା ପାଇଁ ଫର୍ମ ପୂରଣ କରିଛନ୍ତି। ପରୀକ୍ଷା ପରେ ଖାତା ପୁଣି ସୁରକ୍ଷିତ ଭାବରେ ନୋଡାଲ କେନ୍ଦ୍ରକୁ ଆସିବ। ଏଥିପାଇଁ ମୋଟ୍ ୧୧୫ ଜଣ କେନ୍ଦ୍ର ପରିଚାଳକ ଓ ୯୧୦ ଜଣ ପରୀକ୍ଷା ନିୟନ୍ତ୍ରକଙ୍କୁ ନିଯୁକ୍ତ କରାଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ସେହିଭଳି ଆଉ କିଛି ପରୀକ୍ଷାର୍ଥୀଙ୍କ ସଂଖ୍ୟା ଓ ପରୀକ୍ଷା ନିୟନ୍ତ୍ରକଙ୍କ ସଂଖ୍ୟା ବୃଦ୍ଧି ହୋଇପାରେ। ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରସ୍ତୁତି ଆସନ୍ତା ଫେବୃଆରୀ ପ୍ରଥମ ସପ୍ତାହରେ ହେବ ବୋଲି ଜଣାଯାଇଛି।

ସ୍ୱାଧୀନତା ସଂଗ୍ରାମୀଙ୍କ ୩୭ତମ ଶ୍ରାଦ୍ଧବାର୍ଷିକୀ



ତିହିଡ଼ି,୨୪ା୧(ସମିସ): ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ପ୍ରଥମ ସାଂସଦ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭାଗବତ ସାହୁଙ୍କ ୩୭ତମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ତିହିଡ଼ି ବ୍ଲକ୍ ଅଧୀନ ମୁକୁନ୍ଦପୁର ପଞ୍ଚାୟତ ଝିଙ୍କିରିଆ ଗ୍ରାମରେ ଅବସ୍ଥିତ ଭାଗବତ ସ୍ମୃତି ସଂସଦ ତରଫରୁ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ତାଙ୍କ ମାର୍ଗଦର୍ଶନରେ ପ୍ରତିଷ୍ଠିତ ଆରସା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ଅତିଥିମାନେ ସ୍ୱର୍ଗତ ସାହୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ସମିତିସଭ୍ୟ ଚିନ୍ତାମଣି ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ସାହୁ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ସଚିଦାନନ୍ଦ ସାହୁ ସମ୍ମାନିତ ଅତିଥି, ସାମ୍ବାଦିକ ରାମନାରାୟଣ ନାୟକ ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନାତନ ସାହୁ, କବି ଚିତ୍ତରଞ୍ଜନ ସାମନ୍ତ, ସିଆର୍‌ସିସି କେଶବ ସାହୁ, ରମେଶ ବାରିକ, ରମେଶ ବାରିକ, ରବିନାରାୟଣ ଭୋଇ, ଲକ୍ଷ୍ମୀକାନ୍ତ ପତି, ମହେଶ୍ୱର ସେଠୀ ଅନ୍ୟତମ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଗାନ୍ଧୀଙ୍କ ଆଦର୍ଶରେ ପରିଚାଳିତ ହୋଇ ସେ ବହୁବାର ଜେଲ୍ ଯାଇଛନ୍ତି। ଖାଲି ସ୍ୱାଧୀନତା ଆନ୍ଦୋଳନ ନୁହେଁ ସାମାଜିକ ସଂସ୍କାର ପାଇଁ ତାଙ୍କର ଉଦ୍ୟମ ଚିରସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ କହିଥିଲେ। ଭାଗବତ ସ୍ମୃତି ପରିଷଦର ତପନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

'ସକାଳ' ପ୍ରଭାବ: କେନାଲରେ ଆସିଲା ପାଣି

ଦୋଲସାହି,୨୪ା୧(ସମିସ): ଦଶମୌଜା କେନାଲରେ ପାଣି ଛାଡୁ ନ ଥିବା ନେଇ ମୁଗ, ବିରି ଚାଷୀଙ୍କ ଅସନ୍ତୋଷ ବୃଦ୍ଧି ପାଉଥିବା ନେଇ ଦୈନିକ 'ସକାଳ'ରେ ପ୍ରକାଶିତ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଆଉ କେନାଲରେ ପାଣି ଛଡ଼ାଯାଇଛି। ଫଳରେ ମୁଗ, ବିରି ଚାଷୀଙ୍କ ମୁହଁରେ ହସ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତ ଦେଇ ଯାଇଥିବା ଦଶମୌଜା କେନାଲରେ ପାଣି ଛାଡୁ ନ ଥିବା ମୁଗ, ବିରି ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିବା ନେଇ ଗତ ସପ୍ତାହରେ "ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଚାଷୀ ଜମିରେ ମୁଗ, ବିରି ବୁଣିଥିବାବେଳେ ଜମିରେ ପାଣି ମଡ଼ାଇପାରୁ ନ ଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଖବର ପ୍ରକାଶିତ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ଶନିବାର ସକାଳେ କେନାଲରେ ପାଣି ଛାଡ଼ିବା ନେଇ ଚାଷୀଙ୍କ ମୁହଁରେ ହସ ଖେଳିଛି।



● ନବରାତ୍ର ନାମଯଜ୍ଞରେ ଉତ୍ସବମୁଖର ଆଖଣ୍ଡଳମଣିଙ୍କ ପୀଠ

ହରିହର ଭେଟ ସହ ଭାଗବତ ପଠନ




ଆରଡ଼ି,୨୪ା୧(ସମିସ): ପ୍ରସିଦ୍ଧ ଶୈବକ୍ଷେତ୍ର ଆଖଣ୍ଡଳମଣି ପୀଠ ନିକଟସ୍ଥ ତାରିଣୀ ଛକରେ ନବରାତ୍ର ନାମଯଜ୍ଞ ସହ ହରିହାଟ ଓ ଭାଗବତ ପଠନ ଅନୁଷ୍ଠିତ ହୋଇଛି। ୯ଦିନ ଧରି ନାମଯଜ୍ଞ ମଣ୍ଡପରେ ଘଟ ପୂଜା, ଦ୍ୱାରପାଳ ପୂଜା, ପାର୍ଶ୍ୱଦେବତା ପୂଜା ସହ ଭାଗବତ ପଠନ କରାଯାଇଥିଲା। ନାମଯଜ୍ଞ ପ୍ରାରମ୍ଭରୁ ସଂକୀର୍ତ୍ତନ ସହ ଛତ୍ର, ଆଲଟ ଚାମର ଦ୍ୱାରା ୯ଟି କଳସ ଶୋଭାଯାତ୍ରାରେ ବାହାରି ଆରଡ଼ି ପୀଠ ନଗର ପରିକ୍ରମା କରିବା ପରେ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ସମ୍ମୁଖରେ ଥିବା ପୁଣ୍ୟତୋୟା ଶିବଗଙ୍ଗା ପୁଷ୍କରିଣୀରେ ଘଟ ଉତ୍ତୋଳନ କରାଯାଇ ବାବାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ନାମଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି ଅବସରରେ ଶ୍ରଦ୍ଧାଳୁ ଭକ୍ତମାନେ ହରିହରଙ୍କୁ ଏକତ୍ର ଦର୍ଶନ କରିବା ସହ ପୂଜା ଲାଗି କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ନାମଯଜ୍ଞ ସହ ୫୧ ଜଣଙ୍କ ଦ୍ୱାରା ଭାଗବତ ପଠନ, ପାରାୟଣ ଆଦି ଅନୁଷ୍ଠିତ ହୋଇଥିଲା।

ଜଗନ୍ନାଥ ରାଉତଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ



ଅସୁରାଳି,୨୪ା୧(ସମିସ): ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଜଗନ୍ନାଥ ରାଉତଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ଧୃଷ୍ଟୁରୀସ୍ଥିତ ପୂଜ୍ୟପୂଜା ସଂସଦରେ ଅନୁଷ୍ଠିତ ହୋଇଯାଇଛି। ସେ ଜଣେ ଶିକ୍ଷାବିତ୍ ସହ ପରୋପକାରୀ, ମେଳାପି ଥିଲେ ଓ ତାଙ୍କର କର୍ମ ତାଙ୍କୁ ଜନମାନସରେ ଚିରସ୍ମରଣୀୟ କରି ରଖିଛି ବୋଲି ସ୍ମୃତିଚାରଣ ସଭାରେ ଉପସ୍ଥିତ ଅତିଥି ବୃନ୍ଦ ମତ ପ୍ରକାଶ କରିଥିଲେ। ପ୍ରାତଃ ସମୟରେ ଧୃଷ୍ଟୁରୀସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ବରିଷ୍ଠ କଂଗ୍ରେସ ନେତା ନାରାୟଣ ଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଯୋଗଦେଇଥିଲେ ବାସୁଦେବପୁର ବିଧାୟକ ଅଶୋକ ଦାସ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବରିଷ୍ଠ ଆଇନଜୀବୀ ଦେବାଶିଷ ସାମଲ, ପୂର୍ବତନ ସାଂସଦ ମୁରଲୀଧର ଜେନା, ହୃଦାନନ୍ଦ ସେଠୀ, ଟୁନିବାଳା ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାବାଜୀ ଚରଣ ପଣ୍ଡା, ଡ. ବିଦ୍ୟାଧର ଜେନା, ପଞ୍ଚାନନ ମଣ୍ଡଳ, ଅସିତ୍ ପଟ୍ଟନାୟକ, ନଳିନୀ ମହାନ୍ତି ଓ ସ୍ଥାନୀୟ ଅଞ୍ଚଳରୁ ବହୁ ଜଗନ୍ନାଥପ୍ରେମୀ ଉପସ୍ଥିତ ରହି ତାଙ୍କ ବିଷୟରେ ବଖାଣିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ତାଙ୍କର ସୁପୁତ୍ର ଅଭିଷେକ ରାଉତ।

ସରସ୍ୱତୀ ପୂଜା ପାଇଁ ସରମରା ଚଳଚଞ୍ଚଳ





ବନ୍ତ/ଆଗରପଡ଼ା, ୨୪ା୧ (ସମିସ): ସରସ୍ୱତୀ ପୂଜା ପାଇଁ ଭଦ୍ରକ ଜିଲ୍ଲାରେ ପ୍ରସିଦ୍ଧ ଲାଭ କରିଥିବା ବନ୍ତ ବ୍ଲକ୍ ସରମରା ଗାଁ ଚଳଚଞ୍ଚଳ ହୋଇଉଠିଛି। ଆଲୋକମାଳାରେ ସଜେଇ ହୋଇଥିବା ସରମରା ସହରର ଭ୍ରମ ସୃଷ୍ଟି କରୁଛି। ପ୍ରତିବର୍ଷ ଭଳି ଏବର୍ଷ ବି ଗ୍ରାମର ଯୁବକ ଓ ଗ୍ରାମବାସୀଙ୍କ ସହାୟତାରେ ୪ଟି ମଣ୍ଡପରେ ମା' ଦିବାରାତ୍ରି ପୂଜା ପାଉଛନ୍ତି। ପୂର୍ବରୁ ଉକ୍ତ ଗ୍ରାମରେ ଗୋଟିଏ ଜାଗାରେ ପୂଜା ପାଉଥିଲେ ମା' ସରସ୍ୱତୀ। ୧୯୮୯ ମସିହାରୁ ପୃଥକ୍ ଭାବରେ ୪ଟି ମଣ୍ଡପରେ ପୂଜା କରାଯାଉଛି ମା'ଙ୍କୁ। ଗ୍ରାମର ଉତ୍ତର ଦିଗରେ ୟୁନାଇଟେଡ୍ କ୍ଲବ୍, ଦକ୍ଷିଣରେ ଜୟ କିଷାନ, ଗାଁ ମଝିରେ ସରସ୍ୱତୀ ୟୁଥ୍ ଓ ଆସ ମିସ୍ କ୍ଲବ୍ ପକ୍ଷରୁ ପୂଜା ଅନୁଷ୍ଠିତ ହେଉଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ପୂଜା ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ମଣ୍ଡପରେ ନିର୍ମିତ ମୃଣ୍ମୟ ମୂର୍ତ୍ତି ସାଙ୍ଗକୁ ପାର୍ଶ୍ୱମୂର୍ତ୍ତି ଓ ସୁଉଚ୍ଚ ତୋରଣ ସମାଜକୁ ସୁନ୍ଦର ବାର୍ତ୍ତା ପ୍ରଦାନ କରିଥାଏ। ଜିଲ୍ଲା ବାହାରୁ ବ୍ୟବସାୟୀଙ୍କ ଭିଡ଼ ଲାଗିରହିଥାଏ। ପ୍ରତ୍ୟହ ସନ୍ଧ୍ୟାରେ ମେଲୋଡ଼ି ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାଧାରଣ ସଭାମାନ ଅନୁଷ୍ଠିତ ହୋଇଥାଏ।

'ଆମ ସାମ୍ବାଦିକ ସଂଘ' ପକ୍ଷରୁ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ପ୍ରଦାନ

ବାସୁଦେବପୁର,୨୪ା୧(ସମିସ): କେବଳ ଖବର ପରିବେଷଣ କରି ନିଜର ଦାୟିତ୍ୱ ନିର୍ବାହ କରନ୍ତି ନାହିଁ। ଗରିବ ଅସହାୟ ଲୋକମାନଙ୍କ ସାହାରା ପାଲଟନ୍ତି ଆମ ସାମ୍ବାଦିକ ସଂଘ। ନିଶାରେ ସମାଜର ଅବହେଳିତ ଲୋକଙ୍କୁ ସାହାଯ୍ୟ ଓ ସହାୟତାର ହାତ ବଢ଼ାଇବା। ପେସାରେ ସାମାଜିକ ଦାୟିତ୍ୱବୋଧକୁ ନ ଭୁଲି ନିଜର ସୀମିତ ସମ୍ବଳକୁ ପାଥେୟ କରି ନିଷ୍ଠାପର ଭାବେ କର୍ତ୍ତବ୍ୟ ନିର୍ବାହ କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ। ସଂଘର ସେବା ମନୋଭାବ ଯୋଗୁଁ ସବୁଠି ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ବାସୁଦେବପୁର ଆମ ସାମ୍ବାଦିକ ସଂଘ ପକ୍ଷରୁ ବାସୁଦେବପୁର ପୌରପାଳିକାର ୱାର୍ଡ ନମ୍ବର ୧୫ ସାବରପୁରରେ ଗରିବ, ଅସହାୟ, ବିଧବା ମହିଳାମାନଙ୍କୁ ଶୀତ ଦାଉରୁ ରକ୍ଷା କରିବାକୁ କମ୍ବଳ ବଣ୍ଟନ କରାଯାଇଛି। ଏହି ବଣ୍ଟନରେ ଆମ ସାମ୍ବାଦିକ ସଂଘର ସଭାପତି କିଶୋର ମହାପାତ୍ର, ଉପସଭାପତି ଅମୀୟ ମହାନ୍ତି, ସମ୍ପାଦକ ରମାକାନ୍ତ ଡାଙ୍ଗୁଆ, ସଦସ୍ୟ ପର୍ଶୁରାମ ପାକଳ, ସଂଗ୍ରାମ କେଶରୀ ମହାନ୍ତି, ସ୍ୱାଧୀନ ଆଲୋକ ଡାଙ୍ଗୁଆ ଓ ପୂର୍ବତନ କାଉନ୍‌ସିଲର ଅମିଦିନ ଖାଁ ଯୋଗଦେଇଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ କମ୍ବଳ ବଣ୍ଟନ କରି ଆମ ସାମ୍ବାଦିକ ସଂଘ ସାମାଜିକ ଦାୟିତ୍ୱ ନିର୍ବାହ କରିଛି ବୋଲି ସଭାପତି କିଶୋର କୁମାର ମହାପାତ୍ର କହିଥିଲେ।



ଚାନ୍ଦିମାଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ରୟାଲ ଷ୍ଟ୍ରାଇକର ବିଜୟୀ

ବାସୁଦେବପୁର,୨୪ା୧(ସମିସ): ବାସୁଦେବପୁର ବ୍ଲକ୍ ସାନକୃଷ୍ଣପୁର ପଞ୍ଚାୟତର ଚାନ୍ଦିମାଳ ମିନି ଷ୍ଟାଡିୟମ୍‌ରେ ଗଣେଶ ଇଲେଭେନ୍ ଆନୁକୂଲ୍ୟରେ ୩ଦିନ ଧରି ଚାଲିବାକୁ ଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ଉଦ୍‌ଘାଟନୀ ଦିବସରେ ରୟାଲ ଷ୍ଟ୍ରାଇକର ବିଦେଇପୁର ଓ ଆୟୁଷ୍ ଇଲେଭେନ୍ ଆନ୍ଦୁଳା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୁବ ନେତା ବାଣୀକଲ୍ୟାଣ ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆୟୁଷ ଇଲେଭେନ୍ ଆନ୍ଦୁଳା ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୫ ୱିକେଟ ହରାଇ ୧୦୪ ରନ୍ ସଂଗ୍ରହ କରିଥିଲା। ରୟାଲ ଷ୍ଟ୍ରାଇକର ବିଦେଇପୁର ୫ ୱିକେଟ୍ ହରାଇ ୧୦୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା।

ନାବାଳିକାକୁ ଅସଦାଚରଣ କରି ବୃଦ୍ଧ ଗିରଫ

ତିହିଡ଼ି,୨୪ା୧(ସମିସ): ଜନୈକା ୬ ବର୍ଷର ନାବାଳିକା ସହ ଅସଦାଚରଣ କରିବା ଅଭିଯୋଗରେ ତିହିଡ଼ି ଥାନା ଅଧୀନ ଆରସା ଗ୍ରାମର ସୁରେନ୍ଦ୍ର ନାଥ ବେହେରା (୬୯) ନାମକ ଜନୈକ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ନାବାଳିକା ଜଣକ ସୁରେନ୍ଦ୍ରଙ୍କ ଦୋକାନକୁ ଜିନିଷ କିଣିବାକୁ ଆସିଥିବାବେଳେ ସୁରେନ୍ଦ୍ର ତାଙ୍କ ସହ ଅସଦାଚରଣ କରିଥିଲେ। ଏ ନେଇ କାହାକୁ ନ କହିବାକୁ ଧମକଚମକ ଦେଇଥିଲେ। ତେବେ ଝିଅଟି କାନ୍ଦିକାନ୍ଦି ଏ ନେଇ ଘରେ କହିବା ପରେ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା।

ହାରାମଣିଙ୍କ ସ୍ମୃତିସଭା



ଦୋଲସାହି,୨୪ା୧(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତ ଧର୍ମପ୍ରାଣା ହାରାମଣି ଜେନାଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତର ୭ନମ୍ବର ୱାର୍ଡର ସ୍ୱର୍ଗତ ଧନେଶ୍ୱର ଜେନାଙ୍କ ପତ୍ନୀ ହାରାମଣିଙ୍କ ବିୟୋଗରେ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଥିଲା ବେଳେ ଶନିବାର ତାଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ହାରାମଣିଙ୍କ ବୋହୂ ତଥା ଗୁଆମାଳ ସରପଞ୍ଚ ମାମିନା ଜେନା, ସମିତିସଭ୍ୟା ପୁଷ୍ପାଞ୍ଜଳି ବେହେରା, ନାଏବ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ, ସୁଧାଂଶୁ ପାଣିଗ୍ରାହୀ, ତପନ ପାଢ଼ୀ, ପର୍ଶୁରାମ ପାଣିଗ୍ରାହୀ, ସତ୍ୟାନନ୍ଦ ପାଣିଗ୍ରାହୀ, ଭକ୍ତହରି ଜେନା, ପାର୍ଥସାରଥୀ ମହାରଣା, ତିହିଡ଼ି ବ୍ଲକ୍ ଶିକ୍ଷକ ସଂଘ ସମ୍ପାଦକ ରମାକାନ୍ତ ଦାସ, ବଂଶୀଧର ଦାସ, ସନାତନ ଜେନା, ଶ୍ରୀନାଥ ମଲ୍ଲିକ, ମନ୍ମଥ ଦାସ, ମାୟାଧର ସାହୁ, ରୂପେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଧାନ କିଣାରେ ଅହେତୁକ ବିଳମ୍ବ

୨୬ରେ ରାଜରାସ୍ତାକୁ ଓହ୍ଲାଇବେ ପାଳସାହି ଚାଷୀ

ଅସୁରାଳି,୨୪ା୧(ସମିସ): ଧାମନଗର ବ୍ଲକ୍‌ର ପାଳସାହି ସେବା ସମିତି ଅଧୀନରେ ଥିବା ଚାଷୀମାନେ ଧାନ ବିକ୍ରୟ ପାଇଁ ଦୀର୍ଘଦିନ ଧରି ପ୍ରତୀକ୍ଷା କରିଛନ୍ତି। ୮୦୦ରୁ ଅଧିକ ଚାଷୀ ପଞ୍ଜୀକରଣ କରିଥିବା ସତ୍ତ୍ୱେ ୩୦୦ରୁ ଅଧିକଙ୍କ ପାଇଁ ବିକ୍ରୟ ତାରିଖ ନିର୍ଦ୍ଧାରଣ ହୋଇଥିଲା। କିନ୍ତୁ ସମବାୟ ସମିତିର ସମ୍ପାଦକ ଧାନ ମଣ୍ଡି ଖୋଲି ଧାନର ମାନ ନିର୍ଦ୍ଧାରଣ କରି ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଧାନ କିଣା ଆରମ୍ଭ ହୋଇନାହିଁ। ଶତାଧିକ ଚାଷୀଙ୍କର ବିକ୍ରୟ ପାଇଁ ନିର୍ଦ୍ଧାରିତ ଟୋକନ ତାରିଖ ଶେଷ ହେବାକୁ ବସିଲାଣି। ଏହାର ପରିଣାମରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବ୍ୟାପିଛି। ଚାଷୀମାନେ ସ୍ପଷ୍ଟ କରିଛନ୍ତି, ଆସନ୍ତା ୨୬ ତାରିଖ ସୁଦ୍ଧା ଧାନ କଣ୍ଟା ନ ହେଲେ, ସେମାନେ ୨୭ ତାରିଖରେ ବେତାଳିଗାଁଠାରେ ଭଦ୍ରକ-ଆରଡ଼ି ରାଜରାସ୍ତାରେ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିବେ। ଅମର ସାହୁ, ସାଧୁ ଚରଣ ସାହୁ, ସୁବ୍ରତ ଦାସ, ଧନେଶ୍ୱର ଦାସ, ଝିଲି ସାହୁ, ବ୍ରଜେନ୍ଦ୍ର ମହାନ୍ତି, ରବିନ୍ଦ୍ର ସାହୁ, ଆଲୋକ ରାଉତ, ଅନିଲ ଦାସ, ତ୍ରିଲୋଚନ ଦାସ, ବିଭୂତିଭୂଷଣ ବାରିକ, ରଘୁନାଥ ଜେନା, କୈଳାସ ବାରିକ, ମଣିଭଦ୍ର ସାହୁ, ହୃଦାନନ୍ଦ ପରିଡ଼ା, ରମେଶ ସାହୁ, ନୀଳମଣି ମଲିକ ପ୍ରମୁଖ ଚାଷୀ ନେତାମାନେ କହିଛନ୍ତି, ଧାନ କଣ୍ଟାରେ ବିଳମ୍ବ ହେବାରୁ ଆମେ ବିପଦରେ ପଡ଼ିଛୁ। ଯଦି ୨୬ ତାରିଖ ସୁଦ୍ଧା କଣ୍ଟା ଆରମ୍ଭ ହେବ ନାହିଁ, ଆମେ ରାସ୍ତାରେ ବସିବାକୁ ବାଧ୍ୟ ହେବୁ। ଚାଷୀମାନେ ଏହି ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ସେମାନଙ୍କ ମୁଖ୍ୟ ଦାବି ଧାନ କଣ୍ଟା ତୁରନ୍ତ ଆରମ୍ଭ କରାଯାଉ, ଟୋକନ ତାରିଖ ବୃଦ୍ଧି କରାଯାଉ, ଚାଷୀଙ୍କୁ ନ୍ୟାୟସଙ୍ଗତ ମୂଲ୍ୟ ଦିଆଯାଉ। ଧାମନଗର ବ୍ଲକ୍‌ର ପାଳସାହି ସେବା ସମିତି ଅଧୀନରେ ଥିବା ଚାଷୀମାନଙ୍କ ଅସନ୍ତୋଷ ଏବେ ଆନ୍ଦୋଳନର ରୂପ ନେବାକୁ ଯାଉଛି। ଧାନ କଣ୍ଟାରେ ବିଳମ୍ବ ହେଲେ, ୨୭ ତାରିଖରେ ରାସ୍ତାରେ ବସିବାକୁ ସେମାନେ ପ୍ରସ୍ତୁତ।



ଢେଙ୍କାନାଳ ମହୋତ୍ସବ ଉଦଯାପିତ

'ସ୍ୱାଧୀନତା ଆନ୍ଦୋଳନରେ ଏ ମାଟି ବଳିଦାନ ଦେଇଛି'

ଢେଙ୍କାନାଳ,୨୪।୧(ସମିସ)





ସ୍ଥାନୀୟ ମହିଷାପାଟଠାରେ ଚାଲିଥିବା ୧୮ ତମ ଢେଙ୍କାନାଳ ମହୋତ୍ସବ ଉଦଯାପିତ ହୋଇଛି। ଏହି ଉଦଯାପନୀ ସଂନ୍ଧ୍ୟାରେ ମୁଖ୍ୟଅତିଥିଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟ ଅଥିଭାବେ ଯୋଗଦେଇ ଶ୍ରୀ ସ୍ୱାଇଁ କହିଥିଲେ, ଏ ମହୋତ୍ସବ ଏକତ୍ୱ, ସଦଭାବନା ବଢାଇବ। ଜିଲ୍ଲାର ପ୍ରକୃତିକ ପରିବେଶ ଓ ଐତିହ୍ୟ ଜିଲ୍ଲାର ପର୍ଯ୍ୟଟନକୁ ସମୃଦ୍ଧ କରେ। କପିଳାସ ପିଠର ଉନ୍ନତି ପାଇଁ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ମହିମା ଗାଦିର ବିକାଶ କାମ ଆରମ୍ଭ ହୋଇଛି। ସ୍ୱାଧୀନତା ଆନ୍ଦୋଳନରେ ଏ ମାଟି ବଳିଦାନ ଦେଇଛି। ବାଜିରାଉତଙ୍କ ସାହସ ବିଶ୍ୱକୁ ବୀରତ୍ୱର ବାର୍ତ୍ତା ଦିଏ। ନାରୀ ସଶକ୍ତିକରଣ କ୍ଷେତ୍ରରେ ଢେଙ୍କାନାଳର ଗୌରବ ରହିଛି। ୩୩ ହଜାର ଲକ୍ଷପତୀ ଦିଦି ସୃଷ୍ଟି କରାଯାଇଛି। ଶିଳ୍ପ ସମୃଦ୍ଧ ଜିଲ୍ଲା ପାଇଁ ଅନେକ ଶିଳ୍ପର ଶିଳାନ୍ୟାସ ଓ ଚୁକ୍ତି କରାଯାଇଛି। ଜିଲ୍ଲାରେ ନିବେଶ ବଢ଼ିଲେ ନିଯୁକ୍ତି ବଢ଼ିବ ଓ ଅର୍ଥନୀତି ବଢ଼ିବ। ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଯୁବକଙ୍କୁ ତାଲିମ ଦିଆଯାଇ ନିଯୁକ୍ତି ମିଳିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। ଅନ୍ୟତମ ଅତିଥିଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଏ ମେଳା ଆମ ଭିତରେ ସ୍ୱଦେଶୀ ଭବନା ଆଣୁ। ସ୍ୱଦେଶୀ ସାମଗ୍ରୀ ବ୍ୟବହାର କଲେ ଦେଶର ଅର୍ଥନୀତି ବଢ଼ିଥାଏ। ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ଆରମ୍ଭ ହୋଇ ସାରିଛି। ଶିଳ୍ପ ବିକାଶ ଜିଲ୍ଲାକୁ ସମୃଦ୍ଧିଶାଳୀ କରିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ। ଅନ୍ୟତମ ଅତିଥିଭାବେ ସାଂସଦ ରୁଦ୍ରନାରାୟଣ ପାଣି କହିଥିଲେ, ଯାହାତୁମେ କରିବ ସମାଲୋଚନାର ସରବ୍ୟ ବହେବ। ପ୍ରଶଂସା ମଧ ମିଳିବ। ଏଣୁ ଏହାକୁ ନଦେଖି କାର୍ଯ୍ୟ କରିବା ଉଚିତ। ଜିଲ୍ଲାରେ ରେଳ ପଥର ବିକାଶ ପାଇଁ କାର୍ଯ୍ୟ କରାଯିବ। ବନ୍ଦ ପଡିଥିବା ଶିଳ୍ପକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ପ୍ରୟାସ କରାଯିବ ବୋଲି କହିଥିଲେ। ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ପାଲଲହଡା ବିଧାୟକ ଶ୍ରୀ ଅଶୋକ କୁମାର ମହାନ୍ତି ୧୦ ବର୍ଷପରେ ମହୋତ୍ସବ ହୋଇଥିବାରୁ ଏହାକୁ ଜାରି ରଖିବାକୁ କହିଥିଲେ। ଜିଲ୍ଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ ଯୋଗଦେଇ ଢେଙ୍କାନାଳ ମାଟିର ଗୌରବ ଗାଥା କହିଥିଲେ। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ସ୍ୱାଗତ ଭାଷଣ ଦେଇଥିଲେ। ମହୋତ୍ସବର 'ସ୍ମରଣୀକା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପଲ୍ଲିଶ୍ରୀ ମେଳାରେ ଅଂଶଗ୍ରହଣ କରି ଭଲ ବିକ୍ରି କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ଧନ୍ୟବାଦ ଦେଇଥିଲେ।

ତ୍ରିନାଥ ପ୍ରଭୁଙ୍କ ବାର୍ଷିକ ମେଳା ମହୋତ୍ସବ



ଢେଙ୍କାନାଳ,୨୪।୧(ସମିସ): ସ୍ଥାନୀୟ ରଥଗଡ଼ାସ୍ଥିତ ଦୈନିକ ଫଳ ଓ ପରିବା ମାର୍କେଟରେ ଥିବା ତ୍ରିନାଥ ମହାପ୍ରଭୁଙ୍କ ୯ମ ବାର୍ଷିକ ଉତ୍ସବ ମେଳା ପାଳିତ ହୋଇଛି। ପ୍ରାତଃରୁ ତ୍ରିନାଥଙ୍କ ମଙ୍ଗଳ ଆଳତି, ସ୍ନାନ, ନୂତନ ବସ୍ତ୍ର ପରିଧାନ, କଳସ ପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା, ହୋମ ଓ ଯଜ୍ଞ ସହ ବିଭିନ୍ନ ଭୋଗ ଲାଗି କରାଯାଇଥିଲା। ଏଥିରେ ଅତିଥି ଭାବେ ପୌରାଧକ୍ଷା ଜୟନ୍ତୀ ପାତ୍ର ଓ ସମାଜସେବୀ ରାମଚନ୍ଦ୍ର ପାତ୍ର ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ମଧାହ୍ନରେ ପ୍ରାୟ ୫ ହଜାର ଭକ୍ତ ପ୍ରସାଦସେବନ କରିଥିଲେ। ନରଣପୁର ଓ ମହାପଦା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ବାଦୀ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ସଭାପତି ଦେବନ ଭାଇ, ସମ୍ପାଦକ ଅଭୟ ଭାଇ, ଅଲେଖ ଭାଇ, ବାଙ୍କ ଭାଇ, ଖଡ଼ିକ ଭାଇ, ବ୍ରଜବନ୍ଧୁ ଭାଇ, ସୁରିଆ ଭାଇ, ରମେଶ ଭାଇ, ଶିଖର ଭାଇ, ବିଷ୍ଣୁ ଭାଇ, କେଦାର ଭାଇ, ହାଡ଼ିଆ ଭାଇ, ବିଷ୍ଣୁ ଭାଇ, ପ୍ରକାଶ ଭାଇ, ବଳିଆ ଭାଇଙ୍କ ସମେତ ପରିବା ମାର୍କେଟର ଫଳ ବ୍ୟବସାୟୀମାନେ ସହଯୋଗ କରିଥିଲେ।

ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ତରଫରୁ ଜାତୀୟ ଶିଶୁକନ୍ୟା ଦିବସ

ଢେଙ୍କାନାଳ,୨୪।୧(ସମିସ): ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ତରଫରୁ ପ୍ରଫେସର ଡା. ତୁଷାରକାନ୍ତି ନାୟକଙ୍କ ସଭାପତିତ୍ୱରେ ୧୮ ତମ ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଉପସଭାପତି ରୁଦ୍ରପ୍ରକାଶ ଶରଣ, ସରୋଜ ଶତପଥୀ, ସଦସ୍ୟା ଗୀତା ସାମଲ, ପୁଷ୍ପାଞ୍ଜଳି ପାଢ଼ୀ ପ୍ରମୁଖ ଯୋଗଦେଇ ଶିଶୁକନ୍ୟାମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନର ଉପାୟ ବିଷୟରେ ଆଲୋଚନା କରିଥିଲେ। ଭାରତରେ ଶିଶୁକନ୍ୟା ଗର୍ଭାବସ୍ଥାରେ ଥିବା ସମୟରୁ ଜନ୍ମ ପରେ ମଧ ପରିବାରରେ ଅଲୋଡ଼ା ଓ ଅବହେଳିତ ତଥା ସମାଜରେ ଲିଙ୍ଗଭେଦ, ଅସମାନତା, ନିର୍ଯାତନା ତଥା ଯୌନ ଶୋଷଣର ଶିକାର ହୋଇ ଅସୁରକ୍ଷିତ ହୋଇରହିଛି। ଏକବିଂଶ ଶତାବ୍ଦୀର ଏକ ଚତୁର୍ଥାଂଶ ବିତିଯାଇଥିଲେ ମଧ ଆମ ସମାଜରେ ପୁତ୍ର ସନ୍ତାନ ପ୍ରାପ୍ତିକୁ ପ୍ରାଧାନ୍ୟ ଦିଆଯାଉଛି ଓ କନ୍ୟା ଭ୍ରୁଣହତ୍ୟା, ଜନ୍ମିତ ଶିଶୁ କନ୍ୟାକୁ ଡାକ୍ତରଖାନାରେ ଛାଡ଼ି ଚାଲିଯିବା, ତଣ୍ଟିଚିପି ହତ୍ୟା, ପରିତ୍ୟକ୍ତ କରି ଚାଲିଯିବା, ବିକ୍ରି କରିଦେବା ଆଦି ଘଟଣା ବହୁଳ ଭାବେ ଘଟୁଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଏହା ବ୍ୟତୀତ ଶିଶୁକନ୍ୟାକୁ ଶିକ୍ଷାରୁ ବଞ୍ଚିତ କରିବା ଅବା ଉଚ୍ଚଶିକ୍ଷା ନିମନ୍ତେ ସୁଯୋଗ ନ ଦେବା ଅନେକ ନିମ୍ନ ମଧବିତ ପରିବାରରେ ବିଶେଷ କରି ଦଳିତ ଓ ଆଦିବାସୀ ସମାଜରେ ଦେଖାଯାଉଛି। ଅନେକ ଶିକ୍ଷାନୁଷ୍ଠାନରେ ଝିଅମାନଙ୍କ ନିମନ୍ତେ ଅଲଗା ଶୌଚାଳୟ ନାହିଁ। ମାସିକ ଋତୁସ୍ରାବ ସମୟରେ କିଶୋରୀମାନଙ୍କୁ ସାନିଟାରୀ ନାପକିନ ମିଳୁନାହିଁ। ପରିବାରରେ ଶିଶୁକନ୍ୟାକୁ ପୁଷ୍ଟିକର ଆହାର ମିଳେନାହିଁ। ଅପ୍ରାପ୍ତ ବୟସରେ କନ୍ୟା ବିବାହ ବହୁଳ ପରିମାଣରେ ଦେଖାଯାଉଛି। ଯୌତୁକ ଜନିତ ନିର୍ଯାତନା, ବଧୂହତ୍ୟା ଆଦି ଘଟଣା ଘଟି ଚାଲିଛି। ସରକାର, ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀ, ଗଣମାଧମ, ପରିବାର ଏପରିକି ଧର୍ମାନୁଷ୍ଠାନ ସହଯୋଗରେ ଏ ସମ୍ପର୍କରେ ସଚେତନତାକୁ ବ୍ୟାପକ କରାଯିବା ସହ ସମାଧାନକୁ ବାସ୍ତବ ରୂପରେଖ ଦେବା ନିମନ୍ତେ ସହଯୋଗ କରିବା ନିମନ୍ତେ ସଂଗଠନ ତରଫରୁ ଆହ୍ୱାନ ଦିଆଯାଇଛି। ଏ ବିଷୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସଂଗଠନ ତରଫରୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ନିକଟକୁ ଡାକ ଯୋଗେ ଦାବିପତ୍ର ପ୍ରଦାନ କରାଯାଇଛି।

ଜାତୀୟ ବାଳିକା ଦିବସ ପାଳିତ

ଓଡ଼ାପଡ଼ା,୨୪।୧(ସମିସ): ଓଡ଼ାପଡ଼ା ବ୍ଲକ ସିମିନଇ ଗ୍ରାମରେ ବିଶ୍ୱ ଯୁବକେନ୍ଦ୍ର ଓ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ମିଳିତ ଉଦ୍ୟମରେ ଜାତୀୟ ବାଳିକା ଦିବସ ପାଳିତ ହୋଇଛି। ଏହି ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଙ୍ଗନବାଡ଼ି କର୍ମୀ, ୱାର୍ଡମେମ୍ବର ଓ କିଶୋରୀମାନେ ଉପସ୍ଥିତ ଥିଲେ। ବିଶ୍ୱ ଯୁବକେନ୍ଦ୍ରର ମନସ୍ମିତା ନାୟକ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମଆରମ୍ଭକରିଥିଲେ। ଶିଶୁମାନଙ୍କର ୪ଟି ଅଧିକାର ବିଷୟରେ ସଚେତନ କରାଯାଇଥିଲା। ସମାଜରେ ଭ୍ରୁଣହତ୍ୟା, ବାଲ୍ୟବିବାହ, ଶିଶୁ ଯୌନ ନିର୍ଯାତନା ଭଳି ସମସ୍ୟା ଦେଖିବାକୁ ମିଳୁଛି। ଭାରତ ସରକାର ୨୦୦୮ ରୁ ଏହି ଦିବସ ପାଳନ ଆରମ୍ଭ କରିଥିଲେ। ପ୍ରତ୍ୟେକ କ୍ଷେତ୍ରରେ ଝିଅମାନଙ୍କୁ ସମାନ ଅଧିକାର ଦେବା ଉଚିତ। ସେମାନଙ୍କୁ ସୁରକ୍ଷିତ ପରିବେଶ ଯୋଗାଇଦେବା ଆବଶ୍ୟକ। ସରକାରଙ୍କ ବେଟି ବଚାଓ ବେଟି ପଢାଓ ଅଭିଯାନକୁ ସଫଳ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ମତ ପ୍ରକାଶ ପାଇଥିଲା।

ରଞ୍ଜାଗୋଳରେ ବିଶାଳ ହିନ୍ଦୁ ସମ୍ମିଳନୀ



ଖଜୁରିଆକଟା,୨୪।୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ସର୍ବ ପ୍ରାଚୀନ ଧୂନୀଘର ମଠ ପ୍ରାଙ୍ଗଣରେ ମଣ୍ଡଳ ସଭାପତି ବାସୁଦେବ ପ୍ରଧାନଙ୍କ ପୌରୋହିତ୍ୟରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ଖଣ୍ଡ, ଖଜୁରିଆକଟା ମଣ୍ଡଳ ପକ୍ଷରୁ ହିନ୍ଦୁ ଜାଗରଣ ନୂତନ ଶକ୍ତି ସହିତ ଚେତନା ପ୍ରଦାନ କରିବା ପାଇଁ ସମଗ୍ର ହିନ୍ଦୁ ସମାଜ ଦ୍ୱାରା ସନାତନ ସଂସ୍କୃତି, ଧର୍ମ ଓ ସାମାଜିକ ଏକତାକୁ ଗୋଟିଏ ସୂତ୍ରରେ ବାନ୍ଧିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ସମ୍ମାନିତ ଅତିଥି ତଥା ମଠ ମହନ୍ତ ମାଧବାନନ୍ଦ ଦାସ ମହାରାଜ ମାର୍ଗଦର୍ଶନ କରିଥିଲେ। ସ୍ଥାନୀୟ ସିଦ୍ଧ ପୀଠର ମହନ୍ତ ରାମ ଦାସ ତାଙ୍କ ବକ୍ତବ୍ୟରେ ହିନ୍ଦୁ ଧର୍ମରେ ପ୍ରଚଳିତ ସାମାଜିକ ବ୍ୟବସ୍ଥାରେ ଈଶ୍ୱରୀୟ ଚିନ୍ତାଧାରାକୁ ପାଥେୟ କରି ଜୀବନକୁ ସୁନ୍ଦର ଭାବେ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଣ୍ଡିତ ଦିବାକର ନନ୍ଦ ଯୋଗଦେଇ ଗୀତା ପାଠ କରିବା ସହ ଆଧ୍ୟାତ୍ମିକ ଚେତନାରେ ଅନୁପ୍ରାଣିତ କରି ଭାଗବତ କଥାମୃତ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରମୁଖ ପୁରୁଷୋତ୍ତମ ପାତ୍ର, ହିନ୍ଦୋଳ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରଚାରକ ପବିତ୍ର ମୋହନ ଦାସ, ଜିଲ୍ଲା ବୌଦ୍ଧିକ ପ୍ରମୁଖ ଅଶ୍ୱିନୀ କୁମାର ପତି, ରଞ୍ଜାଗୋଳ ମୌଜା ସଭାପତି ଲିଙ୍ଗରାଜ ସାହୁ, ମଣ୍ଡଳ ସଦସ୍ୟ ବିରଞ୍ଚି ନାରାୟଣ ତ୍ରିପାଠୀ, ଜଗଦୀଶ ପ୍ରଧାନ, ନଗେନ୍ଦ୍ର ନାୟକ, ଅକ୍ଷୟ କୁମାର ପାଳ, ମାନସ ମହାରଣା, କୈଳାସ ଚନ୍ଦ୍ର ସାହୁ, ମନୋଜ ପ୍ରଧାନ, ଶଶିଭୂଷଣ ବେହେରା, ପ୍ରସନ୍ନ ସାହୁ, ବିଭୂତି ଭୂଷଣ ସାହୁ, ବିମ୍ବାଧର ମାଝୀ, ଶ୍ରୀପତି ପ୍ରଧାନ, ବିନୋଦ କୁମାର ସାହୁ, ମୁରଲୀଧର ପ୍ରଧାନ, ବନମାଳୀ ଦେହୁରୀ, ସନାତନ ସାହୁ, ଶୁକଦେବ ବେହେରା, ଗୁଣଧର ପ୍ରଧାନ, ଗଣେଶ୍ୱର ବିଶ୍ୱାଳ, ଶ୍ରୀରାମ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ସେବା ପ୍ରମୁଖ ତପନ କୁମାର ସାମଲ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

ବ୍ଲକସ୍ତରୀୟ ଜଳବିଭାଜିକା ମହୋତ୍ସବ



କଙ୍କଡ଼ାହାଡ଼,୨୪।୧(ସମିସ): କଙ୍କଡ଼ାହାଡ଼ ବ୍ଲକ ପଡ଼ାତିରା ପଞ୍ଚାୟତରେ ବ୍ଲକସ୍ତରୀୟ ଜଳବିଭାଜିକା ମହୋତ୍ସବ ଅନୁଷ୍ଠିତ ହୋଇଛି। ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ କଳ୍ପବଟ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଡିଓ ଯଶୋବନ୍ତ ଦେହୁରୀ, ବ୍ଲକ କୃଷି ଅଧିକାରିଣୀ ମଧୁସ୍ମିତା ଶତପଥୀ, ଜିଲ୍ଲାପରିଷଦ ସଭ୍ୟ ନବକିଶୋର ସାହୁ, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ପଡ଼ାତିରା ସରପଞ୍ଚ କରୁଣାକର ସାହୁ ଯୋଗଦେଇଥିଲେ। ଏହି ଅବସରରେ ପଡ଼ାତିରା ପଞ୍ଚାୟତର ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜଳବିଭାଜିକାର କର୍ମଚାରୀ ରିତେଶ ଜେନା, ଦୁଃଶାସନ ନାୟକ, ପ୍ରକାଶ ଚନ୍ଦ୍ର ଘଡ଼େଇ, ମୁନା ସାହୁ, ସୌରଭ ପରିଡ଼ା, ଦିବ୍ୟରଞ୍ଜନ ସାହୁ, ହରେକୃଷ୍ଣ ରାଉତ, ରୋଜାଲିନ ସାହୁ, ଅନିତା ସାହୁ ସହଯୋଗ କରିଥିଲେ। କର୍ମଚାରୀ ସୁରେଶ ଚନ୍ଦ୍ର ସାହୁ ମଞ୍ଚ ସଂଯୋଜନା କରିଥିଲେ। କଙ୍କଡ଼ାହାଡ଼ ବ୍ଲକ ଅତିରିକ୍ତ ମୃତ୍ତିକା ସଂରକ୍ଷଣ ଅଧିକାରୀ ମାନା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଶିବାନନ୍ଦ ତପୋଭୂମିର ୨୬ତମ ବାର୍ଷିକ ମହୋତ୍ସବ

ପରଜଙ୍ଗ,୨୪।୧(ସମିସ): ପରଜଙ୍ଗ ବ୍ଲକ ମାଣିକମରା ଗ୍ରାମରେ ଥିବା ଶିବାନନ୍ଦ ତପୋଭୂମି ଆଶ୍ରମରେ ସ୍ୱାଧ୍ୟାୟ ସାଧନା ଶିବିର ତଥା ୨୬ତମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଛି। ଆଶ୍ରମ ସଭାପତି ଆଚାର୍ଯ୍ୟ ଡ. ଦେବବ୍ରତଙ୍କ ଦେହାବସାନ ପରେ ଚଳିତ ବର୍ଷ ୩ ଦିନ ଧରି ଅନୁଷ୍ଠିତ ନ ହୋଇ ଗୋଟିଏ ଦିନ ବସନ୍ତ ପଞ୍ଚମୀ ଅବସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶର କୋଣ ଅନୁକୋଣରୁ ବ୍ରହ୍ମଚାରୀମାନେ ଯୋଗଦେଇଥିଲେ। ଆଶ୍ରମ ଅନ୍ତେବାସୀ ସ୍ୱାମୀ ମୁକ୍ତାନନ୍ଦ ପରିବ୍ରାଜକ, ଶ୍ରୁତିପ୍ରିୟ ବାନପ୍ରସ୍ଥି ଜୀ, ପଣ୍ଡିତ ଧନୁର୍ଦ୍ଧର ମହାପାତ୍ର, ସ୍ୱାମୀ ଶ୍ରୀ ସତ୍ୟଜୀ, ଦୀନମଣି ଜି ବାରିକ, ଆଚାର୍ଯ୍ୟ ବେଦନିଷ୍ଠ ଜୀ ଏବଂ ସ୍ୱାମୀ ସ୍ୱତନ୍ତ୍ରାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଦିନରାତି ବେଦ ବ୍ୟାଖ୍ୟାନ, ଦାର୍ଶନିକ ଚିନ୍ତନ, ସ୍ୱାଧ୍ୟାୟ ଓ ସାଧନା ଉପରେ ଆଲୋଚନା ଚକ୍ରରେ ଭାଗ ନେଇଛନ୍ତି। ବ୍ରହ୍ମଚାରୀ ନୃସିଂହ ଜୀ ଏବଂ ଜ୍ଞାନ ପ୍ରକାଶ ଜୀ ଯଜ୍ଞ ପରିଚାଳନା କରିଥିଲେ। ବ୍ରହ୍ମଚାରୀ କବୀନ୍ଦ୍ର ଜୀ ଏବଂ ଶ୍ରୀକାନ୍ତ ଜୀଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟ ସଭାପତି ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ସ୍ୱାଧ୍ୟାୟ ସାଧନା ଶିବିର ଅନୁଷ୍ଠିତ ହୋଇଥିଲା।



୩ ବଖରା ଘର ଜଳିଗଲା

କଙ୍କଡ଼ାହାଡ଼,୨୪।୧(ସମିସ): କଙ୍କଡ଼ାହାଡ଼ ବ୍ଲକ ପଡ଼ାତିରା ପଞ୍ଚାୟତ ବ୍ରାହ୍ମଣଧରା ଗ୍ରାମ ଫେଟେଇସିଙ୍ଗି ସାହିର ନୀଳମଣି ପଧାନଙ୍କ ୩ ବଖରା ଚାଳଘର ପୋଡ଼ିଯାଇଛି। ଘରର ସମସ୍ତ ଆସବାବପତ୍ର ମଧ ପୋଡ଼ି ପାଉଁଶ ହୋଇଛି। ନୀଳମଣି ଦିନମଜୁରିଆ ଭାବେ କାମ କରି ପରିବାର ଚଳାନ୍ତି। ତାଙ୍କ ସ୍ତ୍ରୀ ଶଶି ଏବେ ୯ ମାସର ଗର୍ଭବତୀ ଅଛନ୍ତି। ପରିବାର ଖୋଲା ଆକାଶ ତଳେ ପଡ଼ିରହିଛନ୍ତି। ଖାଇବା ପାଇଁ ଚାଉଳ ମୁଠାଏ ବି ନାହିଁ। ଖବର ପାଇ ବିପନ୍ନ ପରିବାରକୁ ସହାୟତାର ହାତ ବଢ଼ାଇଛନ୍ତି ପିହୁ ଦେବ ରଞ୍ଜନ ସାମଲ, ସମାଜସେବୀ ଦୁଃଖବନ୍ଧୁ ବିଶ୍ୱାଳ, ସାମ୍ବାଦିକ ପ୍ରବୀଣ ନାଏକ ଓ ଜଶୋବନ୍ତ ପରିଡ଼ା। ନୀଳମଣିଙ୍କ ପରିବାରକୁ ରାସନ ସାମଗ୍ରୀ ସହ ପୋଷାକ, ଓ ଆର୍ôଥକ ସହାୟତା ଯୋଗାଇ ଦେଇଛନ୍ତି।

● ଜୟ ଗୋପୀନାଥ ଶ୍ରୀକାନ୍ତ ପ୍ରଧାନ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ

ନୟାଗଡ଼ ଇଟାମାଟି ଦଳ ଚାମ୍ପିଅନ



ଗଁଦିଆ,୨୪।୧(ସମିସ): ଗଁଦିଆ ବ୍ଲକ ବରଦାଠାରେ ଆୟୋଜିତ ୨୫ତମ ଜୟ ଗୋପୀନାଥ ଶ୍ରୀକାନ୍ତ ପ୍ରଧାନ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଏପି ସିକ୍ସରକୁ ହରାଇ ନୟାଗଡ଼ ଇଟାମାଟି ଦଳ ଚାମ୍ପିଅନ ହୋଇଛି। ଭୁବନର ପୂର୍ବତନ ନଗରପାଳ ଶୁଭେନ୍ଦୁ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ଜିଲ୍ଲାପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ସୋରିଶିଆପଦା ସରପଞ୍ଚ ପ୍ରଦୀପ ରାଉତ, ସମାଜସେବୀ ନବ ସାମଲ ଏବଂ ପୂର୍ବତନ ପରୁହଖୋଜ ସରପଞ୍ଚ ଶୁଭଦର୍ଶିନୀ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ବରଦା ଭଲିବଲ୍ ଟିମର ସଭାପତି ସୁବ୍ରତ କୁମାର ପ୍ରଧାନ, ମ୍ୟାନେଜର ରଜତକାନ୍ତ ପ୍ରଧାନ ଏବଂ ଟିମ ପରିଚାଳକ ବିଶ୍ୱଜିତ ରାଉତଙ୍କ ନେତୃତ୍ୱ ତଥା ଗ୍ରାମବାସୀଙ୍କ ସହଯୋଗରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ରେଫରୀ ଅନନ୍ତ ଚରଣ ଜେନା, ଅନିଲ ପ୍ରସାଦ ନନ୍ଦ ଓ ସୁବ୍ରତ ନନ୍ଦ ମ୍ୟାଚଗୁଡ଼ିକୁ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ପରେଶ ଏବଂ ଲାଇନ୍ସମ୍ୟାନ୍ ଭାବେ ବାଦଲ, ରାଜେନ୍ଦ୍ର ଓ ଦୀପ୍ତି ସହଯୋଗ କରିଥିଲେ।

ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟ୍

ପରଜଙ୍ଗ,୨୪।୧(ସମିସ): ପରଜଙ୍ଗ ଥାନା କନ୍ତୋର ପଞ୍ଚାୟତ ଚାନ୍ଦପୁର ଗାଁ ଶିବ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର କବାଟ ତାଲା ଭାଙ୍ଗି ପିତଳ ସାମଗ୍ରୀ, ମାଆଙ୍କ ମୁକୁଟ, ରୁପା ସାମଗ୍ରୀ ଆଦି ଲୁଟି ନେଇଛନ୍ତି। ଏଥିସହ ମନ୍ଦିର ନିକଟରେ ଥିବା ପାଣି ପମ୍ପ ହାଉସ ତାଲା ମଧ ଭାଙ୍ଗି ଦେଇଛନ୍ତି। ତେବେ ସେଠାରୁ କିଛି ଚୋରି ହୋଇ ନ ଥିବା ଜଣାପଡ଼ିଛି। ଅଞ୍ଚଳରେ ବାରମ୍ବାର ଚୋରିକୁ ନେଇ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଯୁବ ବ୍ୟବସାୟୀଙ୍କ ପରଲୋକ

ଯୋରନ୍ଦା,୨୪।୧(ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ମହାବୀର ସାହି ବାସିନ୍ଦା ଯୁବ ବ୍ୟବସାୟୀ ରବିନାରାୟଣ ପ୍ରଧାନ(୪୯)ଙ୍କର ଆଜି ହୃଦଘାତରେ ପରଲୋକ ହୋଇଯାଇଛି। ଗତ କିଛିଦିନ ହେଲା ସେ ଭୁବନେଶ୍ୱରର ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିଲେ।



ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ଯୋରନ୍ଦା ତାରିଣୀ ବଜାର କମିଟିର ସଭାପତି ଭାବେ କିଛି ବର୍ଷ ଦାୟିତ୍ୱ ନିର୍ବାହ କରିଥିଲେ। ବଜାର କମିଟି ସଭାପତି ସତ୍ୟଜିତ୍ ନାୟକ, ବରିଷ୍ଠ ସଭ୍ୟ ଜୀତେନ୍ଦ୍ର ରାଉତ,ଲକ୍ଷ୍ମଣ ରାଉତ, ପ୍ରସନ୍ନ ବେହେରା, ବ୍ରହ୍ମାନନ୍ଦ ସାହୁ,ଚିତ୍ରକର ସାହୁ ପ୍ରମୁଖ ନେତୃତ୍ୱରେ ଶୋକ ପାଳନ କରାଯାଇଛି।

● ୪ ଶ୍ରମ କୋଡ୍ ବାତିଲ ଦାବି

ଧର୍ମଘଟ ସଫଳ କରିବାକୁ ଏଆଇଟିୟୁସିର ଆହ୍ୱାନ



ଢେଙ୍କାନାଳ,୨୪।୧(ସମିସ): ସ୍ଥାନୀୟ ଯାଉଁଳିପୋଖରୀ ମଠ ପ୍ରାଙ୍ଗଣରେ ଏଆଇଟିୟୁସିର ଜିଲ୍ଲା ବୈଠକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ରାଜ୍ୟ ସଭ୍ୟ ହରପ୍ରିୟା ସ୍ୱାଇଁ, ଅଙ୍ଗନବାଡ଼ି କର୍ମୀ ସଂଘ ଜିଲ୍ଲା ସମ୍ପାଦିକା ମଳୟ ମଞ୍ଜରୀ ଜେନା, ସଦର ବ୍ଲକ ସଭାପତି ସୁଜାତା ନାୟକ, ଜିଲ୍ଲା ସମ୍ପାଦକ ନାରାୟଣ ନାୟକ ପ୍ରମୁଖ ଯୋଗଦେଇ ଆସନ୍ତା ଫେବୃଆରୀ ୧୨ ତାରିଖ ଦେଶର ୧୦ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆହ୍ୱାନରେ ହେବାକୁ ଥିବା ସର୍ବଭାରତୀୟ ଧର୍ମଘଟ ସଫଳ କରିବା ପାଇଁ ଅନୁରୋଧ କରିଥିଲେ। ଶ୍ରମିକ ବିରୋଧୀ ୪ ଶ୍ରମକୋଡ୍ ବାତିଲ, ସ୍କିମ ୱାର୍କରଙ୍କୁ ଶ୍ରମିକ ମାନ୍ୟତା ଦେଇ ସର୍ବନିମ୍ନ ମଜୁରି ପ୍ରଦାନ, ଖାଲି ପଡ଼ିଥିବା ପଦବୀ ପୂରଣ, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ, କୃଷି ଶ୍ରମିକଙ୍କୁ ବର୍ଷସାରା କାମ ଯୋଗାଣ, ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ ପ୍ରଭୃତି ବିଭିନ୍ନ ଦାବି ନେଇ ଏହି ସାଧାରଣ ଧର୍ମଘଟ ଅନୁଷ୍ଠିତ ହେବ। ଧର୍ମଘଟରେ ଜିଲ୍ଲା ଅଣସଂଗଠିତ ଶ୍ରମିକମାନେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି।

ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଢେଙ୍କାନାଳ,୨୪।୧(ସମିସ)



ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ପ୍ରେରଣା' ଉଦଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଯୋରନ୍ଦା ପବିତ୍ର ମାଟିରେ ଜନ୍ମ ନେଇଥିବା ମହିମା ଧର୍ମର ବାଣୀ ବିଶ୍ୱବାସୀଙ୍କୁ ପ୍ରେରଣା ଦେଉଛି ବୋଲି କହିଥିଲେ। ପ୍ରଧାନଶିକ୍ଷୟିତ୍ରୀ ତନୁଶ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସିବିଆଇ ଜଜ ଭୀକାରୀ ଚରଣ ରାଉତ ଯୋଗଦେଇ ଶିକ୍ଷାରେ ଆଧ୍ୟାତ୍ମିକ ଶିକ୍ଷା ରହିବା ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ପୂର୍ବତନ ମନରେଗା ଲୋକପାଳ ଅମରେନ୍ଦ୍ର ମଲ୍ଲ, ମନ୍ତ୍ରୀଙ୍କ ଗଁଦିଆ ବ୍ଲକ ପ୍ରତିନିଧି ରତିକାନ୍ତ ସାହୁ, ଯୋରନ୍ଦା ସରପଞ୍ଚ ଆରତୀ ନାୟକ, ସମିତି ସଭ୍ୟ ପ୍ରତ୍ୟୁଷହରି ପ୍ରଧାନ, ପଞ୍ଚସଖା ଶିକ୍ଷାସେତୁ ସଭାପତି ମନୋଜ ମଞ୍ଜରୀ ଲେଙ୍କା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମ୍ବିତ ରାଉତ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଭାନୁମତୀ ସାହୁ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ବନଜା ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପୁରାତନ ଛାତ୍ର କମିଟି ସଭ୍ୟ ନୀହାରବାଳା ରାଉତ, ମଙ୍ଗୁଳି ଚରଣ ବିଶ୍ୱାଳ, ପୀତବାସ ରାଉତ, ପ୍ରଦୀପ ଭଞ୍ଜ, ଆନନ୍ଦ ମହାନ୍ତି, ରଞ୍ଜନ ନାୟକ, ସୁଧୀର ନାଥ ପ୍ରମୁଖ ସହଯୋଗ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ବରିଷ୍ଠ ବର୍ଗରେ ସତ୍ୟନାରାୟଣ ଦାସ, ସୋନାଲୀ ପ୍ରଧାନ, କନିଷ୍ଠ ବର୍ଗରେ ସୌମ୍ୟରଞ୍ଜନ ପରିଡ଼ା ଓ ପ୍ରିୟା ପ୍ରଧାନ ଚାମ୍ପିଅନ ହୋଇ ପୁରସ୍କୃତ ହୋଇଛନ୍ତି। ଶିକ୍ଷୟିତ୍ରୀ ଭାରତୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

ବିଦ୍ୟାଳୟରେ ବାଳିକା ଦିବସ ପାଳିତ

ଢେଙ୍କାନାଳ,୨୪।୧(ସମିସ): ପିଏମଶ୍ରୀ ସୁଲକ୍ଷଣାଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାନୁଆରୀ ୨୪ ତାରିଖ ଜାତୀୟ ବାଳିକା ଦିବସ ପାଳନ ହୋଇଛି। ଏଥିରେ ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀ ଅଧକ୍ଷତା କରି କହିଥିଲେ ଯେ, ବାଳିକା ଦିବସର ଲକ୍ଷ୍ୟ ହେଲା ବାଳିକାମାନଙ୍କୁ ସୁରକ୍ଷା ଓ ଅଧିକାରୀ ବିଷୟରେ ସଚେତନ କରାଇବା। ବହୁତ ବାଳିକା ଅଛନ୍ତି ଯାହାକି ତାଙ୍କର ଅଧିକାର ବିଷୟରେ ଜାଣିପାରନ୍ତି ନାହିଁ। ତେଣୁ ବାଳିକାମାନଙ୍କୁ ତାଙ୍କର ଅଧିକାର ବିଷୟରେ ସଚେତନ କରାଗଲେ ସେମାନେ ଆଗକୁ ବଢ଼ିପାରିବେ ଓ ଦେଶ ଏବଂ ରାଜ୍ୟକୁ ଆଗକୁ ନେଇପାରିବେ। ଏହି ଦିବସ ଉପଲକ୍ଷେ ବିଦ୍ୟାଳୟରେ ଡିବେଟ୍, କୁଇଜ୍ ଓ ରଙ୍ଗୋଲି ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହିତ ଏକ ସଚେତନତା ରାଲି ଆୟୋଜନ କରାଯାଇ ସହର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

ବାବା ଶ୍ୟାମ ମହୋତ୍ସବ

ଖୋର୍ଦ୍ଧା,୨୪।୧(ସମିସ): ଖୋର୍ଦ୍ଧା ମାରୁୱାଡ଼ି ସମ୍ପ୍ରଦାୟ ପକ୍ଷରୁ ବାବା ଶ୍ୟାମ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ରାଜସ୍ଥାନର ଖାଟୁ ଅଂଚଳରେ ଏହା ବ୍ୟାପକ ଭାବେ ପାଳିତ ହେଉଥିବା ବେଳେ ଖୋର୍ଦ୍ଧାରେ ମଧ୍ୟ ଏହାକୁ ଆନନ୍ଦରେ ପାଳନ କରାଯାଇଛି। ଖୋର୍ଦ୍ଧା ସହରସ୍ଥିତ ମାରୁୱାଡ଼ି ପଟି ଧର୍ମଶାଳାରୁ ଏକ ସୁସଜ୍ଜିତ ରଥ ବାହାରି ମେନ୍‌ରୋଡ଼ ଦେଇ ଗୋଡ଼ିପୋଖରୀସ୍ଥିତ ଲକ୍ଷ୍ମୀନାରାୟଣ ମଣ୍ଡପ ଠାରେ ପହଁଚିଥିଲା। ବାଜା, ଢୋଲ, ଶଙ୍ଖଧ୍ୱନି, ଜୟକାରା ଧ୍ୱନିରେ ସହରର ପ୍ରକମ୍ପିତ ହୋଇଥିଲା। ରାଜସ୍ଥାନ ଅଲୁଅର ଅଂଚଳରୁ ଆସିଥିବା ଗୋରବ ଦତ ଏବଂ ଟାଟା ଜାମସେଦ୍‌ପୁର ଅଂଚଳରୁ ଆସିଥିବା ସୋମି ଚୋଧୁରୀ କୀର୍ତ୍ତନ ପରିବେଶଣ କରିଥିଲେ। ସେହିପରି କଲିକତା ଅଂଚଳରୁ ଆସିଥିବା ଅଙ୍କିତ ପୋହାର ସାଂସ୍କୃତିକ ଗ୍ରୁପ୍ ଦ୍ୱାରା ରଙ୍ଗାରଙ୍ଗ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଞ୍ଜୀବ ଅଗ୍ରୱାଲ, ବିକାଶ ଅଗ୍ରୱାଲ, ଜ୍ୟୋତିରଂଜନ ଅଗ୍ରୱାଲ(ମୁନା), ସୋରଭ ଅଗ୍ରୱାଲ, କାଲୁ ଶର୍ମା, ରାଜୁ ମୋଦି, ରୀତା ଅଗ୍ରୱାଲ, ସାରଲା ଅଗ୍ରୱାଲ, ଦିପ୍ତି ଶର୍ମା ଏବଂ ସୁନିତା ଅଗ୍ରୱାଲ ପରିଚାଳନା କରିଥିଲେ।

ଦଧିମାଛଗାଡ଼ିଆରେ ମାଙ୍କଡ଼ ଆତଙ୍କ, ୭ ଆହତ

ଖୋର୍ଦ୍ଧା,୨୪।୧(ସମିସ): ଖୋର୍ଦ୍ଧା ବନାଞ୍ଚଳ ଅନ୍ତର୍ଗତ ଦଧିମାଛଗାଡ଼ିଆ ଗ୍ରାମରେ ମାଙ୍କଡ଼ ଦୌରାତ୍ମ୍ୟକୁ ନେଇ ଗ୍ରାମବାସୀ ଅତିଷ୍ଠ ହୋଇ ପଡିଲେଣି। ଗ୍ରାମରେ ଘୁରିବୁଲି ଗୋଟିଏ ପରେ ଗୋଟିଏ ଲୋକଙ୍କୁ ଆକ୍ରମଣ କରି ରକ୍ତାକ୍ତ କରୁଥିବା ଏହି ମାଙ୍କଡକୁ ତୁରନ୍ତ ଅଞ୍ଚଳରୁ ଘଉଡାଇବା ପାଇଁ ଦାବି ହେଉଛି। ମାତ୍ର ଅଭିଯୋଗ ସତ୍ତ୍ୱେ ବନବିଭାଗ ଏହାକୁ ଗୁରୁତ୍ୱ ଦେଉନଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏପରି ସ୍ଥଳେ ଏବେ ଗ୍ରାମବାସୀ ଉକ୍ତ ମାଙ୍କଡକୁ କାବୁ କରିବାକୁ ପ୍ରୟାସ ଜାରି କରିଛନ୍ତି। ଏହାରି ଭିତରେ ମାଙ୍କଡ଼ ଆକ୍ରମଣରେ ଶନିବାର ୭ ଜଣ ଗୁରୁତର ହୋଇଛନ୍ତି। ସପ୍ତାହ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାଯାଇଛି। ଗ୍ରାମବାସୀ ଠେଙ୍ଗା ବାଡ଼ି ଧରି ମାଙ୍କଡ଼କୁ ଧରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି । ଏହା ଛଡ଼ା ଲୋକମାନଙ୍କର ଘରେ ପଶି ଆସବାବପତ୍ର ସହିତ ଖାଦ୍ୟ ସାମଗ୍ରୀ ନଷ୍ଟ କରୁଛି। ମାଙ୍କଡ଼ ଆକ୍ରମଣ ବଢି ଚାଲିଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ମାଙ୍କଡ଼କୁ ଧରିବାକୁ ଚେଷ୍ଟା କରାଯାଉଥିବା ଦେଖା ଯାଇଛି ।

ନେତାଜୀ ଯୁଥ କ୍ଲବର ବାର୍ଷିକୋତ୍ସବ

ବାଲୁଗାଁ,୨୪।୧(ସମିସ): ଅଗ୍ରଣୀ ଯୁବକ ସଂଘ ନେତାଜୀ ଯୁଥ କ୍ଲବର ୩୪ ତମ ବାର୍ଷିକୋତ୍ସବ ସାନ୍ତରାପୁର ପତିତପାବନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ନେତାଜୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ପୁଣ୍ୟ ଜୟନ୍ତୀ ଅବସରରେ କ୍ଲବର ସଦସ୍ୟମାନେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ନିରବ ପ୍ରାର୍ଥନା କରିବା ସହ ବିଭିନ୍ନ ସ୍ଲୋଗାନ ଦେଇ ପ୍ରଭାତ ଫେରି କରିଥିଲେ। କ୍ଲବର ସଭାପତି ବିମଳ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକୋତ୍ସବର ସଭାରେ ସମ୍ପାଦକ ପ୍ରଭାସ କୁମାର ପଣ୍ଡା ବିବରଣୀ ପାଠ କରିଥିବା ବେଳେ ଅତିଥି ଭାବେ ବାଲୁଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଅଧ୍ୟାପକ କୈଳାଶ ଚନ୍ଦ୍ର ମହାରଣା ଓ କ୍ଲବର ଉପଦେଷ୍ଟା ସଂଜୟ କୁମାର ପଣ୍ଡା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପଦେଷ୍ଟା ରାମଚନ୍ଦ୍ର ସେନାପତି ସଂଯୋଜନା କରିଥିବା ସହ ସଂଘର ଉପଦେଷ୍ଟା ପବିତ୍ର ପଣ୍ଡା, ରତିକାନ୍ତ ତ୍ରିପାଠୀ, ଓ ତ୍ରିପୁରାରୀ ତ୍ରିପାଠୀ ପ୍ରମୁଖଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

ସର୍ବଭାରତୀୟ ଭଗବତୀ ଫୁଟବଲ; ଏଫ୍‌ଏଫ୍‌ଏ ମଣିପୁର ଫାଇନାଲରେ

ନିରାକାରପୁର, ୨୪।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଛଣଗିରି ମା' ଭଗବତୀ ଫୁଟବଲ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ୧୩ ତମ ସର୍ବ ଭାରତୀୟ ଭଗବତୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିର ଦ୍ୱିତୀୟ ଲିଗ ମ୍ୟାଚରେ ମା' କାମାକ୍ଷା ସ୍ପୋର୍ଟସ କ୍ଲବ୍ ବକ୍ସର, ବିହାର ଓ ଏଫ୍ ଏଫ୍ ଏ ମଣିପୁର, ଇମ୍ଫାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥାମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ଶେଷ ବେଳକୁ ଏଫ୍ ଏଫ୍ ଏ ମଣିପୁର, ଇଫାଲ ୨-୦ ଗୋଲରେ ଅଗ୍ରଣୀ ରହି ମା କାମାକ୍ଷା ସ୍ପୋର୍ଟସ କ୍ଲବ୍ ,ବକ୍ସର, ବିହାର କୁ ପରାସ୍ତ କରି ଫାଇନାଲ ମ୍ୟାଚ୍‌କୁ ପ୍ରବେଶ କରିଛି। ଆଜିର ଖେଳକୁ ଆଲୋକ ଦେହୁରୀ, ଏମ ଏସ ବେଗ, ଶିବ ସାମନ୍ତରାୟ ଓ ଶରତ କୁମାର ଛୋଟରାୟ ପ୍ରମୁଖ ପରିଚାଳନା କରିଥିଲେ। ଅତିଥିଭାବେ ବିଶିଷ୍ଟ ସମାଜସେବୀ ଦେବରାଜ ବରିସଲ, ବିଭବ ରୀୟଲଷ୍ଟେଟ ଏମ ଡି ବିନୟକୃଷ୍ଣ ଦାସ ଓ ଯୁବ ସମାଜସେବୀ ଦୁର୍ଗା ମାଧବ ରାୟ, ସଭାପତି ମାନସ ଦାସ, ଉପସଭାପତି ସଞ୍ଜୟ କୁମାର ମହାପାତ୍ର, ସମ୍ପାଦକ ସୁଶାନ୍ତ ଗଜେନ୍ଦ୍ର , କୋଷାଧ୍ୟକ୍ଷ ଶେଖ୍ ଇସ୍ରାଏଲ ଓ ବୀରେନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

ବାଲୁଗାଁ,୨୪।୧(ସମିସ) : ବାଣପୁର ନେହେରୁ ସେବା ସଂଘ ପକ୍ଷରୁ କନକଭବନ ପରିସରରେ ଶନିବାର ଜାତୀୟ ବାଳିକା ଦିବସ ତଥା ଶିଶୁ କନ୍ୟା ଦିବସ ଅନୁଷ୍ଠିତ ହୋଇଯାଇଛି। ସଂଘର ସଂପାଦିକା ସରୋଜିନୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟପକ ଆଦିତ୍ୟ ସାରଥି ବେଦମାତା, ଅଧ୍ୟାପିକା ଦେବସ୍ମିତା ଦାସମହାପାତ୍ର, ବୈରାଗୀଚରଣ ବଳ ଏବଂ କୋଷାଧ୍ୟକ୍ଷ ଓମ୍ ପ୍ରକାଶ ଅଗ୍ରୱାଲା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସେବା ସଂଘର ବାଳିକା ଶିଶୁ କନ୍ୟାମାନଙ୍କର ମାନସିକ, ଶିକ୍ଷାଗତ ଓ ସାମଗ୍ରିକ ବିକାଶ ହେବାରେ ସମାଜର ଗୁରୁ ଦାୟିତ୍ୱ ରହିଛି ଏବଂ ବାଳିକା ମାନଙ୍କୁ ସୁରକ୍ଷା ପ୍ରଦାନ ସହ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ ମତବ୍ୟକ୍ତ କରିଥିଲେ। ସଂଘର ପ୍ରଦୀପ କୁମାର ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାକୁ ଅନୁଷ୍ଠାନର କ୍ରିଷ୍ଣା ମିଶ୍ର ପରିଚାଳନା କରିଥିବା ବେଳେ ଶେଷରେ ବୀରେନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ଧର୍ମପ୍ରାଣା ମହିଳାଙ୍କ ପରଲୋକ

ନିରାକାରପୁର, ୨୪।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଓଲସିଂହ ଗ୍ରାମର ଧର୍ମପରାୟଣା ମହିଳା ଭାନୁ ଦେଈ (୮୬)ଙ୍କ ବିୟୋଗ ଘଟିଛି। ସେ ଜଣେ ସରଳ, ମିଷ୍ଟଭାଷୀ, ଧର୍ମପରାୟଣ ମହିଳା ଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର ନବ କିଶୋର ବରୀସଲ ମୁଖାଗ୍ନି ଦେଇଥିଲେ। ଅନ୍ତିମ ସମୟରେ ଅନ୍ୟ ତିନି ପୁତ୍ର ଶିବ ବରିସଲ, ଦେବରାଜ ବରିସଲ, ଦାଶରଥୀ ବରିସଲଙ୍କ ସମେତ ପୁତ୍ରବଧୂ, ଝିଅ ଜ୍ୱାଇଁ, ନାତି ନାତୁଣୀଙ୍କ ସମେତ ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ।

ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ

ବକ୍ସିଙ୍କ ଇତିହାସକୁ ଆଗାମୀ ପିଢ଼ି ଜାଣନ୍ତୁ

ଖୋର୍ଦ୍ଧା,୨୪।୧(ସମିସ)



ଓଡ଼ିଶା ସରକାର ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଶନିବାର ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ସ୍ଥାନୀୟ ଜୟୀ ରାଜଗୁରୁ ଭବନ ଠାରେ ପାଳିତ ହୋଇ ଯାଇଛି। ଏହି ଉତ୍ସବକୁ ଉଦଘାଟନ କରି ମୁଖ୍ୟଅତିଥି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଖୋର୍ଦ୍ଧାଗଡ଼କୁ ଇଂରେଜ ମାନଙ୍କ କବଳରୁ ସୁରକ୍ଷା ଦେବା ବକ୍ସିଙ୍କ ବିରତ୍ୱ ଥିଲା। ବକ୍ସି ଜଗବନ୍ଧୁଙ୍କ ଇତିହାସ ସମଗ୍ର ଇତିହାସକୁ ପ୍ରଭାବିତ କରୁଛି। ଓଡ଼ିଆ ଜାତିର ସଂଗ୍ରାମ କୁ ନେଇ ସର୍ବଭାରତୀୟ ସ୍ତରରେ ପରି ପ୍ରକାଶ କରିବା ଉଚିତ୍। ସଂଗ୍ରାମୀ ଇତିହାସର ବୀର ମାନଙ୍କ ଇତିହାସକୁ ଆଗାମୀ ପିଢ଼ି ଜାଣନ୍ତୁ। ଯେଉଁ ମାଟିର ଇତିହାସ ଯେତେ ଚର୍ଚ୍ଚିତ ହେବ ସେ ଜାତିର ସେତେ ବିକାଶ ହେବ। ଏଣୁ ନିଜ ମାଟିର ଇତିହାସକୁ ଚିହ୍ନିବାକୁ ହେଲେ ବକ୍ସି ଜଗବନ୍ଧୁ, ପିଣ୍ଡିକି ବାହୁ ବଳେନ୍ଦ୍ର , ମାଧବ ଚନ୍ଦ୍ର ରାଉତରାୟ, ଜୟୀ ରାଜଗୁରୁ, କୃତ୍ତିବାସ ପାଟଶାଣୀଙ୍କ ଭଳି ସ୍ୱାଧୀନତା ବୀର ଯୋଦ୍ଧା ସଂଗ୍ରାମୀ ମାନଙ୍କ ଛାତ୍ର ଛାତ୍ରୀମାନେ ସେମାନଙ୍କ ଜିବନୀ ଦର୍ଶନ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଜଣେ ଜଣେ ବିନ୍ଧାଣି ହେବାକୁ ଆଇନମନ୍ତ୍ରୀ ହରିଚନ୍ଦନ ଆହ୍ୱାନ କରିଥିଲେ।

ଏହି ଉତ୍ସବର ସଭାପତି ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ସ୍ୱାଗତ ଭାଷଣ ରେ କହିଥିଲେ ଖୋର୍ଦ୍ଧାରେ ପ୍ରଥମ ପାଇକ ବିଦ୍ରୋହ ସ୍ୱାଧିନତା ସଂଗ୍ରାମକୁ ତେଜିଆନ କରିଥିଲା। ମହାନ୍ ସଂଗ୍ରାମୀ ବକ୍ସି ଜମି,ମାଟି ପାଇଁ ଲଢେଇରେ ମୁଖ୍ୟ ପୁରୋଧା ଥିଲେ। ଖୋର୍ଦ୍ଧା ମାଟିର ଇତିହାସ ଅନନ୍ୟ। ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ବକ୍ସିଙ୍କ ଶହୀଦ ଦିବସର ମହତ୍ୱ ଓ ଗୁରୁତ୍ୱ ବୁଝିବାର ଅଛି। ଆଉ ଦୁଇ ବର୍ଷରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ୨୦୦ବର୍ଷ ଶ୍ରାଦ୍ଧ ବାର୍ଷିକୀ ପୂର୍ତ୍ତି ପାଳନ ହେବ। ଏଣୁ ତାଙ୍କର ତ୍ୟାଗ ଓ ଆଦର୍ଶ ଏ ଜାତି ପାଇଁ ପ୍ରେରଣାଦାୟୀ ହେବ ବୋଲି ଅଭିଭାଷଣ ରଖିଥିଲେ।

ସମ୍ମାନିତ ଅତିଥି ଭାବେ ବିଧାୟକ ବେଗୁନିଆ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନ ସିଂହ, ଜିଲ୍ଲା ପରିଷଦ ଉପ ସଭାପତି ଗୋପୀନାଥ ମହାରଣା, ପୌର ପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଯୋଗଦେଇ ବକ୍ସିଙ୍କ ଜୀବନୀ ଉପରେ ଆଲୋକ ପାତ କରିଥିଲେ।

ଏହି ଦିବସ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବକ୍ସିଙ୍କ ଜୀବନୀ ଉପରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ସଂଗ୍ରାମ ପୁହାଣ, ସୁଲଗ୍ନା ପଟ୍ଟନାୟକ ଓ ସ୍ୱାଗତିକା ସ୍ୱାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ମାନପତ୍ର ଓ ଟ୍ରଫି ଦେଇ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଜିଲ୍ଲାପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନ ସିଂହ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ପାଞ୍ଚଗଡ଼ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ବୋଲଗଡ଼,୨୪।୧(ସମିସ): ବୋଲଗଡ଼ ବ୍ଲକ ବଡ଼କୁମାରୀ ଗ୍ରାମ ନୀଳକଣ୍ଠେଶ୍ୱର ଦେବଙ୍କ ସମ୍ମୁଖ ପଡିଆରେ ଚାଲିଥିବା ଦ୍ୱାଦଶ ତମ ପାଞ୍ଚଗଡ଼ ମହୋତ୍ସବ (ପାଇକ)-୨୦୨୬ର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ରାଡ଼ିଆଣ୍ଟ ଯୁଥ ଫୋରମ ଓ ପାଞ୍ଚଗଡ଼ ମହୋତ୍ସବ କମିଟି ପକ୍ଷରୁ ଚାଲିଥିବା ଆୟୋଜିତ ଏହି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ରେ ମୁକ୍ତାକାଶ ମଞ୍ଚର ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରଙ୍କ ନୃତ୍ୟ, ଗୀତ ଓ ପାଇକ ସମରକଳା ପରିବେଷଣ ଦର୍ଶକଙ୍କୁ କିମିଆ କରିଥିଲା । ଅନୁଷ୍ଠିତ ସାଧାରଣ ସଭା ରେ ରାଡ଼ିଆଣ୍ଟ ଯୁଥ ଫୋରମର ଅଧ୍ୟକ୍ଷ ଡ଼ଃ ପ୍ରକାଶ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜେପି ର ରାଜ୍ୟ ଉପସଭାପତି ଡ. ଯତିନ ମହାନ୍ତି ଯୋଗଦେଇ ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ରୂପେ ବନ୍ଧୁ ସୁବୁଦ୍ଧି, ସମ୍ମାନିତ ଅତିଥି ବିଜେପି ନେତ୍ରୀ ମମତା ସିଂ, ବିଜେପି ଯୁବ ନେତା ରବୀନ୍ଦ୍ର କୁମାର ସୁବୁଦ୍ଧି, ସମାଜସେବୀ ମାନସ ବେହେରା, ରୁଦ୍ର ନାରାୟଣ ବାହିନୀପତି, ସମାଜସେବୀ ଦୁର୍ଗା ଦାଶ,ଏବଂ ମହୋତ୍ସବ କର୍ମକର୍ତ୍ତା ସୁଦୀପ୍ତ ପାଣ୍ଡା, ସୁନନ୍ଦ ପ୍ରଧାନ, ତୁଷାର କାନ୍ତ ନାୟକ ପ୍ରମୁଖ ମଂଚାସୀନ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ମହୋତ୍ସବ କମିଟି ସମ୍ପାଦକ ସୁନନ୍ଦ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଚନ୍ଦ୍ରକାନ୍ତ ମହାପାତ୍ର, ସିମାଞ୍ଚଳ ପଣ୍ଡା ଓ ଗଣେଶ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେ ପାଞ୍ଚଗଡ଼ ସମ୍ମାନରେ ରାଜନୀତି ସମୀକ୍ଷକ ରୂପେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ମିଶ୍ର, ସାମ୍ବାଦିକତା କ୍ଷେତ୍ରରେ ବରିଷ୍ଠ ସାମ୍ବାଦିକ ଗଙ୍ଗାଧର ଦାଶ, ଆଦର୍ଶ ଶିକ୍ଷକ ଓ ଲେଖକ ରୂପେ ଶିକ୍ଷକ ବିଚିତ୍ରାନନ୍ଦ ରାୟଗୁରୁ ମହାପାତ୍ର, କଳାକ୍ଷେତ୍ରରେ ମଞ୍ଚନାଟ୍ୟ ନିର୍ଦ୍ଦେଶକ ଶିକ୍ଷକ ବସନ୍ତ କୁମାର ଉତ୍ତରକବାଟ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ସିମାଞ୍ଚଳ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ଯୁବକଙ୍କୁ ଦଳିଦେଲା ଦନ୍ତା



ନିରାକାରପୁର,୨୪।୧ (ସମିସ): ହାତୀ ଆକ୍ରମଣରେ ଖୋର୍ଦ୍ଧା ଜିଲ୍ଲା ଓଲସିଂହ ପଞ୍ଚାୟତ ଗୟାବନ୍ଧ ଗ୍ରାମର ହଟ ଭୁଜବଳଙ୍କ ପୁତ୍ର ସଂସାରୀ ଭୁଜବଳ (୪୫)ଙ୍କ ମୃତ୍ୟୁ ଘଟିଛି। ସଂସାରୀ ଶୌଚ ହେବାପାଇଁ ଗ୍ରାମର ଖେଳ ପଡିଆ ଆଡ଼କୁ ଯାଇଥିବାବେଳେ ନିକଟସ୍ଥ କାଜୁ ଜଙ୍ଗଲରେ ଥିବା ଦନ୍ତା ହାତୀ ଆସି ପାଦରେ ଦଳି ଦେବାରୁ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥଲେ ସଂସାରୀ। ପରେ ଗ୍ରାମବାସୀ ସେଠାରେ ପହଞ୍ଚି ପୁଲିସ ଓ ବନ ବିଭାଗକୁ ଖବର ଦେଇଥିଲେ। ଉତ୍ୟକ୍ତ ଗ୍ରାମବାସୀ ମାନେ କ୍ଷତିପୂରଣ ବାବଦକୁ ଅର୍ଥ ରାଶି, ଗ୍ରାମର ୩୦ ଟି ଜାଗାରେ ନୂତନ ଲାଇଟ ଓ ୩ ଟି ସ୍ଥାନରେ ସାଇରନ ବ୍ୟବସ୍ଥା ସ୍ଥାପନ କରିବା ସହିତ ପରିବାରର ଜଣକୁ ନିଯୁକ୍ତି ନେଇ ଅଡି ବସିଥିଲେ। ପରେ ଘଟଣାସ୍ଥଳକୁ କିଛି ବିଭାଗୀୟ ଅଧିକାରୀ ଆସି ଦାବି ପୁରାଣ କରିବାକୁ ପାଇଁ ପ୍ରତିଶ୍ରୁତି ଦେବା ସହିତ ଶବ ସତ୍କାର ପାଇଁ ୧୦ ହଜାର ଟଙ୍କା, ରେଡକ୍ରସ ପାଣ୍ଠିରୁ ରାଜସ୍ୱ ଅଧିକାରୀ ୨୦ ହଜାର ଓ ବିଧାୟକ ୫ ହଜାର ଟଙ୍କା ପ୍ରଦାନ କରି ଥିବାର ଜଣାପଡ଼ିଛି। ପରେ ପୋଲିସ ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇଥିଲେ। ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ହସ୍ପିଟାଲରେ ପହଞ୍ଚି ମୃତକ ଶବ ସତ୍କାର ପାଇଁ ସହଯୋଗ ଆକାରରେ ୫ ହଜାର ଟଙ୍କା ପ୍ରଦାନ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। କାଲି ମୃତକଙ୍କ ପରିବାରଙ୍କୁ ପ୍ରଥମେ ବନ ବିଭାଗ ପକ୍ଷରୁ ୧ ଲକ୍ଷ ଓ ପରେ ଆଉ ବାକି ଅର୍ଥ ମିଳିବ ବୋଲି ଶୁଣାଯାଉଛି। ପୂର୍ବରୁ ଏହି ପଞ୍ଚାୟତର ୭ ଜଣ ବ୍ୟକ୍ତି ହାତୀ ଆକ୍ରମଣରେ ମୃତ୍ୟୁବରଣ କରି ସାରିଛନ୍ତି।

ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତା



ଖୋର୍ଦ୍ଧା,୨୪।୧(ସମିସ): ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ଖୋର୍ଦ୍ଧା ଜିଲ୍ଲା ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡିଆରେ ଜିଲ୍ଲା ସ୍ତରୀୟ କବାଡି ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଏଚପି ଜିଲ୍ଲା ସମ୍ପାଦକ ଗୋପବନ୍ଧୁ ସାହୁ, ବଜରଙ୍ଗ ଦଳ ବିଭାଗ ସଂଯୋଜକ ନୃତ୍ୟଜିତ ଚମ୍ପତି, କ୍ରୀଡା ଶିକ୍ଷୟତ୍ରୀ ଭାଗ୍ୟଶ୍ରୀ ପ୍ରିୟଦର୍ଶିନୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଖୋର୍ଦ୍ଧା, ଚିଲିକା, ବାଣପୁର ଓ ଜଟଣୀ ପ୍ରଖଣ୍ଡରୁ ୫ଟି ଟିମ ଅଂଶଗ୍ରହଣ କରିଥିଲେ। ବାଣପୁର ବିଜୟୀ ହୋଇଥିବା ବେଳେ ଖୋର୍ଦ୍ଧା ଟିମ ଉପ ବିଜେତା ହୋଇଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ବଜରଙ୍ଗ ଦଳ ପ୍ରାନ୍ତ ସୁରକ୍ଷା ପ୍ରମୁଖ ସଞ୍ଜୟ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଏଚପି ଜିଲା ସହ ସମ୍ପାଦକ ସନ୍ତୋଷ ଶ୍ରୀଚନ୍ଦନ, କୋଷାଧ୍ୟକ୍ଷ ଅଭିମନ୍ୟୁ ଘଟୁଆଳ, ବିଏଚପି ପ୍ରଚାର ପ୍ରମୁଖ ଆଦର୍ଶ ଅଂଶୁମାନ, ପ୍ରଖଣ୍ଡ ସଭାପତି ସୁଦର୍ଶନ ରଥ, ସମ୍ପାଦକ ଜିତେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବଜରଙ୍ଗ ଦଳ ଜିଲା ସହ ସଂଯୋଜକ ଏସଏମ ଦିବ୍ୟ ପ୍ରକାଶଙ୍କ ନେତୃତ୍ୱରେ ଖେଳ ଅନୁଷ୍ଠିତ ହୋଇଥିଲା। ସତ୍ୟଜିତ ବେହେରା, ଜ୍ୟୋତି ରଞ୍ଜନ ସ୍ୱାଇଁ, କୌଶିକ ବରାଳ, ରଶ୍ମିରଞ୍ଜନ ମିଶ୍ର ଓ ଅନ୍ୟମାନେ ପରିଚାଳନା କରିଥିଲେ।

ଭୋଟର ସଚେତନତା କାର୍ଯ୍ୟକ୍ରମ

ନିରାକାରପୁର,୨୪।୧ (ସମିସ): ଖୋର୍ଦ୍ଧା ଜିଲ୍ଲା କମାଗୁରୁ ଉଚ୍ଚ ମାଧ୍ୟମିକ ସ୍କୁଲରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ସାକ୍ଷରତା କ୍ଲବ ପକ୍ଷରୁ ବକ୍ତୃତା, ରଙ୍ଗୋଲି, ଭୋଟର ସଚେତନ୍ତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାନ୍ତି ପୌରୋହିତ କରିଥିବାବେଳେ ରେଣୁବାଳା ସାମନ୍ତରାୟ ସଂଯୋଜନା କରିଥିଲେ। ଛାତ୍ର ଛାତ୍ରୀମାନେ ଗ୍ରାମ ପରିକ୍ରମା କରି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ। ଅନ୍ୟମାନଙ୍କ ଅଧ୍ୟାପକ ଶ୍ୟାମ ସୁନ୍ଦର ପଟ୍ଟନାୟକ, ଜମ୍ମେଶ୍ୱର ଜୁଝାରସିଂହ, ଦିଲ୍ଲୀପ ବେହେରା, ମୃତ୍ୟୁଞ୍ଜୟ ପଣ୍ଡା, ଅଭିରାମ ପଣ୍ଡା ଓ ବିଶ୍ୱଜିତ୍ ବଳିଆରସିଂହ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଅଧ୍ୟାପିକା ସସ୍ମିତା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାଲୁଗାଁ,୨୪।୧(ସମିସ) : ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନାରୀ ସୁରକ୍ଷା ନିମନ୍ତେ ସମସ୍ତ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏପରି ସ୍ଥଳେ ବାଲୁଗାଁ ମହାବିଦ୍ୟାଳୟ ପରିସରରେ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ନେଇ ଦୀର୍ଘ ୮ ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇ ଯାଇଛି। କାର୍ଯ୍ୟକ୍ରମ ସଂଯୋଜିକା ଡଃ ମୋନାଲିସା ମାନସିଂହ ଙ୍କ ସଂଯୋଜନାରେ ଅନୁଷ୍ଠିତ ବାଳିକା ଆଳରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି, ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ପ୍ରଶାସନିକ ଅଧିକାରୀ ଡ଼ଃ କୈଳାସ ଚନ୍ଦ୍ର ମହାରଣା ଓ ଖୋର୍ଦ୍ଧା କରାଟେ ଆସୋସିଏସନର ସମ୍ପାଦକ ଦୀପକ କୁମାର ସାମନ୍ତରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ଶିବିରରେ ଦୀପଶିଖା ସାମନ୍ତରାୟ, ସଲୋନୀ ପାତ୍ର ଓ ନୀଳମ ସାହୁ ମାଷ୍ଟର ଟ୍ରେନର ଭାବେ ଯୋଗ ଦେଇ ୩ଟି ଗ୍ରୁପରେ ସ୍ନାତକ ଶ୍ରେଣୀର ୧୪୭ ଜଣ ଛାତ୍ରୀ ମାନଙ୍କୁ ଆନରକ୍ଷାର ବିଭିନ୍ନ କୌଶଳ ମାନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ରୀନା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ସାଲତରା ସେବା ସମବାୟ ସମିତି ଧାନମଣ୍ଡି ଉଦ୍‌ଘାଟିତ

ବୋଲଗଡ଼,୨୪।୧(ସମିସ): ବୋଲଗଡ଼ ବ୍ଲକ ସାଲତରା ସେବା ସେବା ସମବାୟ ସମିତି ଲିଃ ର ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ଏହି ଧାନ ମଣ୍ଡି ଉଦଘାଟନୀ କାର୍ଯ୍ୟକ୍ରମରେ ଉକ୍ତ ସମିତିର ପରିଚାଳନା କମିଟି ସଭାପତି ସଦାଶିବ ପାଣିଗ୍ରାହୀ ପୌରୋହିତ୍ୟରେ ମୁଖ୍ୟଅତିଥି ରୂପେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ରାଉତରାୟ ଯୋଗଦେଇ ଧାନ ମଣ୍ଡିର ଉଦଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ରୂପେ ଗେଡିଆପାଲ୍ଲୀ ରାଜସ୍ୱ ନିରୀକ୍ଷକ ସରୋଜ ବେହେରା, କମିଟି ସଦସ୍ୟ ଓ ଅତିଥି ଭାବେ ଦିଲୀପ କୁମାର ମହାପାତ୍ର, ଦଣ୍ଡପାଣି ତାଡ଼, ବାସୁଦେବ ବେହେରା, ପୂର୍ବତନ ସରପଞ୍ଚ ଦୀନବନ୍ଧୁ କର, ଭାଗବତ ମହାପାତ୍ର, ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଥିଲେ। ସମିତି ର ସମ୍ପାଦକ ରଞ୍ଜନ କୁମାର ମାନସିଂହ,ଡାଟା ଅପରେଟର ଜ୍ୟୋତି ରଂଜନ ମହାପାତ୍ର, ପ୍ରଭାକର ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ ସମିତିରେ ଧାନ ବିକ୍ରି ପାଇଁ ୫୯୫ ଜଣ ଚାଷୀ ନାମ ପଞ୍ଜିକରଣ କରିଥିବା ବେଳେ ଆଜି ଉଦଘାଟନ ଦିବସରେ ୨୩ ଜଣ ଚାଷୀଙ୍କ ଠାରୁ ୬୧୦ କୁଇଣ୍ଟାଲ ଧାନ କ୍ରୟ କରାଯାଇ ମିଲର ଉଠାଣ କରିବା ପାଇଁ ଟୋକନ ଦିଆଯାଥିବାର ସୂଚନା ଦିଆଯାଇଛି।

ଡିଏଭି ଗୁରୁକୁଳର ପ୍ରତିଷ୍ଠା ଦିବସ


ଟାଙ୍ଗୀ,୨୪।୧(ସମିସ): ଟାଙ୍ଗୀ ବ୍ଲକର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ କୁହୁଡି ଡି ଏ ଭି ଗୁରୁକୁଳର ୧୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସାମ୍ବାଦିକ ରମେଶ ଚନ୍ଦ୍ର ନାଇଡୁ, ସମ୍ମାନୀୟ ଅତିଥି ଯୋଗ ପ୍ରଶିକ୍ଷକ ପ୍ରଦୀପ କୁମାର ଓ କୋଟିରାମ ନାଇଡୁ ଯୋଗ ଦେଇଥିଲେ । ଏହି ଅବସରରେ କୃତି ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି, ମାନପତ୍ର ଓ ମେଡାଲ ଦ୍ୱାରା ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ରାଜଶ୍ରୀ ପାତ୍ରଙ୍କ ପ୍ରତାକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିଲୀପ ନାୟକ, ଦାଶରଥି ବେହେରା, ପୂଜା ବରାଳ, ମାନସୀ ସାହୁ, ରଚିତା ଜେନା, ପୁଷ୍ପାଞ୍ଜଳି ମହାରଣା ଓ ମାନସୀ ଖଣ୍ଡାୟତରାୟ ସହଯୋଗ କରିଥିଲେ।

ବିଳାସ ଭାରତୀ କଳାକେନ୍ଦ୍ରର ସାମ୍ବତ୍ସରିକ ଉତ୍ସବ

ଟାଙ୍ଗୀ,୨୪।୧(ସମିସ) : ଟାଙ୍ଗୀ ଚିଲିକା ଛକସ୍ଥିତ ଦୁର୍ଗା ମଣ୍ଡପରେ ବିଳାସ ଭାରତୀ କଳା କେନ୍ଦ୍ରର ୨୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମହେଶ୍ୱର ସେନାପତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ରୂପେ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ତଥା ବେତାର ଏବଂ ଦୂରଦର୍ଶନର କଣ୍ଠଶିଳ୍ପୀ ଜ୍ୟୋତ୍ସ୍ନା ଦାସ, ପୂର୍ବତନ ଖୋର୍ଦ୍ଧା ଜିଲ୍ଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରା, ସମ୍ମାନିତ ଅତିଥି ରୂପେ ଓଡ଼ିଶୀ ନୃତ୍ୟ ଗୁରୁ ସନାତନ ନାୟକ, ବିକ୍ରମ ସାମଲ, ପ୍ରଦୀପ ଦାସ, ବସନ୍ତ ମହାରଣା, ଅଧିବକ୍ତା ରମେଶ ଚନ୍ଦ୍ର ବେହେରା, ଶଶୀରେଖା ନାଥ ଯୋଗଦେଇ ଥିଲେ। ପ୍ରତିଷ୍ଠାତା ମାଧବ ମହାରଣା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ସୁଶୀଲ ମହାପାତ୍ର ବାର୍ଷିକ ବିବରଣୀ ପଠନ କରିଥିଲେ। ଅଧ୍ୟାପକ ଗୋପାଳ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଗୋଦାବରୀଶ ପାତ୍ର,ବିଜନ ନାୟକ, ସୂର୍ଯ୍ୟକାନ୍ତ ନାୟକ,ପ୍ରକ୍ଷିମା ପରିଡ଼ା, ସନ୍ଧ୍ୟାରାଣୀ ମହାପାତ୍ର ସମେତ ସମସ୍ତ ଗୁରୁ ମାନଙ୍କୁ ବିଳାସ ଭାରତୀ କଳା ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା।

ଚିଲିକାରେ ଡଲ୍‌ଫିନ ଗଣନା ଶେଷ

ବାଲୁଗାଁ,୨୪।୧(ସମିସ)



ପ୍ରତିବର୍ଷ ନୀଳାମ୍ବୁ ଚିଲିକା ହ୍ରଦରେ କେତେ ସଂଖ୍ୟକ ଇରାୱାଡ଼ି ଡଲଫିନ ରହିଛନ୍ତି, ତାହାର ଆକଳନ କରାଯାଇଥାଏ। କ୍ରମାଗତ ଭାବେ ୨୦୧୯ ମସିହାଠାରୁ ଡଲଫିନ ସଂଖ୍ୟା ବୃଦ୍ଧି ପାଇ ଆସୁଥିବା ବେଳେ ଗତ ୨୦୨୫ ମସିହାରେ ଚିଲିକାରେ ଇରାୱାଡ଼ି ଡ଼ଲଫିନ ସଂଖ୍ୟା ବୃଦ୍ଧି ପାଇ୧୬୦ରେ ପହଁଚିଥିବା ବିଭାଗୀୟ ଗଣନାରୁ ଜଣାପଡିଥିଲା। ତେବେ ଚଳିତ ବର୍ଷ ଚିଲିକାରେ ଡଲଫିନ ସଂଖ୍ୟା ବୃଦ୍ଧି ପାଇଛି କି ହ୍ରାସ ହୋଇଛି ଗଣନା ରିପୋର୍ଟରୁ ଜଣାପଡ଼ିବ। ସେଥିଲାଗି ଚଳିତ ବର୍ଷ ଚିଲିକାରେ କେତେ ସଂଖ୍ୟକ ଡ଼ଲଫିନ ଅଛନ୍ତି ତାହାର ଆକଳନ ଗତ ୨୦ତାରିଖ ମଙ୍ଗଳବାର ଦିନଠାରୁ ଆରମ୍ଭ ହୋଇଯାଇଥିବା ବେଳେ ୩ଦିନ ଧରି ଚାଲ ୨୨ତାରିଖରେ ଶେଷ ହୋଇଯାଇଛି ବୋଲି ବନ୍ୟପ୍ରାଣୀ ବିଭାଗ ସୂତ୍ରରୁ ଜଣାଯାଇଛି। ଚିଲିକା ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ମିଳିତ ଭାବେ ମଙ୍ଗଳବାର ଠାରୁ ସମଗ୍ର ଚିଲିକାରେ ଡ଼ଲଫିନ ଗଣନା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସମଗ୍ର ଚିଲିକାକୁ ବାଲୁଗାଁ, ଚିଲିକା, ଟାଙ୍ଗି, ରମ୍ଭା ଓ ସାତପଡ଼ା ଆଦି ୫ଟି ଜୋନ୍‌ରେ ବିଭକ୍ତ କରାଯାଇଥିବା ବେଳେ ଏହି ଡ଼ଲଫିନ ଗଣନା ନିମନ୍ତେ ୧୮ଟି ଟିମ୍‌ରେ ପ୍ରାୟ୧୩୦ଜଣ କର୍ମଚାରୀ ନିୟୋଜିତ ହୋଇଥିଲେ। ତନ୍ମଧ୍ୟରୁ ୧୦ଟି ଟିମ୍‌କୁ ଗତ ସୋମବାର ଚନ୍ଦ୍ରାପୁଟ ସ୍ଥିତ ସିଡ଼ିଏ କାର୍ଯ୍ୟାଳୟ ପରିସରରେ ପ୍ରଶିକ୍ଷଣ ଦିଆଯାଇଥିବା ସ୍ଥଳେ ୮ଟି ଟିମ୍ କୁ ସାତପଡ଼ା ସ୍ଥିତ ବିଭାଗୀୟ କାର୍ଯ୍ୟାଳୟ ପରିସରରେ ପ୍ରଶିକ୍ଷଣ ଦିଆଯାଇଥିଲା। ୩ଦିନ ଧରି ସକାଳ ୭ଘଟିକା ଠାରୁ ମଧ୍ୟାହ୍ନ ୧୨ଘଟିକା ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ଚାଲିଥିବା ବେଳେ ବିଶେଷ କରି ମାତ୍ରାଧିକ ଡ଼ଲଫିନ ଦୃଷ୍ଟି ଗୋଚର ହେଉଥିବା ଅଞ୍ଚଳ ସାତପଡ଼ାଠାରେ ୮ଟି ଟିମ୍ ଓ ବାହାର ଚିଲିକା ଅଞ୍ଚଳରେ ୧୦ଟି ଟିମ୍ ଲାଇନ୍ ଟ୍ରାନଜାକ୍ଟ ପଦ୍ଧତିରେ ଡ଼ଲଫିନ୍ ଗଣନା କରିଥିଲେ। ଗଣନାକାରୀଙ୍କୁ ଜିପିଏସ ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ସମେତ ଗୋଟେ ଲେଖାଏଁ ଯନ୍ତ୍ରଚାଳିତ ଡ଼ଙ୍ଗା ଯୋଗାଇ ଦିଆଯାଇଥିଲା। ଚଳିତ ବର୍ଷ ଅନୁକୂଳ ପାଣିପାଗ ଯୋଗୁଁ ଇରୱାଡ଼ି ଡ଼ଲଫିନ ଗଣନାରେ ବାଧା ସୃଷ୍ଟି ହୋଇ ନଥିବା ବେଳେ ମଙ୍ଗଳବାର ଠାରୁ ଡଲଫିନ ଗଣନା ଆରମ୍ଭ ହୋଇ ବୁଧବାର ଗଣନା କାର୍ଯ୍ୟ ଚାଲି ଗୁରୁବାର ଗଣନା ଶେଷ ହୋଇଛି, ଗଣନା ପରେ ଗଣନାକାରୀ ଟିମ ଭୁବନେଶ୍ୱର ସ୍ଥିତ ପିସିସିଏଫ ଅଫିସରେ ରିପୋର୍ଟ ପ୍ରଦାନ କରିଛନ୍ତି। ପରବର୍ତ୍ତି ସମୟରେ ଡଲଫିନ୍ ସଂଖ୍ୟା ପ୍ରକାଶ ପାଇବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

ଚିଲିକା ହ୍ରଦରେ ଇରାୱାଡ଼ି ଡ଼ଲଫିନ ସଂଖ୍ୟା ବିଗତ ବର୍ଷ ତୁଳନାରେ ବୃଦ୍ଧି ପାଇବାରେ ଲାଗିଛି। ୨୦୧୫ ମସିହାରେ ଚିଲିକାରେ ୧୪୪ ଗୋଟି ଇରାୱାଡ଼ି ଡ଼ଲଫିନ ଥିବା ବେଳେ ୨୦୧୬ରେ ୧୩୪କୁ ହ୍ରାସ ପାଇଥିଲା। ୨୦୧୭ ମସିହାରେ ମଧ୍ୟ ୧୨୧ କୁ ହ୍ରାସ ପାଇ ଥିବା ବେଳେ ୨୦୧୮ ରେ କ୍ରମାଗତ ଭାବେ ଏହା ୧୧୮ କୁ ହ୍ରାସ ପାଇଥିବାବେଳେ ୨୦୧୯ ମସିହାରେ ବୃଦ୍ଧି ଘଟି ଡଲଫିନ ସଂଖ୍ୟା୧୪୫ରେ ପହଂଚିଥିଲା। ୨୦୨୦ମସିହାରେ ବୃଦ୍ଧ ପାଇ୧୫୪ରେ ପହଂଚିଥିବା ବେଳେ ୨୦୨୧ରେ ୧୫୮ ରେ ପହଂଚି ଥିଲା। ଚିଲିକାରେ ଗତ ୨୦୨୩ ମସିହା ଓ ୨୦୨୪ ମସିହା ୨ବର୍ଷ ଡ଼ଲଫିନ ସଂଖ୍ୟା ହ୍ରାସ ପାଇଥିବା ବେଳେ ଗତ ୨୦୨୫ ମସିହାରେ ଚିଲିକାରେ ଇରାୱାଡ଼ି ଡ଼ଲଫିନ ସଂଖ୍ୟା ବୃଦ୍ଧି ପାଇ୧୬୦ରେ ପହଁଚିଥିବା ବିଭାଗୀୟ ଗଣନାରୁ ଜଣାପଡିଥିଲା।

ଧଳା ଜହର କବ୍‌ଜାରେ କାକଟପୁର; ପଥଭ୍ରଷ୍ଟ ଯୁବପିଢ଼ି

କାକଟପୁର,୨୪।୧(ସମିସ)

ରାତାରାତି କୋଟିପତି ହେବାର ନିଶା ଲାଗି ବର୍ତ୍ତମାନ କାକଟପୁର ବଜାରର ବିଭିନ୍ନ ଜାଗା ସମେତ ଗାଁ ଗହଳି ଓ ଛକ ଜାଗା ସହିତ ଉକ୍ତ ଥାନା ଅଞ୍ଚଳର କୁଣ୍ଡେଇ ହାଟ, ପାଟପୁର, ବାଙ୍ଗୁରାଗାଁ, ଜିଉଁନ୍ତି, ଖଣ୍ଡାସାହି, ପାଟସୁନ୍ଦରପୁର, ବଲରା, ଓଥକା, ମଲାମାଛ, ଦହିଖିଆ, ଖଣ୍ଡାସାହି ତାଳଦା ସେତୁ ଆଦି ସ୍ଥାନମାନଙ୍କରେ ବ୍ରାଉନ୍‌ସୁଗର କାରବାର ଅହେତୁକ ବୃଦ୍ଧି ପାଇବାରେ ଲାଗିଛି। ଧଳାଜହର ସେବନ କରିବା ଫଳରେ ପାରିବାରିକ ହିଂସା, ଅଶାନ୍ତି, ଗଣ୍ଡଗୋଳ ଏବଂ ଲୁଟ୍‌ତରାଜ ବଢୁଥିବାବେଳେ ଧଳାଜହର ଖାଉଥିବା ବ୍ୟକ୍ତିଟି ସର୍ବସ୍ୱାନ୍ତ ହେଉଛି। ଏମିତି ବି ଶୁଣିବାକୁ ମିଳୁଛି ଘରେ ଘରେ କିଛି ମହିଳା ମଧ୍ୟ ପୁରୁଷମାନଙ୍କ ସହିତ ଏହି ବେପାର କରିବାକୁ ଲାଗିଲେଣି।



ତେଣୁ ଗାଁ ଗହଳିରେ ଏବେ ପାଉଡରର ଚାହିଦା ବଢ଼ିବାରେ ଲାଗିଛି। ଏହାକୁ ସେବନ କରି ପଥଭ୍ରଷ୍ଟ ହେଉଥିବା ଯୁବପିଢ଼ି ବିଭିନ୍ନ ସମୟରେ ବହୁ ଅନୈତିକ କାର୍ଯ୍ୟ କରିବାକୁ ପଛାଉନାହାନ୍ତି। ଏହି ବେପାର ଏ ଅଞ୍ଚଳରେ ଏତେ ମାତ୍ରାରେ ବଢ଼ିଯାଇଛି ଯେ, ଅବକାରୀ ବିଭାଗ ଏବଂ ପୁଲିସ କର୍ମଚାରୀମାନେ ତା'ର ଟେର୍ ପାଉନାହାନ୍ତି।

କିଛି ଦୋକାନ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନରେ ସିଗାରେଟ୍ ଏବଂ ଦିଆସିଲି ଖୋଳରେ ପୁଡ଼ିଆ କରାଯାଇ ଗ୍ରାହକଙ୍କୁ ବିକ୍ରି କରାଯାଉଛି।

ଗାଁ ଗହଳିରେ ଯେଉଁ ଯୁବକମାନେ ଦିନେ ବ୍ୟବସାୟ କରି ଭଲ ଦୁଇ ପଇସା ରୋଜଗାର କରୁଥିଲେ ସେମାନେ ଧଳାଜହର କବଳରେ ପଡ଼ି କାଙ୍ଗାଳ ହୋଇ ଘରେ ବସି ବାପା-ମାଆଙ୍କ ଉପରେ ବୋଝ ପାଲଟିଥିବାର ଦେଖିବାକୁ ମିଳୁଛି। ଏଥିଲାଗି ଜିଲ୍ଲା ପ୍ରଶାସନ, ବିଭିନ୍ନ ସାମାଜିକ ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ସଚେତନ କରାଯାଇ ମିଳିତ ଭାବେ ଏହାର ପ୍ରତିବାଦ କଲେ ଏହି ବେପାର ଗାଁ ଗହଳିରୁ ଦୂର ହେବା

ଅବକାରୀ ବିଭାଗ ଓ ସ୍ଥାନୀୟ ପୁଲିସ ନିଷ୍କ୍ରିୟ

ସହ ଏକ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ଆଶା ପ୍ରକଟ କରିଛନ୍ତି। ଅପରପକ୍ଷରେ ପୁରୀ ଜିଲ୍ଲା ଅବକାରୀ ବିଭାଗ କିମ୍ବା କାକଟପୁର ପୁଲିସ ପକ୍ଷରୁ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା କାରଣରୁ ନିଶାଡ଼ିମାନେ ଅଧିକ ସକ୍ରିୟ ହୋଇପଡୁଥିବା ଜଣାପଡ଼ିଛି।

ସରକାରୀ ମଦ ଦୋକାନରୁ ଗ୍ରାମାଞ୍ଚଳକୁ ଚୋରା ଚାଲାଣ

ନୂଆପଲମହାଟ,୨୪।୧(ସମିସ): ଅବକାରୀ ବିଭାଗର ନିଷ୍କ୍ରିୟତା ଯୋଗୁଁ ସରକାରୀ ବିଦେଶୀ ମଦ ଦୋକାନରୁ ଗ୍ରାମାଞ୍ଚଳକୁ ଚୋରା ମଦ କାରବାର ବୃଦ୍ଧି ପାଉଛି। ଫଳରେ ଗ୍ରାମାଞ୍ଚଳରେ ଥିବା ଦୋକାନଗୁଡ଼ିକୁ ଦିବାଲୋକରେ ଗାଡ଼ି ସାହାଯ୍ୟରେ ମଦ ଚାଲାଣ କରାଯାଉଥିବା ବେଳେ ଅବକାରୀ ବିଭାଗ ସବୁ ଜାଣି ମଧ୍ୟ ନିରବ ରହିଛି।

ପ୍ରକାଶ ଯେ, ନୂଆପଲମହାଟ ନିକଟସ୍ଥ ବିନିଶିପୁର ପଞ୍ଚାୟତରେ ଥିବା ସରକାରୀ ବିଦେଶୀ ମଦ ଦୋକାନରୁ ବହୁ ପରିମାଣର ଆଖପାଖ ଅଞ୍ଚଳକୁ ଚାଲାଣ କରାଯାଉଛି। ଯାହା ଫଳରେ ଅସାମାଜିକ ଲୋକଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ବିଭିନ୍ନ ସମୟରେ ନିଶାଖୋର୍ ଲୋକମାନେ ଗଣ୍ଡଗୋଳ ସୃଷ୍ଟି କରିବା ସହିତ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଥାନ୍ତି, ଯାହାକୁ ନେଇ ପୁଲିସର ମୁଣ୍ଡବ୍ୟଥାର କାରଣ ସାଜିଛି। ମଦ ପିଇବା ପାଇଁ ନିଶାଖୋର୍ ବ୍ୟକ୍ତିମାନେ ଛୋଟମୋଟ ଚୋରି କରିବାକୁ ପଛାଉ ନାହାନ୍ତି। ସନ୍ଧ୍ୟା ସମୟରେ ବିନିଶିପୁର ହାଟ, କୁଞ୍ଜିଆପାଟଣା, ବଢ଼େଇପାଟଣା, ଦେବୀ ପାଟଣା ପ୍ରମୁଖ ଗ୍ରାମରେ ମଦୁଆଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଝିଅ-ବୋହୂମାନେ ବାହାରେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଏ ଦିଗରେ କଟକ ଅବକାରୀ ବିଭାଗ ପକ୍ଷରୁ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

ନିମାପଡ଼ା ଫୁଟବଲ୍ ଲିଗ୍: ଲଙ୍କେଶ୍ୱରୀ କ୍ଲବ୍ ଚାମ୍ପିଅନ



ନିମାପଡ଼ା,୨୪।୧(ସମିସ): ନିମାପଡ଼ା ପ୍ରିମିୟର ଫୁଟ୍‌ବଲ୍ ଲିଗ୍‌ର ଫାଇନାଲ୍ ମ୍ୟାଚ୍ ଲଙ୍କେଶ୍ୱରୀ କ୍ଲବ୍, ବଳଙ୍ଗା ପ୍ରଗତି କ୍ଲବ୍ ବିଷ୍ଣୁପୁରକୁ ହରାଇ ଚାମ୍ପିଅନ ହୋଇଛି। ବଳଙ୍ଗା କ୍ଲବ୍‌ର ଶୁଭମ୍ ପ୍ରଧାନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରୂପେ ବିବେଚିତ ହୋଇଥିଲେ। ମ୍ୟାଚ୍‌ଟିକୁ ପରିଚାଳନା କରିଥିଲେ ରେଫରୀ ନିର୍ମଳ କୁମାର ମିଶ୍ର, ସତ୍ୟଜିତ୍ ଆଚାର୍ଯ୍ୟ, ପ୍ରଶାନ୍ତ ବେହେରା ଓ ବିଚିତ୍ରାନନ୍ଦ ପାତ୍ର। ପୂର୍ବତନ ଖେଳାଳି ରଣଜିତ୍ କେଶରୀ ନାୟକ, ଜୟଦେବ ମହାପାତ୍ର, ଧିରେନ୍ ବରାଳ ଓ ପ୍ରଭାକର ଭୋଇ ପ୍ରମୁଖ ଯୋଗଦେଇ ଅମୁଣିଆ ପାଟଣା କ୍ଲବ୍ ଝାମୁଲା କୁଦ ଏବଂ ମହାବୀର କ୍ଲବ୍ ଭୁବନପୁର ୧୦୦୦ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରିଥିଲେ। କ୍ରୀଡ଼ାବିତ୍ ମହେନ୍ଦ୍ର ସିଂହ ଭାଟିଆ, ପଦ୍ମଚରଣ ପାଣିଗ୍ରାହୀ, ପବିତ୍ର ଭୋଇ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଗତି କ୍ଲବ୍ ବିଷ୍ଣୁପୁର ଚଳିତ ଫୁଟ୍‌ବଲ୍ ଲିଗ୍‌ର ରନର୍ସ ଅପ୍ ରୂପେ ରଣଜିତ୍ କେଶରୀ ନାୟକଙ୍କଠାରୁ ୨୦୦୦ ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଥିଲେ। ଆସୋସିଏସନର ସଭାପତି ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସ, ସମ୍ପାଦକ ଜୀବନାନନ୍ଦ ମହାପାତ୍ର ଚାମ୍ପିଅନ ବଳଙ୍ଗା ଦଳକୁ ୩୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ମ୍ୟାଚ୍‌ରେ ଆସୋସିଏସନ୍‌ର ସମ୍ପାଦକ ପ୍ରକାଶ କୁମାର ବରାଳ, ବିଶ୍ୱଜିତ୍ ମଲ୍ଲିକ, ଜିତେନ୍ କାନୁନ୍‌ଗୋ, କାର୍ଯ୍ୟକାରୀ ସଭାପତି ଧିରେନ ବରାଳ ସହଯୋଗ କରିଥିଲେ।

ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଉଗ୍ରତାରା କ୍ରିକେଟ ଏକାଡେମୀ ବିଜୟୀ

ସାକ୍ଷୀଗୋପାଳ,୨୪।୧(ସମିସ): ପଞ୍ଚସଖା ମେମୋରିଆଲ କ୍ଲବ୍, ସାକ୍ଷୀଗୋପାଳ ଦ୍ୱାରା ଆୟୋଜିତ ୨୯ତମ ପଞ୍ଚସଖା ଓ ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଶନିବାର ବିରାମ ଦିବସରେ ପଞ୍ଚସଖା ମେମୋରିଆଲ କ୍ଲବ୍ ଓ ମା' ଉଗ୍ରତାରା କ୍ରିକେଟ ଏକାଡେମୀ, ତୁଳସୀ ଚଉରା ଚନ୍ଦନପୁରର ୧୯ବର୍ଷରୁ କମ୍ ଖେଳାଳିମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ପଞ୍ଚସଖା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଦୁର୍ଗାପ୍ରସାଦ ଦାସଙ୍କ ୧୦୧ ରନ୍ ସହାୟତାରେ ୨୩୯ ରନ୍ ସଂଗ୍ରହ କରିଥିଲା। ଜବାବରେ ମା' ଉଗ୍ରତାରା କ୍ରିକେଟ ଏକାଡେମୀ ତୁଳସୀ ଚଉରା, ଚନ୍ଦନପୁର ଦଳ ୨୪୦ ରନ୍ କରି ବିଜୟ ହାସଲ କରିଥିଲା। ମ୍ୟାଚ୍‌କୁ ପ୍ରଶାନ୍ତ ଶତପଥୀ ଓ ଚନ୍ଦ୍ରମାଧବ ଦାଶ ପରିଚାଳନା କରିଥିଲେ। ଶେଷରେ ଚନ୍ଦନପୁର ଏକାଦଶର ଶକ୍ତିଜିତ୍ ଶତପଥିଙ୍କୁ ଆକର୍ଷଣୀୟ ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଓସ୍କାର କ୍ଲବ୍ ଭୁବନେଶ୍ୱର ପୂର୍ବତନ ଖେଳାଳି ଓ କୋଚ୍ ମନୋଜ କୁମାର ମହାରଣା ପ୍ରଦାନ କରିଥିଲେ। ମ୍ୟାଚରେ ଭାଷ୍ୟକାର ରାଧାକ୍ରିଷ୍ଣ ମୁନା ସିଂ ସମ୍ପୂର୍ଣ୍ଣ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ରବିବାର ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ପୁରୀ ପାୟୋନିୟର୍ସ ଓ ଜଟଣୀ କ୍ରିକେଟ ଆସୋସିଏସନ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ପଞ୍ଚସଖାର ସମ୍ପାଦକ ଉମାଶଙ୍କର ମହାପାତ୍ର ଜଣାଇଛନ୍ତି।



ଭଲିବଲ ପ୍ରତିଯୋଗିତା: ବ୍ରଦର୍ସ ପାୱାର ଚାମ୍ପିଅନ

କଣାସ,୨୪।୧(ସମିସ): କଣାସ ବ୍ଲକ୍ ଦୋଛିଆଁ ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ଗ୍ରାମରେ ପଞ୍ଚାୟତ ପ୍ରିମିୟର୍ ଲିଗ୍ ଦିବାରାତ୍ର ଭଲିବଲ୍ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସୁଇଟ୍ ସ୍ମାଇକରକୁ ୨-୧ ସେଟ୍‌ରେ ହରାଇ ବ୍ରଦର୍ସ ପାୱାର ଚାମ୍ପିଅନ ହୋଇଛି। ପ୍ରଥମେ ଏହି ପ୍ରତିଯୋଗିତାକୁ ଦୋଛିଆଁ ପୂର୍ବତନ ସରପଞ୍ଚ ବନମାଳୀ ରାଉତ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ପ୍ରକାଶ ପରିଡ଼ା। ଏଥିରେ ମୁଖ୍ୟ ଅତିଥିଭାବେ ସମାଜସେବୀ ମୋହନ କୁମାର ପରିଡ଼ା ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅଜୟ ପ୍ରଧାନ, କିଶୋର ଦଳାଇ, ମାରୁତି ପ୍ରଧାନ, ଜିତେନ୍ଦ୍ର ମଙ୍ଗରାଜ, ବିଶ୍ୱଭୂଷଣ ସାମନ୍ତରାୟ, ରବିନ୍ଦ୍ର ନାଥ ସାହୁ, ପ୍ରଭାକର ଉଦୟସିଂହ, ଭାସ୍କର ଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ପଞ୍ଚାୟତର ୪ଟି ଦଳ ଭାଗ ନେଇଥିଲେ। ଫାଇନାଲ୍ ମ୍ୟାଚ୍‌ରେ ବ୍ରଦର୍ସ ପାୱାର ସହିତ ସୁଇଟ୍ ସ୍ମାଇକର ମଧ୍ୟରେ ହୋଇଥିଲା। ୨-୧ ସେଟ୍‌ରେ ବ୍ରଦର୍ସ ପାୱାର ଚାମ୍ପିଅନ ହୋଇଛି। ଚାମ୍ପିଅନ ଦଳକୁ ଟ୍ରଫି ସହିତ ୩ ହଜାର, ରନର୍ସଅପ୍ ଦଳକୁ ଟ୍ରଫି ସହିତ ୨ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ଆଲୋକ ସାହୁ, ସିଦ୍ଧାନ୍ତ ସାହୁ, ସନ୍ତୋଷ ସୁବୁଦ୍ଧି, ସୁଶାନ୍ତ ପରିଡ଼ା ଓ କାହ୍ନୁଚରଣ ସାହୁ ଖେଳ ପରିଚାଳନା କରିଥିବାବେଳେ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଓଡ଼ିଆ ବିଭାଗର ପାଠଚକ୍ର ଆୟୋଜିତ



ସାକ୍ଷୀଗୋପାଳ,୨୪।୧(ସମିସ): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସାକ୍ଷୀଗୋପାଳର ସଭାଗୃହରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ବିଭାଗୀୟ ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଏବଂ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ, ଧୂପଦୀପ ପ୍ରଦାନ କରାଯାଇଥିଲା। ଉକ୍ତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକ ସଭାପତିତ୍ୱ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ 'ଭାଷା ଓ ବ୍ୟାକରଣ ପାଠର ଉପଯୋଗିତା' ବିଷୟରେ ସାରଗର୍ଭକ ଆଲୋଚନା କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ଶଙ୍କର୍ଷଣ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହିତ ପାଠଚକ୍ରର ଉଦ୍ଦେଶ୍ୟ କଥନ କରିଥିଲେ। ଅଧ୍ୟାପିକା ପ୍ରତିମା ସାହୁ ମଞ୍ଚ ପରିଚାଳନା କରିଥିଲେ। ଅମ୍ବିକା ସେଠୀ, ନିରଞ୍ଜନ ମହାରଣା, ଅମରେଶ ପଣ୍ଡା, ଚିନ୍ମୟ ପାତ୍ର ପ୍ରମୁଖ ବିଭାଗୀୟ ଛାତ୍ରଛାତ୍ରୀମାନେ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ପ୍ରୀତି, ପୁଷ୍ପା, ଶୁଭସ୍ମିତା ପ୍ରମୁଖ +୩ ଦ୍ୱିତୀୟ ବର୍ଷର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସହିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅଧ୍ୟାପିକା ସବିତା ମଲ୍ଲିକ ପାଠଚକ୍ରର ସଫଳତା ପାଇଁ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଧାନ ମଣ୍ଡି ଉଦ୍‌ଘାଟିତ

ବଳଙ୍ଗା,୨୪।୧(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ରୂପଦେଇପୁର ପଞ୍ଚାୟତ ଅଧୀନ ହରଦୂର୍ଗା ସେବା ସମବାୟ ସମିତି ଅଲାରପୁରଠାରେ ଶନିବାର ଧାନ ମଣ୍ଡି ଉଦ୍‌ଘାଟି ହୋଇଛି। ଏହି କାର୍ଯ୍ୟକ୍ରମରେ ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ହରଦୂର୍ଗା ସେବା ସମବାୟ ସମିତି ସମ୍ପାଦକ ସୁଶାନ୍ତ କୁମାର ସାହୁ, ଭରତ ସାହୁ, ଗିରିଧାରୀ ମହାପାତ୍ର, ନାରାୟଣ ଷଡ଼ଙ୍ଗୀ, ରଘୁନାଥ ସାହୁ, କୃଷ୍ଣଚନ୍ଦ୍ର ତିଆଡ଼ି ପ୍ରଭୃତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଏହାକୁ ପରିଚାଳନା କରିଥିଲେ ଅଗ୍ରଣୀ ଯୁବ ଚାଷୀ ତଥା ଯୁବ ସମାଜସେବୀ ଅଶ୍ୱିନୀ କୁମାର ସାହୁ।



କବି ଅରକ୍ଷିତ ପ୍ରଧାନଙ୍କ ୮୬ତମ ଜୟନ୍ତୀ

ବ୍ରହ୍ମଗିରି,୨୪।୧(ସମିସ): ଓଡ଼ିଶାର ବିଶିଷ୍ଟ ବରପୁତ୍ର, ଯଶୋଦୀପ୍ତ କବି ଓ ସାହିତ୍ୟିକ ତଥା ସାରସ୍ୱତ ସାଧକ କୁମାର କବି ଅରକ୍ଷିତ ପ୍ରଧାନଙ୍କ ସ୍ମୃତିରେ ଗୋଖରାସ୍ଥିତ ମୃତ୍ୟୁଞ୍ଜୟ କଲ୍ୟାଣ ମଣ୍ଡପଠାରେ ୮୬ତମ ଜନ୍ମୋତ୍ସବ ପାଳନ ହୋଇଯାଇଛି। ଏଥିରେ ତରୁଣ କବି ଦାମୋଦର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଦିଗମ୍ବର ବେହେରା ସ୍ୱାଗତ ଅଭିଭାଷଣ ରଖିଥିଲେ। ସଂସ୍କୃତି ଗବେଷକ ଲେଖକ ନୀଳମଣି ସୁଆର କୁମାର କବିଙ୍କୁ ସ୍ୱାଭିମାନୀ ଓ ନିର୍ଭିକ ସାହିତ୍ୟିକ ଭାବେ ବର୍ଣ୍ଣନା କରିଥିଲେ। ସାହିତ୍ୟିକ ବନମାଳୀ ଜେନା କହିଥିଲେ ଯେ କୁମାର କବି ତାଙ୍କ ସାହିତ୍ୟ ମାଧ୍ୟମରେ ସାମାଜିକ ସଂସ୍କାର ଓ ସାଂସ୍କୃତିକ ସଚେତନତା ସୃଷ୍ଟି କରୁଥିଲେ। ତାଙ୍କୁ ମରଣୋତ୍ତର ପଦ୍ମଶ୍ରୀ ସମ୍ମାନ ପ୍ରଦାନ ପାଇଁ ସବୁସ୍ତରରେ ଉଦ୍ୟମ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ଉତ୍ସବରେ ଅଧ୍ୟାପକ ସୁଶାନ୍ତ ଜେନା ଯୋଗଦେଇ କୁମାର କବିଙ୍କ ଜନ୍ମୋତ୍ସବକୁ ରାଜ୍ୟସ୍ତରୀୟ କରିବା ସହିତ ତାଙ୍କ ସାହିତ୍ୟକୃତିକୁ ଓଡ଼ିଶା ସାହିତ୍ୟ ଏକାଡେମୀ ଗ୍ରନ୍ଥାବଳୀ ଆକାରରେ ପ୍ରକାଶ କରିବାକୁ ମନ୍ତବ୍ୟ ରଖିଥିଲେ। ତାଙ୍କ ସାଧନା ପୀଠକୁ ଐତିହ୍ୟସ୍ଥଳୀରେ ପରିଣତ କରିବାକୁ ଭାଗିରଥି ଦଳାଇ ପ୍ରସ୍ତାବ ଦେଇଥିଲେ।

ଚାରିଛକରେ ବିଶାଳ ହିନ୍ଦୁ ସମ୍ମିଳନୀ

ଚାରିଛକ,୨୪।୧(ସମିସ): ଚାରିଛକ ମେଡିକାଲ ଛକ ନିକଟସ୍ଥ ବ୍ରହ୍ମକୁଣ୍ଡୀ ବ୍ରହ୍ମେଶ୍ୱରଙ୍କ ପଡ଼ିଆରେ ଶନିବାର ନିମାପଡ଼ା ଖଣ୍ଡ ଚାରିଛକ ମଣ୍ଡଳର ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଲିଟୁନା ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ସମ୍ମିଳନୀରେ ଜିଲ୍ଲା ସଂଯୋଜକ ହୃଷୀକେଶ ଦାଶ, ଗଙ୍ଗାଧର ପାଢ଼ୀ, ସୀମାନ୍ତ ଶେଖର ରଥ, ପ୍ରଫୁଲ୍ଲ ପଣ୍ଡା, ପ୍ରଶାନ୍ତ ପଣ୍ଡା, ଗଙ୍ଗାଧର ପାଣି, ସଞ୍ଜୟ ବାରିକ, ଭରତ ବାରିକ, ପ୍ରସନ୍ନ ଦାସ, ସୁନିଲ କାଣ୍ଡି, ଦୁର୍ଯ୍ୟୋଧନ ପଟ୍ଟନାୟକ, ବିଜୟ ବେହେରା, ପର୍ଶୁରାମ ପ୍ରଧାନ, ବାମୁରାମ ପାତ୍ର, ମଣ୍ଟୁ ଭାଇଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ କର୍ମୀମାନଙ୍କ ଦ୍ୱାରା ଚାରିଛକ ମୁଖ୍ୟ ବଜାରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରୁ ବାହାରି ସଭାସ୍ଥଳରେ ପହଞ୍ଚିଥିଲା। ଆଗାମୀ ଦିନରେ ସଂଗଠନକୁ ମଜଭୁତ କରିବାକୁ ସମସ୍ତେ ଶପଥ ନେଇଥିଲେ।

ମା' ଲକ୍ଷ୍ମୀ କ୍ଲବ୍ ପକ୍ଷରୁ ୨୬ରେ ରକ୍ତଦାନ ଶିବିର



ଅସ୍ତରଙ୍ଗ,୨୪।୧(ସମିସ): ରକ୍ତଦାନ ଏକ ମହତ୍ ଦାନ ପ୍ରତ୍ୟେକ ବର୍ଷ ଆମ ଦେଶରେ ହଜାର ହଜାର ଲୋକ ରକ୍ତ ଅଭାବରୁ ପ୍ରାଣ ହରାଉଛନ୍ତି। ସେହି ଘଟଣାକୁ ଆଖି ଆଗରେ ରଖି ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରକ୍ତଦାନ ଶିବିର ଆୟୋଜନ କରି ଆସୁଛନ୍ତି। ତା' ଭିତରେ ଅସ୍ତରଙ୍ଗର ଅଗ୍ରଣୀ ଅନୁଷ୍ଠାନ ମା' ଲକ୍ଷ୍ମୀ କ୍ଲବ୍ ବିଗତ ଦିନମାନଙ୍କରେ ବିଭିନ୍ନ ସାମାଜିକ କାର୍ଯ୍ୟ ହାତକୁ ନେଇ ପ୍ରତ୍ୟେକ ବର୍ଷ ନିଜ ଅନୁଷ୍ଠାନର ଗରିମାକୁ ଉର୍ଦ୍ଧ୍ୱ କରିଥା'ନ୍ତି କିନ୍ତୁ ଚଳିତ ବର୍ଷ ଜାନୁଆରୀ ୨୬ ତାରିଖରେ ଅନୁଷ୍ଠାନ ତରଫରୁ କ୍ଲବ୍ ପରିସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯିବ। ଯାହାକୁ ନେଇ ଶନିବାର କ୍ଲବ୍ ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଉପଦେଷ୍ଟା ଚିତ୍ରସେନ ପ୍ରଧାନ, ବାବୁରାମ ସ୍ୱାଇଁ, ଅକ୍ଷୟ ମୁରୁଣୀ, ସଭାପତି ହରିହର ମହାନ୍ତି, ଉପସଭାପତି ମନୋଜ ବିଶ୍ୱାଳ, ସାଂସ୍କୃତିକ ସମ୍ପାଦକ ଦେବାଶିଷ ବାରିକ, ସମ୍ପାଦକ ଦିଲ୍ଲୀପ କୁମାର ଦାସ, ସହସମ୍ପାଦକ ସମୀର କର ଏବଂ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଦୁର୍ଘଟଣାର ଶିକାର ହେଉଥିବା ବ୍ୟକ୍ତି, ଅପରେସନ ସମୟରେ ଦରକାର ହେଉଥିବା ରକ୍ତ ଏବଂ ଥାଲାସେମିଆ ରୋଗୀମାନଙ୍କ ପାଇଁ ନିଃସ୍ୱାର୍ଥ ରକ୍ତଦାନ କରି ଅନେକ ଜୀବନ ଉଦ୍ଧାର କରିବା। ମା' ଲକ୍ଷ୍ମୀ କ୍ଲବ୍ ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।

ମତ୍ସ୍ୟ ମହାସଂଘର ପୂର୍ବତନ ସଭାପତିଙ୍କ ସ୍ମୃତି ସଭା

କଣାସ,୨୪।୧(ସମିସ): କଣାସ ବ୍ଲକ୍ ସରସ୍ୱତୀ ନଗରଠାରେ ମତ୍ସ୍ୟ ମହାସଂଘର ପୂର୍ବତନ ସଭାପତି ଅନାଦୀ ବେହେରାଙ୍କ ସ୍ମୃତିଚାରଣ ସଭା ଶନିବାର ତାଙ୍କ ବାସଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ସାଥୀ ଅନାଦୀ ବେହେରା ଚିଲିକାକୁ ଘେରିମୁକ୍ତ କରିବା, ଦୟା, ମକରା, ରାଜୁଆ, ମଲାଗୁଣୀ ଓ ଲୁଣା ନଦୀର ସ୍ୱଚ୍ଛତା ପାଇଁ ଲଢ଼େଇ କରୁଥିଲେ। ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାର ପ୍ରାୟ ଦେଢ଼ଶହ ଗ୍ରାମର ମତ୍ସ୍ୟଜୀବୀଙ୍କ ଜୀବନ ବିପନ୍ନ ହୋଇପଡ଼ିଛି। ଗଙ୍ଗୁଆ ନାଳର ପ୍ରଦୂଷିତ ଜଳ ଦୟା, ମକରା, ରାଜୁଆ ନଦୀ ସହିତ ଚିଲିକା ହ୍ରଦର ଜଳ ପ୍ରଦୂଷିତ କରୁଥିବାରୁ ବିରୋଧରେ ତଥା କୃଷକମାନଙ୍କର କୃଷିର ସମାଧାନ ପାଇଁ ସାଥୀ ଅନାଦୀ ବେହେରା ଶେଷ ଜୀବନ ପର୍ଯ୍ୟନ୍ତ ଲଢ଼େଇ କରୁଥିଲେ। ସରସ୍ୱତୀ ନଗର ଏକ ନୂତନ ଗ୍ରାମ ପ୍ରତିଷ୍ଠାରେ ସାଥୀ ଅନାଦୀଙ୍କ ପ୍ରମୁଖ ଅବଦାନ ଥିବା ସ୍ମୃତିସଭାରେ ବକ୍ତାମାନେ ସୂଚନା ଦେଇଥିଲେ। ପ୍ରହ୍ଲାଦ ବେହେରାଙ୍କ ସଭାପତିତ୍ୱରେ ଅଶୋକ ପ୍ରଧାନ, ଭାଗିରଥୀ ବେହେରାଙ୍କୁ ନେଇ ଏକ ସଭାମଣ୍ଡଳ ଗଠନ କରାଯାଇଥିଲା। ବକ୍ତାଭାବେ ସିପିଆଇର(ଏମ୍ଏଲ୍) ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ବେହେରା ଏବଂ ମତ୍ସ୍ୟଜୀବୀ ସଂଘର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

ଅମରେଶ୍ୱର ମନ୍ଦିର ଚୋରି ଘଟଣାରେ ୩ ଗିରଫ



ଚାରିଛକ,୨୪।୧(ସମିସ): ଚାରିଛକ ଥାନା ଅନ୍ତର୍ଗତ ଅମରେଶ୍ୱର ମନ୍ଦିର ଚୋରି ଘଟଣାରେ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ଗତ ୨୧ ତାରିଖ ରାତିରେ ୨ଜଣ ଦୁର୍ବୃତ୍ତ ଅମରେଶ୍ୱର ମନ୍ଦିରରୁ ଚୋରି ପାଇଁ ଉଦ୍ୟମ କରୁଥିବା ସମୟରେ ଚାରିଛକ ଥାନା ପୁଲିସ ପାଟ୍ରୋଲିଂ ଗାଡ଼ି ସେମାନଙ୍କୁ କାବୁ କରିଥିଲା। ଥାନାକୁ ଆଣି ପଚରାଉଚରା କରିବା ପରେ ସେମାନେ ବେଲପଡ଼ା ଦୁର୍ଗା ମନ୍ଦିର, ଅମରେଶ୍ୱର ମନ୍ଦିର, ନୟାହାଟ ତାରେଣୀ ମନ୍ଦିର ସମେତ ଗୋପ, କାକଟପୁର ଥାନା ଅଞ୍ଚଳର ବିଭିନ୍ନ ମନ୍ଦିରରୁ ଚୋରି କରିବା ସହ ଅନ୍ୟ ଜଣେ ମୁଖ୍ୟ ଅଭିଯୁକ୍ତ ସମ୍ପୃକ୍ତ ଥିବା ସମ୍ପର୍କରେ ମାନିଥିଲେ। ପ୍ରକାଶ ଥାଉକି, ଗତ ଡିସେମ୍ବର ୨୦ ତାରିଖରେ ଅମରେଶ୍ୱର ମନ୍ଦିର ପରିସରରେ ଥିବା ୩ଟି ମନ୍ଦିରରୁ ଚୋରି ହୋଇଥିବା ନେଇ ପୂଜକ ଜୟଦେବ ପାଢ଼ୀ ଚାରିଛକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୫୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଥିଲା। ଅଭିଯୁକ୍ତମାନେ ହେଲେ ନିଆଳି ଥାନା ଅନ୍ତର୍ଗତ ଆମ୍ବପଡ଼ା ଗ୍ରାମର କେଦାର ଦାସ (୨୯), ବିନିଶିପୁର ଓ ନିମାପଡ଼ା ଥାନା ଅନ୍ତର୍ଗତ ଅଂଶାଲୋର ଦୁଇ ନାବାଳକ ସମେତ ୩ ଜଣଙ୍କୁ ପୁଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କଠାରୁ ପୁଲିସ ମନ୍ଦିରର ବ୍ୟବହାର ସାମଗ୍ରୀ, ମୋବାଇଲ୍ ଓ ନଗଦ ଟଙ୍କା ଜବତ କରିଛି।

ବିଦ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ଉଦ୍‌ଘାଟିତ

ନୟାହାଟ,୨୪।୧(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ପଞ୍ଚାୟତର ଜଣାଶୁଣା ସମାଜସେବୀ ମକରଧ୍ୱଜ ସ୍ୱାଇଁ ଓଟରଠାରେ ଥିବା ପତିତପାବନ ନୋଡାଲ ୟୁପି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଶୁଦ୍ଧ ପାନୀୟଜଳ ନିମନ୍ତେ ଏକ ଫ୍ରିଜର ପ୍ରଦାନ କରିଛନ୍ତି। ଶୁକ୍ରବାର ବିଦ୍ୟାଳୟ ପରିସରରେ ସମାଜସେବୀ ମକରଧ୍ୱଜ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିବାରୁ ପ୍ରଧାନଶିକ୍ଷକ ସରୋଜ କୁମାର ମିଶ୍ର ଓ ଛାତ୍ରଛାତ୍ରୀମାନେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ଦେସ୍ଥଳି ପଞ୍ଚାୟତରେ ଏହିଭଳି ଜନହିତକର କାର୍ଯ୍ୟ କରାଯିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।



ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



କୃଷ୍ଣପ୍ରସାଦ,୨୪।୧(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ମାଲୁଦ ମା' ସରସ୍ୱତୀ ଶିଶୁମନ୍ଦିରରେ ମାତୃପିତୃ ପୂଜନ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସାମାଜିକ କର୍ମୀ ଦୀପକ ଜେନା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ କମଳାକାନ୍ତ ଦାସ ମହାରାଜ ଯୋଗଦେଇ କୁନିକୁନି ଶିକ୍ଷାର୍ଥୀଙ୍କୁ କିଛି ନୀତିଶିକ୍ଷା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ମାନସିଂହ ସାହିତ୍ୟ ସଂସଦ ସଭାପତି ବିଷ୍ଣୁ ପ୍ରସାଦ ଦଳେଇ, ସମ୍ମାନିତ ଅତିଥିଭାବେ ମାନସିଂହ ସାହିତ୍ୟ ସଂସଦର ସମ୍ପାଦକ ତଥା ଜଣେ ପ୍ରତିଷ୍ଠିତ କବି, ଗାଳ୍ପିକ ଲଳିତ ସ୍ୱାଇଁ, ରାଜକିଶୋର ବିଶ୍ୱାଳ, ଲକ୍ଷ୍ମୀଧର ବିଶ୍ୱାଳ ଯୋଗଦେଇଥିଲେ। ବିଦ୍ୟାଳୟର କୁନି କୁନି ଶିକ୍ଷାର୍ଥୀମାନେ ପିତା-ମାତା, ଗୁରୁମାନଙ୍କୁ ଚନ୍ଦନ, ଧୂପ, ଦୀପ ଦେଇ ପୂଜା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ରଶ୍ମିତା ପ୍ରଧାନ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର, ସିଲ୍ କପ୍ ଆଦି ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସଭାପତି ଜଗବନ୍ଧୁ ସେନାପତି, ସମ୍ପାଦକ ଶିବରାମ ଜେନା, ସହ ସମ୍ପାଦକ ଦୈତାରୀ ବିଶ୍ୱାଳ, କୋଷାଧ୍ୟକ୍ଷ ନଗେନ୍ଦ୍ର ଜଗଦେବ ନାୟକ, ବିଦ୍ୟାଳୟ ପରିଚାଳକ ସଂଘମିତ୍ରା ଦାସ, ସ୍କାଉଟ୍ସ ଶିକ୍ଷକ ସାଗର ସାହୁ, ନୃତ୍ୟ ନିର୍ଦ୍ଦେଶକ ବସନ୍ତ ସେଠୀ, ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ସମ୍ପାଦକ ପ୍ରକାଶ ଚନ୍ଦ୍ର ବିଶୋଇ ଯୋଗଦେଇଥିଲେ। ଶିକ୍ଷାବିତ୍ ପ୍ରଦୀପ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। କବି ବିଷ୍ଣୁ ପ୍ରସାଦ ଦଳେଇ, କବି ଲଳିତ କୁମାର ସ୍ୱାଇଁ ଓ ବରିଷ୍ଠ ସାମ୍ବାଦିକ କୈଳାଶ ଚନ୍ଦ୍ର ପଟ୍ଟନାୟକଙ୍କୁ ସମ୍ମାନିତ କରିଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ : ୦୧.୦୧.୧୯୨୦ (ଗୁରୁବାର)

ତିରୋଧାନ : ୧୫.୦୧.୨୦୨୬ (ଗୁରୁବାର)

୰ଗୁରୁବାରି ମହାନ୍ତି (୧୦୬ ବର୍ଷ)

ଗ୍ରାମ: ମମାନିପୁର, ବାମନବିନ୍ଧା, ପିରହାଟ, ଜିଲ୍ଲା- ଭଦ୍ରକ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, କର୍ତ୍ତବ୍ୟବପରାୟଣତା, ଏବଂ ମହାନୁଭବତା ଆମକୁ ସବୁଦିନ ପ୍ରେରଣା ଦେଉଥିବ। ଆପଣଙ୍କର ଅନୁପସ୍ଥିତି ଚିରଦିନ ପାଇଁ ଅପୂରଣୀୟ ହୋଇ ରହିବ। ଆପଣଙ୍କ ଏକାଦଶାହ ଅବସରରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ

Son- Gopal, Kailash, Kartika, Prahallad, Rabindra, Ramachandra, Rabi; Daughter- Laxmi, Kamali; Daughter-In-Law: Sudhapani, Nirupama, Kanchan, Puspa, Manorama, Tilotama; Grandson & Daughters- Mama, Lilu, Lipu, Dipu, Sini, Sonu, Chiku, Lipa, Dipa, Mamuni, Bulu, Tutunu, Ajata, Ranju, Babu, Lucy, Susmita; Nephew- Nila, Shanti; Great Grandson & Daughter - Barun, Shlok, Advik, Adidev, Jaga, Barsha, Chiki, Miku, Friends & Family

ସେଲ୍ ପ୍ରତିଷ୍ଠା ଦିବସରେ ରାଉରକେଲା ହାଫ୍ ମାରାଥନ





ଦୌଡ଼ିଲେ ୫୦୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ

ରାଉରକେଲା,୨୪।୧(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ପକ୍ଷରୁ ଶନିବାର ସେଲ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜାନୁଆରୀ ୨୪ରେ ଆରଏସପି ପକ୍ଷରୁ ଆୟୋଜିତ ରାଉରକେଲା ହାଫ୍ ମାରାଥନ - ୨୦୨୬ରେ ୫୦୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର ପ୍ରତିଯୋଗୀ ବିପୁଳ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏଥିରେ ଅନ୍ୟ ରାଜ୍ୟର ୧୨୫୧ ଜଣ ଜାତୀୟ ସ୍ତରୀୟ ଧାବକଙ୍କ ସମେତ ଏଆଇଏମଏସ (ଆନ୍ତର୍ଜାତୀୟ ମାରାଥନ୍ ଏବଂ ଦୂରତା ଦୌଡ ସଂଘ) ପ୍ରମାଣିକୃତ ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଯାହା ଇସ୍ପାତ ସହର ରାଉରକେଲାକୁ ବିଶ୍ୱ ଦୌଡ ମାନଚିତ୍ରରେ ସ୍ଥାନ ଦେଇଥିଲା। ଏହି ଉତ୍ସବରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ପୂର୍ବତନ ଡିଆଇସି ଅତନୁ ଭୌମିକ, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ସିଆଇଏସଏଫ ଡିଆଇଜି ରତନ କୁମାର, ରାଉରକେଲା ଏସପି ନିତେଶ ୱାଧୱାନୀ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଦୀନା ଦସ୍ତାଗୀର, ବିପିୟୁଟି କୁଳପତି ପ୍ରଫେସର ଅମିୟ ରଥ, ଏନଆଇଟି ରାଉରକେଲା ନିର୍ଦ୍ଦେଶକ ପ୍ରଫେସର ଉମା ମହେଶ୍ୱର ରାଓ, ଆରଏସପିର ସମସ୍ତ ନିର୍ବାହୀ ନିର୍ଦ୍ଦେଶକ, ଦୀପିକା ମହିଳା ସଂଘତିର ପରିଚାଳନା ପରିଷଦର ସଦସ୍ୟାଙ୍କ ସମେତ ଟ୍ରେଡ ୟୁନିଅନ ଏବଂ ଅଧିକାରୀ ସଂଘର ପ୍ରତିନିଧି ତଥା ପ୍ରଖ୍ୟାତ କ୍ରୀଡାବିତ ମାନେ ଉପସ୍ଥିତ ଥିଲେ।

ମାରାଥନରେ କ୍ରୀଡା ଜଗତରୁ ଅର୍ଜୁନ ପୁରସ୍କାର ପ୍ରାପ୍ତ ସୁନୀଲ ପାତ୍ର, ରୋମେନ ଘୋଷ, ଅନ୍ତର୍ଜାତୀୟ ମାରାଥନ ବିଜେତା ଡ.ସୁନିତା ଗୋଦାରା, ଅର୍ଜୁନ ପୁରସ୍କାର ପ୍ରାପ୍ତ ରଚିତା ମିସ୍ତ୍ରୀ, ରାଉରକେଲା ପରିବାରର ହକି ତାରକା ଅଲିମ୍ପିଆନ ଓ ଅର୍ଜୁନ ପୁରସ୍କାର ପ୍ରାପ୍ତ ବୀରେନ୍ଦ୍ର ଲାକ୍ରାଙ୍କ ଉପସ୍ଥିତି ମଧ୍ୟ ଦେଖିବାକୁ ମିଳିଥିଲା। ଏହି ମେଗା ଇଭେଣ୍ଟରେ ବିଭିନ୍ନ ବୟସ ବର୍ଗର ପୁରୁଷ ଏବଂ ମହିଳାମାନଙ୍କ ପାଇଁ ୨୧.୧ କିମି, ୧୦ କିମି ଏବଂ ୫ କିମି ଏବଂ ଭିନ୍ନକ୍ଷମ ଅଂଶଗ୍ରହଣକାରୀଙ୍କ ପାଇଁ ୨ କିମି ଦୌଡ ହୋଇଥିଲା। ମାରାଥନ ମାର୍ଗରେ ଫନ ସେଣ୍ଟର ମାନ ସ୍ଥାପନ କରାଯାଇଥିଲା।ଏଥିରେ ଦୌଡାଳିମାନଙ୍କୁ ଚିୟରଲିଡର ଏବଂ ପିଲାମାନେ ଉତ୍ସାହିତ କରିଥିଲେ। ଅଂଶଗ୍ରହଣକାରୀଙ୍କ ପାଇଁ ମାର୍ଗରେ ହାଇଡ୍ରେସନ୍ ପଏଣ୍ଟ ଏବଂ ଚିକିତ୍ସା ସହାୟତା ପଏଣ୍ଟ ସମେତ ବିସ୍ତୃତ ବ୍ୟବସ୍ଥା ଉପଲବ୍ଧ କରାଯାଇଥିଲା। ବିଧାୟକ ସାରଦା ପ୍ରସାଦ ନାୟକ, ଡିଆଇସି ଆଲୋକ ବର୍ମାଙ୍କ ଦ୍ୱାରା ବିଜେତାମାନଙ୍କୁ ଟ୍ରଫି ଏବଂ ନଗଦ ପୁରସ୍କାର ପ୍ରଦାନ କରାହୋଇଥିଲା। ବିଭିନ୍ନ ବର୍ଗରେ ବିଜେତାମାନଙ୍କୁ ମୋଟ ୭,୭୦,୮୦୦ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିବା ଜଣାପଡିଛି। ଦୌଡ ପୂର୍ବରୁ ଅଂଶଗ୍ରହଣକାରୀମାନଙ୍କୁ ଡ.ଗୋଦାରା ଏବଂ ଅନୁପ୍ରିୟା ସିହ୍ନାଙ୍କ ମାର୍ଗଦର୍ଶନରେ ଜୁମ୍ବା ମାଧ୍ୟମରେ ୱାର୍ମଅପ୍ କରାଯାଇଥିଲା। ଆରଏସପିର ନିଜସ୍ୱ ମ୍ୟୁଜିକ୍ ବ୍ୟାଣ୍ଡ 'ନିନାଦ'ର ଲାଇଭ୍ ମ୍ୟୁଜିକ୍ ଉତ୍ସବ ପରିବେଶକୁ ଆହୁରି ସ୍ପନ୍ଦନଶୀଳ କରିଥିଲା।

ଲଖନପୁରରେ ଲୋକ ମହୋତ୍ସବ ତିହାର



ଝାରସୁଗୁଡ଼ା,୨୪।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ପୌର ପରିଷଦ ଅଞ୍ଚଳର ଗୁମାଡେରା ସ୍ଥିତ ଜଗନ୍ନାଥ ମନ୍ଦିର ଠାରେ ପଶ୍ଚିମ ଓଡ଼ିଶା ମହା ଲୋକକଳା ସଂଗଠନ ପାଇଁ ଲଖନପୁର ଲୋକ ମହୋତ୍ସବ ତିହାର ସଭାପତି ପିତାମ୍ବର ମିଶ୍ରଙ୍କର ନେତୃତ୍ୱରେ ରାଷ୍ଟ୍ରକବି ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ରଚିତ ରାଷ୍ଟ୍ର ଗୀତ 'ବନ୍ଦେ ମାତରଂ'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବରେ ସାମୂହିକ ଗାନ ଆୟୋଜିତ ହୋଇଯାଇଛି। ସଚ୍ଚିଦାନନ୍ଦ ମିଶ୍ରଙ୍କର ଅଧ୍ୟକ୍ଷତାରେ ଆବାହକ ସଙ୍ଗୀତଜ୍ଞ ପ୍ରମୋଦ ଦାଶ, ସୁରେଶ ମହାନ୍ତି,କୁଳମଣି ବଗାର, ନିର୍ମଳ ଭୋଇ, ବ୍ରଜ ସୁନ୍ଦର ଶତପଥୀ, ଗୋପାଳ ମାଣିକ, ଚନ୍ଦ୍ରଶେଖର ନାଏକ, ଅରକ୍ଷିତ ସାହୁ, ସୁରେଶ ବେହେରା ଓ ଯୁଧିଷ୍ଠିର ସେଣ ପ୍ରଭୃତି ପ୍ରମୁଖ୍ୟ ଉପସ୍ଥିତ ରହି ରାଷ୍ଟ୍ରଗାନକୁ ସାମୂହିକ ଭାବେ ଗାୟନ କରିଥିଲେ।

ମାତୃ ସମ୍ମିଳନୀ ଓ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ



ଝାରସୁଗୁଡ଼ା,୨୪।୧(ସମିସ): ବ୍ରଜରାଜନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ ଓ ସପ୍ତ ଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂଯୁକ୍ତା ନାୟକ ଓ ନିଳାବତି ରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମାତୃଭାରତିର ସଦସ୍ୟା ମିନତୀ ମରେଇ ଉପସ୍ଥିତ ଥିଲେ। ବରିଷ୍ଠ ଗୁରୁମା ପୁଷ୍ପା ଜୈଶ୍ୱାଲ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗୁରୁମା ମାନଙ୍କ ଦ୍ୱାରା ସାମୂହିକ କଣ୍ଠ ସଂଗୀତ ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଝୁନାରାଣୀ ପତି ବ୍ୟକ୍ତିଗତ ଗୀତ ଗାନ କରିଥିଲେ। ଏହା ସହିତ ବିଭିନ୍ନ ଶକ୍ତି ସ୍ୱରୂପା ବେଶ ହୋଇ ପ୍ରତିଭା ପ୍ରଦର୍ଶନ ପରେ ମାଁ ମାନଙ୍କ ଦ୍ୱାରା ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା କରାଯାଇଥିଲା। ଏହା ପରେ ମାତୃଭାରତିର ସଭାପତି ଜଗତଜ୍ୟୋତି ଲିନା ଧନ୍ୟବାଦ ଅର୍ପଣ କରିଥିଲେ।

ମୋ ଭାରତ ପକ୍ଷରୁ କର୍ପୁରୀ ଠାକୁରଙ୍କ ଜୟନ୍ତୀ

ରାଉରକେଲା,୨୪।୧(ସମିସ): ମୋ ଭାରତ ପକ୍ଷରୁ ଆଶା କଲେଜରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାରତରତ୍ନ ଉପାଧି ପ୍ରାପ୍ତ ସ୍ୱର୍ଗତ କର୍ପୁରୀ ଠାକୁର ଜୀଙ୍କ ୩୮ ତମ ଜନ୍ମ ଜୟନ୍ତୀ ପାଳନ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଡ.ହିମାଂଶୁ ଶେଖର ଷଡଙ୍ଗୀ ଯୋଗ ଦେଇ ଯୁବ ପିଢ଼ିର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଟେଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଠାକୁର ଜୀଙ୍କ ମାନବିକତା, ନିଃସ୍ୱାର୍ଥପର ଦେଶସେବା, ଉଦାର ମନୋଭାବ, ଉଚ୍ଚ ଚିନ୍ତାଧାରା, ସାଧୁତା କର୍ତ୍ତବ୍ୟନିଷ୍ଠାତା ଉପରେ ଆଲୋକପାତ କରିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିଥିଲେ। ଅତିଥି ଭାବେ ବିଜେପି ନେତା ଲୀଳାଧର କାଲୋ ଯୋଗ ଦେଇଥିଲେ। ସ୍ୱର୍ଗତ କର୍ପୁରୀ ଠାକୁରଙ୍କ ରାଜନୈତିକ ଦକ୍ଷତା ଓ ବିହାର ପ୍ରତି ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ କଲେଜ ଅଧକ୍ଷ ଶିବୁନ ସାହୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ। ସଭାରେ କଲେଜ ଆଡମିନ ଅଫିସର ତୃଷାରାଣୀ ହୋତା, ଅଧ୍ୟାପିକା କ୍ଷୀରୋଦିନି ଭିତ୍ରିଆ, ରଞ୍ଜୁ ଦେଓ ସମେତ ଆଶା କଲେଜର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ଏନ୍ଇପି-୨୦୨୦ ଉପରେ ଜାତୀୟ କର୍ମଶାଳା

ରାଉରକେଲା,୨୪।୧(ସମିସ): ଓଡ଼ିଶାର ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ପକ୍ଷରୁ 'ଏନଇପି-୨୦୨୦: ଅଭିମୁଖୀକରଣ ଏବଂ ସଚେତନତା' ଶୀର୍ଷକ ଏକ ୮ ଦିନିଆ ଜାତୀୟ ଆଭାସୀ କର୍ମଶାଳା ଜାନୁଆରୀ ୧୫ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର 'ମାଳବ୍ୟ ମିଶନ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର (ଏମଏମଟିଟିସି)' ଜରିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟ ଶିକ୍ଷା ନୀତିର ପରିବର୍ତ୍ତନଶୀଳ ସଂସ୍କାର ବିଷୟରେ ଅଧ୍ୟାପକ ଓ ଗବେଷକମାନଙ୍କୁ ଅବଗତ କରାଇବା ମୂଳ ଲକ୍ଷ୍ୟ ଥିଲା। ୧୬ଟି ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ମାଧ୍ୟମରେ ସାରା ଭାରତରୁ ମୋଟ ୨୪୦ ଜଣ ଅଂଶଗ୍ରହଣକାରୀ ଯୋଗଦେଇ ବହୁମୁଖୀ ଶିକ୍ଷା, ଭାରତୀୟ ଜ୍ଞାନ ପରମ୍ପରା, ଶୈକ୍ଷିକ ନେତୃତ୍ୱ ଏବଂ ଡିଜିଟାଲ୍ ବୈଷୟିକ ଜ୍ଞାନକୌଶଳର ସମନ୍ୱୟ ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆଧୁନିକ ଶିକ୍ଷାଦାନ ପଦ୍ଧତି, ମୂଲ୍ୟାଙ୍କନ ସଂସ୍କାର ଏବଂ ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷା ପରିବେଶ ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନ ବାଙ୍ଗାଲୋର, ହରିୟାଣା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ଭିସୁଟ୍, ବୁର୍ଲା, ବିପିୟୁଟି, ରାଉରକେଲା ଏବଂ ଏନବିସିସି ଇଣ୍ଡିଆ ଲିମିଟେଡ୍ ଭଳି ପ୍ରତିଷ୍ଠିତ ଅନୁଷ୍ଠାନର ବିଶେଷଜ୍ଞ ଯୋଗ ଦେଇଥିଲେ। ଜାନୁଆରୀ ୨୩ରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପାଠ୍ୟକ୍ରମ ବିକାଶ ନିର୍ଦ୍ଦେଶକ ପ୍ରଫେସର ସୁଜିତ ଖୁଣ୍ଟିଆ ଅଧ୍ୟାପକମାନଙ୍କର ନିରନ୍ତର ଦକ୍ଷତା ବୃଦ୍ଧିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଏମଏମଟିଟିସି-ବିପିୟୁଟିର ପ୍ରୋଗ୍ରାମ ଡିରେକ୍ଟର ପ୍ରଫେସର ଅଶ୍ୱିନୀ ସାହୁ ଏବଂ ସଂଯୋଜକ ଡ.ଡି.ଚନ୍ଦ୍ରଶେଖର ରାଓ ପରିଚାଳନା କରିଥିଲେ।

ଜାତୀୟ ବାଳିକା ଦିବସ

ଦେବଗଡ଼,୨୪।୧(ସମିସ): ସୁଗୁଡା ପିଏମଶ୍ରୀ ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ବାଳିକା ଦିବସ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀମାନେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ପରିକ୍ରମା କରି ସଚେତନ କରାଇଥିଲେ। ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷୟିତ୍ରୀ ଦମୟନ୍ତୀ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓଡ଼ିଆ ଅଧ୍ୟାପିକା ସୁବ୍ରତା ସାହୁ ଯୋଗ ଦେଇଥିଲେ। ଅଙ୍ଗନବାଡି ସହାୟିକା ଶକୁନ୍ତଳା ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଗନବିହାରୀ ନାୟକ, ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ, ସହକାରୀ ଶିକ୍ଷୟିତ୍ରୀ ରଶ୍ମିତା ପ୍ରଧାନ, ସୁନନ୍ଦା ପାତ୍ର, ସାଫଲ୍ୟ ଆଚାର୍ଯ୍ୟ, ହରିପ୍ରିୟା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ କେ. ଅନିଲ, ମନୋଜ ବେହେରା, ପ୍ରୀତିସ୍ମିତା ବାର୍ଲା, କ୍ରୀଡା ଶିକ୍ଷକ ସୂର୍ଯ୍ୟକାନ୍ତ ମହନ୍ତ, କାର୍ଯ୍ୟାଳୟ ସହାୟକ ଜ୍ଞାନ ରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ପାନପୋଷ ସରସ୍ୱତୀ ଶିଶୁ ମନ୍ଦିରରେ ସପ୍ତଶକ୍ତି କାର୍ଯ୍ୟକ୍ରମ

ରାଉରକେଲା,୨୪।୧(ସମିସ): ପାନପୋଷ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଶନିବାର ସପ୍ତଶକ୍ତି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବେଦବ୍ୟାଦ ସଂସ୍କୃତ ମହାବିଦ୍ୟାଳୟର ବେଦ ବିଭାଗର ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ଦାସ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟା ଉଷାରାଣୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ ସପ୍ତଶକ୍ତି କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ମାତୃଭାରତୀ ମା'ମାନଙ୍କ ଦ୍ୱାରା ସାମୂହିକ ଗୀତ ଗାନ କରାଯାଇଥିଲା। ମୁଖ୍ୟ ଅତିଥି 'ପର୍ଯ୍ୟାବରଣ ଓ କୁଟୁମ୍ବ ପ୍ରବୋଧନରେ ମହିଳାମଙ୍କ ଭୂମିକା' ଶୀର୍ଷକ ଉପରେ ଅଭିଭାଷଣ ରଖିଥିଲେ। ଆଚାର୍ଯ୍ୟା ସସ୍ମିତା ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟା ଡଲି ସାହୁ 'ଭାରତ ବିକାଶରେ ମହିଳାଙ୍କ ଭୂମିକା' ଉପରେ ଆଲୋକପାତ କରିଥିଲେ। ଶେଷରେ ଆଚାର୍ଯ୍ୟା ସଂଯୁକ୍ତା କବି ଗୁରୁମାଙ୍କ ସହଯୋଗରେ ମାତୃଭାରତୀର ମା'ମାନେ ଶାନ୍ତି ପାଠ ଓ ବନ୍ଦେ ମାତରମ୍ ଗାନ କରି କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ।

୧୪ ଦିନ ପରେ ଭୁବନେଶ୍ୱର ଗଲା ଦୁର୍ଘଟଣାଗ୍ରସ୍ତ ବିମାନ



ଭୁବନେଶ୍ୱର ଏୟାରପୋର୍ଟରୁ ଯିବ କାନାଡା

ରାଉରକେଲା,୨୪।୧(ସମିସ): ସ୍ଥାନୀୟ ଜଲଦା ସ୍ଥିତ କଂସର ରୋଡ ନିକଟରେ ଜରୁରୀକାଳୀନ ଅବତରଣ ସମୟରେ ଦୁର୍ଘଟଣା ଗ୍ରସ୍ତ ଇଣ୍ଡିଆ ୱାନ୍ ବିମାନକୁ ମରାମତି ପାଇଁ ୨ଟି ସ୍ୱତନ୍ତ୍ର ଟ୍ରେଲରରେ ଶନିବାର ଭୁବନେଶ୍ୱର ବିମାନ ବନ୍ଦରକୁ ପଠାଯାଇଛି। ସେଠାରୁ ମରାମତି ପାଇଁ କାନାଡା ଯିବ ବୋଲି ସୂଚନା ମିଳିଛି। ତେବେ ଏକ ଟ୍ରଲର ବିମାନର ସମ୍ପୂର୍ଣ୍ଣ ଅଂଶ ଯାଇଥିବା ବେଳେ ଅନ୍ୟ ଏକ ଟ୍ରେଲରରେ ଭଗ୍ନ ଡେଣା ଦୁଇଟିକୁ ମରାମତି ପାଇଁ ଭୁବନେଶ୍ୱର ବିମାନ ବନ୍ଦରକୁ ପଠାଯାଇଥିବା ଜଣାପଡିଛି। ଏହି ଟ୍ରଲର ୨ଟିକୁ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପାଇଁ ୪ ଦିନ ଲାଗିବ ବୋଲି ସୂଚନା ମିଳିଛି। ଦୁର୍ଘଟଣା ଗ୍ରସ୍ତ ଉକ୍ତ ବିମାନର ଇଞ୍ଜିନ୍‌କୁ ଖୋଲି ରଖାଯାଇଛି। କାନାଡାରୁ ଆସୁଥିବା ଏକ ସ୍ୱତନ୍ତ୍ର କଣ୍ଟେନର ରାଉରକେଲାରେ ପହଞ୍ଚିବା ପରେ ସେଥିରେ ବିମାନର ଇଞ୍ଜିନ ଓ ଗୁରୁତ୍ୱପୂର୍ଣ୍ଣ ଅଂଶକୁ ଭୁବନେଶ୍ୱର ବିମାନବନ୍ଦର ପଠାଯିବ। ସେଠାରୁ ପୁନଶ୍ଚ ବିମାନ ଯୋଗେ କାନାଡାକୁ ମରାମତି ପାଇଁ ନିଆଯିବ ବୋଲି ସୂଚନା ମିଳିଛି। ଏହା ପୂର୍ବରୁ ଇଣ୍ଡିଆ ୱାନ ଏୟାରର ୪ ଜଣ ଇଞ୍ଜିନିୟରଙ୍କ ସମେତ ଏକ ୬ ଜଣିଆ ତାଲିମପ୍ରାପ୍ତ ଟିମ୍ ଦୁର୍ଘଟଣା ସ୍ଥଳରେ ପହଞ୍ଚି ବିମାନର ଇଞ୍ଜିନ ଓ ଯନ୍ତ୍ରାଂଶ ଖୋଲିଥିଲେ।

ନବ ଦାସ ଫାଉଣ୍ଡେସନ ତରଫରୁ ସ୍ୱାସ୍ଥ୍ୟ ଶିବିର

ଜିଲ୍ଲାବାସୀଙ୍କୁ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ସେବା ଯୋଗାଇବା ବାପାଙ୍କ ଶେଷ ଇଚ୍ଛା ଥିଲା: ବିଶାଳ ଓ ଦିପାଳୀ

ଝାରସୁଗୁଡ଼ା,୨୪।୧(ସମିସ): ନବ ଦାସ ଫାଉଣ୍ଡେସନ ତରଫରୁ ଶନିବାର ବିଶାଳ ସ୍ୱାସ୍ଥ୍ୟ ଶିବିର ବଡମାଳ ସ୍ଥିତ ଏକ ଘରୋଇ ହୋଟେଲ ନିକଟ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ୩ୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ପୂର୍ବତନ ବିଧାୟକ ଦିପାଳୀ ଦାସ ଓ ଭାଇ ବିଶାଳ



ଦାସଙ୍କ ଅଧ୍ୟକ୍ଷତାରେ ଏହି ଶିବିର ସଞ୍ଜୀବନୀ ହସ୍ପିଟାଲର ସହଯୋଗରେ ଆୟୋଜିତ ହୋଇଛି। ଶିବିରକୁ ସ୍ୱର୍ଗତ ନବ ଦାସଙ୍କ ପତ୍ନୀ ମିନତି ଦାସ ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟ ଶିବିରଟି ମାଗଣା ରହିଥିବା ବେଳେ ଲୋକଙ୍କ ପାଖରେ ଚିକିତ୍ସା ପହଞ୍ଚାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଶାଳ ଦାସ ଓ ଦିପାଳୀ ଦାସ କହିଥିଲେ। ଜିଲ୍ଲାର ସମସ୍ତ ଜନସାଧାରଣ ତଥା ରାଜ୍ୟବାସୀଙ୍କୁ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବା ବାପାଙ୍କ ଇଚ୍ଛା ଥିଲା ବୋଲି ସେମାନେ କହିଥିଲେ। ଅନୁଷ୍ଠିତ ଶିବିରରେ ଅସ୍ଥି ଓ ଶଲ୍ୟ ବିଶେଷଜ୍ଞ, ହୃଦରୋଗ ବିଶେଷଜ୍ଞ, ଚକ୍ଷୁରୋଗ ବିଶେଷଜ୍ଞ, ମେଡିସିନ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତୀରୋଗ ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞ, ଦନ୍ତରୋଗ ବିଶେଷଜ୍ଞ ପ୍ରମୁଖ ଭାବେ ମାଗଣାରେ ଇସିଜି ଓ ରକ୍ତ ପରୀକ୍ଷା ଆଦି ସ୍ୱାସ୍ଥ୍ୟ ସେବା ଶିବିରରେ ସୁବିଧା ଯୋଗାଇ ଦିଆଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ୪୦୦ ସହରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ନିଜର ସ୍ୱାସ୍ଥ୍ୟ ଯାଞ୍ଚ କରାଇଥିଲେ।

କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, ସାଧାରଣ ସମ୍ପାଦକ ପିଣ୍ଟୁ ପାଢ଼ୀ, ଦୋମୋଦର ନାଥ, ତାପସ ରାୟ ଚୌଧୁରୀ, ସନ୍ଦୀପ ଅବସ୍ତି, ଅଶୋକ ଦାସ, ପୱନ ସିଂହ ଯାଦବ, ପୱନ ଶର୍ମା, ଆଲୋକ ତ୍ରିପାଠୀ, ଚିତ୍ରେନି ପଟେଲ, ନବନିତ୍ କୋର, ଗୀତାଞ୍ଜଳି ପଣ୍ଡା, ମଧୁମିତା ଶୁଭନିଲ, ନେତ୍ରାରାନୀ ସାହା, ମମତା ଦୀପ, ବେବି ବର୍ମା, ଚିରଞ୍ଜୀବୀ ପତି, ସୁବାସ କେଡିଆ, ଗଣନାଥ ତ୍ରିପାଠୀ, ଚୂଡାମଣି ବଡ଼େଇ, ସମୀର ପ୍ରଧାନ, ପବିତ୍ର ପ୍ରଧାନ, ରାଜେନ୍ଦ୍ର ବାଗ, ଶିବାଶିଷ ପଟ୍ଟନାୟକଙ୍କ ସମେତ ଅନେକ କର୍ମକର୍ତ୍ତା ସହଯୋଗ କରିଥିଲେ।

ଚାଷ ଜମିର ନିଆଁରେ ଘରବାଡ଼ି ଭସ୍ମୀଭୂତ

ବଣାଇଁ,୨୪।୧(ସମିସ): ନରେନ୍ଦ୍ର ପଞ୍ଚାୟତ ଅଧୀନ ବିଶିପାଲିକୁ ଲାଗି ରହିଥିବା ଏକର ଏକର ଚାଷ ଜମିରେ ଶନିବାପ ଦିନ ଦ୍ୱିପ୍ରହରରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଦେଖିବାକୁ ମିଳିଛି। ଫଳରେ ଜମିରେ ରହିଥିବା ଶୁଖିଲା ପାଳରେ ନିଆଁ ଲାଗି ଚାରିଆଡେ ବ୍ୟାପି ଯାଇଛି। ଏପରିକି ଚାଷ ଜମି ନିକଟରେ ଥିବା ଜନବସତି ଅଞ୍ଚଳକୁ ମଧ୍ୟ ନିଆଁ ମାଡି ଯାଇଥିଲା। ଚାଷ ଜମି କଡରେ ଥିବା ମୁରଲୀଧର ବାଙ୍କଙ୍କ ଘର ବାଡିରେ ଏହି ନିଆଁ ବ୍ୟାପି ଯିବାରୁ ସମଗ୍ର ବଗିଚାରେ ଥିବା ଗଛ ପତ୍ରପୋଡି ଭସ୍ମୀଭୂତ ହୋଇଯାଇଛି। ସୈଭାଗ୍ୟ କ୍ରମେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଛନ୍ତି। ଘର ବାଡିରେ ହୁତୁହୁତୁ ହୋଇ ନିଆଁ ବ୍ୟାପୁ ଥିବା ଦେଖି ଘର ଲୋକେ ବଣାଇଁ ଦମକଳ ବାହିନୀକୁ ଖବର ଦେଇଥିଲେ। କିଛି ସମୟ ପରେ କର୍ମଚାରୀ ପହଞ୍ଚି ନିଆଁ ଲିଭାଇବା ସହ ନିଆଁକୁ ଆୟତ କରିଥିଲେ। ଘରବାଡି ସମ୍ପୂର୍ଣ୍ଣ ଜଳି ଯିବା ଫଳରେ ପ୍ରବଳ ମାତ୍ରାରେ ଧୂଆଁ ଉଠିଥିଲା।

ତେବେ ଅନେକ ସମୟରେ ଧାନ ଅମଳ ପରେ ଚାଷ ଜମିରେ ପଡିଥିବା ପାଳକୁ ଦୁର୍ବୃତ୍ତ ମାନେ ନିଆଁ ଲଗାଇ ଦେବାରୁ ନିଆଁ ଜନବସତିକୁ ମାଡିଆସୁଥିବା ଦେଖାଦେଉଛି। ଏହାଦ୍ୱାରା ଧନଜୀବନ କ୍ଷୟକ୍ଷତି ହେବାର ଆଶଙ୍କା ରହୁଛି। କଳକାରଖାନା ଧୂଆଁ ସହିତ ନିଆଁର ଧୂଆଁ ଏବେ ସାରା ଅଞ୍ଚଳକୁ ବିଷାକ୍ତ କରି ସାରିଲାଣି। ପରିବେଶ ପ୍ରଦୂଷଣ ନେଇ ସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଥିଲେ ମଧ୍ୟ ସଚେତନତା ଅଭାବରୁ ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବା ଜନସାଧାରଣରେ ଅଭିଯୋଗ ହେଉଛି। ଆଗକୁ ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କ୍ଷେତରେ ନିଆଁ ଲଗାଯିବା ଉପରେ କଟକଣା ଲଗାଯିବାକୁ ମତ ପ୍ରକାଶ ପାଇଛି।

ପୂଜା ବାହାନାରେ ଛେଣ୍ଡ ମନ୍ଦିରରୁ ଚୋରି

ରାଉରକେଲା,୨୪।୧(ସମିସ): ପୂଜା ବାହାନାରେ ମନ୍ଦିରରୁ ଚୋରି ଅଭିଯୋଗ ହୋଇଛି। ପାୱାର ହାଉସ ରୋଡ ସ୍ଥିତ ଆଖଣ୍ଡଳମଣି ମନ୍ଦିରରୁ ଏଭଳି ଅଭିଯୋଗ ଆସିଛି। ଜଣେ ଦୁର୍ବୃତ୍ତ ପୂଜା ବାହାନାରେ ମନ୍ଦିର ଭିତରକୁ ପ୍ରବେଶ କରିଥିଲା। ସୁଯୋଗ ଦେଖି ଘଣ୍ଟି ସମେତ ଅନ୍ୟ ସାମଗ୍ରୀ ନେଇ ଫେରାର ହୋଇଯାଇଥିଲା। କିଛି ସମୟ ପରେ ପୂଜକ ପୂଜା କରିବାକୁ ଆସିଥିବା ବେଳେ ପୂଜା ସାମଗ୍ରୀ ପାଇ ନଥିଲେ। ବହୁ ଖୋଜାଖୋଜି କରିବା ପରେ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ଫଳରେ ସିସିଟିଭିରେ କଏଦ ହୋଇଥିବା ଚୋରିର ସମସ୍ତ ଦୃଶ୍ୟରୁ ଘଟଣା ବିଷୟରେ ଜଣାପଡ଼ିଥିଲା।

ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାଳିକା ଦିବସ

ଝାରସୁଗୁଡ଼ା,୨୪।୧(ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ବାଳିକାଙ୍କ ବିକାଶ ଓ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜାତୀୟ ବାଳିକା ଦିବସ ଲଖନପୁର ବ୍ଲକ୍ ଅଧୀନ ବନ୍ଧବାହାଲ ପଞ୍ଚାୟତ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଦିବସ ପାଳନର ଉଦ୍ଦେଶ୍ୟ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ଯଥା ମାଗଣା ଆଇନ ସେବା, ଓଡ଼ିଶା ପୀଡିତା କ୍ଷତିପୂରଣ ଯୋଜନା, ଅନ୍ୟାନ୍ୟ ସରକାରୀ ଯୋଜନା ପ୍ରାଧିକରଣ ମାଧ୍ୟମରେ ଜଣେ ସାଧାରଣ ବ୍ୟକ୍ତି କିପରି ପାଇ ପାରିବ ଆଦି ବିଷୟରେ ଆଲୋକପାତ କରିଥିଲେ। ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଅଶ୍ୱିନୀ ନାଏକ ଯୋଗଦେଇ ସ୍ଥାୟୀ ଲୋକ ଅଦାଲତ ମାଧ୍ୟମରେ ବିଭିନ୍ନ ଜନ ଉପଯୋଗୀ ସେବାଗୁଡିକ କିପରି ସମସ୍ତେ ପାଇ ପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ ଅତିଥି ପରିଚୟ କରାଇବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ମଧ୍ୟସ୍ଥତା ମାଧ୍ୟମରେ ମାମଲା ଗୁଡିକର ସମାଧାନ, ମାଗଣା ହେଲ୍ପଲାଇନ ନମ୍ବର ୧୫୧୦୦, ଲୋକ ଅଦାଲତ ମାଧ୍ୟମରେ ମାମଲା ଗୁଡିକର ସମାଧାନ ଇତ୍ୟାଦି ବିଷୟରେ ସଚେତନ କରାଇଥିଲେ। ନ୍ୟାୟାଧିକାରୀ ଗାଁ ନ୍ୟାୟାଳୟ ଲଖନପୁର ବ୍ରଜେଶ ମିଶ୍ର ଯୋଗ ଦେଇ ବାଳିକା ମାନଙ୍କ ସୁରକ୍ଷା ପାଇଁ ଆଇନରେ ଥିବା ବିଭିନ୍ନ ଦିଗ ବିଷୟରେ ସୂଚନା ପ୍ରଦାନ କରିଥିଲେ। ବ୍ରଜରାଜନଗର ଉପଖଣ୍ଡ ସ୍ତରୀୟ ପୁଲିସ ଅଧିକାରୀ ଚିନ୍ତାମଣି ପ୍ରଧାନ ଯୋଗ ଦେଇ ବାଳିକା ମାନଙ୍କ ସୁରକ୍ଷା ଦିଗରେ ପୁଲିସର କାର୍ଯ୍ୟ ବିଷୟରେ ସଚେତନ କରାଇଥିଲେ। ଶିଶୁ ମଙ୍ଗଳ ସମିତି ଝାରସୁଗଡ଼ାର ଅଧ୍ୟକ୍ଷ ଆଶିଷ ପଣ୍ଡା ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା କାର୍ଯ୍ୟକ୍ରମରେ ଯୋଗ ଦେଇ ବାଳିକାମାନଙ୍କ ପାଇଁ ସରକାରୀ ସ୍ତରରେ ଥିବା ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇଥିଲେ। ପ୍ରାଧିକରଣ ସଚିବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଯୋଜନାବଦ୍ଧ ହତ୍ୟାକାଣ୍ଡ, ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

ଦିଅର ସହ ମିଶି ସ୍ୱାମୀଙ୍କୁ ହତ୍ୟା ପରେ ସର୍ପ ଦଂଶନର ରୂପ ଦେଇଥିଲା ସ୍ତ୍ରୀ

ଦେବଗଡ଼,୨୪।୧(ସମିସ)

ବାରକୋଟ ଥାନା ଖୁଲୁଣ୍ଡିପାଣି ଗାଁର ବହୁ ଚର୍ଚ୍ଚିତ ରମେଶ ନାଏକ ହତ୍ୟାକାଣ୍ଡ ଘଟଣାର ଶନିବାର ରାୟ ପ୍ରକାଶ ପାଇଛି। ଦେବଗଡ଼ ଜିଲ୍ଲା ତଥା ଦୌରା ଜଜ୍ ଦେବାଶିଷ ରାଉତ ଯୋଜନାବଦ୍ଧ ହତ୍ୟା ମାମଲାର ବିଚାର କରି ମୃତକଙ୍କ ସ୍ତ୍ରୀ ବିମଳା ନାଏକ ଏବଂ ସମ୍ପର୍କୀୟ ସାନଭାଇ ସୁର ନାଏକଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ସହିତ ୧୫ ହଜାର ଟଙ୍କା ଅର୍ଥଦଣ୍ଡ ଏବଂ ଜରିମାନା ଅନାଦେୟରେ ୩ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଦଫା ୩୦୨ରେ ଅପରାଧ ପାଇଁ ଆଜୀବନ କାରାଦଣ୍ଡାଦେଶ ଓ ୧୦ ହଜାର ଟଙ୍କା ଜରିମାନା ଏବଂ ଦଫା ୨୦୧ରେ ଅପରାଧ ପାଇଁ ୩ ବର୍ଷ କାରାଦଣ୍ଡାଦେଶ ଓ ୫ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡିଛି।

ଖୁଲୁଣ୍ଡିପାଣି ଗାଁର ରମେଶ ନାଏକଙ୍କୁ ବିମଳା ନାଏକ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ତାଳକୁଣ୍ଡି ଗାଁର ସମ୍ପର୍କୀୟ ଦିଅର ସୁର ନାଏକଙ୍କ ସହିତ ବିମଳା ସମ୍ପର୍କ ସ୍ଥାପନ କରିଥିଲେ। ଏହି ଅନୈତିକ ସମ୍ପର୍କକୁ ରମେଶ ବିରୋଧ କରିବାରୁ ହତ୍ୟାକାଣ୍ଡର ଶିକାର ହୋଇଥିଲେ। ଗତ ୨୦୧୮ ମସିହାରେ ବିମଳା ଏବଂ ସୁର ଉଭୟେ ମିଶି ରମେଶଙ୍କୁ ହତ୍ୟା କରିଥିଲେ। ଏହାକୁ ସର୍ପ ଦଂଶନର ରୂପ ଦେଇ ବିମଳା ବାରକୋଟ ଥାନାରେ ଏକ ମିଥ୍ୟା ମାମଲା ଦାଏର କରିଥିଲେ। ବିମଳାଙ୍କ ଅଭିଯୋଗ ଅନୁଯାୟୀ ବାରକୋଟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ବେଳେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଜଣାପଡିଥିଲା। ପରେ ଏକ ହତ୍ୟା ମାମଲା ରୁଜୁ କରି ମୃତକଙ୍କ ସ୍ତ୍ରୀ ବିମଳା ଏବଂ ସମ୍ପର୍କୀୟ ଭାଇ ସୁରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ମାମଲା ଦେବଗଡ଼ ଜିଲ୍ଲା ତଥା ଦୌରାଜଜ୍‌ଙ୍କ ଅଦାଲତରେ ବିଚାରାଧିନ ଥିବା ବେଳେ ସାକ୍ଷ୍ୟ, ପାରିପାର୍ଶ୍ୱିକ ପ୍ରମାଣ, ଦସ୍ତାବିଜ, ବୈଷୟିକ ଓ ବିଧି ବିଜ୍ଞାନ ପ୍ରମାଣକୁ ଆଧାର କରି ଅଦାଲତ ଆଜି ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ତରଫରୁ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ତଥା ସାଧାରଣ ଅଭିଯୋଜକ ଯୋଗେଶ୍ୱର ପାତ୍ର ମାମଲାର ପରିଚାଳନା କରୁଥିଲେ। ମାମଲାକୁ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ମହାନ୍ତି ଏବଂ ସହକାରୀ ନିର୍ଦ୍ଦେଶକ ନିରଞ୍ଜନ ନାୟକ ତଦାରଖ କରୁଥିଲେ।

ବେଲପାହାଡ଼ରୁ ୧.୬ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଝାରସୁଗୁଡ଼ା,୨୪।୧(ସମିସ): ଝାରସୁଗୁଡ଼ା ବେଲପାହାଡ ଥାନା ଅଞ୍ଚଳରୁ ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ଗୁମାଡେରା କିଶନ ଶର୍ମା (୫୭) ବୋଲି ପୁଲିସ ସୂଚନା ଦେଇଛି। ଗଞ୍ଜେଇ ଚାଲାଣ ହେଉଥିବା ନେଇ ପାଟ୍ରୋଲିଂ ଟିମ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅଟଳ ଛକରେ ଅଭିଯୁକ୍ତଙ୍କୁ କାବୁ କରିଥିଲା। ଅଭିଯୁକ୍ତ ନିକଟରୁ



ଗୋଟିଏ ହଳଦିଆ ରଙ୍ଗ ବ୍ୟାଗରେ ୧.୬ କେଜି ଗଞ୍ଜେଇ ମାଜିଷ୍ଟ୍ରେଟ ତଥା ଲଖନପୁର ଅତିରିକ୍ତ ତହସିଲଦାର ସନ୍ତୋଷ ନାଏକଙ୍କ ଉପସ୍ଥିତିରେ ଜବତ କରାଯାଇଥିଲା। ଏଥିସହ ବେଲପାହାଡ ପୁଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସରିଲା ଲୋକ ଉତ୍ସବ
ଉତ୍ସବରୁ ନିଜକୁ ଦୂରେଇ ରଖିଲେ ବିଜେପି ତୁଙ୍ଗ ନେତା

ବଲାଙ୍ଗିର,୨୪।୧(ସମିସ): ବଲାଙ୍ଗିର ଜିଲ୍ଲା ଲୋକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ସାଂସ୍କୃତିକ ମହାକୁମ୍ଭରେ ଚଳିତ ବର୍ଷ ଏହିଭଳି କିଛି ଘଟଣା ସାମ୍ନାକୁ ଆସିଥିଲା ଯାହାକି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ବିଶେଷ କରି ଉତ୍ସବରେ ପ୍ରତିଦିନ ସଂଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସଭାର ଅତିଥିମାନଙ୍କୁ ନେଇ ଅନେକ ଚର୍ଚ୍ଚା ହେବା ସହ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଅତିଥି ନିମନ୍ତ୍ରଣ ନାମରେ କମିଟି ବହୁ ଟଙ୍କା ଖର୍ଚ୍ଚ କରିଥିବା ବେଳେ ଲୋକଙ୍କ ଆଶା ମୁତାବକ ଅତିଥିମାନେ ନଆସିବା ସମସ୍ତଙ୍କୁ ନିରାଶ କରିଥିଲା। ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅତିଥି ଭାବେ ନିମନ୍ତ୍ରଣ ଦିଆଯାଇଥିଲା। ହେଲେ ମୁଖ୍ୟମନ୍ତ୍ରୀ ତ ଦୂରର କଥା ଜଣେ ବି କ୍ୟାବିନେଟ ମନ୍ତ୍ରୀ ଅତିଥି ଭାବେ ଯୋଗ ଦେଲେ ନାହିଁ। ଏପରିକି ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସମୟ ଦେଇ ନଥିଲେ। ମନ୍ତ୍ରୀ ତ ଛାଡ଼, ଉତ୍ସବରେ ବିଜେପିର ଜଣେ ହେଲେ ବିଧାୟକ କି ସାଂସଦଙ୍କୁ ମଧ୍ୟ ଜିଲ୍ଲା ମହୋତ୍ସବ ପାଇଁ ସମୟ ହୋଇ ନଥିଲା। ତେବେ ସମୟ ନଥିଲା ନା ବିରୋଧ ଭୟଥିବାରୁ ଜିଲ୍ଲା ମହୋତ୍ସବକୁ ଏହି ସବୁ ନେତା ମୁହଁ ମୋଡିଲେ ତାକୁ ନେଇ ସହରରେ ଚର୍ଚ୍ଚା ଲାଗି ରହିଛି।

କିନ୍ତୁ ଚଳିତ ବର୍ଷ ରାଜ୍ୟରେ ବିଜେପି ସରକାର ଥିବା ବେଳେ ଜିଲ୍ଲା ମହୋତ୍ସବକୁ ବିଜେପି ନେତା ମାନେ ସମୟ ନଦେବା ଚର୍ଚ୍ଚାର ବିଷୟ ପାଲଟିଛି। ଉତ୍ସବ ଆୟୋଜକ କମିଟି ପକ୍ଷରୁ ବହୁ ଟଙ୍କା ଖର୍ଚ୍ଚ କରି ପ୍ରତିନିଧି ମାନେ ଭୁବନେଶ୍ୱର ଯାଇ ନିମନ୍ତ୍ରଣ ଦେବା ସତ୍ତ୍ୱେ କେହି ଜଣେ ହେଲେ ଆସି ନଥିଲେ। ଏପରିକି ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା ଉପମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ଅନୁପସ୍ଥିତ ରହିଥିଲେ। ୫ ଦିନ ବ୍ୟାପୀ ଚାଲିଥିବା କାର୍ଯ୍ୟକ୍ରମ ବିଜେଡି ରାଜ୍ୟସଭା ସାଂସଦ ଉଦ୍‌ଘାଟନ କରିଥିବା ବେଳେ ବିଜେଡି ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ଉପସ୍ଥିତିରେ ଉଦ୍‌ଯାପିତ ହୋଇଥିଲା। ତେବେ ଜିଲ୍ଲାରେ ରହିଥିବା ୫ଟି ବିଧାନସଭା ଆସନରୁ ୪ଟି ବିଜେପି ହାତରେ ରହିଛି। ଏପରିକି ସାଂସଦ ମଧ୍ୟ ବିଜେପି ଦଳରୁ ହୋଇଛନ୍ତି। କିନ୍ତୁ ଜଣେ ବିଧାୟକ ଲକ୍ଷ୍ମଣ ବାଗଙ୍କୁ ଛାଡିଦେଲେ ଅନ୍ୟ କେହି ଉତ୍ସବରେ ଯୋଗ ଦେଇ ନାହାନ୍ତି। ଦୁଇ ଦିନ ଟିଟିଲାଗଡ ବିଧାୟକଙ୍କ ନାମ ରହିଥିଲା କିନ୍ତୁ ସେ ଶେଷ ମୁହୂର୍ତ୍ତରେ ଆସିବାକୁ ମନା କରିଦେଇଥିବା ପ୍ରଶାସନିକ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି। ସେହିପରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ସାଂସଦ ସଙ୍ଗୀତା ସିଂହଦେଓଙ୍କ ଅନୁପସ୍ଥିତିର କାରଣ ଜଣାପଡିନାହିଁ। ଅବଶ୍ୟ ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀଙ୍କ ଅନୁସାରେ ସମୟ ଅଭାବରୁ ଅନେକ ତାଙ୍କ ଦଳର ଅତିଥି ଆସିପାରୁ ନଥିବା କହିଥିଲେ।

ସେହିପରି ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଲୋଇସିଂହା ବିଧାୟକଙ୍କ ଅନୁପସ୍ଥିତି ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉଦ୍‌ଯାପନୀ ସଂଧ୍ୟାରେ ସେ ଯୋଗଦେବେ ବୋଲି ପୂର୍ବରୁ କୁହାଯାଉଥିବା ବେଳେ ସେ ମଧ୍ୟ ଶେଷ ମୁହୂର୍ତ୍ତରେ ମନା କରିଦେଇଥିଲେ। ଜିଲ୍ଲାର ବିଧାୟକ, ସାଂସଦ, ମନ୍ତ୍ରୀ କାହିଁକି ଜିଲ୍ଲା ଲୋକ ଉତ୍ସବ ଠାରୁ ନିଜକୁ ଦୂରେଇ ରଖିଲେ ତାହା ବଡ ପ୍ରଶ୍ନ ଭାବେ ଉଭା ହୋଇଛି। ତେବେ ସେ ଯାହା ହେଉନା କାହିଁକି ବିଜେଡି ସାଂସଦ ଓ ବିଜେଡି ବିଧାୟକ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ରହି ପ୍ରଶାସନର ସମ୍ମାନ ରଖିଥିବା ଲୋକେ ଆଲୋଚନା କରିଛନ୍ତି।

ବଲାଙ୍ଗିର ଲୋକ ଉତ୍ସବ ଉଦ୍‌ଯାପିତ
କଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଲୋକ ଉତ୍ସବର ଭୂମିକା ଗୁରୁତ୍ୱପୂର୍ଣ୍ଣ



ବଲାଙ୍ଗିର,୨୪।୧(ସମିସ)

ସ୍ଥାନୀୟ କୋଶଳ କଳା ମଣ୍ଡପରେ ଆୟୋଜିତ ୨୩ତମ ଲୋକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ସକାଳେ ଜୟଦେବ କଳାସଂସଦ ଦ୍ୱାରା ନୂତନ ମଞ୍ଚଠାରେ ଭକ୍ତିସଂଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୁରୁଣା ମଞ୍ଚରେ ଜିଲ୍ଲାସ୍ତରୀୟ ଲୋକ ନାଟକ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ବିଚାରକ ଭାବେ ପ୍ରହଲ୍ଲାଦ ଦର୍ଜି, ଭାଗରଥି ଦାସ ଏବଂ ଦେବାଧୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାସ୍ତରୀୟ ଦଳୀୟ ନାଟକ ପ୍ରତିଯୋଗିତାରେ ଚିକଳବାହାଲର ଶତୃଘନ ବେହେରା ଓ ଦଳ, ସିକୁଆର ରାମଜୀ ପାଠାଗାର, କୁଟେବପାଲିର ଭବାନୀ ଶଙ୍କର କଳା ପରିଷଦ, ମୁଦଲସରର ରାମଲୀଳା ଦଳ, ଦେଉଲଗା ରାମଲୀଳା ଦଳ, ରାମଲୀଳା ଦଳ ତମିଆଁ, ସିଲଣ୍ଡର ମାଁ ଦୁଆରସେନୀ ଦଣ୍ଡ, ସଇଁତଳାର ବୀରାଟ ଦରବାର ଦଳ ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଲୋକଉତ୍ସବ ସାଂସ୍କୃତିକ କମିଟି ଆନୁକୂଲ୍ୟରେ ଆକାଶବାଣୀ କଳାକାରଙ୍କ ଦ୍ୱାରା ଲୋକ ସଂଗୀତ ବିଚିତ୍ରା ମଞ୍ଚରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ତଥା ଲୋକଉତ୍ସବ ଉପାଧ୍ୟକ୍ଷ ଡ.ବିଜୟାନନ୍ଦ ସେଠୀଙ୍କ ସଭାପତିତ୍ୱରେ ଲୋକ ଉତ୍ସବର ଶେଷ ସନ୍ଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଯୋଗଦେଇ କଳା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଏହି ଉତ୍ସବର ମୁଖ୍ୟ ଭୂମିକା ରହିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣି ସୁନା, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର, ଅର୍ଥ କମିଟି ସହ ଅଧ୍ୟକ୍ଷ ସାଗର ସଂଗମ ଶତପଥୀ, ବରିଷ୍ଠ କଳାକାର ବିରଞ୍ଚି ନାରାୟଣ ତ୍ରିପାଠୀ, ଅଭ୍ୟର୍ଥନା କମିଟି ସହ ଅଧ୍ୟକ୍ଷ ଦେବଦତ୍ତ ବେହେରା ଓ ଦିନେଶ ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସ୍ୱର୍ଗତ ହ୍ୟୁମାନ ସାଗର ଓ ସ୍ୱର୍ଗତ କୁନୀ ଛତ୍ରିଆଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ମରଣିକାର ମୁଖ୍ୟ ସମ୍ପାଦକ ସନ୍ଦୀପ କୁଅଁର ମଞ୍ଚ ସଂଯୋଜନା ଓ ଅତିଥି ପରିଚୟ କରିଥିଲେ। ବଲାଙ୍ଗିର ମାଲପଡାର ବରିଷ୍ଠ କଳାକାର ଟଙ୍କଧର ମିଶ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନ ଓ ସମ୍ବର୍ଦ୍ଧନା ପର୍ବ ସହ ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ସଫେଇ କର୍ମଚାରୀ ନରସିଂହ ଦୀପଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ, ବଲାଙ୍ଗିର ରଶ୍ମିରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଜାତୀୟ କନ୍ୟା ସନ୍ତାନ ଦିବସ



ବଲାଙ୍ଗିର,୨୪।୧(ସମିସ): ବଲାଙ୍ଗିର ସରକାରୀ ମହିଳା ମହାବିଦ୍ୟାଳୟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ବେଟି ବଚାଓ ବେଟି ବଢ଼ାଓ' ସମ୍ପର୍କିତ ଶୋଭାଯାତ୍ରା ହୋଇଥିଲା। ଏଥିରେ 'ପଢ଼େଙ୍ଗେ ହମ୍ ବଢ଼େଙ୍ଗେ ହମ୍' ସ୍ଲୋଗାନ ଦିଆଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଅରବିନ୍ଦ ଓଝା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକକର୍ମୀ ଅରୁଣ ଖୁଆସ କିଶୋର ନ୍ୟାୟ ଆଇନ୍, ବାଲ୍ୟ ବିବାହ ଆଇନ୍, ଶିଶୁ ଶ୍ରମିକ ଆଇନ୍ ଓ ପିସିପି ଏନଡିଟି ଆଇନ ଉପରେ ଜଣାଇଥିଲେ। ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଝିଅମାନଙ୍କୁ ସଶକ୍ତ କରିବା ଦିଗରେ ସ୍ୱାସ୍ଥ୍ୟ, ଡିଜିଟାଲ୍ ସାକ୍ଷରତା, ଶିକ୍ଷା ଏବଂ ଏସଡିଜି ଏବଂ ବେଟି ବଚାଓ ବେଟି ପଢ଼ାଓ ସହିତ ସମନ୍ୱୟ ରଖିବା ପାଇଁ ମତ ପ୍ରକାଶ ପାଇଥିଲା। ଲିଙ୍ଗ-ଭିତ୍ତିକ ହିଂସାରୁ ସୁରକ୍ଷା ସୁନିଶ୍ଚିତ କରିବା, ଝିଅମାନଙ୍କୁ ଭବିଷ୍ୟତର ଡାକ୍ତର, ବୈଜ୍ଞାନିକ ଏବଂ ନେତା ଭାବେ ଚିହ୍ନଟ କରିବା ଆଦି ବିଷୟରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଦିଆଯାଉଥିବା ମାତୃ ପିତୃ ହରା ଶିଶୁଙ୍କ ପାଇଁ ଥିବା ଗ୍ରୀନ ସାର୍ଟିଫିକେଟ, ଯଶୋଦା ଯୋଜନା, ପୃଷ୍ଠପୋଷକତା ସହାୟତା ବିଷୟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ 'ଅରୁଣା'ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବରଗଡ଼ି ବିଶଦ ଭାବେ କହିଥିଲେ। କାର୍ଯ୍ୟକ୍ରମରେ ଚାଇଲ୍ଡ ହେଲ୍ପ ଲାଇନର ଏ ଚନ୍ଦ୍ରିକା ନନ୍ଦ, ସୁଦନ ଖମାରୀ, ଶୁଭମ୍ ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରଫେସର ସଦାଶିଭ ମଲ୍ଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ।



ଲୋଇସିଂହା: ଲୋଇସିଂହା ବ୍ଲକ୍ ଯୋଗୀସର୍ଡା ସ୍ଥିତ ପିଏମଶ୍ରୀ ହରିହର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଡିଲେଶ୍ୱରୀ କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସଚ୍ଚିଦାନନ୍ଦ ଭୋଇ ଧନ୍ୟବାଦ ଦେଇଥିଲେ।

ମୁରିବାହାଲ ଜୁନିୟର କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ମୁରିବାହାଲ,୨୪।୧(ସମିସ): ମୁରିବାହାଲ ଜୁନିୟର କଲେଜର ୩୫ତମ ବାର୍ଷିକ କ୍ରୀଡା ଉତ୍ସବ ଶନିବାର କଲେଜ ପରିସରରେ ସମାପନ ହୋଇ ଯାଇଛି। ଏହି ଅବସରରେ ୧୪ଟି ବିଭାଗର ୮୪ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଛି। ଜୁନିୟର କଲେଜ ତରଫରୁ ଗତ ୨୨ ତାରିଖରୁ ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆରେ ଉଭୟ ବିଭାଗର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବାର୍ଷିକ କ୍ରୀଡା ସହ ଯୁକ୍ତ ୨ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ମହାନନ୍ଦ ଅଧ୍ୟକ୍ଷତା କରିଥିଲେ। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ବଲାଙ୍ଗିର ଜିଲ୍ଲା ଭାଜପା ସଭାପତି ଶ୍ରୀବତ୍ସ ବେହେରା, ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସନ୍ତୀ ସେଠି, ସରପଞ୍ଚ ସଂଘର ବ୍ଲକ୍ ସଭାପତି ବିଶ୍ୱ ବିହାରୀ ଯୋଶୀ, ସାମ୍ବାଦିକ ଡ.ଭଗବାନ ମହାନ୍ତି, ଇଂରାଜୀ ବିଭାଗର ଅଧ୍ୟାପକ ହୃଦାନନ୍ଦ ପୁହାଣ, ପ୍ରମୁଖ ମଞ୍ଚାସୀନ ରହି କ୍ରୀଡା ଓ କଲେଜର ବିକାଶ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ବାଳିକା ବିଭାଗରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ପ୍ରେମସିଲା ଧରୁଆ ଓ ଲିଲୁ କୁଅରଙ୍କୁ ଚାମ୍ପିଅନ ଭାବେ ଟ୍ରଫି ପ୍ରଦାନ କରାଯାଇ ଥିଲା। କାର୍ଯ୍ୟକ୍ରମଙ୍କୁ ଶାନ୍ତରାମ ପଧାନ ଓ ପୂଜାରାଣୀ ରଥ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ରାଧେଶ୍ୟାମ ବଘାରଙ୍କର ନେତୃତ୍ୱରେ ଭାବନି ପୋଢ଼, ଲିଲି ପଧାନ, ଶିବାନୀ ପଧାନ, ସୁପ୍ରିୟା ନାୟକ, ଶଙ୍କର ଦେହୁରୀ, ନରେଶ ଶତନାମୀ, ନାରାୟଣ ଭୋଇ, ସଞ୍ଜୟ ବାଗ, ଅଭିମନ୍ୟୁ ଛୁରା ପ୍ରମୁଖ ସହଯୋଗ କରିଥିଲେ। ବିକ୍ରମ ତାଣ୍ଡି ଧନ୍ୟବାଦ ଅପଣ କରିଥିଲେ।

ପାରମ୍ପରିକ ଦେଶୀ ବିହନ ମେଳା



ଦେଓଗାଁ,୨୪।୧(ସମିସ): ଦେଓଗାଁ ବ୍ଲକ୍ ଅର୍ଜୁନପୁର ପଞ୍ଚାୟତ ଅଧୀନ ମଧୁପୁର ଗାଁର ଧରୁଆପଡାର କ୍ଲବ୍ ଘରେ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫଇଏସ) ଆନୁକୂଲ୍ୟରେ ଦେଶୀ ବିହନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଫଇଏସର ବ୍ଲକ୍ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲୋକ ଉନ୍ନତି ସଂଗଠନର ବ୍ଲକ୍ ସଂଯୋଜକ ରୂପାଧର ପୁଟା, ସମ୍ମାନିତ ଭାବେ ବିଶିଷ୍ଟ ଜୈବିକ ଚାଷୀ ନବୀନ ପୁଟା ପ୍ରମୁଖ ଯୋଗ ଦେଇଥିଲେ। ମାଷ୍ଟର ଟ୍ରେନର ପାଣିଗ୍ରାହୀ ଜଳବାୟୁ ପରିବର୍ତ୍ତନର ବିଭିନ୍ନ ଦିଗ ଓ ଜୈବିକ ସାର ପ୍ରସ୍ତୁତ ପ୍ରଣାଳୀ ଓ ବ୍ୟବହାର ବିଷୟରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଦଳର ସଦସ୍ୟା, ଅଗ୍ରଣୀ ଚାଷୀ ଉପସ୍ଥିତ ଥିଲେ।

ନେତ୍ରଭାନୁ ହାଇସ୍କୁଲର ପ୍ଲାଟିନମ୍ ଜୁବୁଲି ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି

ଦେଓଗାଁ,୨୪।୧(ସମିସ): ଦେଓଗାଁ ବ୍ଲକ୍ ଜରାସିଂହାର ସର୍ବପୁରାତନ ନେତ୍ରଭାନୁ ହାଇସ୍କୁଲର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ଲାଟିନମ ଜୁବୁଲି ଆୟୋଜନ ପାଇଁ ହାଇସ୍କୁଲର ସଭାକକ୍ଷରେ ଚୂଡାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜୁବୁଲି ପରିଚାଳନା କମିଟି ସଭାପତି ଲକ୍ଷ୍ମଣ ମେହେରଙ୍କ ସଭାପତିତ୍ୱରେ କମିଟି ସଦସ୍ୟ, ପୁରାତନ ଛାତ୍ର ଉପସ୍ଥିତ ଥିଲେ। ଜୁବୁଲି ଉତ୍ସବ ୨୭ରୁ ଆରମ୍ଭ ହେବାକୁ ନିଷ୍ପତ୍ତି ହୋଇଥିଲା। ପରେ ପୁଣି ଏଥିରେ ପରିବର୍ତ୍ତନ କରାହୋଇ କାର୍ଯ୍ୟକ୍ରମକୁ ଫେବୃଆରୀ ୫ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ କରିବା ପାଇଁ ଚୂଡାନ୍ତ ନିଷ୍ପତ୍ତି ନିଆଯାଇଥିବା କମିଟି ସଭାପତି ମେହେର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରର ପାରମ୍ପରିକ ସାଂସ୍କୃତିକ ଦଳ ସମେତ ଅତିଥି ଭାବେ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି।



ସୁକତେଲ ନଦୀରୁ ବେଆଇନ ବାଲି ଚାଲାଣ
୩ ହାଇୱା ଜବତ, ୩ ଗିରଫ



ବଲାଙ୍ଗିର,୨୪।୧(ସମିସ): ସୁକତେଲ ନଦୀ ପଠା ଦେଉଳପଦର ଘାଟରୁ ବଲାଙ୍ଗିର ବେଆଇନ ଭାବେ ବାଲି ଚାଲାଣ ହେଉଥିବା ବେଳେ ତିନୋଟି ହାଇୱାକୁ ଧରିବାରେ ପୁଇଁନ୍ତଲା ପୁଲିସ ସଫଳ ହୋଇଛି। ପ୍ରତିଦିନ ଉକ୍ତ ଘାଟରୁ ହାଇୱାରେ ବଲାଙ୍ଗିର ତଥା ଜିଲ୍ଲା ବାହାରକୁ ବାଲି ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଥିଲା। ସଂଧ୍ୟା ସମୟରେ ଚାଲାଣ ଚାଲିଥିବା ବେଳେ ପୁଇଁନ୍ତଲା ପୁଲିସର ଚଢ଼ଉ ଅଭିଯୋଗର ସତ୍ୟତା ରହିଥିବା ସ୍ପଷ୍ଟ ହୋଇଛି। ଏହି ଘଟଣାରେ ତିନି ହାଇୱାର ଡ୍ରାଇଭରଙ୍କୁ ପୁଲିସ ଗିରଫ କରି ତଦନ୍ତ ଚଳାଇଥିବା ଜଣାପଡିଛି। ସୂଚନା ଅନୁସାରେ ଗତ ୨୨ ତାରିଖ ସଂଧ୍ୟାରେ ୩ଟି ହାଇୱାରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ନେଇ ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଥାନା ଅଧିକାରୀ ସଞ୍ଜୟ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଏକ ପୁଲିସ ଟିମ ଜାମଗାଁ ଛକରେ ରହିଥିବା ଦେଓଲପଦର ଠାରୁ ବିଲେଇସର୍ଡା ଦେଇ ଅଙ୍କରିଆପଦର ଆଡକୁ ଯାଉଥିବା ବାଲି ବୋଝେଇ ହାଇୱାକୁ ଅଟକାଇ ପଚରାଉଚୁରା କରିଥିଲା। ତେବେ ତାଙ୍କ ପାଖରେ କୌଣସି ପ୍ରକାର ଅନୁମତି କିମ୍ବା କାଗଜପତ୍ର ନଥିବାରୁ ପୁଲିସ ସେହି ହାଇୱାକୁ ଜବତ କରିଥିବା ଜଣାପଡିଛି। ଏନେଇ ପୁଇଁନ୍ତଲା ଥାନାବ ମାମଲା ରୁଜୁ କରି ତିନି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ମଙ୍ଗଳାମୁଣ୍ଡା ଗାଁର ଗୌରୀ ଶଙ୍କର ବରଗଡ଼ି, ଜାମସର ଗାଁର ଶ୍ରୀନିବାସ ବରଗଡ଼ି ଓ ବାପିନା ବରଗଡ଼ି ବୋଲି ଜଣାପଡିଛି।

ବରିଷ୍ଠ ସାମ୍ବାଦିକ ରାମ ଅଗ୍ରୱାଲଙ୍କ ପରଲୋକ



ବଲାଙ୍ଗିର,୨୪।୧(ସମିସ): ବରିଷ୍ଠ ସାମ୍ବାଦିକ ରାମ ଆଗ୍ରୱାଲଙ୍କ ୭୯ ବର୍ଷ ବୟସରେ ପରଲୋକ ଘଟିଛି। ଦୀର୍ଘଦିନ ହେବ ସେ ଶାରୀରିକ ଅସୁସ୍ଥତା ଦେଇ ଗତି କରୁଥିଲେ। ଶୁକ୍ରବାର ତାଙ୍କର ଦେହାନ୍ତ ଘଟିଥିଲା। ଶେଷ ସମୟରେ ପତ୍ନୀ ସନ୍ତୋଷ, ବହୁ ନୈନା, ନାତି ଓମ୍‌ଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ବଲାଙ୍ଗିର ସାମ୍ବାଦିକ ଭବନକୁ ନିଆଯିବା ସହ ସେଠାରେ ସାମ୍ବାଦିକ ମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ଅଗ୍ରୱାଲ ବିଭିନ୍ନ ଗଣମାଧ୍ୟମ ତଥା ଗଣମାଧ୍ୟମ ସଂସ୍ଥା ପିଟିଆଇ ଓ ଅଲ ଇଣ୍ଡିଆ ରେଡିଓ, ଦୂରଦର୍ଶନ ପାଇଁ କାମ କରିଥିଲେ। ଏହସହ ଏନ୍‌ୟୁଜେର ଜିଲ୍ଲା ସଭାପତି ରହି ସାମ୍ବାଦିକଙ୍କ ସ୍ୱାର୍ଥ ଓ ସଙ୍ଗଠନ ପାଇଁ କାମ କରିଥିଲେ। ସେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହ ମଧ୍ୟ ଜଡିତ ରହିଥିଲେ।

ମୁଗକ୍ଷେତରୁ ନିଖୋଜ ବୃଦ୍ଧଙ୍କ ଗଳିତ ଶବ ଉଦ୍ଧାର



ଦେଓଗାଁ,୨୪।୧(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ମହଲାଇ ପଞ୍ଚାୟତ ଅଧୀନ ବୁଦେଲଗୁମା ପ୍ରାଥମିକ ବିଦ୍ୟାଳୟ ପଛପଟ ବଡକଁଟା ମୁଗକ୍ଷେତରୁ ୫ଦିନ ତଳୁ ନିଖୋଜ ହୋଇଥିବା ଜନୈକ ବୃଦ୍ଧଙ୍କ ଗଳିତ ଶବକୁ ଦେଓଗାଁ ପୁଲିସ ଶନିବାର ଉଦ୍ଧାର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ସୁନୀତା ଠେମେରିଆ ସୂଚନା ଦେଇଛନ୍ତି। ତୁଷୁରା ଥାନା ଅଧୀନ ଗୁଡଖାପଲା ସଞ୍ଜୟପଡାର ପ୍ରାୟ ୭୫ ବର୍ଷୀୟ ବୃଦ୍ଧ ଶ୍ୟାମସୁନ୍ଦର ରଣା ୫ଦିନ ତଳେ ଘରୁ କୁଆଡେ ଚାଲିଯାଇଥିବା ନେଇ ତାଙ୍କ ପୁଅ ତୁଷୁରା ଥାନାରେ ଅଭିଯୋଗ କରିଥିଲେ। ଶନିବାର ସକାଳ ପ୍ରାୟ ୮ଟାରେ ଜମି ମାଲିକ ଚାଷ କରିଥିବା ମୁଗକୁ ଦେଖିଯିବା ବେଳକୁ ଗଳିତ ଶବକୁ ଦେଖି ପୁଲିସକୁ ଖବର ଦେଇଥିଲେ। ଥାନାଧିକାରୀ ଠେମେରିଆ ଓ ରଞ୍ଜିତ ପଧାନଙ୍କ ସମେତ ଏସଆଇ ଦିପକ ଡୁଙ୍ଗଡୁଙ୍ଗ, ମନୋଜ ମିଶ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ବୃଦ୍ଧଙ୍କ ପରିବାର ଲୋକେ ଆସି ବୃଦ୍ଧଙ୍କୁ ଚିହ୍ନଟ କରିବା ପରେ ବଲାଙ୍ଗିର ଭୀମଭୋଇ ମେଡିକାଲକୁ ନେଇ ବ୍ୟବଚ୍ଛେଦ କରାଯାଇ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି।

ନୂଆ ବର୍ଷର ପ୍ରଥମ ମାସ ଅପରାଧ ପ୍ରବଣ
ମାସକ ଭିତରେ ୪ ହତ୍ୟା, ଏକାଧିକ ସନ୍ଦେହଜନକ ମୃତ୍ୟୁ

ବଲାଙ୍ଗିର,୨୪।୧(ସମିସ)

ନୂତନ ବର୍ଷର ପ୍ରଥମ ମାସରୁ ହିଁ ବଲାଙ୍ଗିର ଜିଲ୍ଲା ଅଶାନ୍ତ ହୋଇଛି। ମାସ ସରିବାକୁ ଗୋଟିଏ ସପ୍ତାହ ବାକି ଥିବାବେଳେ ସାମ୍ନାକୁ ଆସିଥିବା ଅନେକ ଅପରାଧ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏକାଧିକ ମୃତଦେହ ଉଦ୍ଧାର, ୪ଟି ସ୍ପଷ୍ଟ ହତ୍ୟା, ଏକାଧିକ ସନ୍ଦେହଜନକ ମୃତ୍ୟୁ ଭଳି ଘଟଣାମାନ ଜିଲ୍ଲା ପାଇଁ ଏକ ସତର୍କ ଘଣ୍ଟି ବଜାଇଛି। ଜିଲ୍ଲାରେ ଦିନକୁ ଦିନ ପୁଲିସ ପ୍ରତି ଅପରାଧିଙ୍କ ଭୟ କମୁଥିବା ସ୍ପଷ୍ଟ ହୋଇଛି। ଯଦିଓ କେତେକ ମାମଲାରେ ପୁଲିସକୁ ସଫଳତା ମିଳିଛି, କିନ୍ତୁ ଲଗାତାର ଅପରାଧ ଘଟାଇବା ପାଇଁ ଅଭିଯୁକ୍ତ ମାନେ କେମିତି ସାହସ କରୁଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି।

ସୂଚନା ଅନୁସାରେ ଜାନୁଆରୀ ୨ରେ ତୁଷୁରା ଥାନା ଦେଓଲଗାଁ ନିକଟସ୍ଥ ତେଲ ନଦୀରୁ ଜଣେ ଯୁବ ବ୍ୟବସାୟୀ ନଟରାଜ ଥନାପତିଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପ୍ରଥମେ ଏହାକୁ ଆତ୍ମହତ୍ୟା କୁହାଯାଉଥିବା ବେଳେ ପରବର୍ତ୍ତୀ ସମୟରେ ହତ୍ୟା ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ମୃତ ବ୍ୟବସାୟୀଙ୍କ ବଡଭାଇ ସମେତ ୮ ଜଣଙ୍କୁ ପୁଲିସ ଗିରଫ କରିଥିଲା। ସେହିପରି ଗତ ୭ ତାରିଖରେ ପାଟଣାଗଡ ଥାନା ସମଲେଶ୍ୱର ଗାଁରେ ଜମିଜମା ବିବାଦକୁ ନେଇ ରମାକାନ୍ତ ବାଗଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ପୁଲିସ ୫ ଜଣଙ୍କୁ ଗିରଫ କରିଥିଲା। ଗତ ୨୧ରେ ତୁଲସୀନଗରରୁ ସ୍ଥାନୀୟ ବାସିନ୍ଦା ଯଦୁମଣି ବରଗଡ଼ୀଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କ ପୁତୁରା ଅଜୁ ତାଙ୍କୁ ଆକ୍ରମଣ କରିଥିବା ବେଳେ ଡାକ୍ତରଖାନାରେ ଯଦୁମଣୀଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତ ଅଜୁକୁ ପୁଲିସ ଗିରଫ କରିଥିଲା। ଅନ୍ୟପକ୍ଷରେ ଗତ ୨୨ ତାରିଖରେ ଲରମ୍ଭା ଥାନା ହିର୍ଲି - କଦୋପାଣି ରାସ୍ତାରେ କାଦୋପାଣି ଗାଁର ଶିବ ସାହୁଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ହୋଇଥିଲା। ତଦନ୍ତରେ ତାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ଏହି ଘଟଣାରେ ପୁଲିସ ହିର୍ଲି ଗାଁର ଦୁଇ ଅଭିଯୁକ୍ତ ସୁଦାମ ବରିହା ଓ ଅର୍ଜୁନ ବରିହାକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଅନ୍ୟପକ୍ଷେ ଅନେକ ଗତ ୨ ତାରିଖରେ ଲରମ୍ଭା ଥାନା କାଦୋପାଣି ଗାଁର ନାବାଳକ ଘନଶ୍ୟାମ ବରିହା ନିଖୋଜ ମାମଲା ଏବେବି ଅସ୍ପଷ୍ଟ। ଗତ ୧୮ ତାରିଖରେ ଏକ ଖଣ୍ଡବିଖଣ୍ଡିତ ଗଳିତ ଶବ ଉଦ୍ଧାର ହୋଇଥିବା ବେଳେ ତାହା ଘନଶ୍ୟାମର ବୋଲି କୁହାଗଲା କିନ୍ତୁ ଏଯାଏ ତାହା ସ୍ପଷ୍ଟ ହୋଇନାହିଁ। ସେହିପରି ଗତ ୬ ତାରିଖରେ ପାଟଣାଗଡ ଥାନା ବରବାହାଲ ଗାଁର ଯୁବ ବ୍ୟବସାୟୀ କ୍ଷେତ୍ର କରୁଆଲ(୩୦)ଙ୍କ ଝୁଲନ୍ତା ମୃତଦେହ ସନ୍ଦେହଜନକ ଭାବେ ଉଦ୍ଧାର ହୋଇଥିଲା। ସେ ବ୍ୟବସାୟ ଟଙ୍କା ସଂଗ୍ରହ ପାଇଁ ଯାଇଥିବା ବେଳେ ରାତ୍ରି ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ। ପରଦିନ ତାଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିଲେ। ଗତ ୯ରେ ବଲାଙ୍ଗିର ସଦର ଥାନା ଶାନ୍ତିପଡାର ପ୍ରବୀଣ ମହାଲିଙ୍ଗଙ୍କ ମୃତଦେହ ପଥରଚେପା ନିକଟସ୍ଥ ଏକ ପୋଖରୀରୁ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର ହୋଇଥିଲା। ସେ ଗତ ୪ ତାରିଖରୁ ନିଖୋଜ ଥିବା ବେଳେ ତାଙ୍କୁ ପଥରଚେପାର ଏକ ପରିବାର ହତ୍ୟା କରିଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ନିରପେକ୍ଷ ତଦନ୍ତ ପାଇଁ ରାସ୍ତାରୋକ ମଧ୍ୟ କରିଥିଲେ। ଏହି ମାମଲା ଏବେବି ତଦନ୍ତାଧିନ ରହିଛି। ଗତ ୨୦ ତାରିଖରେ ଲୋଇସିଂହା ଥାନା ସାଲେଭଟା ଗାଁର କିସନ ମହାପାତ୍ରଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ସାଲେଭଟା ବଜାରକୁ ଲାଗିଥିବା ପୋଖରୀ ନିକଟରୁ ମିଳିଥିଲା। ଦିନକ ପୂର୍ବରୁ ସେ ନିଖୋଜ ଥିବା ବେଳେ ତାଙ୍କ ମୁହଁ ସମ୍ପୂର୍ଣ୍ଣ ଭାବେ କଳା ପଡିଯାଇଥିଲା ଏବଂ ତାଙ୍କ ପେଟରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଥିଲା। କିସନଙ୍କ ବଡଭାଇ କିଶୋର ତାଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ଅଭିଯୋଗ କରିଥିଲେ। ଶନିବାର ଦେଓଗାଁ ଥାନା ବୁଦେଲଗୁମାର ଏକ ମୁଗବାରୀରୁ ଜଣକର ମୃତଦେହ ଉଦ୍ଧାର ହୋଇଛି। ଏହାର ଛାନଭିନ ପୁଲିସ ଚଳାଇଥିବା ବେଳେ ସେନେଇ କିଛି ସ୍ପଷ୍ଟ ସୂଚନା ମିଳିନାହିଁ।

ତେବେ ଗତ ୨୪ ଦିନ ଭିତରେ ଘଟିଥିବା ଏହି ଘଟଣା ଗୁଡିକ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତିର ସ୍ପଷ୍ଟ ଚିତ୍ର ଉଜାଗର କରିଛି। ପୁଲିସ କେତେକ ହତ୍ୟା ମାମଲାରେ ଅପରାଧିଙ୍କୁ ଧରିବାରେ ସଫଳ ହୋଇଛି ସତ କିନ୍ତୁ ଅପରାଧ ଘଟାଇବା ପାଇଁ ଅଭିଯୁକ୍ତ ମାନ କେମିତି ସାହସ ହେଉଛି ତାହା ଅନୁଶୀଳନ କରିବାର ସମୟ ଆସିଛି।

ବଲାଙ୍ଗିରରେ କମୁଛି ପୁଲିସ ପ୍ରତି ଭୟ

ଓଡ଼ିଶାର କାର୍ଯ୍ୟକ୍ରମକୁ କରାଇ ନ ଦେବାକୁ ଆନ୍ଧ୍ରର ଷଡ଼ଯନ୍ତ୍ର

ଉପରସେମ୍ବ୍ରୀ ଗ୍ରାମରେ ତମ୍ବୁ ଉପାଡ଼ିଲେ ଲୋକେ

ପଟ୍ଟାଙ୍ଗି, ୨୪।୧(ସମିସ)



ଓଡ଼ିଶାର କାର୍ଯ୍ୟକ୍ରମ ଓଡ଼ିଶା-ଆନ୍ଧ୍ର ବିବାଦୀୟ କୋଟିଆ ଅଞ୍ଚଳରେ କରାଇ ନଦେବା ନେଇ ଆନ୍ଧ୍ର ପୁଣି ଷଡ଼ଯନ୍ତ୍ର କରୁଥିବା ନଜରକୁ ଆସିଛି। ଉପର ସେମ୍ବ୍ରୀ ଗ୍ରାମରେ ଓଡ଼ିଶାର କାର୍ଯ୍ୟକ୍ରମ ନିମନ୍ତେ ଲାଗିଥିବା ତମ୍ବୁ ଗୁଡ଼ିକୁ ସ୍ଥାନୀୟ ଲୋକଙ୍କୁ ଉସୁକାଇ ଆନ୍ଧ୍ର ପକ୍ଷରୁ ହଟାଯାଇଥିବା ନଜରକୁ ଆସିଛି। ସୂଚନାନୁଯାୟୀ, ଓଡ଼ିଶା ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆ ପଞ୍ଚାୟତରେ ରବିବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଗସ୍ତ କାର୍ଯ୍ୟକ୍ରମ ରହିଛି। ସେନେଇ କୋଟିଆ ପଞ୍ଚାୟତର ଉପର ସେମ୍ବି ଗ୍ରାମରେ କାର୍ଯ୍ୟକ୍ରମ ପାଇଁ ତମ୍ବୁ ଲଗାଯାଇଥିଲା। ତେବେ ଆନ୍ଧ୍ରର କିଛି ଏଜେଣ୍ଟମାନେ ସ୍ଥାନୀୟ ଲୋକଙ୍କୁ ଓଡ଼ିଶା ଏଠାରେ ଖଣି ଖନନ କରିବା ନିମନ୍ତେ ଯୋଜନା କରି ଉକ୍ତ କାର୍ଯ୍ୟକ୍ରମ କରାଉଚି କହି ଅପପ୍ରଚାର କରିଛନ୍ତି। ଯାହା ଫଳରେ ସ୍ଥାନୀୟ ଲୋକେ ସେଠାରେ ଗୋଷ୍ଠିଗତ ଭାବେ ପହଞ୍ଚି ଲାଗିଥିବା ତମ୍ବୁ ଗୁଡ଼ିକୁ ଉପାଡ଼ି ଦେଇଥିବା ନେଇ ଜଣାପଡ଼ିଛି। ଉକ୍ତ ଘଟଣା ନେଇ ସୂଚନା ପାଇ ତହସିଲଦାର ଦେବେନ୍ଦ୍ର ଧାରୁଆ ସେଠାରେ ଯାଞ୍ଚ କରିବା ନିମନ୍ତେ ପହଞ୍ଚିଥିବା ଜଣାପଡ଼ିଛି।

ପରେଡ ଅଭ୍ୟାସ ବେଳେ ଛାତ୍ରଛାତ୍ରୀଙ୍କ ୧୩ ମୋବାଇଲ ଚୋରି



ଉମରକୋଟ, ୨୪।୧(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟଠାରେ ସାଧାରଣତନ୍ତ୍ର ଦିବସ ପାଇଁ ଉପଖଣ୍ଡସ୍ତରୀୟ ପରେଡ ପାଇଁ ଛାତ୍ରଛାତ୍ରୀମାନେ ଅଭ୍ୟାସ କରୁଥିବା ବେଳେ ପ୍ରାୟ ୧୩ ଜଣ ଛାତ୍ରଛାତ୍ରୀଙ୍କ ୧୩ ଟି ଦାମୀ ମୋବାଇଲ ଓ ସ୍କୁଟି ଚାବି ଚୋରି ହୋଇଯାଇଛି। ସୂଚନାନୁଯାୟୀ, ଡିଏନକେ ଷ୍ଟାଡିୟମଠାରେ ଉମରକୋଟ ଉପଖଣ୍ଡସ୍ତରୀୟ ପରେଡରେ ଅଂଶଗ୍ରହଣ କରୁଥିବା ଉମରକୋଟ ସହରର ପ୍ରାୟ ୨୨ ଟି ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଟ୍ରୁପ ଅଂଶ ଗ୍ରହଣ କରିଥିଲେ। ଶନିବାର ପୂର୍ବଭ୍ୟାସର ଅନ୍ତିମ ଦିବସ ଥିଲା। ଆଜି ପ୍ରାୟ ୨ଟା ୩୦ ସମୟରେ ସମସ୍ତ ଟ୍ରୁପ୍ ଡିଏନକେ ପଡ଼ିଆଠାରେ ପହଞ୍ଚି ଯାଇଥିଲେ। ତେବେ ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟର ଏନସିସି ଦଳର ଛାତ୍ରଛାତ୍ରୀମାନେ ଷ୍ଟାଡିୟମ ଭିତରେ ଜଣଙ୍କର ଗୋଟିଏ ସ୍କୁଟିର ଫୁଟରେଷ୍ଟରେ ଗୋଟିଏ କପଡ଼ା ବ୍ୟାଗରେ ୧୩ଟି ଦାମୀ ମୋବାଇଲ ଓ ସ୍କୁଟି ଚାବି ରଖି ପରେଡରେ ଅଂଶ ଗ୍ରହଣ କରୁଥିଲେ। ତେବେ ପ୍ରାୟ ୫ଟା ୪୫ ମିନିଟରେ ପରେଡ଼ ସରିବା ପରେ ବ୍ୟାଗ ନଥିବା ଦେଖିବାକୁ ପାଇଥିଲେ। ଚୋରି ହୋଇଥିବା ୧୩ ଟି ମୋବାଇଲରୁ ୫ ଜଣ ଛାତ୍ରୀଙ୍କ ରହିଛି। ଆଜି ସନ୍ଧ୍ୟାରେ ଛାତ୍ରଛାତ୍ରୀମାନେ ଉମରକୋଟ ଥାନାରେ ଏତଲା ଦେଇଛନ୍ତି। ପୁଲିସ ଚୋରକୁ ଧରିବା ପାଇଁ ତଦନ୍ତ ଆରମ୍ଭ କରିଛି।

ଜାତୀୟ ବାଳିକା ଦିବସ ପାଳିତ



ନନ୍ଦପୁର, ୨୪।୧(ସମିସ): ନନ୍ଦପୁର ଉଚ୍ଚ ମାଧ୍ୟମିକ ବାଳିକା ବିଦ୍ୟାଳୟରେ ଜାତୀୟ ବାଳିକା ଦିବସ ପାଳନ କରାଯାଇଛି। 'କନ୍ୟା ସନ୍ତାନକୁ ଦିଅ ସୁରକ୍ଷା, ସେ ହିଁ କରିବ ଦେଶର ରକ୍ଷା' ଶୀର୍ଷକକୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ବକ୍ତାମାନେ ବାଳିକା ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ଅତିଥିମାନେ ଆଜି କନ୍ୟା ଘର ଅଗଣାରୁ ଆରମ୍ଭ କରି ସମସ୍ତ କ୍ଷେତ୍ରରେ ନିଜକୁ ପ୍ରମାଣିତ କରିପାରିଛନ୍ତି ବୋଲି ମତପୋଷଣ କରିବା ସହ ସମାଜ ଓ ଦେଶ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି ବୋଲି କହିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସହିଦ ଲକ୍ଷ୍ମଣ ନାୟକ ଆଦିବାସୀ ସେବା ମଞ୍ଚ ସଭାପତି ଭଗବାନ ପେଟିଆ, ମୁଖ୍ୟବକ୍ତା ଭାବେ ଯୁବ ନେତା ସାମୁଏଲ୍ ଦଳପତି, ସମ୍ମାନିତ ଅତିଥି ଭାବେ ପ୍ରଭାତ ଗୁରୁମାଇ, ପ୍ରେସକ୍ଲବ୍ ସମ୍ପାଦକ ରମେଶ କୁମାର ଅଧିକାରୀ, ଉପସଭାପତି ବିମଳ ରାଓ ସ୍ମିଥ, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ପାଢ଼ି ପ୍ରମୁଖ ସମୟ ସହିତ ତାଳ ଦେଇ ଉତ୍ତମ ଶିକ୍ଷା ଗ୍ରହଣ କରି ବାଳିକା ହେବାର ସ୍ୱଭାଗ୍ୟ ନିଅ ବୋଲି କହିଥିଲେ। ସାମୁଏଲ୍ ଖେମୁଣ୍ଡୁ, ଶ୍ରୀରାମ ଖରା ପ୍ରମୁଖ ଉପସ୍ଥିତ ରହି ବାଳିକା ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଦମୟନ୍ତୀ କୁମାରୀ ପାଙ୍ଗି, ପରମେଶ୍ୱରି ବୁରୁଡ଼ି, ଶ୍ରୀଅର୍ଚ୍ଚନା ବିଶ୍ୱାଳ, ଦେବସ୍ମିତା ନାୟକ, ପ୍ରେମାନନ୍ଦ ବେହେରା, ପରମାନନ୍ଦ କରୁଆଁ, ନିରଞ୍ଜନ ମହାନନ୍ଦିଆ, ରାମଚନ୍ଦ୍ର ବେହେରା, ଜ୍ୟୋତିରଞ୍ଜନ ସାହୁ, ମଦନାବତି ମଲ୍ଲିକ, ଶିବାନୀ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ବାଳିକାଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀମାନେ ନାଚ ଓ ଗୀତ ପରିବେଷଣ କରି ସଭାକୁ ମନୋରଞ୍ଜନ କରାଇଥିଲେ।

ଦିବ୍ୟ ହୃଦୟ ବାଳିକା ଉଚ୍ଚ ବିଦ୍ୟାଳୟରେ ବନ୍ଦ ହେଲା ତିନି ଶ୍ରେଣୀ

● ବାଧ୍ୟତାମୂଳକ ଟିସି ଦେଇ ପିଲାଙ୍କୁ ବିଦା କଲେ କର୍ତ୍ତୃପକ୍ଷ

ତେନ୍ତୁଲିଖୁଣ୍ଟି, ୨୪।୧(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ସ୍ଥିତ ଦିବ୍ୟ ହୃଦୟ ବାଳିକା ଉଚ୍ଚ ବିଦ୍ୟାଳୟରେ ଦଶନ୍ଧି ଧରି ଚାଲୁ ରହିଥିବା ଷଷ୍ଠ ରୁ ଅଷ୍ଟମ ଶ୍ରେଣୀ ଚଳିତ ବର୍ଷ ବନ୍ଦ ହୋଇଛି। ବିଦ୍ୟାଳୟରେ କେବେଳ ନବମ ଏବଂ ଦଶମ ଶ୍ରେଣୀ ଶିକ୍ଷାଦାନ ଜାରି ରହିଛି। ତେବେ ପୂର୍ବରୁ ଅଧ୍ୟୟନ କରୁଥିବା ଛାତ୍ରୀଙ୍କୁ ବାଧ୍ୟତାମୂଳକ ଟିସି ଦେଇ ଅନ୍ୟ ବିଦ୍ୟାଳୟକୁ ପଠାଯାଇଥିବା ଅଭିଯୋଗ ହୋଇଛି। ବିଗତ ବର୍ଷ ଏହି ତିନି ଶ୍ରେଣୀର ଛାତ୍ରୀ ଙ୍କୁ ଅନ୍ୟ ବିଦ୍ୟାଳୟ ପଠାଇ ଶ୍ରେଣୀ ଖାଲି କରି ଶିକ୍ଷାଦାନ ବନ୍ଦ କରାଯିବା ପଛର ରହସ୍ୟ କ'ଣ ବୋଲି ସାଧାରଣରେ ଆଲୋଚନା ହେଉଛି। କାହା ଅବହେଳାରୁ ଏହି ବିଦ୍ୟାଳୟର ଶିକ୍ଷାଦାନ ବନ୍ଦ ହେଲା? ଯଦି ବିଦ୍ୟାଳୟରେ ପୂର୍ବରୁ ଅନୁମତି ନଥିଲା ତେବେ କେଉଁ ଆଧାରରେ ବର୍ଷ ବର୍ଷ ଧରି ଛାତ୍ରୀଙ୍କ ନାମ ଲେଖା ହେଉଥିଲା? ସରକାର ପ୍ରଦାନ କରୁଥିବା ଏମଡିଏମ ବର୍ଷ ବର୍ଷ ଧରି ଛାତ୍ରୀ ଙ୍କୁ କିଭଳି ପ୍ରଦାନ କରାଯାଉଥିଲା, ଯଦି ଅନୁମତି ରହିଥିଲା ତେବେ କାହିଁକି ଅନୁମତି ଅବଧି ବୃଦ୍ଧି ନକରି ଛାତ୍ରୀଙ୍କ ଭବିଷ୍ୟତ ସହ ଖେଳି ଅନ୍ୟ ବିଦ୍ୟାଳୟକୁ ପଠାଗଲା ବୋଲି ପ୍ରଶ୍ନ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି ବ୍ଲକବାସୀ। ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ ଦାସଙ୍କୁ ପଚାରିବାରୁ ପୂର୍ବରୁ ଅନୁମତି ରହିଥିଲା, କିନ୍ତୁ ବିଦ୍ୟାଳୟ ପକ୍ଷରୁ ଅନୁମତି ଅବଧି ବୃଦ୍ଧି କରାଯାଇ ନ ଥିବାରୁ ଏହି ତିନି ଶ୍ରେଣୀ ବନ୍ଦ କରାଯାଇଛି। ସେଠାରେ ଅଧ୍ୟୟନ କରୁଥିବା ଛାତ୍ରୀଙ୍କୁ ଆଖପାଖ ବିଦ୍ୟାଳୟ ଗୁଡିକରେ ନାମଲେଖା ଯାଇଛି ବୋଲି କହିଛନ୍ତି।

ସିଟି ହାଇସ୍କୁଲରେ ବାର୍ଷିକ କ୍ରୀଡା ପୁରସ୍କାର ବଣ୍ଟନ ଉତ୍ସବ



ଜୟପୁର, ୨୪।୧(ସମିସ): ଜୟପୁର ସିଟି ହାଇସ୍କୁଲରେ ବାର୍ଷିକ କ୍ରୀଡା ପୁରସ୍କାର ବଣ୍ଟନ ଉତ୍ସବ ଆଜି ଅନୁଷ୍ଠିତ ହୋଇଥିଲା। ତେଲୁଗୁ ସଂସ୍କୃତି ସମିତିର ଅଧ୍ୟକ୍ଷ ବିରେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରମେୟ ଓଡ଼ିଆ ଦୈନିକ ଖବର କାଗଜର ଜୟପୁର ବ୍ୟୁରୋ ମୁଖ୍ୟ ପ୍ରକାଶ ଚନ୍ଦ୍ର ଦାଶ ଯୋଗ ଦେଇ ନିଜ ବକ୍ତବ୍ୟରେ କଠିନ ପରିଶ୍ରମ, ଶୃଙ୍ଖଳା ଓ ସମର୍ପଣ ଛାତ୍ରଛାତ୍ରୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ତେଣୁ ବିଫଳତା ପାଇଁ କେବେ ନିରାଶ ନ ହୋଇ ଏହାକୁ ସଫଳତାର ସ୍ତମ୍ଭ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ଏ. ଶ୍ରୀନିବାସ ରାଓ, କେ. ରାମ କୃଷ୍ଣ, ଏସ୍. ଈଶ୍ୱର ରାଓ, ପି. ଶିବ ପ୍ରସାଦ, ସିଟି ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷ ସୁଧାକର ପଟ୍ଟନାୟକ, ପ୍ରଧାନ ଶିକ୍ଷୟିତ୍ରୀ ବି ସୁଜାତା, ଶିକ୍ଷୟିତ୍ରୀ ସସ୍ମିତା ସାହୁ ଏବଂ ତେଲୁଗୁ ମାଧ୍ୟମ ଏମ୍‌ଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଏମ୍. ମାଧବୀ ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ଶିକ୍ଷକ ପ୍ରତାପ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସିଟି ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଏମ୍. ସୌଜନ୍ୟା ଏବଂ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ସହାୟତା କରିଥିଲେ। ନବମ ଶ୍ରେଣୀର ଛାତ୍ର ସୁରଜ ଖୋସଲା ଏବଂ ଛାତ୍ରୀ ପରୱିନଙ୍କୁ ବାର୍ଷିକ କ୍ରୀଡାରେ ଉଭୟ ବାଳକ, ବାଳିକା ବିଭାଗର ଚାମ୍ପିଅନ ପୁରସ୍କାର ପ୍ରଦାନ କରାଯାଇଥିଲା।

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ



କୋରାପୁଟ, ୨୪।୧(ସମିସ): ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପୂଜାରୀପୁଟ ଷ୍ଟାଡିୟମଠାରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଆୟୋଜିତ ହୋଇଯାଇଛି। ଏହି ମ୍ୟାଚରେ ୩ଟି ଦଳ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ପ୍ରଶାସନ, ଓକିଲ ସଂଘ ଓ ପ୍ରେସ୍ ଏକାଦଶ ମଧ୍ୟରେ ମ୍ୟାଚ ଆୟୋଜନ କରାଯାଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର ମୁଖ୍ୟଅତିଥି ଭାବେ ଯୋଗ ଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିବା ବେଳେ ନିଜେ ମଧ୍ୟ ଖେଳିଥିଲେ। ଏହି ଅବସରରେ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତଙ୍କ ଭିତରେ ସୁସମ୍ପର୍କ ସ୍ଥାପନ କରିବା ପାଇଁ ଏହି ମ୍ୟାଚର ଆୟୋଜନ କରାଯାଇଥିଲା ବୋଲି ସେ କହିଛନ୍ତି। କ୍ରୀଡ଼ା ବିଭାଗର ଦିଲେଶ୍ୱର ପଣ୍ଡା ଓ ରାଜୁ ପଟ୍ଟନାୟକ ପରିଚାଳନାରେ ସହଯୋଗ କରିଥିଲେ। ଅମ୍ପାୟାର ଭାବେ ଗୁପ୍ତେଶ୍ୱର ସାହୁ ଏବଂ ଚନ୍ଦ୍ର ଶେଖର ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ।

ବୁଲେଟ ଧକ୍କାରେ ହେଲପର ମୃତ

ରାୟଗଡ଼ା, ୨୪।୧(ସମିସ): ରାୟଗଡ଼ା-ଜେକେପୁର ୩୨୬ ନଂ ଜାତୀୟ ରାଜପଥର ରିଲାୟନ୍ସ ପ୍ରେଟ୍ରୋଲ ପମ୍ପ ନିକଟରେ ବୁଲେଟ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ହେଲେ ୱାଇ କଣ୍ଡାପୁଡମା, ତାଙ୍କ ଘର ଆନ୍ଧ୍ର ପ୍ରଦେଶ ମାନ୍ୟମ ଜିଲ୍ଲା ଅନ୍ତର୍ଗତ ସାଲୁର ଅଞ୍ଚଳରେ ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ରାୟପୁରରୁ ମାଲ ଲୋଡ଼ କରି ରାୟଗଡ଼ା ଦେଇ ବିଶାଖାପାଟଣାକୁ ତାଙ୍କ ଟ୍ରକଟି ଫେରୁଥିଲା। କିନ୍ତୁ ରାୟଗଡ଼ା ସହରରେ ହେଡଲାଇଟ ଖରାପ ଥିବାରୁ ଗାଡିର ଡ୍ରାଇଭର ଶଙ୍କର ରାଓ ହେଡଲାଇଟ କିଣିବା ନିମନ୍ତେ ଦୋକାନକୁ ପଠାଇଥିଲେ। ରାସ୍ତା ପାର ହୋଇ ଆରପାଖକୁ ଯାଇ ଉମା ଗାଡି ନିକଟକୁ ଫେରିବା ସମୟରେ ଦ୍ରୁତ ଗତିରେ ଅସୁଥିବା ଏକ ବୁଲେଟ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାୟଗଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି। ବୁଲେଟ ଚାଳକ ଜଣଙ୍କ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଥିବା ରାୟଗଡ଼ା ପୁଲିସ ସୂଚନା ଦେଇଛି।

● ଯୁବତୀଙ୍କୁ ଦୁଷ୍କର୍ମ ଓ ଧମକ ମାମଲା

ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୨୪।୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର କୋର୍ଟ ତଥା ଆଡ଼ହକ ଅତିରିକ୍ତ ଜିଲ୍ଲା ଓ ଦୌରାକୋର୍ଟ ଜନୈକ ଯୁବତୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଧମକ ଦେବା ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୨ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ଜଜ୍ ନିଜ ରାୟରେ ଅଭିଯୁକ୍ତ ବି.ସିଙ୍ଗପୁର ଥାନା ଟେଙ୍କର ଗ୍ରାମର ଅଭିଯୁକ୍ତ ଜଗତ ହରିଜନ (୨୪)ଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ନାମରେ ଦୁଷ୍କର୍ମ, ଜୀବନରେ ମାରିବାକୁ ଧମକଚମକ ସମେତ ୩ ଟି ଦଫାରେ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଟଙ୍କା ଅନାଦେୟ ସ୍ଥଳେ ଅଧିକ ୮ ମାସ କାରାଦଣ୍ଡରେ ଦଣ୍ଡିତ ହେବେ ବୋଲି ସେ ରାୟରେ ପ୍ରକାଶ କରିଛନ୍ତି। ମାମଲା ଅନୁଯାୟୀ, ଗତ ୨୦୧୯ ମସିହାରେ ନଭେମ୍ବର ୧୯ ତାରିଖ ପୂର୍ବାହ୍ନ ୯ଟା ସମୟରେ ଉକ୍ତ ଗ୍ରାମର ଜନୈକା ଯୁବତୀ ନିଜର ଚାଷଜମିକୁ ଯାଉଥିବା ବେଳେ ଅଭିଯୁକ୍ତ ତାଙ୍କୁ ପଛପଟରୁ ଆସି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାକୁ ବିରୋଧ କରିବାରୁ ଯୁବତୀଙ୍କୁ ଜୋରଜବରଦସ୍ତ ନିକଟସ୍ଥ ଏକ କାଜୁ ବଗିଚାକୁ ନେଇ ଦୁଷ୍କର୍ମ କରିଥିଲା। ଘଟଣା ସମ୍ପର୍କରେ ବାହାରେ ପ୍ରକାଶ କରିଲେ ଜୀବନରେ ମାରିଦେବା ନେଇ ଧମକଚମକ ଦେଇଥିଲେ। ଏନେଇ ଯୁବତୀ ଏବଂ ତାଙ୍କ ପରିବାର ସ୍ଥାନୀୟ ବି.ସିଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ ମାମଲା (୯୫/୧୯) ରୁଜୁ କରିଥିଲା। ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲା ବୋଲି ସରକାର ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ସୁରେଶ କୁମାର ହତପ ପ୍ରକାଶ କରିଛନ୍ତି।

କୁକୁଡାଗାଲିରେ ଚଢ଼ଉ; ୫ ଗିରଫ

ଡାବୁଗାଁ, ୨୪।୧(ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଜଟାବାଲ ଗ୍ରାମ ନିକଟରେ କୁକୁଡାଗାଲି ଖେଳ ଉପରେ ଶୁକ୍ରବାର ସନ୍ଧ୍ୟାରେ ଚଢଉ କରି ଡାବୁଗାଁ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ଡାବୁଗାଁ ଥାନା ଅଧୀନ ଜଟାବାଲ ଗ୍ରାମ ନିକଟରେ ଥିବା ବାଉଁଶବାଡିଠାରେ କୁକୁଡାଗାଲି ଖେଳ ଚାଲିଥିବା ଡାବୁଗାଁ ପୁଲିସ ଖବରପାଇ ଚଢ଼ଉ କରିଥିଲା। ଚଢ଼ଉ ବେଳେ ୫ ଜଣ ପୁଲିସ ହାତରେ ଧରା ପଡ଼ିଥିଲେ। ସେମାନଙ୍କ ନିକଟରୁ କୁକୁଡା ଗାଲି ଖେଳରେ ବ୍ୟବହୃତ ସାମଗ୍ରୀ ୨ ଟି ଛୁରୀ, ୧ ଟି ମୃତ କୁକୁଡା ଓ ୫୨୦୦ ଟଙ୍କା ଜବତ କରାଯାଇଛି। ଗିରଫ ୫ ଅଭିଯୁକ୍ତ ହେଲେ ଜଟାବାଲ ଗ୍ରାମର ଆଦିବାସୀଗୁଡାର ବିଦ୍ୟା ହରିଜନ (୬୦), କମ୍ଳୁ ହରିଜନ (୪୮), ସୁରେନ୍ଦ୍ରେ ହରିଜନ (୫୦), ଗାବ୍ରିଏଲ ହରିଜନ (୩୭) ଓ ଜଗଦୀଶ ହରିଜନ (୪୫)। ସମସ୍ତ ଅଭିଯୁକ୍ତଙ୍କୁ ଥାନାରେ ନୋଟିସ ଦେଇ ଛାଡି ଦିଆଯାଇଛି। ଉକ୍ତ ଚଢ଼ଉରେ ଥାନା ସବ୍‌ଇନିସ୍ପେକ୍ଟର ବିକ୍ରମ କିଶୋର ସାହୁ, ପ୍ରବେଶନ ସବଇନିସ୍ପେକ୍ଟର ଦଣ୍ଡ ଚରଣ ସେଠୀ, ଏଏସଆଇ ଚନ୍ଦ୍ରଶେଖର ହଜାରୀ ଓ ପୁଲିସ କର୍ମଚାରୀମାନେ ସାମିଲ ଥିଲେ। ଏନେଇ ଥାନାରେ ଏକ ମାମଲା (୨୩/୨୬) ରୁଜୁ କରାଯାଇଛି।


ପୁଲିସକୁ ଲୁଟେରାଙ୍କ ଚ୍ୟାଲେଞ୍ଜ

୩ ଦିନରେ ସହରରେ ୨ ଲୁଟ୍

ଜୟପୁର, ୨୪।୧(ସମିସ): ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ଗତ ୨ ମାସରେ ସହରରେ ଗୋଟିଏ ମଧ୍ୟ ଲୁଟ ହୋଇ ନ ଥିବା ନେଇ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେବାର ମାତ୍ର ୨ ରୁ ୩ ଦିନ ମଧ୍ୟରେ ଲୁଟେରାମାନେ ପୁଲିସକୁ ଚ୍ୟାଲେଞ୍ଜ କରି ଦୁଇଟି ଲୁଟ କରିଛନ୍ତି। ଗୋଟିଏରେ ଲୁଟେରାମାନେ ସଫଳତା ପାଇଥିବା ବେଳେ ଅନ୍ୟ ଘଟଣାରେ କେବଳ ଲୁଟ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି। ଶୁକ୍ରବାର ସ୍ଥାନୀୟ ଶ୍ରୀରାମନଗର ନିକଟରେ ଫ୍ଲିପକାର୍ଟର ଡେଲିଭରି ବୟକୁ ରାସ୍ତାରେ ଅଟକାଇ କିଛି ଦୁର୍ବୃତ୍ତ ୧୫ ଶହ ଟଙ୍କା ଲୁଟି ନେଇଥିବା ବେଳେ ଶନିବାର ଜୟନଗରଠାରେ ଜଣେ ବ୍ୟକ୍ତିଙ୍କଠାରୁ ଲୁଟ୍ ଉଦ୍ୟମ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଆଜି ଜୟନଗର ଠାରୁ ମତ୍ସ୍ୟ ବିଭାଗର ପାର୍ଶ୍ୱରେ ବାଇପାସ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାରେ ଅପରାହ୍ନ ସାଢେ ୨ଟା ସମୟରେ ବାବୁଲା ସାହୁ ନାମକ ଜଣେ ବ୍ୟକ୍ତି ଜୟନଗରଠାରୁ ଜୟପୁର ସହରକୁ ଆସୁଥିବା ସମୟର କିଛି ଦୁର୍ବୃତ୍ତ ତାଙ୍କ ବାଇକକୁ ଅଟକାଇ ଫୋନ ମାଗିଥିଲେ। ବାବୁଲା ମନା କରିବାରୁ ସେମାନେ ଛୁରା ଦେଖାଇ ଧମକ ଚମକ ଦେଇ ଫୋନ ଦେବାକୁ ଜୋର ଜବରଦସ୍ତ କରିଥିଲେ। ଉକ୍ତ ସମୟରେ ଉକ୍ତ ରାସ୍ତା ଶିକ୍ଷୟିତ୍ରୀ ସୌଦାମିନୀ ତ୍ରିପାଠୀ ଓ ତାଙ୍କ ପୁଅକୁ ସ୍କୁଲରୁ ଘରକୁ ଫେରୁଥିବା ସମୟରେ ହଠାତ ଗହଳି ଦେଖି ଗାଡି ଅଟକାଇ ଘଟଣା ସମ୍ପର୍କରେ ପଚାରିଥିଲେ। ଦୁର୍ବୃତ୍ତମାନେ ଶିକ୍ଷୟିତ୍ରୀ ଓ ତାଙ୍କ ପୁଅକୁ ପାଲଟା ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେବା ସମୟରେ ସେହି ବାଟଦେଇ ଅନେକ ଗାଡି ଯାତାୟତ ସହ ଗହଳି ହେବାରୁ ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ କହିଛନ୍ତି, ଏନେଇ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇ ଦୁର୍ବୃତମାନଙ୍କୁ ଚିହ୍ନଟ କରାଯାଇଛି। ଅତିଶିଘ୍ର ସେମାନଙ୍କୁ ଗିରଫ କରାଯିବ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

୨୮ ରେ ନବ ନିର୍ମାଣ କୃଷକ ସଂଘର ଓଡ଼ିଶା ବନ୍ଦ

ମାଲକାନଗିରି, ୨୪।୧(ସମିସ)



ଅବ୍ୟବସ୍ଥା, ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କ ଠାରୁ ଫାଇନ୍ ଆଦାୟ, ଟାଟା ପାୱାର ସ୍ମାର୍ଟ ମିଟର ନାମରେ ଶୋଷଣ ଓ କୃଷି ମନ୍ତ୍ରୀଙ୍କ ଉପସ୍ଥିତିରେ ଗୁଣ୍ଡାଙ୍କ ଦ୍ୱାରା ନବନିର୍ମାଣ ନେତୃତ୍ୱ ଉପରେ ଆକ୍ରମଣ ପ୍ରତିବାଦରେ ଆସନ୍ତା ୨୮ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦେଇଥିବାକୁ ଥିବା ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ମାଲକାନଗିରି ଜିଲ୍ଲା ସଂଯୋଜକ ଏରା ପଡ଼ିଆମୀ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାଲକାନଗିରି ଜିଲ୍ଲାସଦର ମହକୁମାସ୍ଥ ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଂଯୋଜକ ଶ୍ରୀ ପଡ଼ିଆମୀ, ସମ୍ପାଦକ ଦଶରଥ ଦୁରୁକା, ସଭ୍ୟ ଦୀପକ ମଣ୍ଡଳ, ସୋମା ମାଡକାମୀ, ଦେବା ମୁଚାକି, ବି. କାମେଶ୍ୱର ରାଓ, ପ୍ରମୋଦ ମାଡକାମୀ, କସା ମାଡକାମୀ ଉପସ୍ଥିତ ଥିଲେ। ଗତ ଜାନୁଆରୀ ୬ ତାରିଖରେ ସଂଗଠନ ତରଫରୁ ଭୁବନେଶ୍ୱରରେ ଚାଷୀମାନେ ବିକ୍ଷୋଭ କରି ପୁଲିସ ଦ୍ୱାରା ଗିରଫ ହୋଇଥିଲେ। ଚାଷୀମାନେ ଆନ୍ଦୋଳନ କଲେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଚାଷୀଙ୍କୁ ନୋଟଙ୍ଗି ଓ ଦଲାଲ କହିବା ଏବଂ ପ୍ରତିବାଦ କରିବାକୁ ଗଲେ ଗୁଣ୍ଡା ଓ ପୁଲିସ ଲଗାଇ ମାଡ ମାରିବା ଅତି ନିନ୍ଦନୀୟ। ଏହାକୁ ସଂଗଠନ ଦୃଢ଼ ଭାବରେ ବିରୋଧ କରୁଛି ବୋଲି ସମ୍ମିଳନୀରେ କୁହାଯାଇଥିଲା। ଆସନ୍ତା ଜାନୁଆରୀ ୨୮ ତାରିଖ ଦିବା ୬ ଟାରୁ ୨ଟା ପର୍ଯ୍ୟନ୍ତ ନବନିର୍ମାଣ କୃଷକସଂଗଠନ ତରଫରୁ ଏନେଇ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସମଗ୍ର ମାଲକାନଗିରି ଜିଲ୍ଲାରେ ଯାନବାହାନ ଚଳାଚଳ ବନ୍ଦ ରହିବା ସହିତ ଦୋକାନ ବଜାର ମଧ୍ୟ ବନ୍ଦ ରହିବ। ଏଥିରେ ଚାଷୀ, ମହିଳା, ଯୁବକ, ଛାତ୍ର, ବେପାରୀ, ବୁଦ୍ଧିଜୀବୀଙ୍କ ଠାରୁ ଆରମ୍ଭ କରି ରାଜନୈତିକ ଦଳ ଓ ସଂଗଠନମାନଙ୍କୁ ସହଯୋଗ ପାଇଁ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ନିବେଦନ କରାଯାଇଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ : ୦୧.୦୧.୧୯୨୦ (ଗୁରୁବାର)

ତିରୋଧାନ : ୧୫.୦୧.୨୦୨୬ (ଗୁରୁବାର)

୰ଗୁରୁବାରି ମହାନ୍ତି (୧୦୬ ବର୍ଷ)

ଗ୍ରାମ: ମମାନିପୁର, ବାମନବିନ୍ଧା, ପିରହାଟ, ଜିଲ୍ଲା- ଭଦ୍ରକ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, କର୍ତ୍ତବ୍ୟବପରାୟଣତା, ଏବଂ ମହାନୁଭବତା ଆମକୁ ସବୁଦିନ ପ୍ରେରଣା ଦେଉଥିବ। ଆପଣଙ୍କର ଅନୁପସ୍ଥିତି ଚିରଦିନ ପାଇଁ ଅପୂରଣୀୟ ହୋଇ ରହିବ। ଆପଣଙ୍କ ଏକାଦଶାହ ଅବସରରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ

Son- Gopal, Kailash, Kartika, Prahallad, Rabindra, Ramachandra, Rabi; Daughter- Laxmi, Kamali; Daughter-In-Law: Sudhapani, Nirupama, Kanchan, Puspa, Manorama, Tilotama; Grandson & Daughters- Mama, Lilu, Lipu, Dipu, Sini, Sonu, Chiku, Lipa, Dipa, Mamuni, Bulu, Tutunu, Ajata, Ranju, Babu, Lucy, Susmita; Nephew- Nila, Shanti; Great Grandson & Daughter - Barun, Shlok, Advik, Adidev, Jaga, Barsha, Chiki, Miku, Friends & Family

ନୂଆବଜାର ମାଛ ମାର୍କେଟ ଡବଲ ମର୍ଡର ମାମଲା

ସାକ୍ଷୀଙ୍କୁ ସମନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୨୪ ।୧(ସମିସ): ବହୁ ଚର୍ଚ୍ଚିତ ନୂଆବଜାର ମାଛ ମାର୍କେଟ ଡବଲ ମର୍ଡର ମାମଲାରେ ଚାର୍ଜସିଟରେ ଉଲ୍ଲେଖ ସାକ୍ଷୀଙ୍କୁ ସମନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସାକ୍ଷୀ ମାନଙ୍କୁ କଟକ ପ୍ରଥମ ଅତିରିକ୍ତ ଦୌରା ଜଜ୍ ଅଦାଲତ ସମନ ଜାରି କରିବା ସହ ଅଯଥାରେ ପ୍ରକ୍ରିୟା ବିଳମ୍ବ ନକରି ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ସଂପୂର୍ଣ୍ଣ ହେବ ବୋଲି ହାଇକୋର୍ଟ କହିଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ କଟକ ପ୍ରଥମ ଅତିରିକ୍ତ ଦୌରା ଜଜ୍ ଅଦାଲତଙ୍କ ୨୦୨୫, ଅକ୍ଟୋବର ୩୧ର ନିର୍ଦ୍ଦେଶକୁ ଚାଲେଞ୍ଜ କରି ରାଜ୍ୟ ସରକାରଙ୍କ ତରଫରୁ ଏହି ମାମଲା ଦାୟର କରାଯାଇଥିଲା। ନୂଆବଜାର ଡର୍ବଲ ମର୍ଡର ମାମଲାରେ ପ୍ରସିକ୍ୟୁସନ ତରଫରୁ ଚାର୍ଜସିଟରେ ଉଲ୍ଲେଖ ୬୧ଜଣ ସାକ୍ଷୀଙ୍କ ମଧ୍ୟରୁ ୧୫ଜଣଙ୍କ ଅଦାଲତରେ ସାକ୍ଷ୍ୟ ଗ୍ରହଣ ହୋଇ ସାରିଛି। ୨୬ଜଣ ସାକ୍ଷୀଙ୍କ ତାଲିକା ଟ୍ରାଏଲ ଅଦାଲତରେ ଦାଖଲ କରାଯାଇ ସେମାନଙ୍କୁ ସମନ କରିବାକୁ ପ୍ରାର୍ଥନା କରାଯାଇଥିଲା। ନିମ୍ନ ଅଦାଲତ ଚାର୍ଜସିଟରେ ଉଲ୍ଲେଖ ସାକ୍ଷୀଙ୍କୁ ସମନ କରି ନାହାନ୍ତି ବୋଲି ଦର୍ଶାଯାଇଥିଲା।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ୨୦୦୯, ଡିସେମ୍ବର ୧୧ ସକାଳ ୯ଟା ୫୦ରେ ଚାଉଳିଅଗଞ୍ଜ ଥାନା ଅନ୍ତର୍ଗତ ନୂଆବଜାର ମାଛ ମାର୍କେଟରେ ଟିଟୁଆ ଓରଫ୍ ଅନିରୁଦ୍ଧ ସେଠୀ ଓ ଲିଚୁଆ ଓରଫ କାମେଶ୍ୱର ସେଠୀଙ୍କୁ ଗୁଳି କରି ଦୁର୍ବୃତ୍ତମାନେ ହତ୍ୟା କରିଥିଲେ। ଏହି ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡ ପଛରେ ସୁଶାନ୍ତ ଧଳସାମନ୍ତଙ୍କ ହାତ ଥିଲା ବୋଲି ଅଭିଯୋଗ ହୋଇଥିଲା।

ତିଗିରିଆରେ ଜଣ୍ଡିସ: ୩୩ ଆକ୍ରାନ୍ତ

ତିଗିରିଆ,୨୪ ।୧(ସମିସ):



ତିଗିରିଆ ବ୍ଲକ ରେ ଜଣ୍ଡିସ ରୋଗର ସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଏଥିନେଇ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରୋଗର କାରଣ, ନିୟନ୍ତ୍ରଣ ଓ ସଚେତନତା ଦିଗରେ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ତିଗିରିଆ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମେଡ଼ିକାଲ

ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା

ଅଫିସର ଡାକ୍ତର ମନୋରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶରେ ପୁରୁଣା ତିଗିରିଆ ପଞ୍ଚାୟତସ୍ଥିତ ମହେଶ୍ୱର ନୋଡାଲ ବିଦ୍ୟାପୀଠରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ସମୟରେ ଅନ୍ୟ କୌଣସି ଛାତ୍ରଛାତ୍ରୀଙ୍କ ନିକଟରେ ଜଣ୍ଡିସ ରୋଗର ଲକ୍ଷଣ ପ୍ରକାଶ ପାଇନଥିବା ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପରିସଂଖ୍ୟାନ ସହାୟକ ମନମୋହନ ଦାଶ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣ୍ଡିସ ରୋଗ ଦେଖାଯାଇଥିବା ନୂଆପାଟଣା, ଜେମାଦେଇପୁର, ବାସୁଦେବପୁର, ଭୋଗଡା, ବିନ୍ଧାଣିମା, ବାଲିପୁଟ ଓ ପୁରୁଣା ତିଗିରିଆ ଗ୍ରାମରେ ରୋଗୀମାନେ ବ୍ୟବହାର କରୁଥିବା ୨୪ ଟି କୂଅକୁ ବିଶୋଧନ କରାଯିବା ସହ ମୋଟ ୧୭ଟି କୂଅର ଜଳ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି।

ସୂଚନାଯୋଗ୍ୟ ଯେ ବିଗତ କିଛିଦିନ ମଧ୍ୟରେ ତିଗିରିଆ ବ୍ଲକର ବିଭିନ୍ନ ଗ୍ରାମରେ ଜଣ୍ଡିସ ରୋଗୀଙ୍କ ସଂଖ୍ୟାରେ ଦିନକୁ ଦିନ ଅହେତୁକ ଭାବେ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ବିଶେଷ ଭାବେ ବିଦ୍ୟାଳୟର ୧୩ ଜଣ ଛାତ୍ରଛାତ୍ରୀ ଏହି ରୋଗରେ ଆକ୍ରାନ୍ତ ହୋଇଥିଲେ। ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ଲକରେ ମୋଟ ଜଣ୍ଡିସ ରୋଗୀ ସଂଖ୍ୟା ୩୩ଦର୍ଶାଯାଇଥିବା ବେଳେ ଏହି ସଂଖ୍ୟା ଢେର ଅଧିକ ବୋଲି ଜଣାପଡିଛି। ପରିସଂଖ୍ୟାନ ସହାୟକ ଶ୍ରୀ ଦାଶ ବିଷାକ୍ତ ଓ ଅପମିଶ୍ରିତ ଖାଦ୍ୟ ମଧ୍ୟ ଏହି ଜଣ୍ଡିସ ବ୍ୟାପିବାର କାରଣ ହୋଇପାରେ ବୋଲି ଆଶଙ୍କା ପ୍ରକଟ କରିଛନ୍ତି। ଏ ନେଇ ସୋମବାର ଦିନ ଜିଲ୍ଲା ଖାଦ୍ୟ ନିରୀକ୍ଷକ ଙ୍କୁ ଅଞ୍ଚଳରେ ହୋଟେଲ, ଜଳଖିଆ ଦୋକାନ, ଫାଷ୍ଟ ଫୁଡ଼ ଦୋକାନ, ଚାଟ, ଗୁପ ଚୁପ, ଦହି ବରା ପ୍ରସ୍ତୁତ କରି ବିକ୍ରୟ କରୁଥିବା ବ୍ୟବସାୟୀ ସଂସ୍ଥାର ଖାଦ୍ୟର ମାନ ପରୀକ୍ଷା କରିବା ପାଇଁ ଚିଠି ଲେଖାଯିବ ବୋଲି ସୂଚନା ଦେଇଛନ୍ତି। ଆଜି କୌଣସି ନୂତନ ଜଣ୍ଡିସ ରୋଗୀ ବାହାରି ନଥିଲେ ମଧ୍ୟ ସ୍ଥିତି ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଥିବା ଶ୍ରୀ ଦାଶ ସୂଚନା ଦେଇଛନ୍ତି।

ସ୍କୁଲରେ ତାଲା ପକାଇଲେ ଅଭିଭାବକ

ନରସିଂହପୁର,୨୪ ।୧(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ କାମଳାଡ଼ିହ ଗ୍ରାମରେ ଥିବା ପିଏମଶ୍ରୀ ସରକାରୀ ଚିନ୍ତାମଣି ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକଙ୍କର ନିଯୁକ୍ତିକୁ ବାତିଲ କରି ଅନ୍ୟଜଣେ କ୍ରୀଡ଼ା ଶିକ୍ଷକ ନିଯୁକ୍ତି ଦାବିରେ ଶନିବାର ବିଦ୍ୟାଳୟରେ ତାଲା ପକାଇବା ସହିତ ସମ୍ମୁଖରେ ଅଭିଭାବକ ମାନେ ଧାରଣା ଦେଇଛନ୍ତି। ସୂଚନା ଅନୁଯାୟୀ ସରକାରୀ ଚିନ୍ତାମଣି ଉଚ୍ଚ ବିଦ୍ୟାଳୟରୁ ଗତ ପ୍ରାୟ ୨୦ ଦିନ ତଳେ ଜଣେ କ୍ରୀଡା ଶିକ୍ଷକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ଅନ୍ୟ ଜଣେ ଅନଭିଜ୍ଞ ଶିକ୍ଷକଙ୍କୁ ନିଯୁକ୍ତି ଦିଆ ଯାଉଥିବା ଅଭିଯୋଗ କରି ଅଭିଭାବକ ମାନେ ବିଦ୍ୟାଳୟରେ ତାଲା ପକାଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଳିଣ୍ଡା ଥାନା ଭାରପ୍ରାପ୍ତ ଅଧିକାରୀ ବି. ପି. ଦାସ ପ୍ରମୁଖ ଘଟଣାସସ୍ଥଳକୁ ଯାଇ ଅଭିଭାବକମାନଙ୍କ ସହିତ ଆଲୋଚନା କରି ନବନିଯୁକ୍ତ ଶିକ୍ଷକଙ୍କ ବଦଳରେ ତାଙ୍କ ସ୍ଥାନରେ ଆନ୍ୟ କ୍ରୀଡା ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ବିଦ୍ୟାଳୟ ଫାଟକରୁ ତାଲା ଖୋଲାଯାଇ ଶିକ୍ଷା ବ୍ୟବସ୍ଥା ସ୍ୱାଭାବିକ ହୋଇଥିଲା।



ଜାତୀୟ ମତଦାନ ଦିବସ



କଟକ,୨୪ ।୧(ସମିସ): ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ମତଦାନ ଦିବସ ଓ ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଅଫିସର ଚନ୍ଦନା ମହାନ୍ତି, ସୁଶ୍ରୀ କାନ୍ତି ବିଶ୍ୱାଳ, ଅମ୍ରିତା ଲେଙ୍କା, ବିବେକ ତ୍ରିପାଠି, ଅନିମା ମହାପ୍ରଶସ୍ତ, ରୋଜାଲିନ ସାମଲ, ନିହାର ରଥ, ସୁଚିସ୍ମିତ ମହାନ୍ତି, ରୋଜାଲିନ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମତଦାନ କ୍ଲବର ସଭ୍ୟ ଓ ଛାତ୍ରୀ କେ.ଅଖିଳା, ସିଦ୍ଧି ଶତପଥୀ, ରିତାଞ୍ଜଳି, ଓମ୍ ସାସମଲ କଲେଜ ପରିସରରେ ନୂତନ ମତଦାତାଙ୍କୁ ସଚେତନ କରିଥିଲେ।

ଅଟଳ ସେନା ପକ୍ଷରୁ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ସାଲେପୁର,୨୪ ।୧(ସମିସ): ଅଟଳ ସେନା ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସାଲେପୁର ଶାରଳା ମଣ୍ଡପ ପରିସରରେ ଅଟଳ ସେନାର ରାଜ୍ୟ ଅଧ୍ୟକ୍ଷ ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଦୀନବନ୍ଧୁ ରାଉତ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କଟକ ବିଭାଗ ସଂଘ ଚାଳକ ଡଃ ଗୌତମ ମହାରଣା, ମୁଖ୍ୟବକ୍ତା ରୂପେ ବିଶିଷ୍ଟ ଶିକ୍ଷାବିତ୍ ଡଃ ପୂର୍ଣ୍ଣଚନ୍ଦ୍ର ଓଝା, ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ ଉମେଶ ଚନ୍ଦ୍ର ପତି, ଶିକ୍ଷାବିତ୍ ବିପିନ ବିହାରୀ କର, ଚୌଧୁରୀ ପ୍ରମୋଦ କୁମାର ଶରଣ ଯୋଗଦେଇ ଥିଲେ। ଉକ୍ତ ଉତ୍ସବକୁ ଅଟଳ ସେନା ଚିନ୍ତନ ପରିଷଦର ଉପାଧ୍ୟକ୍ଷ ଡଃ ପ୍ରଭାତ କିଶୋର ନାୟକ, ଅଧିବକ୍ତା ଗୌତମ ରାୟ ଚୌଧୁରୀ, ରବିନ୍ଦ୍ର କୁମାର ବେହେରା, ପ୍ରତାପ କିଶୋର ମିଶ୍ର, ଭିକାରୀ ଚରଣ ବେହେରା, ଲକ୍ଷ୍ମୀନାରାୟଣ ନାୟକ, ମାନସ ରଂଜନ ଦାଶ, ଅଧିବକ୍ତା ତ୍ରିଲୋଚନ ବରାଳ, ଧରମବୀର ଦାସ, ସନ୍ତୋଷ ସାମଲ, ବିଜୟିନୀ ନାୟକ, ନାଗମଣି ସ୍ୱାଇଁ, ମିନତୀ ନାୟକ, କୌଶଲ୍ୟା ରାଉଳ, ରେଣୁବାଳା ରାଉତ, ମିନାକ୍ଷୀ ବେହେରା, ପୂଜା ସାମଲ, ପ୍ରହଲ୍ଲାଦ ଷଡ଼ଙ୍ଗୀ, ଦେବେନ୍ଦ୍ର ବେହେରା, କିଶୋର ସାମଲ, ପ୍ରବୀର ଚନ୍ଦ୍ର ଦାସ, ପ୍ରଶାନ୍ତ ମଲ୍ଲିକ, କେଶବ ସେଠୀ, କୃଷ୍ଣଚନ୍ଦ୍ର ବାରିକ, ଜିତେନ୍ଦ୍ର ଗୋଛାୟତ ସମେତ ଶତାଧିକ ଅଟଳ ସୈନିକ ଉପସ୍ଥିତ ଥିଲେ। ଶୁଭମ୍ ସ୍ୱରୂପ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷାବିତ୍ ଅଶୋକ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



ନରସିଂହପୁର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସେମିରେ ଅନୁଗୋଳ

ନରସିଂହପୁର,୨୪ ।୧(ସମିସ): ନରସିଂହପୁର ବ୍ଲକ ରେଞ୍ଜର ପଡ଼ିଆରେ ନରସିଂହପୁର କ୍ରିକେଟ୍ କ୍ଲବ ଦ୍ୱାରା ନରସିଂହପୁର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ମ୍ୟାଚ୍ ଅନୁଗୋଳ ସହିତ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଉରକେଲା ପ୍ରଥମେ ଟସ୍ ଜିତି ବୋଲିଂ କରିଥିଲା। ଅନୁଗୋଳ ଦଳ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୭୨ ରନ ସଂଗ୍ରହ କରିଥିବାବେଳେ ଜବାବରେ ରାଉରକେଲା ୨୦ ଓଭରରେ ୯ ୱିକେଟ୍ ହରାଇ ୧୩୭ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ତସରିଫ୍ ଖାଁ ୪୧ଟି ବଲରେ ୬୨ ରନ ଓ ୪ ଓଭରରେ ୩ଟି ୱିକେଟ ହାସଲ କରି ମ୍ୟାନ୍ ଅଫ ଦ ମ୍ୟାଚ୍ ଘୋଷିତ ହୋଇଥିଲେ। ଆଜିର ମ୍ୟାଚକୁ ଅଶୋକ ରାଉତ ଓ ସଞ୍ଜୟ କୁମାର ଶତପଥୀ ମ୍ୟାଚ୍ ପରିଚାଳନା କରିଥିବାବେଳେ ବିବେକାନନ୍ଦ ବେହେରା ଓ ଏମଡି ଅଖାରଉଦ୍ଦିନ ସ୍କୋରିଂରେ ସାହାଯ୍ୟ କରିଥିଲେ। ଖେଳରେ ସରଧାପୁର ପଞ୍ଚାୟତର ସମିତିସଭ୍ୟ ଶକ୍ତି ପ୍ରସାଦ ମିଶ୍ର, ନିରଦ ନାୟକ, ସରୋଜ ସେଠୀ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତାକାଲି ଏହି ଖେଳରେ ଅନୁଗୋଳ ସହିତ ଆନ୍ଧ୍ରପ୍ରଦେଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ; ୫ ଆହତ

ଆଠଗଡ଼,୨୪ ।୧(ସମିସ): ଆଠଗଡ଼ ଥାନା ଅନ୍ତର୍ଗତ ବଉଳପଦା ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଆଜି ସନ୍ଧ୍ୟାରେ ଗୋଷ୍ଠୀ ସଂଘର୍ଷ ହୋଇଥିବା ଜଣାପଡିଛି। ଏଥିରେ ୫ଜଣ ଆହତ ହୋଇଥିବା ବେଳେ ଜଣଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଆହତ ହୋଇଥିବା ଗୋଟିଏ ଗୋଷ୍ଠୀର ବ୍ୟକ୍ତି ମାନେ ହେଲେ ପବିତ୍ର ମୋହନ ବେହେରା (୫୫), ତୋଫାନ ବେହେରା (୨୧), ଟିକି ବେହେରା (୩୫) ଏବଂ ଅନ୍ୟ ଗୋଟିଏ ଗୋଷ୍ଠୀର ସାରଙ୍ଗଧର ସ୍ୱାଇଁ (୪୧), ଏବଂ ଅଜୟ ସ୍ୱାଇଁ (୬୦)। ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଜମିବାଡ଼ି ସମ୍ପର୍କିତ ବିବାଦ ଦୀର୍ଘଦିନ ଧରି ଚାଲିଆସୁଥିଲା। ଆଜି ସନ୍ଧ୍ୟାରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ହୋଇଥିଲା। ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପ୍ରଥମେ ବଚସା ହେବା ପରେ ତାହା ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଉଭୟ ପକ୍ଷଙ୍କ ମଧ୍ୟରେ ଢେଲା ପଥର ମାଡ ହେବା ସହ ଉଭୟ ପକ୍ଷରୁ ୫ ଜଣ ଆହତ ହୋଇ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ତୋଫାନ ବେହେରାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ଆଠଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ତେବେ ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଖବର ଲେଖା ହେବା ବେଳକୁ ଆଠଗଡ଼ ଥାନା ରେ ଉଭୟ ପକ୍ଷ ଙ୍କ ମଧ୍ୟରୁ କୌଣସି ଅଭିଯୋଗ ହୋଇ ନ ଥିବା ପୁଲିସ ପକ୍ଷରୁ କୁହାଯାଇଛି।



■ ଇସ୍‌ଲାମ୍ ଚାନ୍ଦ କ୍ଲବ୍ ପକ୍ଷରୁ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ମୋହିନୀପୁରକୁ ହରାଇ ଫାଇନାଲ୍‌ରେ ଗବବସ୍ତ



ଫୁଲନଖରା, ୨୪ ।୧ (ସମିସ): ବ୍ରାହ୍ମଣଝରିଲୋସ୍ଥିତ ଇସ୍‌ଲାମ୍ ଚାନ୍ଦ ପଡିଆରେ ଇସ୍‌ଲାମ୍ ଚାନ୍ଦ କ୍ଲବ୍ ପକ୍ଷରୁ ଦ୍ୱି-ଦିବସୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବିଭିନ୍ନ ଜିଲ୍ଲାର ୧୬ଟି ଫୁଟବଲ୍ ଦଳକୁ ନେଇ ଅନୁଷ୍ଠିତ ଉକ୍ତ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଆଇନଜୀବୀ କବି ନାରାୟଣ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସମାଜସେବୀ ବିଶ୍ୱରଂଜନ ସାହୁ, ପୂର୍ବତନ ଫୁଟବଲ୍ ଖେଳାଳି ସାହେବଚାନ୍ଦ ମହମ୍ମଦ, ସରାଫତ୍ ଅଲ୍ଲୀ, ଇଦ୍ରିସ ମହମ୍ମଦ, ମହମ୍ମଦ ହସନ୍, ବସନ୍ତ ବେହେରା, କଟକ ଜିଲ୍ଲା ସାମ୍ବାଦିକ ସଂଘର ସାମ୍ବାଦିକ ରମେଶ ଚନ୍ଦ୍ର ପ୍ରଧାନ, ସାମ୍ବାଦିକ କାନନ ବିହାରୀ ନାୟକ ପ୍ରମୁଖ ଯୋଗଦେଇଥିଲେ।

ଉଦ୍‌ଘାଟନୀ ମ୍ୟାଚ୍‌ରେ ସାଇଁଶୋ ଫୁଟବଲ କ୍ଲବ୍ ଓ ଅଡଶପୁର ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ବରାହୀପୁର ଓ ଗବବସ୍ତ ମଧ୍ୟରେ, ତୃତୀୟ ମ୍ୟାଚ୍ ବିଳାଶୁଣି ଓ ମୋହିନୀପୁର ମଧ୍ୟରେ ଏବଂ ଚତୁର୍ଥ ମ୍ୟାଚ ମରିଚିଆ ଓ ଯଦୁପୁର ମଧ୍ୟରେ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚରେ ମୋହିନୀପୁର ଓ ଗବବସ୍ତ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗବବସ୍ତ ଦଳ ୨-୦ ଗୋଲ୍‌ରେ ବିଜୟୀ ହୋଇ ଫାଇନାଲ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଉକ୍ତ ଟୁର୍ଣ୍ଣାମେଣ୍ଟକୁ କ୍ଲବ୍‌ର ସଭାପତି ହଲିମ୍ ଖାଁ, ଉପସଭାପତି ସଦାମ୍ ହୁସେନ୍, ସଂପାଦକ ମହମ୍ମଦ ବିଟୁ, ସହସଂପାଦକ ଫାରୋ ଖାଁ, କୋଷାଧ୍ୟକ୍ଷ ଜୁବେଦ୍ ଖାଁ ପ୍ରମୁଖ କ୍ଲବ୍‌ର ସମସ୍ତ ସଦସ୍ୟ ଖେଳ ପରିଚାଳନା କରିଥିଲେ।

ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ ଅଭିଯୋଗ; ସ୍କୁଲ ପ୍ରତିଷ୍ଠାତା ଗିରଫ

ବଡ଼ମ୍ବା,୨୪ ।୧(ସମିସ): ବଡ଼ମ୍ବା ବ୍ଲକ ଗଡାପୋଖରୀ ପଞ୍ଚାୟତ ଖମାରସାହି ନିକଟରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଜନୈକା ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ବଡମ୍ବା ପୁଲିସ ସଂପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରତିଷ୍ଠାତା ଜଣକ ବିଦ୍ୟାଳୟରେ ବାରମ୍ବାର ଶିକ୍ଷୟିତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିବାରୁ ସେ ଥାନାର ଆଶ୍ରୟ ନେଇଥିଲେ। କିନ୍ତୁ ଏଥିରେ କିଛି ଫଳ ମିଳିନଥିଲା। ଗତ ବୁଧବାର ଦିନ ସ୍କୁଲର ପ୍ରତିଷ୍ଠାତା ପୁଣି ଶିକ୍ଷୟିତ୍ରୀଙ୍କୁ ଅଶାଳୀନ ବ୍ୟବହାର କରିବା ସହ ଅସଦାଚରଣ କରିଥିବା ନେଇ ସେ ବଡ଼ମ୍ବା ଥାନାରେ ଅଭିଯୋଗ କରିଥିଲେ। ସ୍କୁଲର ପ୍ରତିଷ୍ଠାତା ଏନେଇ ହରମୋହନ ପଟ୍ଟନାୟକଙ୍କୁ ଗିରଫ କରିଛି ପୁଲିସ। ବଡ଼ମ୍ବା ଥାନା ଅଧିକାରୀ ପ୍ରେମାନନ୍ଦ ନାୟକଙ୍କ ସହ ଯୋଗାଯୋଗ ପରେ ହରମୋହନଙ୍କ ନାମରେ ବିଭିନ୍ନ ଅପରାଧିକ ମାମଲା ବଡ଼ମ୍ବା ଥାନାରେ ଅଛି ଏବଂ ଶିକ୍ଷୟିତ୍ରୀଙ୍କ ପ୍ରତି ଅସଦାଚରଣ କରିବା ମାମଲାକୁ ନେଇ କୋର୍ଟ ଚାଲାଣ କରାଯାଇଛି।

ରାଜ୍ୟସ୍ତରୀୟ ଆଦିବାସୀ ଫୁଟବଲ୍ ପ୍ରତିଯୋଗିତା

ଟାଙ୍ଗୀ,୨୪ ।୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ଅଭୟପୁର ଗ୍ରାମରେ ଏମବିଏ ସ୍ପୋର୍ଟି କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଆଦିବାସୀ ଗ୍ରାମୀଣ ଫୁଟବଲ ପ୍ରତିଯୋଗିତା ୩ଦିନରେ ପହଞ୍ଚିଛି। ତୃତୀୟ ଦିବସ ଉଦଘାଟନ ଉତ୍ସବରେ କ୍ଲବ ସଭାପତି ତଥା ପଞ୍ଚାୟତ ସମିତି ସଭ୍ୟ ଜିତେନ୍ଦ୍ର ବଦ୍ରା ପୌରହିତ୍ୟ କରିଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା ଯୋଗଦେଇ ଗ୍ରାମୀଣ ଆଦିବାସୀ କ୍ରୀଡାର ବିକାଶ ସହ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, ଯୁବ ସମାଜସେବୀ ଗଙ୍ଗାଧର ବେହେରା, ମାନସ ରଞ୍ଜନ ସାହୁ, ରକ୍ଷ୍ୟାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସୂଚନା ଅନୁସାରେ କଟକ, ଯାଜପୁର, ଢେଙ୍କାନାଳ ଓ ବାଲେଶ୍ୱର ଜିଲ୍ଲାର ୪୮ ଟି ଫୁଟବଲ ଟିମ୍ ଅଂଶଗ୍ରହଣ କରିଛନ୍ତି।

ସେଣ୍ଟ ଜାଭିୟର୍ସ ହାଇସ୍କୁଲର ୬୮ ତମ ଶାଖା ଉଦ୍‌ଘାଟିତ

‘ସୃଜନଶୀଳ ଚିନ୍ତାଧାରା ପିଲାଙ୍କ ଭବିଷ୍ୟତ ଗଢ଼ିବ: ଗଣିତଜ୍ଞ ଆନନ୍ଦ

କଟକ,୨୪ ।୧(ସମିସ):

ସମୟବଦଳିଛି, ପିଲାମାନଙ୍କ ଧୀ ଶକ୍ତି ଆମଠୁ ବହୁ ଆଗକୁ ଯାଇଛି। ବର୍ତ୍ତମାନ ପଣିକିଆ, ଟେବୁଲ ଘୋଷିବାର ଯୁଗ ନୁହେଁ, ଭାବିବାର ଯୁଗ। ଧୀରେଧୀରେ କମ୍ପ୍ୟୁଟର ଆସିଲା, ଆଜି ଏଆଇ ଆସିଛି। ଏଆଇ ସବୁକିଛିର ସମାଧାନ ତୁରନ୍ତ କରିଦେଉଛି। ଏଭଳି ପରିସ୍ଥିତିରେ ସେଣ୍ଟ ଜାଭିୟର ସ୍କୁଲ କ୍ଲାସ୍ ୧, ୨, ୩ ପାଇଁ ଏଆଇ ମାଧ୍ୟମରେ ଡିଜିଟାଲ୍ କଣ୍ଟେଣ୍ଟ ତିଆରି କରୁଛନ୍ତି। ପିଲାମାନଙ୍କୁ ଘୋଷିବା, ବାରମ୍ବାର ପଢ଼ାଇ ମୁଣ୍ଡରେ ପୁରାଇବା ବଦଳରେ ପିଲା କିପରି ସୃଜନଶୀଳ ହେବ ସେ ସଂକ୍ରାନ୍ତରେ ଶିକ୍ଷା ପ୍ରଦାନ କରୁଛି। ଆଗାମୀ ୧୦ବର୍ଷରେ ପ୍ରତିଯୋଗିତା ଅଧିକ କଠିନ ହେବ। ଏକଦା କମ୍ପ୍ୟୁଟର ଆସିଥିଲା, ଲୋକେ ଡରୁଥିଲେ ବେକାରି ବଢ଼ିବ। ଆଜି ସାରା ବିଶ୍ୱରେ ଏଆଇ ପରେ ଭବିଷ୍ୟତ କ'ଣ ଏହା ଚର୍ଚ୍ଚାର ବିଷୟ। ବଡ଼ ବଡ଼ ଗଣିତ ସମସ୍ୟା ତୁରନ୍ତ ସମାଧାନ ହେଉଛି। ଆଗାମୀ ଦିନରେ ସେହି ପିଲାଙ୍କର ଭବିଷ୍ୟତର ମୂଲ୍ୟ ରହିବ, ଯିଏ ନୂଆ କିଛି ସୃଷ୍ଟି କରିପାରିବ, ଗଭୀର ଭାବେ ଭାବି ପାରିବ, ଯାହାର ଚିନ୍ତାଧାରା ସୃଜନଶୀଳ ହୋଇଥିବ। ସେଣ୍ଟ ଜାଭିଅର୍ସ ଗ୍ରୁପ୍ ଅଫ୍ ସ୍କୁଲ୍ସ ସେହି ଲକ୍ଷ୍ୟ ପାଇଁ ସମର୍ପିତ ବୋଲି କଟକ ମିଶନ ରୋଡ ଠାରେ ୬୮ ତମ ସେଣ୍ଟ ଜାଭିଅର୍ସ ହାଇସ୍କୁଲର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚର୍ଚ୍ଚିତ ଆଇଆଇଟି ପ୍ରଫେସର ତଥା ସୁପର-୩୦ର ପ୍ରତିଷ୍ଠାତା ଆନନ୍ଦ କୁମାର କହିଛନ୍ତି।

ଆମେ ପିଲାମାନଙ୍କୁ ପଢ଼ାଉଛୁ। ସେମାନଙ୍କ ମଧ୍ୟରେ ଏମିତି ପିଲା ଅଛନ୍ତି, ଯାହାଙ୍କ ବାପା ମଜୁରି କରନ୍ତି, ଠେଲା ଗାଡ଼ିରେ ବିକ୍ରି କରନ୍ତି, ଆଉ ଅଟୋ ଡ୍ରାଇଭର। ତେବେ ହିନ୍ଦୀ ମିଡିୟମ୍‌ରେ ପଢ଼ିଥିବା, ଆଞ୍ଚଳିକ ଭାଷାରେ ପଢ଼ିଥିବା ପିଲା କିପରି ଗୁଗୁଲ୍ ଭଳି କମ୍ପାନୀରେ ଯାଇ ଭଲ ପଦରେ କାମ କରୁଛି? କିପରି ଆଇଏଏସ୍, ଆଇପିଏସ୍ ହେଉଛି? ଆଇଟି କରିବା ତ ଆଜି ସାଧାରଣ କଥା। ତାହାର ମୂଳ କାରଣ ହେଉଛି ଆମେ ପିଲାମାନଙ୍କୁ କେବଳ ଘୋଷିବା ପାଇଁ ନୁହେଁ, ଭାବିବା ପାଇଁ ପ୍ରେରିତ କରୁଛୁ।



ଯେକୌଣସି ପିଲାକୁ ଗଣିତର ଫର୍ମୁଲା ପଚାରିଲେ ସେ ସଙ୍ଗେ ସଙ୍ଗେ ଉତ୍ତର ଦେଇ ଦବ। କିନ୍ତୁ ଏହି ଫର୍ମୁଲା କାହିଁକି? ଏହା ପଛରେ କାରଣ କ'ଣ? ଯାର ଉତ୍ତର ତା ପାଖରେ ନାହିଁ। ତେଣୁ ଆଜିର ସମୟରେ ପିଲାମାନଙ୍କୁ ବୁଝିବାର ବେଳ ଆସିଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ମହାନ୍ତି ସାହେବ ଏଆଇ ବ୍ୟବହାର କରି ଡିଜିଟାଲ୍ ପ୍ଲାଟଫର୍ମ ତିଆରି କରୁଛନ୍ତି, ପିଲାମାନଙ୍କୁ ଭାବିବା ପାଇଁ ପ୍ରେରିତ କରୁଛନ୍ତି ଏହା ମତେ ବହୁତ ଆକର୍ଷିତ କରିଛି ବୋଲି ଶ୍ରୀଯୁକ୍ତ ଆନନ୍ଦ କହିଥିଲେ।

ମୁଁ କେବଳ ଦୀପ ଜଳାଇବା , ଫିତା କାଟିବାକୁ ଆସିନି। ମୁଁ ଆସିଛି ଆପଣମାନଙ୍କ ସହ ମୋର ପ୍ରତିବଦ୍ଧତା ଓ ଭାବପ୍ରବଣ କଥା ବାଣ୍ଟିବା ପାଇଁ ଆସିଛି। ପିଲାମାନଙ୍କର ଚିନ୍ତାଶକ୍ତି କିପରି ବିକଶିତ ହେବ, ସେଥିପାଇଁ ସାହାଯ୍ୟ କରିବାକୁ ଆସିଛି। ଆମ ପିଲାମାନେ ଯେକୌଣସି ପୃଷ୍ଠଭୂମିରୁ ଆସନ୍ତୁ, ତାଙ୍କର ଶିଖିବା ଓ ଭାବିବା କ୍ଷମତା ଏତେ ବିକଶିତ ହୁଏ ଯେ ସେମାନେ ଇଂଲଣ୍ଡ, ଆମେରିକାରେ ଯାଇ କାମ କରନ୍ତି। ଭାଷା କେବେ ମଧ୍ୟ ବାଧା ହୁଏ ନାହିଁ।ଏଠାରେ ଥିବା ଶିକ୍ଷକବୃନ୍ଦ ଓ ଅଭିଭାବକ କହିବାକୁ ଚାହେଁ,ଯଦି ପିଲା ନିଜେ ପଢ଼ି କିଛି ନୂଆ ଶିଖିବା ଶିଖିଯାଏ, ତେବେ ବୁଝିବେ ସେ ଆଗକୁ ବଢ଼ିଗଲା। ଉକ୍ତ ସ୍କୁଲ ସହ ମିଶି ଗୋଟିଏ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କରିବାକୁ ଯାଉଛୁ, ଯାହା ପାଇଁ ଶୁଳ୍କ ନେଇନାହିଁ ଯାହା ଦ୍ୱାରା ଏହି ଭବନର ଇତିହାସ ପୁଣିଥରେ ଲେଖାଯିବ। ଏହି ସ୍କୁଲ ଇତିହାସ ତିଆରି କରୁ, ବହୁତ ଉନ୍ନତି କରୁ। ସ୍କୁଲର ମହତ୍ତ୍ୱ କେବଳ ଭଲ ପଢ଼ା ପାଇଁ ନୁହେଁ, ବରଂ ସେଠାରୁ ପଢ଼ିଥିବା ପିଲା କେତେ ବଡ଼ ମଣିଷ ହେଇଛି ସେଥିପାଇଁ ଗର୍ବ କରିବ।

ଶିକ୍ଷକ ହୁଅନ୍ତୁ କି ପିତାମାତା ପିଲାଙ୍କ ସହ ଦୋସ୍ତିର ହାତ ବଢ଼ାନ୍ତୁ। ଦୋସ୍ତିର ସମ୍ପର୍କ ପିଲାକୁ ଭଲ ମଣିଷ ହେବାକୁ ଖୋରାକ ଯୋଗାଇ ଥାଏ ବୋଲି ଶ୍ରୀଯୁକ୍ତ ଆନନ୍ଦ ଅଭିଭାବକ ମାନଙ୍କୁ କହିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆକାଶ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଡ଼ଃ ଅଜୟ ବାହାଦୁର ସିଂହ ସମ୍ମାନିତ ଅତିଥି, ମେୟର ସୁବାସ ସିଂ, ବିଧାୟିକା ସୋଫିଆ ଫିର୍ଦୋଷ, ବିଜେପି ନେତା ନୟନ କିଶୋର ମହାନ୍ତି, ସମାଜର ପ୍ରକାଶକ ରାଜେନ୍ଦ୍ର ଜେନା, ପରାମର୍ଶ ବୋର୍ଡ ସଦସ୍ୟ ଡଃ ହରେକୃଷ୍ଣ ଶତପଥୀ, ପ୍ରଭାକର ସ୍?ାଇଁ, ଅନୁପମ ପାତ୍ର, ସମୀର ପରିଜା, ଅନୁପମ ଭଗତ ପ୍ରମୁଖ ଉପସ୍ଥିତ ଥିଲେ। ସେଣ୍ଟ ଜାଭିୟର୍ସ ଏଜୁକେଶ୍ନାଲ ଟ୍ରଷ୍ଟର ଅଧ୍ୟକ୍ଷ ଡକ୍ଟର ପ୍ରଭୂ ଚରଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ ଅନୁଷ୍ଠିତ ଏହି ସମାରୋହରେ ସ୍ନିଗ୍ଧା ମହାନ୍ତି, ଶୁଭେନ୍ଦୁ ଶେଖର ସ୍ୱାଇଁ, ସମ୍ୟକ ମହାନ୍ତି, ସାମର୍ଥ ମହାନ୍ତି ଓ ଆୟଶା ଦାସଙ୍କ ସହଯୋଗରେ ସଫଳତାର ସହ ଶେଷ ହୋଇଥଲା।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ : ୦୧.୦୧.୧୯୨୦ (ଗୁରୁବାର)

ତିରୋଧାନ : ୧୫.୦୧.୨୦୨୬ (ଗୁରୁବାର)

✓ଗୁରୁବାରି ମହାନ୍ତି (୧୦୬ ବର୍ଷ)

ଗ୍ରାମ: ମମାନିପୁର, ବାମନବିନ୍ଧା, ପିରହାଟ, ଜିଲ୍ଲା- ଭଦ୍ରକ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, କର୍ତ୍ତବ୍ୟବପରାୟଣତା, ଏବଂ ମହାନୁଭବତା ଆମକୁ ସବୁଦିନ ପ୍ରେରଣା ଦେଉଥିବ। ଆପଣଙ୍କର ଅନୁପସ୍ଥିତି ଚିରଦିନ ପାଇଁ ଅପୂରଣୀୟ ହୋଇ ରହିବ। ଆପଣଙ୍କ ଏକାଦଶାହ ଅବସରରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ

Son- Gopal, Kailash, Kartika, Prahallad, Rabindra, Ramachandra, Rabi; Daughter- Laxmi, Kamali; Daughter-In-Law: Sudhapani, Nirupama, Kanchan, Puspa, Manorama, Tilotama; Grandson & Daughters- Mama, Lilu, Lipu, Dipu, Sini, Sonu, Chiku, Lipa, Dipa, Mamuni, Bulu, Tutunu, Ajata, Ranju, Babu, Lucy, Susmita; Nephew- Nila, Shanti; Great Grandson & Daughter - Barun, Shlok, Advik, Adidev, Jaga, Barsha, Chiki, Miku, Friends & Family

ସମାଜସେବୀଙ୍କ ସ୍ମୃତିଚାରଣ ସଭା

ମଙ୍ଗଳପୁର, ୨୪ା୧(ସମିସ): ବରିଷ୍ଠ ସମାଜସେବୀ ଲକ୍ଷ୍ମୀଧର ରାଉତଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଦଶରଥପୁର ବ୍ଲକ ଦୁଦୁରାଅନ୍ତା ପଞ୍ଚାୟତ ଆଖୁଆସାହି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ନାଗରିକ କୁଳମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅହିୟାସ ଉଚ୍ଚ ବିଦ୍ୟାଳୟ ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ପାତ୍ର, ଶିକ୍ଷକ ନେତା ନିରଞ୍ଜନ ବିଶ୍ୱାଳ, ସାଧୁଗୌରେଶ୍ୱର ମହାବିଦ୍ୟାଳୟ ପୂର୍ବତନ ପ୍ରାଧ୍ୟାପକ ଡ. ବିଜୟ କୁମାର ସାମଲ, ବରୁଣେଶ୍ୱର ଉଚ୍ଚ ବିଦ୍ୟାଳୟ ପୂର୍ବତନ ପ୍ରଧାନ ଶିକ୍ଷକ ଦିଗମ୍ବର ସାହୁ, ଗରିବବନ୍ଧୁ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଅନନ୍ତ କିଶୋର ଶତପଥୀ, ମଠସାହି ଉପ୍ରା ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଭୂୟାଁ, ମହତାବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୂର୍ବତନ ଶିକ୍ଷକ ବଂଶୀଧର ଦାସ, ସମାଜସେବୀ ଅକ୍ଷୟ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସ୍ୱର୍ଗତ ଲକ୍ଷ୍ମୀଧର ରାଉତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା।

ଦୁବକଣ ବିଦ୍ୟାଳୟରେ ଶିକ୍ଷକ ବଦଳି ବିବାଦ

ବଦଳି ବାତିଲ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ



ମଙ୍ଗଳପୁର/କୟାଁଗୋଲା, ୨୪ା୧(ସମିସ)

ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ଦୁବକଣ ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା ଶନିବାର ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନ ଶିକ୍ଷକଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ସୂଚନା ମୁତାବକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ଅଚାନକ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟରୁ ଅନ୍ୟତ୍ର ବଦଳି କରାଯିବା ପ୍ରତିବାଦ ଓ ବଦଳି ବାତିଲ ଦାବି କରି ଏହି ଧାରଣା ଦିଆଯାଇଥିଲା। ପରୀକ୍ଷାକୁ ଆଉ ମାତ୍ର ଦୁଇ ମାସ ବାକି ଥିବାବେଳେ ବିଜ୍ଞାନ ଶିକ୍ଷକଙ୍କୁ ବଦଳି କରିବାକୁ ନେଇ ଘୋର ଅସନ୍ତୋଷ ପ୍ରକାଶ ପାଇବା ସହ ବଦଳି ବାତିଲ କରାନଗଲେ ଧାରଣା ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ ବୋଲି ଅଭିଭାବକ ମାନେ ସ୍ଲୋଗାନ ଦେଇଥିଲେ। ଘଟଣାର ଖବର ପାଇଁ ସିଆର୍‌ସିସି ପ୍ରିୟରଞ୍ଜନ ଦାଶ ବିଦ୍ୟାଳୟ ନିକଟରେ ପହଞ୍ଚି ଆନ୍ଦୋଳନକାରୀମାନଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଆନ୍ଦୋଳନ କାରି ମାନେ ଆନ୍ଦୋଳନରୁ ଓହରି ନଥିଲା। ଏହାପରେ ସିଆର୍‌ସିସି ବିଇଓ ଶାନ୍ତନୁ କୁମାର ମଲ୍ଲିକଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ବିଇଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରିବା ସହ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡାଙ୍କ ବଦଳି ବାତିଲ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନ କାରି ମାନଙ୍କ ସମସ୍ୟା ବୁଝି ବଦଳି ବାତିଲ ପାଇଁ ପ୍ରତିଶ୍ରୁତି ଦେବା ପରେ ବିଇଓ ଶାନ୍ତନୁ କୁମାର ମଲ୍ଲିକ ଓ ସିଆରସିସି ପ୍ରିୟରଞ୍ଜନ ଦାଶଙ୍କୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟପ୍ରକାଶ ନାୟକ, ସଭ୍ୟ ପ୍ରଭାତ କୁମାର ନାୟକ, ସଭ୍ୟା ରଶ୍ମିତା ସାହୁ, ମିନତି ଯେନା ଓ ଅଭିଭାବିକା ମାମିନା ଯେନାଙ୍କ ସମେତ କମିଟିର ସମସ୍ତ ସଭ୍ୟ ସଭ୍ୟା ଓ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ମାନେ କୃତଜ୍ଞତା ଜଣେଇଛନ୍ତି।

ଅରିଲୋରେ ସରସ୍ୱତୀ ପୂଜା

ସିଂହପୁର, ୨୪ା୧(ସମିସ): ଅରିଲୋ ଗ୍ରାମରେ ସରସ୍ୱତୀ ପୂଜା ସମାରୋହରେ ପାଳନ କରାଯାଉଛି। ସରସ୍ୱତୀ ପୂଜା କମିଟି ପକ୍ଷରୁ ୧୯୮୬ ମସିହାରୁ ଦୀର୍ଘ ୪୦ ବର୍ଷ ହେଲା ପୂଜା ରିତିନୀତିରେ ପାଳନ କରାଯାଉଛି। ଶୁକ୍ରବାର ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ କରାଯାଇଥିଲା। ଶନିବାର ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ସହିତ ଭଜନ ସଂଧ୍ୟା ଅନୁଷ୍ଠିତ ହୋଇଥଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ବହୁ ବ୍ୟକ୍ତି ସମାଗମ ହୋଇଥିଲେ। କାର୍ଯ୍ୟକ୍ରମକୁ ପୂଜା କମିଟିର ସଦସ୍ୟ ମାନେ ପରିଚାଳନାରେ ସହଯୋଗ କରିଥିଲେ।

ରବୀନ୍ଦ୍ର ନାରାୟଣ ଦାସ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା



ବଡ଼ଚଣା, ୨୪ା୧(ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ଖେଳପଡ଼ିଆରେ ସ୍ପୋର୍ଟସ ଆଣ୍ଡ କଲଚରାଲ ଆସୋସିଏସନ୍ ଧାନମଣ୍ଡଳ ଆନୁକୂଲ୍ୟରେ ଆୟୋଜିତ ୧୧ତମ ଗୁରୁ ରବୀନ୍ଦ୍ର ନାରାୟଣ ଦାସ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ଆଇଆର୍‌ସି ଭୁବନେଶ୍ୱର ନିର୍ଦ୍ଧାରିତ ୨୦ଓଭର୍‌ରେ ୨୬୯ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ଦଳ ଖୋଶାଳିପୁର କୁଆଖିଆ ୧୪୪ରନ୍ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଖେଳକୁ ସତ୍ୟରଞ୍ଜନ ସାମଲ ଓ ଶିବ ପ୍ରସାଦ ନାୟକ ପରିଚାଳନା କରିଥିଲେ। ଏହି ଖେଳକୁ ଉଦ୍‌ଘାଟନ କରିଥିଲେ ରଶ୍ମିରଞ୍ଜନ ଦାସ। ଅନ୍ୟ ମାନଙ୍କ ମଧ୍ୟରେ ଧାନମଣ୍ଡଳ ସ୍ପୋର୍ଟସ ଆଣ୍ଡ କଲଚରାଲ୍ ଆସୋସିଏସନ୍‌ର ସଭାପତି ବିଭାଷ ଚନ୍ଦ୍ର ନନ୍ଦ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ନାୟକ, ଦୀପକ୍ କୁମାର ମିଶ୍ର, ଧାନମଣ୍ଡଳ ଗ୍ରାମପଞ୍ଚାୟତ ସରପଞ୍ଚ ନବଦୀପ ନାୟକ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ମହାନ୍ତି, ରଶ୍ମିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତାକାଲିର ଖେଳ ଗୋଲ୍ଡେନ୍ ଷ୍ଟାର୍ ଧାନମଣ୍ଡଳ ଓ ଡାଇମଣ୍ଡ ଫେସ୍ ବଡ଼ଘୁମୁରି ମଧ୍ୟରେ ହେବ ବୋଲି ଆୟୋଜକଙ୍କ ଠାରୁ ଜଣାପଡ଼ିଛି।

ସ୍ୱଜଳଧାରା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ମଙ୍ଗଳପୁର, ୨୪ା୧(ସମିସ): ଦଶରଥପୁର ବ୍ଲକର ଥାଲକୁଡ଼ି ପଞ୍ଚାୟତରେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଛି। ସେ ଦକ୍ଷିଣବନ୍ଧ ଗ୍ରାମର ବିଜୁଳିପଡ଼ା, ଥାଲକୁଡ଼ି ଗ୍ରାମର କଷବା ବନ୍ଧସାହି ଓ ଧନୀପୁର ଗ୍ରାମରେ ଆଗକୁ ଖରା ଦିନ ଆସୁଥିବାରୁ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଆଜି ସ୍ୱଜଳଧାରା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପଞ୍ଚାୟତର ପ୍ରାୟ ୫ଶହ ପରିବାର ଉପକୃତ ହୋଇପାରିବେ ବୋଲି ଥାଲକୁଡ଼ି ପଞ୍ଚାୟତ ବିଜେଡି ସଭାପତି ବିଜୟ କୁମାର ପାତ୍ର କହିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଥାଲକୁଡି ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ସେଠୀ, ସମିତିସଭ୍ୟା ଅର୍ଚ୍ଚନା ଦାସ, ଯୁବ ନେତା ଦୀପକ କୁମାର ବାରିକ, ସୌମ୍ୟ ରଞ୍ଜନ ମଲ୍ଲିକ, ଆମ୍ବ ଅଧ୍ୟକ୍ଷ ଅନ୍ନଦା ପାଣ୍ଡବ, ଜାଫରପୁର ପଞ୍ଚାୟତ ସରପଞ୍ଚ ସୁରେନ୍ଦ୍ର କୁମାର ବେହୁରିଆ, ବିରିପଟା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଚିତ୍ତରଞ୍ଜନ ନାୟକ, ନନ୍ଦନ ପୃଷ୍ଟି, ପ୍ରାକ୍ତନ ସରପଞ୍ଚ ମନୋରଞ୍ଜନ ଦାସ, ସମାଜସେବୀ ପ୍ରମୋଦ କୁମାର ଦାସ, ଭରତ ମଲିକ, ହିମାଂଶୁ ନାୟକଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

ବିବି କଲେଜ୍ ଶିକ୍ଷା ବିଭାଗ ପକ୍ଷରୁ ଆଲୋଚନାଚକ୍ର



ବଡ଼ଚଣା, ୨୪ା୧(ସମିସ): ଚଣ୍ଡିଖୋଲସ୍ଥିତ ବାବା ଭୈରବା ନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗ ତରଫରୁ ପୋଷଣୀୟ ବିକାଶ ପାଇଁ ଶିକ୍ଷା: ଅସ୍ତିତ୍ୱ ପାଇଁ ଶିକ୍ଷା ଶୀର୍ଷକ ଏକ ଆଲୋଚନାଚକ୍ର ମହାବିଦ୍ୟାଳୟର ଶିକ୍ଷା ବିଭାଗରେ ମୁଖ୍ୟ ଅଧ୍ୟାପକ ମଥୁରୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟ ବକ୍ତା ତଥା ବିଷୟ ବିଶେଷଜ୍ଞ ଶିକ୍ଷା ବିଶେଷଜ୍ଞ କୁଳମଣି ସାହୁ ଧାରଣୀୟ ବିକାଶ ପାଇଁ ଶିକ୍ଷା ଲୋକମାନଙ୍କୁ ପରିବେଶ, ଅର୍ଥନୀତି ଏବଂ ସମାଜ ପାଇଁ ଉତ୍ତମ ଉପାୟରେ ବଞ୍ଚିବା ପାଇଁ ଜ୍ଞାନ, କୌଶଳ, ମୂଲ୍ୟବୋଧ ମନୋଭାବ ଏବଂ ଆଚରଣ ସହିତ ସଶକ୍ତ କରିଥାଏ। ପ୍ରାକୃତିକ ସମ୍ପଦର ସଂରକ୍ଷଣ, ପ୍ରଦୂଷଣ ମୁକ୍ତ ପରିବେଶ, ପ୍ଲାଷ୍ଟିକ ଦ୍ରବ୍ୟର ପୁନଃଚକ୍ରଣ ସହିତ ଏକ ସୁସ୍ଥ ପରିବେଶରେ ରେ ଜୀବନ ଅତିବାହିତ କରିବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ମନୋଜ କୁମାର ସ୍ୱାଇଁ ଆଲୋଚନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଡ. ଦିଲ୍ଲୀପ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ମଧୁସ୍ମିତା ଭୋଇ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅଧ୍ୟାପକ କାଳନ୍ଦୀ ମଲିକ, ଅଧ୍ୟାପିକା ରୁକ୍ମିଣୀ ପ୍ରଧାନ, ସରିତା ସ୍ୱାଇଁ, ମାନସୀ ମହାନ୍ତି, ସହଯୋଗ କରିଥିଲେ। ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଶିକ୍ଷା ବିଭାଗରେ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ପାଣିକୋଇଲି ଥାନାଧିକାରୀଙ୍କ ସହାୟତା

ପାଣିକୋଇଲି, ୨୪ା୧(ସମିସ): ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି ପାଟ୍ରୋଲିଂ କରୁଥିବା ବେଳେ ହଠାତ ତାଙ୍କ ନଜର ପଡ଼ିଥିଲା ତିନି ଜଣ ଦୃଷ୍ଟିହୀନ ଲୋକଙ୍କ ଉପରେ। ଢେଙ୍କାନାଳ ଅଞ୍ଚଳର ତିନିଜଣ ଦୃଷ୍ଟିହୀନ ରାମ ବାଡି ମୁଣ୍ଡା, କୋଇଲି ସାହୁ ଓ ବିଶିକେଶନ ନଦିଆ ବାଡି ଧରାଧରି ହେଶଇ ପାଣିକୋଇଲି ଅଞ୍ଚଳରେ ଦେକାନ ଦୋକାନ ବୁଲି ମାଗୁଥିଲେ। ଏହି ଦୃଶ୍ୟ ଦେଖି ଥାନାଧିକାରୀ ସେମାନଙ୍କ ନିକଟରେ ପହଞ୍ଚି ସହାୟତାର ହାତ ବଢ଼ାଇଥିଲେ। ସେମାନଙ୍କୁ ନୂତନ ବସ୍ତ୍ର, ସହ ଆର୍ଥିକ ସହାୟତା ଦେଇ ସେମାନଙ୍କୁ ଗାଡ଼ିରେ ନେଇ ହୋଟେଲରେ ଖାଦ୍ୟ ଖୁଆଇ ଛାଡ଼ିଥିଲେ।

ସୁକିନ୍ଦା ହତ୍ୟାକାଣ୍ଡ ଘଟଣାର ଅଭିଯୁକ୍ତ ଗିରଫ

ସୁକିନ୍ଦା, ୨୪ା୧(ସମିସ): ସୁକିନ୍ଦା ଅଞ୍ଚଳରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ମୃତ ବ୍ୟକ୍ତି ଏହି ଥାନା ଅନ୍ତର୍ଗତ ଲେମ୍ବୁ ପଞ୍ଚାୟତ ଅଧୀନ ମାଟିଗାଡ଼ିଆ ଗ୍ରାମ ଦଶରଥ ବେହେରା(୫୩)। ଗତ ଗୁରୁବାର ସକାଳୁ ମାଟିଗାଡ଼ିଆ ଗାଁ ଛକ ନିକଟରେ ଦଶରଥଙ୍କ ମୃତଦେହ ବିଭତ୍ସ ଅବସ୍ଥାରେ ପଡ଼ିଥିବା ଗାଁ ଲୋକେ ଦେଖି ସୁକିନ୍ଦା ପୋଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏ ସଂକ୍ରାନ୍ତରେ ୧୬/୨୦୨୬ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

ସୂଚନା ଥାଉ କି ଗତ କିଛିଦିନ ପୂର୍ବରୁ ଦଶରଥଙ୍କ ପତ୍ନୀଙ୍କର ଦେହାନ୍ତ ହୋଇଛି। ତାଙ୍କର ଦୁଇ ପୁଅ। ଦଶରଥ ଓ ବଡ଼ପୁଅ ଗ୍ରାମ ପାଖ ବାଲିଆ ଗ୍ରାମରେ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ସାନପୁଅ କେନ୍ଦୁଝରରେ ଏକ ଘରୋଇ କମ୍ପାନୀରେ କାମକରେ। ସବୁଦିନ ପରି ଗତ ବୁଧବାର ରାତିରେ ପୁଅ ଅଶୋକ ଦୋକାନରେ ସୋଇଥିଲା। ଦଶରଥ ଘରେ ଏକା ସୋଇଥିବା ଅବସ୍ଥାରେ କେହି ଦୁର୍ବୃତ୍ତ ତାଙ୍କୁ ଘରୁ ଟେକିନେଇ ଧାରୁଆ ଅସ୍ତ୍ରରେ ବେକକାଟି ହତ୍ୟାକରି ଫିଙ୍ଗିଥିଲା। ମୃତ ଦଶରଥଙ୍କ ଘର ନିକଟରେ ରହୁଥିବା ବନ୍ଧଗାଁର ସୁରେନ୍ଦ୍ର ବେହେରାଙ୍କ ପୁଅ ଶାନ୍ତନୁ ବେହେରା(୪୫) ପ୍ରତି ପୁଲିସ ସନ୍ଦେହ ସୃଷ୍ଟି ହୋଇଥିଲା। ଗତ ୨୦୨୨ମସିହାରେ ଅଭିଯୁକ୍ତ ଶାନ୍ତନୁ ମଣିଆ ବାବର ନାମକ ଜଣେ ବାବାଙ୍କ ହତ୍ୟାକାଣ୍ଡ ଘଟଣାରେ ଗିରଫ ହୋଇ ଜେଲ ଯିବାପରେ ଜାମିନରେ ଆସି ଭଉଣୀ ଘରେ ରହୁଥିବା ଜଣାପଡ଼ିଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରିବା ପରେ ଗତ ଶୁକ୍ରବାର କେନ୍ଦୁଝର ଜିଲ୍ଲା ବାମ୍ବାରି ଥାନା ଅଞ୍ଚଳରୁ ସାନ୍ତାନୁକୁ ଗିରଫ କରିଥିଲା। ଶନିବାର ପୁଲିସ ଅଭିଯୁକ୍ତକୁ ନେଇ ଘଟଣା ସ୍ଥଳରେ ପହଞ୍ଚି ହତ୍ୟାକାଣ୍ଡ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରୀ ଜବତ କରିବା ପରେ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଘଟଣା ରାତିରେ ଅଭିଯୁକ୍ତ ଶାନ୍ତନୁ ଓ ଦଶରଥ ମିଶି ମଦ୍ୟପାନ କରିବା ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା ସେଥିରେ ଉତ୍‌କ୍ଷିପ୍ତ ହୋଇ ଏଭଳି ଘଟଣା ଘଟିଥିବା ଶାନ୍ତନୁ ପୁଲିସ ନିକଟରେ କହିଥିବା ଜଣାପଡ଼ିଛି।

ସୁକିନ୍ଦାରେ ହିନ୍ଦୁ ସମ୍ମିଳନୀ

ସୁକିନ୍ଦା, ୨୪ା୧(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକ ପୂର୍ତ୍ତି ଅବସରରେ ସୁକିନ୍ଦାରେ ବିଶାଳ ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ରାଜ୍ୟବ୍ୟାପୀ ଏହି କାର୍ଯ୍ୟକ୍ରମ ପାଳନ ହେଉଥିବା ବେଳେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ରାଙ୍କିଆ ସ୍ଥିତ ରାମ ମନ୍ଦିର ପରିସରରେ ସୁକିନ୍ଦା - ହରିପୁର ମଣ୍ଡଳ ପକ୍ଷରୁ ବିଶାଳ ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜିତ ହୋଇଯାଇଛି। ଶୁକ୍ରବାର ସକାଳୁ ସ୍ଥାନୀୟ ଅଞ୍ଚଳର ଏକ ହଜାର ଆଠ ମହିଳା ବ୍ରାହ୍ମଣୀ ନଦୀର ରେଙ୍ଗାଲି ଶାଖା କେନାଲ ନିକଟରେ ପୂଜାର୍ଚ୍ଚନା ପରେ କଳସୀରେ ଜଳ ନେଇ ବିରାଟ ଶୋଭାଯାତ୍ରାରେ ବାହାରି ମନ୍ଦିରରେ ପହଞ୍ଚିଥିଲେ। ରାମ ମନ୍ଦିରରେ କଳସ ସ୍ଥାପନ ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ସେଠାରେ ଏକ ଭକ୍ତିମୟ ପରିବେଶ ମଧ୍ୟରେ ବିଶାଳ ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମ ଅବସରରେ କଳାକାର ଓ କୁନି କୁନି ପିଲାମାନଙ୍କ ଦ୍ୱାରା ମଞ୍ଚରେ ସୁନ୍ଦର ସାଂସ୍କୃତିକ କଳା ପ୍ରଦର୍ଶନ କରାଯାଇଥିଲା, ଯାହା ଦର୍ଶକଙ୍କୁ ଆକର୍ଷିତ କରିଥିଲା। ପ୍ରଥମ ଦିନରେ ସ୍ଥାନୀୟ ତଥା ଆଖପାଖ ଅଞ୍ଚଳର ଦୁଇ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ଆସନ୍ତାକାଲି ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପାଦନ ହେବ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶତାଧିକ ସାଧୁ ସନ୍ଥ ଏଥିରେ ଯୋଗ ଦେଇଥିବା ବେଳେ ଆସନ୍ତା କାଲି ପାଞ୍ଚ ହଜାରରୁ ଅଧିକ ଶ୍ରଦ୍ଧାଳୁ ଯୋଗଦେବାର ଆଶା କରାଯାଉଥିବାରୁ ସୁକିନ୍ଦା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ସରକାରୀ ଜମିରୁ ମାଟି ଉଠାଣକୁ ବିରୋଧ



ଯାଜପୁର, ୨୪ା୧(ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ୨୦ ନମ୍ବର୍ ଜାତୀୟ ରାଜପଥର ଗଜି ପାଢ଼ୀ ଛକରେ କବିରପୁର ମୌଜାର ୫୧ ନମ୍ବର୍ ପ୍ଲଟ୍‌ରୁ ବେଆଇନ ମାଟି ଉଠାଣକୁ କେନ୍ଦ୍ର କରି ଅସନ୍ତୋଷ ଦେଖାଦେଇଛି। ଏଠାରେ ଥିବା ଜଳାଶୟରୁ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଆଜି ସକାଳ ୯ଟା ସମୟରେ ନମ୍ବର୍ ପ୍ଲେଟ୍ ନଥିବା ଗୋଟିଏ ଜେସିବି ଓ ୩ ଗୋଟି ଟ୍ରାକ୍ଟର ଦ୍ୱାରା ମାଟି ଖୋଳିଚାଲାଣ ବେଳେ କୌଣସି ସୂତ୍ରରୁ ସଦର ଥାନା ପୋଲିସ ଖବର ପାଇଥିଲେ। ମାଟି ଉଠାଇ ବେଆଇନ୍ ଚାଲାଣ ବେଳେ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବିରୋଧ କରି ଥିଲେ। ପ୍ରକାଶ ଥାଉକି ଉକ୍ତ ବିବାଦୀୟ ଜଳାଶୟ ଜମିରେ ୨ ଜଣ ଗରିବ ବେକାର ଯୁବକ ଦୁଇଟି କ୍ୟାବିନ୍ ପକାଇ ଆଜକୁ ଦୀର୍ଘ ବର୍ଷ ଧରି ସେଲୁନ୍ ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଉ ଥିଲେ। କିଛି ବ୍ୟକ୍ତି ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁଇଟି ଦୋକାନ ଉଚ୍ଛେଦ କରାଯାଇଥିଲା। ଯେଉଁ ବ୍ୟକ୍ତି ମାନେ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ସେହି ବ୍ୟକ୍ତି ମାନେ ଆଜି ବେଆଇନ୍ ଭାବେ ଜୋର୍ ଜବରଦସ୍ତ ମାଟି ଖୋଳି ବିକ୍ରି କରିବାପାଇଁ ମସୁଧା ଚଳାଇଥିଲେ। ରାଜ୍ୟରେ ଲଘୁ ଖଣିଜ ସମ୍ପଦ ଚୋରୀକୁ ରୋକିବାକୁ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ ମାଫିଆଙ୍କ କୌଣସି ଭୟ ନଥାଇ ଚାଲାଣ କରୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଦାବି କରାଯାଇଥିଲା।

ବିଶ୍ୱଶାନ୍ତି ମହାଯଜ୍ଞ ଓ ଶଙ୍ଖ ମହୋତ୍ସବ ଉଦ୍‌ଘାଟିତ

ଧର୍ମଶାଳା, ୨୪ା୧(ସମିସ): ଧର୍ମଶାଳା ବ୍ଲକ ପଟୁଣିଆ ପଞ୍ଚାୟତ ସିଦ୍ଧପୀଠ ଗଲଗଲି ଶଙ୍ଖଠାରେ ୧୪ତମ ବିଶ୍ୱଶାନ୍ତି ମହାଯଜ୍ଞ ଓ ଶଙ୍ଖ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ ସତ୍ୟକର୍ମ କରିବା ସହିତ ହୃଦୟ ମନକୁ ଶୁଦ୍ଧ ରଖିବା ହେଉଛି ଆଧ୍ୟାମିକ ଚିନ୍ତନର ପ୍ରକୃତ ମାର୍ଗ ଅଟେ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବରେ ସ୍ୱାମୀ ଦିନଦୟାଲ ସରସ୍ୱତୀ ବିଶିଷ୍ଟ ଅତିଥିଭାବେ ଯୋଗଦେଇଥିଲେ। କୋଟପୁରର ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ଜେନା, କଣ୍ଟିଗଡ଼ିଆ ସମିତିସଭ୍ୟ ଅରୁପାନନ୍ଦ ଜେନା, କମିଟି ସଭାପତି ବିବେକାନନ୍ଦ ଦାସ, ସମ୍ପାଦକ ପ୍ରଶାନ୍ତ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଯଜ୍ଞର ଉଦ୍ୟୋକ୍ତା ତଥା ପ୍ରତିଷ୍ଠାତା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୂର୍ବାହ୍ନରେ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଏକ କଳସ ଯାତ୍ରା ଆୟୋଜିତ ହୋଇଥିଲା। କଳସଯାତ୍ରାରେ ଆଖପାଖ ୬ ଗୋଟି ପଞ୍ଚାୟତର ମହିଳାମାନେ ସାମିଲ ହୋଇଥିଲେ। ମହିଳାମାନେ ସ୍ଥାନୀୟ ଖଡ଼ିଅଙ୍ଗ ନଦୀରୁ କଳସରେ ଜଳ ଆଣିବା ପରେ ଯଜ୍ଞ ବେଦୀରେ ପ୍ରତିଷ୍ଠା କରାଯାଇଥିଲା। ଗୋରେଖ ଚୈତନ୍ୟ, ଦୟାନିଧି ଦାଶ, ବ୍ରଜକିଶୋର ମହାନ୍ତି, ସୁଶାନ୍ତ ନାଏକ, ରସାନନ୍ଦ ଦାସ, ଝୁନାରାଣୀ ମିଶ୍ର, ରାଧାରାଣୀ ମିଶ୍ର, ସବିତାମଞ୍ଜରୀ ବିଶ୍ୱାଳ, ମିନତୀ ପଣ୍ଡା, ରଶ୍ମିତା ନାଏକ ପ୍ରମୁଖ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ। ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଭାରତୀୟ ନାଟ୍ୟ ଏକାଡେମୀ ନାନପୁର ମାହାଙ୍ଗା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ମା’ ବୀଣାପାଣି ପୂଜା ମହାସମାରୋହ

ବିଞ୍ଝାରପୁର, ୨୪ା୧(ସମିସ): ପବିତ୍ର ବସନ୍ତ ପଞ୍ଚମୀ ଅବସରରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡା ଗ୍ରାମ ପଞ୍ଚାୟତର ଗୌଡସାହି କଲ୍ୟାଣେଶ୍ୱର ଛକ ଠାରେ ବଣିକ ସଂଘ ପକ୍ଷରୁ ଚଳିତ ବର୍ଷ ୬୨ତମ ମା’ ବୀଣାପାଣି ପୂଜା ମହାସମାରୋହରେ ଆୟୋଜିତ ହେଉଛି। ବଣିକ ସଂଘ ଦ୍ୱାରା ନିର୍ମିତ ଆକର୍ଷଣୀୟ ପୂଜା ମଣ୍ଡପରେ ଶୁକ୍ରବାର ବେଦଜ୍ଞ ବ୍ରାହ୍ମଣ ବୁଲୁ ମିଶ୍ର ଓ ମୁରଲୀ ମିଶ୍ରଙ୍କ ଦ୍ୱାରା ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନା କରାଯାଇ କଳସ ପୂଜା, ପ୍ରାଣ ପ୍ରତିଷ୍ଠା, ବିଧିବଦ୍ଧ ପୂଜାର୍ଚ୍ଚନା, ହୋମ, ନୈବେଦ୍ୟ ଓ ଶେଷରେ ପୁଷ୍ପାଞ୍ଜଳୀ ଆର୍ପଣ କରାଯାଇଥିଲା। ମା’ଙ୍କ ଧରାବତରଣ ପୂଜା ଉତ୍ସବ ଆଗାମୀ ୫ ଦିନ ବ୍ୟାପୀ ଚାଲିବାକୁ ଥିବା ବେଳେ ପ୍ରତ୍ୟେକ ସନ୍ଧ୍ୟାରେ ପୂଜା ଅନୁଷ୍ଠାନ ପକ୍ଷରୁ ଦାସକାଠିଆ, ଭଜନ ସନ୍ଧ୍ୟା, ଘୋଡ଼ାନାଚ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଥିବା ସମ୍ପାଦକ ରବୀନ୍ଦ୍ର କୁମାର ବେହେରା ସୂଚନା ଦେଇଛନ୍ତି। ଏହି ପୂଜା ଉତ୍ସବର ସୁଚାରୁ ପରିଚାଳନାରେ ସୁନାକର ଧଳ, ଚିତ୍ତରଞ୍ଜନ ଯେନା, ନିରୋଦ ରଣା ପ୍ରମୁଖ ସହଯୋଗ କରୁଛନ୍ତି।

ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

ଦଶରଥପୁର, ୨୪ା୧(ସମିସ): ଦଶରଥପୁର ଶିକ୍ଷା ମଣ୍ଡଳ ଥାଲୁକୁଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୩୧ତମ ମାତୃ ସମ୍ମିଳନୀ ଏବଂ ସମର୍ପଣ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପରିଚାଳନା ସମିତି ସଭାପତି ଦିଗାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର ସଭାରେ ବିଶ୍ୱହିନ୍ଦୁ ପରିଷଦର କେନ୍ଦ୍ରୀୟ ମାର୍ଗଦର୍ଶକ ମଠାଧୀଶ ସଚ୍ଚିଦାନନ୍ଦ ଦାଶ ମହାରାଜ ମୁଖ୍ୟଅତିଥ ଠିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସମ୍ପାଦକ କୈଳାସ ଚନ୍ଦ୍ର ସାମଲ, ଉପ ସଭାପତି ଦିଲ୍ଲୀପ କୁମାର ସାମଲ, ସଭ୍ୟା ଚନ୍ଦ୍ରାବତୀ ଦେଇ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅନୁଷ୍ଠିତ ସମ୍ମିଳନୀରେ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଅବିଭାବକ ସାମିଲ ହୋଇଥିଲେ। ସମସ୍ତ ଆଚାର୍ଯ୍ୟ ଏବଂ ଆଚାର୍ଯ୍ୟା ସହଯୋଗ କରିଥିଲେ।

ପ୍ରତିଭା ଚୟନ ପ୍ରତିଯୋଗିତା

ସିଂହପୁର, ୨୪ା୧(ସମିସ): କଣ୍ଡିଆସ୍ଥିତ ଶାନ୍ତି ସଂଘ ଶିକ୍ଷାକେନ୍ଦ୍ର ଆନୁକୂଲ୍ୟରେ ପବିତ୍ର ସରସ୍ୱତୀ ପୂଜା ଅବସରରେ ଏକ ପ୍ରତିଭା ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷାବିତ୍ ତଥା ବିକେବି ଉଚ୍ଚ ବିଦ୍ୟାଳୟ ହାବଳଗଣ୍ଡ ପାଟଣାର ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାହାସ ବିହାରୀ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବରେ ବର୍ଷୀୟାନ୍ ଶିକ୍ଷାବିତ୍ ଅଦୈତ୍ୟ ପ୍ରସାଦ ବାରିକ, ଅନ୍ୟତମ ବକ୍ତାଭାବେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବାଙ୍ଗରା ଓ କଣ୍ଡିଆ ଗୀତା ପାଠଶାଳାର ବ୍ରହ୍ମାକୁମାରୀ ନିଲୁ ଭଉଣୀ ଓ ସ୍ୱପ୍ନା ଭଉଣୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ମିତ୍ରଭାନୁ ସାମନ୍ତସିଂହାର, ଭାରତୀ ବାରିକ୍, ଅକ୍ଷୟ କୁମାର ଦାସ ଓ ବିକେବି ହାଇସ୍କୁଲ ହାବଳଗଣ୍ଡ ପାଟଣାର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ପ୍ରଜ୍ଞାରାଣୀ ଦାସଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅବିନାଶ ଦାସ ସଂଯୋଜନା କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ତପସ୍ୱିନୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବାସନ୍ତୀ ପରିଡ଼ା, ବାଦଲ କୁମାର ପରିଡ଼ା, ଅଂଶୁମାନ ନାୟକ, ସୁଜାତା ଜେନା, ମହେନ୍ଦ୍ର ବେହେରା, କାଳନ୍ଦୀ ବେହେରା, ବାବାଜୀ ନାୟକ, ପ୍ରମୋଦ କୁମାର ସାହୁ ଓ ପ୍ରମୋଦ ବାରିକ୍ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଜୟ ଜଗନ୍ନାଥ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ



ଯାଜପୁର, ୨୪ା୧(ସମିସ): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତ ଅନ୍ତର୍ଗତ ଭୁବନପୁର ଗ୍ରାମରେ ଜୟ ଜଗନ୍ନାଥ ମହୋତ୍ସବ ଅନୁଷ୍ଠିତ ହେଉଛି। ଏଠାରେ ଏକକାଳୀନ ସଦାସର୍ବଦା ବିଶ୍ୱଶାନ୍ତି ମହାଯଜ୍ଞ, ମଞ୍ଚରେ ଶ୍ରୀଜଗନ୍ନାଥ ସଂସ୍କୃତି ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶୁକ୍ରବାର ଅଭିନେତା ରାକେଶ ଦେଓ ଯୋଗଦେଇଥିଲେ। ତାଙ୍କୁ ମହୋତ୍ସବ କମିଟି ତରଫରୁ ଉଚ୍ଛସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ନୃତ୍ୟ ନିର୍ଦ୍ଦେଶ ସଞ୍ଜୟ ସାହ ମଧ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ଜୟ ଜଗନ୍ନାଥ ମହୋତ୍ସବ କମିଟିର ଆବାହକ ତଥା ବରିଷ୍ଠ ସମାଜସେବୀ ସତୀଶ ବିଶ୍ୱାଳ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଆଲୋକ ରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ, କବି ଡ. ଚନ୍ଦ୍ରକଳା ନାୟକ ମାନପତ୍ର ପାଠ ଏବଂ ମାନସ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ସର୍ବଶ୍ରୀ କାର୍ତ୍ତିକ ସାଇଁ, ସତ୍ୟାନନ୍ଦ ମିଶ୍ର, କୁଳମଣୀ ପ୍ରଧାନ, ପ୍ରଦୀପ କୁମାର ମହାନ୍ତି, ପ୍ରଦୀପ ବିଶ୍ୱାଳ, ଯୋଗୀଶ୍ୟାମ ଗୌରହରି ବିଶ୍ୱାଳ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ : ୦୧.୦୧.୧୯୨୦ (ଗୁରୁବାର)

ତିରୋଧାନ : ୧୫.୦୧.୨୦୨୬ (ଗୁରୁବାର)

ସ୍ୱର୍ଗତ ଗୁରୁବାରି ମହାନ୍ତି (୧୦୬ ବର୍ଷ)

ଗ୍ରାମ: ମମାନିପୁର, ବାମନବିନ୍ଧା, ପିରହାଟ, ଜିଲ୍ଲା- ଭଦ୍ରକ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, କର୍ତ୍ତବ୍ୟବପରାୟଣତା, ଏବଂ ମହାନୁଭବତା ଆମକୁ ସବୁଦିନ ପ୍ରେରଣା ଦେଉଥିବ। ଆପଣଙ୍କର ଅନୁପସ୍ଥିତି ଚିରଦିନ ପାଇଁ ଅପୂରଣୀୟ ହୋଇ ରହିବ। ଆପଣଙ୍କ ଏକାଦଶାହ ଅବସରରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ

Son- Gopal, Kailash, Kartika, Prahallad, Rabindra, Ramachandra, Rabi; Daughter- Laxmi, Kamali; Daughter-In-Law: Sudhapani, Nirupama, Kanchan, Puspa, Manorama, Tilotama; Grandson & Daughters- Mama, Lilu, Lipu, Dipu, Sini, Sonu, Chiku, Lipa, Dipa, Mamuni, Bulu, Tutunu, Ajata, Ranju, Babu, Lucy, Susmita; Nephew- Nila, Shanti; Great Grandson & Daughter - Barun, Shlok, Advik, Adidev, Jaga, Barsha, Chiki, Miku, Friends & Family

ବ୍ଲକସ୍ତରୀୟ ବିଜ୍ଞାନ ମେଳା



ରାୟଗଡ଼ା, ୨୪।୧(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ତରଫରୁ ପରିବେଶ ସୁରକ୍ଷା ନିମନ୍ତେ ଦୀର୍ଘସ୍ଥାୟୀ ଜୀବନଶୈଳୀ ନିମନ୍ତେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ବ୍ଲକ ଉପାଧକ୍ଷ ହର ପ୍ରାସାଦ ହେପ୍ରକା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁ ଚରଣ ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀ, ପ୍ରଧାପକ ମିଟସ କଲେଜ ଡ.ବିକାଶ କୁମାର ଦାଶ, ପ୍ରଧାପକ ମଡେଲ ଡିଗ୍ରୀ କଲେଜ ଡ. ରବି ନାରାୟଣ ପ୍ରଧାନ, ପ୍ରଧାପକ ଉଗ୍ରତାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଡ. ଭବାନୀ ଶଙ୍କର ଦାଶ, ଏବିଇଓ ଛବିଲାଲ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ପେଣ୍ଟା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ଗୌଡ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷୟିତ୍ରୀ ଅମ୍ବିକା ସେଠୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ରାୟଗଡ଼ା ବ୍ଲକର ସତର ଗୋଟି କ୍ଲଷ୍ଟରରୁ ଅଠତିରିଶି ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଆସନ୍ତା ୨୭ ତାରିଖରେ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରେ ଏଗାର ଗୋଟି ବ୍ଲକର ଉତ୍କୃଷ୍ଟ ପ୍ରକଳ୍ପ ଅଂଶ ଗ୍ରହଣ କରିବେ ବୋଲି ଏଡିଇଓ ଭଜନ ଲାଲ ମାଝୀ ପ୍ରକାଶ କରିଛନ୍ତି। ଏହି ବିଜ୍ଞାନ ମେଳାରେ ପ୍ରଥମ ସ୍ଥାନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଦ୍ୱିତୀୟ ସ୍ଥାନ ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟ, ପେଣ୍ଟା ଏବଂ ତୃତୀୟ ସ୍ଥାନ ସାନ୍ତା ଶେଷଖାଲ ଅଧିକାରୀ ହାସଲ କରିଛନ୍ତି।

ବସନ୍ତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ନୃତ୍ୟ ସଙ୍ଗୀତରେ ଦୁଲୁକିଲା ମଞ୍ଚ

ଗୁଣପୁର, ୨୪।୧(ସମିସ)



ଗଙ୍ଗା ଆରତୀରେ ଆରମ୍ଭ ହୋଇ କଟକ ସ୍ଥିତ ନୃତ୍ୟାମ୍ବିକା ଗ୍ରୁପ୍‌ର ସୁନ୍ଦର ନୃତ୍ୟରେ ସରିଲା ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା। ମଝିରେ କୁନି କଳାକାର ରାଣୀଙ୍କ କଲିକତା ରୋସଗଲା, ଅଭିମନ୍ୟୁ ଓ ଆରେ ପରଦେଶୀଆ ସଙ୍ଗୀତରେ ମସଗୁଲ ହୋଇଥିଲେ ଦର୍ଶକ। ସଙ୍ଗୀତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ସ୍ନେହାଶ୍ରୁତି ପାଢ଼ିଙ୍କ ସଙ୍ଗୀତ ମଧ ମନଛୁଆଁ ଥିଲା। ରାୟଗଡ଼ାରୁ ଆସିଥିବା ପିଏମସି ନୃତ୍ୟତଳ ଓଡିଶୀ ନୃତ୍ୟ ଅତି ଆକର୍ଷଣୀୟ ଥିଲା। ବିଶେଷ କରି ମଞ୍ଚ ଉପରେ ଅଦ୍ୱୈତ ବେଦାନ୍ତ ଆଶ୍ରମ ନଳିନୀ ମହାନ୍ତି, କାଳିଆ ମହାନ୍ତି, ଚନ୍ଦନ ବ୍ରହ୍ମଚାରୀ, ଯୋଗେଶ ମହାପାତ୍ର, ଗୋପାଳକୃଷ୍ଣ ମହାପାତ୍ର ପ୍ରମୁଖଙ୍କ ଦ୍ୱାରା ବଂଶଧାରା ନଦୀ କୂଳରେ ହେଉଥିବା ଏହି ଉତ୍ସବ ମଞ୍ଚ ଉପରେ ଗଙ୍ଗା ଆରତୀ ଦର୍ଶନ ପାଇଁ ଭିଡ ଜମିଥିଲା। ମଞ୍ଚରେ ଆଜି ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩୦ପ୍ରତିଯୋଗୀ ଭାଗ ନେଇଥିଲେ। ଜାତୀୟ ରେଫେରୀ ପଦ୍ମ ଚରଣ ପଣ୍ଡା ଓ ବିଟିବି ରାବଣା ମୁର୍ତ୍ତୀଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ମାଟ୍ରିକ ବୋର୍ଡ ଆବାସିକ ପ୍ରସ୍ତୁତିର ସମୀକ୍ଷା କଲେ ଜିଲ୍ଲାପାଳ




ମାଲକାନଗିରି, ୨୪।୧(ସମିସ): ମାଲକାନଗିରି ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ଦଶମ ବୋର୍ଡ ୨୦୨୬ ପରୀକ୍ଷାରେ ଭଲ ଫଳାଫଳ ଆଣିବା ନିମନ୍ତେ ଚାଲିଥିବା ଆବାସିକ ପ୍ରସ୍ତୁତି କାର୍ଯ୍ୟକ୍ରମ ର ସମୀକ୍ଷା କରିଛନ୍ତି ମାଲକାନଗିରି ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ। ମାଲକାନଗିରି ବ୍ଲକ ଏମ୍‌ଭି-୭ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ଓ କାଲିମେଲା ବ୍ଲକ ସ୍ଥିତ ଉଚ୍ଚ ବିଦ୍ୟାଳୟ ଗସ୍ତ କରି ସମୀକ୍ଷା କରିଛନ୍ତି ଜିଲ୍ଲାପାଳ। ଜାନୁଆରୀ ୧୯ରୁ ୨୪ ମଧ୍ୟରେ ଚାଲିଥିବା ଏହି କାର୍ଯକ୍ରମରେ ୪ଟି କେନ୍ଦ୍ରରେ ଜିଲ୍ଲାରୁ ୨୦୦ ଚୟନିତ ଛାତ୍ରଛାତ୍ରୀଙ୍କୁ ହଷ୍ଟେଲରେ ରଖି ସେମାନଙ୍କୁ ମାଗଣା ଖାଦ୍ୟ, ପଠନ ସାମଗ୍ରୀ, ଯୋଗ ଅଭ୍ୟାସ, ବିଷୟ ବିଶେଷଜ୍ଞ ଦ୍ୱାରା ସ୍ୱତନ୍ତ୍ର ଦୈନିକ ଅଭ୍ୟାସ ପରୀକ୍ଷା ତଦାରଖ କରି ସନ୍ତୋଷ ବ୍ୟକ୍ତ କରିଥିଲେ ଜିଲ୍ଲାପାଳ ସୁମେଶ କୁମାର ଉପାଧ୍ୟାୟ। ପୁନଶ୍ଚ ଏହି ପିଲାଙ୍କ ପାଇଁ ଦ୍ୱିତୀୟ ସପ୍ତାହ ଅଭ୍ୟାସର ଆୟୋଜନ କରିବାକୁ ସେ ଆଦେଶ ଦେଇଥିଲେ। ପିଲାଙ୍କ ସ୍ୱାସ୍ଥ୍ୟକୁ ବିଶେଷ ଧ୍ୟାନ ଦେବା ସହ ଶତ ପ୍ରତିଶତ ଉପସ୍ଥିତି କରିବାକୁ ପରାମର୍ଶ ଦେଇଥିଲେ। ଏହି ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ସମେତ କେନ୍ଦ୍ର ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ଈଶ୍ୱର ରାଓ, ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ବେହେରା, ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କ ବିଭିନ୍ନ କେନ୍ଦ୍ର ଯଥା ମାଲକାନଗିରି, ବାଲିମେଲା ଆଦି ଗସ୍ତ ଜିଲ୍ଲାପାଳଙ୍କ ଜ୍ଞାତକୁ ଆଣିଥିଲେ। ଏଥିସହ ଖଇରପୁଟ ଓ ବାଲିମେଲାରେ ଅନ୍ୟ ୪ଟି ବ୍ଲକର ଚାୟନିତ ପିଲା ସ୍ୱତନ୍ତ୍ର ପ୍ରସ୍ତୁତି ନେବାର ବିଷୟ ବି ଅବଗତ କରାଇଥିଲେ।

ବ୍ଲୁ ସ୍ପ୍ରିଙ୍ଗ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ



ଟିକିରି, ୨୪।୧(ସମିସ): ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ଼ର ସହଯୋଗୀ ସଂସ୍ଥା ବ୍ଲୁସ୍ପ୍ରିଙ୍ଗ ଏଣ୍ଟରପ୍ରାଇଜେସ ଲିମିଟେଡ଼ଙ୍କ ଦ୍ୱାରା ୩୭ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଟିକିରି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସଂକ୍ଷିପ୍ତ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଜୟୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଓ ଅତିଥିବୃନ୍ଦ ଭାବେ ଭିଷ୍ଣୁଦେବ ସାହୁ (ସାଇଟ୍ ଇନ୍‌ଚାର୍ଜ), କାବ୍ୟଶୀଳ କାନୁନଗୋ (ମ୍ୟାନେଜର ଇନଷ୍ଟ୍ରୁମେଣ୍ଟ), ଦୀପକ ଜେନା (ମୁଖ୍ୟ ସୁରକ୍ଷା ଅଧିକାରୀ), ଆଲୋକ କୁମାର ପଟ୍ଟନାୟକ (ସୁରକ୍ଷା ଅଧିକାରୀ), ପ୍ରଦୀପ ପଟ୍ଟନାୟକ (ସୁରକ୍ଷା ଅଧିକାରୀ) ଏବଂ ତାପସ ରଞ୍ଜନ ରାଉତ (ସୁରକ୍ଷା ଅଧିକାରୀ) ଉପସ୍ଥିତ ଥିଲେ। ପୁଷ୍ପକେତୁ ସାହୁ, ପ୍ରଧାନ ଆଚାର୍ଯ୍ୟଙ୍କ ସହ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ ଓ ଗୁରୁମା ଉପସ୍ଥିତ ଥିଲେ। ଏହି ଅବସରରେ ଦିଗନ୍ତ ସୁନିଲ ବିଷ୍ଣୁ ଚରଣ ଲିମା ଓ ପ୍ରଶାନ୍ତ ପ୍ରଧାନୀଙ୍କ ଦ୍ୱାରା ଚକୁଳିଆ ପଣ୍ଡା ରୂପେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଜନ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ସଡ଼କ ସୁରକ୍ଷାର ଗୁରୁତ୍ୱକୁ ସହଜ ଓ ଆନନ୍ଦମୟ ଭାବେ ଉପସ୍ଥାପନ କରିଥିଲା।

ଫେବୃଆରୀ ୧ ରେ ମା' କୁଳବନ୍ଧୁ ଠାକୁରାଣୀ ଯାତ୍ରା



ରାୟଗଡ଼ା, ୨୪।୧(ସମିସ): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ମୁକୁନ୍ଦପୁର ନିକଟସ୍ଥ ମା' କୁଳବନ୍ଧ ଠାକୁରାଣୀ ଯାତ୍ରା ଆସନ୍ତା ଫେବୃଆରୀ ୧ ତାରିଖ ଦିନ ପାଇଁ ଅନୁଷ୍ଠିତ ହେବାକୁ ଯାଉଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି। ପ୍ରତିବର୍ଷ ଭଳି ଦୀର୍ଘ ଦୁଇ ବର୍ଷ ବ୍ୟବଧାନରେ ଚଳିତ ବର୍ଷ ମଧ ଠାକୁରାଣୀଙ୍କ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ସ୍ଥାନୀୟ ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି। ଏ ମଧ୍ୟରେ ଯାତ୍ରା ପାଳନ ନିମନ୍ତେ କମିଟି ପକ୍ଷରୁ ପ୍ରାକ ବୈଠକଗୁଡିକ ଅନୁଷ୍ଠିତ ହେଉଛି। ମା କୁଳବନ୍ଧ ଠାକୁରାଣୀଙ୍କ ଆଶୀର୍ବାଦ ତଥା ଦର୍ଶନ ଲାଭ କରିବା ପାଇଁ ରାୟଗଡ଼ା ଜିଲ୍ଲା ଓ ଜିଲ୍ଲା ବାହାରରୁ ବହୁ ସଂଖ୍ୟାରେ ଭକ୍ତଙ୍କ ପ୍ରବଳ ଭିଡ ହେବାର ସମ୍ଭାବନା ଥିବାରୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ଅନୁସାଙ୍ଗିକ ବ୍ୟବସ୍ଥା କରାଯିବ ବୋଲି କମିଟି ସୂଚନା ଦିଆଯାଇଛି।

ଲେଡିଜ ୱାକର୍ସ କ୍ଲବର ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା



ରାୟଗଡ଼ା, ୨୪।୧(ସମିସ): ରାୟଗଡ଼ା ଲେଡ଼ିଜ ୱାକର୍ସ କ୍ଲବ ପକ୍ଷରୁ ଆଜି ସ୍ଥାନୀୟ ଇନ୍ଦିରା ନଗର ସ୍ଥିତ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ, ବକ୍ତୃତା ଓ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୱାକର୍ସ କ୍ଲବ ସଂଯୋଜକ ଟି. ଜୟରାମଙ୍କ ତତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଉପଦେଷ୍ଟା ସତ୍ୟବାଦୀ ପତି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କ୍ଲବ ସଭାପତି ଶ୍ରମିତା ପାଢ଼ୀ, ସମ୍ପାଦିକା ଅଞ୍ଜଳି ପଣ୍ଡା, କୋଷାଧ୍ୟକ୍ଷ ସୁଜାତା ପାଢ଼ୀଙ୍କ ସମେତ କ୍ଲବର ଅନ୍ୟ ସଦସ୍ୟାମାନେ ଉପସ୍ଥିତ ରହି ପ୍ରତିଯୋଗିତାଗୁଡିକୁ ସୁପରିଚାଳନା କରିବାରେ ସହଯୋଗ କରିଥିଲେ।

ପିଏମ୍ ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



ଟିକିରି, ୨୪।୧(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଟିକିରି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଟିକିରି ପିଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୪୪ତମ ବାର୍ଷିକ କ୍ରୀଡା ପ୍ରତିଯାଗେିତା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ବକୁଳାରାଣୀ ଦାସଙ୍କ ତତ୍ତ୍ୱାବଧାନରେ କ୍ରୀଡା ଶିକ୍ଷକ ରାଜେନ୍ଦ୍ର ମହାନ୍ତ ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପବିତ୍ର ମୋହନ ନାୟକ ଯାଗେଦେଇ ପାଠପଢ଼ା ସହିତ କ୍ରୀଡା ଏବଂ କ୍ରୀଡା ମାଧ୍ୟମରେ ଶିକ୍ଷାର ବିକାଶ ହୋଇପାରିବ ବୋଲି ମନ୍ତବ୍ୟ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରେଶ କିମାର ପାତ୍ର ଯୋଗଦେଇଥିଲେ। ତିନିଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ସର୍ବକନିଷ୍ଠ, କନିଷ୍ଠ ଓ ବରିଷ୍ଠ ଦଳରେ ୧୬ ଟି ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକା, ଅଧ୍ୟାପିକା ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଓ ସମ୍ମାନନୀୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷକ ରଞ୍ଜିତ କୁମାର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ସ୍ୱାସ୍ଥ୍ୟ ସେବା ଶିବିର

ସୁନାବେଡା, ୨୪।୧(ସମିସ): ସୁନାବେଡା -୩ ସ୍ଥିତ ଗଞ୍ଜାମ କଲୋନୀ ସ୍ଥିତ ଆମ୍ବେଦକର କ୍ଲବଠାରେ ସୁନାବେଡ଼ା ହଉସିଂବୋର୍ଡ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ଏକ ସ୍ୱାସ୍ଥ୍ୟ ସେବା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି



ଶିବିରରେ ୧୦୦ ଜଣରୁ ଉର୍ଦ୍ଧ୍ୱ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅଣ ସଂକ୍ରାମକ ରୋଗ ଯଥା ଉଚ୍ଚ ରକ୍ତ ଚାପ, ମଧୁମେହ ଓ କର୍କଟ ଭଳି ବିଭିନ୍ନ ପ୍ରକାରର ରୋଗୀଙ୍କୁ ଚିକିତ୍ସା ସହ ସେମାନଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ଶିବିରରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ମୁଖ୍ୟ ଡାକ୍ତର ଅଭିଷେକ ରାଉତ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ ଦେବଦର୍ଶିନୀ ସାହୁ, ନର୍ସ ତନୁପମ ପାତ୍ର, ସଞ୍ଜୀତ ସାବତ, କେଶବ ପଣ୍ଡା, ସେହପ୍ରଭା ସାହୁ, ରମେଶ ଜମାଗୁଡ଼ିଆ, ଆଶା ଦିଦି ପଦ୍ମିନୀ ହରିଜନ, ସରସ୍ୱତୀ ହରିଜନ, ରିନା ଡୁରୁକ, ସରିତା ହେମତାଲ, ସନ୍ତଶିନି ଅମାଟ, ଜଞ୍ଜମ କଲୋନୀ ଗ୍ରାମର ସଭାପତି ଚିତ୍ତରଞ୍ଜନ ଖୋସଲା, ମୋଇନ ଗଣ୍ଡ, ସୁଦ୍ଧା ହରିଜନ, ଅଞ୍ଜଳି ଖରା, ଅଙ୍ଗନବାଡ଼ି କର୍ମୀଙ୍କ ସମେତ ଅନେକ ଜନ ସାଧାରଣ ଉପସ୍ଥିତ ଥିଲେ। ୫ ନଂ ୱାର୍ଡର କାଉନସିଲର ମନୋଜ ସୁନା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

ମତଦାତା ଦିବସ ଉପଲକ୍ଷେ ସପଥ ପାଠ



ସେମିଳିଗୁଡା, ୨୪।୧(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ମତଦାତା ଦିବସ ଉପଲକ୍ଷେ ସପଥ ପାଠ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍ସୀ ସିଂହଙ୍କ ନେତୃତ୍ୱରେ ଏହି ସପଥ ପାଠ କରାଯାଇଥିଲା। ମତଦାନ କେବଳ ଏକ ସାମାଜିକ ଦାୟିତ୍ୱ ନୁହେଁ, ଏହା ଆମ ସାମ୍ବିଧାନିକ ଅଧିକାର ଓ ଗଣତନ୍ତ୍ରର ମୂଳଦୁଆ। ଯୁବପିଢ଼ି ଏଥିରେ ସକ୍ରିୟ ଭୂମିକା ଗ୍ରହଣ କରିବା ଜରୁରୀ ବୋଲି କାର୍ଯ୍ୟକ୍ରମରେ ଅଧକ୍ଷା ଝାନ୍ସୀ କହିଥିଲେ।

ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଅଧ୍ୟାପିକାମାନଙ୍କ ମଧ୍ୟରେ ଡ. ବିଦ୍ୟୁତପ୍ରଭା ରାଉତ, ପ୍ରେମାନନ୍ଦ ରାଉତ, ସୁରେଶ ପାଇକରାୟ, ରୋନାଲି ନାୟକ, ହର ପ୍ରସାଦ ପତି, ସୁକାନ୍ତ କୁମାର ପ୍ରଧାନ ସର୍ବେଶ୍ୱର ପ୍ରଧାନ, ବିଶାଳ ନାୟକ, ସଙ୍ଗୀତ ପଣ୍ଡା, ମଧୁମିତା ମହାରଣା, ପୂର୍ଣ୍ଣିମା ଗିରି, କମଳିନୀ ବିଶୋଇ, ବିଜୟ ପାଙ୍ଗି, ଚନ୍ଦନ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

ନେତାଜୀ ଜୟନ୍ତୀ ପାଳିତ

ପଦ୍ମପୁର, ୨୪।୧(ସମିସ)



ରାୟଗଡ଼ା ଜିଲ୍ଲା ପଦ୍ମପୁର ସ୍ଥିତ ନେତାଜୀ କ୍ଲବ୍‌ରେ ୧୨୯ ତମ ନେତାଜୀ ଜୟନ୍ତୀ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ପାଣଗ୍ରାହୀ, ଡ. ଅରୁଣ କୁମାର ମାନସିଂହ, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ଦିଲୀପ କୁମାର କର, ପଦ୍ମପୁର ଜଙ୍ଗଲ ଅଧିକାରୀ ରାଜୁ ଶବରଙ୍କ ସହ ନେତାଜୀ କ୍ଲବର ସଭାପତି ଶିବ ପ୍ରସାଦ ମହାରଣା ମଞ୍ଚରେ ଉପସ୍ଥିତ ଥିଲେ। ଆଇଦିଏଲ୍ ଅନୁଷ୍ଠାନର ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ନେତାଜୀଙ୍କ ଜୀବନୀ ଉପରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ୱୟଂପ୍ରଭା ସାହୁଙ୍କୁ ପଦ୍ମପୁର ଜଙ୍ଗଲ ଅଧିକାରୀ ଶ୍ରୀ ଶବର ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜଗନ୍ନାଥ ବେହେରାଙ୍କୁ ଅରୁଣ କୁମାର ମାନସିଂହ ପୁରସ୍କାର ପ୍ରଦାନ କରିଥିଲେ। ତୃତୀୟ ସ୍ଥାନ ଅଧିକାର କରିଥିବା ସମୀର ସାହୁଙ୍କୁ ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ପାଣିଗ୍ରାହୀ ପୁରସ୍କାର ପ୍ରଦାନ କରିଥିଲେ। ଶିଶୁବାଟିକାସ୍ତରର ପିଲା ଦୈନିକ ଖବର କାଗଜ ଅତି ସ୍ୱୋଷ୍ଟ ଭାବେ ପଢ଼ୁଥିବା ଚେତସ୍ୱିନି ଶବରଙ୍କୁ କ୍ଲବ୍‌ର ସଭାପତି ଶ୍ରୀ ମହାରଣା ପୁରସ୍କାର ପ୍ରଦାନ କରିଥିଲେ। ନେତାଜୀଙ୍କ ଜୀବନୀ ଉପରେ ମଞ୍ଚରେ ଭାଷଣ ଦେଇଥିବା ପଞ୍ଚମ ଶ୍ରେଣୀର ଛାତ୍ରୀ ବୃଷଭାନ୍ ଶବରଙ୍କୁ କାର୍ଯ୍ୟକ୍ରମର ଆବାହକ ନଚିକେତା ସାହୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ କୃଷଚନ୍ଦ୍ର ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ମଞ୍ଚରେ ତିରୁପତି ନିଶଙ୍କ, ଇନ୍ଦ୍ରପୁର ସମିତି ସଭ୍ୟ ଗୋଦାବରୀ ରାଉତ, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡଗିରି, ପଦ୍ମପୁର ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଶିକ୍ଷକ ରାଧାଭାଇ ଗୋରାଚାନ୍ଦ ପାଣିଗ୍ରାହୀ, ସାମ୍ବାଦିକ ଜୟଦେବ ପାଣିଗ୍ରାହୀ, ଅବସର ପ୍ରାପ୍ତ ଗ୍ରାମସେବକ ଶ୍ୟାମସୁନ୍ଦର ପାଣିଗ୍ରାହୀ, ଚଗଲା ପଣ୍ଡା, ଦେବାଶିଷ ଦାସ, ରମେଶ ସାହୁ, ତ୍ରିନାଥ ଶବର, ବାବୁଲା ବିବାର, ଜଗନ୍ନାଥ ପାଣିଗ୍ରାହୀ, ଚନ୍ଦନ ମହାପାତ୍ର, ରାମକୃଷ୍ଣ ସାମନ୍ତରାୟ, ବାଙ୍କ ପ୍ରଧାନ, ପ୍ରଶାନ୍ତ ଦାସ, କିଶୋର, ଆଖିଲ, ସନ୍ଦୀପ, ଶିବ ଦାସ, ସନ୍ତୋଷ ମିଶ୍ର, ସୁଜିତ୍ ମହାକୁଡ଼, ସାରଙ୍ଗ ସାହୁ, ପ୍ରଦିପ, ମୁରଲୀ, ଦେବରାଜ, ଅଭିଳାଷ ପିରିପାକା, ରାଜା, ଅନନ୍ତଙ୍କ ସମେତ ଅନେକ ଉପସ୍ଥିତ ଥିଲେ।

ଉତ୍ତମ ମଲିକ ଗ୍ରୁପ ଅଫ୍ ଅନୁଷ୍ଠାନର ମାଗଣା ସ୍ୱାସ୍ଥ୍ୟ ଶିବିର

ମାଲକାନଗିରି, ୨୪।୧(ସମିସ): ଆଜି ମାଲକାନଗିରି ଜିଲ୍ଲାସଦର ମହକୁମାଠାରେ ଅନୁଷ୍ଠିତ ଉତ୍ତମ ମଲିକ ଗ୍ରୁପ ଅଫ୍ ଅନୁଷ୍ଠାନରେ ମଗଣା ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜୟୱାଡ଼ା ସ୍ଥିତ ଓମେଗା ଅନୁ ମେଡିକାଲ୍ ଅନୁବନ୍ଧିତରେ ଅନୁଷ୍ଠିତ ଏହି ଶିବିରରେ ୫ ଜଣିଆ ମେଡିକାଲ୍ ଟିମ୍ ଉପସ୍ଥିତ ବ୍ୟକ୍ତିଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପ୍ରଥମେ କଲେଜ୍ ପ୍ରାଙ୍ଗଣ ମଧ୍ୟରେ ମୁଖ୍ୟଅତିଥି ଜିଲ୍ଲା ବଙ୍ଗାଳୀ ସମାଜର ସଭାପତି ଶ୍ରିଯୁକ୍ତ ଗୌରାଙ୍ଗ କର୍ମକାର, ଜିଲ୍ଲା ଆଦିବାସୀ ମହାସଂଘର ଉପଦେଷ୍ଟା ଘନଶ୍ୟାମ ମାଡକାମୀ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବିଜୟୱାଡା ସ୍ଥିତ ଓମେଗା ଅନୁ ମେଡିକାଲରୁ ଆସିଥିବା ୫ଜଣିଆ ମେଡିକାଲ୍ ଟିମ୍‌ମଧ୍ୟରେ ଡା. ଶେଖ୍ ମସ୍ତାନ (କାର୍ଡିଓଲଜୀ), ଡା. ଏନ୍ ରାମାରାଓ (ଓର୍ଥୋପେଡ଼ିକ), ଡା. ଏସ ସରିତା (ନେପ୍ରୋଲଜୀ), ଡା. ଆଦିତ୍ୟ ନାଦେଲା (ଓଙ୍କୋଲୋଜୀ) ଓ ଅନ୍ୟାନ୍ୟ ଡାକ୍ତର ସହଯୋଗରେ କାର୍ଯ୍ୟକ୍ରମଟି ଆରମ୍ଭ ହୋଇଥିଲା। ଜିଲ୍ଲାରୁ ପ୍ରାୟ ୮୦୦ରୁ ଅଧିକ ଲୋକ ଆସି ନିଜର ସ୍ୱାସ୍ଥ୍ୟଗତ ପରୀକ୍ଷା କରାଇଥିଲେ। ବ୍ଲଡ ପ୍ରେସର, ସୁଗାର, ଓଜନ ସହ ବାର୍ଦ୍ଧକ୍ୟ ଜନିତ ରୋଗୀଙ୍କ ସଂଖ୍ୟା ଅଧିକା ଦେଖିବାକୁ ମିଳିଥିଲା। କଲେଜ କର୍ତ୍ତୃପକ୍ଷ ଡ. ଶିବ ନାରାୟଣ ପାତ୍ର ମାଲକାନଗିରି ଜିଲ୍ଲାର ସମସ୍ତ ବାସିନ୍ଦାଙ୍କ ସ୍ୱାସ୍ଥ୍ୟଗତ ଅସୁବିଧାକୁ ନେଇ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଜଣାଇଛନ୍ତି। ଏଥିରେ ଉତ୍ତମ ମଲିକ ଗ୍ରୁପ ଅଫ



ଅନୁଷ୍ଠାନର ସଭାପତି ଦିଲ୍ଲୀପ ଦାସ, ଉପସଭାପତି ଶଙ୍କର ପାଲ୍ଲି, ସଦସ୍ୟ କିଶୋର କୁମାର, ଆକାଶ ମିସ୍ତ୍ରୀ, ଶରତ ହିଆଲ, ବନିତା ବର୍ମନ, ନିକିତା ଗଣ୍ଡ, ସୁଚିସ୍ମିତା ପାଢ଼ୀ, ରାଜୁ ସରକାର, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

କଟକ ସିଟି



ମନଇଚ୍ଛା ରହଣୀ କରୁଛି 'ଆମ ବସ୍'

ଚିହ୍ନଟ ୧୫୩ ସ୍ଥାନରେ ପ୍ରତୀକ୍ଷାଳୟ ନିର୍ମାଣ କେବେ

କଟକ, ୨୪ ।୧ (ସମିସ):

କଟକ ସହରରେ ଆମ ବସ୍ ଯାତ୍ରୀଙ୍କ ପାଇଁ ଆବଶ୍ୟକ ପ୍ରତୀକ୍ଷାଳୟ ନଥିବାରୁ ଯାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି କେଉଁଠି ଗଛ ମୂଳ ତ ଆଉ କେଉଁଠି ପୁରୁଣା ପ୍ରତୀକ୍ଷାଗୃହ ଗୁଡିକ ଯାତ୍ରୀ ମାନଙ୍କ ପାଇଁ ଅପେକ୍ଷା ସ୍ଥଳୀ ପାଲଟିଛି । ବିଭିନ୍ନ ରୁଟରେ ଚଳାଚଳ କରୁଥିବା ଆମ ବସ ଗୁଡିକ ରାସ୍ତାରୁ ମନ ଇଚ୍ଛା ଯାତ୍ରୀ ଉଠାଉଥିବା ଜଣାପଡିଛି । ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଜଣାପଡିଛି । ସହରରେ ଯଦିଓ ୫ବର୍ଷ ପୂର୍ବରୁ ୫୨ଟି ଯାତ୍ରୀ ପ୍ରତୀକ୍ଷାଳୟ ଗୁଡିକର ନବୀକରଣ କରାଯାଇଥିଲା ଏବେ କିନ୍ତୁ ଅଧିକାଂଶ ପ୍ରତୀକ୍ଷାଳୟ ଅବସ୍ଥା ଶୋଚନୀୟ ହୋଇପଡିଛି । ଆମ ବସ ଯାତ୍ରୀ ମାନଙ୍କ ପାଇଁ ଅଧିକ ସଂଖ୍ୟାରେ ପ୍ରତୀକ୍ଷାସ୍ଥଳ ଚିହ୍ନଟ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ନିର୍ମାଣ ଆରମ୍ଭ କରାଯାଇପାରିନି । ସହରରେ କ୍ରୁଟ (କ୍ୟାପିଟାଲ ଅର୍ବାନ ରୋଡ ଟ୍ରାନସପୋର୍ଟ) ଅଧିନରେ ୧୦୦ରୁ ଅଧିକ ଆମ ବସ ସେବା ଯୋଗାଇ ଦେଇଆସୁଛି । କାଠଯୋଡି ଓ ମହାନଦୀ ରିଙ୍ଗ ବନ୍ଧରେ ଏହିପରି ଅନେକ ଯାତ୍ରୀ ବିଶ୍ରାମାଗାର ରହିଛି ଯାହା ଥାଇ ନଥିବା ଭଳି । କଟକ ମହାନଗର ନିଗମ ପକ୍ଷରୁ ଯାତ୍ରୀ ପ୍ରତୀକ୍ଷାଳୟ ଗୁଡିକ ପିପିପି ଜରିଆରେ ନିର୍ମାଣ କରାଯାଇଥିଲା । ବେଶ୍ ଆକର୍ଷଣୀୟ ହୋଇଥିବା ଏହି ଯାତ୍ରୀ ବିଶ୍ରାମାଗାରର ଚେୟାର ଭାଙ୍ଗିରୁଜି ଯାଇଥିଲା ବେଳେ ଏହା ଭିତରେ ପାଦ ପକାଇବାକୁ ଡର ଲାଗୁଛି । ତେବେ କ୍ରୁଟ ପକ୍ଷରୁ କଟକ ସହରର ୧୫୩ଟି ସ୍ଥାନରେ ବସ୍‌ଷ୍ଟପ ତଥା ପ୍ରତୀକ୍ଷାଗୃହ ଗୁଡିକ ନିର୍ମାଣ କରାଯିବ ବୋଲି ହାଇକୋର୍ଟରେ ରିପୋର୍ଟ ପ୍ରଦାନ କରାଯାଇଛି । କଟକ ମହାନଗର ନିଗମ ଅଞ୍ଚଳରେ ଥିବା ଯାତ୍ରୀ ବିଶ୍ରାମାଗାର ଗୁଡିକକୁ ଆମ ବସ୍ ଯାତ୍ରୀମାନେ ବ୍ୟବହାର କରୁଛନ୍ତି । ଅନ୍ୟପଟରେ ବସ୍‌ଷ୍ଟପ ଗୁଡିକରେ ସମୟ ନିର୍ଘଣ୍ଟ ଲେଖା ସମ୍ବଳିତ ସାଇନ୍ ବୋର୍ଡ ରଖିବାର ନିୟମ ଥିଲେ ମଧ୍ୟ ଏହାକୁ ପାଳନ କରାଯାଇନଥିବାର ପରିଲକ୍ଷିତ ହୋଇଛି । ଫଳରେ କେଉଁ ରୁଟ୍ ବସ୍ କେତେବେଳେ ଆସିବ ସେ ସଂକ୍ରାନ୍ତରେ ଯାତ୍ରୀମାନେ ସୂଚନା ପାଇପାରୁନାହାନ୍ତି ।

୩ ଘଣ୍ଟା ମଧ୍ୟରେ ଗୋଟିଏ ପରିବାରରୁ ୨ ଜଣଙ୍କ ମୃତ୍ୟୁ

ଭଦ୍ରେଶ୍ୱର,୨୪ ।୧ (ସମିସ): ମୃତ୍ୟୁ କେତେବେଳେ ଆସିବ କାହାକୁ ଜଣା ନଥାଏ । କିନ୍ତୁ ଜଣେ ସଂସାରରୁ ବିଦାୟ ନେବାର ମାତ୍ର କେଇଘଣ୍ଟା ଭିତରେ ସେହି ପରିବାରରୁ ଆଉ ଜଣଙ୍କ ଦେହାନ୍ତ ଘଟିବା ଭଳି ଦୁଃଖଦ ଘଟଣା ଘଟିଛି ମାହାଙ୍ଗା ନିର୍ବାଚନ ମଣ୍ଡଳୀର କୁହୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଧଉଳିଆ ଗ୍ରାମରେ । ଗ୍ରାମର ମୁରବୀ, ବର୍ଷିଆନ ସମାଜସେବୀ ରାଧାନାଥ ରାଉତଙ୍କ ଶନିବାର ପୂର୍ବାହ୍ନରେ ପରଲୋକ ଘଟିବା ଖବର ପାଇବା ପରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ଅନ୍ତିମ ଦର୍ଶନ କରିଥିଲେ । ମୃତ୍ୟୁର ୩ ଘଣ୍ଟା ମଧ୍ୟରେ ତାଙ୍କ ପୁତୁରା ବୋହୂ ହେମଲତା ରାଉତଙ୍କ ଦେହାନ୍ତ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା ।

ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଧଉଳିଆ ଗ୍ରାମରେ ପହଞ୍ଚି ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏଥିସହ ସାମାଜିକକର୍ମୀ ଅଖିଳେଶ ମହାନ୍ତି, ହେମନ୍ତ ପ୍ରଧାନ, ସୁବାସ ବେହେରା, ଗୟାଧର ସାହୁ, ବେଣୁଧର ସାମଲ, ପ୍ରଦୋଷ ସାମଲ, ଚନ୍ଦ୍ରମଣି ଧଳ, ପ୍ରଦୀପ୍ତ ସାମଲ, ଭାଗ୍ୟଧର ରାଉତ, ଭାଗ୍ୟଧର ସାମଲ, ପ୍ରଫୁଲ୍ଲ ରାଉତ, ବଂଶୀଧର ରାଉତ, ସମିରଣ ରାଉତ, ସିର୍ଷାନନ୍ଦ ସାମଲ, ମାଗୁଣି ସାମଲ, ଶରତ ରାଉତ, ସୁବାସ ଖୁଣ୍ଟିଆ, ଅରୁଣ ରାଉତ, ଅକ୍ଷୟ ରାଉତ, ତୁଷାର ମହାନ୍ତି, ଅଶୋକ ରାଉତ, ଗଣେଶ୍ୱର ରାଉତ, ଚକ୍ରଧର ରାଉତ, ପ୍ରମୁଖ ସାମିଲ ହୋଇଥିଲେ ।

ଶୌଚାଳୟ ବିବାଦକୁ ନେଇ ଗଣ୍ଡଗୋଳ; ୭ ଗିରଫ

କଟକ,୨୪ ।୧(ସମିସ): ପୁରୀଘାଟ ଥାନା ଅନ୍ତର୍ଗତ ବାଉରୀସାହିରେ ଥିବା ଏକ ସର୍ବସାଧାରଣ ଶୌଚାଳୟକୁ ନେଇ ଲାଗିରହିଥିବା ଉତ୍ତେଜନାରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏହି ଘଟଣାରେ ପୁଲିସ ଉଭୟ ପକ୍ଷର ୭ ଜଣଙ୍କୁ ଗିରଫ କରିଛି । ଉଭୟ ପକ୍ଷ ମାରଣାସ୍ତ୍ରରେ ପରସ୍ପରକୁ ଆକ୍ରମଣ କରିଥିବା ଅଭିଯୋଗ ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।

ପୁଲିସ ସୂଚନା ଅନୁଯାୟୀ, ପୁରୀଘାଟ ଥାନା ଅନ୍ତର୍ଗତ ବାଉରିସାହି ଉପର ତେଲେଙ୍ଗାବଜାରରେ ଏକ ସର୍ବସାଧାରଣ ଶୌଚାଳୟ ରହିଛି । ଏହି ଶୌଚାଳୟକୁ ନେଇ ସାହିର ବର୍ଷା ଦାସ ଓ ବାସନ୍ତୀ ନାୟକ ଦୁଇପକ୍ଷଙ୍କ ମଧ୍ୟରେ ଗତ ୨୨ ତାରିଖରୁ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା । ଶନିବାର ଯାଏ ବସ୍ତିରେ ଶୌଚାଳୟ ଯିବାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ବିବାଦ ଲାଗି ଆସିଛି । ବସ୍ତିରେ ଗୋଟିଏ ପ୍ରକାର ଗୋଷ୍ଠୀ ସଂଘର୍ଷ ଚାଲିଆସିଥିଲା । ଏହି ମାମଲାରେ ପୁରୀଘାଟ ଥାନାରେ ଉଭୟ ପକ୍ଷର ଦୁଇଟି ମାମଲା ରୁଜୁ ହୋଇଛି । ବର୍ଷାଙ୍କ ଅଭିଯୋଗ ଆଧାରରେ ପୁଲିସ ବିଏନଏସର ଧାରା ୧୧୫(୨), ୧୨୬(୨), ୩(୫), ୩୫୧(୩)ରେ ଏକ ମାମଲା(କେସ୍ ନଂ ୩୩) କରି ବାସନ୍ତୀ ନାୟକ(୪୫), ସୁଜିତ ଦାସ(୩୮), କବିତା ଦାସ(୩୦)ଙ୍କୁ ଗିରଫ କରିଛି । ବର୍ଷା ୨୩ ତାରିଖ ସକାଳେ ଶୌଚାଳୟରୁ ଫେରୁଥିବା ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା । ସେହିଭଳି ବାସନ୍ତୀଙ୍କ ଅଭିଯୋଗ ଆଧାରରେ ବିଏନ୍‌ଏସ୍‌ର ଧାରା ୧୧୫(୨), ୧୨୬(୨), ୩(୫), ୭୬ରେ ମାମଲା(କେସ୍ ନଂ ୩୨) ରୁଜୁ କରି ଟୁକୁ ଦାସ(୫୫), ପଦ୍ମ ଦାସ(୪୭), ବର୍ଷା ଓରଫ ଟୁଇଁ ଦାସ(୨୧), ପଙ୍କଜ ଦାସ(୨୭) ଗିରଫ ହୋଇଛନ୍ତି । ବାସନ୍ତୀଙ୍କୁ ଅଭିଯୁକ୍ତମାନେ ୨୩ ତାରିଖରେ ରାସ୍ତାରେ ଉଲଗ୍ନ କରି ମରଣାନ୍ତକ ଆକ୍ରମଣ କରିଥିଲେ । ଏଥିରେ ସେ ଆହତ ହୋଇଥିବା ନେଇ ଅଭିଯୋଗ ପରେ ପୁରୀଘାଟ ଥାନା ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି ।

ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ବାର୍ଷିକୀ



କଟକ,୨୪ ।୧(ସମିସ): ବକ୍ସି ଜଗବନ୍ଧୁଙ୍କ ୧୯୭ ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି । ମେୟର ସୁବାସ ସିଂହ ବକ୍ସିବଜାର ଛକରେ ଥିବା ବକ୍ସି ଜଗବନ୍ଧୁଙ୍କ ଅବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ସିଏମ୍‌ସି କମିଶନର କିରଣଦୀପ କୌର ସହୋତା, ଷ୍ଟାଣ୍ଡିଂ କମିଟି ଅଧକ୍ଷା ଏ ଶ୍ରୀଦେବୀ, କର୍ପୋରେଟର ଲିଜାରାଣୀ ରାଉତ, ଚନ୍ଦନ ଜେନା, ସତ୍ୟରାମ ସାହୁ, ଏବଂ ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଏବଂ ଯୁବକ ଓ ଯୁବତୀ ପ୍ରମୁଖ ଉପସ୍ଥିତ ଥିଲେ ।

ଡ୍ରିମ୍‌ସ ନର୍ସିଂ ସ୍କୁଲରେ ଆନ୍ତର୍ଜାତିକ ସମ୍ମିଳନୀ

'ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ'



କଟକ, ୨୪ ।୧(ସମିସ): ନର୍ସିଂ ହେଉଛି ସ୍ୱାସ୍ଥ୍ୟସେବାର ମେରୁଦଣ୍ଡ ସଦୃଶ । ସୁତରାଂ ଏ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଲାଗି ଆଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଓ ଗବେଷଣାର ଆବଶ୍ୟକତା ରହିଛି । ଏ ସବୁଥିରେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦିଆଯିବା ଜରୁରୀ । ଡ୍ରିମ୍‌ସ ନର୍ସିଂ ସ୍କୁଲ ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ସମ୍ମିଳନୀରେ ବିଶିଷ୍ଟ ଗବେଷକ ଓ ନର୍ସିଂ ସେବାରେ ନିୟୋଜିତ ଶିକ୍ଷାବିତ୍ ଓ ପରାମର୍ଶଦାତା ଏପରି ମତବ୍ୟକ୍ତ କରିଛନ୍ତି । 'ଗବେଷଣାର ରୂପରେଖ, ନୈତିକତା, ତଥ୍ୟ ଓ ଡିଜିଟାଲାଇଜେସନ୍‌ର ବିକଶିତ ଦୃଶ୍ୟପଟ୍ଟ' ପ୍ରସଙ୍ଗ ଉପରେ ଆୟୋଜିତ ଏହି ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀରେ ଦେଶ ବିଦେଶର ବହୁ ଗବେଷକ, ଶିକ୍ଷାବିତ୍ ଓ ନର୍ସିଂ ବୃତ୍ତିଧାରୀ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ନର୍ସେସ ଓ ମିଡ୍‌ୱାଇଫ ରେଜିଷ୍ଟ୍ରେସନ୍ କାଉନ୍‌ସିଲ (ଓଏନ୍‌ଏମ୍‌ଆରସି)ର କୁଳସଚିବ ଲକ୍ଷ୍ମୀପ୍ରିୟା ମିଶ୍ର ମୁଖ୍ୟ ଅତିଥି, ଏମ୍‌ସ (ଭୁବନେଶ୍ୱର) ନର୍ସିଂ କଲେଜର ଅଧକ୍ଷା ଡ. ଆଶା. ପି ସେଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗବେଷଣାକୁ ଅଧିକ ଫଳପ୍ରଦ କରିବା ଲାଗି ଏଭଳି ସମ୍ମିଳନୀର ଯଥେଷ୍ଟ ଗୁରୁତ୍ୱ ରହିଛି ଓ ଯୁବ ଗବେଷକମାନେ ଏହାର ସୁଯୋଗ ନେବା ଦରକାର ବୋଲି କହିଥିଲେ । ଉଦ୍‌ଯାପନୀ ଉତ୍ସବରେ ପୌରହିତ୍ୟ କରି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମ୍ମିଳନୀର ନିଷ୍କର୍ଷର ସର୍ବୋତ୍କୃଷ୍ଟ ଉପଯୋଗ ଲାଗି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । କୁଳପତି ପ୍ରଫେସର୍ ଡ. ପ୍ରକାଶ କୁମାର ହୋତା ଗବେଷଣାରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ରେଜିଷ୍ଟ୍ରାର ଡ. କୃଷ୍ଣ ପ୍ରସାଦ ପତି ଶିକ୍ଷା ଓ ଗବେଷଣା ମାନବ ସମାଜର କଲ୍ୟାଣ ଅଭିମୁଖୀ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଓ ନିର୍ଦ୍ଦେଶିକା ଚିନ୍ମୟୀ ରଥ ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ପ୍ରତିନିଧିଙ୍କୁ ସ୍ୱାଗତ କରିଥିଲେ । ଡ୍ରିମ୍‌ସ ନର୍ସିଂ ସ୍କୁଲର 'ଡିନ୍' ଡ. ପ୍ରଥିମା ପ୍ରକାଶମ୍ ସ୍ୱାଗତଭାଷଣ ଓ ସହକାରୀ 'ଡିନ୍' ଏନ୍ ପ୍ରେମଲତା ଦେବୀ ଧନ୍ୟବାଦ ଦେଇଥିଲେ ।

ସମ୍ମିଳନୀରେ ଓମାନ୍, ମସ୍କଟ୍, ରିୟାଦ୍ ସମେତ ଦେଶର ୨୦ଟି ରାଜ୍ୟରୁ ୮୫୦ ପ୍ରତିନିଧି ଯୋଗ ଦେଇଥିବା ବେଳେ ୧୦୦ଟି ପ୍ରସଙ୍ଗ ଭିତ୍ତିକ ନିବନ୍ଧ ଉପସ୍ଥାପିତ ହୋଇଥିଲା । ପ୍ରାଧ୍ୟାପିକା ରିମି ସରକାର ଓ ପ୍ରାଧ୍ୟାପିକା ଶିବା ଅନୀତାରାଣୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର୍ ସୁଶାନ୍ତ କୁମାର ଦାସ, 'ପଦ୍ମିନୀ କେୟାର୍'ର ପରିଚାଳନା ନିର୍ଦ୍ଦେଶିକା ନୀଳାଞ୍ଜନା ମୁଖାର୍ଜୀ, 'ଡିନ୍' ପ୍ରଫେସର୍ ଡା. ବିରଞ୍ଚି ନାରାୟଣ ମହାପାତ୍ର, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ଡ. ବିଶ୍ୱରଂଜନ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ ।

ଜୟ ଜଗନ୍ନାଥ କଲୋନୀ ଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବ

କଟକ,୨୪।୧(ସମିସ): ଖାନନଗର ଖପୁରିଆ ଜୟ ଜଗନ୍ନାଥ କଲୋନୀ ଶ୍ରୀ ଜଗନ୍ନାଥ ମନ୍ଦିରର ଅଷ୍ଟାଦଶ ବାର୍ଷିକ ଉତ୍ସବ ଓ ଅଷ୍ଟମପ୍ରହର ନାମଯଜ୍ଞ ଜାନୁୟାରୀ ୨୧ରୁ ଆରମ୍ଭ ହୋଇ ଜାନୁୟାରୀ ୨୩ ତାରିଖ ସାଧାରଣ ସଂପାଦକ ଆଦିକନ୍ଦ ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମହାସମାରୋହରେ ଶେଷ ହୋଇଛି । ବିକ୍ରମ ଶତପଥୀଙ୍କ ଦ୍ୱାରା ଘୃତଯଜ୍ଞ ସମାହିତ ହୋଇଥିବାବେଳେ ଗୌରୀଚଣ୍ଡୀ କୀର୍ତ୍ତନ ମଣ୍ଡଳୀର ଆଦିକନ୍ଦ ବାବାଙ୍କ ଦ୍ୱାରା ଅଷ୍ଟମପ୍ରହର ନାମଯଜ୍ଞ ସମାହିତ ହୋଇଥିଲା । ଘୃତଯଜ୍ଞରେ ବିଜୟ ରାଉତରାୟ ଓ ବନସ୍ମିତା ରାଉତରାୟ କର୍ତ୍ତା କର୍ତ୍ତୀ ହୋଇଥିବାବେଳେ ନାମ ଯଜ୍ଞରେ କେଶବ ଚନ୍ଦ୍ର ବେହେରା କର୍ତ୍ତା କାର୍ଯ୍ୟ ନିର୍ବାହ କରିଥିଲେ । ଭାବଗ୍ରାହୀ ରାଉତ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ । ନବୀକରଣ କରାଯାଇଥିବା ଶ୍ରୀ ଜଗନ୍ନାଥଙ୍କ ତୁଳସୀ ବନକୁ ଉଦ୍‌ଘାଟନ କରିଥିଲେ ସୁନିଲ ସାହୁ । ମନ୍ଦିର ପରିଚାଳନା କମିଟି କୋଷାଧକ୍ଷ ନିର୍ମଳ ବାରିକ, ସହ ସମ୍ପାଦିକା ହରପ୍ରିୟା ମିଶ୍ର, ସଭ୍ୟ ମୋହନ ସେଠୀ, ରଞ୍ଜିତ ଚୌଧୁରୀ, ସାରଦା ସାହୁ, ଭକ୍ତସନ୍ଧ୍ୟା ଶତପଥୀ, ନିରଞ୍ଜନ ଦାଶ, ବିକାଶ ପାଟରା ପ୍ରମୁଖ ଉପସ୍ଥିତ ଥିଲେ । ଆଖପାଖ ଅଞ୍ଚଳରୁ ବହୁ ଭକ୍ତ ଏହି ଉତ୍ସବରେ ଯୋଗଦେଇଥିଲେ ।

ଓଷ୍ଟା ବ୍ଲକ ସମ୍ପାଦକଙ୍କ କର୍ମଶାଳା ଓ ଆଲୋଚନାଚକ୍ର



କଟକ,୨୪ ।୧(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ଦୁଇଦିନିଆ ବ୍ଲକ୍ ସଂପାଦକ କର୍ମଶାଳା ଓଷ୍ଟା ପରିସରରେ ଆୟୋଜିତ ହୋଇଯାଇଛି । ଓଷ୍ଟାର ପ୍ରାକ୍ତନ ସାଧାରଣ ସଂପାଦକ ବିବେକାନନ୍ଦ ଦାଶ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ମାଧ୍ୟମିକ ଶିକ୍ଷାପରିଷଦ ଓଡ଼ିଶା(ବୋଡର୍)ର ସଭାପତି ଶ୍ରୀକାନ୍ତ ତରାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଓଷ୍ଟାର ଅବଦାନ ପ୍ରଶଂସନୀୟ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ବୋଡର୍‌ର ପରୀକ୍ଷା ନିୟନ୍ତ୍ରକ ଧରଣୀଧର ପାତ୍ର ଯୋଗଦେଇଥିଲେ । ସଂଗଠନର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ର ସଭାରେ ସଭାପତିତ୍ୱ କରିଥିଲେ । କର୍ମଶାଳାର ଦ୍ୱିତୀୟାର୍ଦ୍ଧରେ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ "ଆମେ ଓ ଆମ ସଂଗଠନ' ସମ୍ପର୍କରେ ଆଲୋଚନା ଉପସ୍ଥାପନ କରିଥିଲେ । ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ "ସଂଗଠନର ଅଭିବୃଦ୍ଧିରେ ବ୍ଲକ ସମ୍ପାଦକମାନଙ୍କର ଭୂମିକା' ସଂପର୍କରେ ବିସ୍ତୃତ ଆଲୋଚନା ରଖିଥିଲେ । ଶୈକ୍ଷିକ କମିଟି ସଂପାଦକ ପ୍ରଣବ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । କୋଷାଧକ୍ଷ ଅଶୋକ କୁମାର ମହାପାତ୍ର "ଓଷ୍ଟାର ଆର୍ଥିକ ଅଭିବୃଦ୍ଧିରେ ବ୍ଲକ ସମ୍ପାଦକମାନଙ୍କର ଭୂମିକା' ସଂପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସଭାପତି ଶ୍ରୀ ମିଶ୍ର 'ଆମ ବ୍ୟବସ୍ଥା ଓ ଆମେ' ଶୀର୍ଷକରେ ଆଲୋଚନା ରଖିଥିଲେ । ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି 'ଆମେ ଓ ଆମ ମୁଖପତ୍ର' ଶୀର୍ଷକରେ ଆଲୋଚନା କରିଥିଲେ ।

ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



କଟକ,୨୪ ।୧(ସମିସ): ଖ୍ରୀଷ୍ଟ କଲେଜରେ ଛାତ୍ରୀମାନଙ୍କର ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଆଠଦିନ ବ୍ୟାପୀ ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି । ଏହି ଉତ୍ସବରେ ସଭାପତିତ୍ୱ କରି ଅଧକ୍ଷା ମଧୁମିତା ପାତ୍ର କହିଲେ ଯେ ସାଂପ୍ରତିକ ପରିସ୍ଥିତିରେ ଛାତ୍ରୀମାନେ ନିଜର ସୁରକ୍ଷା ପାଇଁ ଏଭଳି ପ୍ରଶିକ୍ଷଣ ଶିବିରରେ ଭାଗ ନେଇ ନିରାପଦରେ ବଂଚିବା ପାଇଁ ଆଗେଇ ଆସିବା ଦରକାର । ଉପାଧକ୍ଷା ଡଃ କ୍ଷଣପ୍ରଭା ନନ୍ଦ ଛାତ୍ରୀ ଆତ୍ମସୁରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ । +୩ ୧ମ ବର୍ଷ ଛାତ୍ରୀ ଆତ୍ମସୁରକ୍ଷା କ୍ଲବର ସଂଯୋଜିକା ଡଃ କବିତା ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଟ୍ରେନର୍ ସୃଷ୍ଟି ମିଶ୍ର ଓ ପ୍ରିୟଦର୍ଶିନୀ ଦାସ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ବିଷୟରେ ତାଲିମ ପ୍ରଦାନ କରିଥିଲେ । ଏକଶହ ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ କାର୍ଯ୍ୟକୁ ପରି.ଳନା କରିଥିଲେ ଡଃ ମିତାଲି ମିଶ୍ର ଓ ଶ୍ରୀମତୀ ମିତାଞ୍ଜଳୀ ଜେଠୀ । ଧନ୍ୟବାଦ ଅର୍ପଣ କରିଥିଲେ ଶ୍ରୀମତୀ ରିଙ୍କୁ ମହାପାତ୍ର । ଆତ୍ମରକ୍ଷା କମିଟିର ସଦସ୍ୟା ଅଧ୍ୟାପିକା ସଞ୍ଜୁ ଶର୍ମା, ସସ୍ମିତା ରଣସିଂହ, ବିଶ୍ୱରୂପା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରି.ଳନା କରିଥିଲେ ।

୫ଲକ୍ଷ ଟଙ୍କାର ଠକେଇ; ଥାନାରେ ଏତଲା

କଟକ,୨୪ ।୧(ସମିସ): ଋଣ କରାଇବା ନାଁରେ ଜଣେ ସରକାରୀ କର୍ମଚାରୀଙ୍କଠାରୁ ଠକେଇ ହୋଇଛି । ପ୍ରାୟ ୫ ଲକ୍ଷ ଟଙ୍କା ଠକେଇ ହୋଇଥିବା ନେଇ ଲାଲ୍‌ବାଗ ଥାନାରେ ମାମଲା ରୁଜୁ ହୋଇଛି । ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

ପୁଲିସ ସୂଚନା ଅନୁସାରେ, ସାହାବଜାଦା ବଜାରର ପୁରୁଷୋତ୍ତମ ରେଡ୍ଡି ଜଣେ ସରକାରୀ କର୍ମଚାରୀ । କିଛି ଦିନ ପୂର୍ବରୁ ହଠାତ୍ ଜଣେ ବ୍ୟକ୍ତି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର କର୍ମଚାରୀ ପରିଚୟ ଦେଇ ତାଙ୍କୁ ଫୋନ୍ କଲେ । ସରକାରୀ କର୍ମଚାରୀଙ୍କୁ ବ୍ୟାଙ୍କ୍ କମ୍ ସୁଧରେ ଋଣ ଦେଉଛି । ପ୍ରାୟ ୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମିଳିପାରିବ ବୋଲି ସେହି ବ୍ୟକ୍ତି ଜଣକ କହିଲେ । ଏଥିରେ ଶ୍ରୀ ରେଡ୍ଡି ରାଜି ହୋଇ ଋଣ ଆବେଦନ କରିବାକୁ କିଛି କାଗଜପତ୍ର ପ୍ରଦାନ କଲେ । ତେବେ କିଛି ଦିନ ପରେ ଉକ୍ତ ବ୍ୟକ୍ତି ଜଣକ ଜଣାଇଲା ଯେ, ଆପଣଙ୍କର ୫ ଲକ୍ଷ ଟଙ୍କା ଋଣ ମଞ୍ଜୁର ହୋଇଛି ଓ ଏହା ଆକାଉଣ୍ଟକୁ ଆସିବ । ଏଥିରୁ ପ୍ରାୟ ୨୧ ହଜାର ଟଙ୍କା ପ୍ରୋସେସିଂ ଫିସ୍ ବାବଦରେ କଟିବ ବୋଲି କୁହାଗଲା । ଏହି କଥା ଶୁଣିବାରୁ ଶ୍ରୀ ରେଡ୍ଡି ଋଣ ନେବାକୁ ମନା କଲେ । ଯଦି ୫ ଲକ୍ଷ ସିଧା ଆକାଉଣ୍ଟକୁ ନଆସିବ ତାହାଲେ ମୁଁ ଋଣ ନେବନି ବୋଲି ଜଣାଇଦେଲେ । ହେଲେ ଏହାର କିଛି ଦିନ ପରେ ସେ' ଜାଣିବାକୁ ପାଇଲେ ଯେ, ତାଙ୍କ ନାଁରେ ୪ ଲକ୍ଷ ୭୯ ହଜାର ଟଙ୍କାର ଋଣ କରାଯାଇ ଆକାଉଣ୍ଟକୁ କ୍ରେଡିଟ୍ କରାଯାଇଛି ଓ ପରେ ତାହାକୁ ପୁଣି କେହି ଉଠାଇ ନେଇଛି । ଏହା ଜାଣିବା ପରେ ସେ ଏକ ବଡ଼ ଠକେଇରେ ପଡ଼ିଥିବା ଜାଣି ତୁରନ୍ତ କଟକ ସାଇବର ଥାନାରେ ଏତଲା ଦାୟର କଲେ । ସାଇବର ଥାନା ପୁଲିସ ଏହାକୁ ଲାଲ୍‌ବାଗ ଥାନାକୁ ପଠାଇବା ପରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ବ୍ୟାଙ୍କ୍‌ଠାରୁ କିଛି ତଥ୍ୟ ପୁଲିସ ମଗାଇଛି । ଏହି ଠକେଇ ପଛରେ ବ୍ୟାଙ୍କ୍‌ର କର୍ମଚାରୀ ଥିବା ପୁଲିସ ସନ୍ଦେହ କରୁଛି । ଖୁବ୍‌ଶୀଘ୍ର ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଲାଲ୍‌ବାଗ ଥାନା ପୁଲିସ ସୂଚନା ଦେଇଛି ।

ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ରିଲେ ଧାରଣା ଜାରି

ଦାବି ପୂରଣ ନ ହେଲେ କଲେଜ ବର୍ଜନ ଚେତାବନୀ



କଟକ,୨୪।୧(ସମିସ):

ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ଜୋର ଧରିବାରେ ଲାଗିଛି । ଗୋଟିଏ ପଟେ ଶୈଳବାଳା ପ୍ରତି ସରକାରଙ୍କ ଉଦାସୀନ ଥିବାବେଳେ ଅନ୍ୟ ପକ୍ଷରେ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଅଟଳ ଅଛନ୍ତି ଛାତ୍ରୀ ସମାଜ । ଆଜି ଚତୁର୍ଥ ଦିନର ରିଲେ ଧାରଣାରେ ଶୈଳବାଳା କ୍ୟାମ୍ପସ ମଧ୍ୟରେ ଧାରଣା ଦେଇଛନ୍ତି ଛାତ୍ରୀ ଗୋଷ୍ଠୀ । କଲେଜରେ ମୌଳିକ ସୁବିଧା ସୁଯୋଗ ଯୋଗାଇବା ସହ ସରକାର ଯଥାଶୀଘ୍ର ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରନ୍ତୁ ବୋଲି ଛାତ୍ରୀମାନେ ଦାବି କରିଛନ୍ତି । ଏଥିସହ ଶୈଳବାଳା ପରି ଐତିହ୍ୟ ସଂପନ୍ନ ମହାବିଦ୍ୟାଳୟକୁ ଆଜି ଯାଏ କଣ ପାଇଁ ସରକାର ବିଶ୍ୱବିଦ୍ୟାଳୟ ମାନ୍ୟତା ଦେଇନାହାନ୍ତି ବୋଲି ଛାତ୍ରୀମାନେ ପ୍ରଶ୍ନ କରିଛନ୍ତି ।

ଯଦି ସରକାର ସେମାନଙ୍କ ଦାବି ପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ଆଗାମୀ ଦିନରେ ଛାତ୍ରୀଙ୍କ ପକ୍ଷରୁ କଲେଜ ବର୍ଜନ ପାଇଁ ଚେତାବନୀ ଦେଇଛନ୍ତି । ଆଜିର ଧାରଣାରେ ଅହଲ୍ୟା ସୟ, ମୁମୁଲୁ ଜେନା, ମାହେଶ୍ୱରୀ ପଟ୍ଟନାୟକ, ବିଜୟିନୀ ମିଶ୍ର, ସୁଚିତ୍ରା ସେଠୀ, ମିଲି ମୁଣ୍ଡ, ରୁପାଲି ନାଏକ, ତପସ୍ୱିନୀ ପିଙ୍ଗୁଆ, ପ୍ରିୟଙ୍କା ପାତ୍ର, ଆଂଚଲ ଶାଶ୍ୱତୀ, ସମୀକ୍ଷା ଦାଶ, ପ୍ରୀୟଙ୍କା ଦାସ, ବିଜୟିନୀ ନାଟୁଆ, ମୌସୁମୀ ମହନ୍ତ, ସୁଦେଷ୍ଣା ସେଠୀ, ମାମୁନି ରାଓ, ସମରିନ୍ ଇଆଜ୍, ଅଙ୍କିତା ପରିଜା, ସିମରାନ ଶର୍ମା, ସ୍ମୀତାରାଣୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

ଶୈଳବାଳା ପୁରାତନ ଛାତ୍ରୀ ସଂଘର ବୈଠକ

'ବିଶ୍ୱବିଦ୍ୟାଳୟ ମାନ୍ୟତା ନ ଦେବା ଅସ୍ମିତା ପ୍ରତି ଅପମାନ'

କଟକ,୨୪।୧(ସମିସ): ରାଜ୍ୟର ସର୍ବପ୍ରଥମ ମହିଳା ମହାବିଦ୍ୟାଳୟ ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଦିଗରେ ବିଳମ୍ବ ନେଇ ଉଦ୍‌ବେଗ ପ୍ରକାଶ ପାଇଛି ।



ଆଜି ଏ ନେଇ ଶୈଳବାଳା ମହାବିଦ୍ୟାଳୟ ପୁରାତନ ଛାତ୍ରୀ ସଂଘ ପକ୍ଷରୁ କଲେଜ ଅଡିଟୋରିୟମରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଭାପତିତ୍ୱ କରିଥିଲେ ପୁରାତନ ଛାତ୍ରୀ ସଂଘର ସଭାନେତ୍ରୀ ପ୍ରଫେସର ଗୋପା ଦାସ । ଓଡ଼ିଆ ଅସ୍ମିତା କହିଲେ ମଧୁ ବାବୁଙ୍କୁ ବୁଝାଏ । ମଧୁବାବୁଙ୍କ ହାତଗଢ଼ା ଶିକ୍ଷାନୁଷ୍ଠାନ ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାନଯିବା ଓଡ଼ିଆ ଅସ୍ମିତା ପ୍ରତି ଅପମାନ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଭାବେ ପ୍ରଫେସର ନିତ୍ୟାନନ୍ଦ ଦାସ, ମୁଖ୍ୟବକ୍ତା ଭାବେ ଛାତ୍ରୀ ସଂଘର ସଂପାଦିକା ପୁଷ୍ପା ସାମଲ, ବରେଣ୍ୟ ଅତିଥି ଭାବେ ଡ. ସତ୍ୟକାମ ମିଶ୍ର, ଡ. ନଟବର ଶତପଥୀ, ସମ୍ମାନିତ ଅତିଥି ଭାବେ ମଧୁସ୍ମୃତି ସୁରକ୍ଷା ମଞ୍ଚର ସଂପାଦକ ସନ୍ତୋଷ ମହାରଣା ଯୋଗଦେଇଥିଲେ । ଜାଗୃତ ଓଡ଼ିଶା ଆଇନଜୀବୀ ମଞ୍ଚର ଆବାହକ ଅଧିବକ୍ତା ଜଗନ୍ନାଥ ମହାନ୍ତି ଛାତ୍ରୀମାନଙ୍କୁ ଏକଜୁଟ ହୋଇ ସଂଗ୍ରାମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଶେଷରେ ଛାତ୍ରୀ ସଂଘର ଯୁଗ୍ମ ସଂପାଦିକା କୁମକୁମ୍ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ନୂତନ ଓ ପୁରାତନ ସମେତ ବହୁ ଛାତ୍ରୀ ଯୋଗ ଦେଇଥିଲେ ।

ଗାଡ଼ି ଚାଲାଣ ଆପ୍ଲିକେସନ ଜରିଆରେ ସାଇବର ଠକେଇ

ବ୍ୟାଙ୍କ ଆକାଉଣ୍ଟରୁ ଠକିନେଲେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

ବାରିପଦା, ୨୪।୧(ସମିସ): ମୋବାଇଲ ହ୍ୱାଟ୍ସଆପ ଗ୍ରୁପରେ ଆସିଥିବା ଗାଡ଼ି ଚାଲାଣ ଆପ୍ଲିକେସନ ଜରିଆରେ ସାଇବର ଠକେଇ ହୋଇଛି। ସାଇବର ଅପରାଧୀ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଛନ୍ତି। ଏ ନେଇ ଲାଲ ବଜାର ଅଞ୍ଚଳର ଅଶୋକ ଖଣ୍ଡେଲୱାଲ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ମୋବାଇଲକୁ ଆରଟିଓ ଚାଲାଣ ନାମକ ମୋବାଇଲ ଆପ୍ଲିକେସନ ଆସିଥିଲା। ଯାହାକୁ ସେ କ୍ଲିକ କରିବାରୁ ତାଙ୍କୁ ତଥ୍ୟ ମାଗିଥିଲେ। ଯାହାକୁ ନେଇ ତଥ୍ୟ ପ୍ରଦାନ କରିଥିଲେ। ଏହାର କିଛି ସମୟ ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମରେ ୪, ୮୪, ୨୯୪ ଟଙ୍କା ଉଠାଣ ହୋଇଥିଲା। ଯାହାକୁ ନେଇ ବ୍ୟାଙ୍କରେ ପଚରାଉଚରା କରିବାରୁ କୌଣସି ଖବର ପାଇ ନ ଥିଲେ। ଏ ନେଇ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ବଜାରର ୭ଟି ଦୋକାନରୁ ଚୋରି ଉଦ୍ୟମ

ଗୋରୁମହିଷାଣୀ, ୨୪।୧ (ସମିସ): ଗୋରୁମହିଷାଣୀ ବଜାର ଅଞ୍ଚଳର ଦୋକାନରୁ ବଡ଼ଧରଣର ଚୋରି ଉଦ୍ୟମ ବିଫଳ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ୭ଟି ଦୋକାନରୁ ଚୋରି କରିବାକୁ ଦୁର୍ବୃତ୍ତମାନେ ଦୋକାନ ତାଲା ଭାଙ୍ଗିଥିଲେ ସୁଦ୍ଧା ଚୋରି କରିବାରେ ବିଫଳ ହୋଇଛନ୍ତି। ଶନିବାର ସକାଳୁ ବଜାରରେ ଥିବା ଦୋକାନ କମ୍ପ୍ଲେକ୍ସର ୭ଟି ଦୋକାନ ଖୋଲିବା ବେଳକୁ ସମ୍ମୁଖ ତାଲା ଭଙ୍ଗାଥିବା ଦେଖିଥିଲେ। ଯାହାକୁ ନେଇ ମାଲିକମାନେ ଭୟଭୀତ ହୋଇ ଦୋକାନ ଯାଞ୍ଚ କରିବାରୁ ଚୋରି ହୋଇ ନ ଥିବା ଜାଣିବାକୁ ପାଇଥିଲେ। ଏ ନେଇ ଗୋରୁମହିଷାଣୀ ଥାନାକୁ ଖବର ଦେବାରୁ ଘଟଣାସ୍ଥଳରେ ପୁଲିସ ପହଁଚି ଯାଞ୍ଚ କରିଥିଲେ। ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ତାଲା ଭାଙ୍ଗି ଚୋରି ଉଦ୍ୟମ କରିଥିଲେ। ତେବେ କୋଣସି କାରଣ ପାଇଁ ଚୋରି କରି ନ ପାରି ଚମ୍ପଟ ମାରିଥିଲେ। ପୁଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ କରି ତଦନ୍ତ ଜାରି ରଖିଛି। ଏହା ମୟୂରଭଞ୍ଜ ଓ ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିବାବେଳେ ଏଥିରେ ଝାଡ଼ଖଣ୍ଡ ଦୁର୍ବୃତ୍ତଙ୍କ ହାତ ଥିବା ସନ୍ଦେହ କରାଯାଉଛି।

ପୁଣି ଟ୍ରାନ୍ସଫର୍ମରରୁ ଯନ୍ତ୍ରାଂଶ ଚୋରି

ରାଇରଙ୍ଗପୁର, ୨୪।୧ (ସମିସ): ବାଦାମପାହାଡ଼ ଥାନା ଅଞ୍ଚଳରେ ବାରମ୍ବାର ଟ୍ରାନ୍ସଫର୍ମର ଯନ୍ତ୍ରାଂଶ ଚୋରି ହେଉଛି। ପୁଣି ଯନ୍ତ୍ରାଂଶ ଚୋରି ନେଇ ଟିପିଏନଓଡିଏଲ କୁସୁମୀ ବିଦ୍ୟୁତ ସେକ୍ସନ ପରିଚାଳକ ପ୍ରମୋଦ କୁମାର ଦାସ ବାଦାମପାହାଡ଼ ଥାନାରେ ଅଭିଯୋଗ କରିଛନ୍ତି। ବିଦ୍ୟୁତ ଲାଇନମ୍ୟାନ ଓ ଅନ୍ୟ କର୍ମଚାରୀ ବୁଦାଦର ଗ୍ରାମକୁ କାର୍ଯ୍ୟ କରିବାକୁ ଯାଇଥିଲେ। ୨୫ କେଭିର ଟ୍ରାନ୍ସଫର୍ମର କୋର ଓ ଯନ୍ତ୍ରାଂଶ ଚୋରି ନେଇ ଜାଣି ତାଙ୍କୁ ଜଣାଇଥିଲେ। ଫଳରେ ଉକ୍ତ ଅଞ୍ଚଳର ଶହ ଶହ ପରିବାର ବିଦ୍ୟୁତ ସେବାରୁ ବଞ୍ଚିତ ରହିଛନ୍ତି। ଚୋରି ଯନ୍ତ୍ରାଂଶର ଆନୁମାନିକ ମୂଲ୍ୟ ୮୦, ୦୦୦ ଟଙ୍କା ହେବ। ଏ ନେଇ ଅଭିଯୋଗରେ ବାଦାମପାହାଡ଼ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

ସରସ୍ୱତୀ ଶିଶୁମନ୍ଦିରରେ ମାତୃ ସମ୍ମିଳନୀ



ମହୁଲଡିହା/ଠାକୁରମୁଣ୍ଡା, ୨୪।୧(ସମିସ): ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଯୋଜନା ଅନୁସାରେ କେନ୍ଦୁଜିଆଣୀ ଆବାସିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ ଓ ସମର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପରିଚାଳନା ସମିତିର ସଦସ୍ୟା ଅରୁନ୍ଧତୀ ବିନ୍ଧାଣୀ ଯୋଗଦେଇ ଶିଶୁଙ୍କ ଜୀବନ ଶୈଳୀକୁ ଆଗକୁ ବଢ଼ାଇବାରେ ମାଆଙ୍କ ଭୂମିକା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପର୍ଶୁରାମ ମହାନ୍ତ ମାତୃ ସମ୍ମିଳନୀର ଆଭିମୁଖ୍ୟ ଓ ଆଗାମୀ ଯୋଜନା, ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତିରେ ମାଆଙ୍କ ଭୂମିକା ସହିତ ଜାତୀୟ ଶିକ୍ଷାନୀତିରେ ଶିଶୁର ଭୂମିକାକୁ ସ୍ୱାଗତ ଅଭିଭାଷଣରେ କହି ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ମାତୃ ମଣ୍ଡଳୀ ସଦସ୍ୟା ଅନୁପମା ମହାନ୍ତ ଓ ପ୍ରତିଭା ମଞ୍ଜରୀ ସେଠୀ ଉପସ୍ଥିତ ଥିଲେ। ଆଚାର୍ଯ୍ୟ ଭାଗୀରଥି ପତି ମଞ୍ଚ ପରିଚାଳନା ଓ ଆଚାର୍ଯ୍ୟ କମଳଲୋଚନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଶିଶୁଙ୍କ ପ୍ରତିଭା ପ୍ରଦର୍ଶନ କ୍ରମରେ ଏକ ସୁନ୍ଦର ଭଜନରେ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ମାତୃ ସମ୍ମିଳନୀରେ ବହୁ ସଂଖ୍ୟକ ଅଭିଭାବକ ଓ ଅଭିଭାବିକା ଉପସ୍ଥିତ ରହି ପ୍ରେରଣାର ଉତ୍ସ ସାଜିଥିବାବେଳେ ମା' ସରସ୍ୱତୀଙ୍କ ପୟରେ କିଛି କିଛି ସମର୍ପଣ କରିଥିଲେ।

୨୭ରେ ଉଦଳା ମିଳିତ ଜନଅଭିଯୋଗ ଶୁଣାଣି ଶିବିର

ଉଦଳା, ୨୪।୧(ସମିସ): ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ମାସ ଚତୁର୍ଥ ସୋମବାର ୨୬ ତାରିଖ ଦିନ ସାଧାରଣତନ୍ତ୍ର ଦିବସ ଛୁଟି ପଡୁଥିବାରୁ ଆସନ୍ତା ୨୭ ତାରିଖ ମଙ୍ଗଳବାର ଦିନ କପ୍ତିପଦା ଉପଖଣ୍ଡ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଉପଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହେବାକୁ ଥିବା ଏହି ଶୁଣାଣି କାର୍ଯ୍ୟ ପୂର୍ବାହ୍ନ ୧୦ ଘଟିକା ସମୟରେ ଅନୁଷ୍ଠିତ ହେବ। ଏହି ଶିବିରରେ ଉପଖଣ୍ଡ ତଥା ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଶୁଣାଣି କରାଯାଇ ଉତ୍ଥାପିତ ଅଭିଯୋଗର ଯଥାସମ୍ଭବ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସାଇବର ଥାନା ପ୍ରତିଷ୍ଠାକୁ ବିତିଲା ୫ ବର୍ଷ

କେବେ ନିର୍ମାଣ ହେବ ନିଜସ୍ୱ କାର୍ଯ୍ୟାଳୟ

ବାରିପଦା, ୨୪।୧(ସମିସ)

ମୟୂରଭଞ୍ଜ ଜିଲ୍ଲାରେ ସାଇବର ଥାନା ପ୍ରତିଷ୍ଠା ପାଇଁ ଜିଲ୍ଲାବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ୨୦୨୧ ଡିସେମ୍ବର ୧୪ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ୧୧ଟି ନୂତନ ସାଇବର ଥାନା ପ୍ରତିଷ୍ଠା ସମୟରେ ମୟୂରଭଞ୍ଜ ଜିଲ୍ଲା ସାମିଲ ହୋଇଥିଲା। ଯାହାକୁ ନେଇ ସେବର୍ଷ ଡିସେମ୍ବର ୨୯ ତାରିଖରେ ଜିଲ୍ଲାରେ ପ୍ରଥମ ସ୍ୱତନ୍ତ୍ର ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଶ୍ରୀ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ସେବେଠାରୁ ଏହି ଥାନାଟି ବାରିପଦାସ୍ଥ ଜିଲ୍ଲା ପୁଲିସ ମୁଖ୍ୟାଳୟରେ କାର୍ଯ୍ୟ କରିଆସୁଛି। ସାଇବର ଥାନା ଯୋଗୁଁ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାବାସୀ ବିଶେଷ ଉପକୃତ ହେଉଛନ୍ତି। ଅନଲାଇନ ଠକେଇ, ଇଣ୍ଟରନେଟ୍ ଜରିଆରେ ଠକାମି, ଅର୍ଥନୈତିକ ଅପରାଧ ଆଦିର ତଦନ୍ତକୁ ଗତିଶୀଳ କରାଯାଇ ଦ୍ରୁତ ପଦକ୍ଷେପ ଗ୍ରହଣ କରାଯାଇପାରୁଛି। ଏଥିସହିତ ଅପରାଧୀଙ୍କୁ ମଧ୍ୟ ସହଜରେ ଠାବ କରାଯିବା ସମ୍ଭବ ହେଉଛି। ୨୦୨୫ ମସିହାକୁ ବିଚାରକୁ ନେଲେ ଏହି ଥାନା ଦ୍ୱାରା ବହୁ ସଫଳତା ମିଳିଛି। ଭୁଲବଶତଃ ଅନ୍ୟ ବ୍ୟାଙ୍କ ଆକାଉଣ୍ଟକୁ ଚାଲିଯାଇଥିବା ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅଭିଯୋଗକାରୀଙ୍କ ନିକଟକୁ ଫେରସ୍ତ ଆସିଲାଣି। ବ୍ୟାଙ୍କ ଆକାଉଣ୍ଟରୁ ଅନ୍ୟଏକ ବ୍ୟାଙ୍କ ଆକାଉଣ୍ଟକୁ ୟୁପିଆଇ ମାଧ୍ୟମରେ ଟଙ୍କା ପଠାଇବା ବେଳେ ଭୁଲବଶତଃ ଅନ୍ୟ ଜଣକ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଚାଲି ଯାଉଥିବାର ଅଭିଯୋଗ ହୋଇଥିଲା। ଏହାକୁ ନେଇ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ ମଧ୍ୟରୁ ୭ଟି ମାମଲାର ସମାଧାନ କରାଯାଇ ଟଙ୍କା ଫେରସ୍ତ ହୋଇଛି।

ଥାନା ଅଧିକାରୀ ପ୍ରଦୀପ ମାଝୀ ମାମଲା ରୁଜୁ କରି ଦ୍ରୁତ ଯାଞ୍ଚ ପ୍ରକ୍ରିୟା କରିଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି ବ୍ୟାଙ୍କ ଆକାଉଣ୍ଟର ଯାଞ୍ଚ ପ୍ରକ୍ରିୟା କରି ଟଙ୍କା ଫେରସ୍ତ କରାଇଛନ୍ତି। ଇତି ମଧ୍ୟରେ ଖଞ୍ଜୁମଣି ବେହେରାଙ୍କ ୫୦, ୦୦୦ ଟଙ୍କା, ରାଜେଶ ମିଶ୍ରଙ୍କ ୫୦, ୦୦୦ ଟଙ୍କା, ରାଧିକାମଣି ଗିରିଙ୍କ ୩୫, ୦୦୦ ଟଙ୍କା, ରାକେଶ ସାହୁଙ୍କ ୪୦, ୦୦୦ ଟଙ୍କା, ମାଣିକ ହେମ୍ବ୍ରମଙ୍କ ୧୦, ୦୦୦ ଟଙ୍କା, ଲକ୍ଷ୍ମୀନାରାୟଣ କିସ୍କୁଙ୍କ ୨୦, ୦୦୦ ଟଙ୍କା ଓ ସୁଶୀଳ ହେମ୍ବ୍ରମଙ୍କ ୧୦, ୦୦୦ ଟଙ୍କା ଫେରସ୍ତ ହୋଇଛି। ବର୍ଷକ ମଧ୍ୟରେ ୨, ୧୫, ୦୦୦ ଟଙ୍କା ଲୋକେ ଫେରସ୍ତ ପାଇବା ସହ ସାଇବର ଥାନା ଜରିଆରେ ଉପକୃତ ହୋଇଛନ୍ତି। ଯଦ୍ୱାରା ବାରିପଦାସ୍ଥ ସାଇବର ଥାନା ପୁଲିସ ସଫଳତା ପୂର୍ବକ କାର୍ଯ୍ୟକୁ ନେଇ ସମସ୍ତେ ଖୁବ ପ୍ରଶଂସା କରିଛନ୍ତି। ଏଥିସହିତ ବିଭିନ୍ନ ସମୟରେ ଯାଞ୍ଚ କରି ଅନେକ ଚୋରି ଓ ଛିନତାଇ ମୋବାଇଲ ଧରିଛନ୍ତି। ଯାହାକି ମୋବାଇଲ ଫେରସ୍ତ ମେଳା ଜରିଆରେ ଅଭିଯୋଗକାରୀଙ୍କୁ ପ୍ରଦାନ କରାଯାଇଛି। ତେବେ ପ୍ରତିଷ୍ଠାକୁ ୫ ବର୍ଷ ବିତିଥିଲେ ହେଁ ଥାନାର ନିଜସ୍ୱ ଗୃହ ନିର୍ମାଣ ଦୂରେ ଥାଉ ସ୍ଥାନ ଚିହ୍ନଟ ହୋଇନାହିଁ। ଫଳରେ ଜିଲ୍ଲା ପୁଲିସ କାର୍ଯ୍ୟାଳୟର ଏକ କୋଠରୀରେ କାର୍ଯ୍ୟ ଚାଲିଛି। ତୁରନ୍ତ ନୂତନ ସ୍ଥାନ ଚିହ୍ନଟ ସାଙ୍ଗକୁ ନୂତନ କାର୍ଯ୍ୟାଳୟ କୋଠା ନିର୍ମାଣ ଜରୁରୀ ହୋଇପଡ଼ିଛି।

ନାବାଳିକା ଅପହରଣ ଅଭିଯୋଗ

ରାଇରଙ୍ଗପୁର, ୨୪।୧(ସମିସ): ସରସ୍ୱତୀ ପୂଜା ଦେଖିବାକୁ ଆସି ଜଣେ ନାବାଳିକା ଅପହରଣ ହୋଇଛନ୍ତି। ଏ ନେଇ ତାଙ୍କ ପରିବାର ଲୋକେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ନାବାଳିକା ଜଣକ ମହାବିଦ୍ୟାଳୟରେ ପଢୁଥିବାବେଳେ ସରସ୍ୱତୀ ପୂଜା ଦେଖିବାକୁ ଯାଇଥିଲେ। ସକାଳୁ ଘରୁ ଯାଇଥିଲେ ସୁଦ୍ଧା ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଯାହାକୁ ନେଇ ଅନେକ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ୍ୟ କୌଣସି ଖୋଜ ଖବର ମିଳି ନ ଥିଲା। ଯାହାକୁ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।


ବଳାଙ୍ଗୀ ମହୋତ୍ସବ ପ୍ରସ୍ତୁତି ବୈଠକ



ବାରିପଦା, ୨୪।୧(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି, ପର୍ଯ୍ୟଟନର ସୁରକ୍ଷା ଓ୍ୱ ବିକାଶ ନିମନ୍ତେ ୨୦୦୩ଠାରୁ ବାରିପଦାର ବାବା ବୁଢ଼ା ରାଉଳ ମଠ ନିକଟ ବୁଢ଼ାବଳଙ୍ଗ, ଚିପଟ ଓ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ଜିଲ୍ଲାର ମହାନ ଗଣପର୍ବ ମୟୂରଭଞ୍ଜ ବାଲି ମେଳା ବଳାଙ୍ଗୀ ମହୋତ୍ସବ ପାଳିତ ହୋଇଆସୁଛି। ଚଳିତ ବର୍ଷ ୨୪ତମ ରାଜ୍ୟସ୍ତରୀୟ ବଳାଙ୍ଗୀ ମହୋତ୍ସବ ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନ ଉପଲକ୍ଷେ ଆସନ୍ତା ଅପ୍ରେଲ ମାସରେ ୭ ଦିନ ଧରି ଅନୁଷ୍ଠିତ ହେବ। ଏ ପରିପ୍ରେକ୍ଷୀରେ ପ୍ରତିବର୍ଷ ଭଳି ଜିଲ୍ଲାରେ ଭାଇଚାରାର ପରମ୍ପରାକୁ ମଜବୁତ କରିବା ପାଇଁ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଓ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ଆଗାମୀ ମାର୍ଚ୍ଚ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଅନୁଷ୍ଠିତ ହେବ। ସେହିପରି ପ୍ରତିଭା ଚୟନ ପାଇଁ ଅନୁଷ୍ଠିତ ହେଉଥିବା ବଳାଙ୍ଗୀ ଟେଲେଣ୍ଟ ହଣ୍ଟ ମେଗା ଅଡିସନ କାର୍ଯ୍ୟକ୍ରମ ଅପ୍ରେଲ ୫ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ଏ ଅବସରରେ ଶୁକ୍ରବାର ମହୋତ୍ସବ କମିଟି ପକ୍ଷରୁ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମରେ ମହୋତ୍ସବ କମିଟି ସଭାପତି ତଥା ରାଜ୍ୟ ଗୃହ ନିର୍ମାଣ, ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ବିକଶିତ ବାରିପଦା ତଥା ବିକଶିତ ମୟୂରଭଞ୍ଜ ଗଠନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିବା ସହିତ ଅବଲୁପ୍ତ ପ୍ରାୟ କଳା ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ବଳାଙ୍ଗୀ ମହୋତ୍ସବର ଭୂମିକା ଅତୁଳନୀୟ ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟି ଚେୟାରପର୍ସନ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମେଳା କମିଟି ଅଧ୍ୟକ୍ଷ ଆଇନଜୀବୀ ଅରବିନ୍ଦ ଦାସ, ଉପଦେଷ୍ଟା ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ଡ. ବିଜୟ କୁମାର ଅଗ୍ରୱାଲ, ପଣ୍ଡିତ ଭାଗବତ ପଣ୍ଡା, କମଳେନ୍ଦୁ ଲାଲ ମହାନ୍ତ, ନରେନ୍ଦ୍ର ମୋହନ ସେନାପତି, ପ୍ରଭାତୀ ମହାନ୍ତି, ସଂଯୁକ୍ତା ବସା, ପ୍ରଫେସର ସୁନୀଲ କୁମାର ଜେନା ଓ ସମାଜସେବୀ ଅମର କୁମାର ସେଠୀ ପ୍ରମୁଖ ଯୋଗଦେଇ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ। କାବେରୀ ମିଶ୍ର, ରାକେଶ ସିଂ, ଇଂ ଶିରିଶ ହେମ୍ବ୍ରମ, ମୂର୍ଚ୍ଛନା ଦାସପଟ୍ଟନାୟକ, ନିରୋଜ କୁମାର ପୋଥାଲ, ଗୋପାଳ ଚନ୍ଦ୍ର ସାଓ, ଲଲାଟେନ୍ଦୁ ବେହେରା ପ୍ରମୁଖ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ମହୋତ୍ସବ କମିଟିର ସଦସ୍ୟ ବହୁ ସଂଖ୍ୟାରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ଡ. ଶଶୀଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେସ ନାୟକ ଆଗାମୀ କାର୍ଯ୍ୟପନ୍ଥା ବାବଦରେ ଆଲୋଚନା କରିଥିବାବେଳେ ସଦସ୍ୟ ସନତ ବାରିକ, ଚନ୍ଦ୍ର ପ୍ରକାଶ ଦ୍ୱିବେଦୀ, ଦିଲ୍ଲୀପ କୁମାର ପାତ୍ର, ମିଥୁନ ବାରିକ, ରଞ୍ଜିତ ପଲେଇ, କୁନୁ ସିଂ, ଦେବାଶିଷ ଜିତ ଓ ଇନ୍ଦୁମତି ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ସାଧାରଣତନ୍ତ୍ର ଦିବସ ପାଇଁ ସୌରଭଙ୍କୁ ନିମନ୍ତ୍ରଣ



ରାଇରଙ୍ଗପୁର, ୨୪।୧(ସମିସ): ବିଚ୍ଛିନ୍ନାଞ୍ଚଳ ଝାଡ଼ଖଣ୍ଡର ଓଡ଼ିଆ ପୁଅ ସୌରଭ ମିଶ୍ରଙ୍କୁ ଗଣତନ୍ତ୍ର ଦିବସ ସମାରୋହରେ ଯୋଗ ଦେବାକୁ ଦିଲ୍ଲୀରୁ ନିମନ୍ତ୍ରଣ ପତ୍ର ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମନ୍ତ୍ରଣ କରିଛନ୍ତି। ଜାମସେଦପୁରସ୍ଥ ଡିବିଏମଏସ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ସୌରଭ ମିଶ୍ରଙ୍କୁ ନିମନ୍ତ୍ରଣ କରାଯାଇଛି। ସୌରଭ ବିଚ୍ଛିନ୍ନାଞ୍ଚଳ ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମ ଜିଲ୍ଲାର କୁଡେଇସିଲା ଗ୍ରାମର ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କ ପୁତ୍ର ଅଟନ୍ତି। ଜାନୁଆରୀ ୨୬ରେ ଦିଲ୍ଲୀରେ ଆୟୋଜନ ହେବାକୁ ଥିବା ୭୭ତମ ସାଧାରଣତନ୍ତ୍ର ଦିବସ ସମାରୋହରେ ସମ୍ମିଳିତ ହେବାକୁ ନିମନ୍ତ୍ରଣ କରାଯାଇଛି। ସୌରଭ ଜଣେ ମେଧାବୀ ଛାତ୍ର ଅଟନ୍ତି। ସେ ଅଟଳ ଟିଙ୍କରୀ ଲ୍ୟାବ ସହ ଜଡ଼ିତ ଓ ତାଙ୍କ ଦକ୍ଷତା ପାଇଁ ଅନେକ ସ୍ଥାନରେ ଉଚ୍ଚ ପ୍ରଶଂସିତ ହେଉଛନ୍ତି। ଛାତ୍ରଙ୍କ ସୃଜନଶୀଳତାକୁ ନେଇ ସର୍ବଭାରତୀୟ ସ୍ତରରେ ଝାଡ଼ଖଣ୍ଡ ରାଜ୍ୟରୁ ଦୁଇଜଣ ଛାତ୍ର ଦିଲ୍ଲୀକୁ ଆମନ୍ତ୍ରଣ ହୋଇଥିବାବେଳେ ସେଥିରେ ସୌରଭ ଅଛନ୍ତି। ଜାନୁଆରୀ ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ଗଣତନ୍ତ୍ର ଦିବସ ସମାରୋହ ଆୟୋଜନ ହେବ। ଉକ୍ତ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ, ରାଷ୍ଟ୍ରପତି ଭବନ, ରାଷ୍ଟ୍ରୀୟ ବିଜ୍ଞାନ ଭବନ ଆଦି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ଦିଲ୍ଲୀସ୍ଥ କର୍ତ୍ତବ୍ୟ ଭବନରେ ହେବାକୁ ଥିବା ଗଣତନ୍ତ୍ର ଦିବସ ପ୍ୟାରେଡ଼ରେ ମଧ୍ୟ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେବେ। ପ୍ରଧାନମନ୍ତ୍ରୀଙ୍କ ଏହି ନିମନ୍ତ୍ରଣ ପତ୍ର ପାଇ ସୌରଭଙ୍କ ସମେତ ତାଙ୍କ ପରିବାର ବହୁତ ଖୁସି ଅଛନ୍ତି। ଉକ୍ତ ଆମନ୍ତ୍ରଣ ପତ୍ର ଡାକ ବିଭାଗ କର୍ମଚାରୀ ଘରେ ପହଞ୍ଚି ପ୍ରଦାନ କରିଛନ୍ତି।

ଭଞ୍ଜସେନାର ୨୮ତମ ପ୍ରତିଷ୍ଠା ଦିବସ



ବାରିପଦା, ୨୪।୧(ସମିସ): ମୟୂରଭଞ୍ଜ ଜିଲ୍ଲାର ଏକମାତ୍ର ସଂଗ୍ରାମୀ ଯୁବ ଛାତ୍ର ସଂଗଠନ ଭଞ୍ଜସେନା ପକ୍ଷରୁ ଶୁକ୍ରବାର ମହାନ୍ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ତଥା ଭଞ୍ଜସେନାର ୨୮ତମ ପ୍ରତିଷ୍ଠା ଦିବସ ଅବସରରେ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ତମାମ ମନ୍ଦିର, ଜାହିରା ପୀଠ, ମସଜିଦ୍, ଗୀର୍ଜା ଓ ଅନ୍ୟାନ୍ୟ ଧାର୍ମିକ ପୀଠରେ ପୂଜାର୍ଚ୍ଚନା ସାରି ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ ସମେତ ଜିଲ୍ଲାର ସମସ୍ତ ଛୋଟବଡ ହସ୍ପିଟାଲରେ ଫଳ, ବିସ୍କୁଟ, ପାଣି ବଣ୍ଟନ କରାଯାଇଥିଲା। ବାଙ୍ଗରିପୋଷି ଶାଖା ପକ୍ଷରୁ ବାଙ୍ଗରିପୋଷି (ହାଣଦା ମୌଜା) ଠାରେ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ପ୍ରତିଷ୍ଠା ଦିବସ ପାଳନ ପୂର୍ବରୁ ହୋଇଥିବା ରିଲ୍ସ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥିମାନଙ୍କ ମଧ୍ୟରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଡିଭାଇନର ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ରିଲ୍ସ ପ୍ରତିଯୋଗିତାର ବ୍ରାଣ୍ଡ ଆମ୍ବାସାଡର ଇଣ୍ଟରନ୍ୟାସନାଲ ୟୁଟୁବର ଲବ ହାଁସଦା, କଳାକାର ତାପସ ପାଢ଼ୀ, ମଞ୍ଚ ଉପସ୍ଥାପକ ଡ. ରଞ୍ଜିତ କୁମାର ସାହୁ, ସଙ୍ଗୀତ ନିର୍ଦ୍ଦେଶକ ବିଭୂତି ଭୂଷଣ ବେହେରା ଓ ଗାୟିକା ପୋଲିନା ସରଘରିଆ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଭିନ୍ନକ୍ଷମ ଭତ୍ତା ପାଇବାରୁ ଜଗତା ସିଂ ବଞ୍ଚିତ



ଶରତ, ୨୪।୧(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ପଞ୍ଚାୟତ ଅଧୀନ ଧନାସାହି ଗ୍ରାମର ଜଗତା ସିଂ ମୁଣ୍ଡରୀ(୪) ଦିବ୍ୟାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଜଗତା ସିଂ ମୁଣ୍ଡରୀ ୪ ବର୍ଷର ବାଳକ। ତାଙ୍କ ବାପାମାଆ ଶାଳ ପତ୍ର ସିଲାଇ କରି ଗୁଜୁରାଣ ମେଣ୍ଟାଉଛନ୍ତି। ଏହି ବାଳକ ଜନ୍ମରୁ ହିଁ ଦିବ୍ୟାଙ୍ଗ। ତାଙ୍କୁ ମୟୂରଭଞ୍ଜ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଭିନ୍ନକ୍ଷମ ପ୍ରମାଣ ପତ୍ର ମିଳିବା ପରେ ତାଙ୍କର ଅଭିଭାବକ କପ୍ତିପଦା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଭତ୍ତା ପାଇଁ ଆବେଦନ କରିଥିଲେ। ବର୍ତ୍ତମାନ ସୁଦ୍ଧା ତାଙ୍କୁ ଭତ୍ତା ମିଳିପାରିନାହିଁ। ଗରିବ, ଅସହାୟ, ଦିବ୍ୟାଙ୍ଗ ଓ ଅବହେଳିତ ବର୍ଗ ଲୋକଙ୍କ ନିମନ୍ତେ ସରକାରଙ୍କ ବହୁ ଯୋଜନା ରହିଛି ସତ, କିନ୍ତୁ ଏଠାରେ ଏହା ଫେଲ ମାରି ଥିବା ସ୍ପଷ୍ଟ ପ୍ରମାଣିତ ହୋଇଛି। ଏହି ଦିବ୍ୟାଙ୍ଗ ବାଳକକୁ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯିବା ସହିତ ତାଙ୍କୁ ମୁକ, ବଧିରଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଦ୍ୟାଳୟରେ ପାଠ ପଢ଼ିବା ନିମନ୍ତେ ବ୍ୟବସ୍ଥା କରାଯିବାକୁ ପଦ୍ମପୋଖରୀ ପଞ୍ଚାୟତର ଯୁବ ସମାଜସେବୀ ନବୀନ ମୁଣ୍ଡରୀ ନିବେଦନ କରିଛନ୍ତି। ଏଥିପ୍ରତି ମୟୂରଭଞ୍ଜ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ କପ୍ତିପଦା ବିଡିଓ ଦୃଷ୍ଟି ଦେବାକୁ ଶ୍ରୀ ମୁଣ୍ଡରୀ ଦାବି କରିଛନ୍ତି।

ବିଦ୍ୟାଳୟରୁ ଚୋରି

ରାଇରଙ୍ଗପୁର, ୨୪।୧(ସମିସ): ସ୍ଥାନୀୟ ୩ନଂ ୱାର୍ଡ ସାକିଲାଡ଼ିହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି ହୋଇଛି। ଏ ନେଇ ପ୍ରଧାନଶିକ୍ଷକ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ବନ୍ଦ ଥିବାବେଳେ ଦୁର୍ବୃତ୍ତମାନେ ବିଦ୍ୟାଳୟରେ ପ୍ରବେଶ କରି ବିଭିନ୍ନ ସାମଗ୍ରୀ ଚୋରି କରିଛନ୍ତି। ପରଦିନ ବିଦ୍ୟାଳୟ ଖୋଲିବା ବେଳକୁ ଘଟଣା ବାବଦରେ ଜାଣି ଥାନାରେ ଅଭିଯୋଗ କରିଛନ୍ତି।

ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ମନ୍ତ୍ରୀ



ରାସଗୋବିନ୍ଦପୁର, ୨୪।୧(ସମିସ): ଶନିବାର ରାସଗୋବିନ୍ଦପୁର ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ଼ କୃଷ୍ଣଚନ୍ଦ୍ର ମହାପାତ୍ର। ପ୍ରଥମେ ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ନାକିଚୁଆ ପଞ୍ଚାୟତ ଫରେଷ୍ଟ ଗେଟ ଛକରେ ମା' ମଙ୍ଗଳା ବାବା ସର୍ବେଶ୍ୱର କମିଟି ପକ୍ଷରୁ ଆୟୋଜିତ ସରସ୍ୱତୀ ପୂଜା ଉପଲକ୍ଷେ ମହୋତ୍ସବରେ ଯୋଗ ଦେଇଥିଲେ। ପରେ କମାରଡିହା ପଞ୍ଚାୟତ ଅନ୍ତର୍ଗତ ପଞ୍ଚମାଣିଆଠାରେ ଆୟୋଜିତ ମହୋତ୍ସବରେ ଯୋଗ ଦେଇଥିଲେ। ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ତତକ୍ଷଣାତ ସମାଧାନ କରାଇବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ସହ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି, ରାଜ୍ୟ ଏସ୍‌ଟି ମୋର୍ଚ୍ଚା ସଭାପତି କାନ୍ଦ୍ରା ସୋରେନ, ବିଜେପି ଜିଲ୍ଲା ସମ୍ପାଦକ (ପୂର୍ବ) ପୁରୁଷୋତ୍ତମ ଦେ, ୪୭ନଂ ଜୋନ ମଣ୍ଡଳ ସଭାପତି ରଣଜିତ ବାରିକ, ଯୁବ ସଭାପତି ଇନ୍ଦ୍ରଜିତ ଦାସ, ସ୍ଥାନୀୟ ସରପଞ୍ଚ ରୁଣ୍ଟୁ ହାଁସଦାଙ୍କ ସମେତ ଆୟୋଜକ କମିଟି ସଦସ୍ୟ ଜଗନ୍ନାଥ ଘୋଷ, ଅବିନାଶ ଚାନ୍ଦ, ଚିନ୍ମୟ ନାୟକ, ଲିକୁ ଚୌଧୁରୀ, ରଜନୀକାନ୍ତ ପାତ୍ର, ଶିବୁ ସାହୁଆ ପ୍ରମୁଖ ଉପସ୍ଥିତ ଥିଲେ।

ସାନ୍ତାଳୀ ରାଜଭାଷା ଓ ସାର୍ନା ଧର୍ମ କୋଡ୍ ମାନ୍ୟତା ପାଇଁ ଲଢ଼ିବ ସେଙ୍ଗେଲ

ବାରିପଦା, ୨୪।୧(ସମିସ)



ଆଦିବାସୀ ସେଙ୍ଗେଲ ଅଭିଯାନର ପ୍ରଦେଶ ପାର୍ଗାନା ସହ ବାରିପଦା ଜୋନାଲ ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ବାଙ୍ଗିରିପୋଷି ପ୍ରାଣୀ ଚିକିତ୍ସାଳୟ ପରିସରରେ ସେଙ୍ଗେଲର ମୁଖ୍ୟ ନେତାଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଲ୍ ଇଣ୍ଡିଆ ମାଝୀ ପାର୍ଗାନା ମାଡୱାର ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ହେମ୍ବ୍ରମ ସଭାପତିତ୍ୱ କରିଥିଲେ। ଶ୍ରୀ ମୁର୍ମୁ କହିଥିଲେ, ଭାରତର ସମସ୍ତ ରାଜ୍ୟ ଭାଷାଭିତ୍ତିକ ରାଜ୍ୟ ଗଠନ କରାଯାଇଛି ଓ ସମସ୍ତ ଧର୍ମାବଲମ୍ବୀଙ୍କୁ ଧାର୍ମିକ ସ୍ୱାଧୀନତା ଦିଆଯାଇଛି। କିନ୍ତୁ ଆଦିବାସୀଙ୍କ ସରକାରୀ ମାନ୍ୟତାପ୍ରାପ୍ତ ସାନ୍ତାଳୀ ଭାଷାକୁ ଆଜି ପର୍ଯ୍ୟନ୍ତ ରାଜଭାଷାର ମାନ୍ୟତା ଓ ସେମାନଙ୍କୁ ଧାର୍ମିକ ସ୍ୱାଧୀନତା ଦିଆ ନ ଯିବା ଆଦିବାସୀଙ୍କ ଅସ୍ତିତ୍ୱ, ବାସ୍ତବିକ ପରିଚୟ ଓ ଭାଗିଦାରୀ ଉପରେ ଘାତକ ହାମଲା ଅଟେ ଓ ଆଦିବାସୀଙ୍କ ସାମ୍ବିଧାନିକ ଅଧିକାରକୁ ଷଡ଼ଯନ୍ତ୍ର କରି ଶୋଷଣ କରାଯାଉଛି। ତେଣୁ ସାନ୍ତାଳୀ ଭାଷାକୁ ଝାଡ଼ଖଣ୍ଡରେ ପ୍ରଥମ ରାଜଭାଷା ଓ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଆସାମ, ବିହାର ଆଦି ରାଜ୍ୟରେ ଦ୍ୱିତୀୟ ରାଜଭାଷା ରୂପେ ମାନ୍ୟତା କରାଇବା ଓ ସାର୍ନା ଧର୍ମ କୋଡର ମାନ୍ୟତା ସହ ମାରାଂବୁରୁକୁ ଜୈନମାନଙ୍କ କବଳରୁ ମୁକ୍ତ କରାଇବା ପାଇଁ ଆଦିବାସୀ ସେଙ୍ଗେଲ ଅଭିଯାନର ନେତାମାନେ ଜୀବନକୁ ବାଜି ଲଗାଇ ଲଢେଇ ଲଢ଼ିବେ ବୋଲି ସ୍ପଷ୍ଟ କରିଛନ୍ତି।

ସାନ୍ତାଳୀ ଭାଷା ବିଜେତା ତଥା ପୂର୍ବତନ ସାଂସଦ ସାଲଖାନ ମୁର୍ମୁଙ୍କ ମାର୍ଗଦର୍ଶନରେ ଆଗାମୀ ଫେବୃଆରୀ ୨୧ରେ ସାନ୍ତାଳୀକୁ ରାଜଭାଷା ଓ ମାର୍ଚ୍ଚ ୨୧ରେ ସାର୍ନା ଧର୍ମ କୋଡ ମାନ୍ୟତା ଓ ମାରାଂବୁରୁ ଫେରାଇ ଆଣିବାକୁ ରାଷ୍ଟ୍ରୀୟ ସ୍ତରର ସମସ୍ତ ଜିଲ୍ଲା ମୁଖ୍ୟାଳୟରେ ଗଣଧାରଣା ଦିଆଯାଇ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଆଦିବାସୀ ସମାଜ ଓହ୍ଲାଇବାକୁ ବାଧ୍ୟ ହେବ। ଉକ୍ତ ବୈଠକରେ ଜୋନାଲ ସେଙ୍ଗେଲ ପାର୍ଗାନା ମାଧବ ଚନ୍ଦ୍ର ମୁର୍ମୁ, ଜିଲ୍ଲା ଯୁବା ସେଙ୍ଗେଲ ସଭାପତି ଉଦୟନାଥ ହେମ୍ବ୍ରମ, ସୁଦର୍ଶନ ମାର୍ଣ୍ଡି, ଶିବୁ ହେମ୍ବ୍ରମ, ଅନନ୍ତ ଚରଣ ମାର୍ଣ୍ଡି, କରନ ଚନ୍ଦ୍ର ମୁର୍ମୁ, ରଳୟା ସୋରେନ, ମାଝିଆ, ହାଁସଦା, ଶିଙ୍ଗ୍ରାୟ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

ମାତୃଭାଷା 'ସମ୍ବଲପୁରୀ' ଲେଖିବାକୁ ଆହ୍ୱାନ

ବିଜେପୁର, ୨୪।୧(ସମିସ)



ଚଳିତ ବର୍ଷ ଜନଗଣନା ହେବ। ପଶ୍ଚିମ ଓଡ଼ିଶା ତଥା ନିକଟବର୍ତ୍ତୀ ଅଞ୍ଚଳର ଅଧିବାସୀ ନିଜ ମାତୃଭାଷା ସମ୍ବଲପୁରୀ ବୋଲି ଉଲ୍ଲେଖ କରିବାକୁ ଆହ୍ୱାନ ଦିଆଯାଇଛି। ଏହା ଦ୍ୱାରା ସରକାରଙ୍କ ନିକଟରେ ନିର୍ଭୁଲ ଓ ନିର୍ଦ୍ଦିଷ୍ଟ ତଥ୍ୟ ପହଞ୍ଚି ପାରିବ। ସମ୍ବଲପୁରୀ ଭାଷା ସାମ୍ବିଧାନିକ ମାନ୍ୟତା ପାଇବା ଦିଗ ଉନ୍ମୁକ୍ତ ହେବ। ଦେଢ଼ କୋଟି ଲୋକଙ୍କ ଆଶା ଆକାଂକ୍ଷା ପୂରଣ ହେବ। ବିଜେପୁର ନିକଟସ୍ଥ ପଡ଼ା ଗ୍ରାମରେ ଆୟୋଜିତ ଜାତୀୟ ସମ୍ବଲପୁରୀ ଭେଟଘାଟରେ ଏହି ମତ ପ୍ରକାଶ ପାଇଛି। ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ଅବସରରେ ପଡ଼ା ପ୍ରକାଶ ସାଂସ୍କୃତିକ ସଂସଦର ଆୟୋଜନକ୍ରମେ ମନୋହର ସାଂସ୍କୃତିକ ସଂସଦର ୩୫ତମ ବଛରକିଆ ଉଛବ ତଥା ୫୭ତମ ଜାତୀୟ ସମ୍ବଲପୁରୀ ଭେଟଘାଟ ଅନୁଷ୍ଠିତ ହୋଇଥିଲା। ସଂଗଠକ ଅଶୋକ କୁମାର ପୁଜାହାରୀଙ୍କ ସଭାପତିତ୍ୱ ଓ ଛନ୍ଦକବି ସୁରେଶ ଚନ୍ଦ୍ର ଭୋଇଙ୍କ ସଞ୍ଚାଳନରେ ଅନୁଷ୍ଠିତ ପ୍ରଥମ ଅଧିବେଶନ କବି ସମ୍ମିଳନୀରେ ଅତିଥି ଭାବେ କବି ନିରଞ୍ଜନ ପଣ୍ଡା, ଗୌରଚରଣ ପ୍ରଧାନ, ମୋହନ ସିଂ କନହେଇ, ବିଶିକେଶନ ମେହେର, ସଂଗଠକ ରମେଶ ମହାପାତ୍ର, ହରିଲାଲ ସାହୁ ଓ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ଶୋଭା ମେହେର ଯୋଗ ଦେଇଥିଲେ। କବି କିଶୋର ପାତ୍ର ସ୍ୱାଗତ ସଙ୍ଗୀତ ଗାଇଥିଲେ। ଦିଲ୍ଲୀପ ଦେବତା ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପକ ସୁକୁମାର ଭୋଇ ଓ ନାରାୟଣ ଭୋଇ କବିତା ସଂଯୋଜନା କରିଥିଲେ। ଭାଷା ଗବେଷକ ତଥା ମନୋହର ସାଂସ୍କୃତିକ ସଂସଦର ସଭାପତି ଉତ୍ପନ୍ନ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନ ଜୟନ୍ତୀ ପାଳନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଦୀପ ପଧାନ ସ୍ୱାଗତ ଭାଷଣ ଦେଇଥିଲେ। ତେଜରୁ ବାରିକ ଅତିଥି ପରିଚୟ ଦେଇଥିଲେ। ଉମେଶ ପ୍ରଧାନ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଗୁରୁ ଭାଗବତ ପଧାନ, ଉପଦେଷ୍ଟା ନାଟ୍ୟକାର ପ୍ରଫେସର କେଶରଞ୍ଜନ ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଅଧ୍ୟାପକ ସୁଶାନ୍ତ ମିଶ୍ର ମଞ୍ଚାସୀନ ଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୂଆଦିଲ୍ଲୀ ନୃତ୍ୟାଞ୍ଜଳି ଅନୁଷ୍ଠାନର ନୃତ୍ୟଗୁରୁ ସମାରୁ ମେହେର, ଦିବ୍ୟାଙ୍ଗ କବି ଗୋବିନ୍ଦ ମେହେର, କଳାକାର କିଶୋର ପାତ୍ର, ସଂସ୍କୃତି କର୍ମୀ ଜଗନ୍ନାଥ କୁମ୍ଭାର, ନାଟ୍ୟକାର ରାଜକୁମାର ସାହୁ ଏବଂ ତନୁଶାନ ପରିବାରଙ୍କୁ ସମ୍ମାନିତ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀ ତାପସ ପଧାନ, ସ୍ୱସ୍ତିକ ପଧାନ, ଅନ୍ୱେଷ ପଧାନ ଓ ସ୍ନିଗ୍ଧା ପଧାନଙ୍କୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହ କବି ସୁଭାଷ ଚନ୍ଦ୍ର ଭୁଏଙ୍କ ଏକପଦୀ କବିତା ସଂକଳନ 'ଭାବ ଅମୃତ' ଏବଂ ଚିତ୍ରଶିଳ୍ପୀ ଗୌରଚରଣ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ବୀର ମନୋହର ସିଂଙ୍କ ତୈଳ ଚିତ୍ର ଉନ୍ମୋଚିତ ହୋଇଥିଲା। କବି ରାମପ୍ରସାଦ ବାଗ, ବୈରାଗୀ ସାହୁ, ରାଜେଶ କାରିଆ, ମନୋରଞ୍ଜନ ଲୁହା, ମୁନିରାମ କୁମ୍ଭାର, ସୁଶାନ୍ତ ଭୁସାଗର, ରଞ୍ଜିତ ପ୍ରଧାନ, ଦୁର୍ବାଦଳ ମେହେର, ଅହଲ୍ୟା ପ୍ରଧାନ, ସାବିତ୍ରୀ ମେହେର, ଈଶ୍ୱର ମେହେର, ତରଣୀ ପଧାନ, ଯୁବରାଜ ଦୀପ, ମକରଧ୍ୱଜ ସାହୁ, ଅଶ୍ୱିନୀ ସାହୁ, ସୁରେଶ ସାହୁ, ଯୋଗେଶ୍ୱର ତାଣ୍ଡି, ଦୁର୍ଲଭ ଗଡ଼ତିଆ, ଇନ୍ଦ୍ରକୁମାର ବାଦୀ, ରବି ବଗର୍ତ୍ତୀ, କୁମୁଦ ବାରିକ, ନିରଞ୍ଜନ ଥପା, ଭରତ ଧରୁଆ, ଧନେଶ୍ୱର ବିଶି, ମାରଖିଲୁ ହରିପାଲ, ହୀରା ବଗର୍ତ୍ତୀ, କରନ ବଗର୍ତ୍ତୀ ପ୍ରମୁଖ କବିମାନେ ଯୋଗ ଦେଇଥିଲେ। ତୃତୀୟ ଅଧିବେଶନରେ ପଦ୍ମପୁର ଲୁ ଅନୁଷ୍ଠାନର ନାଟକ 'ଅନ୍ଧାରନୁଁ ଉକିଆ ତକ' ଏବଂ ଭେଡେନ ରାମଲୀଳା ପରିବାର ପ୍ରସ୍ତୁତ ନାଟକ 'ବୀର ମନୋହର ସିଂ' ପ୍ରଦର୍ଶିତ ହୋଇଥିଲା। ସମଲପୁରି ଗୁଛା ତରଫରୁ ମାନସ ଦାଶ ବହି ପସରା ପ୍ରଦର୍ଶନ କରିଥିଲେ। ପଡ଼ା ଗ୍ରାମର ସୁରେଶ ଚନ୍ଦ୍ର ଭୋଇ, ପ୍ରମୋଦ ପଧାନ, ସଦାନନ୍ଦ ପଧାନ, ଡା ଭୋଳାନାଥ ମେହେର, ସୁରେନ୍ଦ୍ର ଦାଶ, ଅକ୍ଷୟ ଦାଶ, ଟିକେଲାଲ ପଧାନ, ସୁମନ୍ତ ପଧାନ, ଛାୟାକାନ୍ତ ଦେବତା, ଅମୀୟ ପ୍ରସାଦ ଭୋଇ ଅନନ୍ତ ପଧାନ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଲଳିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସୁରେନ୍ଦ୍ର ସାଏ, ନେତାଜୀ ଜୟନ୍ତୀ





ପଦ୍ମପୁର, ୨୪।୧ (ସମିସ): ପଦ୍ମପୁର ସୈନିକ କଲ୍ୟାଣ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ରାଜବାଟୀ ପରିସରରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ କରାଯାଇଛି। ସଂଘର ସଭାପତି ରାସବିହାରି ତ୍ରିପାଠୀ ସଭାପତିତ୍ୱ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ଡ. ବାଞ୍ଛାନିଧି ପଣ୍ଡା ଉପସ୍ଥିତ ଥିଲେ। ସଂଘର ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

ଝାରବନ୍ଧ: ଝାରବନ୍ଧ ବ୍ଲକ ସରଗୁଲ ଗ୍ରାମର ବୀର ସୁରେନ୍ଦ୍ର ସାଏ କ୍ଲବର ଆୟୋଜନରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ହୃଷିକେଶ ବରିହା ସଭାପତିତ୍ୱ କରିଥିଲେ। ଡୋଲାମଣି ନାଏକ, କନ୍ଦାଡଙ୍ଗର ସରପଞ୍ଚ ସୁନିଲ ରାୟ, ଦେବଦତ୍ତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରକାଶ ବାଗ ମଞ୍ଚ ପରିଚାଳନା କରିଥିଲେ।

ବୈଷ୍ଣୋଦେବୀ ମନ୍ଦିରରେ ପ୍ଲାଷ୍ଟିକ୍‌ମୁକ୍ତ ବଣଭୋଜି ସଭା

ବରଗଡ଼, ୨୪। ୧(ସମିସ): ତୁରୁଙ୍ଗା ବୈଷ୍ଣୋଦେବୀ ମନ୍ଦିରରେ ପ୍ଲାଷ୍ଟିକମୁକ୍ତ ବଣଭୋଜି ସମ୍ବନ୍ଧୀୟ ଏକ ସଭାର ଆୟୋଜନ ହୋଇଥିଲା। ଏହି ସଭାକୁ ବନାଞ୍ଚଳ ଅଧିକାରୀ ରଞ୍ଜିତ ସିଂହ ବାବୁ ସଭାପତିତ୍ୱ କରିଥିଲେ। ବରଗଡ଼ ବନଖଣ୍ଡ ଅଧିକାରୀ ସରୋଜ ପଣ୍ଡା, ସହକାରୀ ବନ ସଂରକ୍ଷକ ଡ. ହରମୋହନ ରଥ, ବରଗଡ଼ ସେକ୍ସନ ଫରେଷ୍ଟର ସୁଦୀପ୍ତ ରଥ, ଅବସରପ୍ରାପ୍ତ ଶିକ୍ଷକ ଡୋଲାମଣୀ ଶତପଥୀ, ଶ୍ରୀହରି ନଗର ଆଞ୍ଚଳିକ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ଦଳପତି, ନୀଳକଣ୍ଠ ସା, ମୀନକେତନ ସାହୁ, ପୁରନ୍ଦର ଭୋସାଗର, ପୂର୍ବତନ ସରପଞ୍ଚ ପୁରନ୍ଦର ସେଠ୍, ତୁରୁଙ୍ଗା ଭିଏସଏସ ସଭାପତି ପ୍ରଶ୍ନ ଭୁଏ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ମହିଳା ଆତ୍ମ୍ ସୁରକ୍ଷା ତାଲିମ ଶିବିର

ବରଗଡ଼, ୨୪। ୧(ସମିସ): ପଞ୍ଚାୟତ ମହାବିଦ୍ୟାଳୟରେ ମହିଳା ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ଡ. ନକୁଳ ସେଠ୍, ଅଧ୍ୟାପକ ଶାନ୍ତନୁ ସୁନା ଏହି ତାଲିମ୍ ଶିବିରରେ ଉପସ୍ଥିତ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ସାମ୍ପ୍ରତିକ ସମାଜରେ ମହିଳା ଆତ୍ମ୍ ସୁରକ୍ଷା ତାଲିମ୍‌ର ଆବଶ୍ୟକତା, ଉପଯୋଗିତା, ଗୁରୁତ୍ୱ ଓ ମହତ୍ତ୍ୱ ସମ୍ପର୍କରେ ଉଭୟ କହିଥିଲେ। ଡ. ପୁଷ୍ପିତା ବେହେରାଙ୍କ ତତ୍ତ୍ୱାବଧାନରେ ମାଷ୍ଟର ଟ୍ରେନର ସୁଶ୍ରୀ ପାୟଲ ଶର୍ମା ଓ ସୁଶ୍ରୀ ସୁଜାତା ଭୁଏ ଛାତ୍ରୀଙ୍କୁ ଆତ୍ମ୍ ସୁରକ୍ଷାର କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇଛନ୍ତି।

ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର କ୍ରିକେଟ କପ୍‌ର ଚତୁର୍ଥ ଦିବସ

ସେମିରେ ଭୁବନେଶ୍ୱର



ଦହିତା, ୨୪।୧ (ସମିସ): ପଦ୍ମପୁର ନିକଟସ୍ଥ ଖଇରପାଲି ହାଇସ୍କୁଲ ପଡ଼ିଆରେ ଗୋଲ୍ଡେନ ଷ୍ଟାର କ୍ରିକେଟ କ୍ଲବ୍ ପକ୍ଷରୁ ୧୩ତମ ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର କ୍ରିକେଟ କପ୍ ଚାଲିଛି। କ୍ୱାର୍ଟର ଫାଇନାଲ ମ୍ୟାଚରେ ପୁରୀକୁ ହରାଇ ଭୁବନେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି। ରାଜୁ ଘିବେଲା, କାଉନସିଲର ପ୍ରିୟରଞ୍ଜନ ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ। ସନମ ସାହୁ, ସୁଜିତ୍ ପାଣିଗ୍ରାହୀ, ଉମେଶ ଭୋଇ, ହୋନୁ ଅଗ୍ରୱାଲ, ବୁଦ୍ଧଦେବ ମହାରଣା, କୁମାର ଆନନ୍ଦ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।

ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ



ଭେଡେନ, ୨୪।୧(ସମିସ): ଭେଡେନ ଥାନା କୁଦୋପାଲି ଗ୍ରାମର ତାଳଶ୍ରୀଗିଡା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମଧୁସୂଦନ ପାଢ଼ୀ (୫୭)ଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ବାଇକ୍‌ରେ ତାଙ୍କ ଗ୍ରାମ କୁଦୋପାଲିରୁ ଭେଡେନ ଆସୁଥିଲେ। ସୁନାଲରମ୍ଭା ପଞ୍ଚାୟତ ଚାରପାଲି ନିକଟ ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯାଇଥିଲେ। ରାସ୍ତାରେ ଯାଉଥିବା ଲୋକେ ତାଙ୍କୁ ଉଦ୍ଧାର କରି ଭେଡେନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ; ହେଲେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବରଗଡ ପଠାଯାଇଥିଲା। ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ।

ଭାସ୍କର ମହାପାତ୍ରଙ୍କ ଦେହାନ୍ତ



ବରଗଡ଼, ୨୪।୧(ସମିସ): ବରଗଡ଼ କଲେକ୍ଟରେଟର ଅବସରପ୍ରାପ୍ତ ମୁଖ୍ୟ କିରାଣି ଭାସ୍କର ମହାପାତ୍ର ଆଉ ନାହାନ୍ତି। ଗୋବିନ୍ଦପାଲିସ୍ଥିତ ବାସଭବନରେ ୮୧ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି। ସେ ମାସେ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ଶଯ୍ୟାଶାୟୀ ଥିଲେ। ତାଙ୍କ ସମୟର ଜଣେ ପ୍ରଖ୍ୟାତ ଖେଳାଳି ଥିଲେ। ଗୋବିନ୍ଦପାଲିସ୍ଥିତ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମାପନ ହୋଇଥିଲା। ପୁତ୍ର ମଣ୍ଟୁ ମୁଖାଗ୍ନି ଦେଇଥିଲେ।

ଗଜରାଜ ସିଂ ପୁଟା ଜିଲ୍ଲା କଂଗ୍ରେସ ଆଦିବାସୀ ସେଲ୍ ଅଧ୍ୟକ୍ଷ



ପଦ୍ମପୁର, ୨୪।୧ (ସମିସ): ଜାତୀୟ କଂଗ୍ରେସ କମିଟି ତରଫରୁ ଗଜରାଜ ସିଂ ପୁଟାଙ୍କୁ ବରଗଡ଼ ଜିଲ୍ଲା କଂଗ୍ରେସ ଆଦିବାସୀ ସେଲ୍‌ର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଶ୍ରୀ ପୁଟା ୧୯୮୪ ମସିହାରେ ବରତୁଣ୍ଡା ସରପଞ୍ଚ ଭାବେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ସେ ଜାମସେଟ ସେବା ସମବାୟ ସମିତିର ୨ ଥର ନିର୍ଦ୍ଦେଶକ ଭାବେ ମଧ୍ୟ ନିର୍ବାଚିତ ହୋଇଥିଲେ। ଏହା ସହ ୨୦୧୩ ମସିହାରୁ ଦୀର୍ଘ ୭ ବର୍ଷ ଧରି ସେ ପାଇକମାଳ ବ୍ଲକ କଂଗ୍ରେସ ସଭାପତି ଥିଲେ।

ମେହେର୍ସର ୧୩ତମ ବାର୍ଷିକୋତ୍ସବ



ବରପାଲି, ୨୪।୧(ସମିସ): ବରପାଲି ମେହେର୍ସ ପରିବାର ପକ୍ଷରୁ ମେହେର୍ସ ମେଗା ଶୋରୁମର ୧୩ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମେହେର୍ସ ଉତ୍ସବ ଓ ଲକି ଡ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରୀତା ସାହୁ ଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିପ୍ଳବୀ ସମ୍ବଲପୁରୀ ହାସ୍ୟ କବି ନିତିଶ୍ ଆଚାର୍ଯ୍ୟ, କବି ଗୋବିନ୍ଦ ମେହେର୍, ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ସୁଶୀଲ୍ ମେହେର, ନରେନ୍ଦ୍ର ହୋତା, ଚଳଚ୍ଚିତ୍ର ନିର୍ଦ୍ଦେଶକ ଲିଟୁ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମେହେର୍ସ ମୁଖ୍ୟ ଅବନୀ ମେହେରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବିପ୍ଳବୀ କବି ନିତିଶ ଆଚାର୍ଯ୍ୟ, ମଞ୍ଚ କଳାକାର ସୁଶୀଲ ମେହେର, କବି ଗୋବିନ୍ଦ ମେହେର, ବାନ୍ଧଶିଳ୍ପୀ ନମିତା ମେହେର, ପାଟ ବୁଣାକାର ସନ୍ତୋଷ ମେହେର ଓ କର୍ତ୍ତବ୍ୟ ନିଷ୍ଠ, ସଚ୍ଚୋଟତା ପାଇଁ ମେହେର୍ସର ସର୍ବ ପୁରାତନ କର୍ମଚାରୀ ନାରାୟଣ ରାଉତ ପ୍ରମୁଖଙ୍କୁ ମେହେର୍ସ ଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ବାର୍ଷିକ ଲଟେରୀର ଲକି ଡ୍ର ଉଠାଣ ହୋଇଥିଲା। ପ୍ରଥମ ପୁରସ୍କାର ବାଇକ୍ ବିଜେତା ହୋଇଥିଲେ ସମ୍ବଲପୁର ବୁଢ଼ାରଜାର ଗୁପ୍ତେରାମ ନାୟକ। ଦ୍ୱିତୀୟ ପୁରସ୍କାର ଏୟାର୍ କଣ୍ଡିସନର ବିଜେତା ହୋଇଥିଲେ ବରପାଲି କନବାର ପପୁ ପଧାନ। ତୃତୀୟ ପୁରସ୍କାର ଦୁଇଟି ୱାଟର୍ ପ୍ୟୁରିଫାଏର ବିଜେତା ହୋଇଥିଲେ ସଦାନନ୍ଦ ବାରିକ୍, (ସରଗିପାଲି) ଓ ସୁରେନ୍ଦ୍ର ପଧାନ (ଲକ୍ଷ୍ମୀପୁର, କଳାହାଣ୍ଡି)। ସ୍ୱାନ୍ତନାମୂଳକ ପୁରସ୍କାର ୧୦ଟି ଟେବୁଲ୍ ଫ୍ୟାନ୍‌ର ବିଜେତା ହୋଇଥିଲେ ଆରତି ସାହୁ, ପଞ୍ଚାନନ ଗଡ଼ତିଆ, ମଳୟ ମହାନନ୍ଦ, ତାପସ୍ ଗଡ଼ତିଆ, ଆର୍ କେ ପଧାନ, ମାୟାଧର ସାହୁ, ଦେବାଶିଷ୍ ସାହୁ, ସଞ୍ଜୟ ନାଗ, ଦିନେଶ୍ ଦୀପ, ଅତବିତ ସାହୁ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ର୍‌ୟାମ୍ପ ଶୋ, ନୃତ୍ୟଗୀତ ଓ ଡ୍ରାମା ହୋଇଥିଲା। ନିତିଶ୍ ଆଚାର୍ଯ୍ୟଙ୍କ ହାସ୍ୟ କବିତା, ଗୋବିନ୍ଦ ମେହେରଙ୍କ କବିତା ପାଠ, ସୁଶୀଲ ମେହେରଙ୍କ ସଂଳାପ ସମସ୍ତଙ୍କ ମନ ଛୁଇଁଥିଲା। ମେହେର୍ସ ମ୍ୟାନେଜର ଧର୍ମରାଜ ସିଂ ବରିହା ମଞ୍ଚ ପରିଚାଳନା ସହ ନାଟକ ନିର୍ଦ୍ଦେଶନା ଦେଇଥିଲେ। କିଶୋର କୁମ୍ଭାର ଲଟେରୀ ଡ୍ର କାର୍ଯ୍ୟ ସମ୍ପାଦନ କରିଥିଲେ। ସୁବର୍ଣ୍ଣ ସାହୁ ସହଯୋଗ କରିଥିଲେ। ମେହେର୍ସ ପରିବାରର ବିଟୁ ମେହେର ନୃତ୍ୟ ଓ ର୍‌ୟାମ୍ପ ନିର୍ଦ୍ଦେଶନା ଦେଇଥିଲେ। ବଳରାମ ରାଉତ, ଦୟା ବିଶି, ରିଙ୍କୁ ସାହୁ, ସୁକାନ୍ତ ପଧାନ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ। ଇଶା ମେହେର ଧନ୍ୟବାଦ ଦେଇଥିଲେ।

ବାଲି ଚୋରାଚାଲାଣ ନେଇ ତାତିଲେ ଗୁରୁପାଲି ଗ୍ରାମବାସୀ

ଭେଡେନ, ୨୪।୧(ସମିସ): ଭେଡେନ ବ୍ଲକ ଗୁରୁପାଲି ଗ୍ରାମବାସୀ ବାଲି ମାଫିଆଙ୍କ ବିରୋଧରେ ଏକାଠି ହୋଇଛନ୍ତି। ଗ୍ରାମବାସୀ ନିକଟସ୍ଥ ଲୁହାଖଣ୍ଡି ବାଲିଘାଟରେ ପହଞ୍ଚିଥିଲେ। ସେଠାରୁ ବେଆଇନ ଭାବେ ବାଲି ନେଉଥିବା ହାଇୱା ଅଟକାଇଥିଲେ। ଜେସିବି ମେସିନ ବନ୍ଦ କରିବାକୁ ଅପରେଟରଙ୍କୁ କହିଥିଲେ। ଅପରେଟର ନ ମାନିବାରୁ ମେସିନ ଆଗରେ ବସିଥିଲେ। ଏଣୁ ବାଧ ହୋଇ ଅପରେଟର ଗାଡି ବନ୍ଦ କରିଥିଲେ। ଲୁହାଖଣ୍ଡି ବାଲିଘାଟରୁ ବେଆଇନ ଭାବେ ବାଲି ଚୋରା ଚାଲଣ ହୋଇ ସରିଯିବା ପରେ ଏବେ ଗୁରୁପାଲି ସୀମା ଭିତରକୁ ପଶି ପ୍ରତିଦିନ ବାଲି ଚୋରା ଚାଲାଣ ହେଉଛି। ପ୍ରତିଦିନ ଶହ ଶହ ହାଇୱାରେ ବାଲି ଚୋରି କରି ମାଫିଆ ବାହାରକୁ ପଠାଉଛନ୍ତି। ଖଣି ବିଭାଗ ଓ ପୁଲିସ ସବୁ ଜାଣି ମଧ ଚୁପ୍। ଅଞ୍ଚଳର କୁଜିନେତା, ନେତା, ବାଲିମାଫିଆ ଓ ପ୍ରଶାସନିକ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ବାଲି ଚୋରା ଚାଲାଣ ହେଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ବାଲିଉଠାଣ ଯୋଗୁଁ ଜିରା ନଦୀର ଦିଗ ପରିବର୍ତ୍ତନ କରୁଛି। ଏଣୁ ଯୋଗୁଁ ଉଠାଜଳସେଚନ ବନ୍ଦ ହୋଇଯାଉଛି। ଏହାଫଳରେ ଚାଷ ପ୍ରଭାବିତ ହେଉଛି। ଏଣୁ ଚାଷୀ ପ୍ରତିକ୍ରିୟାଶିଳ ହୋଇ ପ୍ରତିବାଦ କରିଛନ୍ତି। ତେବେ ବାଲି ମାଫିଆ ଗ୍ରାମର ୫ ଜଣଙ୍କ ବିରୋଧରେ ଗାଡ଼ି ଭାଙ୍ଗିଥିବା ନେଇ ଭେଡେନ ଥାନାରେ ମିଛ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଗ୍ରାମବାସୀ ଥାନାରେ ବସି ରହିଥିଲେ।

ମହଙ୍ଗା ପଡ଼ିଲା ଶସ୍ତାରେ ସାଇକଲ କିଣା



ପଦ୍ମପୁର, ୨୪।୧ (ସମିସ)

୬ କେତ୍ରାଙ୍କ ସହ ଚୋର ଗିରଫ

ପଦ୍ମପୁର ସହର ଓ ଆଖପାଖ ଅଞ୍ଚଳରେ ଦୀର୍ଘଦିନ ଧରି ସାଇକଲ ଚୋରି ଘଟଣାରୁ ପରଦା ଉଠିଛି। ଏହି ଘଟଣାରେ ଜଣେ ସାଇକଲ ଚୋର ସହ ଅନ୍ୟ ୬ଜଣ କମ୍ ଦାମ୍‌ରେ ସାଇକଲ କିଣି ଫସିଛନ୍ତି। ତେବେ ଏମାନେ ହେଲେ ମୁଖ୍ୟ ଅଭିଯୁକ୍ତ ବଲ୍ଲଭ ମଟାରୀ (୩୪)। ସେହିଭଳି ସାଇକଲ କିଣି ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ପୂର୍ଣ୍ଣ ଓରଫ ଶ୍ୟାମ ମାହାର(୨୮), ରସିକ ମାହାର(୫୪), ଉସତ ତାଣ୍ଡି(୪୨), ଆନନ୍ଦ ମାହାର(୪୨), ସଦାନନ୍ଦ ଗିରି (୩୨), ସଞ୍ଜୟ ମେହେର(୫୦)। ଏମାନଙ୍କଠାରୁ ୨୪ଟି ଚୋରି ସାଇକଲ ଜବତ ହୋଇଛି। ଗତ ୨୦ ତାରିଖ ମଧ୍ୟାହ୍ନରେ କାଳୀପଡ଼ା ଗ୍ରାମର ଜିତ ପଟେଲଙ୍କ ଘର ପାଚେରି ଡେଇଁ ମୁଖ୍ୟ ଅଭିଯୁକ୍ତ ତାଙ୍କ ଝିଅର ସାଇକଲ ଚୋରି କରି ନେଇଥିଲା। ୨୨ରେ ଅଭିଯୋଗ ପାଇ ପଦ୍ମପୁର ଥାନା ପୁଲିସ ତଦନ୍ତ ଆରମ୍ଭ କରିଥିଲା। ନିକଟସ୍ଥ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ଏହାସହ ସ୍ଥାନୀୟ ଲୋକଙ୍କ ସହଯୋଗରେ ଖଇରପାଲି ଗ୍ରାମର ବଲ୍ଲଭ ମଟାରୀଙ୍କୁ ଧରିଥିଲା। ତଦନ୍ତ ସମୟରେ ସେ ପୁଲିସ ଆଗରେ ସାଇକଲ ଚୋରି କରିଥିବା ସ୍ୱୀକାର କରିଥିଲା। ବିଭିନ୍ନ ସ୍ଥାନରୁ ୨୪ଟି ସାଇକଲ ଚୋରି କରି କମ୍ ମୂଲ୍ୟରେ ଖଇରପାଲି ଗ୍ରାମର କିଛି ବ୍ୟକ୍ତିଙ୍କୁ ବିକ୍ରି କରିଥିବା କହିଥିଲା। ଏହାପରେ ପୁଲିସ ସମସ୍ତଙ୍କୁ ବାନ୍ଧିଛି।

ଜାତୀୟ ବାଳିକା ଦିବସ



ପଦ୍ମପୁର, ୨୪।୧ (ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ବାଳିକା ଦିବସ ପାଳିତ ହୋଇଛି। ପଦ୍ମପୁର ଏସଡିଜେଏମ୍ ଧୃବୀ ସୋଲଙ୍କି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନିରୋଜ ଦୋରା ଏବଂ ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ଦାଶ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପହଣ୍ଡି ବିଜୟ ମେହେର ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରବିନା ପଧାନ ସଭା ପରିଚାଳନା କରିଥିଲେ। ପୂଜାରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ମନୀଷା ଭୋଇ, ବୃନ୍ଦାବତୀ ସାହୁ, ଅମନ ପଣ୍ଡା, ଜ୍ୟୋତିରେଖା ମହାନନ୍ଦ, ପ୍ରଭାତୀ ପଟ୍ଟନାୟକ, ମମତା ମିଶ୍ର, ନିଳୀମାରାଣୀ ମହାନ୍ତି, ସୁଷମା ଦାଶ, ଦୁଷ୍ମନ୍ତ ଛତର, କମଳା କୁମ୍ଭାର, ପ୍ରଭାସିନୀ ସାହୁ ସହଯୋଗ କରିଥିଲେ।

ଜୟ ଜଗନ୍ନାଥ ସଙ୍ଗୀତ କଳା ପରିଷଦର ବାର୍ଷିକ ଉତ୍ସବ



ଅମ୍ବାଭୋନା, ୨୪।୧(ସମିସ): ପ୍ରକାଶପୁରରେ ଜୟ ଜଗନ୍ନାଥ ସଙ୍ଗୀତ କଳା ପରିଷଦର ବାର୍ଷିକ ଉତ୍ସବ ଓ କଳାକାର ସମାବେଶ ଆୟୋଜିତ ହୋଇଯାଇଛି। ଗୌରୀ ସାହୁ, କୁମାର ପଟେଲ, ନରସିଂହ ଦାସ, ଚୈତନ୍ୟ ପଟେଲ, ରାଜ ପାତ୍ର, ହେମସାଗର ତାଣ୍ଡି, ଫାଲଗୁନି ପଣ୍ଡା, ଶ୍ରୀବତ୍ସ ପଶାୟତ, ବିଦ୍ୟାଧର ପଶାୟତ, ମୋତିଲାଲ ସାହୁ, ଲାଲା ସାହୁ, ଲିଙ୍ଗରାଜ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଶିବ ଭୋଇ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସମ୍ପାଦକ ରବିଶଙ୍କର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଥଣ୍ଡାରାମ ପଧାନ ମଞ୍ଚ ପରିଚାଳନା କରିଥିଲେ। ଉମେଶ ଭୋଇ, ସୁବୋଧ ପାତ୍ର, ଗୋପାଳ ନାଏକ, ଲିଙ୍ଗରାଜ ପଟେଲ, ଯୁଧିଷ୍ଠିର ଦେହେରୀ, ଟେକଚାନ୍ଦ ଦେହେରୀ, ଅଲେଖ ଦେହେରୀ, ନାଗାର୍ଜୁନ ସାହୁ ପ୍ରମୁଖ କଳାକାରମାନେ ସଙ୍ଗୀତ ପରିବେଷଣ କରିଥିଲେ।

ରାଷ୍ଟ୍ରୀୟ ମତଦାତା ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା

ବରଗଡ଼, ୨୪।୧(ସମିସ): ଅମ୍ବାଭୋନା ବ୍ଲକ ଭୁକ୍ତା ପିଏମ୍ ଶ୍ରୀ ଜନତା ସରକାରୀ ହାଇସ୍କୁଲରେ ରାଷ୍ଟ୍ରୀୟ ମତଦାତା ଦିବସ ଉପଲକ୍ଷେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନ ଓ ଶିକ୍ଷକ ସଞ୍ଜୟ ଖମାରୀଙ୍କ ମାର୍ଗ ଦର୍ଶନରେ ଏହା ଅନୁଷ୍ଠିତ ହୋଇଥିଲା। ଗୀତିକା ସୁନା ପ୍ରଥମ, ପ୍ରିୟଦର୍ଶିନୀ ଦେହେରୀ ଦ୍ୱିତୀୟ ଏବଂ ରୋହିଣୀ ପଧାନ ଓ ସିଦ୍ଧି ନାୟକ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ଶିକ୍ଷକ ଅମୂଲ୍ୟ ଭୋଇ ଯୋଗ ଦେଇଥିଲେ। ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ଆଶୁତୋଷ ଭୋଇ, ବୋଧରାମ ବିଶ୍ୱାଳ, ପଦ୍ମଲୋଚନ ବିଶି, ପ୍ରଶାନ୍ତ ମହାପାତ୍ର, ଶିକ୍ଷୟିତ୍ରୀ ରୋଜାଲିନ ଭୋଇ, ସୌଦାମିନୀ ବାରିକ, ରାଜକୁମାରୀ ଭୁଏ, ମନୋଜା ପଟେଲ, ପୁଷ୍ପାଞ୍ଜଳି ପଧାନ ସହଯୋଗ କରିଥିଲେ।



ସରସ୍ୱତୀ ଶିଶୁ ମନ୍ଦିରରେ ସରସ୍ୱତୀ ପୂଜା



ତାଳଚେର,୨୪ ।୧(ସମିସ): ମାଘମାସ ଶୁକ୍ଳପକ୍ଷ ପବିତ୍ର ବସନ୍ତ ପଞ୍ଚମୀ ତିଥିରେ ତାଳଚେର ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମା' ବୀଣାପାଣିଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମହାସମାରୋହରେ ପୂଜା ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଗୁରୁଜୀ, ଗୁରୁମା ବିଦ୍ୟାଦାତ୍ରୀଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ୨୫ରୁ ଊର୍ଦ୍ଧ୍ୱ କୁନି ପିଲାଙ୍କ ଖଡ଼ିଛୁଆଁ ଉତ୍ସବ ସମ୍ପନ୍ନ କରାଯାଇଥିଲା। ସମସ୍ତ ଛାତ୍ରଛାତ୍ରୀ ସାମୂହିକ ପ୍ରସାଦ ସେବନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଓ ସମସ୍ତ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ।

କନ୍ୟା ସଚେତନତା ରଥର ଶୁଭାରମ୍ଭ



ପାଲଲହଡ଼ା,୨୪ ।୧(ସମିସ): ପାଲଲହଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କନ୍ୟା ସଚେତନତା ରଥର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ବାଲ୍ୟ ବିବାହକୁ କିପରି ରୋକାଯାଇ ପାରିବ ଏଥି ପ୍ରତି ଅଭିଭାବକଠାରୁ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ପ୍ରଶାସନ ମଧ୍ୟ ବିଶେଷ ଧ୍ୟାନ ଦେବା ଆବଶ୍ୟକ ବୋଲି ବିଧାୟକ କହିଥିଲେ। କାର୍ଯ୍ୟକ୍ରମରେ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର ପଟେଲ, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ଗୌରୀଶଙ୍କର ବେହେରା, ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ, ଆଇନଜୀବୀ ତନ୍ମୟ କୁମାର ସାହୁ, ପାଲଲହଡ଼ା ମଣ୍ଡଳ ସଭାପତି ଆଶିଷ ସାମଲ, ପଞ୍ଚାନନ ସାହୁ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଙ୍କ ସମେତ ଛାତ୍ରୀ ମାନେ ଉପସ୍ଥିତ ଥିଲେ।

● ପଦ୍ମଚରଣ-ଶିବାନନ୍ଦ ସ୍ମାରକୀ ଫୁଟବଲ

ଡେରେଙ୍ଗକୁ ହରାଇ ବ୍ରଜନାଥପୁର ଚାମ୍ପିଅନ



ଅନୁଗୋଳ,୨୪ ।୧(ସମିସ): ପିଟିସି ପଡ଼ିଆରେ ଆୟୋଜିତ ପଦ୍ମଚରଣ ସିହ୍ନା ଓ ଶିବାନନ୍ଦ ରାଉତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ତାଳଚେର ବ୍ରଜନାଥପୁର ଦଳ ପେନାଲ୍ଟି ସୁଟ୍‌ଆଉଟ୍‌ରେ ଡେରେଙ୍ଗକୁ ୪-୩ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଖେଳର ନିର୍ଦ୍ଧାରିତ ସମୟରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ଉଦଯାପନୀ ଉତ୍ସବରେ ଅନୁଗୋଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ ଯୋଗଦେଇ ବିଜେତାଙ୍କୁ ୧୦ ହଜାର ଟଙ୍କା ଓ ଟ୍ରଫି ଏବଂ ଉପବିଜେତା ଦଳକୁ ୭ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଭେଟେରାନ୍ସ ଆସୋସିଏସନ୍ ପକ୍ଷରୁ ନୀଳମଣି ରାଉତ, ପ୍ରଶାନ୍ତ କୁମାର ସିହ୍ନା, ରମେଶ ଚନ୍ଦ୍ର ସାହୁ, ରୁଚିର ଦାସ, ବିଏନ୍ ରାଉତ, ଅରୁଣ ଦାସ, ବସନ୍ତ କୁମାର ଦାସ ଉପସ୍ଥିତ ଥିଲେ। ମନୋରଞ୍ଜନ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ।

ମହୀଧରପୁର କ୍ରିକେଟ୍ କପ; ପୋକତୁଙ୍ଗା ବିଜୟୀ



ବଅଁରପାଳ,୨୪ ।୧(ସମିସ): ମହୀଧରପୁର ଗ୍ରୀନ ହିଲ ଷ୍ଟାଡିୟମରେ ଚାଲିଥିବା ମହୀଧରପୁର କ୍ରିକେଟ୍ କପ ପ୍ରତିଯୋଗିତାରେ ତଳମୂଳକୁ ୨-୧ ଗୋଲରେ ହରାଇ ପୋକତୁଙ୍ଗା ବିଜୟୀ ହୋଇଛି। ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ତଳମୂଳ ଟିମର ମିଥୁନ, ମ୍ୟାନ ଅଫ ଦି ମ୍ୟାଚ ଭାବେ ପୋକତୁଙ୍ଗାର ଦୀନେଶ, ଶ୍ରେଷ୍ଠ ବ୍ୟାଟର ଭାବେ ପୋକତୁଙ୍ଗାର ମାନସ, ଶ୍ରେଷ୍ଠ ବୋଲର ଭାବେ ପୋକତୁଙ୍ଗାର ଦୀନେଶ, ଶ୍ରେଷ୍ଠ କୋଚ ଭାବେ ତଳମୂଳର ତୋଫାନ, ଗେମ୍ ଚେଞ୍ଜର ଅଫ ଦି ମ୍ୟାଚ ଭାବେ ପୋକତୁଙ୍ଗାର ଉତ୍ତମ, ଶ୍ରେଷ୍ଠ କମେଣ୍ଟେଟର ଭାବେ ପ୍ରଜିତ କୁମାର ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସମାଜସେବୀ ବିପ୍ଳବ ଜେନା, ସମ୍ମାନିତ ଅତିଥି ଭାବେ ସମାଜସେବୀ ଅରୁଣାଭ ସିଂହ, ପୂର୍ବତନ ସରପଞ୍ଚ ବିନୋଦ କୁମାର ବେହେରା ଯୋଗଦେଇଥିଲେ। ଅମ୍ପାୟର ରାକେଶ କୁମାର ନାୟକ ଓ କ୍ରୀଷ୍ଣା ସ୍ୱରାଜ ଖେଳ ପରିଚାଳନା କରିଥିଲେ। ସିଦ୍ଧପ୍ରସାଦ ଜେନା ଓ ଜ୍ୟୋତିରଞ୍ଜନ ବେହେରା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ରୁଦ୍ର ଜେନା, ସୁମନ ସାହୁ, ବିକାଶ ଜେନା, ଶୁଭମ ସାଗର ସାହୁ, ଆଶୁତୋଷ ଦେହୁରୀ, ଚନ୍ଦନ ଜେନା, ଜ୍ୟୋତି ସେଠୀ ଓ ସାଗର ସାହୁ ସହଯୋଗ କରିଥିଲେ। ବିଜେତା ଦଳକୁ ୨୨ ହଜାର ଟଙ୍କା ଓ ଉପବିଜେତା ଦଳକୁ ୧୨ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା।

କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ରେଙ୍ଗାଳି,୨୪ ।୧(ସମିସ): କଣିହାଁ ବ୍ଲକ କୁଲୁମା ପଞ୍ଚାୟତରେ ଅବସ୍ଥିତ ଜଗମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମାଟିର ପୁତ୍ର କଲେଜ ପ୍ରତିଷ୍ଠାତା ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି। କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଛନ୍ତି। ସ୍ୱର୍ଗତ ପ୍ରଧାନ ଏକାଧାରରେ ଜଣେ ପରୋପକାରୀ ଓ କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି ଥିଲେ। ବିଧାୟକ ତାଙ୍କ ଅଭିଭାଷଣରେ ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ। କଲେଜର କୁଳପତି ଦିଗମ୍ବର ବିଶ୍ୱାଳ, ସାଂସଦ ପ୍ରତିନିଧି ତ୍ରିପୁର ପ୍ରଧାନ, ଅନୁଗୋଳ ଜିଲ୍ଲା ବିଜେପି ଉପସଭାପତି ନୃସିଂହ ବରାଳ, ଧ୍ରୁବଚରଣ ଧୀର, ସୁମନ୍ତ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ଆସିଲାନି ମିଲର, ରାତିରେ ହାତୀ ଭୟ

୨ ରାତି ଅନିଦ୍ରା ହୋଇ ଧାନ ଜଗିଲେ ଚାଷୀ

ବଅଁରପାଳ,୨୪ ।୧(ସମିସ):



ଫୁଲପଡ଼ା ଧାନମଣ୍ଡିରେ ଚାଷୀମାନେ ଧାନ ରଖିଥିଲେ ମଧ୍ୟ ମିଲର ଧାନ ଉଠାଉ ନାହାଁନ୍ତି। ଫଳରେ ୨ ଦିନ ହେବ ରାତି ଅନିଦ୍ରା ହୋଇ ଚାଷୀମାନେ ମଣ୍ଡିରେ ଧାନ ବସ୍ତା ଜଗିଛନ୍ତି। ରାତିରେ ଚାଷୀଙ୍କୁ ହାତୀ ଭୟ ରହିଛି। କାରଣ ଏହି ଅଞ୍ଚଳରେ ପ୍ରତିଦିନ ରାତିରେ ହାତୀ ଚଳପ୍ରଚଳ କରନ୍ତି। ସେହିପରି ଧାନ ବାସ୍ନା ହାତୀଙ୍କୁ ଆକର୍ଷିତ କରିଥାଏ। ତେଣୁ ଧାନ ଖାଇବା ପାଇଁ ହାତୀ ପଲ ମଣ୍ଡିଆଡ଼େ ମାଡି ଆସିବାର ବହୁ ସମ୍ଭାବନା ରହିଛି। ଏଭଳି ପରିସ୍ଥିତିରେ ଜୀବନକୁ ବାଜି ଲଗାଇ ଚାଷୀମାନେ ଧାନମଣ୍ଡି ଜଗି ବସିଛନ୍ତି। କିନ୍ତୁ ଫଳ ଶୂନ। ଏହାର କୌଣସି ସମାଧାନର ସୂତ୍ର ବାହାରି ପାରୁନାହିଁ।

ଖବର ନେବାରୁ ଜଣାପଡ଼ିଛି ଯେ ମହୀଧରପୁରର ଚାଷୀମାନେ ଟୋକନ ପାଇବା ପରେ ମଣ୍ଡିରେ ଧାନ ଗଦା କରି ରଖିଛନ୍ତି। କିନ୍ତୁ ମଣ୍ଡି ପକ୍ଷରୁ କୁହାଯାଉଛି ମିଲର ଆସିପାରୁନାହାଁନ୍ତି। ଫଳରେ ଧାନ ଉଠି ପାରୁନାହିଁ। ହେଲେ ମିଲର କାହିଁକି ଆସିପାରୁନାହାଁନ୍ତି ତାହାର ସନ୍ତୋଷଜନକ ଉତ୍ତର କେହି ଦେଇ ପାରୁନାହାନ୍ତି। ଯାହା ଫୁଲପଡ଼ା ଓ ସାନ୍ତରାପୁରର ଚାଷୀମାନଙ୍କୁ ନିରାଶ କରିଛି। ଚାଷୀ ଅନନ୍ତ ସାହୁ, ଜ୍ୟୋତିରଞ୍ଜନ ଦାସ, ଅଜିତ କୁମାର ଦାସ, ବାବୁଲା ପରିଡ଼ା, ସୁଜିତ ଗଡ଼ନାୟକ ପ୍ରମୁଖ ଚାଷୀ କହିଛନ୍ତି ଆମେ ଧାନ ବିକ୍ରି କରିବା ପାଇଁ ପ୍ରାଥମିକ କୃଷି ସମବାୟ ସମିତିରେ ନାମ ପଞ୍ଜିକୃତ କରିଥିଲୁ। ସେହି ଅନୁଯାୟୀ ଟୋକନ ପାଇଛୁ। ଟୋକନ ପାଇବା ପରେ ସମିତି ପକ୍ଷରୁ କୁହାଗଲା ମଣ୍ଡିରେ ଆଣି ଧାନ ଗଦାକର। ଫଳରେ ଆମେ ଧାନ ଗଦାକଲୁ। ହେଲେ ୨ ଦିନ ହେବ ଆମ ଧାନ ଉଠୁନାହିଁ। ରାତିରେ ଯଦି ଧାନ ନ ଜଗିବୁ ତାହା ହେଲେ ହାତୀ ପଲ୍ଲ ଧାନ ଖାଇଯିବେ। ଗୋଟିଏ ପଟେ ଆମ ଭାତ ହାଣ୍ଡି ହାତୀ ଖାଇଯିବ। ଅନ୍ୟପଟେ ନିଜର ଜୀବନ ପ୍ରତି ବିପଦ ରହିଛି। କାରଣ କେଉଁ ମୁହୂର୍ତ୍ତରେ ହାତୀ ଆମକୁ ଆକ୍ରମଣ କରିବ ତାହା ମଧ୍ୟ କହି ପାରିବୁ ନାହିଁ। କାରଣ ଏହି ଅଞ୍ଚଳର ହେଉଛି ହାତୀଙ୍କ ଭୂସର୍ଗ। ତେଣୁ ଆମେ ରାତିରେ ଧାନ ଜମିବା ବେଳେ ହାତୀ ପଲ୍ଲର ଶିକାର ହେବାର ମଧ୍ୟ ବହୁ ଆଶଙ୍କା ରହିଛି। ଏ ନେଇ ପ୍ରଶାସନ ବିଚାର କରିବା ଉଚିତ ବୋଲି ଏହି ଚାଷୀମାନେ କହିଛନ୍ତି। ସେହିପରି ଚାଷୀ ରଜତ ସାହୁ, ଅନିଲ ସାହୁ, ସୁନିଲ ସାହୁ, ଜ୍ଞାନ ସାହୁ, ଦେବରାଜ ସାହୁ ପ୍ରମୁଖ କହିଛନ୍ତି ବହୁ କଷ୍ଟକରି ଧାନ ଚାଷ କଲୁ। ସାହୁକାର ଠାରୁ ଧାର କରଜ କରି ଚାଷ କଲୁ। ଭାବିଥିଲୁ ଧାନ ବିକ୍ରି କରିବା ପରେ ସାହୁକାରର ଟଙ୍କା ଫେରାଇବୁ। ଏହାସହ ପିଲାଙ୍କ ଭବିଷ୍ୟତ ପାଇଁ କିଛଇ ସଞ୍ଚୟ କରିବୁ। ହେଲେ ଏବେ ପ୍ରଶାସନ ଆମପ୍ରତି ଯେଉଁ ବୈମାତୃକ ମନୋଭାବ ପୋଷଣ କରୁଛି ସେଥିରେ ଆମେ ମର୍ମାହତ ଓ ହତୋତ୍ସାହିତ ବୋଲି ଚାଷୀମାନେ କହିଛନ୍ତି।

ଦେବୋତ୍ତର ଜମିରେ ମାର୍କେଟ କମ୍ପ୍ଲେକ୍ସ





ଅନୁଗୋଳ,୨୪ ।୧(ସମିସ): ପୂର୍ବ ତାଳଚେର ଆଉ ନାହିଁ, ଏବେ ଶିଳ୍ପନଗରୀ ତାଳଚେର ଭାବେ ପରିଗଣିତ। ରାଜାରାଜୁଡ଼ା ଅମଳରୁ ଆଜିଯାଏଁ କିଛି ଦେବୋତ୍ତର ଜମି ରାଜଙ୍କ ଅଧୀନରେ ଥିବା ବେଳେ ଆଉକିଛି ଜମି ଦେବୋତ୍ତର ବିଭାଗ ଅଧୀନରେ ରହିଛି। ତାଳଚେର ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଶହଶହ ଏକର ସରକାରୀ ଜମି ମାଫିଆଙ୍କ କବଜାରେ ଥିବାବେଳେ ତାଳଚେର ଫାଷ୍ଟ ଗେଟ ଚିତ୍ରକୂଟ ମନ୍ଦିରଠାରୁ ମାତ୍ର ଶହେ ମିଟର ଦୂରରେ ଏବେ ଦେବୋତ୍ତର ଜମିରେ ଦୁଇ ମହଲା ମାର୍କେଟ କମ୍ପ୍ଲେକ୍ସ ତିଆରି ହୋଇଥିବା ଦେଖିବାକୁ ମିଳିଛି। ଏହି ଦେବୋତ୍ତର ଜମିକୁ କେହି କେହି ନିଜ ନାମରେ ଜାଲିଆତି କରି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରି ଭଡ଼ା ସୂତ୍ରରେ ଲଗାଇଛନ୍ତି। ତାଳଚେର ପୌରାଞ୍ଚଳରେ ବିଭିନ୍ନ ଠାକୁର ଓ ଠାକୁରାଣୀଙ୍କ ନାମରେ ଶହଶହ ଏକର ଦେବୋତ୍ତର ଜମିକୁ କିଏ ହାତେଇ ପଟ୍ଟା କରିସାରିଥିବା ଶୁଣିବାକୁ ମିଳୁଥିବା ବେଳେ ବ ଆଉ କେତେକ ପଟ୍ଟା କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏପରିକି, ବିଭିନ୍ନ ୱାର୍ଡରେ ରେମୁଁଆ ଗ୍ରାମଦେବୀ କୁଟେଇଶୁଣୀ ଓ କେନ୍ଦୁଆଶୁଣୀ, ଜଗନ୍ନାଥଙ୍କ ନାମରେ ଥିବା ବିଭିନ୍ନ ସ୍ଥାନରେ ରହିଥିବା ଶହ ଶହ ଏକର ଦେବୋତ୍ତର ଜମି, ପୋଖରୀ ଇତ୍ୟାଦିକୁ ମସୁଧା କରି ଦଲାଲମାନେ କେତେକ ଜମି ହରିଲୁଟ୍ କରି ବଡ଼ବଡ଼ ଅଟ୍ଟାଳିକା ନିର୍ମାଣ କରି ସେଥିରେ ଦୋକାନ ଗୃହ ଓ ମାର୍କେଟ କମ୍ପ୍ଲେକ୍ସ କରିଥିବା ଦେଖିବାକୁ ମିଳିଛି। ଜମି ଦଲାଲମାନଙ୍କ ଦ୍ୱାରା ତାଳଚେର ତହସିଲ କାର୍ଯ୍ୟାଳୟର ଅସାଧୁ କର୍ମଚାରୀଙ୍କୁ ହାତକରି ଉକ୍ତ ଦେବୋତ୍ତର ଜମିକୁ କବ୍‌ଜା କରୁଛନ୍ତି। ଏ ନେଇ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏବେ ରାଜ୍ୟ ସରକାର ସରକାରୀ ଜମିକୁ ଜବରଦଖଲକାରୀଙ୍କଠାରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ତାଳଚେର ଅଞ୍ଚଳରେ ଜମିମାଫିଆଙ୍କ ଦୌରାତ୍ମ୍ୟ ବଢ଼ି ବଢ଼ି ଚାଲିଛି। ଏଣୁ ଜମି ମାଫିଆଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଦେବଦେବୀଙ୍କ ବହୁ ମୂଲ୍ୟବାନ ଜମି ମାଫିଆଙ୍କ କବଜାକୁ ଚାଲିଯାଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି।

ଜାତୀୟ କନ୍ୟାଶିଶୁ ଦିବସ ଉପଲକ୍ଷେ ସଚେତନତା

ତାଳଚେରସହର,୨୪ ।୧(ସମିସ): ଜାତୀୟ କନ୍ୟାଶିଶୁ ଦିବସ ଅବସରରେ ତାଳଚେର ଜଗନ୍ନାଥ କଲୋନୀ ସ୍ଥିତ ଡିଏଭି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଟ୍ରଷ୍ଟ ଫର ଏନଭିରନମେଣ୍ଟ ଆଣ୍ଡ ଡେଭଲପମେଣ୍ଟ ପକ୍ଷରୁ ସଚେତନତା ସଭା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁଜାତା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଟ୍ରଷ୍ଟ ଫର ଏନଭିରନମେଣ୍ଟ ଆଣ୍ଡ ଡେଭଲପମେଣ୍ଟ ପକ୍ଷରୁ ତିଥି ପଟ୍ଟନାୟକ ଶିଶୁକନ୍ୟାମାନଙ୍କ ଅଧିକାର, ଶିକ୍ଷା ଓ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରି କହିଲେ ଯେ କନ୍ୟାମାନେ ହେଉଛନ୍ତି ସମାଜର ଶକ୍ତିର ଆଧାର ଓ ଦେଶର ଭବିଷ୍ୟତ। ଏମାନଙ୍କୁ ପୁଅଙ୍କ ସହ ସମାନ ସୁଯୋଗ ଓ ସମ୍ମାନ ଦେବା ଆମ ସମସ୍ତଙ୍କ ଦାୟିତ୍ୱ। ଏହି ଅବସରରେ ଆଇସିଏଫଏଆଇ ବିଶ୍ୱବିଦ୍ୟାଳୟ, ଜୟପୁରର ପ୍ରାଧ୍ୟାପିକା ଡ. ରିଚା ପଟ୍ଟନାଏକ ଆଭାସୀ ମାଧ୍ୟମରେ ଯୋଗଦେଇ ଶିଶୁକନ୍ୟାମାନଙ୍କ ମାନସିକ ସ୍ୱାସ୍ଥ୍ୟ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ପଢ଼ାର ଚାପ, ସାମାଜିକ ଆଶା-ଆକାଂକ୍ଷା ଓ ଆତ୍ମବିଶ୍ୱାସ ଗଠନ ଉପରେ ମାନସିକ ସ୍ୱାସ୍ଥ୍ୟର ପ୍ରଭାବ ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ।



ବାଲ୍ୟ ବିବାହମୁକ୍ତ ଭାରତ ସଚେତନତା ରଥ ଉଦଘାଟିତ

କିଶୋରନଗର,୨୪ ।୧(ସମିସ): ଭାରତ ସରକାରଙ୍କ ୨୦୩୦ ସୁଦ୍ଧା ବାଲ୍ୟବିବାହମୁକ୍ତ ଭାରତ ଗଠନ ଲକ୍ଷ୍ୟ ସାକାର କରିବା ପାଇଁ ବିଶ୍ୱ ଯୁବକେନ୍ଦ୍ର ଅନୁଗୋଳ ଓ ଜଷ୍ଟ ରାଇଟ ଫର ଚିଲଡ୍ରେନ ମିଳିତ ଉଦ୍ୟମରେ ୨୦୨୩ରୁ ବାଲ୍ୟବିବାହ ନିଷେଧ ଅଭିଯାନ ଚାଲୁ ରହିଛି। ଶୁକ୍ରବାର ପାଲଲହଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏ ସମ୍ପର୍କିତ ସଚେତନତା ରଥ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଭାରପ୍ରାପ୍ତ ପାଲଲହଡ଼ା ଥାନା ଅଧିକାରୀ, ପ୍ରଦୀପ ମହାନ୍ତ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, କୈଳାସ ଚନ୍ଦ୍ର ସେଠୀ ଯୋଗଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ସଭାପତି ବସନ୍ତ କୁମାର ପ୍ରଧାନ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ସମ୍ପାଦକ ମନୋଜ କୁମାର ମହାପାତ୍ର କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଏହି ରଥ ଏକ ମାସ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲା ପରିଭ୍ରମଣ କର ବିଭିନ୍ନ ସ୍କୁଲ କଲେଜ ତଥା ଗ୍ରାମରେ ସଚେତନତା ବାର୍ତ୍ତା ପ୍ରଦାନ କରିବ। ବିଧାୟକ ମହାନ୍ତି ତାଙ୍କ ଅଭିଭାଷଣରେ ବାଲ୍ୟ ବିବାହମୁକ୍ତ ଭାରତ ଗଠନକୁ ସମର୍ଥନ ଜଣାଇ ବିଶ୍ୱ ଯୁବକେନ୍ଦ୍ରର ଏହି ପ୍ରଚେଷ୍ଟା ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ। ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ନିଜ ବକ୍ତବ୍ୟରେ ଶିଶୁଙ୍କ ସୁରକ୍ଷା ନିମନ୍ତେ ନିଆଯାଉଥିବା ପଦକ୍ଷେପ, ଶିଶୁ ସହାୟତା ନମ୍ବର ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ମହତାବ ଉଚ ବିଦ୍ୟାଳୟର ଛାତ୍ର ଛାତ୍ରୀ, ଶିକ୍ଷକ, ସ୍ଥାନୀୟ ଅଙ୍ଗନବାଡି କର୍ମୀ, ଅଙ୍ଗନବାଡି ସୁପରଭାଇଜର, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ କୁ ବିଶ୍ୱ ଯୁବ କେନ୍ଦ୍ର ର କର୍ମକର୍ତ୍ତା ଅଭିଷେକ ମହାପାତ୍ର, ପୂଜା ସ୍ୱାଇଁ, ପ୍ରଦିପ ନାୟକ, ଅଜୟ ସେଠି, ପିର୍ଣଚନ୍ଦ୍ର କିସାନ ସହଯୋଗ କରିଥିଲେ।



ମାଘମେଳା ପ୍ରସ୍ତୁତି ବୈଠକ

ବଅଁରପାଳ,୨୪ ।୧(ସମିସ): ବଅଁରପାଳ ବ୍ଲକ ନୂଆହତା ପଞ୍ଚାୟତରେ ଅବସ୍ଥିତ ସୁନା ଶଗଡ଼ ଅଲେଖ ମହିମା ଟୁଙ୍ଗୀରେ ହେବାକୁ ଥିବା ମାଘମେଳା ପାଇଁ ସଭାପତି ଦୀଲିପ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆଗାମୀ ୩୧ ତାରିଖ ଚତୁର୍ଦ୍ଦଶୀ ଶନିବାର ସନ୍ଧ୍ୟାରେ ଝାଡ଼ଦୀପ ପ୍ରଜ୍ୱଳନ ଓ ରବିବାର ପୂର୍ଣ୍ଣିମା ତିଥିରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ଶାନ୍ତିଶୃଙ୍ଖଳା ସହ ମେଳା ଆୟୋଜନ ଉପରେ ସଭାପତି ଗୁରୁତ୍ୱ ଦେଇଥିଲେ। ବୈଠକରେ ସମ୍ପାଦକ ଉଦ୍ଧବ ବେହେରା, ସହ ସମ୍ପାଦକ ଲିଙ୍ଗରାଜ ନାୟକ, ତ୍ରିନାଥ ନାୟକ, ଦୋଳଗୋବିନ୍ଦ ନାୟକ, ସଞ୍ଜୟ ନାୟକ, ବ୍ରହ୍ମା ନାୟକ, ନିର୍ମଳ ନାୟକ, ରାହୁଲ ନାୟକ, ଦୁଷ୍ମନ୍ତ ନାୟକ, ଅନାଦି ବାବା, କୁନି ମାତା ଓ ଅନ୍ୟ ଭକ୍ତମାନେ ଉପସ୍ଥିତ ଥିଲେ।

ଏନଟିପିସି ପକ୍ଷରୁ ଗ୍ରାମୀଣ ସାଂସ୍କୃତିକ ପ୍ରତିଯୋଗିତା



କଣିହାଁ,୨୪ ।୧(ସମିସ): ଏନଟିପିସି କଣିହାଁ ପକ୍ଷରୁ ୧୩ତମ ଗ୍ରାମୀଣ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଏନଟିପିସି କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେଏନ ରେଡ୍ଡୀ, ଜିଏମ (ଓ ଆଣ୍ଡ ଏମ) ଏସକେ କୁଣ୍ଡୁ, ମାନବସମ୍ବଳ ମୁଖ୍ୟ ନବନୀତ କୁମାର ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପରମ୍ପରାକୁ ପାଳନ ଏବଂ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ ବୋଲି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରେଡ୍ଡୀ କହିଥିଲେ। ବିଦ୍ୟାଳୟଗୁଡ଼ିକୁ ସେମାନଙ୍କର ସୃଜନଶୀଳତା ଏବଂ ନବସୃଜନ ପ୍ରଦର୍ଶନ ପାଇଁ ପ୍ଲାଟଫର୍ମ ପ୍ରଦାନ କରି କଳା ଫର୍ମଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ସହାୟତା ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିକଟବର୍ତ୍ତୀ ୩୫ଟି ବିଦ୍ୟାଳୟର ୫୫୦ ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଜୁନିଅର, ମଧ୍ୟମ ଏବଂ ବରିଷ୍ଠ ଏପରି ୩ ଟି ବିଭାଗ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରତ୍ୟେକ ବର୍ଗର ବିଜେତାମାନଙ୍କୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ସହିତ ପ୍ରତ୍ୟେକ ବର୍ଗରେ ଦୁଇଟି ସାନ୍ତ୍ୱନା ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ଅଂଶଗ୍ରହଣ ଏବଂ ପ୍ରୟାସ ପାଇଁ ପ୍ରମାଣପତ୍ର ଏବଂ ସ୍ମାରକୀ ସହିତ ସମ୍ବର୍ଦ୍ଧିତ କରି କାର୍ଯ୍ୟକ୍ରମ ଶେଷ ହୋଇଥିଲା।

ରାଜ୍ୟରେ ଗୁଟଖା ନିଷିଦ୍ଧ; ଅନୁଗୋଳ ରେ ଦର ୪ ଗୁଣ


ଦିନକରେ କୋଟିଏ ଟଙ୍କାର ଗୁଟ୍‌ଖା ବୋହିନେଲେ

ଅନୁଗୋଳ,୨୪ ।୧(ସମିସ): ରାଜ୍ୟରେ ଗୁଟଖା କାରବାର ନିଷିଦ୍ଧ ହେବା ପରେ ଏହାର ପ୍ରଭାବ ଅନୁଗୋଳ ମାର୍କେଟରେ ଦେଖିବାକୁ ମିଳିଛି। ସଫଳ ବସ୍ତା ୧୨୮୫୦ ଟଙ୍କାରୁ ୫୦ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ବସ୍ତାରେ ୧୦୦ ପ୍ୟାକେଟ ରହୁଥିବା ବେଳେ ପ୍ୟାକେଟ ୫୦୦ ଟଙ୍କାରେ ବିକ୍ରି ହେଉଛି। କଳାବଜାର କରିବା ପାଇଁ ହୋଲସେଲ ବ୍ୟବସାୟୀମାନେ ଖୁଚୁରା ବିକ୍ରେତାଙ୍କୁ ମାଲ୍ ଆଉ ମିଳିବନି କହି ଡରାଉଛନ୍ତି। ଫଳରେ ଛୋଟ ବେପାରୀମାନେ ଅଧିକା ଦର ଦେଇ କିଣି ନେଉଛନ୍ତି। ଗୋଟିଏ ଦିନରେ ଖୁଚୁରା ବ୍ୟବସାୟୀମାନେ ବିତରକଙ୍କଠାରୁ କୋଟିଏ ଟଙ୍କାର ଗୁଟ୍‌ଖା କିଣି ନେଇଥିବା ଜଣାପଡ଼ିଛି। ସେହିଭଳି ଜର୍ଦ୍ଦା ପାନ ଗୋଟା ସାତ ଟଙ୍କାରେ ବିକ୍ରି ହେଲାଣି। ଜିଲ୍ଲା ପ୍ରଶାସନର ଏନଫୋର୍ସମେଣ୍ଟ ଟିମ୍ ଚଢ଼ଉ କରିବାକୁ ସାଧାରଣରେ ଦାବି ହେଉଛି।

ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ ଦାବି

ଫେବୃଆରୀ ୧୨ ଧର୍ମଘଟ ସଫଳ କରିବାକୁ ଆହ୍ୱାନ

ଅନୁଗୋଳ,୨୪ ।୧(ସମିସ):



କେନ୍ଦ୍ର ବିଜେପି ସରକାର ଦେଶୀ ବିଦେଶୀ ବହୁ ଦେଶୀୟ କମ୍ପାନୀ ଏବଂ କର୍ପୋରେଟମାନଙ୍କ ସ୍ୱାର୍ଥରେ ଲାଗୁ କରିଥିବା ଶ୍ରମିକ କର୍ମଚାରୀ ସ୍ୱାର୍ଥ ବିରୋଧୀ ୪ ଶ୍ରମ କୋଡ୍ ତୁରନ୍ତ ବାତିଲ କରିବା, ପୂର୍ବରୁ ପ୍ରଚଳିତ ୨୯ ଶ୍ରମ ଆଇନକୁ ପୁନଃ ପ୍ରଚଳନ କରି କାଡ଼ାକଡ଼ି ଲାଗୁ କରିବା, ନାଲକୋ, ଏନଟିପିସି, ଏମସିଏଲ, ବ୍ୟାଙ୍କ, ବୀମା, ବନ୍ଦର, ରେଳ, ପ୍ରତିରକ୍ଷା, ଶିଳ୍ପ, ବିମାନ ବନ୍ଦର ଘରୋଇକରଣ ବନ୍ଦ କରିବା, ମଧ୍ୟାହ୍ନଭୋଜନ ପାଚିକା ସହାୟିକା, ଆଶା, ଅଙ୍ଗନବାଡ଼ି କର୍ମୀ, ସହାୟିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ଶ୍ରମ ସମୟ ୮ ଘଣ୍ଟାରୁ ୧୨ ଘଣ୍ଟାକୁ ବୃଦ୍ଧି ନିଷ୍ପତ୍ତି ପ୍ରତ୍ୟାହାର, ବିଦ୍ୟୁତ ସଂଶୋଧନ ବିଲ୍ ୨୦୨୫ ବାତିଲ, ସ୍ମାର୍ଟମିଟର ପ୍ରଚଳନ ବନ୍ଦ, ଚାଷୀଙ୍କ ଉତ୍ପାଦିତ ଫସଲ ପାଇଁ ଏମଏସପିକୁ ଆଇନଗତ ମାନ୍ୟତା ଦେବା ପ୍ରଭୃତି ଦାବିରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଫେଡେରେଶନ ମିଳିତ ମଞ୍ଚ ପକ୍ଷରୁ ଫେବୃଆରୀ ୧୨ ତାରିଖ ସାରା ଦେଶରେ ସାଧାରଣ ଧର୍ମଘଟ ଡାକରା ଦିଆଯାଇଛି। ଏହି ଧର୍ମଘଟ ଅନୁଗୋଳ ଜିଲ୍ଲାରେ ସଫଳ କରିବା ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ମିଳିତ ମଞ୍ଚ ଅନୁଗୋଳ ଜିଲ୍ଲା ପକ୍ଷରୁ ଶନିବାର ପୂର୍ବାହ୍ନରେ ସ୍ଥାନୀୟ ଶିକ୍ଷକପଡ଼ା ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାରରେ ଏକ ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ଆଇଏନଟିୟୁସି ଜିଲ୍ଲା ସଭାପତି ଦିଗମ୍ବର ଗଡ଼ନାୟକ, ସିଆଇଟିୟୁ ରାଜ୍ୟ ଉପ-ସଭାପତି ତଥା ଜିଲ୍ଲା ସାଧାରଣ ସମ୍ପାଦକ ଡ. ଉପେନ୍ଦ୍ର ଶର୍ମା, ଏଆଇଟିୟୁସି ଜିଲ୍ଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ତୀର୍ଥବାସୀ ଭୋଇ, ଏଆଇସିସିଟିୟୁର ତପନ ମହାନ୍ତି, ବସନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଅନୁଗୋଳ ଜିଲ୍ଲାର ସମସ୍ତ ଶିଳ୍ପ, କୋଇଲା ଖଣି, କାରଖାନା ସମେତ ଜିଲ୍ଲା ବ୍ୟାପୀ ଧର୍ମଘଟକୁ ସଫଳ କରିବା ପାଇଁ ସମସ୍ତ ଶ୍ରମିକ, କର୍ମଚାରୀ, ଶ୍ରମଜୀବୀ ଜନସାଧାରଣ ତଥା ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ : ୦୧.୦୧.୧୯୨୦ (ଗୁରୁବାର)

ତିରୋଧାନ : ୧୫.୦୧.୨୦୨୬ (ଗୁରୁବାର)

୰ଗୁରୁବାରି ମହାନ୍ତି (୧୦୬ ବର୍ଷ)

ଗ୍ରାମଃ ମମାନିପୁର, ବାମନବିନ୍ଧା, ପିରହାଟ, ଜିଲ୍ଲା- ଭଦ୍ରକ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, କର୍ତ୍ତବ୍ୟବପରାୟଣତା, ଏବଂ ମହାନୁଭବତା ଆମକୁ ସବୁଦିନ ପ୍ରେରଣା ଦେଉଥିବ। ଆପଣଙ୍କର ଅନୁପସ୍ଥିତି ଚିରଦିନ ପାଇଁ ଅପୂରଣୀୟ ହୋଇ ରହିବ। ଆପଣଙ୍କ ଏକାଦଶାହ ଅବସରରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ

Son- Gopal, Kailash, Kartika, Prahallad, Rabindra, Ramachandra, Rabi; Daughter- Laxmi, Kamali; Daughter-In-Law: Sudhapani, Nirupama, Kanchan, Puspa, Manorama, Tilotama; Grandson & Daughters- Mama, Lilu, Lipu, Dipu, Sini, Sonu, Chiku, Lipa, Dipa, Mamuni, Bulu, Tutunu, Ajata, Ranju, Babu, Lucy, Susmita; Nephew- Nila, Shanti; Great Grandson & Daughter - Barun, Shlok, Advik, Adidev, Jaga, Barsha, Chiki, Miku, Friends & Family

ଭୁବନେଶ୍ୱର ସିଟି



ପୁଣି ସ୍କୁଟିକୁ ଧକ୍କା ଦେଲା ଆମ ବସ୍

ଥମୁନି 'ଆମ ବସ୍'ର ଆତଙ୍କ

ଭୁବନେଶ୍ୱର, ୨୪।୧(ସମିସ): ରାଜଧାନୀରେ ଶନିବାର ସକାଳେ ପାତ୍ରପଡ଼ା ବସ ଡ଼ିପୋରୁ ୨୫ ନମ୍ବର ରୁଟର ଆମ ବସ ଏକ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଚଳାଉଥିବା ଡେଲିଭରି ବୟ ଗୁରୁତର ଭାବେ ଆହତ ହୋଇ



ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏହି ଦୁର୍ଘଟଣା ପରେ ପ୍ରବଳ ଉତ୍ତେଜନା ଦେଖିବାକୁ ମିଳିଥିଲା।

ଏହିପରି ମଧ୍ୟ ଶୁକ୍ରବାର ରାଜମହଲ ଛକ ଠାରେ ଆମ ବସ୍ ଏକ ବାଇକ କୁ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହି ଅଳ୍ପକେ ବର୍ତ୍ତିଯାଇଥିଲେ। ହେଲେ ଘଟଣା ସ୍ଥଳରେ ତୁମୁଳକାଣ୍ଡ ଦେଖିବାକୁ ମିଳିଥିଲା। ଏହିସହିତ ୨ରୁ ୩ଟା ଆମ ବସ୍‌କୁ ସ୍ଥାନୀୟ ଲୋକେ ଢେଲା ପଥରମାଡ଼ କରିଥିଲେ। ଏଥିସହିତ ଚଳିତ ବର୍ଷର ପ୍ରଥମ ସପ୍ତାହରେ ମଧ୍ୟ ରୁପାଲି ଛକରେ ଆମ ବସ ଦୁର୍ଘଟଣା ଘଟିଥିବାରୁ ଜଣେ ଆଟୋ ଚାଳକଙ୍କ ମୃତ୍ୟୁ ହୋଇଥିଲା ଏବଂ ଏଥିରେ ୨ରୁ ୩ ଜଣ ଗୁରୁତର ଆହତ ହୋଇଥିଲେ। ପୂର୍ବରୁ ମଧ୍ୟ ଗତବର୍ଷ ଅନେକ ଲୋକ ଦୁର୍ଘଟଣା ମୃତ୍ୟୁ ହୋଇଥିବା ବେଳେ ଅନେକେ ଲୋକ ପଙ୍ଗୁ ମଧ୍ୟ ହୋଇଯାଇଛନ୍ତି।

ହେଲେ ଏଠାରେ କଥା ଉଠୁଛି ଯେ ଲୋକଙ୍କ ସୁବିଧା ପାଇଁ ହୋଇଥିବା ଏହି ଆମ ବସ୍ ଏବେ ଲୋକଙ୍କୁ ବାରମ୍ବାର ହନ୍ତସନ୍ତ କରାଉଛି। ଅଳ୍ପ ଟଙ୍କା ପାଇଁ ଏହି ଆମ ବସ୍ ର ସୁବିଧା ପାଉଥିବା ଲୋକମାନେ ଏବେ ବସରେ ଯାତ୍ରା କରିବା ପାଇଁ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ୫ ରୁ ୩୦ ଟଙ୍କା ଭଡା ହୋଇଥିବା ଏହି ଆମ ବସ୍ ରେ ଲୋକଙ୍କ ଦୁର୍ଘଟଣା ହେଲେ ଲୋକମାନେ ୫୦ ହଜାରରୁ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥି ସହିତ ଅନେକ ମହିଳାଙ୍କ ମଥାରୁ ସିନ୍ଦୁର ମଧ୍ୟ ସାରା ଜୀବନ ପାଇଁ ଲିଭି ଯାଉଛି। ହେଲେ ଆମ ବସ୍ ର ଆତଙ୍କ ଥମୁନାହିଁ। ଏହି ବସ୍ ର ଦୁର୍ଘଟଣା ପାଇଁ ଏବେ ବସ୍ ଡ଼ିପୋରୁ ନେଇ ବିଭାଗ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ଏବେ ଲୋକମାନେ ଆଙ୍ଗୁଳି ଉଠାଉଛନ୍ତି।



ଏଠାରେ ସୂଚାଇ ଦିଆଯାଇପାରେ ଯେ, ଦିନକୁ ଦିନ ଆମ ବସ୍‌ର ଦୁର୍ଘଟଣା ବଢ଼ି ଚାଲିଛି। ଆମ ବସ କେଉଁଠି ଲୋକଙ୍କୁ ଧକ୍କା କରିଲାଣି ତ ଆଉ କେଉଁଠି ନିଜେ ଦୁର୍ଘଟଣା ହୋଇ ଲୋକଙ୍କୁ ହଇରାଣ କଲାଣି। ଫଳରେ ଦୁର୍ଘଟଣାକୁ ଦେଖି ଲୋକଙ୍କ ମନରେ ଆମ ବସକୁ ନେଇ ଏକ ଭୟର ବତାବରଣ ଦେଖିବାକୁ ମିଳିଛି। ବାରମ୍ବାର ଦୁର୍ଘଟଣା ଘଟି କାହାର ମୃତ୍ୟୁ ହେଉଛି ତ ଆଉ କିଏ ପଙ୍ଗୁ ହୋଇଯାଉଛନ୍ତି। ଏହି ଦୁର୍ଘଟଣା ପାଇଁ କ୍ରୁଟ ପକ୍ଷରୁ ତଦନ୍ତ କରାଯାଉଛି ହେଲେ ଫଳଘର ଶୂନ୍ୟ ଦେଖିବାକୁ ମିଳୁଛି।

ଆମ ବସ୍ ଭଙ୍ଗାରୁଜା; ୨ ଗିରଫ

ଭୁବନେଶ୍ୱର, ୨୪।୧(ସମିସ): ଆମ ବସ୍‌କୁ ଭଙ୍ଗା ରୁଜା ଏବଂ ଡ୍ରାଇଭରଙ୍କୁ ଆକ୍ରମଣ ମାମଲାରେ ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପ୍ରଦୀପ କୁମାର ଦାସ ଓ ପି. କିଷ୍ଟା ରେଡ୍ଡି।





ଅଭିଯୋଗକାରୀ ଆମ ବସ୍ ଡ୍ରାଇଭର ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ, ସେ ନରାଜ ଡିପୋରୁ କଟକର ସେଟେଲମେଣ୍ଟ ଅଫିସ ଦେଇ କ୍ୟାପିଟାଲ ହସ୍ପିଟାଲ ଅଭିମୁଖେ ଆମ ବସ୍ ଚଲାଉଥିବା ସମୟରେ ଭୁବନେଶ୍ୱରସ୍ଥିତ ଅଶୋକ ନଗରର ରେମଣ୍ଡ ସୋରୁମ୍ ନିକଟରେ ପହଞ୍ଚିଥିଲେ। ସେହି ସମୟରେ ଏକ ଲାଲ ରଙ୍ଗର ଗ୍ଲାମର ମୋଟର ସାଇକେଲ ରଙ୍ଗ ରୁଟରେ ଆସି ବସ୍‌ର ଡାହାଣ ପାର୍ଶ୍ୱରେ ଘସି ହୋଇଯାଇଥିଲା, ଯାହାର ଫଳସ୍ୱରୂପ ମୋଟର ସାଇକେଲଟି ତଳକୁ ଖସି ପଡ଼ିଥିଲା। ଏହି ଘଟଣାରେ ମୋଟର ସାଇକେଲ ଆରୋହୀଙ୍କୁ କୌଣସି ଗୁରୁତର ଆଘାତ ଲାଗି ନ ଥିବା ଜଣାପଡ଼ିଛି। ଏହା ପରେ ସ୍ଥାନୀୟ ବାସିନ୍ଦା ଏବଂ ଅଟୋ ଚାଳକମାନଙ୍କ ସହିତ ବହୁ ସଂଖ୍ୟକ ଜନସାଧାରଣ ଘଟଣାସ୍ଥଳରେ ଏକତ୍ରିତ ହୋଇ ବସ୍ ଡ୍ରାଇଭରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଭୟଙ୍କର ପରିଣାମ ଦେବାକୁ ଧମକ ଦେଇଥିଲେ। ବସ୍ ଉପରେ ଇଟା, ପଥର ଓ ଅନ୍ୟାନ୍ୟ ଫୋପାଡି ଥିଲେ। ଏହାର ଫଳରେ ବସ୍‌ର ୱିଣ୍ଡସିଲ୍ଡ, ଝରକାର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିଲା। ଆକ୍ରମଣ ଘଟଣାରୁ ବସ୍‌ରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା। ସେମାନଙ୍କ ମଧ୍ୟରୁ କିଛି ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ଭୟଭୀତ ହୋଇ ଅଭିଯୋଗକାରୀ ପିସିଆରକୁ ସୂଚନା ଦେଇଥିଲେ, ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସ୍ ଏବଂ ଡ୍ରାଇଭରଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ଏହା ମଧ୍ୟ ପ୍ରକାଶ ପାଇଛି ଯେ ସମାନ ରୁଟରେ ଚଳାଚଳ କରୁଥିବା ଅନ୍ୟ ତିନୋଟି ଆମ ବସ୍ ଉପରେ ମଧ୍ୟ ଆନ୍ଦୋଳନକାରୀମାନେ ଆକ୍ରମଣ କରିଥିଲେ। ଯାହାର ଫଳରେ ସାଧାରଣ ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥିଲା। ଯାତାୟାତ ବାଧାପ୍ରାପ୍ତ ହୋଇଥିଲା ଏବଂ କିଛି ଯାତ୍ରୀ ଆହତ ହୋଇଥିଲେ। ଆନ୍ଦୋଳନକାରୀମାନେ ଆକ୍ରମଣ କରିବା ଉଦ୍ଦେଶ୍ୟରେ ବସ୍‌ରୁ ଡ୍ରାଇଭରମାନଙ୍କୁ ଜୋରଜବରଦସ୍ତି ବାହାର କରିବାକୁ ମଧ୍ୟ ଚେଷ୍ଟା କରିଥିଲେ। ପୁଲିସ ଅଧିକାରୀ ଓ ବଳପ୍ରୟୋଗ ବାହିନୀ ସମୟୋଚିତ ଭାବରେ ପହଞ୍ଚିବା ପରେ ପରିସ୍ଥିତି ନିୟନ୍ତ୍ରଣରେ ଆସିଥିଲା। ତଦନ୍ତ ସମୟରେ, କ୍ଷତିଗ୍ରସ୍ତ ଆମ ବସ୍ ଏବଂ ଲାଲ ରଙ୍ଗର ଗ୍ଲାମର ମୋଟରସାଇକେଲକୁ ଜବତ କରାଯାଇଥିଲା। ସହିତ ସିସିଟିଭି ଫୁଟେଜ୍ ଓ ଅନ୍ୟାନ୍ୟ ବୈଷୟିକ ପ୍ରମାଣ ସଂଗ୍ରହ କରାଯାଇଛି। ଦଙ୍ଗା, ଭଙ୍ଗାରୁଜା ଏବଂ ସରକାରୀ କର୍ମଚାରୀଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ଚିହ୍ନଟ ଓ ଯାଞ୍ଚ ପରେ ସେମାନଙ୍କୁ ଗିରଫ କରାଯାଇଛି।

ଏକନମ୍ବର ହାଟର ଦୋକାନ ପୋଡ଼ି ଘଟଣା

୫ ଦିନ ପରେ ବି ବିଏମ୍‌ସି ଓ ପ୍ରଶାସନ ନିରବ

ଭୁବନେଶ୍ୱର, ୨୪।୧(ସମିସ): ଏଆଇଟିୟୁସି ସହବନ୍ଧିତ ଭୁବନେଶ୍ୱର ଉଠା ଦୋକାନୀ ବ୍ୟବସାୟୀ ସଂଘ ଏକନମ୍ବର ହାଟର ଥାନା ପାର୍ଶ୍ୱ ଗଳି ଓ ଭେଣ୍ଡିଂ ଜୋନ ଦୋକାନ ପୋଡ଼ି ପାଉଁଶ ହୋଇଯାଇଥିଲେ ମଧ୍ୟ ବିଏମ୍‌ସି କି ପ୍ରଶାସନ ନିରବ ପାଲଟି ଯାଇଛି। ଯାହାଦ୍ୱାରା ଶୀତ କାକରରେ ଦୋକାନୀମାନେ ଧାରଣା ଦେଇଛନ୍ତି। ଦୀର୍ଘ ୫ ଦିନ ହେଲା ବିଏମ୍‌ସି ଓ ପ୍ରଶାସନ ନିଦାବିଷ୍ଟୁ ସାଜି ଉଠା ଦୋକାନୀମାନଙ୍କ ଦୁଃଖ କି ତାଙ୍କର ବ୍ୟବସାୟ କଥା ବୁଝୁ ନାହାନ୍ତି। ୨୦୧୭ ମସିହାରେ ନୂତନ ମାର୍କେଟ କମ୍ପ୍ଲେକ୍ସ ତିଆରି ପାଇଁ ସର୍ଭେ ସରିଥିଲେ ମଧ୍ୟ ଏଯାବତ୍ କାର୍ଯ୍ୟକାରୀ ନ ହେବାରୁ ଏ ଭୟାବହ ପରିସ୍ଥିତି ସୃଷ୍ଟି ହେଲା। ଏଥିପାଇଁ ଦାୟୀ କିଏ ଚଳିତ ବର୍ଷ ସରସ୍ୱତୀ ପୂଜା ପାଇଁ ଦୋକାନୀମାନେ ଧାର ଉଦ୍ଧାର କରି ଦୋକାନରେ ଜିନିଷପତ୍ର ରଖିଥିଲେ। ବିଡ଼ମ୍ବନାର ବିଷୟ ବିଏମ୍‌ସି ଓ ପ୍ରଶାସନର ତାଳମେଳ ରହୁ ନ ଥିବାରୁ ବାରମ୍ବାର ନିଆଁ ଲାଗି କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହେବା ସହ ଅଭାବନୀୟ ପରିସ୍ଥିତିର ଶିକାର ହୋଇଛନ୍ତି।

ଉଠା ଦୋକାନୀଙ୍କୁ ଥଇଥାନ କରାଯାଉ



ଭୁବନେଶ୍ୱର, ୨୪।୧(ସମିସ): ୟୁନିଟ ୧ ହାଟ ମାର୍କେଟରେ ନିଆଁ ଲାଗି ଦୋକାନ ପୋଡି ଘଟଣା ଓ ଦୋକାନୀଙ୍କୁ ପୁନଃ ଥଇଥାନ ଓ କ୍ଷୟକ୍ଷତି ପୂରଣ ଦେବା ରାଜ୍ୟ ସରକାର ଟାଳଟୁଳ ନୀତି କରିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଛି ନିଖିଳ ଉତ୍କଳ ଭେଣ୍ଡିଂ ଜୋନ ବ୍ୟବସାୟୀ ମହାସଂଘ। ସଂଘର ସାଧାରଣ ସମ୍ପାଦକ ଦୀପକ ମହାପାତ୍ରଙ୍କ ନେତୃତ୍ୱରେ କ୍ଷତିଗ୍ରସ୍ତ ବ୍ୟବସାୟୀ ଏହି ଧାରଣା ଓ ବିକ୍ଷୋଭରେ ସାମିଲ ହୋଇ ପ୍ରତିବାଦ ଚଳାଇଛନ୍ତି। ଦୋକାନ ନିଆଁ ଲାଗି ନଷ୍ଟ ହେବା ପରେ ସରକାର ସେହି ସ୍ଥାନରେ ଅନ୍ୟ ପ୍ରକଳ୍ପ ଆଳରେ ଦୋକାନୀଙ୍କୁ ସେହି ସ୍ଥାନ ରେ ଆଉ ସୁଯୋଗ ଦିଆଯିବନାହିଁ ବୋଲି ଜାଣିବା ପରେ ଜୋର ଧରିଛି ଏହି ଧାରଣା। ଏହା ସହ ଦୋକାନ ପୋଡି ସର୍ଟ ସର୍କିଟ ନୁହେଁ ବରଂ ଏହା ପ୍ରାୟୋଜିତ ହୋଇଥିବା କହିଛି ମହାସଂଘ। ତେବେ ସରକାର ପୁନଃ ବିଚାର କରି ସେହି ସ୍ଥାନରେ ବ୍ୟବସାୟ କରିବାକୁ ଅନୁମତି ଦେବାକୁ କହିଛି ମହାସଂଘ। ତେବେ ଏହା ସତ୍ତ୍ୱେ ସରକାର କିଛି ପଦକ୍ଷେପ ଗ୍ରହଣ ନ କଲେ ଏହି ଆନ୍ଦୋଳନକୁ ବ୍ୟାପକ କରିବାକୁ ଚେତାବନୀ ଦେଇଛି ମହାସଂଘ।

ରାଜ୍ୟ ସରକାର ଏକନମ୍ବର ହାଟରୁ ହଜାର ହଜାର କୋଟି ଟଙ୍କା ରାଜସ୍ୱ ପାଉଥିଲାବେଳେ ଗୋଟିଏ ସିକ୍ୟୁରିଟି ବ୍ୟବସ୍ଥା କି ନିଆଁ ଲିଭାଇବାକୁ କୌଣସି ବ୍ୟବସ୍ଥା ନାହିଁ। ସବୁଠାରୁ ଦୁଃଖର ବିଷୟ ହେଉଛି ଯେ, ପୋଡ଼ିଯାଇଥିବା ଦୋକାନ ସଫା କରିବା ସହ କିଛି ପୋଡ଼ି ନ ଥିବା ଦୋକାନଗୁଡ଼ିକୁ ମଧ୍ୟ ବିଏମ୍‌ସି ଜୋର ଜବରଦସ୍ତି ଭାଙ୍ଗିଦେଇଛି। ଶନିବାର ବ୍ୟବସାୟୀ ସଂଘ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ତୁରନ୍ତ ମଞ୍ଜୁର ହୋଇଥିବା ମାର୍କେଟ କମ୍ପ୍ଲେକ୍ସକୁ ତିଆରି ସହ ସ୍ଥାୟୀ ସିକ୍ୟୁରିଟି ନିଯୁକ୍ତି ଓ ନିଆଁ ଲିଭା ବ୍ୟବସ୍ଥା କରିବା ସହ ପୋଡ଼ିଯାଇଥିବା ଓ ଭଙ୍ଗାଯାଇଥିବା ଦୋକାନୀମାନଙ୍କୁ ଦୋକାନ ଓ ପ୍ରତ୍ୟେକଙ୍କୁ ୫ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ଏଆଇଟିୟୁସି ସଂଘର ସଭାପତି ସୁର ଜେନା ଦାବି କରିଛନ୍ତି। ଏହି ଅହୋରାତ୍ର ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ କୈଳାସ ପୁହାଣ, ନୀଳମଣି ସାହୁ, ସୋମନାଥ ସାହୁ, ବିଜୟ କୁମାର ସାହୁ, ଭରତ ବେହେରା, ବିରଞ୍ଚି ଦଳବେହେରା ଓ ମାନସ ପାତ୍ର ଶତାଧିକ ଦୋକାନୀ ଧାରଣା ଦେଇଛନ୍ତି।

ମୋବାଇଲ୍ ଲୁଟିନେବା ଅଭିଯୋଗରେ ୨ ଗିରଫ



ଭୁବନେଶ୍ୱର, ୨୪।୧(ସମିସ): ଆମ ବସ୍ ଡ୍ରାଇଭରଙ୍କୁ ଆକ୍ରମଣ କରି ମୋବାଇଲ୍ ଲୁଟି ନେବା ଅଭିଯୋଗରେ ପୁଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶିବୁ ନାୟକ, ସମୀର ମହାନ୍ତି ଓ କାହ୍ନା ନାୟକ। ପୁଲିସ ସେମାନଙ୍କ ଠାରୁ ଚୋରା ମୋବାଇଲ ଜବତ କରିବା ସହ ସେମାନଙ୍କୁ କୋର୍ଟ ଚାଲାଣ। 'ଆମ ବସ୍' ଡ୍ରାଇଭର ଭାବରେ ନିୟୋଜିତ କୈଳାସ ଚନ୍ଦ୍ର ମହାନ୍ତି ରାତି ପ୍ରାୟ ୧୧.୩୦ ସମୟରେ, ଡ୍ୟୁଟି ସାରି ନୀଳାଦ୍ରି ବିହାର ଅନ୍ତର୍ଗତ ସୀତାନାଥ ନଗର ବସ୍ତିରେ ଅବସ୍ଥିତ ତାଙ୍କ ଘରକୁ ଫେରୁଥିବା ସମୟରେ ହରେକୃଷ୍ଣ ବସ୍ତି ନିକଟରେ ତିନି ଜଣ ଅଜଣା ଯୁବକ ତାଙ୍କୁ ହଠାତ୍ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ଫଳରେ ଅଭିଯୋଗକାରୀଙ୍କ ଗୋଡ଼, ହାତ ଓ ଛାତିରେ ଆଘାତ ଲାଗିଥିଲା। ଦୁବୃରତ୍ତମାନେ ତାଙ୍କ ମୋବାଇଲ୍ ଫୋନ୍‌ଟିକୁ ଜୋରଜବରଦସ୍ତି ଛଡ଼ାଇ ନେଇଯାଇଥିଲେ। ଅଭିଯୋଗକାରୀ ସାହାଯ୍ୟ ପାଇଁ ଚିତ୍କାର କରିବାରୁ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ଏକତ୍ରିତ ହୋଇ, ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ତିନି ଜଣ ଅଭିଯୁକ୍ତଙ୍କୁ କାବୁ କରି ପୁଲିସକୁ ହସ୍ତାନ୍ତର କରିଥିଲେ। ଅଭିଯୁକ୍ତ ସମୀର ମହାନ୍ତି ପୂର୍ବରୁ ଚନ୍ଦ୍ରଶେଖରପୁର ଥାନାରେ ମୋଟ ତିନୋଟି ମାମଲାରେ ଜଡିତ ରହିଛନ୍ତି।

ପଟିଆ କଲେଜ ସାମ୍ନାରେ ବାରମ୍ବାର ଅଗ୍ନିକାଣ୍ଡ

ନନ୍ଦନକାନନ, ୨୪।୧(ସମିସ): ପଟିଆ ଷ୍ଟେସନ ରୋଡ଼ କଲେଜ ସାମ୍ନା ଓମ ସାଇ ଅରକେଡ ଆପାର୍ଟମେଣ୍ଟ ନିକଟରେ ଥିବା ଜଙ୍ଗଲିଆ ଜାଗାରେ ନିଆଁ ଲାଗିବା ଯୋଗୁଁ ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହେବା ସହ ପୋଡା ଗାନ୍ଧ ବ୍ୟାପିଥିଲା। ଶନିବାର ଦିନ ଦିପହରେ ନିଆଁ ଲାଗିଥିବା ଦେଖି ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଖବର ପାଇ ଗୋଟେ ଦମକଳ ଗାଡି ଆସି ନିଆଁ ନିଭାଇ ଯାଇଥିଲା। ପୁଣି ସନ୍ଧ୍ୟା ବେଳେ ସେଠୁ ନିଆଁଧୂଆଁ ଉଠିଲା। ଅଞ୍ଚଳ ଧୂଆଁ ମୟ ହେବା ସହ ପ୍ଲାଷ୍ଟିକ ପୋଡା ଭଳି ଗାନ୍ଧ ଆଉ ଧୂଆଁ କଳାରାହାଙ୍ଗ ହାଟଠୁ ଲଗେଇ ପଟିଆ ଷ୍ଟେସନ, ଏପଟେ ପଟିଆ କଲେଜ ଚାରିଆଡେ ବ୍ୟାପିଥିଲା। ସନ୍ଧ୍ୟାରେ ଶୈଳଶ୍ରୀ ବିହାର ଅଗ୍ନିଶମ ବାହିନୀ ଆସି ନିଆଁକୁ ନିଭାଇଥିଲେ। ସ୍ଥାନୀୟ ଲୋକଙ୍କ କହିବା ହେଉଛି ଯେ, ଆଗରୁ ଏହି ୪/୫ଦିନ ଭିତରେ ସେଠାରେ ୩ଥର ହେବ ନିଆଁ ଲାଗି ଜଙ୍ଗଲିଆ ବୁଦା ଓ ଭୂମିରେ ଥିବା ଘାସ ଅନାବନା ଗଛ ପୋଡି ଯାଇଛି। କେହି ନିଆଁ ଲଗେଇ ଦେଉଛି। ସ୍ଥାନୀୟ ଓମ ସାଇ ଅରକେଡ ବାସିନ୍ଦା ମାନେ ପାଣି ପକେଇ ନିଆଁ ଲିଭାଇ ଥିଲେ। ଶନିବାର ଦିନରେ ଲାଗିଥିଲା ଦମକଳ ବାହିନୀ ଆସି ଲିଭାଇକି ଯାଇଥିଲେ। ପୁଣି ସନ୍ଧ୍ୟାବେଳେ ପ୍ରବଳ ନିଆଁ, ଧୂଆଁ ଆଉ ଗନ୍ଧ ବ୍ୟାପିଥିଲା। ଦମକଳ ବାହିନୀଙ୍କୁ ଖବର ଦେବାରୁ ଅଗ୍ନିଶମ ବିଭାଗ ଆସି ନିଆଁ ଲିଭାଇଥିଲା।

ନାବାଳିକାଙ୍କୁ ଛୁରି ଦେଖାଇ ଲୁଟ୍, ଯୁବକ ଗିରଫ

ଭୁବନେଶ୍ୱର, ୨୪।୧(ସମିସ): ନାବାଳିକାଙ୍କୁ ଛୁରି ଦେଖାଇ ଲୁଟ୍‌ପାଟ୍ କରିବା ଅଭିଯୋଗରେ ମୈତ୍ରୀ ବିହାର ଥାନା ପୁଲିସ ଫାୟର ଷ୍ଟେସନ ଅଞ୍ଚଳର ତପନ କୁମାର ସେଠୀ ନାମକ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ଠାରୁ ଲୁଟ୍‌ରେ ବ୍ୟବହୃତ ଛୁରି ସମେତ ସୁନା ଚେନ୍, ଲକେଟ୍ ଓ ୬ଟି ରୁପା ଡେଉଁରିଆ ଜବତ କରିଛି ପୁଲିସ। ପୁଲିସ ସୂଚନା ମୁତାବକ, ଅଭିଯୁକ୍ତ ନାବାଳିକାକୁ ଏକାକୀ ଦେଖି, ଏକ ଛୁରି ଦେଖାଇ ଭୟଭୀତ କରି ଜୋରଜବରଦସ୍ତି ତାଙ୍କ ଗଳାରୁ ସୁନା ଓ ରୂପା ଅଳଙ୍କାର ଲୁଟିନେଇଥିଲେ। ଲୁଟ ଅଳଙ୍କାରଗୁଡିକ ମଧ୍ୟରେ ଗୋଟିଏ ସୁନା ଚେନ୍, ଗୋଟିଏ ସୁନା ହନୁମାନ ଲକେଟ୍, ଗୋଟିଏ ସୁନା ପ୍ୟାନ୍ ଲକେଟ୍ ଏବଂ ଛଅଟି ରୂପା ଦେଉଁରିଆ ରହିଥିଲା। ଅଭିଯୁକ୍ତ ଭଡ଼ା ଘର ବିଷୟରେ ପଚାରିବା ବାହାନାରେ ଅଭିଯୋଗକାରିଣୀଙ୍କ ଭାଣଜୀଙ୍କ ନିକଟକୁ ଯାଇ ତାଙ୍କୁ କଥାବାର୍ତ୍ତାରେ ବ୍ୟସ୍ତ ରଖିଥିଲେ। ପରିସ୍ଥିତିର ସୁଯୋଗ ନେଇ ଏବଂ ଅନ୍ୟ କେହି ଉପସ୍ଥିତ ନଥିବା ସମୟରେ ଅଭିଯୁକ୍ତ ନାବାଳିକା ଶିଶୁଟିକୁ ଛୁରୀ ଦେଖାଇ ଧମକ ଦେଇ, ତାଙ୍କ ଗଳାରେ ବନ୍ଧା ଥିବା କଳା ସୂତା କାଟି ଲୁଟ କରି ଘଟଣାସ୍ଥଳରୁ ପଳାଇଯାଇଥିଲେ। ଶିଶୁଟିର କାନ୍ଦ ଶୁଣି ପରିବାର ଲୋକେ ଘଟଣାସ୍ଥଳକୁ ଦୌଡ଼ି ଆସି ତାଙ୍କ ଗଳାରୁ ଅଳଙ୍କାର ଲୁଟ ହୋଇଥିବା ଦେଖିଥିଲେ। ମୈତ୍ରୀ ବିହାର ଥାନାର ପୁଲିସ ସୁନା ଅଳଙ୍କାର ବିକ୍ରୟ କରିବାକୁ ଚେଷ୍ଟା କରୁଥିବା ସମୟରେ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଧରିଥିଲେ। ତଲାସି ସମୟରେ ତାଙ୍କ ହେପାଜତରୁ ଲୁଟ ହୋଇଥିବା ସୁନା ଅଳଙ୍କାର ସହ ଧଳା ପ୍ଲାଷ୍ଟିକ୍ ହ୍ୟାଣ୍ଡେଲ୍ ଥିବା ଗୋଟିଏ ଧାରୁଆ ଛୁରୀ ଜବତ କରାଯାଇଥିଲା। ପରେ ତାଙ୍କୁ ଗିରଫ କରାଯାଇଥିଲା।

ଖଣ୍ଡାରେ ଆକ୍ରମଣ ମାମଲାରେ ୨ଗିରଫ

ଭୁବନେଶ୍ୱର, ୨୪।୧(ସମିସ): ହାଉସିଂବୋର୍ଡ ଗୁରୁ କେଳୁଚରଣ ପାର୍କ ନିକଟରେ ଗୋଷ୍ଠୀ ସଙ୍ଘର୍ଷ ଏବଂ ଖଣ୍ଡାରେ ଆକ୍ରମଣ ମାମଲାରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଡମଣା ପୋତା ପୋଖରୀ ଅଞ୍ଚଳର କାହ୍ନା ଦାଶ ଏବଂ ଓମ୍ ସାଇ ବିହାର ବସ୍ତି ଗାଡ଼କଣ ଅଞ୍ଚଳର ଦେବାଶିଷ୍ ଦାସ ଗୁଣ। ଏମାନଙ୍କ ଠାରୁ ପୁଲିସ ଏକ ଖଣ୍ଡା ଏବଂ କଟୁରୀ ଜବତ କରିଛି। ପୁଲିସ ସୂଚନା ମୁତାବକ, ଖଣ୍ଡା ଚୋଟରେ ଆହତ ସତ୍ୟଜିତ ସାମନ୍ତରାୟ ହାଉସିଂ ବୋର୍ଡ କଲୋନୀ ଅଞ୍ଚଳରେ ରୁହନ୍ତି। ସେ ଏବଂ ତାଙ୍କ ସହଯୋଗୀମାନେ ମିଶି ସ୍ଥାନୀୟ ଅଞ୍ଚଳରେ ସରସ୍ୱତୀ ପୂଜା ପାଳନ କରୁଥିଲେ। କାହ୍ନା ଏବଂ ତାଙ୍କ ସହଯୋଗୀମାନେ ହାଉସିଂବୋର୍ଡ କଲୋନୀକୁ ଯାଇଥିଲେ। ସେଠାରେ ଗୁଣ୍ଡାଗର୍ଦ୍ଦି କରିବାରୁ କିଛି ଲୋକେ ବିରୋଧ କରିଥିଲେ। ଏହାକୁ ନେଇ ସତ୍ୟଜିତ ଏବଂ କାହ୍ନାଙ୍କ ଗୋଷ୍ଠୀ ମଧ୍ୟରେ ବିବାଦ ହୋଇଥିଲା। ଏହାପରେ କାହ୍ନା ଘଟଣାସ୍ଥଳରୁ ଚାଲି ଯାଇଥିଲେ। ସତ୍ୟଜିତ ତାଙ୍କ ସହଯୋଗୀଙ୍କ ସହ ଏକ ଓମ୍‌ଫେଡ୍ ଷ୍ଟଲରେ ଛିଡା ହୋଇଥିଲା ବେଳେ ଅଭିଯୁକ୍ତମାନେ ସେମାନଙ୍କୁ ଖଣ୍ଡାରେ ହାଣି ପକାଇଥିଲେ। ସ୍ଥାନୀୟ ଲୋକେ ସତ୍ୟଜିତ୍‌ଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଥାନାରେ ଅଭିଯୋଗ ହେବା ପରେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

ବେଆଇନ ମାଟି ଖନନ କରି ୪ ଗିରଫ

ହଂସପାଳ, ୨୪।୧(ସମିସ): ବେଆଇନ ମାଟି ଖନନ ଅଭିଯୋଗ ରେ ପାହାଳ ଥାନାର ଏସ୍.ଆଇ ମେଘାରାଇ ସୋରେନଙ୍କ ରିପୋର୍ଟ ଆଧାରରେ ୪ ଜଣ ଗାଡ଼ି ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବାଲିପାଟଣା ଥାନା ଜିତେନା ଗ୍ରାମର ହୃଷୀକେଶ ଜେନା(୪୫), କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଗୋପାଳନଗର ଗ୍ରାମର ବିଜୟ ଭୋଇ (୩୫), ବଡଓଉବାରି ଗ୍ରାମର ରାଜକିଶୋର ଭୋଇ(୩୧), ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଚକ୍ରଧର ପ୍ରସାଦ ଗ୍ରାମର ବଳରାମ ନାଥ(୪୫)। ସୂଚନା ଅନୁସାରେ ପାହାଳ ଥାନାଧିକାରୀ ଅଶ୍ୱିନୀ ଜେନା ଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ରାତିରେ ପାଟ୍ରୋଲିଂ ସମୟରେ ବିଳମ୍ବିତ ବାଇଁଣ୍ଡଳ ଗ୍ରାମ ନିକଟରେ ଏକ ଧାନ କ୍ଷେତରୁ ବେଆଇନ ଖନନ ଏବଂ ମାଟି ଓ ବାଲି ଚୋରି ହେଉଥିବା ଜଣାପଡ଼ିଥିଲା। ପୁଲିସ ଟୀମ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ଜେସିବି ମେସିନାରୀ ବ୍ୟବହାର କରି ମାଟି ଲୋଡିଂ ପାଇଁ ପ୍ରସ୍ତୁତ ୪ଟି ହାଇୱେ ଗାଡ଼ି ଦେଖିଥିଲେ। ପୁଲିସକୁ ଦେଖି ଖସି ପଳାଉଥିବା ସମୟରେ ଗାଳି ଚାଳକ ହୃଷୀକେଶ, ବିଜୟ, ବଳରାମ ଏବଂ ରାଜକିଶୋରଙ୍କୁ ଗିରଫ କରାଯାଇଥିଲା। ପଚରାଉଚରା ସମୟରେ, ସେମାନେ ନିକଟସ୍ଥ ଇଟା ଭାଟିରେ ବିକ୍ରୟ ପାଇଁ ଖନନ କରୁଥିବା ସ୍ୱୀକାର କରିଥିଲେ।

ସେଲ୍‌ଫ ଡ୍ରାଇଭରେ ଗାଡ଼ି ଦେଉଥିଲେ ସାବଧାନ

ଭୁବନେଶ୍ୱର, ୨୪।୧ (ସମିସ): ଆପଣ ସେଲ୍‌ଫ ଡ୍ରାଇଭିଂ ବା ବିନା ଚାଳକରେ ଗାଡ଼ି ଭଡ଼ା ଦେଉଛନ୍ତି କି! ତେବେ ହୋଇଯାଆନ୍ତୁ ସାବଧାନ। କାରଣ କୌଣସି ମୂହୁର୍ତ୍ତରେ ଆପଣଙ୍କ ଗାଡ଼ି ଚୋରି ହୋଇପାରେ। ଗାଡ଼ି ଭଡ଼ା ନେବା ଆଳରେ ଆପଣଙ୍କ ଗାଡ଼ି ଲୁଟି ନେଇପାରନ୍ତି ଗ୍ରାହକ। ବର୍ତ୍ତମାନ ବାଇକଠୁ ଆରମ୍ଭ କରି କାର ଭଳି ଗାଡ଼ିଗୁଡ଼ିକୁ ଏବେ ଯାତ୍ରୀ ପରିବହନ ବ୍ୟବସାୟରେ ଅର୍ଥାତ୍ ସେଲ୍‌ଫ୍ ଡ୍ରାଇଭିଂରେ ନିୟୋଜିତ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ

- ଅପରାଧରେ ହେଉଛି ବ୍ୟବହାର
- ଭଡ଼ାରେ ନେଇ ବିକି ଦେଉଛନ୍ତି ଗାଡ଼ି
- ଲୋଭରେ କାର୍ ହରାଉଛନ୍ତି ମାଲିକ

କଥା ହେଉଛି, କମ୍ ନିବେଶ ଓ ବିନା ଚାଳକରେ ଏହି ବ୍ୟବସାୟରୁ ଅଧିକ ଟଙ୍କା ଉପାର୍ଜନ ହେଉଛି। ତେଣୁ ରାଜଧାନୀରେ ଏହି ବ୍ୟବସାୟ ଖୁବ୍ ଜୋରରେ ବଢ଼ିଚାଲିଛି। ଆଉ ଏହାକୁ ଟାର୍ଗେଟ୍ କରି ବର୍ତ୍ତମାନ ଗ୍ରାହକ ବେଶରେ ଅସାମାଜିକ ତତ୍ତ୍ୱ ଅପରାଧ ପାଇଁ ସେଲ୍‌ଫ୍ ଡ୍ରାଇଭିଂକୁ ଢାଲ କରିଛନ୍ତି। ନକଲି ଆଧାର କାର୍ଡ ଦାଖଲ କରି ଭଡ଼ାରେ କାର୍ ନେଉଛନ୍ତି। ଆଉ ଗାଡ଼ି ନେବା ପରେ କେଉଁଠି ବନ୍ଧୁକ ଦେଖାଇ ଲୁଟପାଟ୍ କରୁଛନ୍ତି, କେଉଁଠି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଟଙ୍କା କାରବାରକୁ ନେଇ ଅପହରଣ କରାଯାଉଛି ତ ଆଉ କୋଉଠି ଗାଡ଼ି ନେଇ ରାଜ୍ୟ ବାହାରେ ନମ୍ବର ପ୍ଲେଟ ବଦଳାଇ ବିକ୍ରି କରି ଦିଆଯାଉଛି। ମୋଟାମୋଟି କହିବାକୁ ସେଲ୍‌ଫ ଡ୍ରାଇଭ୍ ଆଳରେ ଅପରାଧ ରଚିବା ବର୍ତ୍ତମାନ ଅପରାଧୀଙ୍କ ପାଇଁ ଏକ ସୁବିଧା ଉପାୟ ପାଲଟିଛି। କାର ଲୁଟର ଏହି ନୂଆ ଧାରା ଏବେ ଗାଡ଼ି ମାଲିକ ଠାରୁ ଆରମ୍ଭ କରି ଟ୍ରାଭେଲ ଏଜେନ୍ସି ମାଲିକ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଅଡୁଆ ସୃଷ୍ଟି କରିଥିବା ବେଳେ ଏହାକୁ ରୋକିବା କମିସନରେଟ ପୁଲିସ ପାଇଁ ବଡ଼ ଆହ୍ୱାନ ପାଲଟିଛି।

ସୂଚନା ଅନୁସାରେ, ଭରତପୁର ଥାନା ଅଧୀନସ୍ଥ ସମେଇଗାଡ଼ିଆ ଅଞ୍ଚଳରେ ରହୁଥିବା ବଟକୃଷ୍ଣ ସେନାପତି ଓ ବେଗୁନିଆର ତ୍ରିନାଥ ମହାରଣା ମଧ୍ୟରେ ପରିଚୟ ହୋଇଥିଲା। ତ୍ରିନାଥ ଚୁକ୍ତି ମାଧ୍ୟମରେ ଦୁଇ ମାସର ଅଗ୍ରୀମ ଟଙ୍କା ଦେଇ ତାଙ୍କ କାରକୁ ଛଅ ମାସ ଲାଗି ଲିଜରେ ନେଇଥିଲା। ହେଲେ ପରବର୍ତ୍ତୀ ସମୟରେ ନିର୍ଦ୍ଧାରିତ ସମୟରେ ଟଙ୍କା ଦିନ ଗଡ଼ାଇ ଚାଲିଥିଲା। ତ୍ରିନାଥ ଗାଡ଼ିଟିକୁ ଦୁର୍ଘଟଣାଗ୍ରସ୍ତ କରିବା ସହ ଫୁଲବାଣୀର ଜଣେ ଗ୍ୟାରେଜ୍ ମାଲିକଙ୍କ ପାଖରେ ବନ୍ଧକ ରଖି ଦେଇଥିଲା। ସେହିପରି କଳିଙ୍ଗନଗରରେ ସେଲ୍‌ଫ ଡ୍ରାଇଭ୍ ଜୋନ୍ କରିଥିବା ରଜତ ନାୟକଙ୍କ ଠାରୁ ତିର୍‌ତୋଲର ସୁଭାଶିଷ ଏକ କାର ଭଡ଼ାରେ ନେଇଥିଲେ। ଉକ୍ତ ଗାଡ଼ିକୁ ବେଆଇନ ଭାବେ ଆସ୍କା ଅଞ୍ଚଳରେ ବିକ୍ରି କରି ଦେଇଥିଲେ। ଜିପିଏସ୍ ମାଧ୍ୟମରେ ଗାଡ଼ି କିଣିଥିବା ବ୍ୟକ୍ତିଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସେ ବ୍ୟାଟେରି ସଂଯୋଗ ବିଚ୍ଛିନ୍ନ କରିଦେବାରୁ ତାହା ସମ୍ଭବ ହୋଇପାରିନଥିଲା।

ତେବେ ଇଏ ଗୋଟିଏ ଘଟଣା ନୁହଁ, ପୂର୍ବରୁ ମଧ୍ୟ ଅନେକ ଉଦାହରଣ ହୋଇଛି। ରାହୁଲ ଓ ପ୍ରୀତମ ନାମକ ଦୁଇ ବଙ୍ଗୀୟ ଶ୍ୟାମପୁର ଛକରେ ଥିବା ସେଲ୍‌ଫ ଡ୍ରାଇଭ୍ ଜୋନରୁ କଲିକତା ଯିବା ଲାଗି ଦୁଇଟି କାର ଭଡ଼ାରେ ନେଇଥିଲେ। ଭଡ଼ା ନେବାର ୩ ଦିନ ପରେ ଫୋନ ସୁଇଚ ଅଫ କରି ଦେଇଥିଲେ। ରାହୁଲ ଓ ପ୍ରୀତମ ମିଶି ଦୁଇଟି ଯାକ ଭଡ଼ା କାରକୁ ମଣିପୁରର ରଣବୀର ସିଂହ ଓ ସନ୍ତୋଷ ସିଂହକୁ ବିକ୍ରି କରି ଦେଇଥିଲେ। ପୁଲିସ ରଣବୀର ଓ ସନ୍ତୋଷକୁ ଗିରଫ କରିବା ସହିତ ତାଙ୍କ ଠାରୁ ଗୋଟିଏ କାର ଜବତ କରିଥିଲା।

କାମ ଦେଉନି ଜିପିଏସ

ଗାଡ଼ି ମାଲିକମାନେ ଲୋକେସନ ଜାଣିବା ଲାଗି ଗାଡ଼ିରେ ଜିପିଏସ (ଗ୍ଲୋବାଲ ପୋଜିସନିଂ ସିଷ୍ଟମ) ଲଗାଉଛନ୍ତି। ନିଜ ମୋବାଇଲ ଫୋନରେ ଆପ୍ଲିକେସନ ଇନଷ୍ଟାଲ କରି ସହଜରେ ଗାଡ଼ିର ଅବସ୍ଥିତି ବିଷୟରେ ସବିଶେଷ ସୂଚନା ପାଉଛନ୍ତି। ତେବେ କାର ଗୁଡ଼ିକର ବ୍ୟାଟେରି ପାଖରେ ଓ ଷ୍ଟିଅରିଂ ବାକ୍ସ ତଳେ ଜିପିଏସ୍ ମେସିନ ଲଗାଯାଉଛି। ଏତେ ବ୍ୟବସ୍ଥା ପରେ ମଧ୍ୟ ଚକମା ଦେଉଛନ୍ତି ଲୁଟେରା। ଚୋରି ବା ଅପରାଧରେ ବ୍ୟବହାର କରିବା ପୂର୍ବରୁ ଜିପିଏସ୍ ମେସିନରୁ ସଂଯୋଗ ବିଚ୍ଛିନ୍ନ କରିବା ପରେ ତାକୁ ଫୋପାଡ଼ି ଦେଉଛନ୍ତି। ଫଳରେ କାର ମାଲିକ ବା ଟ୍ରାଭେଲ ଏଜେନ୍ସି ମାଲିକମାନେ ଗାଡ଼ିର ସ୍ଥିତି ବିଷୟରେ ସୂଚନା ପାଇ ପାରୁନାହାଁନ୍ତି। ରାହୁଲ ଓ ପ୍ରୀତମ ହୁଅନ୍ତୁ ଅବା ଶୁଭାଶିଷ, ଉଭୟ ଜିପିଏସ୍ ବାହାର କରି ମନ୍ଦ ଉଦ୍ଦେଶ୍ୟରେ ସଫଳ ହୋଇଛନ୍ତି। ଫଳରେ ଟ୍ରାଭେଲ୍ ଏଜେନ୍ସି ବା ସେଲ୍‌ଫ ଡ୍ରାଇଭ୍ ମାଲିକ ଆଉ କାରକୁ ଟ୍ରାକ କରିପାରୁ ନାହାଁନ୍ତି।





ଭୁବନେଶ୍ୱର ସିଟି

ଆଜିଠୁ କୁମ୍ଭମେଳା | ମନ୍ତ୍ରଧ୍ୱନିରେ କମ୍ପିବ ଖଣ୍ଡଗିରି

ଭୁବନେଶ୍ୱର, ୨୪।୧(ସମିସ):ଖଣ୍ଡଗିରିର ପ୍ରସିଦ୍ଧ ମାଘ ସପ୍ତମୀ ମେଳା ଆସନ୍ତାକାଲି ଅର୍ଥାତ୍ ୨୫ତାରିଖ ରବିବାର ଠାରୁ ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆସନ୍ତାକାଲି ଭୋରୁ ଧୂନି ସ୍ଥାପନ ପରେ ଆରମ୍ଭ ହେବ ମାଘ ମେଳା। ଏଥିପାଇଁ ଖଣ୍ଡଗିରି ଉଦୟଗିରି ପାଦଦେଶରେ ବିଭିନ୍ନ ସ୍ଥାନରୁ ସାଧୁସନ୍ଥମାନେ ଆସି ଯଜ୍ଞ ପାଇଁ ପ୍ରସ୍ତୁତି କରିସାରିଲେଣି। କଳିଙ୍ଗ ସମ୍ରାଟ ମହାମେଘନାଦ ଐର ଖାରବେଳଙ୍କ ସମୟରୁ ଜୈନ ସନ୍ଥମାନେ ଖଣ୍ଡଗିରିକୁ ସାଧନା ପାଇଁ ଆସୁଛନ୍ତି। ସାଧୁସନ୍ଥମାନେ ଏଠାକୁ ଆସି ନିଜର ଧନସମ୍ପତ୍ତିକୁ ଜଳାଞ୍ଜଳି ଦେଇ ସାଧନା କରନ୍ତି। ସାଧୁସନ୍ଥମାନଙ୍କ ହୋମଯଜ୍ଞ ସାଙ୍ଗକୁ ଜମିବ ମୀନାବଜାର ବ୍ୟବସାୟ। ଏଥିପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ବ୍ୟବସାୟୀମାନେ ପ୍ରସ୍ତୁତ ହୋଇସାରିଛନ୍ତି। ତେବେ ଚଳିତ ବର୍ଷ ମେଳାକୁ ଅନ୍ଧବିଶ୍ୱାସ, କୁସଂସ୍କାର ଓ ଅପସଂସ୍କୃତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ସନାତନ ବୈଦିକ ଧର୍ମ ପରିନେଦର ଅଧକ୍ଷ ବାବା ପଞ୍ଚଦେବ କହିଛନ୍ତି।



ମେଳାକୁ ପ୍ଲାଷ୍ଟିକମୁକ୍ତ କରିବାକୁ ନିବେଦନ

ଖଣ୍ଡଗିରି ମେଳାକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯିବ। ମେଳାରେ ଅଂଶଗ୍ରହଣ କରୁଥିବା ଦୋକାନୀ ଏବଂ ଦର୍ଶକମାନେ ମଧ୍ୟ ପ୍ଲାଷ୍ଟିକ ବ୍ୟାଗ୍ ବଦଳରେ କପଡ଼ା ବ୍ୟାଗ ଧରି ଖଣ୍ଡଗିରି ମେଳାରୁ ବିଭିନ୍ନ ସାମଗ୍ରୀ କିଣିବାକୁ ପରିବେଶବିତମାନେ ନିବେଦନ କରିଛନ୍ତି।

୨୮ରୁ 'ଐର ଖାରବେଳ ମହୋତ୍ସବ'

ଖଣ୍ଡଗିରି ପାଦଦେଶରେ ରହିଥିବା ପାନ୍ଥିକା ପରିସରରେ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ 'ଐର ଖାରବେଳ ମହୋତ୍ସବ-୨୦୨୬'। ଐର ଖାରବେଳ ମହୋତ୍ସବ କମିଟି ଓ ଅନ୍ତର୍ଜାତୀୟ ନୃତ୍ୟ ଗବେଷଣା ଅନୁଷ୍ଠାନ ଅନୁଚିନ୍ତମ୍‌ର ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ଦେଶବିଦେଶରୁ ସୁନାମଧନ୍ୟ ନୃତ୍ୟ, ନାଟକ ଓ କଣ୍ଠଶିଳ୍ପୀମାନେ ଯୋଗଦେବେ। ଏଥିପାଇଁ ସଂସ୍କୃତି ମନ୍ତ୍ରଣାଳୟ, ରାଜ୍ୟ ସଂସ୍କୃତି ବିଭାଗ ପ୍ରମୁଖ ସହଯୋଗ କରିବେ।

ଖଣ୍ଡଗିରିମେଳା ପାଇଁ ମିନାବଜାର ପ୍ରସ୍ତୁତି ହୋଇଯାଇଛି। ଦୋକାନବଜାର ମଧ୍ୟ ଲାଗିଗଲାଣି। ଖଣ୍ଡଗିରି ଉଦୟଗିରି ପାଦଦେଶରୁ ବିଭିନ୍ନ ଷ୍ଟଲ ପଡ଼ିଛି। ଖାଇବାଷ୍ଟଲଠାରୁ ଆରମ୍ଭକରି ଘରସଜ୍ଜା ସାମଗ୍ରୀ ଓ ଗୃହଉପକରଣ ସାମଗ୍ରୀ ପାଇଁ ଷ୍ଟଲ ଲାଗିବା ଆରମ୍ଭ ହୋଇଗଲାଣି। କେତେକ ଷ୍ଟଲ ଆଜିଠାରୁ ଖୋଲିଗଲାଣି। ଏଥର ମେଳାର ମଜା ନେବେ ରାଜଧାନୀବାସୀ। ସେହିପରି କୁଲାବାଉଁଶିଆଠାରୁ ଆରମ୍ଭ କରି ପଥର ଓ ପିତ୍ତଳ ସାମଗ୍ରୀ ଦୋକାନୀ ଆସି ପସରା ମଧ ମେଲାଇସାରିଲେଣି ବେପାରୀ।

ମେଳା ମାହାତ୍ମ୍ୟ

ପ୍ରତିବର୍ଷ ମାଘ ସପ୍ତମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ୯ ଦିନ ଧରି ଏହି ମେଳା ଆୟୋଜିତ ହୋଇଥାଏ। ଏକଦା ଶମ୍ବାସୁର ନାମକ ଜଣେ ବହୁ ପ୍ରତାପୀ ଅସୁର କୁଷ୍ଠ ରୋଗରେ ପୀଡ଼ିତ ହୋଇଥିଲେ। ଉପଚାର ନିମନ୍ତେ ଅନନ୍ୟୋପାୟ ହୋଇ ଶମ୍ବାସୁର ସୂର୍ଯ୍ୟଦେବଙ୍କୁ ପ୍ରାର୍ଥନା କରିଥିଲେ। ସୂର୍ଯ୍ୟଦେବଙ୍କ ଠାରୁ ଆଦେଶ ପାଇ ମାଘ ସପ୍ତମୀ ଦିନ ଚନ୍ଦ୍ରଭାଗାରେ ବୁଡ଼ ପକାଇ ଚାଲି ଚାଲି ଆସି ଖଣ୍ଡଗିରିରେ ପହଞ୍ଚିଲେ। ସେଠାରେ 'ଖଣ୍ଡଖ୍ରି' ସେବନ କରି ଜପତପ କରିବା ପରେ ସେ ରୋଗମୁକ୍ତ ହୋଇଥିଲେ। ଏହାକୁ ବିଶ୍ୱାସ କରି ମାଘ ମାସରେ ଦେଶର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ଥମାନେ ଚନ୍ଦ୍ରଭାଗାରେ ବୁଡ଼ ପକାଇ ଖଣ୍ଡଗିରି-ଉଦୟଗିରିରେ ଆସି ଜପତପ କରିଥାନ୍ତି। ଏହାଦ୍ୱାରା ଆତ୍ମାକୁ ଶାନ୍ତି ଏବଂ ସମସ୍ତ ରୋଗରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି। କୁମ୍ଭମେଳା ନାମରେ ନାମିତ ଏହି ୯ ଦିନ ବ୍ୟାପୀ ମେଳାକୁ ସ୍ଥାନୀୟ ଲୋକେ 'ଅନନ୍ତ କେଶରୀଙ୍କ ଯାତ୍ରା' ବୋଲି ମଧ୍ୟ କହିଥାନ୍ତି। ସ୍ଥାନୀୟ ଲୋକେ ଠାକୁର ଅନନ୍ତ କେଶରୀ ଦେବ ସେହି ମନ୍ଦିରରେ ରହୁଥିଲେ ବୋଲି ବିଶ୍ୱାସ କରନ୍ତି। ପ୍ରତିବର୍ଷ ମାଘ ସପ୍ତମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଖଣ୍ଡଗିରିଠାରେ ଠାକୁର ଅନନ୍ତ କେଶରୀଙ୍କ ରଥଯାତ୍ରା ହୋଇଥାଏ। ରଥଯାତ୍ରା ସମୟରେ ଠାକୁର ଅନନ୍ତ କେଶରୀ ଦେବ ଜାଗମରା ଗ୍ରାମରେ ଥିବା ମାଉସୀଘର(ବର୍ତ୍ତମାନର ନାଗା ମଠ)କୁ ୯ ଦିନ ଲାଗି ଯାତ୍ରା କରିଥାନ୍ତି। ମେଳା ସରିବା ପରେ ଠାକୁରଙ୍କୁ ପୁଣି ଜାଗମରା ଗ୍ରାମକୁ ଅଣାଯାଇଥାଏ। ଏହି ସମୟରେ ପାଳିକରି ଗ୍ରାମବାସୀମାନେ ଠାକୁରଙ୍କୁ ଜଗିଥାନ୍ତି। ସମୟକ୍ରମେ ଏହି ପରମ୍ପରା ବଦଳିଯାଇଛି। କେବଳ ମାଘ ସପ୍ତମୀ ଗୋଟିଏ ଦିନ ପାଇଁ ଠାକୁର ଅନନ୍ତ କେଶରୀଙ୍କୁ ଖଣ୍ଡଗିରି ପରିବର୍ତ୍ତେ ଉଦୟଗିରିର ରାଣୀହଂସପୁରକୁ ବାଜା, ବାଣ, ରୋଷଣି ମଧ୍ୟରେ ନିଆଯାଏ। ମେଳା ଆରମ୍ଭ ହେବାପରେ ଠାକୁରଙ୍କୁ ପୁଣି ନାଗା ମଠକୁ ଫେରାଇ ଅଣାଯାଇଥାଏ।

ଗାଁ ଆମର ଭାଇଚାରାର ପ୍ରତୀକ



ଆମେ ଗାଁରୁ ଆସିଛୁ

ଗାଁର ମୋହ ସବୁଦିନ ପାଇଁ ରହିବ। ସିଏ କେବଳ ଗୋଟିଏ ସ୍ଥାନ ନୁହେଁ ଜୀବନର ଶ୍ରେଷ୍ଠ ସମୟ ସେଠାରେ ବିତିଛି। ତା ପରିବେଶରେ ଆକର୍ଷଣ ଏବଂ ସେଠି ସବୁଦିନ ପାଇଁ ରହିଯିବାର ଇଚ୍ଛା ମନକୁ ସବୁବେଳେ ବ୍ୟାକୁଳ କରୁଥାଏ। ସମୟ ସହ ତାଳ ଦେଇ କେତେ ପରିବର୍ତ୍ତନ ଆସିଛି ତଥାବି ଗାଁର ସବୁ ସ୍ମୃତି ସାଇତା ହୋଇ ରହିଛି। ଏପରି ଜଣେ ଗାଁ ପ୍ରେମୀ ହେଉଛନ୍ତି ବିଶ୍ୱନାଥ ବେହେରା, ବୟସ ୫୪ ଛୁଇଁଲାଣି। ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗରା ଗ୍ରାମରେ ତାଙ୍କ ଘର। ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ହେବ ସେ ଭୁବନେଶ୍ୱର ରବି ଟକିଜ ଅଞ୍ଚଳରେ ରହୁଛନ୍ତି। ପେଶାରେ ସେ ଜଣେ ବ୍ୟବସାୟୀ। ଚାକିରିର ଅନୁସନ୍ଧାନରେ ଗାଁ ଛାଡି ସହରରେ ଆସି ପହଞ୍ଚିଥିଲେ। ଗାଁର ସ୍ନେହ ଭଲ ପାଇବା ସହରରେ ବେଶ ଖୋଜା ପଡେ ବୋଲି କୁହନ୍ତି। ଗାଁର ମକର, ଦୋଳ, ରଜ ଭଳି ପର୍ବ ଘରେ ଘରେ ବନ୍ଧୁବାନ୍ଧବଙ୍କ ମେଳ ସବୁ ଯେପରି ସେଇଠି ରହିଗଲା। ସବୁଜ କିଆରି, ଗାଁ ନଇ, ଆମ୍ବ ତୋଟାରେ କେତେ ଖେଳିଛୁ। କେବଳ ସେତିକି ନୁହଁ ଧାନ ବେଙ୍ଗଳା ପକାଇବାଠୁ ଆରମ୍ଭକରି ଧାନ କାଟିବା ପର୍ଯ୍ୟନ୍ତ ସବୁ କରିଛୁ। ଆଜି ବି ସେଠାକୁ ଗଲେ ସବୁକିଛି ଫେରି ପାଇଲା ଭଳି ଲାଗେ। ଗ୍ରାମ ଦେବତୀ ମା' କାଳିକାଙ୍କୁ ଆମ ଗାଁ ଓ ଆଖପାଖ ଗାଁ ଲୋକ ବେଶ ମାନନ୍ତି। ଏଠାରେ ପଣା ସଂକ୍ରାନ୍ତି ହେଉଛି ସବୁଠୁ ବଡ ପର୍ବ। ସେ ସମୟରେ ଗୋଟିଏ ମାସ ପର୍ଯ୍ୟନ୍ତ ଗାଁ ଲୋକ ସବୁ ଆମିଷ ଛାଡି ଦିଅନ୍ତି। ସବୁଠୁ ଅଧିକ ମନେପଡେ ଗାଁର ଖାଇବା, ଯେମିତିକି ପଖାଳ ଭାତ, ଶାଗ ଆଉ ମାଛ ଭଜା। ସେସବୁ ଏଠି ସହରରେ ମିଳେନି ଆଉ ମିଳିଲେ ମଧ ସେ ସ୍ୱାଦ ନାହିଁ। ସେଠି ଯେତେବେଳେ ଯାତ୍ରା ହୁଏ, ଘରେ ଘରେ ବନ୍ଧୁ ବାନ୍ଧବ। ସନ୍ଧ୍ୟା ହେଲେ ଘର ସାମ୍ନା ଭାଗବତ ଘରେ ଗାଁର ବୟଜ୍ୟେଷ୍ଠ ବ୍ୟକ୍ତି ସବୁ ମେଳି ହୋଇ ଆଧ୍ୟାତ୍ମିକ ଆଲୋଚନା କରନ୍ତି। ଏବେବି ଗାଁ କଥା କହିଲେ ମନ ହୁଏ ସେଠି ଫେରି ଯିବାକୁ। ସେଥିପାଇଁ ଅବସର ସମୟରେ ଗାଁକୁ ଫେରିଯିବାକୁ ଯୋଜନା ରଖିଛି ବୋଲି ସେ କହିଥିଲେ।

ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବିଂଶତମ ବାର୍ଷିକ ଉତ୍ସବ

ବାଲିପାଟଣା, ୨୪।୧ (ସମିସ): ତୁରନ୍ତିରାସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବିଂଶତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବାଲିପାଟଣା ତହସିଲଦାର କଳ୍ପନା ଦାସ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବାଲିପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ୍ ପ୍ରଭାତ କୁମାର ରଥ, ଅଗ୍ନିଶମ ଅଧିକାରୀ ଜ୍ୟୋତି ପ୍ରକାଶ ରଥ, ବନମାଳୀପୁର ଫାଣ୍ଡି ଅଧିକାରୀ ରାକେଶ ସାମଲ, ଏସ ଆଇ ପାୟଲ ପ୍ରଧାନ ଓ ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା, ଉପଦେଷ୍ଟା ଜଗନ୍ନାଥ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷା ରତ୍ନପ୍ରଭା ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅପରାହ୍ନ ଅଧିବେଶନରେ ମୁଖ୍ୟ ଅତିଥି ଥିଲେ ଓଡ଼ିଶା ପୋଲିସର ଡେପୁଟି କମାଣ୍ଡାଣ୍ଟ ଲଳିତ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ଶଶିଭୂଷଣ ପାତ୍ର ଓ ଡ୍ ରତିରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାର ୭ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଅରୁଣ କୁମାର୍ ଶତପଥୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ନାଟ୍ୟ ନିର୍ଦ୍ଦେଶକ ପ୍ରଭାକର ତ୍ରିପାଠୀ, କବି ଭଗବାନ ସାହୁ, ଅଭିମନ୍ୟୁ ନାୟକ, ଶିକ୍ଷୟିତ୍ରୀ ଝୁନି ଦେଇ, ସୁଧାକର ତ୍ରିପାଠୀ, ସାମ୍ବାଦିକ ରମେଶ ରଥ, ଆଶୁତୋଷ ଚୌଧୁରୀ, ବିଦ୍ୟାଭୂଷଣ ଭୋଳ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

ସୋଆ 'ପ୍ରାଚୀନ'ରେ ସରସ୍ୱତୀ ପୂଜା



ଭୁବନେଶ୍ୱର, ୨୪।୧ (ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସେଣ୍ଟର ଫର୍ ପ୍ରିଜରଭିସନ୍, ପ୍ରୋପାଗେସନ୍ ଆଣ୍ଡ ରିଷ୍ଟୋରେସନ ଅଫ୍ ଆନ୍‌ସିଏଣ୍ଟ କଲଚର ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ)ର ନୂତନ ଗୃହ ପ୍ରବେଶ ସହ ମା' ସରସ୍ୱତୀଙ୍କର ପୂଜାର୍ଚ୍ଚନା ପାଳନ କରାଯାଇଛି। ଏହି ଅବସରରେ ପ୍ରାଚୀନର ମୁଖ୍ୟ ପ୍ରଫେସର ଗାୟତ୍ରୀବାଳା ପଣ୍ଡା ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିବା ବେଳେ ସୋଆ ତଥା ପ୍ରାଚୀନର କାର୍ଯ୍ୟକର୍ତ୍ତା, ଛାତ୍ରଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ଧଉଳି ଚାରୁକଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଭୁବନେଶ୍ୱର, ୨୪।୧(ସମିସ): ଧଉଳି ଚାରୁକଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ସଭାପତି ପ୍ରଫେସର ଡ. ହୃଷିକେଶ ମିଶ୍ର ଓ ଅଧକ୍ଷ ଡ. ପଞ୍ଚାନନ ସାମଲ ବାର୍ଷିକ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପରେ ପରେ ଛାତ୍ରଛାତ୍ରୀ ତୀର ଭେଦ, ଜିଲାପି ଦୌଡ଼, ଅଖା ଦୌଡ଼, ମ୍ୟୁଜିକ ଚେୟାର, ତିନି ଗୋଡ଼ିଆ ଦୌଡ଼, ଦୌଡ଼ି ଖେଳ ଓ ବାଇଗଣ ଦୌଡ଼ ଆଦି ପ୍ରଦର୍ଶନ କରିଥିଲେ। ଅଧ୍ୟାପକ ଚନ୍ଦନ କୁମାର ସାମଲ ଓ ଭୂପତି ଭୂଷଣ ପଣ୍ଡା କ୍ରୀଡ଼ା ପରିଚାଳନା କରିଥିଲେ। ସାମାଜିକ କର୍ମୀ ସୁଶାନ୍ତ କୁମାର ସାହୁ, ବୈଜ୍ଞାନିକ ଡ. ରଶ୍ମିରଞ୍ଜନ ସାହୁ, ଅଧ୍ୟାପିକା ଶିବାନୀ ଶଶିକାନ୍ତ ମହାନ୍ତି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

ବିଜେଡି ଦ୍ୱାରା ନେତାଜୀ ଓ ବୀର ସୁରେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୪।୧(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଶୁକ୍ରବାର ରସୁଲଗଡ଼ ଓ ଭିଏସଏସ ନଗର ଠାରେ ଅବସ୍ଥିତ ଯଥାକ୍ରମେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଜୟନ୍ତୀ ସମାରୋହକୁ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଞ୍ଚାଳନ କରିଥିଲେ। ଶିକ୍ଷାବିତ୍ କାମଦେବ ମହାପାତ୍ର କବିତା ଆବୃତ୍ତି କରିଥିଲେ। ଉପସ୍ଥିତ ଅତିଥି ମାନଙ୍କ ମଧ୍ୟରେ କର୍ପୋରେଟର ପ୍ରଭାସିନୀ ମହାନ୍ତି, ପ୍ରଭାତ ବିଶ୍ୱାଳ, ସମାଜସେବୀ ମନୋରଞ୍ଜନ ମହାନ୍ତି ପ୍ରଭାତୀ ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ସୁକାନ୍ତି ବେହେରା, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ରୋଜାଲିନ ମହାନ୍ତି, ସୁକାନ୍ତ ପଣ୍ଡା, ରୁବୀ ମହାନ୍ତି, ଅମିତ୍ ପାତାଳ ସିଂ, ସ୍ନେହଲତା ପଟ୍ଟନାୟକ, ଜିତା କର ପ୍ରମୁଖ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

ବଳିଦାନ ଦିବସରେ ବିଜେଡି ପକ୍ଷରୁ ବକ୍ସିଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୪।୧(ସମିସ): ବକ୍ସି ଜଗବନ୍ଧୁଙ୍କ ସହିଦ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ରାଜଧାନୀର କଳ୍ପନା ଛକଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ବକ୍ସି ଜଗବନ୍ଧୁଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଞ୍ଚାଳନ କରିଥିଲେ। ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ବିଶ୍ୱଜିତ୍ ମହାନ୍ତି, ଅମିତ ପାତାଳ ସିଂ, ପ୍ରଦୀପ ମହାନ୍ତି, ବିଶ୍ୱଜିତ୍ ପଟ୍ଟନାୟକ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

ଲୋକ ଭବନରେ ମଣିପୁର, ମେଘାଳୟର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୨୪।୧(ସମିସ): ଶନିବାର ଅପରାହ୍ନରେ ଲୋକଭବନର ନ୍ୟୁ ଅଭିଷେକ ହଲରେ ମଣିପୁର, ମେଘାଳୟ, ତ୍ରିପୁରା, ଉତ୍ତର ପ୍ରଦେଶ, ଦାଦ୍ରା ଓ ନଗର ହାଭେଲି ଏବଂ ଦାମନ ଓ ଡିଉର ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟପାଳ ସମାରୋହରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ କମିଶନର ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମରେ ମଣିପୁର ଏବଂ ମେଘାଳୟ ଉପରେ ଅଡିଓ-ଭିଜୁଆଲ୍ ପ୍ରଦର୍ଶିତ କରାଯିବା ସହ ମଣିପୁରର ରାଜ୍ୟପାଳ ଅଜୟ କୁମାର ଭଲ୍ଲା ଏବଂ ମେଘାଳୟର ରାଜ୍ୟପାଳ ସି. ଏଚ୍ ବିଜୟଶଙ୍କରଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା।

ଜଗମୋହନ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଯାଁଳା, ୨୪।୧(ସମିସ): ଭୁବନେଶ୍ୱର ଉପକଣ୍ଠ ରେତଙ୍ଗ ରେଳ ଷ୍ଟେସନ ନିକଟସ୍ଥ ଜଗମୋହନ ଉଚ୍ଚ ବିଦ୍ୟାଳୟ, ବ୍ରହ୍ମକୁଣ୍ଡଳର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ସାଥୁଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସୋମନାଥ ବାଲୁଙ୍କେଶ୍ୱର ଦେବ ମହାବିଦ୍ୟାଳୟ କିନ୍ତିଆର ରାଜନୀତି ବିଜ୍ଞାନ ଅଧ୍ୟାପିକା ସୌଦାମିନୀ ବେହେରା ମୁଖ୍ୟବକ୍ତା, ଓଡ଼ିଶା ପ୍ରଶାସନିକ ସେବାରୁ ସେବା ନିବୃତ ହରିଶ୍ଚନ୍ଦ୍ର ମହାନ୍ତି, ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବିରାଜିନୀ ନିଶଙ୍କ, ଆଲୁମ୍ନି ଆସୋସିଏସନ ସଭାପତି ବସନ୍ତ କୁମାର ଭୁଜବଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋଜ କୁମାର ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ହିନ୍ଦୀ ଶିକ୍ଷକ ଦେବେନ୍ଦ୍ର କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମମିତା ମହାନ୍ତି, ବେଣୁଧର ପାଇକରାୟ, କମଳ କୁମାରୀ ସୁନ୍ଦରାୟ, ବିଶ୍ୱରଞ୍ଜନ ବଳବନ୍ତରାୟ, ଗୋକୁଳାନନ୍ଦ ଜେନା ଓ ବିଧୁଭୂଷଣ ପ୍ରଧାନ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

ପଦ୍ମଚରଣ ନାୟକ ଜନ୍ମ ଶତବାର୍ଷିକୀ

ଭୁବନେଶ୍ୱର, ୨୪।୧(ସମିସ): ଆସନ୍ତା ୨୯ରେ ବୁଦ୍ଧ ମନ୍ଦିରଠାରେ ଶତାୟୁ ପୁରୁଷ ପଦ୍ମଚରଣ ନାୟକଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ପାଳନ କରାଯିବ। ଏଥିରେ ମୁଖ୍ୟଅତିଥି ଭାବେ ଅର୍ଥନୀତିଜ୍ଞ ପ୍ରଫେସର ଡ. ପ୍ରଭାତ ପଟ୍ଟନାୟକ ଯୋଗ ଦେବେ। ଏ ନେଇ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀକୁ ପଦ୍ମଚରଣ ନାୟକଙ୍କ ଜନ୍ମ ଶତବାର୍ଷିକୀ ସମିତିର ଅଧ୍ୟକ୍ଷ ପଞ୍ଚାନନ କାନୁନଗୋ, ଆବାହକ ଦିଲ୍ଲୀପ ଦାଶଶର୍ମା, ସମିତି ସଦସ୍ୟ ପ୍ରଦୋଷ ପଟ୍ଟନାୟକ, ନଟବର ଖୁଣ୍ଟିଆ ଓ କାହ୍ନୁ ଚରଣ ବେହୁରା ପରିଚାଳନା କରିଥିଲେ।

ଏଥର ବି ଚାଲିବନି ଖଣ୍ଡଗିରି 'ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'

■ ସମୀକ୍ଷା-ନିର୍ଦ୍ଦେଶ ପରେ ବି ଫଳ ଶୂନ
■ ଐତିହ୍ୟ ପର୍ଯ୍ୟଟନସ୍ଥଳୀରୁ ମୁହଁ ଫେରାଉଛନ୍ତି ପର୍ଯ୍ୟଟକ



ଭୁବନେଶ୍ୱର, ୨୪।୧(ସମିସ): ବହୁ ପ୍ରତୀକ୍ଷିତ ଖଣ୍ଡଗିରି-ଉଦୟଗିରି ଲାଇଟ୍ ଆଣ୍ଡ ସାଉଣ୍ଡ ସୋ ଜାନୁଆରୀ ୧୬ ତାରିଖରେ ପୁଣି ଥରେ ଆରମ୍ଭ ପାଇଁ ସମସ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଖଣ୍ଡଗିରି ଓ ଉଦୟଗିରିର ପ୍ରସ୍ତାବିତ ଏକୀକୃତ ପର୍ଯ୍ୟଟନ ବିକାଶ ପ୍ରକଳ୍ପର ସମୀକ୍ଷା କରିବା ଅବସରରେ ଶ୍ରୀମତୀ ପରିଡ଼ା ଏ ବିଷୟରେ ଏଏସଆଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଚଳିତ ମାଘ ମେଳାରେ ଦର୍ଶକମାନେ ବହୁ ପ୍ରତୀକ୍ଷିତ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋକୁ ଉପଭୋଗ କରିପାରିବେ ବୋଲି ଏହି ସମୀକ୍ଷାରେ କୁହାଯାଇଥିବା ବେଳେ ବାସ୍ତବ କ୍ଷେତ୍ରରେ ନା କାମ ଆଗେଇ ପାରିଛି କିମ୍ବା ସୋ ଆରମ୍ଭ ହୋଇପାରିଛି।

ରାଜ୍ୟର ପ୍ରମୁଖ ଐତିହାସିକ ପର୍ଯ୍ୟଟନସ୍ଥଳୀ ଖଣ୍ଡଗିରି-ଉଦୟଗିରିକୁ କେବଳ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ବର୍ଷ ତମାମ ଆସିଥାନ୍ତି। ବିଶେଷକରି କୁମ୍ଭମେଳା ସାଙ୍ଗକୁ ନଭେମ୍ବର ମାସରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ପ୍ରତିଦିନ ପର୍ଯ୍ୟଟକଙ୍କ ଆସିଥାନ୍ତି। ହେଲେ ଏଠାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା 'ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ' ଦେଖିବାକୁ ଅନେକଙ୍କ ମଧ୍ୟ ଉତ୍କଣ୍ଠା ରହିଥିବା ବେଳେ ପଦ୍ମ ଘୁଞ୍ଚିଲା ପରି ଘୁଞ୍ଚି ଘୁଞ୍ଚି ଯାଉଛି ଖଣ୍ଡଗିରି-ଉଦୟଗିରି ଲାଇଟ ଆଣ୍ଡ ସାଉଣ୍ଡ ସୋର ଉଦଘାଟନୀ ତାରିଖ। ଫଳରେ ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନିରାଶ ହେବେ ପର୍ଯ୍ୟଟକ। ଗତବର୍ଷ ପ୍ରବାସୀ ଭାରତୀୟ ଦିବସ ଅବସରରେ ସହରରେ ଅନେକ ଉନ୍ନତିକରଣ କାର୍ଯ୍ୟ କରାଯିବା ସହ ପର୍ଯ୍ୟଟନସ୍ଥଳୀ ଭ୍ରମଣ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ହେଲେ ଏହି ସୋ ମଧ୍ୟ ଦେଖିବାକୁ ବଞ୍ଚିତ ହୋଇଥିଲେ ପ୍ରବାସୀ। ପର୍ଯ୍ୟଟନ ବିଭାଗ ଓ ପ୍ରତ୍ନତତ୍ତ୍ୱ ବିଭାଗ ମଧ୍ୟରେ ଦୋଷ ଠେଲାଠେଲିରେ ପ୍ରାୟ ୧୦ବର୍ଷ ବିତିଯିବା ସହ ଚଳିତ ପର୍ଯ୍ୟଟନ ଋତୁ ଶେଷ ହେବାକୁ ବସିଥିବା ବେଳେ ଆରମ୍ଭ ହେବାକୁ ଯାଉଛି ମାଘ ମେଳା। ହେଲେ ଏଥର ମଧ୍ୟ ସମାନ ସ୍ଥିତି ଯୋଗୁଁ ଏଠାରୁ ମୁହଁ ଫେରାଉଛନ୍ତି ପର୍ଯ୍ୟଟକ।

ସୂଚନା ଅନୁସାରେ, ୨୦୧୫ରେ ରାଜ୍ୟ ସରକାର ଓ ଇଣ୍ଡିଆ ଟୁରିଜିମ୍ ଡେଭେଲପମେଣ୍ଟ କର୍ପୋରେସନ୍ (ଆଇଟିଡିସି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିପାଇଁ ୬.୧୫କୋଟି ଟଙ୍କାର ବଜେଟ୍ କରାଯାଇଥିଲା। ସେଥିରୁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ୫କୋଟି ଟଙ୍କା ସହଯୋଗ କରିଥିବା ସୂଚନା ରହିଛି। ଏହି ସୋ'ରେ ରାଜ୍ୟର କଳାସଂସ୍କୃତି, ଜୈନ ଧର୍ମ ଏବଂ ଖାରବେଳଙ୍କ ଗାରିମା ସମ୍ପର୍କରେ ଅବଗତ କରିବା ଲାଗି ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ କଣ୍ଠରେ ରହିଥିବା ଅଡିଓ ଭଏସ୍‌ରେ ଶୁଣିବାକୁ ମିଳିବ। ଇଂରାଜୀ, ଓଡ଼ିଆ ଓ ବଙ୍ଗାଳୀ ଭାଷାରେ ଏହି ଶୋ' ହେବାର ଯୋଜନା ନୂତନ ଭାବେ ମେସିନ୍ ଗୁଡ଼ିକ ଇନଷ୍ଟଲ୍ କରାଯାଇଛି। ଏଥିପାଇଁ କଣ୍ଟ୍ରୋଲ ରୁମ୍, ସଫ୍ଟୱେୟାର ଆଣ୍ଡ ହାର୍ଡୱେୟାର ସାଗମ୍ରୀ ଗୁଡ଼ିକର ସମସ୍ତ କାର୍ଯ୍ୟ ମଧ ଶେଷ ହୋଇଛି। ହେଲେ ବିଜୁଳି ସଂଯୋଗ ହୋଇନଥିବାରୁ ସୋ ଆରମ୍ଭ ହୋଇପାରୁନଥିବା ବେଳେ ବର୍ତ୍ତମାନ ସମସ୍ତ କାର୍ଯ୍ୟ ଶେଷ ହୋଇ ମଧ ଏହି ଶୋ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏନେଇ ପର୍ଯ୍ୟଟନ ଅଧିକାରୀ ଅଞ୍ଜନ ବାରିକ୍ କହିଛନ୍ତି, ଚଳିତ ମାସ ୧୬ ତାରିଖରେ ଏହି ଶୋ ଆରମ୍ଭ ହେବାକୁ ଥିବା ବେଳେ ଆଇଟିଡିସି, ପର୍ଯ୍ୟଟନ ବିଭାଗ, ଓଟିଡିସି ଓ ଏଏସଆଇଙ୍କ ମିଳିତ ଭାବେ ଏହି କାର୍ଯ୍ୟ ସମ୍ପାଦିତ କରାଯାଉଥିବାରୁ ସମସ୍ତଙ୍କ ମଧ୍ୟରେ ଆଲୋଚନା କରାଯାଇ ତାରିଖ ସ୍ଥିର କରାଯାଇ ଉଦ୍‌ଘାଟନ ହେବ।

ବାର୍ଷିକ ପତ୍ରିକା 'ସୃଷ୍ଟି ଧାରା' ଉନ୍ମୋଚିତ



ଭୁବନେଶ୍ୱର, ୨୪।୧(ସମିସ): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ସୃଷ୍ଟି ଓ ସ୍ରଷ୍ଟା ସାହିତ୍ୟ କଳା ସଂସ୍କୃତି ବିକାଶ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ସୃଷ୍ଟି ଓ ସ୍ରଷ୍ଟା ରାଜ୍ୟସ୍ତରୀୟ ଦ୍ୱିତୀୟ ବାର୍ଷିକ ସାରସ୍ୱତ ସମାରୋହ ଶନିବାର ବୁଦ୍ଧ ମନ୍ଦିର ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କବିତା ପାଠୋତ୍ସବରେ ଅତିଥି ଭାବେ ଗୀତାଞ୍ଜଳି ମହାପାତ୍ର, ଲକ୍ଷ୍ମୀ ନାରାୟଣ ମହାନ୍ତି, ସଂଯୁକ୍ତା ଦାସ ଯୋଗଦେଇଥିଲେ। ଏହିପରି ଦ୍ୱିତୀୟ ଅଧିବେଶନରେ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସାହିତ୍ୟକ ହର ପ୍ରସାଦ ଦାସ, ପ୍ରାକ୍ତନ ଆୟକର ବିଭାଗର ମୁଖ୍ୟ ଆୟୁକ୍ତ ପାରମିତା ଶତପଥୀ ତ୍ରିପାଠୀ ମୁଖ୍ୟବକ୍ତା, ନନ୍ଦିଘୋଷ ଟିଭିର ମୁଖ୍ୟ ସମ୍ପାଦକ ଶିଶିର କୁମାର ଭଞ୍ଜ ମିଶ୍ର, ସମାଜସେବୀ ଡ଼. ସୁଷମା ମିଶ୍ର ଯୋଗ ଦେଇଥିଲେ। ଦୂରଦର୍ଶନ ଉପସ୍ଥାପକ ଶିବାନନ୍ଦ ବାରିକ ମଞ୍ଚ ପରିଚାଳନା କରିଥିଲେ। ଟ୍ରଷ୍ଟର ସଭାପତି ଅଲେଖ ଚରଣ ରାଉତ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା, ସମ୍ପାଦକ ବିଶ୍ୱ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ସହିତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଟ୍ରଷ୍ଟ ର ବାର୍ଷିକ ପତ୍ରିକା 'ସୃଷ୍ଟି ଧାରା' ଅତିଥି ମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ୧୮ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଆ ଭାଷା ସାହିତ୍ୟର ବରିଷ୍ଠ ଗବେଷକ ଡ. ଆମ୍ବରୀଶ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

ସରକାରୀ ଅର୍ଥର ଅପବ୍ୟୟ

ଜନଶୂନ୍ୟ ଅଞ୍ଚଳ ପୋଖରୀ ପାଇଁ ଖର୍ଚ୍ଚ ହେଉଛି ଲକ୍ଷାଧିକ ଟଙ୍କା

ବେତନଟୀ, ୨୪।୧(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକର ବେତନଟୀ ଓ ସଠିଲୋ ପଞ୍ଚାୟତକୁ ମିଶାଇ ବେତନଟୀକୁ ନୂତନ (ଏନ୍‌ଏସି) ମାନ୍ୟତା ମିଳିବା ପରେ ସ୍ଥାନୀୟ ବାସିନ୍ଦା ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଆଶା ରଖିଥିଲେ। କିନ୍ତୁ ଏହି ଆଶା ଏବେ ନିରାଶାରେ ପରିଣତ ହେଉଛି। ସରକାରୀ ପାଣ୍ଠି ବ୍ୟବହାରରେ ଏକ ବଡ଼ ଅନିୟମିତତା ଦେଖାଦେଇଛି। ଜନବହୁଳ ବସ୍ତିରେ ମୌଳିକ ସୁବିଧା ରାସ୍ତା, ଡ୍ରେନେଜ୍, ପରିମଳ ଓ ଜଳାଶୟର ଉନ୍ନତିକୁ ଅଣଦେଖା ହେଉଥିବାବେଳେ ଜନଶୂନ୍ୟ ଅଞ୍ଚଳରେ ଥିବା ଏକ ପୋଖରୀର ଉନ୍ନତି ପାଇଁ ୪୨ ଲକ୍ଷରୁ ଅଧିକ ଟଙ୍କା ବିନିଯୋଗ କରାଯାଉଛି। ଏହି ପାତରଅନ୍ତର ଆର୍ଥିକ ଆବଣ୍ଟନ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି କରିଛି ଓ ସରକାରୀ ପାଣ୍ଠିର ସଠିକ୍ ବ୍ୟବହାର ଉପରେ ପ୍ରଶ୍ନ ଉଠାଇଛି।





ଓଡ଼ିଶା ସରକାର ୨୦୨୫ ଅଗଷ୍ଟରେ ବେତନଟୀକୁ ଏନ୍‌ଏସି ଘୋଷଣା କରିବା ପାଇଁ ଡ୍ରାଫ୍ଟ ନୋଟିଫିକେସନ୍ ଜାରି କରିଥିଲେ। ଯାହା ସେପ୍ଟେମ୍ବରରେ ୧୭ଟି ନୂତନ ଏନ୍‌ଏସି ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥିଲା। ଡିସେମ୍ବରରେ ଏହାକୁ ଚୂଡ଼ାନ୍ତ ମାନ୍ୟତା ମିଳିଥିଲା ଓ ମୟୂରଭଞ୍ଜରେ ବେତନଟୀ ସମେତ କିଛି ଅନ୍ୟ ଏନ୍‌ଏସି ଗଠନ ହୋଇଥିଲା। ଏହି ମାନ୍ୟତା ପରେ ବେତନଟୀବାସୀ ଅଧିକ ପାଣ୍ଠି ବିନିଯୋଗରେ ଏନ୍‌ଏସି ଗଠନ ହେବାକୁ ଥିବା ଅଞ୍ଚଳର ଉନ୍ନତିକରଣର ଆଶା ରଖିଥିଲେ। ବର୍ତ୍ତମାନର ସରକାର ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଅନ୍ତର୍ଗତ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କୋଟି କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି, ଯାହା ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଗ୍ରାମସଭା ଓ ପଲ୍ଲୀସଭାରେ ପାସ୍ ହୋଇ ବ୍ଲକକୁ ଚୂଡାନ୍ତ ନିଷ୍ପତ୍ତି ପାଇଁ ଯାଇଥିଲା। ତେବେ ଏହି ପାଣ୍ଠି ଆବଣ୍ଟନରେ ଗୁରୁତର ଅନିୟମିତତା ହୋଇଛି। ବର୍ତ୍ତମାନର ବଡ଼ସାହି ବିଧାୟକ ଗ୍ରାମସଭା ଓ ପଲ୍ଲୀସଭାରେ ପାରିତ ହୋଇଥିବା ଉନ୍ନତିକରଣ ପ୍ରୋଜେକ୍ଟକୁ ବାଦ ଦେଇ ନିଜ ସମର୍ଥକଙ୍କୁ ସୁହାଇଲା ଭଳି ଉନ୍ନତିକରଣ ପ୍ରୋଜେକ୍ଟକୁ ବ୍ଲକ ପ୍ରଶାସନ ଦ୍ୱାରା ପାରିତ କରାଯାଇଛି। ମିଳିଥିବା ତଥ୍ୟ ଅନୁଯାୟୀ, ଇନ୍ଦିରାନଗର ବସ୍ତିରେ ଅନେକ ମାଟି ରାସ୍ତା ଉନ୍ନତି ଅପେକ୍ଷାରେ ରହିଛି। ଦଣ୍ଡପାଟ ସାହିର ତିନୋଟି ମାଟି ରାସ୍ତା ଓ ଡ୍ରେନ୍, ମଧୁସାହିର ମାଟି ରାସ୍ତା ଓ ସଠିଲୋ ହରିଜନ ସାହିରେ ବର୍ଷା ସମୟରେ ରାସ୍ତା ପାଣିରେ ବୁଡ଼ି ଯିବା ଯୋଗୁଁ ପିଲାଙ୍କ ବିଦ୍ୟାଳୟ ଯିବାରେ ବାଧା ସୃଷ୍ଟି ହେଉଛି। ବେତନଟୀ ଆଦିବାସୀ ସାହିରେ ଡ୍ରେନ୍ ଓ ରାସ୍ତା ସମସ୍ୟା ସହ ଅଙ୍ଗନବାଡ଼ି ଗୃହ ନାହିଁ। ଏଥିସହିତ ସୁଖିଲାହାର ଅଙ୍ଗନବାଡ଼ି ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବେତନଟୀ ସାହି ପାଣି ପମ୍ପ ଘର କ୍ଷତିଗ୍ରସ୍ତ ହୋଇପଡ଼ିଛି ଓ ବର୍ଷାଦିନେ ପାଣିରେ ବୁଡ଼ି ରହୁଛି। ବେତନଟୀ କଲେଜ୍ ରୋଡ଼ରେ ଥିବା ବେତନଟୀ ନର୍ସି ସ୍କୁଲ୍ ସାମ୍ନା ମାଟି ରାସ୍ତା ବର୍ଷାରେ ବୁଡ଼ିଯାଉଛି, ପାଣି ନିଷ୍କାସନ ହେଉନାହିଁ। ସମଗ୍ର ଏନ୍‌ଏସି ଘୋଷିତ ଅଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ସାମାନ୍ୟ ବର୍ଷାରେ ସ୍ଥାନୀୟ ଲୋକଙ୍କ ଘରେ ଓ ଦୋକାନରେ ନର୍ଦ୍ଦମା ପାଣି ପଶୁଛି।

ଏଥିସହ ଜନଶୂନ୍ୟ ଅଞ୍ଚଳରେ ଥିବା ବେତନଟୀ ପୋଖରୀର ଉନ୍ନତି ପାଇଁ ବିଭିନ୍ନ ଯୋଜନାରେ ୬ଟି ସୂଚନା ଫଳକ କରି ସମୁଦାୟ ୪୨ ଲକ୍ଷ ଟଙ୍କାର ବଡ଼ ରାଶି ବ୍ୟୟ କରାଯାଉଛି। ଏହି ପୋଖରୀ ସାଧାରଣ ଜନତାଙ୍କ କାମରେ ବିଶେଷ ଲାଗୁ ନ ଥିବାବେଳେ ଚାରି ପାଖେ ବସ୍ତି ଘେରା ଥିବା ଜଳାଶୟ ଗୁଡ଼ି ପୋଖରୀ, ଶୁଖିଲାହାର ବନ୍ଧ ଓ ସଠିଲୋ ପୋଖରୀର ଉନ୍ନତିକରଣକୁ ଅଣଦେଖା କରାଯାଇଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ବାସିନ୍ଦା କହୁଛନ୍ତି, ଏହା ଜନତାଙ୍କ ଟିକସ୍ ଟଙ୍କାର ଅପବ୍ୟବହାର ଓ କେଉଁ ସ୍ୱାର୍ଥରେ ଏଭଳି ନିଷ୍ପତ୍ତି ନିଆଯାଉଛି ତାହା ତଦନ୍ତ ସାପେକ୍ଷ। ଇନ୍ଦିରାନଗର ବାସିନ୍ଦା ଦୀପ୍ତିମୟୀ ଦଣ୍ଡପାଟ କହିଛନ୍ତି, ଆମ ରାସ୍ତା ବର୍ଷାରେ କାଦୁଅ ହୋଇଯାଉଛି, ପାଣି ଛିଡା ହୋଇ ରହୁଛି, ପିଲାମାନେ ସ୍କୁଲ୍ ଯାଇପାରୁନାହାନ୍ତି। କିନ୍ତୁ ବେତନଟୀ ବ୍ଲକ ପ୍ରଶାସନ ଜନଶୂନ୍ୟ ପୋଖରୀରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। କାହା ସ୍ୱାର୍ଥ ରକ୍ଷା ପାଇଁ ଆମ ଟିକସ୍ ଟଙ୍କାର ଅପବ୍ୟବହାର ହେଉଛି। ସଠିଲୋ ହରିଜନ ସାହିର ଜଣେ ମହିଳା ବାସିନ୍ଦା କହିଛନ୍ତି, ବର୍ଷା ହେଲେ ରାସ୍ତା ପାଣିରେ ବୁଡ଼ିଯାଉଛି, ଘରେ ପାଣି ପଶୁଛି। ଅଙ୍ଗନବାଡ଼ି ଘର ଭାଙ୍ଗିବାକୁ ବସିଛି। କିନ୍ତୁ ପ୍ରଶାସନ ଏହାକୁ ଦେଖୁନାହିଁ। ଜନଶୂନ୍ୟ ଅଞ୍ଚଳରେ ପୋଖରୀ ଉନ୍ନତି କରି କାହାକୁ ଲାଭ ହେଉଛି? ଏହି ସମ୍ପର୍କରେ ଜୁନିଅର ଇଞ୍ଜିନିୟର ପ୍ରଶାନ୍ତ ବେହେରାଙ୍କୁ ପଚରାଯିବାରୁ ସେ କହିଛନ୍ତି, ଉନ୍ନତି କାର୍ଯ୍ୟ ଫିଜିବିଲିଟି ରିପୋର୍ଟ ଆଧାରରେ ହେଉଛି। ଏହି ରିପୋର୍ଟର ସ୍ୱଚ୍ଛତା ଓ ପ୍ରକୃତ ଆବଶ୍ୟକତା ସହ ମେଳ ନ ଥିବା ଦର୍ଶାଉଛି ସ୍ଥାନୀୟ ଅଭିଯୋଗ। ଏହା କେବଳ ବେତନଟୀର ସମସ୍ୟା ନୁହେଁ, ବରଂ ସାରା ମୟୂରଭଞ୍ଜ ଜିଲ୍ଲାର ସମସ୍ୟା ଓ ପ୍ରଶାସନିକ ତ୍ରୁଟିକୁ ଲୋକଲୋଚନକୁ ଆଣୁଛି। ଗ୍ରାମସଭା ଓ ପଲ୍ଲୀସଭାରେ ପାସ୍ ହୋଇଥିବା ଚିଠାକୁ ଅଣଦେଖା କରାଯାଉଛି, ଯାହା ସ୍ଥାନୀୟ ପ୍ରତିନିଧିତ୍ୱର ଅଣଦେଖାକୁ ସୂଚିତ କରୁଛି। ଫିଜିବିଲିଟି ରିପୋର୍ଟର ନିରପେକ୍ଷ ଯାଞ୍ଚ ନ ହେବା ଯୋଗୁଁ ସରକାରୀ ପାଣ୍ଠିର ଅପବ୍ୟବହାର ବଢ଼ୁଛି। ଯେଉଁଠାରେ କୋଟିଏ ଟଙ୍କାର ବ୍ୟୟ ସତ୍ତ୍ୱେ ମୌଳିକ ସୁବିଧା ଅଭାବ ରହୁଛି। ସ୍ଥାନୀୟ ବାସିନ୍ଦା ସରକାରଙ୍କୁ ଏହି ବିଷୟରେ ଗୁରୁତ୍ୱ ଦେବାକୁ ଦାବି କରୁଛନ୍ତି।

● ସ୍ୱାସ୍ଥ୍ୟସେବାକୁ ଅଣଦେଖା

୩ ଡାକ୍ତରଖାନାରେ ନାହାନ୍ତି ଡାକ୍ତର

କୁଆମରା, ୨୪।୧(ସମିସ): ଗୋପବନ୍ଧୁନଗର ବ୍ଲକର ଅଧିକାଂଶ ଡାକ୍ତରଖାନାରେ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବ୍ଲକର ମୁଖ୍ୟ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କୁଆମରା, ମାଙ୍କଡକେନ୍ଦା, ସାଇଁକୁଳା, କୁଶଳଦା ଓ ରାଣୀବନ୍ଧ ଆଞ୍ଚଳିକ ଡାକ୍ତରଖାନା ରହିଛି। ତେବେ ୮୦ ହଜାରରୁ ଉର୍ଦ୍ଧ୍ୱ ଲୋକସଂଖ୍ୟା ଥିବା ଉକ୍ତ ବ୍ଲକର ମୋଟ ୬ ଟି ଡାକ୍ତରଖାନା ଥିବାବେଳେ ଏବେ ମାଙ୍କଡକେନ୍ଦା, ସାଇଁକୁଳା ଓ ରାଣୀବନ୍ଧ ଡାକ୍ତରଖାନାରେ ବର୍ଷେରୁ ଅଧିକ ହେବ ଡାକ୍ତର ପଦ ଖାଲିପଡ଼ିଛି। ଫାର୍ମାସିଷ୍ଟ ମଧ ନାହାନ୍ତି। ଫଳରେ ଉକ୍ତ ଡାକ୍ତରଖାନାମାନଙ୍କରେ ଆୟୁଷ ଡାକ୍ତରଙ୍କୁ ନେଇ ଚାଲିଛି ସ୍ୱାସ୍ଥ୍ୟ ସେବା।

ସେହିପରି ସାଇଁକୁଳା ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇନାହିଁ। ଏହି ଡାକ୍ତରଖାନା ବାଲେଶ୍ୱର ଓ ମୟୂରଭଞ୍ଜ ସୀମାନ୍ତରେ ରହୁଥିବାରୁ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି। ଉକ୍ତ ତିନୋଟି ଡାକ୍ତରଖାନା ଉପରେ ଆଠଟି ପଞ୍ଚାୟତର ପାଖାପାଖି ୫୦ ହଜାର ଲୋକ ନିର୍ଭର କରୁଥିବାବେଳେ ଲୋକେ ବର୍ଷେ ହେବ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ଛୋଟ ରୋଗ ପାଇଁ ଲୋକେ ଖର୍ଚ୍ଚାନ୍ତ ହେଉଛନ୍ତି। ଯାହା ଅଞ୍ଚଳବାସୀଙ୍କ ପାଇଁ ଅସନ୍ତୋଷର କାରଣ ପାଲଟିଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ନେଇ ବିପିଏମ୍ ଅନୁଭବ ପଟ୍ଟନାୟକଙ୍କୁ ପଚାରିବାରୁ ଏ ସମ୍ପର୍କରେ ସେ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ଜଣାଇଥିବା କହିଛନ୍ତି।

● କିଡ୍‌ନୀ ରୋଗରେ ପୀଡ଼ିତ ଧୀରେନ

ଚିକିତ୍ସା ପାଇଁ ଅର୍ଥାଭାବ, ସହାୟତା ପାଇଁ ନିବେଦନ



ବାରିପଦା/କୁଳିଅଣା, ୨୪।୧(ସମିସ): କୁଳିଅଣା ବ୍ଲକ ଅନ୍ତର୍ଗତ ଡୁମୁରଡିହା ପଞ୍ଚାୟତର ହଳଦିଆ ଗ୍ରାମର ଧୀରେନ କୁମାର ନାଥ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଗତ ଅଗଷ୍ଟ ମାସରୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ୨ଟି ଯାକ କିଡ୍‌ନୀ ନଷ୍ଟ ହୋଇଯିବା ପରେ ଡାକ୍ତର କିଡନୀ ପ୍ରତ୍ୟାରୋପଣ ପାଇଁ ପରାମର୍ଶ ଦେଇଛନ୍ତି। ଆୟୁଷ୍ମାନ କାର୍ଡର ସମସ୍ତ ୫ ଲକ୍ଷ ଟଙ୍କା ଖର୍ଚ୍ଚ ସରିବା ପରେ ନିଜର ସଞ୍ଚିତ ସମସ୍ତ ଅର୍ଥ ଖର୍ଚ୍ଚ କରିସାରି ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି ଧୀରେନ। ବର୍ତ୍ତମାନ ଟ୍ରାନ୍ସପ୍ଲାଣ୍ଟର ବ୍ୟୟବହୁଳ ଖର୍ଚ୍ଚ ତୁଲାଇବା ନିମନ୍ତେ ସେ ଅକ୍ଷମ। ସେ ପରିବାରର ଏକମାତ୍ର ଭରସା। ଧୀରେନଙ୍କ ୨ଟି ଝିଅ, ୭ ବର୍ଷର ପୁଅ ଅଛି। ତାଙ୍କ ପତ୍ନୀ ଚନ୍ଦ୍ରମଣି ଗୋଟିଏ କିଡ୍‌ନୀ ଦେବାକୁ ସମସ୍ତ ପ୍ରସ୍ତୁତି ହୋଇସାରିଥିବାବେଳେ ଟ୍ରାନ୍ସପ୍ଲାଣ୍ଟ ପାଇଁ ଅର୍ଥ ସାଜିଛି ବାଧକ। ଅନ୍ୟକୌଣସି ଉପାୟ ନ ପାଇ ସେ ଓ ତାଙ୍କ ସ୍ତ୍ରୀ ଜନସାଧାରଣଙ୍କ ସାହାଯ୍ୟ ପାଇଁ ଅନୁରୋଧ କରିଛନ୍ତି। ଖବର ପାଇ ସମାଜସେବୀ ଡଃ ନିରୋଜ ପୋଥାଳ, ସୋମନାଥ ସିଂହ, ଚିତ୍ତରଞ୍ଜନ ସ୍ୱାଇଁ ଓ ଅରବିନ୍ଦ ମୁଖି ତାଙ୍କ ସହ ଯୋଗାଯୋଗ କରି ନିଜ ସକ୍ଷମ ଅନୁସାରେ ସାହାଯ୍ୟର ହାତ ବଢ଼ାଇଛନ୍ତି। ତତ୍‌ସହିତ ସମସ୍ତେ କିଛି ସହାୟତା କଲେ ଏହି ପରିବାରଟି ମହାବିପଦରୁ ଉଦ୍ଧାର ପାଇଯାଆନ୍ତା ବୋଲି ସମାଜସେବୀ ନିବେଦନ କରିଛନ୍ତି।

ସରକାରୀ ଶିକ୍ଷାନୁଷ୍ଠାନରେ ପୂଜା ଚାନ୍ଦା ଆଦାୟ ଅଭିଯୋଗ

ବାରିପଦା, ୨୪।୧(ସମିସ): ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟରେ କୌଣସି ପୂଜା ନିମନ୍ତେ ସରକାରୀ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କଠାରୁ କୌଣସି ଚାନ୍ଦା ଆଦାୟ କରାଯିବ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶାବଳୀ ରହିଛି। କିନ୍ତୁ ପୂଜା ନାମରେ ଚାନ୍ଦା ଆଦାୟ କରାଯାଉଥିବା ଘଟଣା ପିଛା ଛାଡୁନାହିଁ। ଏହାକୁ ବିରୋଧ କରି ଗତ ୧୬ ତାରିଖରେ ଭାରତ୍ ଯାକାତ୍ ମାଝୀ ପାର୍ଗାନା ମହଲ୍ ଓଡ଼ିଶାର ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଥିଲା। ମାତ୍ର ଜିଲ୍ଲାସ୍ତରୀୟ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ କରାଯାଇ ନ ଥିଲା। ତେଣୁ ରାଜ୍ୟର ବିଭିନ୍ନ ଆଦିବାସୀ ସଂଗଠନ ପକ୍ଷରୁ ସରକାରଙ୍କ ଏହି ଭଳି ଦୋମୁହାଁ ନୀତିକୁ ତୀବ୍ର ଭାବରେ ନିନ୍ଦା କରାଯାଇଛି। ଶିକ୍ଷା ବିଭାଗର ଉଚ୍ଚ ପଦାଧିକାରୀ ଏହି ସମ୍ବେଦନଶୀଳ ବିଷୟ ପ୍ରତି ଗୁରୁତ୍ୱ ନ ଦେଇ ଚୁପ୍ ଚାପ୍ ବସିରହିବା ଅର୍ଥ ଶିକ୍ଷା ଅନୁଷ୍ଠାନରେ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମାନସିକ ଚାପଗ୍ରସ୍ତ କରାଇବାରେ ପରୋକ୍ଷ ଭାବରେ ଭୂମିକା ଗ୍ରହଣ କରୁଛନ୍ତି। ଏହାର ପ୍ରତିବାଦ ସ୍ୱରୂପ ପୁଣି ଭାରତ୍ ଯାକାତ୍ ମାଝୀ ପାର୍ଗାନା ମହଲ୍ ଓଡ଼ିଶାର ପନତ୍ ପାର୍ଗାନା ବାବା ମାନତାନ୍ ବାଲକ୍ ରାମ୍ ବାସ୍କେଙ୍କ ନେତୃତ୍ୱରେ ଆଦିବାସୀ ସାମାଜିକ ସଙ୍ଗଠନର କର୍ମକର୍ତ୍ତାଙ୍କ



ପନତ୍ ପାର୍ଗାନା ବାବା ମାନତାନ୍ ବାଲକ୍ ରାମ୍ ବାସ୍କେଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପତ୍ର ଗ୍ରହଣ କରିବା ପରେ ଜିଲ୍ଲାପାଳଙ୍କ ଦପ୍ତରରୁ ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ଏ ଦିଗରେ ତ୍ୱରିତ ଜରିଆରେ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଯଦି ବିଭାଗୀୟ କୌଣସି ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ସମଗ୍ର ଆଦିବାସୀ ସମାଜ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦିଆଯାଇଛି।

ଚା' ଖଟିରେ କଂଗ୍ରେସର ଚର୍ଚ୍ଚା



କରଞ୍ଜିଆ, ୨୪।୧(ସମିସ): ସକାଳ ଚା' ଖଟିରେ ଦେଶ ବିଦେଶ ଓ ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ସ୍ଥାନୀୟ କଂଗ୍ରେସର କର୍ମକର୍ତ୍ତା ଓ ପଦାଧିକାରୀ। କଂଗ୍ରେସର ଯୁବ ନେତା ତଥା ରାଜ୍ୟ ସମ୍ପାଦକ ଲକ୍ଷ୍ମୀଧର ସିଂ, ମହମ୍ମଦ ଜାକିର, ଭିକି ସେଠୀଙ୍କ ସମେତ ଅନ୍ୟ କଂଗ୍ରେସ କର୍ମୀ ସହରର ଚା' ଖଟିରେ ରାଜ୍ୟର ବିଦ୍ୟୁତ ଶୁଳ୍କରେ କିପରି ଦୁର୍ନୀତି ହେଉଛି, ଅନ୍ୟ ରାଜ୍ୟରେ କ'ଣ ବ୍ୟବସ୍ଥା ରହିଛି, ଏଠାରେ କିପରି ତ୍ରୁଟିପୂର୍ଣ୍ଣ ଭାବେ ଶୁଳ୍କ ଆଦାୟ ହେଉଛି, ସେ ସମ୍ପର୍କରେ ଶ୍ରୀ ସିଂ ଆଲୋଚସନା କରିବା ସହିତ ଲୋକଙ୍କ ସୁଖଦୁଃଖ ସମ୍ପର୍କରେ ଅବଗତ ହୋଇଥିଲେ।

ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକମେଳା ଉଦ୍‌ଘାଟିତ

'ପୁସ୍ତକ ମେଳା ଜ୍ଞାନ ପିପାସୀ ମଣିଷର ଚିନ୍ତା ଚେତନା ସମୃଦ୍ଧ କରାଏ'

ବାରିପଦା, ୨୪।୧(ସମିସ): ସ୍ଥାନୀୟ ଛଉ ପଡ଼ିଆରେ ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକମେଳା ଉଦ୍‌ଘାଟିତ ହୋଇଛି। ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକମେଳା ଦ୍ୱାରା ଜ୍ଞାନପିପାସୀ ମଣିଷର ଚିନ୍ତା ଚେତନା ସମୃଦ୍ଧ ହୋଇଥାଏ ବୋଲି ମତ ରଖିଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୁସ୍ତକମେଳା କେବଳ ଏକ ପୁସ୍ତକମେଳା ନୁହେଁ ଏକ ଜ୍ଞାନ ଯଜ୍ଞ ବୋଲି ମତ ରଖିଥିଲେ। ପ୍ରାରମ୍ଭରେ ଅତିଥିମାନେ ଫିତାକାଟି ମେଳାକୁ ଉଦଘାଟନ କରିବା ପରେ ମେଳାର ବିଭିନ୍ନ ଷ୍ଟଲ୍ ପରିଭ୍ରମଣ କରିଥିଲେ।



ଅଧ୍ୟାପକ ସମରେନ୍ଦ୍ର ବସା ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବାପରେ କେନ୍ଦ୍ରୀୟବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତସଙ୍ଗୀତ ପରିବେଷଣ କରିଥିଲେ। ମେଳା କମିଟି ସଭାପତି ପଦ୍ମନାଭ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ଇଂ ମନୋଜ ଦଳବେହେରା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସଦସ୍ୟ ଅଧ୍ୟାପକ ସମରେନ୍ଦ୍ର ବସା ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡ. ଶଶୀଧର ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ। ମେଳା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।


ଗୁରୁ କରୁଣାକର ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

କରଞ୍ଜିଆ, ୨୪।୧(ସମିସ): କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ସ୍ୱର୍ଗତ କରୁଣାକରଦାଶଙ୍କଆଜିପ୍ରଥମଶ୍ରାଦ୍ଧବାର୍ଷିକୀମହାବିଦ୍ୟାଳୟପରିସରରେଅନୁଷ୍ଠିତହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗଦେଇ କରୁଣାକର ଦାଶଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ବରିଷ୍ଠ ସମାଜସେବୀ ତଥା ପରିଚାଳନା ସମିତି ସଭ୍ୟ ଭୁବନ ସାହୁଙ୍କ ସଭାପତିତ୍ୱରେ କରୁଣାକର ଦଶଙ୍କ ସ୍ମୃତିଚାରଣ ସଭାର ଆୟୋଜନ ହୋଇଥିଲା। ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ଗୋପାଳ ଅଗ୍ରୱାଲ, ଗଜେନ୍ଦ୍ର ସାହୁ, ଏନଏସି ଉପାଧ୍ୟକ୍ଷ ସ୍ୱରୂପ ପରିଜା, କରଞ୍ଜିଆ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ଶରତ ପଟ୍ଟନାୟକ, ଗୁରୁ ରଞ୍ଜନ ନାଥ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ଓକିଲ ସଂଘର ପୂର୍ବତନ ସଭାପତି ବାଞ୍ଛାନିଧି ପୃଷ୍ଟି ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବିଧାୟକ ଏହି ଅନୁଷ୍ଠାନକୁ ଏକ ପାନୀୟଜଳ ମେସିନ ପ୍ରଦାନ କରିବାକୁ ଘୋଷଣା କରିଥିଲେ। ଇଞ୍ଜିନିୟର ଦେବୀପ୍ରସାଦ ଦାଶ ଅତ୍ୟାଧୁନିକ କ୍ୟାସିଓ ପ୍ରଦାନ କରିଥିଲେ। ସୁବ୍ରତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

ଅଖିଳ ଭାରତୀୟ ଦୁଃଖୀ ସମାଜ ପକ୍ଷରୁ ରକ୍ତଦାନ ଶିବିର

ବାରିପଦା, ୨୪।୧(ସମିସ): ବିଶିଷ୍ଟ ଧର୍ମଗୁରୁ ହୁଜୁର ଛୋଟ ସରକାରଙ୍କ ଜନ୍ମଦିନ ଅବସରରେ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଅଖିଳ ଭାରତୀୟ ଦୁଃଖୀ ସମାଜ ପକ୍ଷରୁ ସୁନଗଡ଼ିଆସ୍ଥ ସେହେନାଇ ମଣ୍ଡପରେ ଶନିବାର ଶିବିର ଆୟୋଜନ କରାଯାଇଥିଲା। ଉକ୍ତ ଶିବିରରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରକ୍ତ ଅଭାବଜନିତ ସମସ୍ୟା ଦୂର କରିବା ପାଇଁ ଏଭଳି ମହତ ପ୍ରୟାସକୁ ନଗରପାଳ ଶ୍ରୀ ମହାନ୍ତି ପ୍ରଶଂସା କରିଥିଲେ। ରକ୍ତଦାନ ଶିବିରରେ ଅନେକ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରେଡକ୍ରସ ଆଜୀବନ ସଦସ୍ୟ ଅମର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଅନେକ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ବିଶିଷ୍ଟ ଧର୍ମଗୁରୁ ଛୋଟ ସରକାରଙ୍କ ଜନ୍ମଦିନରେ ଏଭଳି ନିଆରା ପ୍ରୟାସ ପାଇଁ ଆୟୋଜକଙ୍କ ଉଦ୍ୟମକୁ ସମସ୍ତେ ପ୍ରଶଂସା କରିଥିଲେ। ଏମଡି କଲିମ ଆସରଫ, ଅନମ ଅଲ୍ଲୀ ଖାନ, ସେକ ସଲାଉଦ୍ଦିନ, ସେକ ଅଲ୍ଲିମ, ସେକ ଜମାଲୁଦ୍ଦିନ, ଏମଡି ଇରସାଦ, ତାରିକ ଖାନ କାଦିର, ସେକ ଫୟାଜୁଦ୍ଦିନ ଏହମଦ, ଏମଡି ୱାଜିର ଓ ସେକ ଆୟୁବ ପ୍ରମୁଖ ଉକ୍ତ ଶିବିରକୁ ପରିଚାଳନା କରିଥିଲେ।

କେଜିବିଭିରେ ଜାତୀୟ ବାଳିକା ଦିବସ



ବଡ଼ସାହି, ୨୪।୧(ସମିସ): ବଡ଼ସାହି କେଜିବିଭି ପରିସରରେ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଏହି ଦିବସ ଅବସରରେ ବିଦ୍ୟାଳୟ ଛାତ୍ରୀଙ୍କ ମଧ୍ୟରେ ବାଗ୍ମୀତା, ପ୍ରବନ୍ଧ ଓ ଚିତ୍ରାଙ୍କନକୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ ଯୋଗଦେଇ ଝିଅ ଓ ପୁଅ ଉଭୟେ ସମାନ। ଆମେ ସଚେତନ ହେଲେ ବାଳିକାଙ୍କ ଉପରେ ହେଉଥିବା ବିଭିନ୍ନ ନିର୍ଯାତନାକୁ ଏଡାଇ ପାରିବା ବୋଲି ମତବ୍ୟକ୍ତ କରିଥିଲେ। ବଡ଼ସାହି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନକ କୁମାର ଘୋଷ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁବର୍ଣ୍ଣା ଜେନା, କେଜିବିଭି ୱାର୍ଡେନ ଯୁଥିକା ପଣ୍ଡା ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୀତାଞ୍ଜଳି ଗିରି ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାଳିକା ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ଉପସ୍ଥିତ ସମସ୍ତ ଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଲଳିତ ମହାନ୍ତି ପରିଚାଳନା କରିଥିଲେ।

ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ତାଲିମ୍ ଶିବିର ଉଦ୍‌ଯାପିତ

ସାରସକଣା, ୨୪।୧(ସମିସ): ଝାରପୋଖରିଆସ୍ଥ ସୀମାନ୍ତ ମହାବିଦ୍ୟାଳୟ +୨ ଜାତୀୟ ସେବା ଯୋଜନା ଯୁଗ୍ମ ଶାଖା ଆନୁକୂଲ୍ୟରେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ସହାୟତାରେ ତିନିଦିନିଆ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସମେତ ଉଦଳା, ଇନ୍ଦିରା ଗାନ୍ଧୀ, ଖୁଣ୍ଟା, ବେତନଟୀ, ରାଇରଙ୍ଗପୁର, ବାଙ୍ଗିରିପୋଷି, ସାଇ ବିଦ୍ୟାମନ୍ଦିର, ମହାରାଜା ପୂର୍ଣ୍ଣଚନ୍ଦ୍ର, ବାଇ ଗଣବାଡିଆ, ଶରତପାଳ ସମେତ ୧୧ଟି କଲେଜରୁ ୧୦୩ ଜଣ ସ୍ୱେଚ୍ଛାସେବୀ ଓ ୧୦ ଜଣ କାର୍ଯ୍ୟକ୍ରମ ଅଧିକାରୀ ଯୋଗ ଦେଇଥିଲେ। ଅଧକ୍ଷ ପ୍ରହ୍ଲାଦ ଅଗସ୍ତି ପାରମ୍ପରିକ ଭାବେ ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ରାଜା ମହାନ୍ତି ଯୋଗ ଦେଇଥିବାବେଳେ ଅନୀଲ କୁମାର ଝା, ପ୍ରଦ୍ୟୁମ୍ନ କୁମାର ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଶିଶିର ପଟ୍ଟନାୟକ ବିବରଣୀ ପାଠ କରିଥିଲେ।

ପ୍ରଥମ ଅଧିବେଶନରେ ଜାତୀୟ ସେବା ଯୋଜନା ପାଇଁ ରାଷ୍ଟ୍ରପତି ପୁରସ୍କାର ବିଜୟିନୀ ଶରତପାଳ କଲେଜ ଅଧ୍ୟାପିକା ଶ୍ରୀମତୀ ସୁଜାତା ପଟ୍ଟନାୟକ ଜାତୀୟ ସେବା ଯୋଜନାର ମୌଳିକ ଦିଗ ଉପରେ ଆଲୋଚନା କରିଥିଲେ। ୧୦ଟି ଶିକ୍ଷଣୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଗଣମାଧ୍ୟମ, ସାଇବର, ପରିବେଶ, ପ୍ରାକୃତିକ ବିପର୍ଯ୍ୟୟ, ବର୍ଜ୍ୟବସ୍ତୁ ପରିଚାଳନା, ସଡ଼କ ସୁରକ୍ଷା, ନିଶା ନିବାରଣ, ଯୋଗ, ରକ୍ତଦାନ ଆଦି ବିଷୟରେ ବିଶାରଦମାନେ ଶିକ୍ଷା ପ୍ରଦାନ କରିଥିଲେ। ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ସଂଯୋଜକ



ଡଃ ବିଶ୍ୱମୋହନ ଜେନାଙ୍କ ସମେତ ସାମ୍ବାଦିକ କଲ୍ୟାଣ ସିହ୍ନା, ଅମୀୟ କୁମାର ଦ୍ୱାରି, ଡଃ ଶୁଭେନ୍ଦୁ ଶତପଥୀ, ସାଲଖୁ ମୁର୍ମୁ, ଡଃ ସତ୍ୟନାରାୟଣ ସାମଲ, ଡଃ ଧରିତ୍ରୀ ବେହେରା, ଜିଲ୍ଲା ଉପମୁଖ୍ୟ ଚିକିତ୍ସାଧିକାରୀ ଡ. ବିଜୟ କୁମାର ଦାସ, ଜାତୀୟ ଯୁବ ପ୍ରକଳ୍ପ ରାଜ୍ୟ ସଂଯୋଜକ ମଧୁସୂଦନ ଦାସ ବିଶାରଦ ଭାବେ ଯୋଗ ଦେଇଥିଲେ। ଅମୀୟ କୁମାର ଦ୍ୱାରୀ ଓ ଭାରତ ଚନ୍ଦ୍ର ମହାନ୍ତ ଯୋଗ ଅଭ୍ୟାସ କରାଇଥିଲେ।

ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ସଫଳ ଶିବିରାର୍ଥୀଙ୍କୁ ପୁରସ୍କାର, ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଅଧକ୍ଷ ପ୍ରହ୍ଲାଦ ଅଗସ୍ତି ଅଧକ୍ଷତା କରିଥିବାବେଳେ ପ୍ରାଧ୍ୟାପକ ରଞ୍ଜନ ମହାନ୍ତି, ଅନୀଲ ଝା, ବିଶ୍ୱଜ୍ୟୋତି ସିଂହ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ସ୍ୱପ୍ନେଶ୍ୱରୀ ମୁର୍ମୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନିହାରମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରକୁ +୨ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଶିଶିର ପଟ୍ଟନାୟକ ପରିଚାଳନା କରିଥିଲେ। ନିହାର ମହାନ୍ତ, ସ୍ୱପ୍ନେଶ୍ୱରୀ ମୁର୍ମୁ, ଶରତ ପଡ଼ିଆରି, ଡଃ ପ୍ରାଚିପ୍ରଭା ପଡ଼ିଆରୀ, ଆରତୀ ହୋ ପ୍ରମୁଖ ସହଯୋଗ କରିଥିଲେ।

ପୋଖରୀରେ ପଡ଼ି ଶିଶୁ ମୃତ

ରାଜନଗର, ୨୪।୧(ସମିସ): ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ରାଜେନ୍ଦ୍ରନଗର ଗ୍ରାମର ଅନନ୍ତ ଦେବନାଥଙ୍କ ୩ ବର୍ଷର ଶିଶୁ ପୁତ୍ର ଅଭିଜିତ ପୋଖରୀରେ ପଡି ମୃତ୍ୟୁବରଣ କରିଛି। ଶନିବାର ସକାଳେ ସମସ୍ତଙ୍କ ଅଲକ୍ଷ୍ୟରେ ଘର ନିକଟ ପୋଖରୀରେ ପଡିଯାଇଥିଲା। ଅଭିଜିତକୁ ଖୋଜାଖୋଜି କରି ନ ପାଇବାରୁ ସନ୍ଦେହରେ ପୋଖରୀରେ ଖୋଜି ପାଇ ସଙ୍ଗେ ସଙ୍ଗେ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ସେଠାରେ ତାଲା ଝୁଲୁଥିବା ଦେଖି ପରିବାର ଲୋକ ନିକଟସ୍ଥ ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ମଧ୍ୟ ତାଳଚୁଆ ଭଳି ତାଲା ପଡିଥିଲା। ଫଳରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

ଶ୍ରୀରାମ କଲେଜ ଅଫ୍ ନର୍ସିଂର ସ୍ୱାଗତ ଉତ୍ସବ



କେନ୍ଦ୍ରାପଡ଼ା,୨୪।୧(ସମିସ): ଦୁହୁରିଆ ନିକଟସ୍ଥ କସୋଟିଠାରେ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ଶ୍ରୀରାମ କଲେଜ ଅଫ୍ ନର୍ସିଂର ପ୍ରଥମ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶୁଭେନ୍ଦୁ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡଃ ଅଜୟ ସାହୁ ମୁଖ୍ୟଅତିଥି, ମହାକାଳପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ବିପିଓ ପ୍ୟାରୀମୋହନ ନନ୍ଦ ସମ୍ମାନିତ ଅତିଥି ଓ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସଦର ଥାନା ଅଧିକାରୀ ଶୁଭେନ୍ଦୁ ସାହାଣୀ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ କଲେଜର ଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ସହିତ ସଚେତନତାଧର୍ମୀ ନାଟକ 'ଝରା ଫୁଲ' ଅଜୟ ଚୌଧୁରୀଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଥିଲା। ନାଟକ ମାଧ୍ୟମରେ ନାରୀ ପୁରୁଷ ସମାନତା, ଝିଅଙ୍କ ଶିକ୍ଷା ଓ ସଶକ୍ତିକରଣ ଉପରେ ଗଭୀର ସନ୍ଦେଶ ପ୍ରଦାନ କରାଯାଇଥିଲା। ଶେଷରେ କୃତକାର୍ଯ୍ୟ ଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଚଳିତ ବର୍ଷର "ମିସ୍ ଫ୍ରେସର' ଭାବେ ପ୍ରିୟଙ୍କା ପ୍ରିୟଦର୍ଶିନୀ ବାରିକ ଚୟନ ହୋଇ ସମ୍ବର୍ଦ୍ଧିତ ହୋଇଥିଲେ।

ଗୀତିକାର ଶ୍ରୀଧର ପଣ୍ଡାଙ୍କ ପରଲୋକ



ଗୋବିନ୍ଦପୁର,୨୪।୧(ସମିସ): ପାଲିମି ଗ୍ରାମର ଗୀତିକାର ତଥା ଧର୍ମପରାୟଣ ବ୍ୟକ୍ତି ଶ୍ରୀଧର ପଣ୍ଡାଙ୍କ ଶୁକ୍ରବାର ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ଜଣେ ମେଳାପି ବ୍ୟକ୍ତି ଥିଲେ। ତାଙ୍କ ପରଲୋକରେ ଜ୍ଞାନୀନ୍ଦ୍ର ସାମଲ, ସରୋଜ ସାହୁ, ଅମୀୟ ସାମଲ, ବାବାଜୀ ସାମଲ, ମାଧବାନନ୍ଦ ବେହେରା ପ୍ରମୁଖ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ, ଯୁବକ ଗୁରୁତର

ଡେରାବିଶ, ୨୪।୧(ସମିସ): ବସପୁର ପଞ୍ଚାୟତ ଅନ୍ତର୍ଗତ ଅଟାବୁହା ଗ୍ରାମର ପ୍ରଭାତୀ ନାୟକ ତାଙ୍କ ପୁଅକୁ ପ୍ରମୋଦକୁ ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ କରିଛନ୍ତି। ପ୍ରଭାତୀଙ୍କ ଅଭିଯୋଗ ମୁତାବକ, ଅଟାବୁହା ଗ୍ରାମର ମଳୟ ସାହୁ ତାଙ୍କ ପରିବାରବର୍ଗଙ୍କ ଚରିତ୍ର ସମ୍ପର୍କରେ ଆପତ୍ତିଜନକ ମନ୍ତବ୍ୟ ଦେଇ ସୋସିଆଲ ମିଡ଼ିଆରେ ଏକ ପୋଷ୍ଟ ଭାଇରାଲ କରିଥିଲେ। ଏହି କାରଣରୁ ପାଟିତୁଣ୍ଡ ହୋଇ ସପ୍ତାହକ ପୂର୍ବରୁ ମଳୟ ପ୍ରଭାତୀଙ୍କ ପରିବାର ଉପରେ ଆକ୍ରମଣ କରିବା ଉଦ୍ଦେଶ୍ୟରେ କିଛି ଅଚିହ୍ନା ଯୁବକଙ୍କୁ ନେଇ ଗ୍ରାମରେ ବୁଲୁଥିଲା। ୨୨ ତାରିଖ ରାତିରେ ସରସ୍ୱତୀ ପୂଜା ପାଇଁ ମଣ୍ଡପ ସଜ୍ଜା ଚାଲିଥିବାବେଳେ ମଳୟ ଏକ ଷ୍ଟିଲ ବାଡ଼ିରେ ପ୍ରମୋଦଙ୍କ ମୁଣ୍ଡକୁ ଶକ୍ତ ପାହାର ଦେବା ସହ ଛାତି ଓ ମୁହଁକୁ ମୁଥ ମାରିଥିଲା, ଷ୍ଟିଲ ପାଇପ୍‌ରେ ବାଡ଼େଇବା ଫଳରେ ପ୍ରମୋଦର ଗୋଡ଼ ଭାଙ୍ଗିଯାଇଥିଲା। ଗ୍ରାମର ଲୋକମାନେ ଆସିବା ପରେ ମଳୟ ସେ ସ୍ଥାନ ଛାଡ଼ି ପଳାଇଯାଇଥିଲା। ଗଲାବେଳେ ପ୍ରମୋଦଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିବା ନେଇ ପ୍ରଭାତୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏବେ ପ୍ରମୋଦ ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡ଼ା ସଦର ଥାନାରେ ୩୧/୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

ଅଳପୁଆରେ ରାମେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ



ପଟ୍ଟାମୁଣ୍ଡାଇ,୨୪।୧(ସମିସ): ଅଳପୁଆ ପଞ୍ଚାୟତ ଧାନେଶ୍ୱରୀ ପୀଠରେ ରାମେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୀଠାଧୀଶ ପ୍ରଫୁଲ୍ଲ ପଣ୍ଡାଙ୍କ ନିର୍ଦ୍ଦେଶରେ ସେବକ ରବୀନ୍ଦ୍ର ପରିଡା, ଗଗନ ମହାଲିକ, ପ୍ରକାଶ ଦାସ, ସୁକାନ୍ତି ନାଥ ଶର୍ମାଙ୍କ ତତ୍ତ୍ୱାବଧାନରେ କୈବଲ୍ୟ ପରିଡା, ଅନୁପ୍ରିୟା ପରିଡାଙ୍କ ପୌରାହିତ୍ୟରେ ଧାନେଶ୍ୱରୀଙ୍କ ପୀଠରୁ ଆଜ୍ଞାମାଳ ଆଣି ଗ୍ରାମରେ ସହସ୍ର ଶ୍ରଦ୍ଧାଳୁ ପ୍ରତ୍ୟେକ ଦେବାଦେବୀ ମନ୍ଦିର ପରିକ୍ରମା କରି ରାମେଶ୍ୱର ମହାଦେବଙ୍କ ମନ୍ଦିର ନିକଟରେ ପହଞ୍ଚି ଥିଲେ। ୧୫ନଂ ଜୋନ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସରୋଜିନୀ ଦାସ, ନାରଦ ବିଶ୍ୱାଳ, ଅଳପୁଆ ପୂର୍ବତନ ସରପଞ୍ଚ କିଶୋର ବେହେରା, ରମେଶ ଦାସ, ସମିତି ସଭ୍ୟ ଚନ୍ଦନ ସାହୁ, ଶିକ୍ଷାବିତ ଅଶୋକ ନାୟକ, ବିଚିତ୍ରାନନ୍ଦ ବେହେରା, ହରପ୍ରିୟା ମିଶ୍ର, ସୌଭାଗ୍ୟ ପରିଡା, ସୌମ୍ୟରଞ୍ଜନ ପରିଡା, ଦିଲ୍ଲୀପ ବିଶ୍ୱାଳ, କିଶୋର ରାଉତ, ପଦ୍ମନାଭ ନାୟକ, ମଧୁସୂଦନ ଦାସ, କମଳାକାନ୍ତ ସାହୁ, ବୈଲୋଚନ ପରିଡା, ସୁନୀଲ ପରିଡା, ଅନନ୍ତ ପରିଡ଼ା, ହିମାଂଶୁ ଦାସ, ବାସନ୍ତୀ ପରିଡା ପ୍ରମୁଖ ଭଗବତ କାର୍ଯ୍ୟରେ ଭାଗ ନେଇଥିଲେ। ପଣ୍ଡିତ ପ୍ରଫୁଲ୍ଲ ପଣ୍ଡା, କମଳାକାନ୍ତ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ ପୂଜା ସମ୍ପନ୍ନ ହୋଇଥିଲା। କୈବଲ୍ୟ ପରିଡ଼ା, ଅନୁପ୍ରିୟା ପରିଡା ଆହୂତି ପ୍ରଦାନ କରିଥିଲେ।

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାର ନୂତନ ଗୃହ ପ୍ରବେଶ

ପଟ୍ଟାମୁଣ୍ଡାଇ,୨୩।୧(ସମିସ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା କାର୍ଯ୍ୟକାରୀ ହେବା ଦିନରୁ ଅସ୍ଥାୟୀ ଭାବେ ସଂସାରଫଳ ରାଜୀବ ସେବା କେନ୍ଦ୍ରରେ ଚାଲିଆସୁଥିଲା। ନୂତନ ଥାନା ଗୃହ ନିର୍ମାଣ ସରିବା ପରେ ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକଙ୍କ ପୌରୋହିତ୍ୟରେ ବୈଦିକ ରୀତିରେ ନୂତନ ଥାନା ଗୃହରେ ପୂଜା ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ, ବିଜେପି ନେତା ଲଳିତ ବେହେରା, ପୂର୍ବତନ ବିଧାୟକ ଅଲେଖ ଜେନା ପ୍ରମୁଖ ଯୋଗ ଦେଇଥିଲେ।

ଶୋଇଛି ବନ ବିଭାଗ

ଦିନକୁ ଦିନ ବଢୁଛି କାଠ ମାଫିଆଙ୍କ ରାଜୁତି

ପଞ୍ଚୁପାଣ୍ଡବ,୨୪।୧(ସମିସ):



କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ବନ ବିଭାଗ ଶୋଇ ରହିଥିବାରୁ ଦିନକୁ ଦିନ କାଠ ମାଫିଆଙ୍କ ରାଜୁତି ବଢ଼ିବାରେ ଲାଗିଛି। ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରଘୁଦେଇପୁର ଗ୍ରାମରେ ଥିବା ବନାଞ୍ଚଳ ଅଧିକାରୀ ସୁକାନ୍ତ ବେହେରା ମାସ ମାସ ଧରି କାର୍ଯ୍ୟାଳୟକୁ ଆସୁ ନ ଥିବା ଅଭିଯୋଗ ହେଉଛି। ଅନେକ ସମୟରେ କାର୍ଯ୍ୟାଳୟକୁ ଆସୁ ନ ଥିବାରୁ ଖୁଲମଖୁଲା ଜଙ୍ଗଲରୁ ବହୁ ମୂଲ୍ୟବାନ ଗଛ କାଟି ନେଉଛନ୍ତି କାଠ ମାଫିଆ। ବନ ବିଭାଗ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ କାଠ ମାଫିଆ ଏହାର ଫାଇଦା ଉଠାଉଥିବା ଅଭିଯୋଗ ହେଉଛି।

ଅନେକ ସ୍ଥାନରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବୃକ୍ଷରୋପଣ କରୁଥିଲେ ହେଁ ରକ୍ଷଣାବେକ୍ଷଣ ଓ ଅଧିକାରୀଙ୍କ ଦାୟିତ୍ୱହୀନତା ପାଇଁ ଗଛ ମରିବାକୁ ବସିଲାଣି। ଅନେକ ସମୟରେ କିଏ ନିଜ ଝିଅ ବାହାଘର ପାଇଁ ବାଡ଼ିରେ ଥିବା ଗଛ କାଟିବା ପାଇଁ ଅନୁମତି ପାଇଁ ଫେରୁଛି ତ ଆଉ କିଏ ସରକାରୀ ଜାଗାରୁ ଗଛ କାଟି ନେଉଥିବା ଅଭିଯୋଗ ହେଉଛି। ତେବେ ଅଧିକାରୀ ଗୁରୁତ୍ୱ ଦେଉନାହାନ୍ତି। ଗୋଟିଏ ପଟେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଜଙ୍ଗଲ ସୃଷ୍ଟି କରୁଥିବାବେଳେ ଏଭଳି କିଛି ଦାୟିତ୍ୱହୀନ ଅଧିକାରୀଙ୍କ ପାଇଁ ଏବେ ଜଙ୍ଗଲ ଅବକ୍ଷୟ ହେବାରେ ଲାଗିଛି। ଏହି ଅଧିକାରୀଙ୍କୁ ଯୋଗାଯୋଗ କଲେ ମଧ୍ୟ ଫୋନ ଲାଗୁ ନାହିଁ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଶୋଇ ରହିଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ରାସ୍ତା ଉପରେ ନର୍ଦ୍ଦମା ପାଣି

ଅଭିଯୋଗ ପରେ ବିଭାଗୀୟ ତତ୍ପରତା



ମହାକାଳପଡ଼ା,୨୪।୧(ସମିସ): ଦେଉଳପଡ଼ା ପଞ୍ଚାୟତ ଓଲିହା ଗ୍ରାମର ପୁରୁଣା ବିଦ୍ୟାଳୟ ନିକଟ ଆର ଆଣ୍ଠୁ ବି ଡଳେଇ ରାସ୍ତା ଉପରେ ଲହଡ଼ି ମାରୁଥିଲା ନର୍ଦ୍ଦମା ବର୍ଷା ପାଣି। ଜଳନିଷ୍କାସନ ହୋଇ ନ ପାରିବାରୁ ପାଣି ଭିତରେ ଯାତାୟାତ କରି ପ୍ରତିଦିନ ଦୁର୍ଘଟଣାର ଶିକାର ହେଉଥିଲେ ଯାତ୍ରୀ ଓ ଗ୍ରାମବାସୀ। ଏ ନେଇ ବାରମ୍ବାର ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ପ୍ରକାଶିତ ଖବରକୁ ଯୁବ ସାମ୍ବାଦିକ ତଥା ସମାଜସେବୀ ପ୍ରଭାତ ଜେନା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସମେତ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟକୁ ସମାଧାନ ପାଇଁ ଚିଠି ଲେଖିଥିଲେ। ପ୍ରଭାତଙ୍କ ଚିଠି ପରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇଛି। ନୂତନ ଆର୍ଥିକ ବର୍ଷର ୫ମ ରାଜ୍ୟ ଅର୍ଥ କମିଶନ ପକ୍ଷରୁ ଆର୍ଥିକ ଅନୁମୋଦନ ହେବା ପରେ ପ୍ରସ୍ତାବିତ ରାସ୍ତା କାର୍ଯ୍ୟ ଆରମ୍ଭ କରାଯିବ ବୋଲି କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ପ୍ରଭାତଙ୍କୁ ସୂଚନା ଦେଇଛି ମହାକାଳପଡ଼ା ପଞ୍ଚାୟତ ସମିତି। ଏ ନେଇ ଅଞ୍ଚଳବାସୀ ପ୍ରଭାତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ

ମହାକାଳପଡ଼ା,୨୪।୧(ସମିସ): ରାଜ୍ୟ ଶିଳ୍ପ ନିର୍ଦ୍ଦେଶକଙ୍କ ପକ୍ଷରୁ ଜିଲ୍ଲା ଶିଳ୍ପ କେନ୍ଦ୍ର ଜରିଆରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟଙ୍କୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ମହାକାଳପଡ଼ା ବ୍ଲକ୍ ମିଶନ ଶକ୍ତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ମିଶନ ଶକ୍ତି ବିଭାଗ ପକ୍ଷରୁ ପ୍ରୋତ୍ସାହିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଅତି କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ବୈଧିକରଣ ଯୋଜନା ମାଧ୍ୟମରେ ଜଣେ ୧୮ ବର୍ଷରୁ ଅଧିକ ବୟସର ବ୍ୟକ୍ତି/ମହିଳା ସମସ୍ତ ପ୍ରକାର ଖାଦ୍ୟ ପ୍ରକ୍ରିୟାକରଣ ପାଇଁ ସହାୟତା ପାଇପାରିବେ ବୋଲି ଆଲୋଚନା କରାଯାଇଥିଲା। ପୁଞ୍ଜି ନିବେଶ କରି ୩୫ ପ୍ରତିଶତ ରିହାତି ପାଇବା, ବ୍ୟବସାୟ ପରିଚାଳନା ପାଇଁ ତାଲିମ ଓ ପ୍ରମାଣପତ୍ର, ବଜାରୀକରଣ ଆଦି ସୁବିଧା ମଧ୍ୟ ଜଣେ ଉଦ୍ୟୋଗୀ ଲାଭ ପାଇପାରିବେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ପ୍ରଦୀପ ସାହୁ, ସହକାରୀ ଶିଳ୍ପ ଅଧିକାରୀ ଦେବାଶିଷ ଜେନା, ସହକାରୀ ଶିଳ୍ପ ଅଧିକାରୀ କୁଳମଣି ବେହେରା, ପିଏନବି ବ୍ୟାଙ୍କ ପରିଚାଳକ ସନ୍ତୋଷ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।

ସରସ୍ୱତୀ ଶିଶୁମନ୍ଦିରରେ ମାତୃ ସମ୍ମିଳନୀ

ଆଳି,୨୪।୧(ସମିସ): ଆଳିର ବେସରକାରୀ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅବସରପ୍ରାପ୍ତ ଶିକ୍ଷକ ବନମାଳୀ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପୁରୀର ମାନସରତ୍ନ ପଣ୍ଡିତ ରବିନାରାୟଣ ହୋତା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଅମର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁଶାନ୍ତ ଦାଶ ମାତୃ ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରବଚକ



ରବିନାରାୟଣ ହୋତା ବିଭିନ୍ନ ପୌରାଣିକ କଥାବସ୍ତୁ ମାଧ୍ୟମରେ ଆଜିର ଅତ୍ୟାଧୁନିକ ଯୁଗରେ ସଂସ୍କାର, ସଂସ୍କୃତି, ପରମ୍ପରା ଓ ସଭ୍ୟତାକୁ ନେଇ ଶିଶୁଙ୍କୁ ସଂସ୍କାରୀ, ଉତ୍ତମ ଚରିତ୍ର ଗଠନ କରିବା ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ପରିଚାଳନା ପରିଷଦ ଓ ବିଦ୍ୟୁତ୍ ପରିଷଦର କର୍ମକର୍ତ୍ତାଙ୍କ ସହିତ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସହକାରୀ ପ୍ରଧାନଆଚାର୍ଯ୍ୟା ସଞ୍ଜୁଲତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।


ନାଗାନାରାୟଣ ବିଦ୍ୟାଳୟରେ ଜାତୀୟ ବାଳିକା ଦିବସ

ରାଜନଗର,୨୪।୧(ସମିସ): ଡାଙ୍ଗମାଳସ୍ଥ ପିଏମଶ୍ରୀ ନାଗାନାରାୟଣ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ମାନସ ମିଶ୍ରଙ୍କ ପୌରୋହିତ୍ୟରେ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ସୁସ୍ଥ ସମାଜ ଗଠନ ନିମନ୍ତେ ବାଳିକାଙ୍କୁ ଉପଯୁକ୍ତ ଦିଗଦର୍ଶନ ଦେବା ସହିତ ସେମାନଙ୍କୁ ସଶକ୍ତିକରଣର ଆବଶ୍ୟକତା ରହିଛି ବୋଲି ଶିକ୍ଷକ ଶିକ୍ଷୟିତ୍ରୀ ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଖମାରସାହି ବଜାର ପରିକ୍ରମା କରିଥିଲା। ଏହି ଅବସରରେ ଛାତ୍ରୀ ତୃପ୍ତି ପ୍ରିୟଦର୍ଶନୀ ବାରିକ, ଉଷଶ୍ରୀ ରାଉତ ଓ ପ୍ରିୟାଂଶ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନା କରିଥିଲେ।



ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ରାଜନଗର, ୨୪।୧(ସମିସ): ଖମାରସାହି ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ନଳିନୀ ଗିରିଙ୍କ ପୁଅ ସୁବ୍ରତ ଗିରି (୧୯) ତାମିଲନାଡୁରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ସୁବ୍ରତ ତାମିଲନାଡୁର କାଞ୍ଚିପୁରମ ଜିଲ୍ଲା ମେଡ଼ାଭକ୍କାମ ଥାନା ଅନ୍ତର୍ଗତ ଏସ କୋଲଥୁରରେ ଆରବ ରିଡ୍ସ କମ୍ପାନୀରେ କାମ କରୁଥିଲେ। ସେଠାରେ ସେ ମାଲ ପରିବହନ କରୁଥିବା



କ୍ରେନରେ କମ୍ପ୍ୟୁଟର ଅପରେଟର ଭାବେ କାମ କରୁଥିଲେ। ଗତକାଲ କ୍ରେନ ଜାମ ହୋଇଯିବାରୁ କ୍ରେନରୁ ଓହ୍ଲାଇ ଅନ୍ୟ ଦୁଇଜଣଙ୍କ ସହ ଜାମ ହୋଇଥିବା ସ୍ଥାନକୁ ଯାଇଥିଲେ। ସେଠାରୁ ସେ ପ୍ରାୟ ୫୦ ଫୁଟ ତଳକୁ ଖସି ପଡ଼ି ମୃତ୍ୟୁବରଣ କରିଥିବା କୁହାଯାଉଛି। ତେବେ ଏ ନେଇ କୌଣସି ସଠିକ୍ ଖବର ଜଣାପଡ଼ିନି। ସୁବ୍ରତଙ୍କ ସମ୍ପର୍କୀୟ ଘଟଣା ସ୍ଥଳକୁ ଯାଇଥିବା ସୂଚନା ମିଳିଛି।

● ଅବଦୁଲ କରିମ ଖାନ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ରାଉରକେଲା ରେଡ୍ ୟୁନିଟ୍ ସେମିକୁ ଉନ୍ନୀତ



କେନ୍ଦ୍ରାପଡ଼ା,୨୪।୧(ସମିସ): ସ୍ଥାନୀୟ ସରକାରୀ ହାଇସ୍କୁଲ ପଡ଼ିଆରେ ଚାଲିଥିବା ଜାତୀୟ ସ୍ତରର ଷଷ୍ଠ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ରାଉରାକେଲା ରେଡ୍ ୟୁନିଟ୍ ୧୧-୧୦ ଗୋଲ୍‌ରେ ଝାଡ଼ଖଣ୍ଡର ଡିଏମଏସଏଫ୍‌କୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛି। ରାଉରକେଲା ଦଳର ସେକ ଅନିସଙ୍କୁ ଉନ୍ନତ ଖେଳ ପାଇଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳକୁ ସୁକାନ୍ତ ସିଂ, ମହମ୍ମଦ ସାକଲିନ, ମହମ୍ମଦ ମୋକିମ ଓ ଯୁଧିଷ୍ଠିର ଲେଙ୍କା ପରିଚାଳନା କରିଥିଲେ।

ଫକିରାବାଦ ଲକି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ଟୁର୍ଣ୍ଣାମେଣ୍ଟର ଆଜି ମ୍ୟାଚ୍‌ରେ ସଭାପତି ମହମ୍ମଦ ସଲିମ ଖାନଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ପୌରାଧ୍ୟକ୍ଷା ସରିତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳ, ରାଜ୍ୟ ବିଜେଡି ସମ୍ପାଦକ ରଞ୍ଜିତ ସାହୁ, କାଉନସିଲର ପ୍ରଦୀପ୍ତ ଜେନା, ସୁକୁମାର ଦାସ, ଉମେଶ ନାୟକ, ରମେଶ ଦାସ, ସେକ ଅସଲମ, ପ୍ରଦୀପ କୁମାର ନାୟକ ଓ ସେକ ନସ୍ରୁମୁଦ୍ଦିନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ମହମ୍ମଦ ନିଆଜ, ସାଧାରଣ ସମ୍ପାଦକ ସେକ ସାହାବୁଲ୍ଲା, ଉପସଭାପତି ସେକ ଫରିଦଉଦ୍ଦିନ, ସେକ ସଫାତୁଲ୍ଲା, ଇବ୍ରାହିମ ଖାନ, ସମିଉଲ୍ଲା ଖାନ, ସେକ ବୁରାନଉଲ୍ଲା, ସମ୍ପାଦକ ମୀର ସଲିମ, ମୀର ଜରାର, କଲିମ ଖାନ, ମୀର ଅବୁସମା ପ୍ରମୁଖ ଉପସ୍ଥିତ ଥିଲେ।

ଲାଲବାହାଦୂର ଶାସ୍ତ୍ରୀ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

ଡେରାବିଶ,୨୪।୧(ସମିସ): ଗଣେଶପୁରସ୍ଥ ଲାଲବାହାଦୂର ଶାସ୍ତ୍ରୀ ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଅବନୀ ବରାଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ସମ୍ମାନିତ ଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ସମାଜସେବୀ ବିଷ୍ଣୁ ଚରଣ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ରାଉତ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପଞ୍ଚାନନ ଶତପଥୀ ଯୋଗଦେଇଥିଲେ। ଶିକ୍ଷାବିତ୍ ଈଶ୍ୱର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂସଦର ସଭାପତି ଶ୍ରୀ ବରାଳ ସ୍ୱାଗତ ଭାଷଣ ପ୍ରଦାନ, ସମ୍ପାଦକ ସନ୍ତୋଷ ସିହ୍ନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏ ଅବସରରେ ଅତିଥିମାନେ ସଂସଦର ମୁଖପତ୍ର 'ଦିପ୍ତିକା'କୁ ଲୋକାର୍ପଣ କରିଥିଲେ। ସଂସଦ ପକ୍ଷରୁ ରାଜକିଶୋର ଶତପଥିଙ୍କ ସ୍ମୃତିରେ ପ୍ରତିବର୍ଷ କୃତୀ ଛାତ୍ରଛାତ୍ରୀଙ୍କୁ ୫୦୦୦ ଟଙ୍କା ପୁରସ୍କାର ରାଶି ଦେବା ପାଇଁ ସ୍ଥିର କରିବା ସହ ଚଳିତ ବର୍ଷ କୃତୀ ଛାତ୍ରୀ ନିରୂପମା ବେହେରାଙ୍କୁ ବୃତ୍ତି ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟର ସମସ୍ତ ପୁରାତନ ଓ ବର୍ତ୍ତମାନର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୟଶ୍ରୀ ପତି ମଞ୍ଚ ସଂଯୋଜନା କରିଥିବାବେଳେ ପ୍ରଥମ ବ୍ୟାଚ୍‌ର ଛାତ୍ର ଡାକ୍ତର ରାଜକିଶୋର ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଆଶିଷ ବରାଳ, ଜୟନ୍ତ ଶତପଥୀ, ଅଦ୍ୱୈତାନନ୍ଦ ବରାଳ, ଦେବାଶିଷ ଶତପଥୀ, ସୁନାକର ବିହାରୀ, ପ୍ରସନ୍ନ ବେହେରା, ସମୀର ସାମଲ ପ୍ରମୁଖ ପରିଚାଳନା କରିଥିଲେ।

■ ବଜ୍ରକାପ୍ତା ଚୋରା ବେପାରୀଙ୍କ ସମ୍ମୁଖରେ ଏସିଏଫ୍‌ଙ୍କ ଉପରେ ଆଇଆଇସି ବର୍ଷିବା ଘଟଣା

ଓଡ଼ିଶା ବନ ସେବା ସଂଘକୁ ଲିଖିତ ଭାବେ ଜଣାଇଲେ ଏସିଏଫ୍

ରାଜନଗର, ୨୪।୧(ସମିସ):

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସିଙ୍କ ଅଡୁଆ ବଢିବାରେ ଲାଗିଛି। ତାଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଗତକାଲି ନନ ଗେଜେଟେଡ ଫରେଷ୍ଟ ସର୍ଭିସ ଆସୋସିଏସନ ଡିଏଫଓଙ୍କୁ ଦାବିପତ୍ର ଦେଇଥିଲେ। ଆଜି ଦୁର୍ବ୍ୟବହାରର ଶିକାର ହୋଇଥିବା ଏସିଏଫ ଗଗନ ବିହାରୀ ମଲ୍ଲିକ ଓଡ଼ିଶା ବନ ସେବା ସଂଘ ସଭାପତି ଓ ସମ୍ପାଦକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ରାଜନଗର ଲୁଣା ଜଙ୍ଗଲ ବନ୍ୟପ୍ରାଣୀ ବନ୍ୟଜନ୍ତୁ ଡିଭିଜନର ଏସିଏଫ ଗଗନ ବିହାରୀ ମଲିକ ୨୧ ତାରିଖ ଦିନ ରାଜନଗର ରେଞ୍ଜ କାର୍ଯ୍ୟାଳୟ ଭିତରେ ଘଟିଥିବା ଘଟଣା ସମ୍ପର୍କରେ ଓଡ଼ିଶା ବନ ସେବା ସଂଘ ସଭାପତି ଓ ସମ୍ପାଦକଙ୍କୁ ଜଣାଇଛନ୍ତି।

୨୧ ତାରିଖ ଦିନ ନିର୍ଭରଯୋଗ୍ୟ ଗୁପ୍ତ ସୂଚନା ଆଧାରରେ ଓ ରାଜନଗର ଡିଏଫଓଙ୍କ ନିର୍ଦ୍ଦେଶରେ ମୋ ନେତୃତ୍ୱରେ ଏକ ବିଶେଷଜ୍ଞ ଦଳ ଏକ ସଫଳ ଅପରେସନ୍ କରିଥିଲା। ପଟ୍ଟାମୁଣ୍ଡାଇର ଷଣ୍ଢପଲ୍ଲୀ କେନାଲ ରୋଡରେ ସିଡ୍ୟୁଲ ୱାନ ପ୍ରଜାତିର ବଜ୍ରକାପ୍ତା କାଟି ୧୪ଟି ଜବତ କରିବା ସହ ତିନି ଜଣଙ୍କୁ ଗିରଫ କରିଥିଲୁ। ଅଭିଯୁକ୍ତଙ୍କୁ ପଚରାଉଚରା ପାଇଁ ରାଜନଗରରେ ଥିବା ରେଞ୍ଜ ଅଧିକାରୀଙ୍କ ଚାମ୍ବରକୁ ଅଣାଯାଇଥିଲା। ଆଇନଗତ ପ୍ରକ୍ରିୟା ଚାଲିଥିବା ସମୟରେ ଅପରାହ୍ନ ପ୍ରାୟ ୪:୧୫ ସମୟରେ ପଟ୍ଟାମୁଣ୍ଡାଇ ଆଦର୍ଶ ପୁଲିସ ଷ୍ଟେସନର ଆଇଆଇସି ଜବରଦସ୍ତ କାର୍ଯ୍ୟାଳୟରେ ପ୍ରବେଶ କରି ଆକ୍ରମଣାତ୍ମକ ଓ ଅଣପେଶାଦାର ଆଚରଣ କରିଥିଲେ। ସେ ସାଧାରଣରେ ବନ ଅଧିକାରୀଙ୍କୁ ଚିକ୍ରାର କରିଥିଲେ। ଏସିଏଫ ଓ କର୍ମଚାରୀଙ୍କୁ ମିଥ୍ୟା ମାଓବାଦୀ ଅଭିଯୋଗରେ ଫସାଇବାକୁ ଧମକ ଦେଇଥିଲେ। ଯାହା ଆଇନଗତ ତଦନ୍ତରେ ବ୍ୟାଘାତ ସୃଷ୍ଟି କରିଥିଲା ଓ ଆମ ବିଭାଗର ପ୍ରତିଷ୍ଠାକୁ କ୍ଷୁର୍ଣ୍ଣ କରିଥିଲା। ଏହି ଘଟଣା କେବଳ ଏକ ସମ୍ବେଦନଶୀଳ ବନ୍ୟପ୍ରାଣୀ ଅପରାଧ ତଦନ୍ତରେ ବାଧା ସୃଷ୍ଟି କରିଛି ତାହା ନୁହେଁ, ବରଂ ବନ ସେବାର ମନୋବଳ ଓ ମର୍ଯ୍ୟାଦାକୁ ମଧ୍ୟ ଗୁରୁତର ଭାବେ ପ୍ରଭାବିତ କରିଛି ବୋଲି ଏସିଏଫ ଜଣାଇଛନ୍ତି। ଏଥିସହ ରାଜ୍ୟର ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା, ନିଜ ଜୀବନକୁ ବାଜି ଲଗାଉଥିବା କ୍ଷେତ୍ର ଅଧିକାରୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ମୁଁ ଆସୋସିଏସନର ସମର୍ଥନ ଆଶା କରୁଛି ବୋଲି ଏସିଏଫ ଶ୍ରୀ ମଲ୍ଲିକ କହିଛନ୍ତି। ଏ ନେଇ ଏସିଏଫ୍ ସଂଘ ବୈଠକ ବସିଥିବା ଜଣାପଡିଛି।

ସାଇବର ସୁରକ୍ଷା ସଚେତନତା କର୍ମଶାଳା

ପଟ୍ଟାମୁଣ୍ଡାଇ,୨୪।୧(ସମିସ): ଗ୍ରାମାଞ୍ଚଳ ଥାନା ପକ୍ଷରୁ ବନ୍ତ ଆଦର୍ଶ ବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଲକ୍ଷ୍ମୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳ ଥାନା ଅଧିକାରୀ ଶ୍ରୀକାନ୍ତ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ପ୍ରତି ମୋବାଇଲ, ଇଣ୍ଟରନେଟ ଦ୍ୱାରା ହେଉଥିବା ଠକାମି ଓ ସେଥିରୁ ରକ୍ଷା ପାଇବା ପାଇଁ ସତର୍କତା ଅବଲମ୍ବନ କରିବାକୁ ଆଲୋଚନା କରିଥିଲେ। ଧ୍ରୁବ ଅନ୍ନପୂର୍ଣ୍ଣା ସେବା ଓ କଳା ପରିଷଦ ସଭାପତି ନଳିନୀ ସ୍ୱାଇଁ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ସାଇବର ସଚେତନତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

ପାଲୁର ଜଙ୍କସନ ଛକରେ ନାହିଁ ସୂଚନା ଫଳକ

ପୁରୀ ଯାଉଥିବା ପର୍ଯ୍ୟଟକଙ୍କୁ ବାଟବଣା କରୁଛି ଗୁଗୁଲ୍ ମ୍ୟାପ୍

ହୁମ୍ମା,୨୪।୧(ସମିସ):

ଗୁଗୁଲ୍ ମ୍ୟାପ ଦେଖି ପୁରୀ ଯାଉଥିବା ପର୍ଯ୍ୟଟକ ହଟହଟା ହେଉଛନ୍ତି। ଗଞ୍ଜାମ ବ୍ଲକର ପାଲୁର

ଭସାପୋଲ ନପାଇ ପୁଣି ୫୫ କିମି ଫେରୁଛି ଗାଡ଼ି

ଜଙ୍କସନ -ପାଲୁର ରାଜପଥ ଉପରେ ଅଳ୍ପକିଛି କିଲୋମିଟର ଗଲେ ପୁରୀ ଜିଲ୍ଲା ପଡେ।

ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ତେଲେଙ୍ଗାନା, କେରଳ, ପଣ୍ଡିଚେରୀ, ଗୋଆ ରାଜ୍ୟରୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ପୁରୀ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଗୁଗୁଲ୍ ମ୍ୟାପ୍‌ର ବ୍ୟବହାର କରି ଆସିଥାନ୍ତି। ଗୁଗୁଲ୍ ମ୍ୟାପ ଦେଖାଉଥିବା ସର୍ଟକର୍ଟ ରାସ୍ତା ପାଲୁର ଜଙ୍କସନ-ପାଲୁର ରାସ୍ତା ଦେଇ ଯାଇଥାନ୍ତି। ଜଙ୍କସନ ଠାରୁ ପୁରୀ ମାତ୍ର ୧୧୦ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ପଡ଼ିବ। ଖୋର୍ଦ୍ଧା ଜିଲ୍ଲାର ରାମେଶ୍ୱରମ୍ ରାସ୍ତା ଦେଇ ଗଲେ ଦୁଇ ଗୁଣା ରାସ୍ତା ଦେଇ ଯିବାକୁ ପଡ଼ିବ। ସେଥିପାଇଁ ପାଲୁର ଜଙ୍କସନ ରାସ୍ତା ଦେଇ ଯାଇଥାନ୍ତି ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ। ପାଲୁର ଜଙ୍କସନ ଠାରୁ ୫୫ କିଲୋମିଟର ଅତିକ୍ରମ କରିଲା ପରେ ଜହ୍ନିକୁଦା ପଡ଼େ। ସେଠାରୁ ପୁଣି ୫ କିଲୋମିଟର ସାତପଡ଼ା ସମୁଦ୍ର ମୁହାଣ ନିକଟ ଚିଲିକା ଜଳପଥ ଦେଇ ଭାସାଲ ଓ ଘାଟଡ଼ଙ୍ଗା ସାହାର୍ଯ୍ୟରେ ସାତପଡ଼ା ଯିବାକୁ ପଡ଼େ। ତାପରେ ସାତପଡ଼ା ଠାରୁ ୫୫ କିଲୋମିଟର ଗଲେ ସିଧାସଳଖ ପୁରୀ।

ହେଲେ ସମସ୍ୟା ହୁଏ ସନ୍ଧ୍ୟା ସମୟରେ। ସନ୍ଧ୍ୟା ସମୟରେ ଚିଲିକା ମଧରେ କୌଣସି ଭାସାଲ (ଭସାପୋଲ) କିମ୍ବା ଘାଟ ଡ଼ଙ୍ଗା ନଥାଏ। ସେମାନେ ସନ୍ଧ୍ୟା ସମୟରେ ଗୁଗୁଲ୍ ମ୍ୟାପ ଦେଖି ପାଲୁର ଜଙ୍କସନ ଠାରୁ ୫୫ କିଲୋମିଟର ଅତିକ୍ରମ କରିଲା ପରେ ଭସାପୋଲ କିମ୍ବା ଡ଼ଙ୍ଗା ନପାଇ ୫୫ କିଲୋମିଟର ପଛକୁ ପୁଣି ଫେରିଥାନ୍ତି। ନୂଆକରି ଆସିଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ନିଜର ପରିବାର ସହିତ କାର ଯୋଗେ ଆସି ହୀନସ୍ତା ହୋଇଥାନ୍ତି। ସନ୍ଧ୍ୟା କିମ୍ବା ରାତି ସମୟରେ ସେମାନେ ବହୁତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ୁଥିବା ଅଭିଯୋଗ କରିଛନ୍ତି। ପାଲୁର ଜଙ୍କସନ ଛକଠାରେ ସୂଚନା ଫଳକ ମାଧ୍ୟମରେ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇ ନାହିଁ। ଗଞ୍ଜାମ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରି ପର୍ଯ୍ୟଟକ ଓ ଭକ୍ତ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଦୃଷ୍ଟିରୁ ପାଲୁର ଜଙ୍କସନ ଛକ ନିକଟରେ ସୂଚନା ଫଳକ ବୋଡର୍ ଲଗାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

■ ଅବ୍ୟବସ୍ଥା ଘେରରେ ଟିକାବାଲି ହାଟ

ଖବର ପ୍ରକାଶ ପରେ ବି ଚେତୁନି ଆରଏମ୍‌ସି ପ୍ରଶାସନ



ଟିକାବାଲି,୨୪।୧(ସମିସ): କନ୍ଧମାଳ ଜିଲ୍ଲାର ବୃହତ ବାଣିଜ୍ୟିକ ପେଣ୍ଠସ୍ଥଳ ଟିକାବାଲି ସାପ୍ତାହିକ ହାଟ ଏବେ ଅବ୍ୟବସ୍ଥାର ଚରମ ସୀମାରେ। ହଜାର ହଜାର ଲୋକଙ୍କ ଜୀବନଜୀବିକା ସହ ଜଡ଼ିତ ଏହି ହାଟର ଦୂରାବସ୍ଥାକୁ ନେଇ ଅନେକ ଥର ବିଭିନ୍ନ ଖବରକାଗଜରେ ରିପୋର୍ଟ ପ୍ରକାଶ ପାଇଥିଲେ ମଧ୍ୟ ସ୍ଥାନୀୟ ଆରଏମ୍‌ସି ପ୍ରଶାସନର ଦେହସୁହା ହୋଇଗଲାଣି। ପ୍ରଶାସନର ଏଭଳି ନୀତି ଓ ନିଷ୍କ୍ରିୟତା ଯୋଗୁ ଏବେ ବେପାରୀ ଓ ଗ୍ରାହକ ଅତିଷ୍ଠ ହୋଇପଡ଼ିଛନ୍ତି। ହାଟରେ ପ୍ରବଳ ଭିଡ ବେଳେ ବେପାରୀମାନେ ବସିବାକୁ ସର୍ବନିମ୍ନ ସୁବିଧା ପାଉନାହାନ୍ତି। ହାଟ ପାଇଁ ଉଦ୍ଦିଷ୍ଟ ଜାଗାର ଅଧାରୁ ଅଧିକ ଅଂଶ ଏବେ ଘଞ୍ଚ ଜଙ୍ଗଲ ଓ ଲଟାବୁଦାରେ ଭର୍ତ୍ତି ହୋଇ ରହିଥିବା ବେଳେ ବାକି ଅଂଶରେ ଅଳିଆ ଆବର୍ଜନାର ପାହାଡ଼ ଗଦା ହୋଇଛି। ଆରଏମ୍‌ସି କର୍ତ୍ତୃପକ୍ଷ କେବଳ ଟିକସ ଆଦାୟ କରି ଚାଲିଯାଉଛନ୍ତି। ଅଧିକ ଟିକସ ଦେବା ଭୟରେ ଏବଂ ହାଟ ଭିତରେ ଉପଯୁକ୍ତ ସ୍ଥାନ ଅଭାବରୁ ବେପାରୀମାନେ ବାଧ୍ୟ ହୋଇ ରାସ୍ତା କଡ଼ରେ ପସରା ମେଲାଉଛନ୍ତି। ବେପାରୀ ରାସ୍ତା କଡ଼ ମାଡ଼ି ବସୁଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି। ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାତି ୮ଟା ପର୍ଯ୍ୟନ୍ତ ହାଟ ଚାଲୁଥିଲେ ମଧ ଏଠାରେ ନା ଅଛି ଲାଇଟ୍ ବ୍ୟବସ୍ଥା ନା ଅଛି ପାନୀୟ ଜଳ। ସବୁଠାରୁ ବଡ଼ ସମସ୍ୟା ହେଉଛି ଶୌଚାଳୟର ଅଭାବ। ପରିସ୍ରାଗାର ନଥିବାରୁ ହାଟକୁ ଆସୁଥିବା ଶହ ଶହ ଗ୍ରାହକ ଓ ବେପାରୀ ଗାଈଗୋରୁଙ୍କ ଭଳି ଏଣେତେଣେ ପରିସ୍ରା କରୁଛନ୍ତି। ଲୋକଙ୍କ ମୌଳିକ ସୁବିଧାକୁ ଜଳାଞ୍ଜଳି ଦେଇ ଶୋଇ ରହିଥିବା ଆରଏମ୍‌ସି ପ୍ରଶାସନ ବିରୋଧରେ ଏବେ ଜନଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ବାରମ୍ବାର ଗଣମାଧ୍ୟମରେ ଖବର ପ୍ରସାରଣ ପରେ କର୍ତ୍ତୃପକ୍ଷଙ୍କ କୁମ୍ଭକର୍ଣ୍ଣ ନିଦ୍ରା ନଭାଙ୍ଗିବା ପ୍ରଶାସନର ସ୍ଥାଣୁତାକୁ ପ୍ରମାଣିତ କରୁଛି। ତୁରନ୍ତ ଏହାର ସମାଧାନ କରା ନଗଲେ, ବେପାରୀମାନେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

● ଯୁବତୀଙ୍କୁ ଦୁଷ୍କର୍ମ ଓ ଧମକ ମାମଲା

ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୨୪।୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର କୋର୍ଟ ତଥା ଆଡ଼ହକ ଅତିରିକ୍ତ ଜିଲ୍ଲା ଓ ଦୌରାକୋର୍ଟ ଜନୈକ ଯୁବତୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଧମକ ଦେବା ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୨ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ଜଜ୍ ନିଜ ରାୟରେ ଅଭିଯୁକ୍ତ ବି.ସିଙ୍ଗପୁର ଥାନା ଟେଙ୍କର ଗ୍ରାମର ଅଭିଯୁକ୍ତ ଜଗତ ହରିଜନ (୨୪)ଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ନାମରେ ଦୁଷ୍କର୍ମ, ଜୀବନରେ ମାରିବାକୁ ଧମକଚମକ ସମେତ ୩ ଟି ଦଫାରେ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଟଙ୍କା ଅନାଦେୟ ସ୍ଥଳେ ଅଧିକ ୮ ମାସ କାରାଦଣ୍ଡରେ ଦଣ୍ଡିତ ହେବେ ବୋଲି ସେ ରାୟରେ ପ୍ରକାଶ କରିଛନ୍ତି। ମାମଲା ଅନୁଯାୟୀ, ଗତ ୨୦୧୯ ମସିହାରେ ନଭେମ୍ବର ୧୯ ତାରିଖ ପୂର୍ବାହ୍ନ ୯ଟା ସମୟରେ ଉକ୍ତ ଗ୍ରାମର ଜନୈକା ଯୁବତୀ ନିଜର ଚାଷଜମିକୁ ଯାଉଥିବା ବେଳେ ଅଭିଯୁକ୍ତ ତାଙ୍କୁ ପଛପଟରୁ ଆସି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାକୁ ବିରୋଧ କରିବାରୁ ଯୁବତୀଙ୍କୁ ଜୋରଜବରଦସ୍ତ ନିକଟସ୍ଥ ଏକ କାଜୁ ବଗିଚାକୁ ନେଇ ଦୁଷ୍କର୍ମ କରିଥିଲା। ଘଟଣା ସମ୍ପର୍କରେ ବାହାରେ ପ୍ରକାଶ କରିଲେ ଜୀବନରେ ମାରିଦେବା ନେଇ ଧମକଚମକ ଦେଇଥିଲେ। ଏନେଇ ଯୁବତୀ ଏବଂ ତାଙ୍କ ପରିବାର ସ୍ଥାନୀୟ ବି.ସିଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ ମାମଲା (୯୫/୧୯) ରୁଜୁ କରିଥିଲା। ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲା ବୋଲି ସରକାର ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ସୁରେଶ କୁମାର ହଡପ ପ୍ରକାଶ କରିଛନ୍ତି।

କବିସୂର୍ଯ୍ୟଙ୍କ ଜୟନ୍ତୀ ମହୋତ୍ସବ

ସାହିତ୍ୟ କୃତୀକୁ ୟୁନେସ୍କୋରେ ସ୍ଥାନିତ ଦାବି



ଦିଗପହଣ୍ଡି,୨୪।୧(ସମିସ): ଦିଗପହଣ୍ଡି ସ୍ଥିତ କବିସୂର୍ଯ୍ୟ ସ୍ମୃତି ପରିଷଦ ପକ୍ଷରୁ ସ୍ଥାନୀୟ ବଜାର ଗାନ୍ଧୀ ଛକ ଠାରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ତଥା ଆଇନଜୀବୀ ଅଶେଷ ନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଇନଜୀବୀ ହରପ୍ରସାଦ ରଥ ସଂଯୋଜନା କରିଥିଲେ। ଐତିହାସିକ ତଥା ଗବେଷକ ଡ଼ଃ. ଅନନ୍ତରାମ କର, ସୁସାହିତ୍ୟିକ ଡ଼ଃ. ସୁରେନ୍ଦ୍ର ନାଥ ପାଣିଗ୍ରାହୀ, ଅବସରପ୍ରାପ୍ତ ଆଇଏଏସ୍ ଡ଼ଃ. ବାଳକୃଷ୍ଣ ପଣ୍ଡା, ଗୋପାଳପୁର ମହାବିଦ୍ୟାଳୟର ଅଧ୍ୟାପକ ଡ଼ଃ. ରାଜେନ୍ଦ୍ର କୁମାର ମହାପାତ୍ର, ଚିକିଟି ମହାବିଦ୍ୟାଳୟର ଅଧ୍ୟାପକ ଡ଼ଃ. ସଞ୍ଜୟ କୁମାର ପଣ୍ଡା, ବଡଖେମୁଣ୍ଡି ରାଜପୁତ୍ର ସିଦ୍ଧାନ୍ତ ଗଙ୍ଗଦେବ, ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ବିଶିଷ୍ଟ ଲୋକକଳା ବିଶେଷଜ୍ଞ ସନ୍ତୋଷ କୁମାର ପାଢ଼ୀ, ଚିତ୍ରଶିଳ୍ପୀ ଅମର ନାୟକ, ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦର ମୁଖ୍ୟ ପରିଚାଳକ ଆଲୋକ ବିଷୋୟୀ, ଶିକ୍ଷାବିତ୍ ବିଜୟ ପଣ୍ଡା, ଉପାଧ୍ୟକ୍ଷା ପ୍ରତିନିଧି କେ. କୁନା, କାଉନସିଲର ଦୀପକ ମିଶ୍ର, ନୀଳମାଧବ ଗୌଡ଼, ସୁଶାନ୍ତ କୁମାର ପାତ୍ର, ସରପଞ୍ଚ ମନୋରଞ୍ଜନ ଗୌଡ଼, ପୂର୍ବତନ ସରପଞ୍ଚ ବିଦ୍ୟାଧର ମହାପାତ୍ର, କବି ବୃନ୍ଦାବନ ପଣ୍ଡା, ପରିଷଦର କାର୍ଯ୍ୟକର୍ତ୍ତା ରାଧାକାନ୍ତ ମହାଙ୍କୁଡ, ଚିତ୍ରସେନ ଗୌଡ଼, ସନ୍ତୋଷ କୁମାର ସେଠୀ, ସନ୍ତୋଷ କୁମାର ପାତ୍ର, ଉଜ୍ଜଳ ମହାନ୍ତି, କେ. ସଞ୍ଜୀବ କୁମାର ରେଡ୍ଡୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। ତତ୍କାଳୀନ ବଡଖେମୁଣ୍ଡି ରାଜ୍ୟର ବିଜୟନଗର ଗଡରେ ଜନ୍ମିତ କବିସୂର୍ଯ୍ୟ ବଳଦେବଙ୍କ ଜୀବନୀ, ରଚନାବଳୀ ସାହିତ୍ୟକୃତିକୁ ୟୁନେସ୍କୋରେ ସ୍ଥାନିତ ପାଇଁ ସଭାରେ ମତପ୍ରକାଶ ପାଇଥିଲା। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀ ଛାତ୍ର ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସ୍ମୃତି ପରିଷଦ ସମ୍ପାଦକ ଆଇନଜୀବୀ କୁରେଶୁ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସାମ୍ବାଦିକ ଗୋପାଳକୃଷ୍ଣ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋକ ବିଷୋୟୀ, ନାନ୍ୟଶ୍ରୀ ପ୍ରଦୀପ କୁମାର ରଥ ଏବଂ ନୃତ୍ୟ ପ୍ରଶିକ୍ଷକ ସୁନିଳ ସେଠୀଙ୍କ ସଂଯୋଜନାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରାଚୀନ ବନବାଦ୍ୟ ଢୁମ୍ପା, ଓଡ଼ିଶୀ ନୃତ୍ୟ ଏବଂ ଶିଶୁ କଳାକାରଙ୍କ ଦ୍ୱାରା ପରିବେଷିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦର୍ଶକ ବିଭୋର ହୋଇଥିଲେ। ଆଦିକନ୍ଦ ସାହୁ, ତାରାପ୍ରସାଦ ପଟ୍ଟନାୟକ, ରମେଶ ଚନ୍ଦ୍ର ଜେନା, ନିରୁପମା ପଟ୍ଟନାୟକ, ଶ୍ୟାମ ସୁନ୍ଦର ଦୋରା, ବିଜୟ କୁମାର ପ୍ରଧାନ, କାଳୁଚରଣ ପାଣିଗ୍ରାହୀ, ଆଇନଜୀବୀ ପରେଶ ଚନ୍ଦ୍ର ରଥ, ମନୋରଞ୍ଜନ ପଣ୍ଡା, ସୀମାଞ୍ଚଳ କର, ବିନାୟକ ଦାସ, ସୀମାଞ୍ଚଳ ପଣ୍ଡା, ସନ୍ତୋଷ କୁମାର ସାହୁ, ଗୁଣ୍ଡିଚା ପାଇକଙ୍କ ସମେତ ଆଖପାଖ ଅଞ୍ଚଳର ସହସ୍ରାଧିକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

କୁକୁଡାଗାଲିରେ ଚଢ଼ଉ; ୫ ଗିରଫ

ଡାବୁଗାଁ, ୨୪।୧(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଧୀନ ଜଟାବାଲ ଗ୍ରାମ ନିକଟରେ କୁକୁଡାଗାଲି ଖେଳ ଉପରେ ଶୁକ୍ରବାର ସନ୍ଧ୍ୟାରେ ଚଢଉ କରି ଡାବୁଗାଁ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ଡାବୁଗାଁ ଥାନା ଅଧୀନ ଜଟାବାଲ ଗ୍ରାମ ନିକଟରେ ଥିବା ବାଉଁଶବାଡିଠାରେ କୁକୁଡାଗାଲି ଖେଳ ଚାଲିଥିବା ଡାବୁଗାଁ ପୁଲିସ ଖବରପାଇ ଚଢ଼ଉ କରିଥିଲା। ଚଢ଼ଉ ବେଳେ ୫ ଜଣ ପୁଲିସ ହାତରେ ଧରା ପଡ଼ିଥିଲେ। ସେମାନଙ୍କ ନିକଟରୁ କୁକୁଡା ଗାଲି ଖେଳରେ ବ୍ୟବହୃତ ସାମଗ୍ରୀ ୨ ଟି ଛୁରୀ, ୧ ଟି ମୃତ କୁକୁଡା ଓ ୫୨୦୦ ଟଙ୍କା ଜବତ କରାଯାଇଛି। ଗିରଫ ୫ ଅଭିଯୁକ୍ତ ହେଲେ ଜଟାବାଲ ଗ୍ରାମର ଆଦିବାସୀଗୁଡାର ବିଦ୍ୟା ହରିଜନ (୬୦), କମ୍ପୁଳୁ ହରିଜନ (୪୮), ସୁରେନ୍ଦ୍ର ହରିଜନ (୫୦), ଗାବ୍ରିଏଲ ହରିଜନ (୩୭) ଓ ଜଗଦୀଶ ହରିଜନ (୪୫)। ସମସ୍ତ ଅଭିଯୁକ୍ତଙ୍କୁ ଥାନାରେ ନୋଟିସ ଦେଇ ଛାଡି ଦିଆଯାଇଛି। ଉକ୍ତ ଚଢ଼ଉରେ ଥାନା ସବ୍‌ଇନିସ୍ପେକ୍ଟରର ବିକ୍ରମ କିଶୋର ସାହୁ, ପ୍ରବେଶନ ସବଇନିସ୍ପେକ୍ଟର ଦଣ୍ଡ ଚରଣ ସେଠୀ, ଏଏସଆଇ ଚନ୍ଦ୍ରଶେଖର ହଜାରୀ ଓ ପୁଲିସ କର୍ମଚାରୀମାନେ ସାମିଲ ଥିଲେ। ଏନେଇ ଥାନାରେ ଏକ ମାମଲା (୨୩/୨୬) ରୁଜୁ କରାଯାଇଛି।

ପୁଲିସକୁ ଲୁଟେରାଙ୍କ ଚାଲେଞ୍ଜ

୩ ଦିନରେ ସହରରେ ୨ ଲୁଟ୍

ଜୟପୁର, ୨୪।୧(ସମିସ): ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ଗତ ୨ ମାସରେ ସହରରେ ଗୋଟିଏ ମଧ ଲୁଟ ହୋଇ ନ ଥିବା ନେଇ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେବାର ମାତ୍ର ୨ ରୁ ୩ ଦିନ ମଧ୍ୟରେ ଲୁଟେରାମାନେ ପୁଲିସକୁ ଚ୍ୟାଲେଞ୍ଜ କରି ଦୁଇଟି ଲୁଟ କରିଛନ୍ତି। ଗୋଟିଏରେ ଲୁଟେରାମାନେ ସଫଳତା ପାଇଥିବା ବେଳେ ଅନ୍ୟ ଘଟଣାରେ କେବଳ ଲୁଟ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି। ଶୁକ୍ରବାର ସ୍ଥାନୀୟ ଶ୍ରୀରାମନଗର ନିକଟରେ ଫ୍ଲିପକାର୍ଟର ଡେଲିଭରି ବୟଙ୍କୁ ରାସ୍ତାରେ ଅଟକାଇ କିଛି ଦୁର୍ବୃତ୍ତ ୧୫ ଶହ ଟଙ୍କା ଲୁଟି ନେଇଥିବା ବେଳେ ଶନିବାର ଜୟନଗରଠାରେ ଜଣେ ବ୍ୟକ୍ତିଙ୍କଠାରୁ ଲୁଟ୍ ଉଦ୍ୟମ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଆଜି ଜୟନଗର ଠାରୁ ମତ୍ସ୍ୟ ବିଭାଗର ପାର୍ଶ୍ୱରେ ବାଇପାସ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାରେ ଅପରାହ୍ନ ସାଢେ ୨ଟା ସମୟରେ ବାବୁଲା ସାହୁ ନାମକ ଜଣେ ବ୍ୟକ୍ତି ଜୟନଗରଠାରୁ ଜୟପୁର ସହରକୁ ଆସୁଥିବା ସମୟର କିଛି ଦୁର୍ବୃତ୍ତ ତାଙ୍କ ବାଇକକୁ ଅଟକାଇ ଫୋନ ମାଗିଥିଲେ। ବାବୁଲା ମନା କରିବାରୁ ସେମାନେ ଛୁରା ଦେଖାଇ ଧମକ ଚମକ ଦେଇ ଫୋନ ଦେବାକୁ ଜୋର ଜବରଦସ୍ତ କରିଥିଲେ। ଉକ୍ତ ସମୟରେ ଉକ୍ତ ରାସ୍ତା ଶିକ୍ଷୟିତ୍ରୀ ସୌଦାମିନୀ ତ୍ରିପାଠୀ ଓ ତାଙ୍କ ପୁଅକୁ ସ୍କୁଲରୁ ଘରକୁ ଫେରୁଥିବା ସମୟରେ ହଠାତ ଗହଳି ଦେଖି ଗାଡି ଅଟକାଇ ଘଟଣା ସମ୍ପର୍କରେ ପଚାରିଥିଲେ। ଦୁର୍ବୃତ୍ତମାନେ ଶିକ୍ଷୟିତ୍ରୀ ଓ ତାଙ୍କ ପୁଅକୁ ପାଲଟା ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେବା ସମୟରେ ସେହି ବାଟଦେଇ ଅନେକ ଗାଡି ଯାତାୟତ ସହ ଗହଳି ହେବାରୁ ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ କହିଛନ୍ତି, ଏନେଇ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇ ଦୁର୍ବୃତମାନଙ୍କୁ ଚିହ୍ନଟ କରାଯାଇଛି। ଅତିଶିଘ୍ର ସେମାନଙ୍କୁ ଗିରଫ କରାଯିବ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ଜୀବନରେ ହାରିବାକୁ ଡରନାହିଁ: ସାଂସଦ



ରଙ୍ଗେଇଲୁଣ୍ଡା,୨୪।୧(ସମିସ): କନିଷି ହାଟ ପିଏମ୍‌ଶ୍ରୀ ବାଲାଜୀ ବିଦ୍ୟାପୀଠ ଖେଳ ପଡିଆରେ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଆସିକା ସାଂସଦ ଅନିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ମୁଖ୍ୟବକ୍ତା ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ସୁନୀଲ କେରକେଟା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ଼ ପ୍ରଭାତୀ ମହାପାତ୍ର, ଏସ୍. ଧନଞ୍ଜୟ ମଞ୍ଚାସୀନ ଥିଲେ। ଶିକ୍ଷକ ଚିନ୍ମୟ ପଲେଇ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ। ଜିଲ୍ଲାରେ ୩୯ଟି ପିଏମ ଶ୍ରୀ ବିଦ୍ୟାଳୟର ୨୨ ହଜାର ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ଜିଲ୍ଲା ଶିକ୍ଷାଧିକାରୀ କହିଥିଲେ। ସବୁବେଳେ ସତ୍ୟ ଓ ଧର୍ମ ପଥରେ ରହିବ, ହାରିବାକୁ ଜୀବନରେ କେବେ ଡରିବ ନାହିଁ, ସବୁ କ୍ଷେତ୍ରରେ କିଛି ଶିଖିବାକୁ ଚେଷ୍ଟା କର ବୋଲି ସାଂସଦ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଉତ୍ସବରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଛାୟା ସଂସଦ, କ୍ରୀଡ଼ାଙ୍ଗନ, କୌଶଳୀ, ସାହିତ୍ୟ ସୃଜନୀ, ଜିଜ୍ଞାସା, ଦୋକାନ ମେଳା ଭଳି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା। ଏହି ଅବସରରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମ ଚନ୍ଦ୍ର ମହାରଣା, ଜିଲ୍ଲା କ୍ରୀଡା ଅଧିକାରୀ ଭାଗିରଥି ସ୍ୱାଇଁ ଉପସ୍ଥିତ ଥିଲେ।

ମନୁସେନା ପକ୍ଷରୁ ରକ୍ତଦାନ ଶିବିର



୩୩ ୟୁନିଟ ସଂଗୃହୀତ

ରଙ୍ଗେଇଲୁଣ୍ଡା,୨୪।୧(ସମିସ): ଚିକିଟି ବ୍ଲକ ଅଧୀନ ଗୋବିନ୍ଦନଗର ସ୍ଥିତ ହନୁମାନ ମନ୍ଦିର ପରିସରରେ ଆଜି ସ୍ୱେଚ୍ଛାସେବୀ ଏମ୍. ସୁରଜ ଏବଂ ପତ୍ନୀ ଏମ୍. ଶୁଭଶ୍ରୀ ପାତ୍ରଙ୍କ ପ୍ରଥମ ବିବାହ ବାର୍ଷିକ ପୂର୍ତ୍ତି ଅବସରରେ ମନୁସେନା ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଉପସଭାପତି ତଥା ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି ମିନା ଦ୍ୟାନ ସାମନ୍ତରାୟ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଶିବିରରେ ୩୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ବେଳେ ଗୋବିନ୍ଦନଗର ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ସମିତିସଭ୍ୟ ମୋହନ ସାହୁ, ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ସେଠୀ, ସମାଜସେବୀ ଏମ. ମୋହନ, ମନୁସେନାର ଶିବାଜୀ ସାହୁ, ସରୋଜ ସାହୁ, କାଳିଆ ଦାସ, ବାଙ୍କନିଧି ଦାସ, ମନୋରଞ୍ଜନ ସାହୁ, ସରୋଜ ସାହୁ, କୁଶ ସାହୁ, କ୍ରିଷ୍ଣା ପାତ୍ର ପ୍ରମୁଖ ଉପସ୍ଥିତ ଥିବାବେଳେ ବ୍ରହ୍ମପୁର ବଡ଼ଡାକ୍ତରଖାନା ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।

ନୂତନ ଇନ୍ସପେକ୍ଟରଙ୍କ ପାଇଁ ଚାଲେଞ୍ଜ ହେବ ଅପରାଧ ନିୟନ୍ତ୍ରଣ

ପୁରୁଣା ଅପରାଧୀଙ୍କ ତାଲିକା ଯାଞ୍ଚ କରୁଛନ୍ତି ନୂଆଁ ଥାନା ଅଧିକାରୀ

ବ୍ରହ୍ମପୁର,୨୪।୧(ସମିସ):

ବର୍ଷ ଆରମ୍ଭରୁ ଗଞ୍ଜାମ ଜିଲ୍ଲାରେ ବହୁ ଅପରାଧିକ ଘଟଣା ଦେଖିବାକୁ ମିଳିଛି। ପୂର୍ବରୁ ପୁଲିସ ଲଗାତାର ଅପରାଧୀଙ୍କୁ ଏନକାଉଣ୍ଟର କରିବା ଫଳରେ ଅପରାଧ ପୃଷ୍ଠଭୂମି ଥିବା ବ୍ୟକ୍ତିବିଶେଷ ଜିଲ୍ଲା ଛାଡ଼ି ଛତ୍ରଭଙ୍ଗ ହେଉଥିଲେ। ହେଲେ ଗତ କିଛିବର୍ଷ ହେଲା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପୁଣି ଅପରାଧୀ ଗୋଷ୍ଠୀ ସକ୍ରିୟ ହୋଇ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ପୁଲିସକୁ ଖୋଲା ଚାଲେଞ୍ଜ ଦେଉଛନ୍ତି। ପୁଲିସ ବିଭାଗରେ ଥିବା କର୍ମଚାରୀ ଓ ଅଫିସର ଅଭାବର ସୁଯୋଗ ନେଇ ଅପରାଧୀ ଗୋଷ୍ଠୀ ଜିଲ୍ଲାରେ ପୁଣି ସକ୍ରିୟ ହୋଇ ଉଠିଥିବା ଜଳଜଳ ଦେଖାଯାଉଛି।

ଜିଲ୍ଲାରେ ଗତ ଦୁଇବର୍ଷ ମଧ୍ୟରେ ଅପରାଧିକ କାର୍ଯ୍ୟକଳାପର ରେକର୍ଡ ଦେଖିଲେ ହତ୍ୟାକାଣ୍ଡ ଘଟି ବହୁ ଜଣଙ୍କର ଜୀବନ ଯାଇଛି। ସେପଟେ ଗତବର୍ଷ ଅପରାଧୀଙ୍କୁ ସାବାଡ଼ କରିବା ପାଇଁ ବ୍ରହ୍ମପୁର ପୁଲିସ ଅନେକ ରଣନୀତି ଏବଂ ଯୋଜନା ଆପଣାଇଥିଲା। କିଛି ମାତ୍ରାରେ ପୁଲିସ ଅପରାଧୀଙ୍କୁ ସାବାଡ଼ କରିବାରେ ସଫଳ ହୋଇଥିଲେ ମଧ ଅଧିକାଂଶ ହତ୍ୟା, ଲୁଟ, ଚୋରି, ଏବଂ ଠକେଇ ମାମଲାରେ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ଏପଟେ ଏବେ ବ୍ରହ୍ମପୁର ପୁଲିସ ଜିଲ୍ଲାର ଦୀର୍ଘବର୍ଷ ଧରି ଥାନା ଦାୟିତ୍ୱ ଓ ଥାନାରେ କର୍ଯ୍ୟରତ ଅଫିସରଙ୍କ ଅନ୍ୟ ଜିଲ୍ଲାକୁ ବଦଳି ହୋଇଛି। କିଛି ଜଣ ବ୍ରହ୍ମପୁର ଓ ଗଞ୍ଜାମ ଜିଲ୍ଲାରେ ରହିଥିବା ବେଳେ ଆଉ କିଛି ଅନ୍ୟ ଜିଲ୍ଲାକୁ ବଦଳି ହୋଇଛନ୍ତି। ନିକଟରେ ବୈଦ୍ୟନାଥପୁର ଥାନା ଅଧିକାରୀ ସୁଚିତ୍ରା ପରିଡା, ବଡବଜାର ଥାନା ଅଧିକାରୀ ଥିବା ବାବାଶଙ୍କର ସରାଫ ଓ ମହିଳା ଥାନା ଅଧିକାରୀ ଥିବା ଅହଲ୍ୟା ମହାରଣାଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି ହୋଇଛି। ଏସଆଇ ସ୍ତରରେ ବଦଳି ହେବା ଫଳରେ ଦୀର୍ଘ ବର୍ଷ ସହ ବ୍ରହ୍ମପୁର ସହରର ଅପରାଧିକ ନିୟନ୍ତ୍ରଣ କରିବାରେ ଜଡ଼ିତ ହେବା ଅଫିସରଙ୍କ ବଦଳି ହୋଇଛି। ସେପଟେ ୫ ଇନ୍ସପେକ୍ଟର ବ୍ରହ୍ମପୁର ପୁଲିସ ଜିଲ୍ଲାକୁ ନୂତନ ଭାବେ ଆସିଛନ୍ତି। ବର୍ତ୍ତମାନ ସେମାନେ ବ୍ରହ୍ମପୁର ସହର ପାଇଁ ନୂଆଁ। ତେଣୁ ଅପରାଧୀ ଓ ଅପରାଧକୁ ଦମନ କରିବା ଚାଲେଞ୍ଜ ସଦୃଶ। ବୈଦ୍ୟନାଥପୁର ଥାନାର ନୂତନ ଅଧିକାରୀଭାବେ ସୁବ୍ରତ କୁମାର ବେହୁରାଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ବଡ଼ବଜାର ଥାନା ଅଧିକାରୀ ଭାବେ ଆଶିଷ କୁମାର ସ୍ୱାଇଁଙ୍କୁ ଦାୟିତ୍ୱ ମିଳିଛି। ସେହିପରି ପ୍ରତାପ କୁମାର ଦାଶଙ୍କୁ ଗୋଷାଣୀନୂଆଗାଁ ଥାନା ଅଧିକାରୀ ଭାବେ ନିଯୁକ୍ତି କରାଯାଇଥିବା ବେଳେ ସୁଜତା କଅଁରଙ୍କୁ ମହିଳା ଥାନା ଅଧିକାରୀ ଭାବେ ନିଯୁକ୍ତି ମିଳିଛି। ଇନ୍ସପେକ୍ଟର ସୌମ୍ୟରଞ୍ଜନ ଜାଲି ଓ ଗାୟତ୍ରୀ ଗନ୍ତାୟତଙ୍କୁ ସାଇବର ଥାନାରେ ନିଯୁକ୍ତି କରାଯାଇଛି। ନୂତନ ଭାବେ ଯୋଗ ଦେଉଥିବା ଇନ୍ସପେକ୍ଟରମାନେ ବର୍ତ୍ତମାନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ଥାନାର ପୁରୁଣା ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ନିଜ ଅଂଚଳରେ କେତୋଟି ସେନ୍‌ସିଟିଭ୍ ସାହି, ଛକ, କିମ୍ବା ସ୍ଥାନ ରହିଛି ପଚାରିଥିଲେ। ପୁରୁଣା ଅପରାଧୀ କିଏ ପୁଲିସ ତଦନ୍ତରେ କିମ୍ବା ପୁଲିସକୁ ହଇରାଣ କରୁଛି କି। ଥାନା ଅଞ୍ଚଳରେ କେତେ ଅପରାଧୀ ଅଛନ୍ତି। ତନ୍ମଧ୍ୟରୁ କେଉଁମାନେ ଦୁର୍ଦ୍ଦାନ୍ତ ଓ ଲୋକାଲ ଚୋର, ସେ ତାଲିକା ପ୍ରସ୍ତୁତ କରି ରଖିବାକୁ ନୂତନ ଥାନା ଅଧିକାରୀ କହିଛନ୍ତି। ଯଦି କୌଣସି ଅପରାଧୀ ପୁଲିସର କଥା ଶୁଣୁନି ତେବେ ତୁରନ୍ତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କୁହାଯାଇଛି। ସେପଟେ ପ୍ରତିଦିନ ସହରର କିଛି ଅପରାଧୀଙ୍କୁ ଥାନାକୁ ଡାକି ଅପରାଧିକ କାର୍ଯ୍ୟକଳାପରୁ ଦୂରେଇ ରହିବାକୁ କୁହାଯାଇଛି। ଯଦି କୌଣସି ଅପରାଧିକ ମାମଲାରେ ସମ୍ପୃକ୍ତ ରହିବା ଖବର ଆସେ ତେବେ ତାଙ୍କୁ ଗିରଫ କରାଯିବ ବୋଲି କୁହାଯାଇଛି। ଅପରପକ୍ଷେ ନୂଆ ଅଧିକାରୀଙ୍କୁ ବ୍ରହ୍ମପୁର ସହରରେ ଅପରାଧ ନିୟନ୍ତ୍ରଣ କରିବା ଚ୍ୟାଲେଞ୍ଜ ହେବ ବୋଲି ଆଲୋଚନା ହେଉଛି। ତେବେ ନୂତନ ଥାନା ଅଧିକାରୀମାନେ ଅପରାଧ ଦମନ ପାଇଁ କଣ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ହିଁ ଦେଖିବାକୁ ବାକି ରହିଲା।

କୁଲୁଣ୍ଡିରେ ଇନଡୋର ଷ୍ଟାଡିୟମ ଉଦ୍‌ଘାଟିତ

ଶାରୀରିକ, ମାନସିକ ବିକାଶ ପାଇଁ ଖେଳକୁଦ ଜରୁରୀ: ଧର୍ମେନ୍ଦ୍ର

ସମ୍ବଲପୁର,୨୪।୧(ସମିସ):



ସମ୍ବଲପୁର କୁଲୁଣ୍ଡିସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ (ଜିସିପିଇ) ପରିସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଅତ୍ୟାଧୁନିକ "ଇନଡୋର ଷ୍ଟାଡିୟମ' ଏବଂ "କର୍ମଚାରୀ ଆବାସ'ର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ପରେ ଶ୍ରୀ ପ୍ରଧାନ ନିଜେ ଇନଡୋର ହଲରେ ବ୍ୟାଡମିଣ୍ଟନ ଖେଳିବା ସହ କ୍ରୀଡ଼ା ପ୍ରଦର୍ଶନ କରି ଉପସ୍ଥିତ ଛାତ୍ରଛାତ୍ରୀ ଓ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ଏହା ସହ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଖେଳିବ ଭାରତ ତ ବଢ଼ିବ ଭାରତ ସଂକଳ୍ପ ଅନୁଯାୟୀ କେବଳ ପାଠ ପଢ଼ିଲେ ହେବ ନାହିଁ, ଶାରୀରିକ ଓ ମାନସିକ ବିକାଶ ପାଇଁ ଖେଳକୁଦ ମଧ୍ୟ ଅପରିହାର୍ଯ୍ୟ ବୋଲି ଶ୍ରୀ ପ୍ରଧାନ କହିଥିଲେ। ଲୋକାର୍ପିତ ଏହି ଇନଡୋର ଷ୍ଟାଡିୟମ ସ୍ଥାନୀୟ ଅଞ୍ଚଳର ପ୍ରତିଭାବାନ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହିତ କରିବ ଏବଂ ନୂତନ କର୍ମଚାରୀ ଆବାସ ଦ୍ୱାରା ଶିକ୍ଷାଦାନ କାର୍ଯ୍ୟ ଅଧିକ ସୁବ୍ୟବସ୍ଥିତ ହୋଇପାରିବ। ଏକ ସମୀକ୍ଷା ବୈଠକ ହୋଇଥିଲା ଯେଉଁଥିରେ କୁଲୁଣ୍ଡୀ କଲେଜ୍‌ର କିଭଳି ଭାବେ ଆହୁରି ଅଧିକ ବିକାଶ କରିହେବ, ସାମର୍ଥ୍ୟ ୫୦୦ ପର୍ଯ୍ୟନ୍ତବୃଦ୍ଧି କରାଯିବ, ଏଥିରେ ଟ୍ରେନିଂ ଟ୍ରେନର୍ସ ସହ କୋଚ ବିକାଶ ମୂଳକ କାର୍ଯ୍ୟକ୍ରମ କରାଯିବ, ଭିତ୍ତିଭୂମିର ମଧ୍ୟ ବିକାଶ କରାଯିବ, ଏହାକୁ ସ୍ପୋର୍ଟ୍ସ ଏବଂ ଏକାଡେମୀକର ଏକ ବଡ ହବ ଭାବେ ବିକାଶ କରାଯିବା ପାଇଁ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାୟକ, ରାଜସ୍ୱ ଉତ୍ତରାଞ୍ଚଳ ବିଭାଗୀୟ ଆୟୁକ୍ତ ସଚିନ ରାମଚନ୍ଦ୍ର ଜାଧବ, ଆଇଜି ଉତ୍ତରାଞ୍ଚଳ ହିଂମାଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୂ ପ୍ରମୁଖ ଉପସ୍ଥିତ ଥିଲେ।

ଜାତୀୟ ଶିଶୁ କନ୍ୟା ଦିବସ ପାଳିତ



ପାଇକମାଲ,୨୪।୧(ସମିସ): ମାଣ୍ଡୋସିଲ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋକୁଳାନନ୍ଦ ଡନସନା, ଅନିରୁଦ୍ଧ ପଣ୍ଡା ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପୋର୍ଟା ମିନତୀ ଟେଟେ ସଭାପତିତ୍ୱ କରିଥିଲେ। ନରହରି ସିଂ ସଭା ପରିଚାଳନା କରିଥିଲେ। ଶିକ୍ଷକ ନୀଳମଣି ବରିହା, ବିକ୍ରମ ସିଂ, ଶଙ୍କରଲାଲ ମହାନନ୍ଦ, ନରେଶ ଧାକଡ୍, କଲ୍ୟାଣୀ ଦନ୍ତା, ସଲୋନୀ ପ୍ରିୟଦର୍ଶିନୀ ସେଠ, ସଂଘମିତ୍ରା ବେହେରା, ପଦ୍ମଲୋଚନ ମାଝୀ, ଚିତ୍ତରଞ୍ଜନ ସାହା, ଅର୍ଜୁନ ଜେନା, ଅଭିଜିତ ରାଏ, ସଦାନନ୍ଦ ଭୋଇ, ସବିତା ସାହୁ, ନୀଳମଣି ପୁଟା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଏଥର ବରଗଡ଼ ମୁଖ୍ୟରାସ୍ତାରେ ସାଧାରଣତନ୍ତ୍ର ଦିବସ

ବରଗଡ଼,୨୪।୧(ସମିସ): ଦିନକ ପରେ ସାଧାରଣତନ୍ତ୍ର ଦିବସ ପାଳିତ ହେବ। ଚଳିତ ବର୍ଷ ପ୍ରଥମ କରି ଭିଏସ୍‌ଏସ ନଗର ଛକରୁ ଗାନ୍ଧୀ ଛକ ମୁଖ୍ୟ ରାସ୍ତା ଉପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲାଙ୍କ ସମେତ ବହୁ ବିଶିଷ୍ଟ ଅଧିକାରୀ ଏ ନେଇ ତଦାରଖ କରୁଛନ୍ତି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମଧ୍ୟ ଶନିବାର ସକାଳୁ ରାସ୍ତା ଉପରେ ପରେଡ ଅଭ୍ୟାସ କରୁଥିବା ଛାତ୍ରଛାତ୍ରୀଙ୍କ ପ୍ୟାରେଡ ଦେଖିଥିଲେ। ଏହି ଅବସରରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଞ୍ଜୟ ଶତପଥୀ, ସତ୍ୟନାରାୟଣ ପଣ୍ଡା, ଦେବୀ ପଟ୍ଟନାୟକ, ତୁଳସୀ ଚରଣ ଦାଶ, ସର୍ଦ୍ଦାର ପ୍ରିତମ ସିଂ, ସୁଜିତ ମହାପାତ୍ର, ଯଶୋବନ୍ତ କୁମ୍ଭାର, ସମର ଭଟ୍ଟାଚାର୍ଯ୍ୟ, ସାନୁ ବରିହା, ତୋଫାନ ପ୍ରଧାନ, ମହମ୍ମଦ ଅରସଦ ଖାଁ, ସୁଶାନ୍ତ ଦାଶ ଓ ଜୟ ପ୍ରକାଶ ପଣ୍ଡିତ ପ୍ରମୁଖ ଯୋଗ ଦେଇଥିଲେ।

ଗଙ୍ଗେଇ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଅମ୍ବାଭୋନା,୨୪।୧(ସମିସ): ଗଙ୍ଗେଇ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ପ୍ରମୋଦ କୁମାର ସାହୁ ସଭାପତିତ୍ୱ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମିଶ୍ରାଣୀ କୁମ୍ଭାର, ବରଗଡ଼ ପଞ୍ଚାୟତ କଲେଜ ଅଧ୍ୟାପକ କିଶୋର ନାୟକ, ସହ ଶିକ୍ଷା ଅଧିକାରୀ ଲାଲମୋହନ ସିଂହ, ନନ୍ଦିଘୋଷ ଭୁଏ, ଡକ୍ଟର ରାଜ କୁମାର ବଘେଲ, ଉଚ୍ଛବ ଭୁଏ, ଅଚ୍ୟୁତ ନାଏକ, ପୁନିରାମ ଗଣ୍ଡ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନିହାରିକା ଗହିର, ସୌମ୍ୟା ବଗର୍ତି, ପ୍ରିୟଙ୍କା ଗହିର, ପ୍ରକାଶ ସାଇଁ, ସୌରଭ ଗହିର, ଖୁସବୁ ଠେଠୁଆର ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଯାଇଥିଲା। ରୋହିତ ଭୁଏଙ୍କ ଲିଖିତ ଏବଂ ନିର୍ଦ୍ଦେଶିତ 'କେତେ ଦୁଃଖ ଦେବୁ ଦେରେ କାଳିଆ' ନାଟକରେ ପିଲାମାନେ ଅଭିନୟ କରିଥିଲେ। କାର୍ଯ୍ୟକ୍ରମରେ ରଶ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରୋହିତ ଦୁଆନ, ନିତ୍ୟାନନ୍ଦ ଦୁଆନ, ସୁସାଗର ଭୋଇ, ରାଜିବ ଭୁଏ, ରମେଶ ଦୁଆନ, ସ୍ୱାଧୀନ ଗହୀର, ବଜରଙ୍ଗ ଦୁଆନ, ତ୍ରିନାଥ ଗହିର, ଧନେଶ୍ୱର ଦୁଆନ ପ୍ରମୁଖ ସହଯୋଗ କରିଥିଲେ।

ରେଙ୍ଗାଲି ହାଇସ୍କୁଲର ବାର୍ଷିକ ଉତ୍ସବ

ଅତାବିରା,୨୪।୧(ସମିସ): ପାହାଡ଼ଶ୍ରୀଗିଡା ପଞ୍ଚାୟତ ରେଙ୍ଗାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମାଁ ବାଗଦେବୀଙ୍କ ପୂଜା, ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ଜୟନ୍ତୀ ସହିତ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ପଦ୍ମିନୀ ପ୍ରଭା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଞ୍ଚଳର ବରିଷ୍ଠ ଶିକ୍ଷକ ଭୋଲାନାଥ ବାରିକ, ସମ୍ମାନିତ ଅତିଥି ଭାବେ ପାହାଡ଼ଶ୍ରୀଗୀଡା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ ଭୋଇ ମଞ୍ଚାସୀନ ଥିଲେ। ଶିକ୍ଷକ ଭବାନୀ ଶଙ୍କର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଚଳିତ ବର୍ଷ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର ରୂପେ ରୀମା ସାହୁ ପୁରସ୍କୃତ ହୋଇଥିଲେ। ବିଭିନ୍ନ ବିଭାଗରେ ଅନିତା ମାଝି, ଡିକେଶ୍ୱର୍ ମଣ୍ଡଳ, ତନୁଶ୍ରୀ ଖଡିଆ, ଆକାଂକ୍ଷା ସାହୁ, ପରୀ ପ୍ରଧାନ ପ୍ରମୁଖ ପୁରସ୍କୃତ ହୋଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସଂଘମିତ୍ରା ବିଶ୍ୱାଳ ଧନ୍ୟବାଦଜ୍ଞାପନ କରିଥିଲେ।



ବଡ଼ରମା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜମନକିରା,୨୪।୧(ସମିସ): ବଡ଼ରମା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗଦୀଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଡି ଆଇ ବ୍ରଜକିଶୋର ରାଉତ,ମୁଖ୍ୟ ବକ୍ତା ଭାବରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ସଙ୍ଘର ପ୍ରବକ୍ତା ଡକ୍ଟର ରାଜେନ୍ଦ୍ର କୁମାର ଜଗତ,ସମ୍ମାନୀତ ଅତିଥି ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ସଙ୍ଘର ସଭାପତି ଡ. ବୀରେନ୍ଦ୍ର କୁମାର ପଟେଲ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନେତ୍ରା ନନ୍ଦ ସାର, ଅବସର ପ୍ରାପ୍ତ ବରିଷ୍ଠ ସହାୟକ ଆନନ୍ଦ ଚନ୍ଦ୍ର ପତି, ସ୍କୁଲ ପରିଚାଳନା କମିଟି ସଭାପତି ମନ୍ଦାକିନୀ ପ୍ରଧାନ , ସମିତି ସଭ୍ୟ ଅଶୋକ ବାଘ ପଞ୍ଚାୟତରାଜ ମନ୍ତ୍ରୀଙ୍କ ପ୍ରତିନିଧି ମନୋଜ କୁମାର ମାଝୀ, ପୂର୍ବତନ ଛାତ୍ର ତଥା ସମ୍ବଲପୁର ଆକାଶବାଣୀର ଆଲୋକ ପ୍ରଧାନ, ଭାରତୀୟ ଜନତା ପାର୍ଟି ପଞ୍ଚାୟତ ସଭାପତି ପ୍ରଶାନ୍ତ କୁମାର ସାହୁ , ସମାଜ ସେବୀ ପ୍ରସନ୍ନ ପଟେଲ। ବାର୍ଷିକ ବିବରଣୀ ପଠନ କରି ଥିଲେ ବିଦ୍ୟାଳୟର ସହକାରୀ ଶିକ୍ଷକ ଆକାଶ କୁମାର ପଟେଲ,ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ସହକାରୀ ଶିକ୍ଷୟିତ୍ରୀ ଶୁଭ୍ରମଲ୍ଲିକା ପଟେଲ, ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ସହକାରୀ ଶିକ୍ଷୟିତ୍ରୀ ବୀଣାପାଣି ବେରିହା। ସଭା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଶିକ୍ଷକଙ୍କ ସପକ୍ଷରେ ବାହାରିଲେ ଅଞ୍ଚଳବାସୀ



ବରଗଡ଼,୨୪।୧(ସମିସ): ପାଇକମାଲ ବ୍ଲକ୍ ଛେଟଗାଁ ଲୋକେ ହାଇସ୍କୁଲର ଖେଳ ଶିକ୍ଷକ ନାରାୟଣ ସାହୁଙ୍କ ସପକ୍ଷରେ ବହାରିଛନ୍ତି। ଶ୍ରୀ ସାହୁଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଭିତ୍ତିହିନ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟସଭ୍ୟା, ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ, ଅଭିଭାବକ ଓ ଅଞ୍ଚଳର ଭଦ୍ରବ୍ୟକ୍ତି ବରଗଡ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଦାୟିତ୍ୱରେ ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର ତଦନ୍ତ ପାଇଁ ଯାଇଥିଲେ। ଉପସ୍ଥିତ ଥିବା ସମସ୍ତେ ଶିକ୍ଷକ ଜଣକ ସଚ୍ଚୋଟ ଓ ଶୃଙ୍ଖଳିତ ବୋଲି କହିଥିଲେ। ଚକ୍ରାନ୍ତ କରି ତାଙ୍କୁ ଫସାଇବା ପାଇଁ ଯୋଜନା ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି।

ତାଳଶ୍ରୀଗିଡ଼ାରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

ବରଗଡ଼,୨୪। ୧(ସମିସ): ବରଗଡ଼ ମହିଳା ସମିତି ଏବଂ ସୁନୟନର ମିଳିତ ଆନୁକୂଲ୍ୟରେ ଏକ ନିଃଶୁଳ୍କ ମେଗା ଚକ୍ଷୁ



ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବ୍ଲକ ତାଳଶ୍ରୀଗିଡ଼ା ଗ୍ରାମରେ ଅନୁଷ୍ଠିତ ଏହି ଶିବିରରେ ୧୦୮ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୨୦ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଛି। ୮ ଜଣଙ୍କ ସୁନୟନ କେନ୍ଦ୍ରରେ ଅପରେସନ ମଧ୍ୟ ସମ୍ପନ୍ନ ହୋଇଛି। ଅବଶିଷ୍ଟଙ୍କ ଅପରେସନ ଗୋଟିଏ ସପ୍ତାହ ମଧ୍ୟରେ କରାଯିବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି। ଚକ୍ଷୁ ବିଶେଷଜ୍ଞ ଡା. ସୁବଳ କିଶୋର କର ଓ ଡା. ସୁଶୀଲ କର ଚକ୍ଷୁ ପରୀକ୍ଷା କରିଥିଲେ। ଡକ୍ଟର କମଳିନୀ ଶତପଥୀ, ବିଶ୍ୱରାଜନ ଷଡ଼ଙ୍ଗୀ, ବିଶୋକ ଦାଶ, ଦେବାଶିଷ ପାଣିଗ୍ରାହୀ ଓ ରିତିକ ପ୍ରଧାନଙ୍କ ସହାୟତାରେ ଔଷଧ ବଣ୍ଟନ କରାଯାଇଥିଲା। ବରଗଡ଼ ମହିଳା ସମିତିର ସଭାନେତ୍ରୀ ଅଞ୍ଜନା ଦାସ, ମମତା ମିଶ୍ର, ସୁନିତା କରଙ୍କ ନେତୃତ୍ୱରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ମନ୍ଦାକିନୀ ପତି, ରାଧାରାଣୀ ମିଶ୍ର, ହରଜିନ୍ଦର୍ କୌର, ଜୟଶ୍ରୀ ପଣ୍ଡା, ସଂଗୀତା ଗୁପ୍ତା, ଇନ୍ଦ୍ରାଣୀ ଶତପଥୀ, ସଲୋନି ଦାଶ, ପଦ୍ମିନୀ ସାହୁ, ଦିବ୍ୟକାନ୍ତି ଭୋଇ, ବାସନ୍ତୀ ଗଡତିଆ, ଭାଗ୍ୟଲକ୍ଷ୍ମୀ ଦୋରା, ଲକ୍ଷ୍ମୀ ଶତପଥୀ, ଶୈବଳିନି ପଣ୍ଡା, ତନିମା ଦାଶ, ସୁଷମା ପଣ୍ଡା, ସସ୍ମିତା ପଟ୍ଟନାୟକ, ବୀଣାପାଣି ଦାଶ, ସବିତା ଗୁରୁ, ପଦ୍ମିନୀ ପ୍ରଧାନ, ସୁମିତ୍ରା ଦାଶ, ଜୟଗିତା ପଣ୍ଡା, ସୁଜାତା ପ୍ରଧାନ, ଗୀତାଞ୍ଜଳି ପାଣିଗ୍ରାହୀ ପ୍ରମୁଖ ଶିବିର ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରୀନା ଦାସ, ମନ୍ଦାକିନୀ ପତି, ମମତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ବୈଦିକ ସ୍କୁଲର ସଫଳତା

ବରଗଡ଼,୨୪। ୧(ସମିସ): ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିଅମରେ ପ୍ରଥମ ରାଜ୍ୟ ସ୍ପ୍ରିଣ୍ଟ ସ୍କେଟିଂ ଚମ୍ପିୟାନସିପ -୨୦୨୬ ସ୍ପ୍ରିଣ୍ଟ ଟୁ ଗ୍ଲୋରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ ବୈଦିକ



ସ୍କୁଲର ୭ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ପଞ୍ଚମ ଶ୍ରେଣୀର ଅର୍ଣ୍ଣବ ପ୍ରଧାନ, ଷଷ୍ଠ ଶ୍ରେଣୀର ଜୟ ଆନନ୍ଦ କୁଅଁର ଓ ନବମ ଶ୍ରେଣୀର ଓଜସ ସହାୟତା ସ୍ୱର୍ଣ୍ଣ ପଦକ ଜିଣିଛନ୍ତି। ବୈଦିକ ଓଡ଼ିଆ ମାଧ୍ୟମ ସ୍କୁଲ ଅଷ୍ଟମ ଶ୍ରେଣୀର ମନୀଷ ପଟେଲ ରୌପ୍ୟ ପଦକ ପାଇଛନ୍ତି। ନବମ ଶ୍ରେଣୀର ଅର୍ମାନ ଭୋଇ ଓ ଆସମାନ ବନଛୋର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବୈଦିକ ଗ୍ରୁପର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ଓ ବରଗଡ଼ କ୍ୟାମ୍ପସର ଅଧ୍ୟକ୍ଷା ଗାର୍ଗୀ ଚଟର୍ଜୀ ଏମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଶ୍ରୀପଞ୍ଚମୀ ଲଗ୍ନରେ ମାଁ ତାରିଣୀ ମନ୍ଦିର ପ୍ରବେଶ

ବିଜେପୁର,୨୪।୧(ସମିସ): ବରଗଡ଼ ଜିଲ୍ଲା ବିଜେପୁରସ୍ଥିତ ଆନନ୍ଦନଗରରେ ପବିତ୍ର ଶ୍ରୀପଞ୍ଚମୀ ତିଥି ଅବସରରେ ନବନିର୍ମିତ ମାଁ ତାରିଣୀ ମନ୍ଦିରକୁ ମାଁ ତାରିଣୀଙ୍କ ସହ ପାଶ୍ୱର୍ ଦେବାଦେବୀ ଓ ବୀର ବଜରଙ୍ଗବଳୀଙ୍କ ବିଗ୍ରହ ଙ୍କ ମନ୍ଦିର ପ୍ରବେଶ କରାଯାଇଛି। ପଣ୍ଡିତଙ୍କ ଦ୍ୱାରା ନୀତିକାନ୍ତି ଓ ଶାସ୍ତ୍ରାନୁସାରେ ପୂଜାର୍ଚ୍ଚନା, ମନ୍ତ୍ରୋଚ୍ଚାରଣ ଓ ବିଧିବଦ୍ଧ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଶାସ୍ତ୍ର ନିର୍ଦ୍ଦେଶିତ ନିର୍ଦ୍ଧାରିତ ସମୟ ଅନୁଯାୟୀ ଦିବା ୪ଟା ୩୦ ମିନିଟ ସମୟରେ ମାଁ ତାରିଣୀ, ପାଶ୍ୱର୍ ଦେବାଦେବୀ ଓ ବୀର ବଜରଙ୍ଗବଳୀଙ୍କ ବିଗ୍ରହକୁ ଭବ୍ୟ ଶୋଭାଯାତ୍ରା ସହ ନବନିର୍ମିତ ମନ୍ଦିର ମଧ୍ୟକୁ ପ୍ରବେଶ କରାଯାଇଥିଲା। ଭକ୍ତମାନଙ୍କ ସୁବିଧା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସୁରକ୍ଷା, ପାନୀୟ ଜଳ ଓ ଶୃଙ୍ଖଳା ବ୍ୟବସ୍ଥାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସମଗ୍ର ପ୍ରତିଷ୍ଠା ଉତ୍ସବକୁ ସୁଚାରୁ ଓ ସଫଳ ଭାବେ ପରିଚାଳନା କରିବାରେ ମନ୍ଦିର କମିଟିର ସଭାପତି ଜଗଦୀଶ ମହାପାତ୍ର, ସମ୍ପାଦକ ହିମାଂଶୁ ଶେଖର ସାହୁ, କୋଷାଧ୍ୟକ୍ଷ ପ୍ରେମରାଜ ପଟେଲ ସହ ସମସ୍ତ ସଦସ୍ୟ। ଶେଷରେ ସମସ୍ତ ପଣ୍ଡିତଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ପୁଲିସ ଓ କମିଟିର ସଦସ୍ୟଗଣଙ୍କ ମିଳିତ ପ୍ରୟାସରେ ଶାନ୍ତି ଶୃଙ୍ଖଳା ସହକାରେ ପ୍ରତିଷ୍ଠା ମହୋତ୍ସବ ସମାପନ ହୋଇଛି।



୨୬ ୟୁନିଟ୍ ରକ୍ତ ସଂଗ୍ରହ



ବରଗଡ଼,୨୪। ୧(ସମିସ): ବରଗଡ଼ କାଳୀ ମନ୍ଦିର ଛକ ପାଖ ମିଟ୍ କମ୍ପ୍ୟୁଟର ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ପରମାନନ୍ଦ ରଥ, ମିଟ କମ୍ପ୍ୟୁଟରର ଚେୟାରମ୍ୟାନ ସରୋଜ ମାଝୀ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ୨୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସିଦ୍ଧାର୍ଥ ବାରିକ ପରିଚାଳନା କରିଥିଲେ। ନିଷ୍ଠା ପରିବାରର ଉପ ସଭାପତି ଆଶିଷ କର ବିବାହ ବାର୍ଷିକୀ ଅବସରରେ ରକ୍ତ ଦାନ କରିଥିଲେ।

ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର



ପଦ୍ମପୁର,୨୪।୧ (ସମିସ): ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ପକ୍ଷରୁ ପୋଷ୍ୟ ଗ୍ରାମ ଚାରପାଲିରେ ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଚାଲିଛି। କାର୍ଯ୍ୟକ୍ରମରେ ଡ. ସରୋଜ ନାଏକ, ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ, ପ୍ରଭାତ ମହାପାତ୍ର, ସଞ୍ଜୟ ଡିଗା, ଭୁବନେଶ୍ୱର ବରିହା, ଅଧ୍ୟାପକ ବାଳଗୋପାଳ ମେହେର, ଅଧ୍ୟାପକ ନବକୃଷ୍ଣ ମିଶ୍ର, ଅଧ୍ୟାପକ ସନ୍ତୋଷ ମିଶ୍ର, ବୁନି ସାହୁ ପ୍ରମୁଖ ଯୋଗ ଦେଇଥିଲେ। କିରଣ ବାଗ, ଆଦିତ୍ୟ ବନଛୋର, ରଞ୍ଜନ ପାଣ୍ଡେ, ତନ୍ମୟ ପ୍ରଧାନ, ଭାରତୀ ବେହେରା, ଇତିଶ୍ରୀ ସାହୁ, ଚତୁର୍ଭୁଜ ଦିଶ୍ରୀ ଓ ଗଙ୍ଗାକୁମାରୀ ଖୁଟୁଲା ପ୍ରମୁଖ ସହଯୋଗ କରିଥିଲେ। ସୁରେଶ୍ୱରୀ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

ଜଗଦଲପୁର ରେଞ୍ଜରେ କେନ୍ଦୁ ଗୋଛା କଟା

ପଦ୍ମପୁର,୨୪।୧(ସମିସ): ପଦ୍ମପୁର କେନ୍ଦୁପତ୍ର ଡିଭିଜନ ଅନ୍ତର୍ଗତ ଜଗଦଲପୁରରେଞ୍ଜ ଅଧିନସ୍ଥ ଲଖମରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସନ୍ନିକଟରେ ବିଭାଗୀୟ ହେଡଚେକରରଙ୍କମଣି ହୋତାଙ୍କ ପୌରୋହିତ୍ୟରେ ପବିତ୍ର ସରସ୍ୱତୀ ପୂଜା ଅବସରରେ କେନ୍ଦୁ ଗୋଛାକଟା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି।କାର୍ଯ୍ୟକ୍ରମ ଜଗଦଲପୁର ରେଞ୍ଜରରୁପେଶ ସାହୁଙ୍କ ନେତୃତ୍ୱରେ ସମ୍ପନ୍ନ ହୋଇଥିଲା।ଜଗଦଲପୁରରେଞ୍ଜର ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ସିଜନାଲ କର୍ମଚାରୀମାନେ ଉପସ୍ଥିତ ଥିଲେ।

ମାଣ୍ଡୋସିଲ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ଛିନ୍ଦେଇକେଲା ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ପାଇକମାଲ,୨୪।୧(ସମିସ):



ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶନିବାର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ସଭାପତି ଗୋକୁଳାନନ୍ଦ ଡନସନା ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ପାଦକ ମହେନ୍ଦ୍ର ଖୁଣ୍ଟିଆ, ଅଧ୍ୟକ୍ଷ ଗଙ୍ଗାଧର ରଣା, ଉପାଧ୍ୟକ୍ଷ ମଳୟ ହଂସ, ତପନ ବହିଦାର, ଅନିରୁଦ୍ଧ ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଉତ୍ତମ ରଣା, ମଦନ ଧରୁଆ ଓ ଥବିର ରଣା ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ଛିନ୍ଦେଇକେଲା ହାଇସ୍କୁଲରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କାହ୍ନୁଚରଣ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ପରିଚାଳନା କମିଟି ସଭାପତି ସୁରେଶ ସାହୁ ଓ ସମ୍ମାନିତ ଅତିଥି ଭାବେ ରତିକାନ୍ତ ସାହୁ, ଭାଗୀରଥି ଧରୁଆ, ଦିଲ୍ଲୀପ ସାହୁ, ମାଳତୀ କୁଅଁର, ପୁଷ୍ପଲତା ସାହୁ ଯୋଗ ଦେଇଥିଲେ। ଖେଳ ଶିକ୍ଷକ ହେମସାଗର ସାହୁ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ପ୍ରତିନିଧି ନନ୍ଦକିଶୋର ନନ୍ଦ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି ସନ୍ତୋଷ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ଫକୀର ମୋହନ ବାରିକ, ଅଶ୍ୱିନୀ ସାହୁ, ସୁରେନ୍ଦ୍ର ସାହୁ, ଜ୍ୟୋତିରଞ୍ଜନ ପ୍ରଧାନ ପରିଚାଳନା ସହଯୋଗ କରିଥିଲେ। ଶିକ୍ଷକ ଫକୀର ମୋହନ ବାରିକ ଧନ୍ୟବାଦ ଦେଇଥିଲେ।

ସମ୍ବଲପୁର ପୁସ୍ତକମେଳା ଉଦ୍‌ଘାଟିତ

ଭଲ ବହି ସାରା ଜୀବନକୁ ପ୍ରଭାବିତ କରେ: ଧର୍ମେନ୍ଦ୍ର

ସମ୍ବଲପୁର, ୨୪।୧ (ସମିସ)

ପୁସ୍ତକ ମେଳା ବିଚାର ଓ ଆଚାରର ଏକ ଉତ୍ସବ। ବହି ପଢ଼ିବା ଦ୍ୱାରା ଜ୍ଞାନର ଗଭୀରତା ବଢ଼େ ଏବଂ ଆଗକୁ ଯିବାର ପଥ ମିଳେ। ଆଜିକାଲିର ମୋବାଇଲ ଓ ୩୦ ସେକେଣ୍ଡର 'ରିଲ୍' ମସ୍ତିଷ୍କକୁ କିଛି ସମୟ ପାଇଁ ପ୍ରଭାବିତ କରିପାରେ, କିନ୍ତୁ ଗୋଟିଏ ଭଲ ବହି ସାରା ଜୀବନକୁ ପ୍ରଭାବିତ କରିଥାଏ। ଯିଏ ପଢ଼େ, ସେ କେବଳ ଟ୍ରେଣ୍ଡ ବନାଏ ନାହିଁ, ସେ ଇତିହାସ ବନାଏ। ପ୍ରତ୍ୟେକ ଥର ଗୋଟିଏ ବହି ଖୋଲିବା ଅର୍ଥ ଭାରତର ଭବିଷ୍ୟତ ଦୁଇ ପାଦ ଆଗକୁ ବଢ଼ିବା ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସଂସ୍କୃତି ଓ ସାହିତ୍ୟର ଅନନ୍ୟ ଭୂମି ତଥା ବୀର ଓ ସଂଗ୍ରାମୀଙ୍କ ପବିତ୍ର ମାଟି ସମ୍ବଲପୁରଠାରେ ଆଜି '୨୬ତମ ସମ୍ବଲପୁର ପୁସ୍ତକ ମେଳା'କୁ ଉଦ୍‌ଘାଟନ କରିଛନ୍ତି ଶ୍ରୀ ପ୍ରଧାନ। ଶ୍ରୀ ପ୍ରଧାନ ଏହି ମେଳାକୁ ଏକ ପୁସ୍ତକ ସମାହାର ଅପେକ୍ଷା ଜାତିର ପୂର୍ବଜ ଓ ମହାପୁରୁଷଙ୍କ ସ୍ମୃତି ଚାରଣର ଏକ 'ବୌଦ୍ଧିକ ମହାକୁମ୍ଭ' ଭାବେ ଅଭିହିତ କରିଛନ୍ତି।

ଶ୍ରୀ ପ୍ରଧାନ ସୂଚନା ଦେଇଥିଲେ ଯେ, ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳାରେ କାତାର ଓ ସ୍ପେନର ସଂସ୍କୃତି ମନ୍ତ୍ରୀଙ୍କ ଉପସ୍ଥିତିରେ "ଦି ସାଗା ଅଫ୍ କୁଦୋପାଲି: ଦ ଅନସଙ୍ଗ୍ ଷ୍ଟୋରି ଅଫ୍ ୧୮୫୭" ପୁସ୍ତକଟି ସ୍ପାନିସ ସମେତ ୧୦ଟି ଆଞ୍ଚଳିକ ଭାଷାରେ ଉନ୍ମୋଚିତ ହୋଇଛି। ବର୍ତ୍ତମାନ ଏହି ପୁସ୍ତକ ମୋଟ ୧୩ଟି ଭାଷାରେ ଉପଲବ୍ଧ। କୁଦୋପାଲିର



ଅଜଣା ନାୟକଙ୍କ ବଳିଦାନ ୧୮୫୭ ସିପାହୀ ବିଦ୍ରୋହର ଏକ ନୂତନ ପରିଚୟ ସୃଷ୍ଟି କରିବ ବୋଲି ଆଶା ପ୍ରକାଶ କରିଥିଲେ। ମେଳାର ଉଦ୍‌ଘାଟନୀ ସନ୍ଧ୍ୟାରେ ସମ୍ବଲପୁରର ଐତିହ୍ୟ, ପରମ୍ପରା ଓ ଅସ୍ମିତା ସହ ଜଡ଼ିତ ବିଭିନ୍ନ ପୁସ୍ତକ ଉନ୍ମୋଚିତ ହୋଇଛି। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ କାଳଜୟୀ କୃତି 'ଆନନ୍ଦ ମଠ'ର ଓଡ଼ିଆ ଅନୁବାଦ ଏବଂ ଶ୍ରୀ ଦୀପକ ପଣ୍ଡାଙ୍କ ଦ୍ୱାରା ସମ୍ବଲପୁରର ଅକୁହା ଇତିହାସକୁ ସଂକଳିତ କରୁଥିବା ପୁସ୍ତକକୁ ଉନ୍ମୋଚନ କରି ମନ୍ତ୍ରୀ ଆନନ୍ଦ ବ୍ୟକ୍ତ କରିଥିଲେ। ଏହା ସହ ଆସନ୍ତା ୧୫ ଫେବୃଆରୀରେ ଆୟୋଜିତ ହେବାକୁ ଥିବା 'ହୀରାକୁଦ ମାରାଥନ'ରେ ଅଂଶଗ୍ରହଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ଏନବିଟି ଅଧ୍ୟକ୍ଷ ପ୍ରଫେସର ମିଳିନ୍ଦ ସୁଧାକର ମରାଠେ, ଏନବିଟି ନିର୍ଦ୍ଦେଶକ କର୍ଣ୍ଣେଲ ଯୁବରାଜ ମଲ୍ଲିକ, 'ସେତୁ' ସଭାପତି ଡଃ ମୀନକେତନ ପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଆଜି ପ୍ରଥମ ସନ୍ଧ୍ୟାରେ ପ୍ରସିଦ୍ଧ ଗାୟକ ଉମାକାନ୍ତ ବାରିକଙ୍କ ଗୀତରେ ସମସ୍ତେ ଝୁମିଥିଲେ। ଆସନ୍ତା ୮ ଦିନ ଧରି ପୂର୍ବାହ୍ଣରେ ପିଲାମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ, ଅପରାହ୍ଣ ୪ଟାରୁ ସାରସ୍ୱତ ଆଲୋଚନା ଓ ଲେଖକଙ୍କ ସହ ସାକ୍ଷାତକାର ଏବଂ ସନ୍ଧ୍ୟାରେ ପ୍ରସିଦ୍ଧ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସୂଚନାଯୋଗ୍ୟ, ଆସନ୍ତା ୧ ଫେବୃଆରୀ ପର୍ଯ୍ୟନ୍ତ, ପ୍ରାୟ ୯ ଦିନ ଧରି ପିଏଚଡି ପଡ଼ିଆରେ ଏହି ପୁସ୍ତକ ମେଳା ଆୟୋଜନ ହେବ।

୭ଟି ପୁସ୍ତକ ଲୋକାର୍ପିତ

ଆଜିର ଉଦଘାଟନୀ ଦିବସରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଓ ଅନ୍ୟାନ୍ୟ ଅତିଥିଙ୍କ କରକମଳରେ ଶିଶିର ବେହେରାଙ୍କ ଦ୍ୱାରା ଅନୁଦିତ 'ଆନନ୍ଦ ମଠ'ର ଓଡ଼ିଆ ଭାଷାନ୍ତର ସହ ଦୀପକ ପଣ୍ଡାଙ୍କ ରଚିତ 'ଦ ଲ୍ୟାଣ୍ଡ ଅଫ୍ ଭାଲୋର: ହିଷ୍ଟ୍ରି ଅଫ୍ ସମ୍ବଲପୁର'ର ଇଂରାଜୀ ପୁସ୍ତକ, 'ବୀର ସୁରେନ୍ଦ୍ର ସାଏ', 'ମାଆ ସମଲେଶ୍ୱରୀ' ଏବଂ 'ସବ୍‌ମର୍ଜଡ୍ ଟେମ୍ପଲ୍ସ ଅଫ୍ ସମ୍ବଲପୁର' ଉନ୍ମୋଚନ ହୋଇଥିଲା। ଏଥିସହ ଗଣେଶରାମ ନାହାକଙ୍କ ସମ୍ପାଦିତ 'ସତ୍ୟ ନାରାୟଣ ବୋହିଦାର ଗ୍ରନ୍ଥାବଳୀ' ଏବଂ ନିରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ସମ୍ପାଦିତ 'ଘନଶ୍ୟାମ ରଥଙ୍କ ଗ୍ରନ୍ଥାବଳୀ' ଉନ୍ମୋଚିତ ହୋଇଛି।

ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲଙ୍କୁ ରାଜ୍ୟସଭା ସଦସ୍ୟ କରିବାକୁ ଦାବି

ସମ୍ବଲପୁର, ୨୪।୧(ସମିସ): ପଶ୍ଚିମ ଓଡ଼ିଶାର ବିଶିଷ୍ଟ ଲୋକ ଗାୟକ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲଙ୍କୁ ରାଜ୍ୟସଭା ସଦସ୍ୟ କରିବା ପାଇଁ ତିନି ପ୍ରମୁଖ ଦଳଙ୍କୁ ଅନୁରୋଧ କଲା ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପରିଷଦର ଅଧ୍ୟକ୍ଷ ନିହାଲ ସିଂ ବିଜେପି, ବିଜେଡି ଓ କଂଗ୍ରେସ ଆଗରେ ସର୍ବଦଳ ସହମତି କ୍ରମେ ରାଜ୍ୟସଭା ସଦସ୍ୟ କରାଯାଉ ବୋଲି ଦାବି କରିଛନ୍ତି। ଓଡ଼ିଶାରୁ ୪ ରାଜ୍ୟସଭା ସଦସ୍ୟଙ୍କ କାର୍ଯ୍ୟକାଳ ଏପ୍ରିଲ ମାସରେ ଶେଷ ହେଉଛି। ତେଣୁ ପଶ୍ଚିମ ଓଡ଼ିଶାର କଳା ସଂସ୍କୃତି ଓ ଭଲ ପାଉଥିବା କଳା ପ୍ରେମୀ ଓ ଦଳିତଙ୍କ ସମାଜକୁ ଉପଯୁକ୍ତ ସମ୍ମାନ ଦେବା ପରି ପଦ୍ମଶ୍ରୀଙ୍କୁ ରାଜ୍ୟସଭା ପଠାଇବାକୁ ସେ ଦାବି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ମହାସଚିବ ଡ. ସୁଶିଳ କୁମାର ବେହେରା, ଉପମହାସଚିବ ଭାଗିରଥି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



'ସଖୀ' ପକ୍ଷରୁ ଜାତୀୟ କନ୍ୟା ଦିବସ

ସମ୍ବଲପୁର, ୨୪।୧ (ସମିସ) : ୱାନ ଷ୍ଟପ୍ ସେଣ୍ଟର, ସଖୀ ତରଫରୁ ଭୂତାପଡ଼ାସ୍ଥିତ ଶ୍ରୀ ସତ୍ୟସାଇ ମନ୍ଦିର ପ୍ରାଙ୍ଗଣରେ ଜାତୀୟ କନ୍ୟା ଦିବସ ପାଳିତ ହୋଇଯାଇଛି। ସଖୀ କେନ୍ଦ୍ର ପ୍ରଶାସିକା ମୌସୁମୀ ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାଢ଼ୀ, କିଶୋର ନ୍ୟାୟ ବୋର୍ଡ ସଦସ୍ୟା ବାଣୀ ମହାପାତ୍ର, ଧନୁପାଲି ସବ୍‌ଇନ୍ସପେକ୍ଟର ଶୁଭସ୍ମିତା ରାୟ, ରେଡ୍‌କ୍ରସ୍ କ୍ଷେତ୍ର ଅଧିକାରୀ ପ୍ରମିଳା ବେହେରା, ସମ୍ବଲପୁର ସହରାଞ୍ଚଳ ଶିଶୁ ସଂଯୋଜକ ଲିସି ପଟେଲ ଏବଂ ଶ୍ରୀ ସତ୍ୟସାଇ ସେବା ସମିତିର ଜିଲ୍ଲା ସହାୟକ ଯୁବରାଜ ମୁନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ସହରାଞ୍ଚଳର ଅଙ୍ଗନୱାଡି କର୍ମୀ, ସହାୟକ ଏବଂ ବାଳିକାମାନେ ଯୋଗ ଦେଇଥିଲେ। ସମସ୍ତେ ସମାଜରେ କନ୍ୟା ଶିଶୁର ପ୍ରୟୋଜନତା ଏବଂ ସାମାଜିକ ମାନସିକତା ବିଷୟରେ ଆଲୋଚନା କରାଯାଇଥିଲା। କନ୍ୟା ସନ୍ତାନଙ୍କ ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସେମାନଙ୍କୁ ସମାଜରେ ସମାନ ଅଧିକାର ପ୍ରଦାନ କରିବା ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ବାଳିକାମାନେ ସମ୍ବଲପୁର ଜିଲ୍ଲାକୁ ବାଲ୍ୟବିବାହ ମୁକ୍ତ କରିବାକୁ ଶପଥ ପାଠ କରିଥିଲେ। ଶେଷରେ ଶ୍ରୀମତୀ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଖୀ କର୍ମକର୍ତ୍ତା ମିକି ବାରିକ, ଇତିଶ୍ରୀ ନାୟକ, ମିତାଲି ପଣ୍ଡା, ଭାରତୀ ବାଗ, ଲିଲିମା ମୁଣ୍ଡା, ପଦ୍ମିନୀ ମୁଣ୍ଡା, ମନୋଜ ଏକ୍କା ପ୍ରମୁଖ ସହଯୋଗ କରିଥିଲେ।



ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ କନ୍ୟା ଦିବସ



ସମ୍ବଲପୁର, ୨୪।୧ (ସମିସ): ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ, ଶାସନଠାରେ ଜାତୀୟ କନ୍ୟା ଦିବସ ଅବସରରେ ଆଜି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ତାରାବତୀ ବେହେରା ସଭାପତିତ୍ୱ କରିଥିବାବେଳେ ଚାଇଲଡ୍ ଲାଇନ୍‌ର ଜ୍ୟୋତି ଶତପଥୀ ମୁଖ୍ୟଅତିଥି ଏବଂ ସମଗ୍ର ଶିକ୍ଷା ଅଭିଯାନର ଜିଲ୍ଲା ଲିଙ୍ଗ ସଂଯୋଜକ ଅବିନାଶ ସାହୁ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଦିବସ ପାଳନର ପ୍ରାସଙ୍ଗିକତା ଏବଂ ବିଭିନ୍ନ ସମସ୍ୟା ଓ ତାର ସମାଧାନ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ରାଲି ସହ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ବିଦ୍ୟାଳୟ ପକ୍ଷରୁ ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ରୀ ଏବଂ ବିଶିଷ୍ଟ ପୁରାତନ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ରୀତାଞ୍ଜଳି ଶତପଥୀ, ଗାୟତ୍ରୀ କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏସ୍‌ଏମ୍‌ସି ସଭ୍ୟ, ଅଭିଭାବକ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

ଜିଏସ୍‌ଟି ବିଭାଗ ଧରିଲା ୨ କୋଟିର ଗୁଟ୍‌ଖା

ସମ୍ବଲପୁର, ୨୪।୧(ସମିସ): ସମ୍ବଲପୁରରେ ବଡ଼ ଧରଣର ଚଢ଼ଉ। ଶନିବାର ଜିଏସ୍‌ଟି ବିଭାଗ ଚଢ଼ାଉ କରି ପ୍ରାୟ ୨ କୋଟି ଟଙ୍କାର ଗୁଟ୍‌ଖା ଉତ୍ପାଦନରେ ବ୍ୟବହୃତ ସୁପାରୀ(ଗୁଆ) ଖଣ୍ଡ ଜବତ କରିଛି। ବରେଇପାଲି ଥାନା ଅନ୍ତର୍ଗତ ଏକ ପେଟ୍ରୋଲ ଟାଙ୍କିରେ ଗୁଟଖା ତିଆରିରେ ବ୍ୟବହୃତ ସୁପାରୀଗୁଣ୍ଡ ଅପମିଶ୍ରଣ ସମୟରେ ସମ୍ବଲପୁର ସିଟି ଜିଏସ୍‌ଟି ବିଭାଗ ଚଢ଼ାଉ କରିଥିଲା। ଏହି ସମୟରେ ଟ୍ରକ୍ ନଂ-ଓଡି୧୫ଡବ୍ଲ୍ୟୁ୧୯୯୪ ସହିତ ଏଥିରେ ବୋଝେଇ ହୋଇଥିବା ୩ଶହ ବସ୍ତା ସୁପାରୀ ଗୁଣ୍ଡକୁ ଜବତ କରିଥିବା ଖବର ମିଳିଛି। ଯାହାର ମୂଲ୍ୟ ପ୍ରାୟ ୨ କୋଟିରୁ ଅଧିକ ହେବ। ଛତିଶଗଡ଼ର ରାୟପୁରରୁ ସମ୍ବଲପୁରକୁ ଉକ୍ତ ଟ୍ରକ୍‌ରେ ଚାଲାଣ ହେଉଥିବା ବିଲରେ ସୁପାରୀଗୁଣ୍ଡର ମୂଲ୍ୟ ମାତ୍ର ୪୭ ହଜାର ଉଲ୍ଲେଖ ରହିଛି। ଫଳରେ ବିଲରେ ବ୍ୟାପକ ପରିମାଣର ଜିଏସ୍‌ଟି ଠକେଇ ହୋଇଥିବା ଜଣା ପଡ଼ିଛି। ବରେଇପାଲି ଅଞ୍ଚଳରେ ଏକ ପୁରୁଣା ପରିବହନ ସଂସ୍ଥା ପରିସରରେ ଜବତ ହୋଇଥିବା ସୁପାରୀଗୁଣ୍ଡ ବୋଝେଇ ଟ୍ରକକୁ ଲୁକ୍କାୟିତ ଅବସ୍ଥାରେ ରଖା ଯାଇଛି। ହେଲେ ଏ ବାବଦରେ କୌଣସି ଅଧିକାରୀଙ୍କ ପାଖରୁ ସୂଚନା ମିଳିପାରିନାହିଁ।

ଜୟନ୍ତପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସମ୍ବଲପୁର, ୨୪।୧ (ସମିସ): ଯୁଯୁମୁରା ବ୍ଲକ ଜୟନ୍ତପୁର ସ୍ଥିତ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ଜୟପୁରିଆ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟଅତିଥି କବରାପାଲି ଶିକ୍ଷୟିତ୍ରୀ ଶ୍ରୀରୂପା ନାୟକ, ସମାଜସେବୀ ଡାକ୍ତର ରାଜାରାମ ଷଡ଼ଙ୍ଗୀ, ବାହାମ ସିଆରସିସି ଶ୍ୟାମ ବାଗ, କବରାପାଲି ସିଆରସିସି ବାବୁଲା ବାଗ, ସ୍କୁଲ କମିଟି ସଭାପତି ଧରଣୀ ଷଣ୍ଢ, ସନାତନପାଲି ସେବାଶ୍ରମର ଅଶୋକ କୁମାର ଶତପଥୀ ଓ ଭୋଇପାଲି ସେବାଶ୍ରମର ନବୀନଚନ୍ଦ୍ର କିଶାନ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ମୀରା ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କଲ୍ୟାଣୀ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ୧୯୪୯ ମସିହାରେ ପ୍ରତିଷ୍ଠିତ ଯୁଜିଏମଇ ସ୍କୁଲର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଲୀଳାବତୀ ଷଡ଼ଙ୍ଗୀ, ମୁଖ୍ୟବକ୍ତା କବରାପାଲି ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ବେହେରା ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗୀତିକାର କାଳିଚରଣ ପାଣିଗ୍ରାହୀ, ଜୟନ୍ତପୁର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ହୋଇଥିବା ସ୍କୁଲ ପାଇଁ ୧ ଏକର ୧୬ ଡିସମିଲ ଜମି ଦାନ କରିଥିବା ସ୍ୱର୍ଗତ ଜନ୍ମଜୟ ଗୁରୁଙ୍କ ପରିବାର ମୁଖ୍ୟଙ୍କୁ ସମ୍ବର୍ଦ୍ଧିତ କରି ପ୍ରତିଭା ପୂଜା ହିଁ ଗୋଟିଏ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟ ବୋଲି ଏକ ବାର୍ତ୍ତା ଦିଆଯାଇଥିଲା। କୃତି ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା।



ଜୁହାର ପରିବାର ପକ୍ଷରୁ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ



ସମ୍ବଲପୁର, ୨୪।୧(ସମିସ): ଜୁହାର ପରିବାର ଦିଲ୍ଲୀ ପକ୍ଷରୁ ମହାନ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଶୌର୍ଯ୍ୟ ଓ ସ୍ୱାଭିମାନ ଦିବସ ଭାବେ ପାଳନ କରାଯାଇଛି। ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅତିଥି ଭାବେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ପିକେ ସାହୁ, ବାରଣାସୀ ମହାତ୍ମାଗାନ୍ଧୀ କାଶୀ ବିଦ୍ୟାପୀଠର ପୂର୍ବତନ ଡିନ ମାନବେନ୍ଦ୍ର କିଶୋର ଦାସ ଓ ବରିଷ୍ଠ ସାମ୍ବାଦିକ ଡ. ଭବାନୀ ଦୀକ୍ଷିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ନିଗମାନନ୍ଦ ପୃଷ୍ଟି ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଅତିଥି ଓ ବକ୍ତାମାନେ ସୁରେନ୍ଦ୍ର ସାଏଙ୍କ ଜୀବନ ଓ ସଂଗ୍ରାମର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବୀର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ଓ ତାଙ୍କର ସହଯୋଗୀ ମାନଙ୍କର ସମ୍ପର୍କରେ ଅଧିକ ଗବେଷଣା ହେବାର ଆବଶ୍ୟକତା ରହିଛି। ଦିଲ୍ଲୀରେ ବୀର ସୁରେନ୍ଦ୍ର ସାଏଙ୍କର ପ୍ରତିମୂର୍ତ୍ତି ସ୍ଥାପନ ହେବା ଆବଶ୍ୟକ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। ଜୁହାର ପରିବାରର ଓମ ପ୍ରକାଶ ରାଉତ ଓ ସର୍ବେଶ୍ୱର ପଧାନ ସଂଗ୍ରାମୀଙ୍କର ସ୍ମୃତିଚାରଣ କରିଥିଲେ। ପରିବାରର ଦିଲ୍ଲୀ ସଭାପତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତା କରିଥିବା ବେଳେ, କୋଷାଧ୍ୟକ୍ଷ ଅନୁପମ ମିଶ୍ର ସଂଯୋଜନା କରିଥିଲେ। ସମ୍ପାଦକ ମାନସ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

କୁଚିଣ୍ଡା, ୨୪।୧(ସମିସ): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ କେନ୍ଦୁପାଣି ବିଲେଇଘାଟି ଗ୍ରାମର ଜଣେ ଯୁବକ ଘରେ ଥିବା ଲଟାମରା ବିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ ବାମରା ବ୍ଲକ କେନ୍ଦୁପାଣି ବିଲେଇଘାଟି ଗ୍ରାମର ଗୋବର୍ଦ୍ଧନ ମାଝୀଙ୍କ ପୁଅ ଭୀଷ୍ମ ମାଝୀ(୧୮) କୌଣସି କଥାକୁ ନେଇ ମାନସିକ ଚାପରେ ଥିବା ବେଳେ ସେ ଶନିବାର ସନ୍ଧ୍ୟାରେ ଘରେ ଥିବା ଲଟାମରା ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକ ତାଙ୍କୁ ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ଼ ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ : ୦୧.୦୧.୧୯୨୦ (ଗୁରୁବାର)

ତିରୋଧାନ : ୧୫.୦୧.୨୦୨୬ (ଗୁରୁବାର)

୰ଗୁରୁବାରି ମହାନ୍ତି (୧୦୬ ବର୍ଷ)

ଗ୍ରାମ: ମମାନିପୁର, ବାମନବିନ୍ଧା, ପିରହାଟ, ଜିଲ୍ଲା- ଭଦ୍ରକ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା, ଏବଂ ମହାନୁଭବତା ଆମକୁ ସବୁଦିନ ପ୍ରେରଣା ଦେଉଥିବ। ଆପଣଙ୍କର ଅନୁପସ୍ଥିତି ଚିରଦିନ ପାଇଁ ଅପୂରଣୀୟ ହୋଇ ରହିବ। ଆପଣଙ୍କ ଏକାଦଶାହ ଅବସରରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ

Son- Gopal, Kailash, Kartika, Prahallad, Rabindra, Ramachandra, Rabi; Daughter- Laxmi, Kamali; Daughter-In-Law: Sudhapani, Nirupama, Kanchan, Puspa, Manorama, Tilotama; Grandson & Daughters- Mama, Lilu, Lipu, Dipu, Sini, Sonu, Chiku, Lipa, Dipa, Mamuni, Bulu, Tutunu, Ajata, Ranju, Babu, Lucy, Susmita; Nephew- Nila, Shanti; Great Grandson & Daughter - Barun, Shlok, Advik, Adidev, Jaga, Barsha, Chiki, Miku, Friends & Family

ସମ୍ବଲପୁରରୁ ଓଡ଼ିଶାର ପ୍ରଥମ 'ବୋଇଂ ସୁକନ୍ୟା ଷ୍ଟେମ୍ ଲ୍ୟାବ୍' ର ଶୁଭାରମ୍ଭ

କନ୍ୟାରତ୍ନଙ୍କ ଆକାଶ ଛୁଇଁବାର ସ୍ୱପ୍ନ ପୂରଣ କରିବ: କେନ୍ଦ୍ରମନ୍ତ୍ରୀ

ସମ୍ବଲପୁର, ୨୪।୧(ସମିସ)

ଜ୍ଞାନ ଓ ବିଜ୍ଞାନର ସମନ୍ୱୟରେ ଓଡ଼ିଶାର ଛାତ୍ରୀମାନେ ଏବେ ସ୍ୱପ୍ନ ଦେଖିବେ ନାହିଁ, ବରଂ ସେହି ସ୍ୱପ୍ନକୁ ବାସ୍ତବରେ ରୂପାନ୍ତରିତ କରିବେ। ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁରର ଐତିହାସିକ ଚନ୍ଦ୍ରଶେଖର ବେହେରା(ସିଏସବି) ଜିଲ୍ଲା ସ୍କୁଲ ସମେତ ତିନୋଟି ସ୍ଥାନରେ ଉଦଘାଟିତ 'ବୋଇଂ ସୁକନ୍ୟା ଷ୍ଟେମ୍ ଲ୍ୟାବ୍' କେବଳ ଏକ ବିଜ୍ଞାନାଗାର ନୁହେଁ, ବରଂ ଏହା ଆମର କନ୍ୟାରତ୍ନଙ୍କ ପାଇଁ ଆକାଶ ଛୁଇଁବାର ଏକ ଶକ୍ତିଶାଳୀ ମାଧ୍ୟମ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। 'ଜାତୀୟ ଶିଶୁ କନ୍ୟା ଦିବସ' ଅବସରରେ ଶ୍ରୀ ପ୍ରଧାନ ସମ୍ବଲପୁରର ସିଏସବି ଜିଲ୍ଲା ସ୍କୁଲର ବାର୍ଷିକୋତ୍ସବ 'ଜ୍ୟୋତିର୍ଗମୟ'ରେ ଯୋଗଦେଇଥିଲେ। ଏହା ସହ ଆଭାସୀ ମାଧ୍ୟମରେ ସମ୍ବଲପୁରର ସିଏସବି ଜିଲ୍ଲା ହାଇସ୍କୁଲ, ଗୌରଚନ୍ଦ୍ର ହାଇସ୍କୁଲ, ରେଢ଼ାଖୋଲ ଏବଂ ସରକାରୀ ହାଇସ୍କୁଲ କୁଚିଣ୍ଡାରେ 'ବୋଇଂ ସୁକନ୍ୟା ପ୍ରୋଗ୍ରାମ ଷ୍ଟେମ୍ ଲ୍ୟାବ୍'ର ଉଦ୍‌ଘାଟନ କରିଥିଲେ। ଜାତୀୟ ଶିଶୁ କନ୍ୟା ଦିବସ ଅବସରରେ ଓଡ଼ିଶାର ପ୍ରଥମ ବୋଇଂ ଷ୍ଟେମ ଲ୍ୟାବ୍ ସମ୍ବଲପୁରରୁ ଆରମ୍ଭ ହୋଇଛି। ଏହି ଲ୍ୟାବରେ ବିଜ୍ଞାନ ସହ ଏରୋସ୍ପେସ୍ ସମ୍ବନ୍ଧୀୟ ଶିକ୍ଷା ଏବଂ ପାଇଲଟ୍ ହେବା ପାଇଁ ଆବଶ୍ୟକୀୟ ପ୍ରଶିକ୍ଷଣ ପ୍ରଦାନ କରାଯିବ।

ସମ୍ବଲପୁର ଜିଲ୍ଲା ହାଇସ୍କୁଲ, ଗୌରଚନ୍ଦ୍ର ହାଇସ୍କୁଲ ରେଢ଼ାଖୋଲ ଏବଂ ସରକାରୀ ହାଇସ୍କୁଲ କୁଚିଣ୍ଡାରେ ଲ୍ୟାବ୍ ଉଦ୍‌ଘାଟିତ

ଆଗାମୀ ୧୦ ବର୍ଷ ମଧ୍ୟରେ ଭାରତରେ ବିମାନ ସଂଖ୍ୟା ୧୫ ହଜାରକୁ ବୃଦ୍ଧି ପାଇବ। ଏଥିପାଇଁ ବହୁ ସଂଖ୍ୟାରେ ପାଇଲଟ୍, ଇଞ୍ଜିନିୟର ଓ ଡିଜାଇନର୍ ଆବଶ୍ୟକ। ଏହି ଷ୍ଟେମ୍ ଲ୍ୟାବଗୁଡ଼ିକ ଆଗାମୀ ଦିନରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଆମର ଛାତ୍ରଛାତ୍ରୀଙ୍କୁ, ବିଶେଷ କରି ଛାତ୍ରୀମାନଙ୍କୁ ଏକବିଂଶ ଶତାବ୍ଦୀର ଏହି ଆହ୍ୱାନ ପାଇଁ ପ୍ରସ୍ତୁତ କରିବ। ଏହା ସେମାନଙ୍କ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ ଏକ ବଳିଷ୍ଠ ମାଧ୍ୟମ ସାଜିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଓଡ଼ିଶାର ପିଲାମାନଙ୍କ ସ୍ୱାସ୍ଥ୍ୟଗତ ଯତ୍ନ ନେବାକୁ ସେ ଆହ୍ୱାନ କରିଥିଲେ। ପ୍ରାୟ ୧୭୪ ବର୍ଷର ପୁରାତନ ସିଏସବି ବିଦ୍ୟାଳୟକୁ ଏକ ବଟବୃକ୍ଷ ସହ ତୁଳନା କରି ମନ୍ତ୍ରୀ ଓଡ଼ିଶା ଗଠନରେ ସ୍ୱର୍ଗତ ଚନ୍ଦ୍ରଶେଖର ବେହେରାଙ୍କ ଅତୁଳନୀୟ ଅବଦାନକୁ ମନେ ପକାଇଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ ସ୍କୁଲର ମୁଖପତ୍ର 'ବୈଜୟନ୍ତୀ' ଉନ୍ମୋଚନ କରିଥିଲେ।

